ଅପ୍ରେଲ ୨୦୨୩ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in



ପ୍ରସଙ୍ଗ :

## ଓଡ଼ିଆ କବିତା


SMILE GOLD JEWELLERS
SG
SMILE GOLD
JEWELLERS
Festival Season Offer
Flat Making Charges 399
Flat Making Charges 499
ZERO
Making on advance deposits
Pay 11 months equally, after the 11th month you will be eligible to buy gold ornament for the same amount with absolutely free making charges. T&C Apply.
• Lowest Gold price in Odisha • Free Gold Testing
• Guarantee for Purity • Life time free Servicing
Plot No B38, Fancy Market, Saheed Nagar,
BBSR, 9438019696, 9438029797

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ପଞ୍ଚମ ବର୍ଷ : ୬ଷ୍ଠ ସଂଖ୍ୟା, ଅପ୍ରେଲ ୨୦୨୩ ■ Vol-5, Issue : 6, April 2023



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ : **ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ମ
- ଚିତ୍ରକଳା : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

**Bhubaneswar Office**

**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
**E-mail**
***rebatimedia@gmail.com***

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
**E-mail :**
***rebati.rebati2018@gmail.com***
***rebati.edit2020@gmail.com***

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

## ସୂ ଚୀ ପ ତ୍ର

। ୫ମ ବର୍ଷ । ୬ଷ୍ଠ ସଂଖ୍ୟା । ଅପ୍ରେଲ ୨୦୨୩ ।

ଆମ ମାଟିର ସ୍ୱର

୭ ସମ୍ପାଦକୀୟ : ପରିବାରରେ ବରିଷ୍ଠଙ୍କୁ ...: ସୁବାସିନୀ ଜେନା




୧୦
ଭିନ୍ନମଣିଷ : ଯଶୋବନ୍ତଙ୍କ ଯଶ ବାନା:
ନାରାୟଣ ରାଉତରାୟ

୧୬
ପ୍ରସଙ୍ଗ-୧ : ଓଡ଼ିଆ କବିତା:
ଡ. ଦିଲୀପ କୁମାର ସ୍ୱାଇଁ

୨୪
ପ୍ରସଙ୍ଗ-୨ : ଓଡ଼ିଆ କବିତାର...:
ଗୌତମ ଜେନା

୩୪
ପ୍ରସଙ୍ଗ-୩ : ଓଡ଼ିଆ କବିତା ...:
ଈପ୍ସିତା ଷଡ଼ଙ୍ଗୀ

୪୫
ଆଇନକାନୁନ୍ : ପ୍ରପର୍ଟି କିଣୁଥିଲେ:
ସ୍ନିଗ୍ଧା ତ୍ରିପାଠୀ

୪୬
ଦେବାଳୟ : ମଝିଘରିଆଣୀ ଆମ ... :
ଦ୍ୟୁତି ଚନ୍ଦ୍ର ସାହୁ

୫୪
ଦ୍ୱି-ପ୍ରଚ୍ଛଦ :
ଋତୁପର୍ଣ୍ଣା ମହାପାତ୍ର(ଗୁଡ୍ଡି)







୫୬ ଧାରାବାହିକ କାବ୍ୟ : ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି
୫୭ ସମକାଳ କବିତା : ଜୟନ୍ତ ମହାପାତ୍ର
: ବିପିନ୍ ନାୟକ
୫୮ : ସୌଭାଗ୍ୟ କୁମାର ମିଶ୍ର
: ଭଗବାନ ଜୟସିଂହ
୫୯ : ହରିହର ମିଶ୍ର
୬୦ : ବଂଶୀଧର ଷଡ଼ଙ୍ଗୀ
୬୧ : ଫନୀ ମହାନ୍ତି
୬୨ : ପ୍ରହରାଜ ସତ୍ୟନାରାୟଣ ନନ୍ଦ
୬୩ : ହରପ୍ରସାଦ ଦାସ
୬୪ : ମନୋରମା ବିଶ୍ୱାଳ ମହାପାତ୍ର
୬୫ : ଅମରେନ୍ଦ୍ର ଖଟୁଆ
୬୬ : ମମତା ଦାଶ
୬୭ : ସେନାପତି ପ୍ରଦ୍ୟୁମ୍ନକେଶରୀ
୬୮ : ପୀତାମ୍ବର ତରାଇ
୬୯ : ଅଜୟ ପ୍ରଧାନ
୭୦ : କମଳ କୁମାର ମହାନ୍ତି
୭୧ : ସୁଚେତା ମିଶ୍ର
୭୨ : ଚିରଶ୍ରୀ ଇନ୍ଦ୍ରସିଂ
୭୩ : ଡ. ଶୁଭଶ୍ରୀ ଲେଙ୍କା
୭୪ : ପ୍ରତୀକ୍ଷା ଜେନା














୭୫ : ତପନ କୁମାର ପଣ୍ଡା
୭୬ : କେ. ଶ୍ୟାମବାବୁ ଦୋରା
୭୭ : ଶୁଭେନ୍ଦୁ ଦାସ
: ଜ୍ୟୋତି ଶଙ୍କର ମିଶ୍ର
୭୮ କଥା-କାହାଣୀ : ବିଜୟ ନାୟକ
୮୨ ଧାରାବାହିକ : ପବିତ୍ର ମୋହନ ଦାଶ
୮୮ ଧାରାବାହିକ : ଜୟନ୍ତୀ ରଥ
୯୧ ବିହଙ୍ଗବିଚିତ୍ରା : ଦେବଯାନୀ ରାୟ
୯୭ ପୁଷ୍ପବିତାନ : ଶ୍ୱେତା ରାଉତ








## ନିୟମିତ ବିଭାଗ

ରୋଷେଇଶାଳ:


୧୦୨ : ରୋଜାଲିନି ମିଶ୍ର
୧୦୩ : ଗୀତିକା ଜ୍ୟୋତିପର୍ଣ୍ଣା
୧୦୪ : ସମ୍ବେଦନା ମିଶ୍ର
୧୦୫ : ପ୍ରଣତି ଆଚାର୍ଯ୍ୟ ମିଶ୍ର

୧୦୬ ଶେଷପୃଷ୍ଠା : କବିତାର କଳରବ : କୃଷ୍ଣ କୁମାର ମହାନ୍ତି





ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ସୋନାଲି ପରିଡ଼ା,** ଭୁବନେଶ୍ୱର
ଉଚ୍ଚତା : **୫ ଫୁଟ୍ ୫ ଇଞ୍ଚ୍**
ବୃତ୍ତି : **ରିସର୍ଚ୍ଚ ଆସୋସିଏଟ୍, ନନ୍ଦନକାନନ, ଭୁବନେଶ୍ୱର**
ରୁଚି : **ନାଚ, ପଢ଼ାପଢ଼ି**
ଶିକ୍ଷା : **ପି.ଏଚ୍‌ଡ଼ି, ମାଇକ୍ରୋ ବାଇଓଲୋଜି**
ପ୍ରଚ୍ଛଦ ଫଟୋଗ୍ରାଫି : **ସୁମନ୍ କଲ୍ୟାଣୀ ପରିଡ଼ା,** ଅଞ୍ଜଳି ଷ୍ଟୁଡ଼ିଓ
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କମ୍ପ,** ସୋନପୁର
କଷ୍ଟ୍ୟୁମ୍ ଓ ମେକ୍‌ଅପ୍ : **ସ୍ରିଷ୍ଟି ସୁମନ,** ଭୁବନେଶ୍ୱର
ଫଟୋଶୁଟ୍ ସ୍ଥାନ : **ଶୈଳଶ୍ରୀ ବିହାର, ଭୁବନେଶ୍ୱର**

**ମଲାଟ କଥା :** ଅନ୍ଧାରରୁ ଆଲୋକ ଆଡ଼କୁ ଅଗ୍ରସର ହେବା ପ୍ରଗତିର ପ୍ରତୀକ ବୋଲି ଆମେ ବିଚାରି ଥାଉ । ବିକାଶର ଏ ଏକ ଆଭାସ । ଆଲୋକକୁ ସବୁବେଳେ ସକାରାତ୍ମକ ଭାବେ ଆମେ ଗ୍ରହଣ କରିଥାଉ । ଲଣ୍ଠନ ହେଉଛି ଆମ ଅତୀତର ସନ୍ତକ । ଗୋଟେ ସମୟ ଥିଲା ଏଇ ଲଣ୍ଠନ ହିଁ ଥିଲା ଅନ୍ଧାରକୁ ହଟେଇବାର ଏକମାତ୍ର ପନ୍ଥା । ଆଜି ବି କେଉଁ ଅଖ୍ୟାତ ପଲ୍ଲୀ ଘରେ ଲଣ୍ଠନଟିଏ ଅଭାବୀର ପରିଚୟ ପରି ଜଳୁଛି ମିଞ୍ଜି ମିଞ୍ଜି ହୋଇ । ରାତିର କବରୀରୁ ଲଣ୍ଠନର ଲାଜମିଶା ଆଲୁଅର ଶିଖା ଆଜି ବି କେଉଁ କ୍ଳାନ୍ତ ଗୃହିଣୀ ସହିତ କଥା ହୁଏ ନିଜର ପରି ଆଉ ତାକୁ ଆଲୋକିତ କରାଏ ନୂଆ ଏକ ଉଦ୍ଦୀପନା ପିନ୍ଧାଇ । ସେଇ ପ୍ରତୀକାତ୍ମକ ଲଣ୍ଠନର ଆଲୋକ ହିଁ ଏ ମାସର ପ୍ରଚ୍ଛଦ ଆମର ।






## ଅସୀମ ବସୁଙ୍କ ସମ୍ପର୍କରେ ଜାଣି ଖୁସି ହେଲି

● ଯଦିଓ ମୁଁ ଦେଇଥିବା ଠିକଣାରେ 'ରେବତୀ' ନିୟମିତ ପହଞ୍ଚୁଛି, କିନ୍ତୁ ମୁଁ ପଢ଼ି ପାରୁନି । ମୋର ଅନିୟମିତ ରହଣି ଯୋଗୁଁ । ଆଜି ଫେବୃୟାରୀ 'ରେବତୀ'ର ଇ-ବୁକ୍ କୃଷ୍ଣ ସାର୍ ପଠେଇଥିଲେ । ଦେଖୁ ଦେଖୁ ଖୋଲିଲି । ଶିହରି ଗଲି ଖୋଲୁ ଖୋଲୁ । ପୂର୍ବରୁ 'ରେବତୀ' ପାଇଲେ ଯେମିତି ଖୁସି ଅନୁଭୂତ ହୁଏ ଠିକ୍ ସେମିତି ଅନୁଭବ ହେଲା ପୃଷ୍ଠା ପରେ ପୃଷ୍ଠା ଓଲଟାଉ ଓଲଟାଉ । ସବୁବେଳେ 'ଶେଷପୃଷ୍ଠା' ପ୍ରଥମେ ପଢ଼େ, ଆଜି ବି ପଢିଲି । ସାର୍‌ଙ୍କ କଥା ଅକ୍ଷରେ ଅକ୍ଷରେ ସତ । ସମ୍ମାନ ଦେବା ଗୋଟେ ମାନସିକତା । ଅସମ୍ମାନିତ କରୁଥିବା ଲୋକ ଜାଣିନି ଯେ ସେ ଅନ୍ୟର ନୁହେଁ ପରୋକ୍ଷରେ ନିଜର ଅସମ୍ମାନ କରୁଛି । ସେଥିରୁ ନିଜର ବ୍ୟକ୍ତିତ୍ୱର ପରିପ୍ରକାଶ ଘଟୁଛି । ଏକଥା ଅନ୍ତତଃ ସମସ୍ତେ ବୁଝିବା କଥା । ବିଶେଷ କରି ସାହିତ୍ୟରେ । କାରଣ ଆମର ମାନସିକତା ଯେମିତି ହେବ ସେମିତି ହେବ ଆମର ଲେଖା । ଆମେ ପରା ଦ୍ୱିତୀୟ ଈଶ୍ୱର । ସମାଜର ପଥ ପ୍ରଦର୍ଶକ । ଆମ ଲେଖା ପଢ଼ି କେତେ ଜୀବନ, ସମାଜରେ ପରିବର୍ତ୍ତନ ଆସୁଛି ।

ଭାସ୍ୱତୀ ବସୁଙ୍କ ଅନ୍ତରଙ୍ଗ ଆଲେଖ୍ୟରୁ ମହାନ୍ ପ୍ରଚ୍ଛଦ ଶିଳ୍ପୀ ଅସୀମ ବସୁଙ୍କ ସମ୍ପର୍କରେ ଜାଣିବାକୁ ପାଇଲି ତାଙ୍କ କର୍ମନିଷ୍ଠ ସାଧନା ସମ୍ପର୍କରେ । ତାଙ୍କ ପରିବେଷଣ ଶୈଳୀ ଖୁବ୍ ମୁଗ୍ଧ କଲା । ଗୋଟେ ଅଖ୍ୟାତ ଗାଁର ନୀରବରେ ମଗ୍ନ ଚିତ୍ରଶିଳ୍ପୀ ବିସ୍ମିତା ଓଝା । ଯିଏ ବିନା କୌଣସି ପ୍ରଶିକ୍ଷଣରେ ଚମତ୍କାର ଚିତ୍ର ଆଙ୍କି ସେମିତି ଆଲମାରୀ ଥାକରେ ରଖି ଦିଅନ୍ତି । ମୁଁ ଦିନେ ଦେଖି ସେଥିରୁ ଗୋଟେ ଫଟୋ ନେଇ କୃଷ୍ଣ ସାର୍‌ଙ୍କ ପାଖକୁ ପଠେଇଥିଲି । ଯାହା ଫେବୃୟାରୀ ମାସ 'ରେବତୀ'ରେ ସ୍ଥାନିତ । ସେଥିପାଇଁ ସେ ବହୁତ୍ ଖୁସି । ହୁଏତ ଏବେ ଧୀରେ ଧୀରେ ତା ଚିତ୍ର ସବୁ ବାହାର ଆଲୋକ ଦେଖିବେ । ତା ଭଳି ଅନେକ ଅନାମଧେୟ ଲୋକଙ୍କୁ 'ରେବତୀ' ପରିଚୟ ଦେଇଛି । କହିବାକୁ ତିଳେ ମାତ୍ର ସଙ୍କୋଚ ନାହିଁ କି ତନ୍ମଧ୍ୟରୁ ମୁଁ ମଧ୍ୟ ଜଣେ । ସେଥିପାଇଁ କୃଷ୍ଣ ସାର୍ ଏବଂ 'ରେବତୀ' ପରିବାରକୁ ଯେତେ ଧନ୍ୟବାଦ ଦେଲେ ବି କମ୍ ପଡ଼ିବ ।

ପତ୍ରିକାଟିଏ ଧରିଲେ ଏକା ସାଙ୍ଗରେ ସବୁ ପଢ଼ିସାରେ । ମୋବାଇଲ୍ ଦ୍ୱାରା ଇ-ବୁକ୍‌ରୁ କେବଳ ଗୋଟିଏ ଆଲେଖ୍ୟ ପଢ଼ିଛି । ବାକି ସବୁ ପଢିବି ଧୀରେ ଧୀରେ । ପତ୍ରିକା ସବୁବେଳେ ପତ୍ରିକା । ଧନ୍ୟବାଦ ।

**ଲକ୍ଷ୍ମୀପ୍ରିୟା ଓଝା,** ବରୋଦା, ଗୁଜୁରାଟ




## ପର୍ଯ୍ୟଟନକୁ ପ୍ରସଙ୍ଗ ବାଛିଥିବାରୁ ଧନ୍ୟବାଦ 'ରେବତୀ'

● 'ରେବତୀ' ହାତରେ ଧରିବା ମାତ୍ରେ ଏକ ଶିହରଣ ଖେଳିଗଲା ମନରେ ! ମୋ ଜିଲ୍ଲାର, ପୁଣି ମୋ ସହରରୁ, (ମୋର ଗୋଟିଏ ତିନି ମହଲା ଘର ଆଜିମାବାଦ୍‌ରେ ଥିଲା, ଦଶ ବର୍ଷ ସେଠି ସପରିବାର ରହିଥିଲୁ, ଏବେ ବିକ୍ରି ହୋଇ ଯାଇଛି), ଆମ ଓଡିଆ ଭାଷା ଓ ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା ବ୍ୟାସକବି ତଥା କବିବର ରାଧାନାଥ, ଭକ୍ତକବି ମଧୁସୂଦନ ରାଓ ଏବଂ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ କର୍ମଭୂମିରୁ ପ୍ରକାଶ ପାଉଥିବା ସମ୍ଭ୍ରାନ୍ତ ପତ୍ରିକା 'ରେବତୀ'ରେ ମୋର ଗୋଟିଏ ଲେଖା ପ୍ରକାଶିତ ହୋଇଛି ! ବଡ ଆନନ୍ଦ ଲାଗିଲା ! ପତ୍ରିକା ଏ ମୁଣ୍ଡରୁ ସେମୁଣ୍ଡ ତନ୍ନତନ୍ନ କରି ପଢି ସାରିବାକୁ ଦୁଇ ଦିନ ଲାଗିଲା ! ଏବେ ଅନେକ କିଛି କହିବାର ଅଛି ! ଚିଠିଟି ବେଶୀ ଲମ୍ୱା ହେବା ବି ସମୀଚୀନ ନୁହେଁ ! ତେଣୁ ମୁଖ୍ୟ ପ୍ରସଂଗ ଉପରେ ଲେଖିବି ! ପ୍ରଥମେ 'ସମ୍ପାଦକୀୟ' ! ପର୍ଯ୍ୟଟନ ପ୍ରସଂଗଟି ବାଛିଥିବାରୁ ବିଶେଷ ଧନ୍ୟବାଦ ! ମୁଁ ଜଣେ ଭ୍ରମଣପ୍ରିୟା ! ଅବସର ପ୍ରାପ୍ତି ପରେ ଅନେକ ଦେଶ, ବିଦେଶ ବୁଲିବାର ସୁଯୋଗ ପାଇଛି ! ୟୁରୋପ, ଲଣ୍ଡନ, ଜର୍ମାନ, ପ୍ୟାରିସ୍, ବୁନ୍ତେରିଆ, ଅଷ୍ଟ୍ରିଆ, ହଂକଙ୍ଗ୍, ଆମଷ୍ଟରଡାମ୍, ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ, ସିଙ୍ଗାପୁର, ବ୍ୟାଙ୍କକ୍, ସାଉଦି ଆରବିଆ, ଦୁବାଇ, ବୁଲିଛି ! ଭାରତର ପ୍ରାୟ ସମସ୍ତ ରାଜ୍ୟ (ଉତ୍ତର ପୂର୍ବ ଭାରତ ବ୍ୟତୀତ) ବୁଲିଛି ! ଆମର ଟୁର୍ ଅପରେଟର୍ ସବୁ ପ୍ରକାର ସୁବିଧାକୁ ଧ୍ୟାନ ଦେଇଥାନ୍ତି ! ଅଷ୍ଟ୍ରେଲିଆ ଓ ନିଉଜିଲାଣ୍ଡ ପରି ଦୂର ପଶ୍ଚିମ ଦେଶରେ ବି ଶୁଦ୍ଧ ଭାରତୀୟ ଖାଦ୍ୟପେୟ, ରହିବା, ଯାତାୟତ ତଥା ଦର୍ଶନୀୟ ସ୍ଥାନମାନଙ୍କର ଟିକେଟ୍, ମନୋରଂଜନ, ଚିକିତ୍ସା ଆଦିର ବ୍ୟବସ୍ଥା କରିଥାଆନ୍ତି ! ଏ ସବୁ ଲେଖିବାର କାରଣ ଏହି ଯେ ପରିବାର ସହ ହେଉ କି ବଂଧୁଙ୍କ ସହ ହେଉ, ଭ୍ରମଣ କରିବା, ପର୍ଯ୍ୟଟନସ୍ଥଳୀ ବୁଲିବା ଦ୍ୱାରା ଅନନ୍ୟ ଅନୁଭୂତି ହୋଇଥାଏ ଓ ଜୀବନ ସମୃଦ୍ଧ ହୁଏ ! ମାତ୍ର ପରିଣତ ବୟସରେ ପିଲାମାନେ ନିଜ କର୍ମମୟ ଜୀବନ ଓ ସଂସାରରେ ବ୍ୟସ୍ତ ଥିବା ବେଳେ ଟୁର୍ ଅପରେଟର୍‌ଙ୍କ ମାଧ୍ୟମରେ ଭ୍ରମଣ କଲେ ନାନା ଅସୁବିଧା ଦୂର ହୁଏ ! ସଂପାଦିକା ପର୍ଯ୍ୟଟନକୁ ପ୍ରାଧାନ୍ୟ ଦେଇ ଲେଖିଥିବା 'ସଂପାଦକୀୟ' ଅତ୍ୟନ୍ତ ସୁଚିନ୍ତିତ ଓ ସମୟୋପଯୋଗୀ ! ତେଣୁ ତାଙ୍କୁ ସାଧୁବାଦ ! 'ସ୍ମରଣୀୟେଷୁ'ରେ ବାଲେଶ୍ୱରର ବରପୁତ୍ର ବୈକୁଣ୍ଠ ନାଥ ଦେବଙ୍କ ସମ୍ବନ୍ଧରେ ଅନେକ କଥା ଜାଣିବାକୁ ମିଳିଲା ! ଏପରି ଗୁଣୀ, ଦେଶପ୍ରେମୀ, ଜନହିତୈଷୀ ବ୍ୟକ୍ତିଙ୍କୁ ଆଜିର ପିଢି ପାଖରେ ପରଷି ଦେଇ ଏକ ରାଷ୍ଟ୍ରୀୟ ଦାୟିତ୍ୱ ତୁଲେଇଛନ୍ତି ସଂପାଦନା ମଣ୍ଡଳୀ ! ସେଥିପାଇଁ ସାରସ୍ୱତ ଶୁଭେଚ୍ଛା ! ପର୍ଯ୍ୟଟନ ଉପରେ ଲିଖିତ ସମସ୍ତ ଆଲେଖ୍ୟ ଭିତରୁ ମୋତେ ସବୁଠୁ ବେଶୀ ଭଲ ଲାଗିଲା ହିରଣ୍ମୟୀ ମିଶ୍ରଙ୍କ 'ପ୍ରେମତୀର୍ଥର ପର୍ଯ୍ୟଟନ' ବିଷୟଟି ! ଏତେ ଚମତ୍କାର ଏକ ପର୍ଯ୍ୟଟନସ୍ଥଳୀ ଅଛି ଆମ ପାଖରେ କୋଏମ୍ବାଟୁର୍, ଆମେ ଜାଣିନୁ ! ମୁଁ ତାମିଲନାଡୁର ବହୁ ସ୍ଥାନ, ଏମୁଣ୍ଡ ରୁ ସେମୁଣ୍ଡ ଯାଇଛି, ମାତ୍ର ଏଠାକୁ ଯାଇନି ! ଈଶା ଫାଉଣ୍ଡେସନ୍ ଉପରେ ଲେଖିକାଙ୍କ ଚମତ୍କାର ଆବେଗପୂର୍ଣ୍ଣ ଆଲେଖ୍ୟ ହୃଦୟକୁ ଛୁଇଁଲା ! ବୁଲିଯିବା ପାଇଁ ମନ ସ୍ଥିର କଲି ! ଈଶ୍ୱରଙ୍କ ଆଶୀଷ ମିଳିଲେ ହୁଏତ ଯାଇ ପାରେ କେବେ ! ହିରଣ୍ମୟୀଙ୍କୁ ତାଙ୍କର ସୁନ୍ଦର ବର୍ଣ୍ଣନା ପାଇଁ ବହୁତ ଶୁଭେଚ୍ଛା ! ସିକିମ୍ ଯିବାର ଦକ୍ଷତା ଆଉ ନାହିଁ କାରଣ ଆଣ୍ଠୁ ଅପରେସନ୍ ଯୋଗୁଁ ବେଶୀ ପାହାଚ ଚଢିବା ମନା ! ଫିନ୍‌ଲ୍ୟାଣ୍ଡର ଅରୋରା ବୋରିଆଲିସ୍ ଦେଖିବାର ସ୍ୱପ୍ନ ପାଳୁଛି ମନରେ !!!ଦେଖାଯାଉ ! ହାମ୍ପି ଯାଇଛି ମାତ୍ର ବିସ୍ତୃତ ତଥ୍ୟ ଜାଣିଲି ଲକ୍ଷ୍ମୀପ୍ରିୟା ଓଝାଙ୍କ ଆଲେଖ୍ୟରୁ ! ବହୁତ ସୁନ୍ଦର ଲେଖିଛନ୍ତି ସେ ପ୍ରାଚୀନ ଭାରତର କିସ୍କିନ୍ଧା ଉପରେ ! ସାଧୁବାଦ ! 'ହଂସ' ଉପରେ ପ୍ରକାଶିତ ଆଲେଖ୍ୟଟିରେ ହଂସ ବିଷୟରେ ଅନେକ ତଥ୍ୟ ମିଳିଲା ! ମୋ ମତରେ ଆଉ ଟିକେ ରସାଣିତ କରିଥିଲେ ଅଧିକ ସୁଖପାଠ୍ୟ ହୋଇଥାଆନ୍ତା ! ସଂପାଦକ ମଣ୍ଡଳୀକୁ ଅନୁରୋଧ ପ୍ରତ୍ୟେକ ଫଟୋର ଶୀର୍ଷକଟିଏ ଦେବାକୁ ଚେଷ୍ଟା କରନ୍ତୁ ! ବେଶୀ ସୁସ୍ପଷ୍ଟ ହେବ ! 'କିଆ କେତକୀ' ପ୍ରବନ୍ଧଟି ସୁଗଠିତ ଓ ବହୁ ଉପାଖ୍ୟାନରେ ସଜ୍ଜିତ ଏକ ସନ୍ତୁଳିତ ଆଲେଖ୍ୟ ! କିଆ ଓ କେତକୀ ଭିତରେ ଥିବା ପ୍ରଭେଦ ମୋତେ ଜଣା ନଥିଲା ! ଧନ୍ୟବାଦ ଭଉଣୀ ଶ୍ୱେତା ! ତୁମ ଲେଖାଟି ପଢିବା ବେଳେ ମନ ଭିତରେ ଘୁରି ବୁଲୁଥିଲା ଏକ ପୁରୁଣା ଗୀତ, ପିଲାଦିନେ ରେଡିଓ ରୁ ଶୁଣୁଥିଲି, କଣ କହିଲ ? 'କିଆ କେତକୀ ବନେ, କହଇ କେ କାନେ କାନେ, ପରଦେଶୀ ବଂଧୁ ମୋର ଆସେ ଲୋ !' ତୁମେ ବି ଶୁଣିଥିବ ନିଶ୍ଚୟ ! ଜୟନ୍ତୀ ରଥଙ୍କ 'ପ୍ରଜ୍ଞାପୀଠରେ ତେତିଶ ବର୍ଷ' ବହୁତ ଭଲ ଲାଗୁଛି ! ଅନୁଭୂତିକୁ ସୁନ୍ଦର ଗଳ୍ପ ଆକାରରେ ଭାବ ଓ ଭାଷାର ସଠିକ୍ ସମନ୍ୱୟରେ ପରଷି ଦେଇ ଜଣେ ମହିୟସୀ ମହିଳାଙ୍କ ସହ ଆମର ପରିଚୟ କରାଇଛନ୍ତି ! ଜୟନ୍ତୀ ରଥଙ୍କ ଲେଖନୀକୁ ପ୍ରଣାମ !

କୃଷ୍ଣ ଭାଇଙ୍କ 'ଶେଷପୃଷ୍ଠା'ର ପ୍ରସଙ୍ଗଟି ଏପରି ବିବଦମାନ ଯେ ଏହା ଆଲୋଚନା ପାଇଁ ଆଉ ଗୋଟିଏ ଚିଠିର ଆବଶ୍ୟକତା ରହିଛି ! ଲେଖିବି ମୋ ମତ ପର ଚିଠିରେ !

**ଡକ୍ଟର ସୁମିତ୍ରା ମିଶ୍ର,** କୋଳଥିଆ, ଭୁବନେଶ୍ୱର-୩୦, ଫୋନ:୯୯୨୦୬୯୬୮୧୫

Ohm
PVC HDPE Pipes & Fittings

# OHM PIPES PVT. LTD.




"An ISO 9001-2015 Certified Company"

## OHM PIPES, Symbol of Trust

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com

## ସାହିତ୍ୟିକର ଶିଷ୍ଟାଚାର ଭଲ ଲାଗିଲା

● ଫେବୃଆରୀ ମାସର 'ରେବତୀ'ରୁ ସାହିତ୍ୟିକର ଶିଷ୍ଟାଚାର ପଢ଼ିଲି । ମୁଁ ବି ଥରେ ଏମିତି କଥା ଶୁଣି ବ୍ୟଥିତ ହୋଇଥିଲି । କିନ୍ତୁ କିଛି କହିପାରି ନଥିଲି । ତେଣୁ ଆଜି ମୋତେ ବହୁତ ଭଲ ଲାଗୁଛି । ସବୁ ସାହିତ୍ୟିକ ଅନୁଭବ କରି ପାରିଲେ ହେଲା । ଲେଖା ପାଇଁ ଅନ୍ତରରୁ ବୁତ ବହୁତ ଧନ୍ୟବାଦ ।

**ମମତା ସାହୁ**, କଲେଜ ଛକ, ଭଦ୍ରକ

## ବାଲେଶ୍ୱରର ମହାରାଜା ବୈକୁଣ୍ଠନାଥ ଦେବଙ୍କ ଆଲେଖରେ ରହିଯାଇଥିବା ତଥ୍ୟଗତ ତ୍ରୁଟି

୧. ବୈକୁଣ୍ଠନାଥ ଦେବ 'କବିତାବଳୀ' ଲେଖିଥିଲେ ବୋଲି ଯାହା ଲେଖା ଯାଇଛି, ତାହା ଠିକ୍ ନୁହେଁ । 'କବିତାବଳୀ' ରାଧାନାଥ ରାୟ ରଚନା କରିଥିଲେ ।

୨. ଏହି ଗ୍ରନ୍ଥରେ ଉପେନ୍ଦ୍ର ଭଂଜ, ଦୀନକୃଷ୍ଣ ଓ ଅଭିମନ୍ୟୁଙ୍କ କବିତାକୁ ଅନୁବାଦ କରା ଯାଇନଥିଲା । ବରଂ ସେମାନଙ୍କର ନାମରେ କବିତା ରଚନା କରା ଯାଇଥିଲା ।

୩. ମହାରାଜା କୃଷ୍ଣ ପ୍ରସାଦ ବସୁଙ୍କ (କୃଷ୍ଣ ବସୁ ଲେଖା ଯାଇଛି) ସହ ମିଶି ଭାଷା ସାହିତ୍ୟର ବିକାଶ ପାଇଁ କାର୍ଯ୍ୟ କରୁଥିଲେ ବୋଲି ଯାହା ଲେଖା ଯାଇଛି, ତାହା ଠିକ ନୁହେଁ । କାରଣ ବୈକୁଣ୍ଠନାଥଙ୍କର ଦେହାନ୍ତ ହେବା ବେଳକୁ କୃଷ୍ଣ ପ୍ରସାଦଙ୍କର ୧୯ବର୍ଷ ବୟସ ହୋଇଥିଲା ।

୪. ବୈକୁଣ୍ଠନାଥ ପିଏମ୍ ସେନାପତି ଏଣ୍ଡ୍ କୋ ଉତ୍କଳ ପ୍ରେସ୍‌କୁ କିଣି ନେଇ ତାହାକୁ ଦେଜ୍ ଉତ୍କଳ ପ୍ରେସ୍ ନାମରେ ନାମିତ କରିଥିଲେ ।

୫. ପୃଷ୍ଠା ୧୩ରେ ରାଧାନାଥଙ୍କ ଫଟୋ ବଦଳରେ ମଧୁସୂଦନଙ୍କ ଫଟୋ ସ୍ଥାନିତ ହୋଇଛି ।

୬. ଏହି ପ୍ରବନ୍ଧରେ ଶାନ୍ତିକାନନରେ ବୈକୁଣ୍ଠନାଥଙ୍କ ସମ୍ପର୍କରେ ଚର୍ଚ୍ଚା ହୁଏ ନାହିଁ ବୋଲି ଦୁଇ ଥର ଉଲ୍ଲେଖ କରାଯାଇଛି । ମାତ୍ର ଜାନୁଆରୀ-୨୦୨୩ରେ ବୈକୁଣ୍ଠନାଥ ଦେବଙ୍କ ସମ୍ପର୍କରେ ଶାନ୍ତିକାନନରେ ଚର୍ଚ୍ଚା ହୋଇଥିଲା, ଯେଉଁଥିରେ ସୁଜିତ ଦେବ ମଧ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ବୋଲି ଫକୀରମୋହନ ସାହିତ୍ୟ ସଂସଦର ସଭାପତି ଜଣାଇଛନ୍ତି ।

ମାର୍ଚ୍ଚ ସଂଖ୍ୟାରେ ଉଦୟ ନାରାୟଣ ଦାସଙ୍କ ଆଲେଖ୍ୟ 'ବାଲେଶ୍ୱରର ବରପୁତ୍ର'ରେ ଉପରେ ସୂଚିତ ତଥ୍ୟଗତ ତ୍ରୁଟି ପ୍ରତି ଆମର ଧ୍ୟାନ ଆକର୍ଷଣ କରିଛନ୍ତି ସଚେତନ ପାଠକ । ଅନୁରୋଧ ଏହାକୁ ସଠିକ ଭାବେ ପଢିବେ । ଅନିଚ୍ଛାକୃତ ଏପରି ତ୍ରୁଟି ପାଇଁ ଆମେ ଦୁଃଖିତ ।

**ଭ୍ରମ ସଂଶୋଧନ** : ମାର୍ଚ୍ଚ ସଂଖ୍ୟାରେ ହିରଣ୍ମୟୀ ମିଶ୍ରଙ୍କ ଆଲେଖ୍ୟ 'ଆଶାର ଇସାରା'ର ପୃଷ୍ଠା ୪୨ରେ *'ନାସା'ର ପୂର୍ବତନ ବୈଜ୍ଞାନିକ*ବୋଲି ଲେଖା ଯାଇଛି । ଏହା *'ଇସ୍ରୋ'ର ପୂର୍ବତନ ବୈଜ୍ଞାନିକ* ହେବ । ଏପରି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ କ୍ଷମାପ୍ରାର୍ଥୀ ।

## ଲେଖକଲେଖିକାଙ୍କ ପାଇଁ ନିୟମାବଳୀ

● 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପ୍ରକାଶ ପାଏ । ବେଶ୍ କିଛି ସଂଖ୍ୟା ପାଇଁ ରଖା ଯାଇଥାଏ ବିଶେଷ ପ୍ରସଙ୍ଗମାନ ।

● ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ପରିବାର ଓ ଜନଜୀବନ ଉପଯୋଗୀ ସକାରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ । ସାହିତ୍ୟ ଏହାର ଏକ ଅଂଶ ମାତ୍ର ।

● 'ରେବତୀ' ମୁଖ୍ୟତଃ ତରୁଣ ଲେଖକ/ଲେଖିକାଙ୍କର କଳ୍ପିତ ମଞ୍ଚ । କିନ୍ତୁ କେବଳ ଲେଖାର ଅଭିନବତ୍ୱ ହିଁ ଚୟନର ମାନକ । ଲେଖକମାନେ ଗୋଟିଏ ନୂଆ ଦିଗ୍‌ବଳୟ ସୃଷ୍ଟି କରି ପାରିଲେ 'ରେବତୀ' ସେଇମାନଙ୍କର ହେବ, ସବୁବେଳେ ।

● ଏଥିପାଇଁ ଫିଚରଧର୍ମୀ ଲେଖା (ଜେରକ୍ସ କପି ନୁହେଁ) ବର୍ଷସାରା ଗ୍ରହଣ କରାଯାଏ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।

● କେଉଁ ବିଷୟରେ ଫିଚର୍ ପ୍ରସ୍ତୁତ କରିବେ, ସେ ସମ୍ବନ୍ଧିତ ସବିଶେଷ କଥା ସମ୍ପାଦକୀୟ କାର୍ଯ୍ୟାଳୟରୁ ଆଗ ଜାଣିନେବେ । ସେଠାରୁ ସବୁଜ ସଂକେତ ପାଇଲେ ନିର୍ଦ୍ଧାରିତ ସମୟସୀମା ଭିତରେ ଲେଖା ପଠାଇବେ । ପଠାଇବାର ଛଅମାସ (କିମ୍ବା ଅଧିକ ସମୟ)ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ମନୋନୀତ ଲେଖାଟି ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇପାରେ ।

● ଗଳ୍ପ, କବିତା କିମ୍ବା କବିତା ଜାତୀୟ ଯେକୌଣସି ଲେଖା ପଠାଇବା ପୂର୍ବରୁ ପଚାରି ନିଅନ୍ତୁ । କାରଣ ଏଥିପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । ଗଳ୍ପ/କବିତା ଜଣେ ଲେଖକର ବର୍ଷକରେ ଦୁଇଥର ପ୍ରକାଶ ପାଇବ । ଲଗାତାର କବିତା ଗଳ୍ପ ପଠାଇବେ ନାହିଁ ।

● ଅନୁବାଦ ଲେଖା ପ୍ରକାଶ ପାଏ ନାହିଁ କି ପୁସ୍ତକ ସମୀକ୍ଷା ବା ପୁସ୍ତକ ଆଲୋଚନା ମଧ୍ୟ ପ୍ରକାଶ ହୁଏନା ।

● 'ରେବତୀ' ପାଇଁ ଯେଉଁମାନେ ଫିଚର୍ ଲେଖିବାକୁ ଆଗ୍ରହୀ ସେମାନେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକର କେବଳ ସଫ୍ଟ କପି ଇ-ମେଲ୍ ମାଧ୍ୟମରେ ପଠାଇବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏସବୁରେ ଫଟୋର ଗୁଣବତ୍ତା ହ୍ରାସ ପାଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶିତ ହେବ ।

● ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ୟୁନିକୋଡ୍‌ରେ ପଠାଉଥିଲେ ଦୟାକରି ଆକୃତି ଶାରଳା ଲିପିରେ କନ୍‌ଭର୍ଟ କରି ଆବଶ୍ୟକୀୟ ସଂଶୋଧନ ପରେ ହିଁ ପଠାନ୍ତୁ ।

● ପ୍ରତିଟି ପ୍ରକାଶିତ ଲେଖା ପାଇଁ ଲେଖକୀୟ ଉପହାର ସ୍ୱରୂପ ପତ୍ରିକା ପଠାଯିବାର ବ୍ୟବସ୍ଥା ଅଛି ।

● 'ରୋଷେଇ', 'ଘରକରଣା', 'ବାଡ଼ିବଗିଚା' ଓ 'ସୌନ୍ଦର୍ଯ୍ୟ' ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ/ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ । ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ ।

● ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ । ପ୍ରକାଶିତ ଲେଖା ପାଇଁ କୌଣସି ପାରିତୋଷିକ ଦିଆଯିବାର ବ୍ୟବସ୍ଥା ନାହିଁ ।

● ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ରହିବେ ନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।

● 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.**ସପକ୍ଷରେ ହେବ ।

ସମ୍ପର୍କ: ସମ୍ପାଦିକା : 'ରେବତୀ', ଓ.ଟି. ରୋଡ୍, ବାଲେଶ୍ୱର-୧, ଫୋନ:୯୪୩୮୭୭୮୦୫୨, ୭୦୦୮୮୪୫୯୨୦
ଇ-ମେଲ୍:rebati.rebati2018@gmail.com

# ପରିବାରରେ ବରିଷ୍ଠଙ୍କୁ ଆଦର

ଗୋଟିଏ ସୁସ୍ଥ ପରିବାରର ମୂଳମନ୍ତ୍ର ହେଉଛି ସଶକ୍ତ ବନ୍ଧନ । ଏହି ବନ୍ଧନର ରଜ୍ଜୁ ଯେତେ ସଶକ୍ତ ହୁଏ, ସେତେ ସମୃଦ୍ଧ ହୁଏ ଗୋଟିଏ ପରିବାର । ପରିବାରର ସମସ୍ତ ସଦସ୍ୟ ଏଥିପାଇଁ ଏକମନ ଏକପ୍ରାଣ ହୋଇ ଗୋଟିଏ ଶୃଙ୍ଖଳାରେ ବସବାସ କରିଥାନ୍ତି । ପରିବାର ଭିତରେ ବରିଷ୍ଠ ବା ବୟସ୍କ ସଦସ୍ୟଙ୍କ ସହିତ କନିଷ୍ଠ କିମ୍ବା ସାନସାନ ସଦସ୍ୟ ମଧ୍ୟ ମିଶି କରି ରହିଥାନ୍ତି । ଆଜିର ପରିବାର ଯେତେ କ୍ଷୁଦ୍ର ହେଲେ ମଧ୍ୟ, ତହିଁରେ ବାପାମାଆ ଓ ସନ୍ତାନଟିଏ ତ ରହିବା ନିଶ୍ଚୟ । ବାପାଙ୍କ ବାପାମାଆ ମଧ୍ୟ ଅନେକ ପରିବାରରେ ଏକତ୍ର ରହୁଥିବା ଆମର ଏକ ସମୃଦ୍ଧ ପରମ୍ପରା କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନେକ କ୍ଷେତ୍ରରେ ଏହି ବୟସ୍କ ବା ବରିଷ୍ଠ ସଦସ୍ୟମାନେ ପରିବାରର କନିଷ୍ଠ ବା ସାନସାନ ସଦସ୍ୟମାନଙ୍କୁ ଅନେକ କିଛି ଶିକ୍ଷା ଦେଇଥାନ୍ତି । ଯେଉଁ ଶିକ୍ଷା ସେମାନଙ୍କୁ କୌଣସି ବିଦ୍ୟାଳୟ ବା ମହାବିଦ୍ୟାଳୟ ଶିଖାଇ ନଥାଏ, ସେପରି ଅନେକ ପ୍ରକାର ଶିକ୍ଷା ଯାହା ଜୀବନ ଧାରଣରେ ସହାୟତ ହୁଏ, ସେସବୁ ଆମ ବରିଷ୍ଠ ସଦସ୍ୟମାନେ ଆମକୁ ଶିଖାଇଥାନ୍ତି । ଶାନ୍ତି, ସଂସ୍କାର, ଭରସା ଓ ଦୟା, କ୍ଷମା ଭଳି ଅନେକ କଥା ଶିଖି ଥାଆନ୍ତି ପରିବାରର ଏହି ବରିଷ୍ଠ ସଦସ୍ୟମାନଙ୍କ ଠାରୁ ଆମର ଉତ୍ତର ପିଢ଼ି । ସୁତରାଂ ପରିବାରର ଏକ ଶକ୍ତ ସ୍ତମ୍ଭ ହେଉଛନ୍ତି ଏମାନେ । ଏମାନଙ୍କୁ ସବୁବେଳେ ଯଥେଷ୍ଟ ଆଦର ଯତ୍ନ ଓ ସେବା ମନୋଭାବ ପୋଷଣ କରିବା ସର୍ବାଦୌ ଉଚିତ । ଅନ୍ୟଥା ଏମାନଙ୍କୁ ହଟେଇ ଦେଲେ ଆମର ପରିବାର ହିଁ ଧସିଯିବା ସୁନିଶ୍ଚିତ ।

ସଂପ୍ରତି ଅନେକ ପରିବାରରେ ଏହି ବରିଷ୍ଠ ସଦସ୍ୟମାନେ ବୟସାଧିକ୍ୟ କାରଣରୁ ନାନାପ୍ରକାର ବୟସଜନିତ ରୋଗ ଯନ୍ତ୍ରଣାରେ ପୀଡ଼ିତ ଥିବା କାରଣରୁ ବାକି ସଦସ୍ୟଙ୍କ ଠାରୁ ହତାଦର ପାଇବା ଏକ ସାଧାରଣ କଥା ହୋଇ ଗଲାଣି । ଅନେକ ସମୟରେ ଖବରକାଗଜରୁ ଆମେ ଏ ନେଇ ଅନେକ ଦୁଃଖଦ ଖବରମାନ ପଢୁଥାଉ । ଯେଉଁଠି ବା ଯେଉଁ ପରିବାରରେ ବରିଷ୍ଠ ସଦସ୍ୟମାନଙ୍କ ପାଇଁ ସ୍ଥାନ ନାହିଁ ବା ଶ୍ରଦ୍ଧା ସମ୍ମାନ ନାହିଁ, ସେପରି ପରିବାରକୁ ବୈକୁଣ୍ଠ ସମାନ ବୋଲି ଆଉ କହିହେବ କିପରି !

ଗୋଟିଏ ସମୟ ଥିଲା, ସଂଯୁକ୍ତ ବଡ଼ ପରିବାର ଭିତରେ ଆମେ ସମସ୍ତେ ସବୁ ବୟସ ଓ ବର୍ଗର ସଦସ୍ୟମାନେ ଏକତ୍ର ରହୁଥିଲେ ମଧ୍ୟ ପରସ୍ପର ମଧ୍ୟରେ ନଥିଲା କୌଣସି ପାତର ଅନ୍ତର ବା ହିଂସାଦ୍ୱେଷ । ସାନମାନଙ୍କୁ ବଡ଼ମାନେ ଅନେକ ଭଲକଥା ଶିଖାଉଥିବା ବେଳେ ବଡ଼ମାନଙ୍କର ଅନେକ କାମ ସାନମାନେ ଅଚିରେ କରି ଦଉଥିଲେ । ଏପରି ଭାବେ ପାରିବାରିକ ପରିବେଶଟି ବେଶ୍ ଶୃଙ୍ଖଳିତ ଥିଲା । କିନ୍ତୁ ସମୟ କ୍ରମେ, ମଣିଷ ଆତ୍ମକୈନ୍ଦ୍ରିକ ହେବାକୁ ଆରମ୍ଭ କରିବା ସହ ଏକକ ପରିବାରର ଫ୍ରେମ୍ ତିଆରି ହେଲା । 'ଛୋଟ ପରିବାର ସୁଖୀ ପରିବାର' ବୋଲି ଯେଉଁ ନାରା ଉଠିଲା, ତା'ପର ଠାରୁ ପରିବାରର ଆକାରରେ ଆସିଲା ପରିବର୍ତ୍ତନ । ସଂଯୁକ୍ତ ପରିବାର ବଦଳିଗଲା ମାଇକ୍ରୋ ପରିବାରରେ । ଛୋଟ ପରିବାରରେ ରହିଲେ କେବଳ ତିନିଜଣ କିମ୍ବା ଖୁବ୍ ବେଶିରେ ଚାରିଜଣ ସଦସ୍ୟ । ସାନ ପିଲାମାନଙ୍କୁ ଆଉ ମିଳିଲା ନାହି ଜେଜେବାପା ଓ ଜେଜେମାଆଙ୍କ ସ୍ନେହଆଦର । ସେମିତି ବୁଢ଼ା ବାପା ମାଆମାନେ ଅପାଙ୍କ୍ତେୟ ହୋଇ କେଉଁଠି ଗାଁରେ ପୁରୁଣା ଘରେ ପଡ଼ି ରହିଲେ କିମ୍ବା କେଉଁଠି କେଉଁଠି ଆଭିଜାତ୍ୟ ପୁଅମାନେ ସେମାନଙ୍କୁ ହାଇଫାଇ ଓଲ୍ଡ୍ ଏଜ୍ ହୋମ୍‌ରେ ଛାଡ଼ି ନିଶ୍ଚିନ୍ତରେ ରହିଲେ ପ୍ରବାସରେ । ଏଥିରେ ପରିବାରର ମୂଳ ତତ୍ତ୍ୱଟି ଧ୍ୱଂସ ପାଇଗଲା । ବରିଷ୍ଠମାନେ ଏକାକୀତ୍ୱରେ ସଡ଼ିଲେ । ଗପସପ ହେବା ପାଇଁ ପାଇଲେ ନାହିଁ ନିଜ ପରିବାରର କାହାକୁ । ସେମିତି ନବଜାତକ ସାନ ପିଲାମାନେ ବଡ଼ମାନଙ୍କର ସ୍ନେହ, ଭଲପାଇବା ଅଭାବରୁ ଏକ ଆବେଗହୀନ, ସ୍ନେହଶ୍ରଦ୍ଧା ବିହୀନ ଜୀବନକୁ ନେଇ ବଡ଼ ଯାନ୍ତ୍ରିକ ହେବାକୁ ଲାଗିଲେ । ଫଳରେ ପରିବାରର ଏକତା ରହିଲା ନାହିଁ । ପରିବାର ଭିତରୁ ବିଶ୍ୱାସ ଓ ଆଦର ଭଳି ଭାବନା ସବୁ ଅଦୃଶ୍ୟ ହୋଇଗଲେ । ଏକା ଏକା ବଞ୍ଚିବାର ଏକ ବାହାନା ଭିତରେ ଆମ ପରିବାରର ଆଗାମୀ ସଦସ୍ୟମାନେ ବଡ଼ ହେଲେ ଏବଂ ବଡ଼ ହେବା ପରେ ସେମାନେ ମଧ୍ୟ ସେମାନଙ୍କ ବାପାମାଆ ଠାରୁ ବିଚ୍ଛିନ୍ନ ହୋଇ ରହିବାକୁ ଆଗ୍ରହୀ ହେଲେ ।

ଆଜିର ସମୟରେ ଆମେ ଦେଖୁଛୁ, ଅନେକ ପରିବାରରେ ବୟସ୍କ ମାନେ ବିରାଟ ଘରେ ଏକାକୀ ଚୌକିଦାର ପରି ରହୁଛନ୍ତି । କଥା ହେବା ପାଇଁ ସେମାନଙ୍କ ପାଖରେ ସେମାନଙ୍କ ପୁଅବୋହୂ ବା ନାତିନାତୁଣୀ କେହି ବି ନାହାନ୍ତି । ବିଚରା କଥାବାର୍ତ୍ତା ପାଇଁ ତହଳବିକଳ ହେଉଛନ୍ତି । ଅନେକ ବରିଷ୍ଠ ଲୋକ ତ ବାହାରର ଲୋକଙ୍କ ସହିତ ଟେଲିଫୋନ୍‌ରେ ଗପି ମନ ତଳର କଷ୍ଟକୁ ଲାଘବ କରୁଥିବା ନଜରକୁ ଆସୁଛି । ଏହା ଏ ସମୟର ସବୁଠୁ ବଡ଼ ଟ୍ରାଜେଡ଼ି ।

ବର୍ତ୍ତମାନ ସମୟ ପୁଣି ଫେରୁଛି । ଅନେକ କ୍ଷେତ୍ରରେ ବରିଷ୍ଠ ସଦସ୍ୟମାନଙ୍କୁ ପରିବାର ଭିତରେ ରଖିବାର ମାନସିକତା ଆସୁଛି । ସାନ ପିଲାମାନଙ୍କ ମେଳରେ ସେମାନଙ୍କ ସମୟ କଟିଯିବା ସହ ସାନପିଲାମାନେ ମଧ୍ୟ ସେମାନଙ୍କ ଠାରୁ ଅନେକ କଥା ମାନ ଶିଖି ପାରୁଛନ୍ତି । ତେଣୁ ଆଜି ସମୟ ଆସିଛି, ଆସନ୍ତୁ ଘରେ ଆମର ବୟସ୍କ ସଦସ୍ୟଙ୍କୁ ଯଥେଷ୍ଟ ସମ୍ମାନ ଦେଇ ଲାଳନପାଳନ କରିବା ସହ ସେମାନଙ୍କ ପାଇଁ ସେମାନେ ଚାହୁଁଥିବା ପରି ଏକ ପରିବେଶ ତିଆରି କରିଦେବା, ଯେଉଁଠି ସେମାନେ ସ୍ୱଚ୍ଛନ୍ଦରେ ଚଳପ୍ରଚଳ ହୋଇ ପାରିବେ । ଅଭିଯୋଗ କରିବାକୁ କିଛି ନଥିବ । କାରଣ ସମୟ ପୁଣି ଆମର ବି ଆସିବ । ଆମେ ବି ବୟସ୍କ ହେବୁ । ତେଣୁ ବେଳହୁଁ ସାବଧାନ ରହିଲେ ଭଲ । ସମସ୍ତଙ୍କୁ ବିଷୁବ ଶୁଭେଚ୍ଛା । ଏ ବିଷୁବ ବରିଷ୍ଠମାନଙ୍କୁ ଅର୍ପିତ ।

ସମ୍ପାଦିକା



# ଯଶୋବନ୍ତଙ୍କ ଯଶ ବାନା



# ସିଦ୍ଧପୁରୁଷ ଯଶୋବନ୍ତ ଦାସଙ୍କ ସାଧନା ପୀଠ ଅଡଙ୍ଗ


**ନାରାୟଣ ରାଉତରାୟ**

ଉପୁଲାଇ, ନଗୁଆଁ, ଯାଜପୁର
ଫୋନ: ୯୯୩୭୧୨୮୫୮୪


ଫଟୋ ସୌଜନ୍ୟ : ଲେଖକ

ଖ୍ରୀଷ୍ଟିୟ ଷୋଡଷ ଶତାବ୍ଦୀରେ ଗଜପତି ପ୍ରତାପ ରୁଦ୍ର ଦେବଙ୍କ ରାଜତ୍ୱ କାଳରେ ଓଡିଶାରେ ଜନ୍ମ ଗ୍ରହଣ କରିଥିଲେ ସିଦ୍ଧ ସାଧକ ବଳରାମ ଦାସ, ଜଗନ୍ନାଥ ଦାସ, ଶିଶୁ ଅନନ୍ତ, ଅଚ୍ୟୁତନନ୍ଦ ଓ ଯଶୋବନ୍ତ ଆଦି ପଞ୍ଚ ସଖା । ଏମାନେ ଥିଲେ ଆଧ୍ୟାତ୍ମିକ ଓ ସାମାଜିକ ବିପ୍ଳବୀ । ସମାଜରେ ଆଧୁନିକ ସାହିତ୍ୟର ବିପ୍ଳବ ସୃଷ୍ଟି କରିଥିଲେ ଏମାନେ । ସାହିତ୍ୟ ମାଧ୍ୟମରେ ସାମ୍ୟବାଦ ଓ ସମାଜବାଦ ସୃଷ୍ଟି କରିବା ଥିଲା ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ । ଆଜି ଯେଉଁ ସିଦ୍ଧପୁରୁଷଙ୍କ ବିଷୟରେ ଜଣାଇବାକୁ ଚାହୁଁଛୁ, ସେ ହେଲେ ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ସାଧକ **ଯଶୋବନ୍ତ ଦାସ** । ଦିନ ଥିଲା ଗାଁରୁ ସହର ପର୍ଯ୍ୟନ୍ତ ତାଙ୍କ ଲେଖନୀ ମୂନରୁ ନିଃସୃତ 'ବଡ ମାୟାବୀ ଜୀବ ନୁହେଁ କାହାରି' ଜଣାଣ ଚହଳ ସୃଷ୍ଟି କରିଥିଲା । କିନ୍ତୁ ଏହି ଜଣାଣର ଲେଖକଙ୍କୁ ବିଶେଷ ଭାବରେ କେହି ଜାଣିନଥିବେ । ତାଙ୍କର ଜୀବଦ୍ଦଶାରେ ନିଜର ରଚନା ଓ ପ୍ରବଚନ ମାଧ୍ୟମରେ ସମାଜକୁ ଦେଇଥିବା ଚେତାବନୀ, ଅଲୌକିକ ଘଟଣାବଳୀ ଏବଂ ଗ୍ରହଣ କରିଥିବା ଜୀବନ୍ତ ସମାଧି କେଉଁଠାରେ ନେଇଥିଲେ, ସେ ପୀଠ ବର୍ତ୍ତମାନ ପରିସ୍ଥିତିରେ କେମିତି ଅଛି ଓ କିପରି ରକ୍ଷଣାବେକ୍ଷଣ କରାଯାଉଛି- ଏ ସଂପର୍କରେ ଜାଣିବା ପାଇଁ ଆମେ (ମୋର ସାମ୍ବାଦିକ ବନ୍ଧୁ ରବି ନନ୍ଦନ ପତିଙ୍କ ସହିତ) ବୁଲି ଯାଇଥିଲେ ସେ ପୀଠକୁ । ସେଠାରୁ ଫେରିଲା ପରେ ଏହି ଆଲେଖ୍ୟ ।


## ପୀଠକୁ କେମିତି ଯିବେ

ସିଦ୍ଧ ସାଧକ ଯଶୋବନ୍ତଙ୍କ ସମାଧି ପୀଠକୁ ଯିବା ପାଇଁ ରେଳପଥର ଯୋଗାଯୋଗ ନାହିଁ । ତେଣୁ ଭୁବନେଶ୍ୱରରୁ କିମ୍ବା କଟକରୁ ଜଗତସିଂହପୁର /ନାଉଗାଁ / ମାଛଗାଁକୁ ଯାଉଥିବା ବସ୍ ଯୋଗେ ନଚେତ ଯେକୌଣସି ଚାରିଚକିଆ ଗାଡ଼ି କିମ୍ବା ଦୁଇ ଚକିଆ ଯାନ ଯୋଗେ କଟକ ଜଗତସିଂହପୁର ମୁଖ୍ୟ ରାସ୍ତା ଦେଇ ଗଲେ ଅଣଖିଆ ଛକରୁ ଉତ୍ତର ଦିଗକୁ ପ୍ରାୟ ସାଢେ ତିନି କିଲୋମିଟର ପରେ ପଡ଼େ ସନ୍ଥ ଯଶୋବନ୍ତଙ୍କ ପୀଠ ।

ଆମ ପିଲାଦିନେ ଘରେ ବା ଗାଁଗଣ୍ଡାର ଭାଗବତ ଟୁଙ୍ଗୀରେ ବୋଲା ଯାଉଥିବା ଜଗନ୍ନାଥ ଦାସଙ୍କ ଭାଗବତ, ବୟୋବୃଦ୍ଧମାନେ ଆଲୋଚନା କରୁଥିବା ଅଚ୍ୟୁତାନନ୍ଦଙ୍କ ଭବିଷ୍ୟତ ମାଳିକା, ବଳରାମ ଦାସଙ୍କ ରାମାୟଣ ଓ ଲକ୍ଷ୍ମୀପୁରାଣ, ବାବାଜୀ ବୈଷ୍ଣବମାନେ ବୋଲୁଥିବା ଯଶୋବନ୍ତ ଦାସଙ୍କ ଜଣାଣ 'ବଡ ମାୟାବୀ ଜୀବ ନୁହେଁ କାହାର' ଆଦି ଶୁଣିବାକୁ ପାଉଥିଲୁ ସତ, ହେଲେ ସେହି ମହାପୁରୁଷମାନଙ୍କ ବିଷୟରେ ବିଶେଷ କିଛି ଜାଣିବାର ସୁଯୋଗ ନଥିଲା । ତେଣୁ ମନରେ ଥିଲା ଅବଶୋଷ । ନିକଟରେ ଜଣେ ସମ୍ପର୍କୀୟ ବନ୍ଧୁଙ୍କ ପୁଅ ବିବାହ ଭୋଜିରେ ଯୋଗଦେବା ଅବସରରେ ଦୃଷ୍ଟିରେ ପଡିଥିଲା ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ମହାନ ସାଧକ ଯଶୋବନ୍ତ ଦାସଙ୍କ ସମାଧୀ ପୀଠ । ଏହି ସିଦ୍ଧ ପୁରୁଷଙ୍କ ବିଷୟରେ ଜାଣିବା ପାଇଁ ଏବଂ ତାଙ୍କ ସାଧନା ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବା ପାଇଁ ଆମେ ପହଞ୍ଚିଥିଲୁ ଜଗତସିଂହପୁର ଜିଲ୍ଲାର ଜନୈକ ବିଶିଷ୍ଟ ଗବେଷକ ତଥା ଜଣାଶୁଣା ଶିକ୍ଷାବିତ କିଶୋର ଚନ୍ଦ୍ର ମହାନ୍ତିଙ୍କ ବାସଭବନରେ ।

## ଯଶୋବନ୍ତ ଗାଦି ବନାମ ସାଧନା ପୀଠ

ଯଶୋବନ୍ତ ଦାସଙ୍କ ସାଧନା ଓ ସମାଧି ପୀଠକୁ 'ଯଶୋବନ୍ତ ଗାଦି' କୁହାଯାଏ । ଏହି ଗାଦିରେ ସନ୍ଥ ମହାରାଜ ବ୍ୟବହାର କରୁଥିବା କଠଉ ହଳକ ପୂଜା କରାଯାଉଛି । ଏହାଛଡା ସନ୍ଥଙ୍କର କାଷ୍ଠନିର୍ମିତ ଏକ ବୃହତ୍ ପରିକଳ୍ପିତ ମୁଖା ମଧ୍ୟ ପୂଜା ପାଉଛି, ଯାହାକୁ ରୂପ ଗୋସାଇଁ ବୋଲି ଅନୁଗାମୀମାନେ କହିଥାନ୍ତି । ଏହି ସ୍ଥାନକୁ ପ୍ରତିଦିନ ରାଜ୍ୟର କୋଣ ଅନୁକୋଣରୁ ଶହ ଶହ ଶ୍ରଦ୍ଧାଳୁ ଭକ୍ତଙ୍କ ସହିତ ବହୁ ଛାତ୍ର, ଗବେଷକ,ଐତିହାସିକ, ଶିକ୍ଷାବିତଙ୍କର ଆଗମନ ଘଟିଥାଏ । ପ୍ରତ୍ୟେକ ଦିନ ପୀଠରେ ପ୍ରଭାତ ଆଳତି ସକାଳ ୫ଟାରେ ଅନୁଷ୍ଠିତ ହେଉଥିବା ବେଳେ ସନ୍ଧ୍ୟା ସାଢେ ଛଅଟାରେ ସନ୍ଧ୍ୟା ଆଳତି ହୁଏ । ଦୁଇବେଳା ଶଂଖୁଡି ନୀତି ମଠ ପରିଚାଳନା କମିଟି ତରଫରୁ କରାଯାଇଥାଏ । ପୀଠର ଦୈନନ୍ଦିନ ନୀତିକୁ ଛାଡିଦେଲେ ବାର୍ଷିକ ଅଷ୍ଟପ୍ରହରୀ, ସନ୍ଥଙ୍କ ଜନ୍ମୋତ୍ସବ,ରଥଯାତ୍ରା, ଦୋଳଯାତ୍ରା ଆଦି ପର୍ବପର୍ବାଣି ପାଳିତ ହୋଇଥାଏ । କିନ୍ତୁ ପୀଠର ମୁଖ୍ୟ ଓ ପ୍ରଧାନ ପର୍ବ ହେଉଛି ଓଢଣ ଷଷ୍ଠୀ । ଏହିଦିନ ସନ୍ଥ ମହାରାଜଙ୍କର ମହାପ୍ରୟାଣ ଘଟିଥିଲା । ଏହିଦିନ ପୀଠଟିକୁ ବିଭିନ୍ନ ଢଙ୍ଗରେ ସାଜସଜ୍ଜା କରାଯିବା ସଂଗେସଂଗେ ବହୁଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ଘଟିଥାଏ । ପୀଠରେ ପୂଜାର୍ଚ୍ଚନା ଏବଂ ଭଜନ କୀର୍ତ୍ତନ ସହିତ ସନ୍ଥ ସାହିତ୍ୟ ଆଲୋଚନାରେ ରାତି ପାହିଯାଏ ।



▲ ଲେଖକ ନାରାୟଣ ରାଉତରାୟ

## ଯଶୋବନ୍ତଙ୍କ ଜନ୍ମବୃତ୍ତାନ୍ତ

ସାଧକ ଯଶୋବନ୍ତଙ୍କ ଜନ୍ମ ସମୟ ବିଷୟରେ କୌଣସି ଠାରେ ସଠିକ ଭାବେ କିଛି ଲିପିବଦ୍ଧ ନାହିଁ । ତେବେ ଗବେଷକଙ୍କ ମତରେ ସାଧକ ଯଶୋବନ୍ତ ଦାସଙ୍କ ଜନ୍ମ ଅବିଭକ୍ତ କଟକ ଜିଲ୍ଲା, ଏବେକାର ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକର ଅଡଙ୍ଗଗଡ ଜମିଦାରୀ ଅନ୍ତର୍ଗତ ନାଇଲୋ ଗ୍ରାମରେ ୧୪୮୭



ଜଗନ୍ନାଥ ଦାସ



ଯଶୋବନ୍ତ ଦାସ



ଅଚ୍ୟୁତାନନ୍ଦ ଦାସ



ବଳରାମ ଦାସ



ଶିଶୁଅନନ୍ତ ଦାସ

ମସିହା ବୈଶାଖ ମାସ ଶୁକ୍ଳପକ୍ଷ ଦଶମୀ ତିଥୀରେ ଏକ କ୍ଷତ୍ରୀୟ କୁଳରେ ହୋଇଥିଲା ବୋଲି ବିବେଚନା କରାଯାଉଥିବା ବେଳେ, ଅନୁଗାମୀ ଭକ୍ତମାନଙ୍କ ବିଭିନ୍ନ ରଚନାବଳୀରୁ ଯଶୋବନ୍ତଙ୍କ ଜନ୍ମ ୧୪୭୦ ମସିହାରେ ବୋଲି ଜଣା ପଡେ । ଏହାଛଡା ଗବେଷକ ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ତଥ୍ୟ ଅନୁଯାୟୀ ସନ୍ଥ ଯଶୋବନ୍ତଙ୍କ ଆବିର୍ଭାବ ୧୪୯୫ମସିହାରୁ ୧୫୯୫ ମସିହା ମଧ୍ୟରେ । ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସ୍ୱରଚିତ 'ଉଦୟ କାହାଣୀ' ଗ୍ରନ୍ଥରେ ଯଶୋବନ୍ତଙ୍କ ଜନ୍ମ ସଂପର୍କରେ ଲେଖିଛନ୍ତି: "ତିନି ସତର ପକ୍ଷ ପୁର ଯେବେ, ଅନନ୍ତ ଶିଶୁ ଜନମିଛି ତେବେ । ସର ସଂଗେ ଯେବେ ଭୂଜ ମିଶିଲା, ଜଗନ୍ନାଥ ଦାସ ଉଦୟ ହେଲା । ସେହି ଅଙ୍କେ ଯଶୋବନ୍ତଟି ଜାତ, ବଳରାମ ଚାରି ପୂର୍ବେ ଉଦିତ ।"

ଅର୍ଥାତ ତିନି ଓ ସତର ମିଶ୍ରଣରେ ଦୁଇ (ପକ୍ଷ) ଓ ତିନି (ପୁର) ମିଶାଇଲେ ହେବ (୩+୧୭+୨+୩ =୨୫) ରାଜା ପୁରୁଷୋତ୍ତମ ଦେବଙ୍କ ୨୫ ଅଙ୍କରେ ଶିଶୁ ଅନନ୍ତଙ୍କ ଜନ୍ମ । ପଚିଶ ସହିତ ଭୂଜ ଅର୍ଥାତ ଦୁଇ ମିଶାଇଲେ ହେବ (୨୫+୨=୨୭) ୨୭ ଅଙ୍କରେ ଭୂମିଷ୍ଠ ହୋଇଥିଲେ ଯଶୋବନ୍ତ ଓ ଜଗନ୍ନାଥ । ବଳରାମ ଦାସଙ୍କ ଜନ୍ମ ଏମାନଙ୍କ ଜନ୍ମର ଚାରି ବର୍ଷ ପୂର୍ବରୁ ଅର୍ଥାତ (୨୭-୪=୨୩) ୨୩ ଅଙ୍କରେ ହୋଇଥିବାର ପ୍ରମାଣ 'ଉଦୟ କାହାଣୀ'ର ପଦମାନ ପ୍ରମାଣ କରୁଛି । ଯଶୋବନ୍ତ ଦାସଙ୍କ ଶିଷ୍ୟ ଲୋହି ଦାସଙ୍କ ଷଷ୍ଠୀ ମେଳାରେ ପିତା ଓ ମାତାଙ୍କ ନାମ ଉଲ୍ଲେଖ କରିଛନ୍ତି । ପିତାଙ୍କ ନାମ ବଳଭଦ୍ର ଜାଣ, ମାତାଙ୍କ ନାମ ରେଖା ଦେବୀ ଶୁଣ । ଅନ୍ୟତମ ଶିଷ୍ୟ ସୁଦର୍ଶନଙ୍କ ଦ୍ୱାରା ଲିଖିତ ବଂଶାବଳୀରେ ସନ୍ଥଙ୍କର ସାତପୁରୁଷର ନାମ ବର୍ଣ୍ଣିତ ହୋଇଛି । ସେମାନେ ହେଲେ ଭଗବାନ ମଲ୍ଲ, ଦୂର୍ଲଭ ମଲ୍ଲ, ନିରଞ୍ଜନ ମଲ୍ଲ, ପୁରୁଷୋତମ ମଲ୍ଲ, ନନ୍ଦ ମଲ୍ଲ, ବଳଭଦ୍ର ମଲ୍ଲ ଓ ଯଶୋବନ୍ତ ମଲ୍ଲ । ବର୍ଣ୍ଣିତ ଅଛି ଯେ ଯଶୋବନ୍ତ ମାତୃଗର୍ଭରେ ସାଧାରଣ ଶିଶୁ ଭଳି ଦଶ ମାସ ଦଶ ଦିନ ନରହି ବାରମାସ ଅବସ୍ଥାନ କଲା ପରେ ଭୂମିଷ୍ଠ ହୋଇଥିଲେ । ମାତୃଗର୍ଭରେ ଅବସ୍ଥାନ କାଳରେ ଯଶୋବନ୍ତ ଧ୍ୟାନମଗ୍ନ ଥିଲେ ବୋଲି ଜନମାନସରୁ ଶୁଣିବାକୁ ମିଳେ । ଜନ୍ମ ପରେ ତାଙ୍କ ମସ୍ତକ ଜଟାଜୂଟରେ ବିମଣ୍ଡିତ ଥିଲା । ଅସାଧାରଣ ଶିଶୁର ଜନ୍ମ ପରିବାର ଲୋକଙ୍କ ମନରେ ସୃଷ୍ଟି କରିଥିଲା ନାନା ଆଶା ଓ ଆଶଙ୍କା । ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇବାକୁ ଜାତକ ଗଣନା ନିମନ୍ତେ ଜ୍ୟୋତିଷଙ୍କୁ ଡକା ଯାଇଥିଲା । ଏହି ଶିଶୁ ଭବିଷ୍ୟତରେ ଜଣେ ଯୋଗସାଧକ, ବ୍ରହ୍ମଜ୍ଞାନୀ ମହାପୁରୁଷ ହେବେ ବୋଲି ଜ୍ୟୋତିଷ ଭବିଷ୍ୟବଣୀ କରିଥିଲେ । ପାଞ୍ଚ ବର୍ଷ ବୟସରେ ଗାଁ ଚାଟଶାଳୀରେ ହୋଇଥିଲା ବିଦ୍ୟାରମ୍ଭ । ସମସ୍ତ ସାଥୀଙ୍କୁ ପଛରେ ପକାଇ ସାତବର୍ଷ ବୟସରେ ସେ ଗଣିତ, ଜ୍ୟୋତିଷ ଶାସ୍ତ୍ର, ଗୀତା, ବେଦବେଦାନ୍ତ ଆଦିରେ ପାରଦର୍ଶୀତା ଲାଭ କରିଥିଲେ । ଜନ୍ମ ସମୟରୁ ଯଶୋବନ୍ତଙ୍କ ଠାରେ ଐଶ୍ୱରିକ ଆଶୀର୍ବାଦ ଥିଲା, ଯାହାକୁ ନେଇ ସେ ଗୁପ୍ତରେ ଆଧ୍ୟାତ୍ମିକ ସାଧନା ଚଳାଇଥିଲେ ହେଁ ଅନ୍ୟମାନଙ୍କ ପାଇଁ ଜାଣିବାର ସୁଯୋଗ ନଥିଲେ । ପ୍ରାରମ୍ଭିକ ଶିକ୍ଷା ଶେଷ ହେଲା ବେଳକୁ ଯଶୋବନ୍ତଙ୍କର ଏତେ ସ୍ୱଳ୍ପ ବୟସରେ ମଧ୍ୟ ଏକ ବଳିଷ୍ଠ ଚେହେରା, ଚଉଡା ଛାତି, ବଳିଷ୍ଠ ବାହୁ, ଉନ୍ନତ କପାଳ ଓ ନାସିକାର ଅଧିକାରୀ ହୋଇ ସାରିଥିଲେ । ଏହି କାରଣରୁ କୁଜଙ୍ଗ ରାଜାଙ୍କ ଅନୁରୋଧକ୍ରମେ ଯଶୋବନ୍ତଙ୍କୁ ଅଢଙ୍ଗଗଡ ରାଜଶାସନରେ ଖଣ୍ଡେ ଚାକିରୀ ମିଳିଥିଲା । ଅଢଙ୍ଗ ରାଜବାଟୀ ସଂଲଗ୍ନ ଶସ୍ୟକ୍ଷେତ୍ରର ଦେଖାରଖା କରିବାର ଦାୟିତ୍ୱ ତାଙ୍କୁ ଦିଆ ଯାଇଥିଲା । ଗୋଟିଏ ବର୍ଷ ଅଢଙ୍ଗ ରାଜ୍ୟରେ ବର୍ଷା ଅଭାବରୁ ମରୁଡି ଓ ଅକାଳ ପଡିଥିଲା । ମୁଠାଏ ଦାନା ପାଇଁ ପ୍ରଜାମାନେ ତହଲବିକଳ ହେଉଥାନ୍ତି । ରାଜାଙ୍କ ଶସ୍ୟ କ୍ଷେତରୁ କିଛି ଶସ୍ୟ ଚୋରି କରିବାକୁ ଯାଇଥିବା ପ୍ରଜାମାନେ ଜଗୁଆଳି ଯଶୋବନ୍ତଙ୍କ ନଜରରେ ପଡି ତାଙ୍କର ସାହାଯ୍ୟ ଭିକ୍ଷା କଲେ । ଦୟାର୍ଦ୍ର ଯଶୋବନ୍ତ ସେମାନଙ୍କର ଦୁଃଖ ସହିନପାରି ରାଜାଙ୍କ ଜମିରୁ କିଛି ଧାନ କାଟିନେବାକୁ ଅନୁମତି ଦେବା ସଂଗେ ସଂଗେ ନିଜେ ମଧ୍ୟ ଧାନ କାଟିବାରେ ସହଯୋଗ କରିଥିଲେ । ଧାନକେଣ୍ଡାରେ ଦାଆ ବାଜନ୍ତେ ଧାନକେଣ୍ଡାସବୁ ରାମନାମ ଉଚ୍ଚାରଣ କରିବାକୁ ଲାଗିଲେ । ଏହି ଅଦ୍ଭୁତ ଘଟଣାରେ ଯଶୋବନ୍ତଙ୍କର ହୋଇଥିଲା ହେତୁ ଉଦୟ ଏବଂ ପ୍ରଭାବରେ ହୋଇଥିଲେ ବିମୋହିତ । ରାମ ନାମ ଶବ୍ଦ ଉଚ୍ଚାରଣ ଶୁଣି ଶସ୍ୟକିଆରୀ ଜଗିଥିବା ଅନ୍ୟ କର୍ମଚାରୀମାନେ ସେଠାରେ ଏକତ୍ରିତ ହୋଇଥିଲେ ଏବଂ ଧାନଚୋରିରେ ଯଶୋବନ୍ତ ସଂପୃକ୍ତ ବୋଲି ରାଜାଙ୍କ ନିକଟରେ ଅଭିଯୋଗ କରିଥିଲେ । ପରଦିନ ତତ୍କାଳୀନ ଅଢଙ୍ଗରାଜା ରଘୁରାମ ଚମ୍ପତି ଯେକି ଜଣେ ଜ୍ଞାନୀ, ଗୁଣୀ, ପ୍ରଜାବତ୍ସଳ ଓ ଦକ୍ଷ ଶାସକ ରୂପେ ଖ୍ୟାତିଲାଭ କରିଥିଲେ, ସେ ପ୍ରକୃତ ତଥ୍ୟ ନଜାଣି ଯଶୋବନ୍ତଙ୍କୁ ଚୋରି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରି କାରାରୁଦ୍ଧ କଲେ । ଯଶୋବନ୍ତ କାରାଗାରରେ ଥାଇ ଜଗନ୍ନାଥଙ୍କୁ ଧ୍ୟାନ କରୁଥାନ୍ତି । ଭକ୍ତଙ୍କ ଭାବରେ ବନ୍ଧା ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ରାତ୍ରିର ଶେଷ ପ୍ରହରକୁ ରାଜାଙ୍କୁ ସ୍ୱପ୍ନାଦେଶ ଦେଲେ ଯଶୋବନ୍ତଙ୍କୁ କାରାମୁକ୍ତ କରିବା ପାଇଁ । ରାଜା ତତ୍କ୍ଷଣାତ ଶଯ୍ୟା ତ୍ୟାଗ କରି କାରାଗାରକୁ ଯାଇ ଯାହା ଦେଖିଲେ ତାହା ତାଙ୍କୁ କେବଳ ଆଶ୍ଚର୍ଯ୍ୟଚକିତ କରିନଥିଲା ବିମୋହିତ କରିଥିଲା । ଗାଢ ନିଦ୍ରାରେ ଶୋଇ ରହିଥିବା ଯଶୋବନ୍ତଙ୍କ ଦେହରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ସହ ସ୍ୱୟଂ ବିଶ୍ୱନିୟନ୍ତା ଜଗନ୍ନାଥଙ୍କ ମୂର୍ତ୍ତି ସ୍ପଷ୍ଟ ଭାବେ ଦେଖା ଯାଉଥାଏ । ରାଜା ତାଙ୍କୁ କାରାମୁକ୍ତ କରି ନିଜ କୃତକର୍ମ ପାଇଁ ଅନୁତାପ କରିବା ସଂଗେସଂଗେ କ୍ଷମା ଭିକ୍ଷା କଲେ ଏବଂ ଯଶୋବନ୍ତଙ୍କ ଚଳାଚଳ ପାଇଁ ନାଇଲୋ ଠାରେ କିଛି ଭୂସମ୍ପତ୍ତି ଯୋଗାଇ ଦେଇଥିଲେ । ଯାହା ପରବର୍ତ୍ତି ସମୟରେ ସାଧନାର ପୀଠ ରୂପେ ପରିଚିତ ହେଲା । ଏହିଠାରୁ ହିଁ ଯଶୋବନ୍ତଙ୍କର ଆଧ୍ୟାତ୍ମିକ ଭାବ ଓ ସାଧନା ବାବଦରେ ଜନସାଧାରଣ ଜାଣିବାକୁ ପାଇଲେ । ସେ ବାରବର୍ଷ ବୟସରେ ଶ୍ରୀକ୍ଷେତ୍ର ପୁରୀକୁ ଯାଇ ଶ୍ରୀଜଗନ୍ନଥଙ୍କ ଦର୍ଶନର ସୁଯୋଗ ଲାଭ କରିଥିଲେ । ନୀଳାଚଳ ଧାମରେ କିଛିଦିନ ରହଣି କାଳରେ ବଟ ଗଣେଶଙ୍କ ନିକଟରେ ସନ୍ଥ ଜଗନ୍ନାଥ ଦାସଙ୍କ ପିତା ଭଗବାନ ଦାସଙ୍କ ନିକଟରୁ ଶିକ୍ଷା ଲାଭ କରିଥିଲେ ସଂସ୍କୃତ ଭଗବତର ଓଡିଆ ବାଖ୍ୟାନ । ଏହିଠାରେ ମଧ୍ୟ ସେ ଜଗନ୍ନାଥ ଦାସଙ୍କ ସାହଚର୍ଯ୍ୟ ଲାଭ କରିଥିଲେ । କାରଣ ଜଗନ୍ନାଥ ଦାସ ମଧ୍ୟ ସେତେବେଳେ ତାଙ୍କ ପିତାଙ୍କ ଠାରୁ ସଂସ୍କୃତ ଭାଗବତର ଓଡିଆ ବ୍ୟାଖ୍ୟାନ ଶୁଣୁଥିଲେ । ଶ୍ରୀକ୍ଷେତ୍ରରେ ଅବସ୍ଥାନ ସମୟରେ ଯଶୋବନ୍ତ ତାଙ୍କର ତୀର୍ଥ ଭ୍ରମଣର ପିପାସାକୁ ଅବଦମିତ କରିନପାରି ଭାରତର ବିଭିନ୍ନ ତୀର୍ଥ ପରିଭ୍ରମଣରେ ଯାଇ ଅଠର ବର୍ଷ ବୟସରେ ପୁଣି ଫେରି ଆସିଥିଲେ ଶ୍ରୀକ୍ଷେତ୍ରକୁ । ସେତେବେଳେ ବଳରାମ ଦାସ ଶ୍ରୀକ୍ଷେତ୍ରରେ ରହି ରାମାୟଣ ଓ ଲକ୍ଷ୍ମୀପୁରାଣ ରଚନାରେ ଲାଗି ପଡିଥାନ୍ତି । ଯଶୋବନ୍ତ ତାଙ୍କୁ ସାକ୍ଷାତ କରିବା

ସଂଗେସଂଗେ ତାଙ୍କ ସହିତ ବେଦ ବେଦାନ୍ତ ଶାସ୍ତ୍ରର ଗୁଢତତ୍ୱ ଆଲୋଚନା କରିଥିଲେ । ଶ୍ରୀକ୍ଷେତ୍ରରେ ରହଣି କାଳରେ ସମୟ କ୍ରମେ ମହାପୁରୁଷ ଅଚ୍ୟୁତାନନ୍ଦ ଓ ଶିଶୁ ଅନନ୍ତଙ୍କ ସହିତ ସାକ୍ଷାତ ଓ ବିଭିନ୍ନ ଶାସ୍ତ୍ରାଲୋଚନା ହୋଇଥିଲା । ଏହା ପର ଠାରୁ ଉତ୍କଳରେ ପଞ୍ଚସଖା ଯୁଗର ଅଭ୍ୟୁଦୟ ହୋଇଥିଲା ।

ଶ୍ରୀ ଜଗନ୍ନାଥଙ୍କୁ ଷୋଳକଳାଯୁକ୍ତ ପୂର୍ଣ୍ଣ ପରଂବ୍ରହ୍ମ ବୋଲି ପଞ୍ଚସଖାମାନେ ବିବେଚନା କରୁଥିଲେ । ଜ୍ଞାନମାର୍ଗରେ ଈଶ୍ୱରପ୍ରାପ୍ତି ହୋଇପାରିବ ବୋଲି ଏମାନଙ୍କର ସିଦ୍ଧାନ୍ତ ଥିଲା । ଏମାନେ କୌଣସି ନିର୍ଦ୍ଦିଷ୍ଟ ଗୁରୁଙ୍କ ଠାରୁ ଦୀକ୍ଷା ଗ୍ରହଣ କରିଥିବାର ପ୍ରମାଣ ମିଳି ନାହିଁ । ତେବେ ସ୍ୱୟଂ ନୀଳାଦ୍ରିନାଥ ଜଗନ୍ନାଥଙ୍କ ଦ୍ୱାରା ପଞ୍ଚସଖାମାନେ ଦିକ୍ଷୀତ ଥିଲେ ବୋଲି ସେମାନଙ୍କ ଦ୍ୱାରା ରଚିତ ବହୁ ରଚନାବଳୀରେ ପରୋକ୍ଷ ଭାବରେ ସୂଚୀତ ହୋଇଛି । ପଞ୍ଚସଖାମାନେ ଧ୍ୟାନ, ଧାରଣା, ପୂଜାପାଠରେ ଏବଂ ପୂଜା ପଦ୍ଧତିରେ ଜ୍ଞାନମାର୍ଗକୁ ବିଶେଷ ପ୍ରାଧାନ୍ୟ ଦେଉଥିଲେ । କାରଣ ପ୍ରକୃତ ଜ୍ଞାନ ମାର୍ଗରେ ଈଶ୍ୱରଙ୍କ ସାନିଧ୍ୟ ଲାଭ କରା ଯାଇପାରେ ବୋଲି ପଞ୍ଚସଖାମାନେ ବିଶ୍ୱାସ କରୁଥିଲେ ଏବଂ ସେହି ଅନୁସାରେ ନିଜର ଶିଷ୍ୟମାନଙ୍କୁ ଶିକ୍ଷା ଦେଉଥିଲେ । ସେତେବେଳେ ଏମାନଙ୍କୁ ଉତ୍କଳୀୟ ବୈଷ୍ଣବ ବୋଲି କୁହାଯାଉଥିଲା । ଶ୍ରୀଚୈତନ୍ୟଙ୍କ ଓଡିଶା ଆଗମନର ହାରାହାରି ତିନି ଦଶନ୍ଧି ପୂର୍ବରୁ ଏହି ପଞ୍ଚସଖାଗୋଷ୍ଠୀ ଶ୍ରୀକ୍ଷେତ୍ରର ଚତୁଃସୀମା, ଉତ୍କଳ ପଣ୍ଡିତମଣ୍ଡଳୀ, ମୁକ୍ତିମଣ୍ଡପ ପଣ୍ଡିତସଭା, ତଥା ଉତ୍କଳ ରାଜସଭାରେ ପ୍ରଧାନ୍ୟ ବିସ୍ତାର କରିସାରିଥିଲେ । ୧୫୧୦ ମସିହାରେ ଗୌଡୀୟ ବୈଷ୍ଣବ ଶ୍ରୀଚୈତନ୍ୟ ଓଡିଶା ଆସିଥିଲେ ଓ ୧୮ ବର୍ଷ କାଳ ଶ୍ରୀକ୍ଷେତ୍ର ପୁରୀରେ ଅତିବାହିତ କରିଥିଲେ ବୋଲି ଇତିହାସ କହେ । ଶ୍ରୀଚୈତନ୍ୟଙ୍କ ଉପାସ୍ୟ ଦେବତା ଥିଲେ ରାଧାକୃଷ୍ଣ । ସେ ତାଙ୍କ ସାଧନାରେ ଜ୍ଞାନ ଅପେକ୍ଷା ଭକ୍ତିକୁ ବିଶେଷ ପ୍ରାଧାନ୍ୟ ଦେଉଥିଲେ ଏବଂ ତାଙ୍କ ଅନୁଗାମୀମାନେ ମଧ୍ୟ ସେହିମାର୍ଗରେ ପରିଚାଳିତ ହେଉଥିଲେ । ଶ୍ରୀକ୍ଷେତ୍ରରେ ରହଣି କାଳରେ ଶ୍ରୀଚୈତନ୍ୟ ସମୟକ୍ରମେ ପଞ୍ଚସଖାଙ୍କ ସଂସ୍ପର୍ଶରେ ଆସିଥିଲେ । ପଞ୍ଚସଖାଙ୍କ କଠୋର ସାଧନା ଓ ଆଧ୍ୟାତ୍ମିକ ନୀତିନିଷ୍ଠା ଶ୍ରୀଚୈତନ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଉଭୟ ଗୋଷ୍ଠୀ ମଧ୍ୟରେ ଆଧ୍ୟାତ୍ମିକ ବାଦବିବାଦ, ଆଲୋଚନା ପର୍ଯ୍ୟାଲୋଚନା ପରେ ଏକ ନୂତନ ସଂକଳ୍ପ ପ୍ରତିଷ୍ଠା ହେଲା । ଯାହା ଥିଲା ଜ୍ଞାନ ମିଶ୍ରିତ ଭକ୍ତି ମାର୍ଗ ବା ଯୋଗ । ଏହାର ପ୍ରଚାର ଓ ପ୍ରସାରରେ ଉଭୟ ଗୋଷ୍ଠୀ ଲାଗିପଡି ଓଡିଆ ସାହିତ୍ୟର ଏକ ନୂତନ ଯୁଗ ଆରମ୍ଭ କଲେ । ଆଦିକବି ସାରଳା ଦାସଙ୍କ ପରେ ଯେତେବେଳେ ଓଡିଆ ଭାଷାସାହିତ୍ୟ ଏକ ସଙ୍କଟମୟ ସ୍ଥିତି ଦେଇ ଗତି କରୁଥିଲା ସେତେବେଳେ ଏହି ପଞ୍ଚସଖା ଜ୍ଞାନମିଶ୍ରିତ ଭକ୍ତି ମାର୍ଗକୁ ବିଭିନ୍ନ ରଚନା ମାଧ୍ୟମରେ ଏକ ନୂତନ ଯୁଗର ଆରମ୍ଭ କରି ଓଡିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିଥିଲେ ।

ପଞ୍ଚସଖା ଗୋଷ୍ଠି ଥିଲେ ଗୃହୀ ସନ୍ୟାସୀ । ସେମାନଙ୍କ ମଧ୍ୟରୁ ଜଗନ୍ନାଥ ଦାସ ଏବଂ ବଳରାମ ଦାସ ଶ୍ରୀକ୍ଷେତ୍ର ପୁରୀକୁ ନିଜର ସାଧନା ସ୍ଥଳ ରୂପେ ବାଛିଥିବା ବେଳେ ଅଚ୍ୟୁତାନନ୍ଦ ନେମାଳ ଗ୍ରାମକୁ, ଶିଶୁ ଅନନ୍ତ ପୁରୀ ଜିଲ୍ଲା ବାଲିପାଟଣା ଗ୍ରାମକୁ ଏବଂ ଯଶୋବନ୍ତ ନିଜର ଜନ୍ମସ୍ଥାନ ଅଡଙ୍ଗଗଡ ନାଇଲୋ ଗ୍ରାମକୁ ନିଜର ସାଧନା ସ୍ଥଳ ବୋଲି ବାଛିଥିଲେ । ଅଡଙ୍ଗଗଡର ରାଜା ରଘୁରାମଙ୍କ ରାଣୀ ତିଳୋତ୍ତମା ସନ୍ଥଙ୍କ ଅଲୌକିକତାରେ ବିମୋହିତ ହୋଇ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ ।ଏହାଛଡା ରାଜାଙ୍କ ଭଗ୍ନୀ ଅଞ୍ଜନା ସନ୍ଥଙ୍କ ପ୍ରତିଭାରେ ଅଭିଭୂତ ହୋଇ ତାଙ୍କୁ ବିବାହ କରିବାକୁ ଆଗେଇ ଆସିଥିଲେ । ଉଭୟଙ୍କ ଔରସରୁ ରାମ ଓ ମାଧବ ନାମକ ଦୁଇଟି ପୁତ୍ରସନ୍ତାନ ଜନ୍ମଗ୍ରହଣ କରିଥିଲେ । ପ୍ରାପ୍ତବୟସ୍କ ହେଲା ପରେ ଉଭୟ ପୁତ୍ରଙ୍କୁ ଆଠଗଡ ନିକଟସ୍ଥ ଡିଗିରିଆ କ୍ଷେତ୍ରରେ ବସବାସ କରିବାକୁ ସନ୍ଥ ନିର୍ଦ୍ଦେଶ ଦେଇଥିଲେ । ବହୁ ଅଲୌକିକ ଘଟଣାବଳୀରେ ମହକିତ ଦୀର୍ଘ ୮୦ବର୍ଷର ସାଧନାର ଅନ୍ତ ଘଟାଇ ୧୫୭୦ ମସିହା ପବିତ୍ର ମାର୍ଗଶିର ଶୁକ୍ଳପକ୍ଷ ଷଷ୍ଠୀ ବା ଓଢଣ ଷଷ୍ଠୀ ଦିନ ବ୍ରାହ୍ମମୁହୂର୍ତ୍ତରେ ନିଜ ଦ୍ୱାରା ପ୍ରତିଷ୍ଠିତ ମଠ ପରିସରରେ ଜୀବନ୍ତ ସମାଧି ଗ୍ରହଣ କରିଥିଲେ । ଅବଶ୍ୟ ଇହଲୀଳା ସମ୍ବରଣର ଅବ୍ୟବହିତ ପୂର୍ବରୁ ନିଜ ଇଚ୍ଛାମୃତ୍ୟୁର ସୂଚନା ପ୍ରଦାନ କରିଥିଲେ ନିଜର ଶିଷ୍ୟଗଣ, ପତ୍ନୀ ଅଞ୍ଜନା, ପରିବାରବର୍ଗ, ଆତ୍ମୀୟସ୍ୱଜନ ଏବଂ ଆଶ୍ରିତ ଭକ୍ତବୃନ୍ଦଙ୍କୁ ।

## ଯଶୋବନ୍ତଙ୍କ ଅଲୌକିକତା

ସନ୍ଥ ଯଶୋବନ୍ତ ତାଙ୍କ ଜୀବଦ୍ଦଶାରେ ବହୁ ଅଲୌକିକ ଘଟଣାବଳୀ ଘଟାଇ ଜନମାନସକୁ ଚକିତ କରିଥିବା ଜଣାପଡେ । ସେଥିମଧ୍ୟରୁ-

୧) ଦିନକର କଥା ଯଶୋବନ୍ତ ଶୁଣିବାକୁ ପାଇଲେ ନେମାଳ ଗ୍ରାମର ସାଧକ ସଖା ଅଚ୍ୟୁତାନନ୍ଦ ମହାବଳ ବାଘ ଉପରେ ବସି ତାଙ୍କୁ ଦେଖା କରିବାକୁ ଆସୁଛନ୍ତି । ସେତେବେଳେ ସେ ଏକ ଭଙ୍ଗା କାନ୍ଥ ଉପରେ ବସି ଦାନ୍ତ ଘଷୁଥିଲେ । ଯଶୋବନ୍ତ ଯୋଗ ବିଭୂତି ପ୍ରଦର୍ଶନ କରି ସେହି ଖଣ୍ଡିଆ କାନ୍ଥ ଉପରେ ବସି ଅଚ୍ୟୁତାନନ୍ଦଙ୍କୁ ପାଛୋଟି ଆଣିବାକୁ ଅଧାବାଟ ପର୍ଯ୍ୟନ୍ତ ଯାଇଥିଲେ ଏବଂ ସେଠାରେ ଉଭୟ ଉଭୟଙ୍କୁ ସମ୍ଭାଷଣ କରିଥିଲେ । ଉକ୍ତ ସ୍ଥାନ ରଘୁନାଥପୁରରେ ଯଶୋବନ୍ତ ଘଷୁଥିବା ଦାନ୍ତକାଠିକୁ ଫୋପାଡି ଦେଇଥିଲେ, ଯେଉଁଠିକି ପରବର୍ତ୍ତୀ ସମୟରେ ଗଢି ଉଠିଥିଲା **ଦାନ୍ତକାଠି ମଠ** ।

୨) ସେତେବେଳେ ଦଳେଇ ଘାଇ ଦ୍ୱାରା ଅଡଙ୍ଗ ନାଇଲୋ ଅଞ୍ଚଳ ପ୍ରତିବର୍ଷ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହେଉଥିଲା । କାରଣ ଦଳେଇଘାଇର ମୁହଁ ବନ୍ଧା ଯାଇନଥିଲା । ଲୋକଙ୍କ ଦୁଃଖ ସହି ନପାରି ସାଧକ ଯଶୋବନ୍ତଙ୍କ ସାଧନା ବଳରେ ବାବନା ଭୂତ ଓ ଅନ୍ୟ ଭୂତୁଣୀମାନଙ୍କ ସାହାଯ୍ୟରେ ଅଡଙ୍ଗଗଡକୁ ସୁରକ୍ଷା ଦେବା ପାଇଁ ଏକ ବନ୍ଧ ନିର୍ମାଣ କରିଥିଲେ । ଏବେ ମଧ୍ୟ ସେହିବନ୍ଧ **ଭୂତିଆ କୁଦ** ନାମରେ ରହିଥିବାର ଦେଖିବାକୁ ମିଳେ ।

୩) ବର୍ଷାଋତୁର ଆଗମନ ପୂର୍ବରୁ ଯଶୋବନ୍ତ ନିଜେ ରହୁଥିବା ଚାଳଘରଟିକୁ ଛପର କରିପାରି ନଥିଲେ । ସ୍ତ୍ରୀ ଅଞ୍ଜନା ସ୍ୱାମୀଙ୍କର ଦାୟିତ୍ୱହୀନତା ଓ ଅପାରଗତାର ପରିଣାମ ଅନୁଭବ କରି ଯଶୋବନ୍ତଙ୍କୁ ନାନାକଥା ଶୁଣାଇଛନ୍ତି । ଏକ ଅଭାବନୀୟ ପରିସ୍ଥିତିର ସମ୍ମୁଖୀନ ହୋଇ ଯଶୋବନ୍ତ ତାଙ୍କ ଈଷ୍ଟଦେବ ଜଗନ୍ନାଥଙ୍କ ପାଖରେ ଗୁହାରୀ କରିଛନ୍ତି । ଭକ୍ତର ଦୁଃଖ ସହିନପାରି ପ୍ରଭୁ ଯଶୋବନ୍ତଙ୍କୁ ଯାହା କହିଛନ୍ତି ତାହା ଚଉରାଅଶୀ ଆଜ୍ଞାରେ ବର୍ଣ୍ଣିତ ହୋଇଛି । ଏମନ୍ତ ଶୁଣି ଜଗନ୍ନାଥ ବୋଇଲେ, 'ଶୁଣ ଯଶୋବନ୍ତ । ତୁ ଯାହା କହିଲୁ ପ୍ରମାଣ, ଇନ୍ଦ୍ର ଯେ ଭାଙ୍ଗିବ ବଚନ ।' ଜଗନ୍ନାଥଙ୍କ ଠାରୁ ଏହି ବଚନ ଶୁଣି ଯଶୋବନ୍ତ ଇନ୍ଦ୍ରଙ୍କୁ କହିଛନ୍ତି, 'କହିଲି ଶୁଣ ଇନ୍ଦ୍ରଦେବ, ବୃଷ୍ଟି ନକର ଏହି ଠାବ । ଏକା ଅଡଙ୍ଗକୁ ଛାଡିଣ, ବୃଷ୍ଟି କର ସବୁ ଠାବେଣ । ପ୍ରଭୁର ଆଜ୍ଞା ଯେ ତୁମ୍ଭଙ୍କୁ, ମୁଁ ଅବା କହିବି କାହାକୁ । ମଠ ଅଛାଣି ଯେତେ ଦିନ,ବୃଷ୍ଟି ତୁ ନକର ପ୍ରମାଣ ।' ଏହାପରେ ବର୍ଷା ଋତୁରେ ଅଡଙ୍ଗଗଡକୁ ଛାଡି ଚତୁଃପାର୍ଶ୍ୱରେ ହୋଇଛି ବର୍ଷା କିନ୍ତୁ ଘର ଛପର ହେବା ପର୍ଯ୍ୟନ୍ତ ଯଶୋବନ୍ତଙ୍କ ବାସଗୃହ ଉପରେ ବୁନ୍ଦାଟିଏ ବି ବର୍ଷାଜଳ ପଡି ନାହିଁ ।

୪) ଏକଦା ଶିଷ୍ୟମାନଙ୍କ ସହିତ ଶ୍ରୀକ୍ଷେତ୍ର ଅଭିମୂଖେ ଯାତ୍ରା କରୁଥିବା ସମୟରେ ଚନ୍ଦନପୁର ଠାରେ ରାତ୍ରୀଯାପନ କରିଥିଲେ । ରାତ୍ରୀର ତୃତୀୟ ପ୍ରହରରେ ଖୁବ୍ ନିକଟରୁ ବ୍ରହ୍ମରାକ୍ଷସକୁ ଦେଖି ଶିଷ୍ୟମାନେ ଭୟଭୀତ ହୋଇଥିଲେ । ସେତେବେଳେକୁ ଚନ୍ଦନପୁର ସମେତ ଆଖପାଖ ଅଞ୍ଚଳରେ ଏହି ବ୍ରହ୍ମରାକ୍ଷସ ଆତଙ୍କରାଜ ସୃଷ୍ଟି କରି ଚାଲିଥାଏ । ସେ ଅଞ୍ଚଳର ଶତାଧିକ ପରିବାରର ଲୋକମାନଙ୍କୁ ନାନା ଉପାୟରେ ହନ୍ତସନ୍ତ କରିବା ସଂଗେସଂଗେ କିଛି ଲୋକଙ୍କର ପ୍ରାଣହାନୀ ଘଟି ସାରିଥାଏ । କୌଣସି ତାନ୍ତ୍ରିକ ତନ୍ତ୍ରମନ୍ତ୍ର ବଳରେ ତାକୁ ବଶୀଭୂତ କରି ପାରୁନଥିଲେ । ଠାକୁର ଦେବତାଙ୍କ ଶରଣ ନେଲେ ବି କିଛି ସୁଫଳ ମିଳୁନଥିଲା । କିନ୍ତୁ ସାଧକ ଯଶୋବନ୍ତ ନିଜର ଅଲୌକିକ ଶକ୍ତି ବଳରେ ତାକୁ ଆୟତ୍ତ କରି ନିଜ ବଶୀଭୂତ କରିଥିଲେ । ନିଜର ଆଶାବାଡି ମାଧ୍ୟମରେ ଆଗେ ଆଗେ ଚାଲିବା ପାଇଁ ତାକୁ ଦେଇଥିଲେ ନିର୍ଦ୍ଦେଶ । ଅଲୌକିକ ଶକ୍ତି ବଳରେ ବଶତା ସ୍ୱୀକାର କରିଥିବା ବ୍ରହ୍ମରାକ୍ଷସକୁ ପୁରୀର ଅଠରନଳା ନିକଟକୁ ନେଇଥିଲେ । ଏ ସମ୍ବାଦ ବିଦ୍ୟୁତ ବେଗରେ ପ୍ରଚାରିତ ହେବା

ସଂଗେସଂଗେ ଗଜପତିଙ୍କ ନିକଟରେ ପହଞ୍ଚିଥିଲା । ଉକ୍ରଳର ଗଜପତି ଅବିଳମ୍ବେ ପାରିଷଦଙ୍କ ସହିତ ଯଶୋବନ୍ତ ରହୁଥିବା ଅଠରନଳା ନିକଟରେ ପହଞ୍ଚିଥିଲେ ଏବଂ ଯଶୋବନ୍ତଙ୍କୁ ଦର୍ଶନ କରି କୃତାର୍ଥ ଲାଭ କରିଥିଲେ । ଗଜପତିଙ୍କ ଅନୁରୋଧ କ୍ରମେ ଯଶୋବନ୍ତ ଉକ୍ତ ବ୍ରହ୍ମ ରାକ୍ଷସକୁ ଗୁଣ୍ଡିଚା ମନ୍ଦିରର ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରିଥିଲେ । ଆଜି ବି ସେହି ବ୍ରହ୍ମରାକ୍ଷସ ବାବନାଭୂତ ହୋଇ ଗୁଣ୍ଡିଚା ମନ୍ଦିରକୁ ସୁରକ୍ଷା ଦେଉଛି ।

## ସନ୍ଥଙ୍କ ରଚନାବଳୀ

ସନ୍ଥ ଯଶୋବନ୍ତ ତାଙ୍କ ଜୀବଦ୍ଦଶାରେ ତାଙ୍କ ଅଲୌକିକ କାର୍ଯ୍ୟାବଳି ପାଇଁ ଯେତିକି ପ୍ରସିଦ୍ଧି ଲାଭ କରିନାହାନ୍ତି, ତା ଠାରୁ ଅଧିକ ପ୍ରସିଦ୍ଧି ଲାଭ କରିଛନ୍ତି ତାଙ୍କର କାଳଜୟୀ ଆଧ୍ୟାତ୍ମିକ ରଚନାବଳୀ ପାଇଁ । ଶ୍ରୀକ୍ଷେତ୍ରରୁ ଫେରିଲା ପରେ ନିଜର ଜନ୍ମସ୍ଥାନ ନାଇଲୋ ଅଡଙ୍ଗ ଠାରେ ନିଜ ପାଇଁ ଏକ ମଠ ସ୍ଥାପନା କରିଥିଲେ ଏବଂ ଜନସମାଜ ସୁସ୍ଥ ଜୀବନ ବଞ୍ଚିବାରେ ସାହାଯ୍ୟ କରିବାକୁ ଯାଇ ଲକ୍ଷାଧିକ ଭଜନ ଜଣାଣ ରଚନା କରିଥିଲେ । ସେଥିମଧ୍ୟରୁ ଏବେ ସୁଦ୍ଧା ଲୋକଲୋଚନକୁ ଆସିପାରିଥିବା ରଚନାଗୁଡ଼ିକ ମଧ୍ୟରେ ରହିଛି ଆତ୍ମପରତେ ଗୀତା, ଶିବସ୍ୱରଦ୍ୱୟ, ଗୋବିନ୍ଦଚନ୍ଦ୍ର, ଦିବ୍ୟଦେହ ବୋଲି, ବଣଭୋଜି ବୋଲି, ରାହୀ ଦାମୋଦର କଥା, ପ୍ରେମଭକ୍ତି ବ୍ରହ୍ମଗୀତା, ଯନ୍ତ ବୋଲି, କ୍ଷୀତିସୁଧା, ରାସ, ଅଡଙ୍ଗଗଡ ମାଳିକା, ଭବିଷ୍ୟ ମାଳିକା, ଭଜନମାଳା ଅଡଚାଳୀଶ, ଚଉରାଶୀ ଆଜ୍ଞା, ହେତୁ ଉଦୟ ଭାଗବତ, ଆଗତ ଭବିଷ୍ୟ, ଲୋଇଗୀତା, ମନ୍ତ ବୋଲି ପ୍ରଭୃତି ପ୍ରଧାନ । ଯଶୋବନ୍ତଙ୍କ ରଚନାରେ ମୁଖ୍ୟତଃ ଜନସମାଜକୁ ବିଭିନ୍ନ ସଚେତନତାର ବାର୍ତ୍ତା ଓ ଦିଗ୍‌ଦର୍ଶନ ଦେଇଥିବା ଦେଖିବାକୁ ମିଳେ । ଷୋଡଶ ଶତାବ୍ଦୀର ଉତ୍କଳୀୟ ସମାଜରେ ଗୁରୁବାଦ ଉପରେ ଅଖଣ୍ଡ ବିଶ୍ୱାସ ଥିଲା । ଗୁରୁ ସର୍ବସିଦ୍ଧିର ମୂଳ କାରଣ । ବିନା ଗୁରୁରେ ସିଦ୍ଧିଲାଭ ସମ୍ଭବ ନୁହେଁ। ସେ ହୋଇପାରନ୍ତି ଶିକ୍ଷାଗୁରୁ ଅଥବା ଦୀକ୍ଷାଗୁରୁ । ତେଣୁ ସେ 'ଆତ୍ମପରତେ ଗୀତା'ରେ ଜନସମାଜକୁ ଗୁରୁବାଦ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି : "ଗୁରୁ ନ ସେବି ଯେ କରନ୍ତି ଟାଣ, ତାହାକୁ ସଂସାରେ ବୋଲି ଅଜ୍ଞାନ । ଗୁରୁଙ୍କ କୃପା ଯାହା ଠାରେ ନାହିଁ, ରୁଦ୍ର ହେଲେ ସେ ପାଇବେ ବା କାହିଁ ।" 'ଗୋବିନ୍ଦଚନ୍ଦ୍ର'ରେ ଆଧ୍ୟାତ୍ମିକ ଚେତନା ଉପରେ ଭରସା ରଖି ସଂସାରକୁ ମିଛମାୟା ବୋଲି ବର୍ଣ୍ଣନା କରିଛନ୍ତି । ଭୋଗ ଠାରୁ ଯୋଗର ଗୁରୁତ୍ୱ ଅଧିକ । ମରଣକୁ ଭୟ କରି ନିଜର ଏକମାତ୍ର ଅଳିଅଳ ପୁତ୍ରକୁ ଯୋଗୀ କରିଦେବା ଓ ସନ୍ୟାସ ଧର୍ମ ଗ୍ରହଣ କରିବା ଇତ୍ୟାଦି ବର୍ଣ୍ଣିତ । ଯଶୋବନ୍ତ ଦାସ ତାଙ୍କ 'ପ୍ରେମଭକ୍ତି ଗୀତା'ରେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିତତ୍ତ୍ୱ ବିଷୟରେ ଏକ ଆଧ୍ୟାତ୍ମିକ ଭାବନାର ଅବତାରଣା କରିଛନ୍ତି । ଶିବସ୍ୱର ଦ୍ୱୟ ଗ୍ରନ୍ଥରେ ଯୋଗବିଜ୍ଞାନର କଥା ସମାଜକୁ ଜଣାଇ ଦେଇଛନ୍ତି। 'ମନ୍ତବୋଲି' ଗ୍ରନ୍ଥରେ ମଣିଷ ମନର ସମସ୍ତ ରହସ୍ୟକୁ ଉନ୍ମୋଚନ କରିଛନ୍ତି।

## ମଠ ପରିଚାଳନା

ଅଡଙ୍ଗ ନାଇଲୋ ଠାରେ ସନ୍ଥ ଯଶୋବନ୍ତଙ୍କ ଦ୍ୱାରା ସ୍ଥାପିତ ମଠ ଓ ସମାଧିପୀଠର ପରିଚାଳନା ଦାୟିତ୍ୱ ତାଙ୍କର ସୁଯୋଗ୍ୟ ଶିଷ୍ୟଙ୍କ ଦ୍ୱାରା ପରିଚାଳିତ ହେଉଥିଲା ଏବଂ ସେମାନଙ୍କୁ ମହନ୍ତ ବୋଲି କୁହା ଯାଉଥିଲା । ୧୯୮୨ ମସିହା ପର୍ଯ୍ୟନ୍ତ ମୁକି ଦାସ ଗୋସାଇଁଙ୍କ ଠାରୁ ଆରମ୍ଭ କରି ସୁକାନ୍ତ ବଲ୍ଲଭ ଦାସ ପର୍ଯ୍ୟନ୍ତ ୧୪ଜଣ ମହନ୍ତ ମଠ ପରିଚାଳନାର ଦାୟୀତ୍ୱ ବହନ କରିଥିବା ଜାଣିବାକୁ ମିଳେ । କିନ୍ତୁ ମଠ ପରିଚାଳନାରେ ଆର୍ଥିକ ଅନାଟନ ଦେଖା ଦେବାରୁ ପରବର୍ତ୍ତି ସମୟରେ ମଠ ପରିଚାଳନାର ଦାୟିତ୍ୱ ଅଡଙ୍ଗ ନାଇଲୋ ଗ୍ରାମର ଜନସାଧାରଣ ନିଜ ହାତକୁ ନେଇଥିଲେ । ଯଶୋବନ୍ତ ଉନ୍ନୟନ ପରିଷଦ ଗଠନ କରି ମଠ ପରିଚାଳନା ଆରମ୍ଭ କରିଥିଲେ । ସମ୍ବିତ ଆଶ୍ରମ, ଚେନ୍ନାଇର ସନ୍ଥ ସୁଧାନନ୍ଦ ସରସ୍ୱତୀଙ୍କ ସହାୟତା ଓ ପ୍ରଦତ୍ତ ଅନୁଦାନରେ ସମାଧିପୀଠର ଉନ୍ନତିକରଣ ଓ ମଠର ଉପାସ୍ୟ ଦେବତା ଶ୍ରୀଲକ୍ଷ୍ମୀ ଗୋପୀନାଥଙ୍କ ମନ୍ଦିରର ନିର୍ମାଣ କରା ଯାଇଥିଲା । ଏହାପରେ ସ୍ୱାମୀ ପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ଆର୍ଥିକ ସହାୟତାରେ ମଠର ଅବଶିଷ୍ଟ ଉନ୍ନତିକରଣ ସହିତ ସୌନ୍ଦର୍ଯ୍ୟକରଣ କରା ଯାଇଥିଲା । ଏହି ସମୟରେ ଗ୍ରାମର କିଛି ବିଦ୍ୱାନ ବ୍ୟକ୍ତିଙ୍କ ଦ୍ୱାରା ଗଠିତ ହୋଇଥିଲା 'ଯଶୋବନ୍ତ ସାହିତ୍ୟ ଓ ସଂସ୍କୃତି ସଂସଦ' ଏବଂ ଯୋଡି ହୋଇଥିଲା 'ଯଶୋବନ୍ତ ଉନ୍ନୟନ ପରିଷଦ' ସହିତ । ସଂସଦ ତରଫରୁ ପ୍ରତିବର୍ଷ ସନ୍ଥମହାରାଜଙ୍କ ମହାପ୍ରୟାଣ ଦିବସରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିବା ସଂଗେସଂଗେ ବାର୍ଷିକ ସାହିତ୍ୟ ପତ୍ରିକା 'ତୀର୍ଥଙ୍କର' ଉନ୍ମୋଚିତ ହୋଇ ଆସୁଛି । ଏହି ପରିଷଦ ଯଶୋବନ୍ତଙ୍କ ରଚନାବଳୀର ସଂଗ୍ରହ, ସଂରକ୍ଷଣ ଓ ପ୍ରକାଶନ ଦିଗରେ କାର୍ଯ୍ୟ କରି ଆସୁଛି । ଏବେ ଓଡିଶା ରାଜ୍ୟସରକାରଙ୍କ ଦେବୋତ୍ତର ବିଭାଗ ମଠର ପରିଚାଳନା ଭାର ଗ୍ରହଣ କରିଛନ୍ତି ।

## ପୀଠ : କିଛି ମତ ମନ୍ତବ୍ୟ



ଯଶୋବନ୍ତ ଦାସଙ୍କ ସାଧନା ପୀଠ ଅଡଙ୍ଗ ନାଇଲୋକୁ ପର୍ଯ୍ୟଟନ ନିମନ୍ତେ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁ ଆସୁଥିବା ବେଳେ ରହଣି ନିମନ୍ତେ କୌଣସି ସାମାନ୍ୟତମ ସୁବିଧା ନାହିଁ । ଶ୍ରଦ୍ଧାଳୁ ଭକ୍ତ ଏବଂ ଗବେଷକମାନଙ୍କ ରହଣି ନିମନ୍ତେ ଏକ ପାନ୍ଥଶାଳାର ଆବଶ୍ୟକତା ରହିଛି । ଏହାଛଡା ସନ୍ଥମହାରାଜଙ୍କ ସମାଧି ନିକଟରେ ଥିବା ପୁଷ୍କରିଣୀର ପୁନରୁଦ୍ଧାର ହେବା ଦରକାର । ଏତଦ୍ ବ୍ୟତୀତ ଯଶୋବନ୍ତଙ୍କ ସମାଧି ପୀଠକୁ ପର୍ଯ୍ୟଟନସ୍ଥଳିର ମାନ୍ୟତା ମିଳିଲେ ଓଡିଶାର ଅଗଣିତ ଜନସାଧାରଣ ସନ୍ଥଙ୍କ ମହାତ୍ମ୍ୟ ଜାଣିବାକୁ ପାଇ ପାରନ୍ତେ ।

**ବିଶ୍ୱନାଥ ଦାସ,** ଅଡଙ୍ଗ ନାଇଲୋ



ଯଶୋବନ୍ତଙ୍କ ସମାଧିପୀଠ ପରିଦର୍ଶନରେ ଆସୁଥିବା ଅଗଣିତ ଶ୍ରଦ୍ଧାଳୁଙ୍କ ତୃଷା ନିବାରଣ ନିମନ୍ତେ ପୀଠରେ ବିଶୁଦ୍ଧ ପାନୀୟଜଳର ବ୍ୟବସ୍ଥା ନାହିଁ । କେବଳ ସେତିକି ନୁହେଁ ମହିଳା ଶ୍ରଦ୍ଧାଳୁଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା ମଧ୍ୟ ହୋଇ ନାହିଁ । ଓଡ଼ିଶା ସରକାରଙ୍କ ଦେବୋତ୍ତର ବିଭାଗ ଓ ପର୍ଯ୍ୟଟନ ବିଭାଗ ତରଫରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସହିତ ଗୋଟିଏ ଶୌଚାଳୟ ନିର୍ମାଣ କଲେ ଅଗଣିତ ଶ୍ରଦ୍ଧାଳୁ ଉପକୃତ ହେବା ସଂଗେ ସଂଗେ କ୍ଷେତ୍ରର ମହାତ୍ମ୍ୟ ବୃଦ୍ଧି ପାଇପାରନ୍ତା।

**ଗଗନବିହାରୀ ଦାସ,** ଶିକ୍ଷକ, ଅଡଙ୍ଗ



ଯଶୋବନ୍ତ ଦାସଙ୍କ ରଚିତ ଯେତେ ରଚନାବଳୀ ଆଜି ପର୍ଯ୍ୟନ୍ତ ଲୋକଲୋଚନକୁ ଆସିଛି ତାର ଅର୍ଦ୍ଧାଧିକ ରଚନାବଳୀ ଲୋକଲୋଚନର ଅନ୍ତରାଳେ ରହି ଯାଇଛି । ସେହିସବୁ ରଚନାବଳୀକୁ ରାଜ୍ୟ ସାହିତ୍ୟ ଏକାଡେମୀ ତରଫରୁ ସଂଗ୍ରହ କରାଯାଇ ମୁଦ୍ରଣ ଓ ପ୍ରକାଶନର ବ୍ୟବସ୍ଥା କରାଗଲେ ଯଶୋବନ୍ତଙ୍କ ସୃଷ୍ଟିଗୁଡିକ ଲୋକଲୋଚନକୁ ଆସିବା ସଂଗେସଂଗେ ସନ୍ଥ ସାହିତ୍ୟ ପ୍ରଚାର ପ୍ରସାର ଲାଭ କରିପାରନ୍ତା । ଉକ୍ତ ରଚନାବଳୀ ଗୁଡିକର ମୁଦ୍ରଣ ଓ ପ୍ରକାଶନରେ ବହୁ ଅର୍ଥର ଆବଶ୍ୟକତା ପଡୁଥିବାରୁ ସାଧାରଣ ଶ୍ରଦ୍ଧାଳୁ ଓ ଅନୁଷ୍ଠାନର ଇଚ୍ଛା ଥାଇ ବି ସମର୍ଥ ହୋଇ ପାରୁନାହାନ୍ତି ।

**ସନ୍ତୋଷ କୁମାର ଲାହା**

**HIGHLAND**
*A Highland Group Entity*




# HIGHLAND DE LA MER PVT. LTD

Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
**www.highlanddelamer.in**

ପ୍ରସଙ୍ଗ : ୧

# ଓଡ଼ିଆ କବିତା
# ଜାତୀୟତାର ଜୟଯାତ୍ରା



# ବିପର୍ଯ୍ୟୟର ଆଁ ଭିତରୁ ବହ୍ନିମାନ ହେବାର ଜୀବନଜିଜ୍ଞାସା :
# ଆଧୁନିକ ଓଡ଼ିଆ କବିତା


**ଡକ୍ଟର ଦିଲୀପ କୁମାର ସ୍ୱାଇଁ**

ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ, ଫୋନ: ୭୦୦୮୩୮୭୪୦୮




▲ ଲେଖକ ଡକ୍ଟର ଦିଲୀପ କୁମାର ସ୍ୱାଇଁ

ବୁନ୍ଦାଏ ଲୁହ ଭିତରେ ମାନବ ସଭ୍ୟତାର ମୁହଁ ଦେଖାଇପାରେ କବିତା । ପଥରକୁ ରୂପସୀ କରିପାରେ କବିତା । କବିତାର ମଂଜିଟି ମାଟିରେ ପୋତିଲେ ମହାକାଶକୁ ଲମ୍ବିଯାଏ ତୂରୀୟ ତୃଷ୍ଣାଟିଏ ହୋଇ । କବିତାର ମନ୍ତ୍ର ଶୁଣୁଶୁଣୁ ବ୍ୟାଧ ମୃଗତୁଣ୍ଡରେ ଘାସ ଦିଏ । କଦମ୍ବବନରୁ ସନ୍ୟାସୀର ସ୍ୱର ଶୁଭେ । ବୁନ୍ଦେ ଲୁହ ସମୁଦ୍ର ପାଲଟିଯାଏ । ଓଡ଼ିଆ କବିତା ଗୋଟିଏ ଉର୍ବର ପ୍ରବାହର ପ୍ରତିରୂପ, ଧର୍ମ ସାହିତ୍ୟର ଗଣ୍ଡି ଭିତରୁ ବାହାରି ରୀତି-ରତି-ପ୍ରୀତିର ପରିଚର୍ଚ୍ଚାକୁ ଫୋପାଡ଼ି ଏହା ପହଞ୍ଚିଯାଇଛି ଆଧୁନିକତାର ଅରୁଣିମା ପାଖରେ । ସାରଳା ଦାସଙ୍କ ନବ୍ୟ ପୁରାଣ ମଣ୍ଡଳ ପରିକଳ୍ପନା ଓ ଶୂନ୍ୟବାଦୀ ପଞ୍ଚସଖା ତତ୍ତ୍ୱର ମଣ୍ଡଳ ଭେଦୀ ଲାବଣ୍ୟବତୀର ନିଦୁଆ ଆଖିପତା ତଳେ କବିତା ନିଶ୍ଚେତ ହୋଇ ଯାଇଛି କିଛିକାଳ । ଗୌଡ଼ୀୟ ପ୍ରେମାଞ୍ଜଳି ଓ କଳ୍ପନାର ଘୁଙ୍ଗୁର ପିନ୍ଧି ଓଡ଼ିଆ କବିତା ନାଚିଛି ଖୁବ୍ । ଭାଗବତର ନିରାସକ୍ତ ଧାଡ଼ି ଭିତରୁ ବୈଦେହିଶ ବିଳାସର ପଦ ପ୍ରକରଣ ଯାଏଁ ଓଡ଼ିଆ କବିତା ନିଜକୁ ବଦଳେଇ ଚାଲିଛି ସବୁ ସମୟରେ । ଓଡ଼ିଆ କବିତା ଆଧ୍ୟାତ୍ମିକ ମାର୍ଗରେ ମଣିଷର ମୁକ୍ତି କାମନା କରିଛି । ରାଜାଘର ରୋମାନ୍ସ କହି ବିଦଗ୍ଧ ବର୍ଗଙ୍କ ମନୋରଞ୍ଜନ କରିଛି । ସାଧାରଣ ଓଡ଼ିଆ ଏ କବିତାର ଗ୍ରାହକ-ବାହାକ ଓ ବାୟକ । ଓଡ଼ିଆଏ ଏ ଗୀତସବୁ ବିଲରେ ବୋଲନ୍ତି, ନୃତ୍ୟ କରନ୍ତି ଓ ମୃତ୍ୟୁ ଶେଯରେ ଶୁଣି ବୈକୁଣ୍ଠ ପ୍ରାପ୍ତି ହୁଅନ୍ତି । ଏତେଗୁଡ଼ିଏ ଐଶ୍ୱର୍ଯ୍ୟ ଭିତରେ ବଂଚିବା ପାଇଁ ଧଇଁସଇଁ ହେଉଥିବା ମଣିଷର କଥା କହିପାରିଲାନି କବିତା ? ଏ କବିତାର ଭୋକର ଚିତ୍ର କାହିଁ ? ସାଧାରଣ ଜନତାର ସଂଘର୍ଷ କାହିଁ ? ସମକାଳ ସହ ଯୁଝି ମହାକାଳମୁଖୀ ହେବାର ମାର୍ଗଦର୍ଶନ କାହିଁ ? ଏପରି ଏକ ସନ୍ଧିକ୍ଷଣ ସମୟରେ ପଶ୍ଚିମ ଓଡ଼ିଶାର ବଣ, ପାହାଡ଼ରେ ଖଞ୍ଜଣି ବାଜିଲା । କପିଳାସ ପାହାଡ଼ ଉପରୁ 'ମହିମା ଅଲେଖ'ର ସତ୍ୟାଗ୍ନି ପ୍ରଜ୍ୱଳିତ ହେଲା । ଛତିଆ ପାହାଡ଼ ଶିଖରରୁ ହାଡ଼ୁଦାସ 'ଭବିଷ୍ୟମାଳିକା'ର କଥା କହିଲେ । ଓଳାଶୁଣୀ ପାହାଡ଼ ଚୂଳରେ ସନ୍ଥ ଅରକ୍ଷିତ ଦାସ 'ମହୀମଣ୍ଡଳ ଗୀତା' ଜ୍ଞାନ ବାଣ୍ଟିଲେ । ଜାତି-ବର୍ଣ୍ଣ ବିଚାର ନକରି ଜୀବନକୁ ସୁଗମ କରିବାର ସ୍ୱର ସନ୍ଥତ୍ରୟୀ ଓଡ଼ିଆ କବିତାରେ ବାଣ୍ଟିଲେ । ଏମାନଙ୍କର ସହସ୍ର ସଦ୍‌ଗାମୀ ପାହାଡ଼ ତଳର ଜନପଦରେ ଜୀବନ ସଂସ୍କାରର ବାର୍ତ୍ତା ବଖାଣିଲେ । ଭୀମଭୋଇଙ୍କ ଖଞ୍ଜଣି ମାଡ଼ରେ ଓଡ଼ିଆ ସାହିତ୍ୟରେ ଆଧୁନିକତା ଆସିଲା । ନିଜ ଜୀବନକୁ ନର୍କରେ ପୋତି ଜଗତ ପାଇଁ ସୁବାସିତ ପୁଷ୍ପ ହେବାର ପ୍ରକ୍ରିୟା ଆରମ୍ଭ ହେଲା । ପୂର୍ବର ସନ୍ଥକବିମାନେ ଯାହାକୁ ତତ୍ତ୍ୱ ବାନ୍ଧି ରଖିଥିଲେ, ଏବର ଏ ନୂତନ ସନ୍ଥକବି ତ୍ରୟୀ (ମହିମା ସ୍ୱାମୀ+ହାଡ଼ୁଦାସ+ଅରକ୍ଷିତ ଦାସ) ସେହିସବୁ ତତ୍ତ୍ୱ ଗୁଡ଼ିକର ବ୍ୟାବହାରିକ ସାଧନ ପାଇଁ ସାଧାରଣରେ ପ୍ରୟୋଗ କଲେ । ଗୋଟାଏ ପ୍ରାୟୋଗିକ 'ସନ୍ଥତତ୍ତ୍ୱ' ଓଡ଼ିଆ କବିତାକୁ ରୀତି ସାହିତ୍ୟର ଦେହଦେଉଳରୁ ମୁକ୍ତି ଦେଇ ସାଧାରଣ ଜନତାର ପୀଡ଼ା ଓ ସଂଘର୍ଷକୁ କବିତା ଦେହରେ ନେସିଦେଲା । ରୀତି ସାହିତ୍ୟର କାରାଗାରରୁ ଆଧୁନିକତାର କୁଆଁତାର ଉଇଁଲା । ଏହି ଆଧୁନିକତାର ଆତ୍ମା ମାନବବାଦ ହୋଇଥିବା ବେଳେ ତତ୍‌କାଳୀନ ସାମାଜିକ ଆର୍ଥନୈତିକ ପୃଷ୍ଠକ୍ରମ ଏଥିରେ ନୂତନ ଶକ୍ତି ଭରି ଦେଲା ।

## ଆଁ ରୁ ଆଧୁନିକତା

ନ'ଅଙ୍କ ଦୁର୍ଭିକ୍ଷ (୧୮୬୬) ଗଜପତି ଦିବ୍ୟସିଂହ ଦେବଙ୍କ ଶାସନର ନ'ଅଙ୍କରେ ସଂଘଟିତ ହୋଇଥିଲା । ଉପକୂଳ ଓଡ଼ିଶାର ଭାତହାଣ୍ଡି ଭାଙ୍ଗି ଏ ଦୁର୍ଭିକ୍ଷ ଓଡ଼ିଶାର ସାମାଜିକ-ଆର୍ଥନୀତିକ ଭୂମିକୁ ଦୋହଲାଇ ଦେଇଥିଲା । ସମୃଦ୍ଧ ଚାଷୀ ପରିବାର ଦାଦନରେ ଗଲେ । ଗାଆଁରୁ ବିସ୍ଥାପନ ଆରମ୍ଭ ହେଲା । କଲିକତା, ଆସାମ, ରେଙ୍ଗୁନ୍‌ରେ ମୂଲ ଲାଗିବା ପାଇଁ ଚଷା ଓଡ଼ିଆ ପୁଅର ଯାତ୍ରା ଆରମ୍ଭ ହେଲା । ବିଶ୍ୱର ଓରେଟସ୍ (ଗ୍ରୀକ୍ ପ୍ରଜାତି) ଜନବର୍ଗ 'ଓଡ୍ର' ରୂପେ ପ୍ରାଚୀନ ଓଡ଼ିଶାରେ

ଅବସ୍ଥାନ କରଥିଲେ । ଧାନଚାଷ କରିବା ଏମାନଙ୍କର ମୁଖ୍ୟ ଜୀବନ ସାଧନ ଥିଲା । ଏହି ଓଡ଼ଚଷାମାନେ ୧୮୬୬ ନ'ଅଙ୍କ ଆଁରେ ନିଷ୍କେସିତ ହୋଇଗଲେ । ଧାନଚାଷ ଛାଡ଼ି ଦାଦନ ଖଟିବାକୁ ବିଦେଶ ଗଲେ । ନ'ଅଙ୍କ ଦୁର୍ଭିକ୍ଷର ଆଁ ଭିତରୁ ଯେଉଁ ନବ୍ୟ ସାମାଜିକ ଆର୍ଥନୀତିକ ଭୂଚିତ୍ର ଉପସ୍ଥାପିତ ହେଲା ତାହା ଏହିପରି:

(କ) ଉପକୂଳ ଓଡ଼ିଶାର ଖଣ୍ଡାୟତ ଓଡ଼ିଆ ଦାଦନ ଯାତ୍ରୀ ହେଲେ ।

(ଖ) ବୃତ୍ତି ଅନ୍ୱେଷଣରୁ ଗାଆଁରୁ ସହରକୁ ବିସ୍ଥାପନ ଆରମ୍ଭ ହେଲା ।

(କ+ଖ) ନ'ଅଙ୍କ ଦୁଃର୍ଭିକ୍ଷ ଆମକୁ ଦେଲା ପ୍ରଥମ ଦାଦନ ଓ ବିସ୍ଥାପନର ସ୍ୱାଦ ।

(ଗ) ମାଟି ହିଁ ମାଆ ଓ ମାତୃଭାଷା ହିଁ ଭାଷା- ଏପରି ଏକ ବୌଦ୍ଧିକ ଚିନ୍ତନର ବିକାଶ ହେଲା ।

(ଘ) ନ'ଅଙ୍କ ବିପର୍ଯ୍ୟୟର ଭରଣା ରୂପେ ନବ୍ୟ ଓଡ଼ିଶାର ନିର୍ମାଣ ଆରମ୍ଭ ହେଲା ।

(ଗ+ଘ) ରେଭେନ୍ସା ମହାବିଦ୍ୟାଳୟ + ସାମାଜିକ ସଂଗଠନ ସ୍ଥାପନା + ଭାଷା ସୁରକ୍ଷା + ପାଠ୍ୟପୁସ୍ତକ + ପତ୍ରିକା ପ୍ରକାଶନ + ମୁଦ୍ରଣ କଳ ସ୍ଥାପନା + ଦାବି ଉପସ୍ଥାପନର ଦୃଢ଼ତା + ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତା ଦୃଷ୍ଟିର ପ୍ରୟୋଗ ୧୮୬୦ ମସିହା ପରବର୍ତ୍ତୀ ଓଡ଼ିଶାରେ ଆରମ୍ଭ ହେଲା ।

ବିପର୍ଯ୍ୟୟ ପରେ ହିଁ ନିର୍ମାଣର ବଂଶୀ ବାଜେ । ଓଡ଼ିଶା ବରପୁତ୍ର ସୃଷ୍ଟି କଲା । ଶିକ୍ଷା-ସାହିତ୍ୟ-ସଙ୍ଗଠନ-ଧର୍ମ-ବିଚାର ଧାରା କ୍ଷେତ୍ରରେ ପାଶ୍ଚାତ୍ୟ ଆଧୁନିକତା ଓ ବଙ୍ଗୀୟ ଆଧୁନିକତାର ପ୍ରଭାବ ପଡ଼ିଲା । ଓଡ଼ିଶାରେ ନବଜାଗରଣର କାଳ ଆରମ୍ଭ ହେଲା । ଆତ୍ମବିଲୁପ୍ତିର ଅନ୍ଧାର ଭିତରୁ ଆତ୍ମବିସ୍ତାର ପାଇଁ ଓଡ଼ିଆମାନେ ଏକାଠି ହେଲେ । ନ'ଅଙ୍କ ଦୁଃର୍ଭିକ୍ଷର ଆଁ ଭିତରୁ ଓଡ଼ିଶାରେ ଆଧୁନିକତାର ଓଁକାର ଶୁଭିଲା । ଏ ଆଧୁନିକତାର ଦିହୁଡ଼ି ଜାଳିଥିଲେ ସନ୍ଥକବି । ବିପର୍ଯ୍ୟୟ ଭିତରୁ ବହ୍ନିମାନ ହେବାର ନିଆଁ ଜଳିଲା 'କଟକ' ଓ 'ବାଲେଶ୍ୱର'ରେ । ନବ ଓଡ଼ିଶାର ନିର୍ମାଣ ଏଇଠୁ ଆରମ୍ଭ ହେଲା । ସୃଷ୍ଟି ହେଲା ଆଧୁନିକ ଓଡ଼ିଆ ସାହିତ୍ୟ । ମାଟି-ମାତୃଭାଷା-ମଣିଷର ସାହିତ୍ୟ ।

## ରାଧାନାଥ ଆଣିଲେ ବୋଇତେ ଲୁହ

ମିଳନର ମାତାଲ ମଧୁଯାମିନୀ ଭାଙ୍ଗି କବି ରାଧାନାଥ ରାୟ ପାଶ୍ଚାତ୍ୟ କାବ୍ୟ ପ୍ରଭାବରେ ବିରହ ଓ ବିଛେଦର କାବ୍ୟ ରଚନା ଆରମ୍ଭ କଲେ । ଓଡ଼ିଆ କାବ୍ୟଧାରାରୁ ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡସୁନ୍ଦରୀ ଓ ରସବତୀମାନଙ୍କୁ ବାଦ୍ ଦେଇ ଗୌରୀ-ଚନ୍ଦ୍ରଭାଗା-ନନ୍ଦିକା-ଉଷା-ପାର୍ବତୀମାନଙ୍କର ଆଗମନ ହଲା । ନିୟତିର ନିର୍ମମ ନିଷ୍ପତ୍ତିରେ ଭାଙ୍ଗିଗଲା ସବୁଜ ପ୍ରେମର ସ୍ୱର୍ଗ । କବିତାର ଶେଷ ପୃଷ୍ଠାରେ ଗୌରୀର ଲୁହ । ଉଷାର ଦୀର୍ଘଶ୍ୱାସ । ନନ୍ଦିକାର ଅନେକ ନିଦ ହୋଇ ନଥିବା ଦୀର୍ଘ ରାତ୍ରୀର ପ୍ରାର୍ଥନା । ଅମିତ୍ରାକ୍ଷର ଛନ୍ଦ ଓ କରୁଣ ରସର କାରିଗରୀରେ ଓଡ଼ିଆ କବିତା ଓଦା ହୋଇଗଲା । ରାଧାନାଥଙ୍କ ମାଧ୍ୟମରେ ଓଡ଼ିଆ କବିତାରେ ପାଶ୍ଚାତ୍ୟ ସାହିତ୍ୟର ପ୍ରବେଶ ଘଟିଲା । ବଙ୍ଗଳା ଓ ଇଂରାଜୀ ସାହିତ୍ୟର ସମନ୍ୱୟ ଓଡ଼ିଆ ସାହିତ୍ୟରେ କରିବା ଦ୍ୱାରା ଓଡ଼ିଆ କବିତା ବିଶ୍ୱ କିମ୍ବଦନ୍ତି ଦ୍ୱାରା ସ୍ଥାନୀୟ ପୁରାଣ ଓ ଭୂଗୋଳକୁ ନୂତନ ଦୃଷ୍ଟିରେ ବିଚାର କରିବାକୁ ଲାଗିଲା । ପ୍ରଥମ ଆଧୁନିକ ହାସ୍ୟକାବ୍ୟ 'ଦରବାର', ପ୍ରଥମ ଆଧୁନିକ ପ୍ରକୃତି କାବ୍ୟ 'ଚିଲିକା', ପ୍ରଥମ ଆଧୁନିକ କ୍ଲାସିକ୍ କାବ୍ୟ 'ମହାଯାତ୍ରା' ରାଧାନାଥ ରଚନା କଲେ । ଓଡ଼ିଆ ଜାତିର ଅସ୍ମିତା ଓ ଉତ୍କଳୀୟତାବୋଧ ସଂପନ୍ନ ତାଙ୍କର ଏହି କାବ୍ୟତ୍ରୟୀ ଆଧୁନିକ ଓଡ଼ିଆ କବିତାକୁ ବିସ୍ତୃତି ପ୍ରଦାନ କଲା । ଭାରତୀୟ ପୁରାଣ ମଣ୍ଡଳରେ ଓଡ଼ିଆ ଜାତିକୁ ଯଥାଯୋଗ୍ୟ ସ୍ଥାନ ମିଳିନଥିବାରୁ କବି କ୍ଷୋଭ ପ୍ରକାଶ କରି କହିଛନ୍ତି:

"ଦେବୀ ବୀଣାପାଣି ! କେଉଁ ପାପ ଫଳେ
କରୁଣା ତାହର ଊଣା ଏ ଉତ୍କଳେ ?
ସ୍ୱଭାବେ ଉତ୍କଳ ଶୋଭାର ନିଧାନ
ମାତ୍ର ଏ ଶୋଭାରେ ତୋର ଅଧିଷ୍ଠାନ
ବିନୁ ସିନା ମାତା ହୋଇଛି ବିବଶା
ଭଜିଛି ଅରଣ୍ୟ-ପ୍ରସୂନର ଦଶା,
କ୍ଷୁଦ୍ର ସିପ୍ରା-ସ୍ରୋତ ବିଖ୍ୟାତ ଜଗତେ
ମହାନଦୀ ନାମ ରହିଲା ଗୁପତେ ।
ସୁରୁପା ଅଂଶୁପା ଲୋକେ ଅଗୋଚର
ପୂଜାସ୍ପଦ ହେଲା ଗୋଷ୍ପଦ-ପୁଷ୍କରା ।" (ଚିଲିକା)

ଓଡ଼ିଆମାନଙ୍କର ଗୌରବମୟ ଭୂମିକୁ ପାଣ୍ଡବମାନଙ୍କୁ ଭ୍ରମଣ କରାଇ ସାରଳା ଦାସଙ୍କ ପରେ ରାଧାନାଥ ନବ୍ୟପୁରାଣ ପ୍ରତିଷ୍ଠା କଲେ । ଉତ୍କଳୀୟତା ବୋଧର ବିକାଶ ସହ ଅମିତ୍ରାକ୍ଷର ଛନ୍ଦ ସଂଯୋଜନା କରି ଓଡ଼ିଆ କବିତାକୁ ଦରବାରୀ ପରମ୍ପରାରୁ ମୁକ୍ତ କଲେ । ପଶ୍ଚିମର ଟ୍ରାଜେଡ଼ି ଓଡ଼ିଆ କବିତାରେ ଲୁହ ହୋଇ ବହିଗଲା । କବିବର ଆଧୁନିକ କାବ୍ୟ ପରମ୍ପରାର ନୂଆ ପିଣ୍ଡି ନିର୍ମାଣ କଲେ ।

## ଉତ୍କଳ ଭ୍ରମଣଂରେ ବାହାରିଲେ ଫକୀର ମୋହନ

ଆଧୁନିକ କାବ୍ୟ ପ୍ରବାହକୁ ସ୍ରୋତସ୍ୱତୀ କରିବାକୁ ଯାଇ କବି ଫକୀରମୋହନ ସ୍ୱଦେଶୀ ଆଧୁନିକତାର ପ୍ରୟୋଗ କବିତାରେ ଆରମ୍ଭ କଲେ । ଏହି ପ୍ରକ୍ରିୟାଟି ରାଧାନାଥଙ୍କ ପାଶ୍ଚାତ୍ୟ ଆଧୁନିକତାର ସଂପୂର୍ଣ୍ଣ ବିପରୀତ । ରାଧାନାଥ 'କେଦାର ଗୌରୀ' ରଚନା କଲାବେଳେ ପାଠ୍ୟପୁସ୍ତକ, ଅନୁବାଦ, ସମ୍ପାଦନା କାର୍ଯ୍ୟରେ ନିୟୋଜିତ ଥିବା ଫକୀରମୋହନ ୧୮୩୧ ମସିହାରେ ରଚନା କଲେ 'ଉତ୍କଳ ଭ୍ରମଣଂ' । ଏହି ଦୀର୍ଘ କବିତାଟି ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମ ଭ୍ରମଣ କବିତା । ଓଡ଼ିଶାର ପ୍ରଖ୍ୟାତ ପୁରୁଷ ଓ ସ୍ଥାନୀୟତାକୁ ନେଇ ଏକ ପ୍ରଚଣ୍ଡ ସୃଷ୍ଟି । ମୋର କହିବାର ଆଦୌ ଦ୍ୱିଧା ନାହିଁ ଯେ ନିଜର ପାଶ୍ଚାତ୍ୟ ସଂକ୍ରମଣକୁ ନେଇ ନିନ୍ଦିତ ରାଧାନାଥ 'ଇନ୍ଦ୍ରଧନୁ' ଓ 'ବିଜୁଳି'ର ଶବ୍ଦଯୁଦ୍ଧ ପରେ ଉତ୍କଳୀୟ ଅସ୍ମିତାକୁ ଆପଣେଇଛନ୍ତି । ଏହାର କାରଣ 'ଉତ୍କଳ ଭ୍ରମଣଂ'ର ପାଠକୀୟତା ଓ ସମକାଳୀନ ଆବଶ୍ୟକତା । ନ'ଅଙ୍କ ଦୁର୍ଘଟଣା ପରେ ଓଡ଼ିଆ ଜାତିର ଆତ୍ମଏଷଣା ପାଇଁ ଏପରି ଗ୍ରନ୍ଥର ଭରପୁର ଆବଶ୍ୟକତା ଥିଲା । ଓଡ଼ିଆ ଜାତି-ମାଟି-ଭାଷାର ଗୌରବ ରୋପଣରେ ଫକୀରମୋହନ ତାଙ୍କ କବିତା ମାଧ୍ୟମରେ ସକାରାତ୍ମକ ପ୍ରୟାସ କରିଛନ୍ତି । ନବଜାଗରଣରୁ ସୃଷ୍ଟ 'ମାଟି-ମଣିଷ-ମାତୃଭାଷା'ର ଅଗ୍ନିକୁ ଜନକଣ୍ଠରେ ଜାଳିବାର ପ୍ରତିବଦ୍ଧତା ଆମେ ଫକୀରମୋହନଙ୍କ କବିତାରୁ ପାଇଥାଉ । ଅତଏବ 'ଉତ୍କଳ ଭ୍ରମଣଂ'ପାଶ୍ଚାତ୍ୟ କାବ୍ୟ ସଂକ୍ରମଣରେ କେବଳ ବନ୍ଧ ବାନ୍ଧିଲା ନାହିଁ, ଏହା ରାଧାନାଥଙ୍କ ପରି ଯଶସ୍ୱୀ ସ୍ରଷ୍ଟାଙ୍କୁ 'ଚିଲିକା', 'ମହାଯାତ୍ରା' ଓ 'ଦରବାର' ରଚନା କରିବା ପାଇଁ ପ୍ରେରିତ କଲା । ଆଧୁନିକ କାବ୍ୟ ପରଂପରାରେ ସ୍ୱଦେଶୀ ଆଧୁନିକତାକୁ କ୍ରିୟାଶୀଳ କରିବାରେ ଫକୀରମୋହନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । କ୍ଷେତ୍ର-ବ୍ୟକ୍ତି-ସମକାଳୀନତା ଅଧ୍ୟୟନରେ ଫକୀରମୋହନଙ୍କ ବିକଳ୍ପ ନାହିଁ । 'ଉତ୍କଳ ଭ୍ରମଣଂ'ରେ ଫକୀରମୋହନ 'ପୁରୀ'କୁ ନେଇ କ'ଣ କହିଛନ୍ତି ଲକ୍ଷ୍ୟ କରନ୍ତୁ:

"ହାୟ ହାୟ ! ସେ ପଣ୍ଡିତ ଜଣେ ମଧ୍ୟ ନାହିଁ
ମୁକତି ମଣ୍ଡପ କୁଳେ ବତୀ ଦେବା ପାଇଁ ।
ଆହା ଚାନ୍ଦ ରାଜଗୁରୁ, ହାବିଶୁ ପାଡୁଷୀ
ପୁନା ସଭା ଜିଣିଥିଲା ଓଡ଼ିଶା ନିବାସୀ ।
ଗୋପୀନାଥ ବାମଦେବ ଯାଇଛନ୍ତି ସ୍ୱର୍ଗ
ତାଙ୍କ ସ୍ଥାନେ ବସିଛନ୍ତି ଠିକ୍ ବିପ୍ରବର୍ଗ ।" (ଉତ୍କଳ ଭ୍ରମଣଂ)

ପୁରୀର ବିଦଗ୍ଧ ପ୍ରଶଂସା ସହ ତତ୍କାଳୀନ ଅବକ୍ଷୟକୁ କବି ବ୍ୟକ୍ତ କରିଛନ୍ତି । ଏହିପରି ଏକ ଟାଣ କଥା ବର୍ତ୍ତମାନର କବିମାନେ ଲେଖିବା ସମ୍ଭବ ନୁହେଁ । ଫକୀରମୋହନଙ୍କ କାବ୍ୟନିଷ୍ଠା, ସାମ୍ବାଦିକତା ପ୍ରବୃତ୍ତି ଓ ସତ୍ କହିବାର ସ୍ୱାଧୀନତା ଏଥିରୁ ମିଳେ । ଏହି ମର୍ମରେ ଆଧୁନିକ କାବ୍ୟ ପ୍ରବାହରେ 'ଉତ୍କଳ ଭ୍ରମଣଂ' ଏକ ବିରଳ ବ୍ୟତିକ୍ରମ । କାବ୍ୟଧାରାର ପରବର୍ତ୍ତୀ କବି ଗଙ୍ଗାଧର ମେହେର ଓ

ନନ୍ଦ କିଶୋର ବଳଙ୍କ 'ଉତ୍କଳଲକ୍ଷ୍ମୀ' ଓ 'ପଲ୍ଲିଚିତ୍ର' ଆଦି ଯେ 'ଉତ୍କଳ ଭ୍ରମଣଂ' ପ୍ରେରିତ ଓ ପ୍ରଭାବ ଏହା ସ୍ୱୀକାର କରିବାକୁ ପଡ଼ିବ ।

## ପରମ ମଣ୍ଡଳୀୟ ତୂରୀୟ ତୃଷାରେ ଓଦାହେଲା ଓଡ଼ିଆ କବିତା

ଆଧୁନିକ ଓଡ଼ିଆ କବିତାକୁ ମଧୁସୂଦନ ରାଓ ନୂଆ ରୂପ ପ୍ରଦାନ କଲେ । ବ୍ରାହ୍ମଧର୍ମରେ ଦୀକ୍ଷିତ ମଧୁ ରାଓ ଓଡ଼ିଆ କବିତାରେ ନିରାକାର ପରମ ପୁରୁଷର ଉପଲବ୍ଧି ପ୍ରକାଶ କଲେ । କବିତା ପ୍ରେମ-ପ୍ରଣୟ-ବିରହର ବାହାରେ ଏକ ରହସ୍ୟମୟ ଉଜ୍ଜ୍ୱଳତାର ପ୍ରତିନିଧିତ୍ୱ କଲା । ହିମାଚଳରେ ଉଦୟ ଉଷବର ଆଭାରେ ଓଡ଼ିଆ କାବ୍ୟ ସାମ୍ରାଜ୍ୟର ଅନ୍ଧାର ଦୂର ହେଲା । ଶିଶୁବୋଧ, ବାଳବୋଧ, ବର୍ଣ୍ଣବୋଧର ପୃଷ୍ଠା ଭିତରେ ଓଡ଼ିଆ କବିତା ତୃଣମୂଳ ମଣିଷକୁ ବାନ୍ଧିବାର ପ୍ରୟାସ କଲା । ଏକ ସଂସ୍କାର ମୁକ୍ତ ଦୀକ୍ଷିତ ଜୀବନ ପାଇଁ ମଧୁରାଓଙ୍କ କବିତାରେ ପ୍ରାର୍ଥନାର ସ୍ୱର ଶୁଭିଲା ।

"ମଧୁମୟ ସୃଷ୍ଟି ସୁଧାମୟ ସୃଷ୍ଟି
ଏ ସୃଷ୍ଟି ଅମୃତମୟ ହେ,
ଜାଗନର ନାରୀ ଅମୃତ-ସନ୍ତତି
ପିଅ ସେ ଅମୃତ ମୟ ହେ ।" (ଏ ସୃଷ୍ଟି ଅମୃତମୟ ହେ)

ଭାରତୀୟ ଜୀବନବୋଧର ଅମୃତ ଏଷଣାରେ ଓଡ଼ିଆ କବିତା ଉଦ୍‌ଭାସିତ ହେଲା । କ୍ଷୁଦ୍ରତା ପରିହାର କରି ବୃହତ୍ତର ଅନୁଭବ ଆଡ଼କୁ ଜୀବନକୁ ପ୍ରେରିତ କରିବା ପାଇଁ ଏ ଯାତ୍ରା ପଥରେ ସାମିଲ୍ ହେଲେ କବି ଗଙ୍ଗାଧର ମେହେର । ଗଙ୍ଗାଧରଙ୍କ କବିତାରେ ଭାରତୀୟ ସନାତନୀ ସ୍ୱର ମଧୁ ରାଓଙ୍କ ଅମୃତ ଏଷଣା ପ୍ରକାଶ ପାଇଲା । ଭାରତୀୟ ପୁରାଣରୁ ଚରିତ୍ର ସଂଖୋଳି କବି ନୂଆ ଆଦର୍ଶବାଦ ସୃଷ୍ଟି କଲେ । ଓଡ଼ିଆ କବିତାରେ ଅମୃତର ପ୍ରବାହକୁ ଗଙ୍ଗାଧର ଆଉ ପାଦେ ଆଗକୁ ନେଇଗଲେ ।

"ମୁଁ ତ ଅମୃତ-ସାଗର ବିନ୍ଦୁ,
ନଭେ ଉଠିଥିଲି ତେଜି ସିନ୍ଧୁ,
ଖସି ମିଶିଛି ଅମୃତ ଧାରେ
ଗତି କରୁଛି ସେ ଅକୂପାରେ
ପଥେ ଶୁଖିଗଲେ ପାପ- ତାପରେ
ହୋଇ ଶିଶିର ଖସିବି ତା'ପରେ
ଅମୃତମୟ ଅମୃତରୟ
ସହିତ ମିଶିବି ସାଗରେ ।" (ଅମୃତମୟ)

ନନ୍ଦିକାର ଆତ୍ମଗ୍ଳାନି ଯୁକ୍ତ ପ୍ରେମ ଓ 'ଉଷା'ର ଅହଂକାର ବଦଳରେ କରୁଣାରେ ଜୀବନ ପଲ୍ଲବିତ । ମଧୁରାଓ ଓ ଗଙ୍ଗାଧର ମେହେର ଆଧୁନିକ ଓଡ଼ିଆ କବିତାକୁ ଭୋଗରୁ ବୈରାଗ୍ୟ ଆଡ଼କୁ ନେଇଗଲେ । ଜୀବନର ଅମରତ୍ୱ ଉପସ୍ଥାପନ କଲେ । ଓଡ଼ିଆ କବିତାରେ ଭାରତୀୟ ସଂସ୍କୃତି ଓ ପୁରାଣ ପ୍ରବାହ ମଧୁରାଓ ଓ ଗଙ୍ଗାଧରଙ୍କ ଯୋଗୁଁ ସମ୍ଭବ ହୋଇପାରିଲା । ଏଠାରେ ଲକ୍ଷ୍ୟ କରିବା କଥା ଯେ ଆଧୁନିକ ଓଡ଼ିଆ କବିତାର ଆଦ୍ୟ ଭାଗରେ ରାଧାନାଥଙ୍କ ପାଶ୍ଚାତ୍ୟ ଆଧୁନିକତା (୧) ମଧୁରାଓ ଓ ଗଙ୍ଗାଧରଙ୍କ ଭାରତୀୟତାରେ ପ୍ରବାହ (୨) ଓ ଫକୀରମୋହନଙ୍କ ଉତ୍କଳୀୟତାବୋଧ (୩) କାବ୍ୟଧାରାକୁ ଐଶ୍ୱର୍ଯ୍ୟମୟ କରିବା ସହିତ ଆଧୁନିକ ଓଡ଼ିଆ କବିତାର ବୁନିଆଦି ନିର୍ମାଣ କରିଛି । ଏହି ବୁନିଆଦିର ବାସ୍ତାରେ ବିଂଶ ଶତାବ୍ଦୀର ଓଡ଼ିଆ କବିତା ସମୃଦ୍ଧ ହୋଇପାରିଛି ।

## ଉତ୍କଳ ଭ୍ରମଣଂରୁ ଉତ୍କଳ ସମ୍ମିଳନୀ: ଓଡ଼ିଆ କବିତାର ତୃଣମୂଳୀୟ ଜାତିନିର୍ମାଣ

ବିଂଶ ଶତକରେ ଓଡ଼ିଆ କବିତା ନ'ଅଙ୍କ ଦୁର୍ଭିକ୍ଷର ଆଁରୁ ନିଜସ୍ୱ ପରିଚୟ ନିର୍ମାଣ କରିବା ପାଇଁ ବ୍ୟସ୍ତ । ମାଆ-ମାଟି-ମଣିଷ-ମାତୃଭାଷାକୁ କେନ୍ଦ୍ର କରି ଯେଉଁ ଓଡ଼ିଆ ନବଜାଗରଣଟି ସୃଷ୍ଟି ହୋଇଥିଲା, ତାର ଏକ ପ୍ରୟୋଗାତ୍ମକ ପ୍ରତିକ୍ରିୟା ପାଠକ ଏହି ସମୟର କବିତାରେ ଲକ୍ଷ୍ୟ କରିପାରିବ । ମଧୁସୂଦନ ଦାସଙ୍କ ନେତୃତ୍ୱର ଉତ୍କଳ ସମ୍ମିଳନୀ (୧୯୦୩) ଗୋପବନ୍ଧୁ ଦାସଙ୍କ ସତ୍ୟବାଦୀ ବନ ବିଦ୍ୟାଳୟ (୧୯୦୯) ଓଡ଼ିଶାର ଶୈକ୍ଷିକ, ସାମାଜିକ ଓ ରାଜନୀତିକ ପରିମଣ୍ଡଳରେ ପରିବର୍ତ୍ତନ ପାଇଁ ସକ୍ରିୟ ଥିଲା । ଓଡ଼ିଶାର ଜନଜୀବନକୁ ସୁଧାର କରିବାକୁ ହେଲେ ପ୍ରଥମେ 'ଓଡ଼ିଆମାନଙ୍କ ସୁରକ୍ଷା ଓ ସ୍ୱାଭିମାନ' ସାହିତ୍ୟ ସର୍ଜନ ଠାରୁ ବଡ଼ ବୋଲି ଉଭୟ 'ଉତ୍କଳ ଗୌରବ' ଓ ଉତ୍କଳ ମଣି ଅନୁଭବ କରିଥିଲେ । ଯେଉଁ ଉତ୍କଳୀୟତାବୋଧର ବୀଜଟି ଫକୀରମୋହନ 'ଉତ୍କଳଭ୍ରମଣଂ'ରେ ପୋତିଥିଲେ, ତାହା ଉତ୍କଳ ସମ୍ମିଳନୀରେ ପଲ୍ଲବିତ ହୋଇ ସତ୍ୟବାଦୀ ବନ ବିଦ୍ୟାଳୟରେ ଏକ ପ୍ରୟୋଗଶାଳାରେ ପରିଣତ ହେଲା । ମାତୃଭାଷା ମାଧ୍ୟମରେ ମାତୃଭୂମିର ସେବା କରାଯାଇ ପାରିବ- ଏପରି ଏକ ବିଚାରଧାରା 'ମଧୁ-ଗୋପ' ସଂଯୋଗରୁ ସୃଷ୍ଟି ହେଲା । ପ୍ରକୃତରେ ଏ ଦୁହେଁ ଥିଲେ ଓଡ଼ିଶାର ପ୍ରଥମ ସାମାଜିକ-ରାଜନୀତିକ କର୍ମୀ ଓ ଲେଖକ । ଭାଷାକୁ କେନ୍ଦ୍ର କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ସ୍ୱପ୍ନ ଦେଖିଥିବା ଏହି ସ୍ୱାଭିମାନୀ ପୁରୁଷଙ୍କ ସ୍ୱପ୍ନ ୧୯୩୬ ଏପ୍ରିଲ ୧ ତାରିଖରେ ସଂପୂର୍ଣ୍ଣ ହୋଇଥିଲା । ଅତଏବ ୧୯୦୩-୩୬ ଏହି ତେତିଶ୍ ବର୍ଷ ଭିତରେ ଓଡ଼ିଆ ସାହିତ୍ୟ ଅନେକ ଆଧୁନିକ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ନାଟକ ଓ ପ୍ରବନ୍ଧ ସାହିତ୍ୟକୁ ନେଇ ସମୃଦ୍ଧ ହୋଇଥିବା ବେଳେ ଏହାର ମୂଳ ଆଭିମୁଖ୍ୟ ଥିଲା 'ଜାତୀୟତା' । ଏ ଜାତୀୟତା ଓଡ଼ିଆ ଜାତୀୟତା । ଜାତୀୟତାର ଅର୍ଥ ଏଠି ବିଦେଶୀ ଶାସନ ବ୍ୟବସ୍ଥାରୁ ମୁକ୍ତି ନୁହେଁ । ଜାତୀୟତାର ଅର୍ଥ ସ୍ୱାଭିମାନ, ସ୍ୱାବଲମ୍ବୀ, ସଂସ୍କାର ଦୃଷ୍ଟି ଓ ସେବା ପରାୟଣତା । ଏହି ଚାରୋଟି 'ସ' ଥିଲା ପ୍ରଚଣ୍ଡୀ 'ଓଡ଼ିଆ ଅସ୍ମିତା'ର ଆଦିରୂପ । ମୁଁ ଓଡ଼ିଆ । ମୋ ପ୍ରଦେଶର ନଦୀ, ପାହାଡ଼, କିମ୍ବଦନ୍ତୀ, ଜନଧାରା, ଠାକୁର, ପର୍ବପର୍ବାଣି, ଭାଷା, ସାହିତ୍ୟ ଅନ୍ୟମାନଙ୍କ ଠାରୁ ଉର୍ବର । ରୂପସୀ 'ଚିଲିକା' ଭାରତରେ ଅନନ୍ୟା ସୁନ୍ଦରୀ 'ମହାନଦୀରେ ଜ୍ୟୋତ୍ସ୍ନାବିହାର' କରୁ କରୁ କବି ମାୟାଧର ମାନସିଂହ ଉତ୍କଳୀୟ ପ୍ରକୃତିର ପରମାର୍ଥୀୟ ବିଭୂତିର ସନ୍ଧାନ କରନ୍ତି । ରାମଚଣ୍ଡୀ ଠାରେ ରାତି କାଟୁଥିବା କବି ନୀଳକଣ୍ଠ ଦାସ ଅତୀତ ଉତ୍କଳର ଉର୍ବରତା ସଂପର୍କରେ ନିଜ ଛାତ୍ରମାନଙ୍କୁ ସଂବୋଧି ବସନ୍ତି । 'ଉତ୍କଳୀୟ ଅସ୍ମିତା' ସେହି ସାହିତ୍ୟ ଯିଏ ବାପାକୁ ଖୋଜି ଯାଇଥିବା ବାରବର୍ଷର ବାଳକକୁ ବଢ଼େଇ କୁଳର ସୁରକ୍ଷା ପାଇଁ ଜୀବନ ଦେବାକୁ ପ୍ରେରିତ କରେ(ଧର୍ମପଦ) । କଙ୍କାଳ ସାର ଓଡ଼ିଆ ଜାତି ଭିତରେ ବୀରତ୍ୱର ରକ୍ତ ପ୍ରବାହ କରି ପୁନର୍ଜାଗୃତିର ବାର୍ତ୍ତା ଦିଏ (ଉଠକଙ୍କାଳ) । ଏସବୁକୁ ବିଚାର କଲେ ଆମେ ଜାଣି ପାରିବା ସତ୍ୟବାଦୀ ଯୁଗ କି ସବୁଜ ଯୁଗ ନୁହେଁ- ଓଡ଼ିଆ କାବ୍ୟଧାରାରେ 'ଉତ୍କଳୀୟତାବୋଧ' ୧୯୦୩-୩୬ ଏହି ତେତିଶ୍ ବର୍ଷ ଭିତରେ ପ୍ରବାହିତ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସହ ଏ ସ୍ୱରଟି କ୍ରମଶଃ ଶିଥିଳ ହୋଇ ପ୍ରଗତିବାଦୀ ଚେତନା ସହ ସମନ୍ୱିତ ହୋଇ ଯାଇଛି । 'ମୋ ଉତ୍କଳ ଶ୍ରେଷ୍ଠ'- ଏହି ଭାବନାଟି 'ଉତ୍କଳ ସମ୍ମିଳନୀ' ମାଧ୍ୟମରେ ପଲ୍ଲବିତ ହୋଇ ଆଧୁନିକ ଓଡ଼ିଆ କାବ୍ୟଧାରାରେ ନୂତନ ପରିଚୟ ନିର୍ମାଣ କରିପାରିଛି ।

"ଥିଲେ ଯହିଁ ତହିଁ ଭାରତ ଶୟନେ
ମଣିବି ମୁଁ ଅଛି ନୀଳଚକ୍ର ତଳେ
ପ୍ରଭୁ ଜଗନ୍ନାଥ ପତିତ ପାବନ
ଜୀବନେ ମରଣେ ତୁମ୍ଭେ ମୋ ଶରଣ ।"

(ବନ୍ଦୀର ଆତ୍ମକଥା-ଗୋପବନ୍ଧୁ ଦାସ)

"ହାୟ ଲୋ ଉତ୍କଳ ଭୂମି ! ପ୍ରକୃତି-ସୁନ୍ଦରୀ;
ମନ୍ଦାକିନୀ ସମ ନଦୀ, ଶିବ ସମ ଗିରି
କାନନେ, କେଦାରେ ଲକ୍ଷ ଶୋଭାର ବହର
ଥାଉଁ ତୋର କହ କିପାଁ ଏତେ ହତଶିରୀ ?

('ମହାନଦୀରେ ଜ୍ୟୋତ୍ସ୍ନା ବିହାର', ମାୟାଧର ମାନସିଂହ)

କବି ଚିନ୍ତାମଣି ମହାନ୍ତିଙ୍କ ମେଘାସନ (୧୯୧୮), ମହେନ୍ଦ୍ର (୧୯୧୮), ନୀଳକଣ୍ଠ ଦାସଙ୍କ କୋଣାର୍କେ (୧୯୧୯), ଗୋପବନ୍ଧୁ ଦାସଙ୍କ ଧର୍ମପଦ (୧୯୨୪), ନନ୍ଦ କିଶୋର ବଳଙ୍କ ଜନ୍ମଭୂମି-୩ (୧୯୨୪), ମାୟାଧର ମାନସିଂହଙ୍କ କୋଣାର୍କ (୧୯୨୬), କୁନ୍ତଳା କୁମାରୀ ସାବତଙ୍କ ଓଡ଼ିଆଙ୍କ କାନ୍ଦଣା (୧୯୩୬), ଗଡ଼ଜାତ କୃଷକ (୧୯୩୯), ରାଧାମୋହନଙ୍କ ଗଡ଼ନାୟକଙ୍କ ଉତ୍କଳିକା (୧୯୪୫) ପର୍ଯ୍ୟନ୍ତ 'ଓଡ଼ିଆ ଅସ୍ମିତା'ର ଏକ ବୃହତ୍ତର କାବ୍ୟବଳୟକୁ ପାଠକ ଲକ୍ଷ୍ୟ କରିପାରିବ । ଓଡ଼ିଶା ଓ ଓଡ଼ିଆଙ୍କୁ ଭଲପାଇବା ଓ ସେମାନଙ୍କର ସମସ୍ୟାଗୁଡ଼ିକୁ ନେଇ କବିତା ରଚନାର ଏହା ହିଁ ସ୍ୱର୍ଣ୍ଣକାଳ । ଓଡ଼ିଆ କବିତାରୁ ଓଡ଼ିଆତ୍ୱ ସଂଧାନର ଏହା ହିଁ ସର୍ବଶ୍ରେଷ୍ଠ ନିର୍ମଳ କାବ୍ୟ ସରୋବର । ସାହିତ୍ୟ ମାଧ୍ୟମରେ କିପରି ଗୋଟିଏ ଜାତିର ପୁନର୍ନିର୍ମାଣ ହୋଇପାରେ ଏ ସମୟର କବିତା (୧୯୦୩-୩୬-୪୫) ତା'ର ସର୍ବଶ୍ରେଷ୍ଠ ଉଦାହରଣ । ଏ କବିତାରେ ମଧୁସୂଦନ ଦାସଙ୍କ ପ୍ରଚଣ୍ଡ ପୌରୁଷ + ଗୋପବନ୍ଧୁ ଦାସଙ୍କ ଲୁହ + ନୀଳକଣ୍ଠଙ୍କ ଅତୀତକୁ ମନ୍ଥନ + ଗୋଦାବରୀଶ ମିଶ୍ରଙ୍କ ବାଉଁଶକୁ ବଂଶୀ କରିବାର ସାମର୍ଥ୍ୟ + ମାନସିଂହଙ୍କ ବାରବାଟୀ ଧୂଳିରୁ ଧ୍ରୁପଦ ଜାତୀୟତାର ବାସ୍ନା + କୁନ୍ତଳା କୁମାରୀଙ୍କ ବାତ୍ସଲ୍ୟ + ଗଡ଼ନାୟକଙ୍କ ଐତିହ୍ୟ ଦୃଷ୍ଟି ମିଳେ । ଆଧୁନିକ ଓଡ଼ିଆ କାବ୍ୟଧାରାର ଶହେ ଚାଳିଶି ବର୍ଷରୁ ବେଶୀ (୧୮୮୦-୧୯୮୦-୨୦୨୨) କାବ୍ୟ ପ୍ରବାହରେ ଆଲୋଚ୍ୟ କାଳଖଣ୍ଡରେ ଓଡ଼ିଆ ଜାତୀୟତାର ଅମୃତ ଅକ୍ଷର ଭାବରେ ଅମ୍ଳାନ ରହିବ ।

## ଗୋଲାପ ପାଖୁଡ଼ାରେ ରକ୍ତବୁନ୍ଦା: କିଛି ସ୍ୱପ୍ନ କିଛି ଦ୍ରୋହର କବିତା

ଓଡ଼ିଆ କାବ୍ୟଧାରାରେ ୧୯୩୦ ମସିହାର ପୂର୍ବାପର ସମୟର କିଛି ତରୁଣ ଜିଜ୍ଞାସୁ ବିଦ୍ୟାର୍ଥୀଙ୍କ ନୂତନ ଦୃଷ୍ଟିକୋଣ ଯୋଗୁଁ ଓଡ଼ିଆ କବିତାରେ ଯୌବନର ପ୍ରବାହ ଆରମ୍ଭ ହେଲା । ତଥାକଥିତ ରକ୍ଷଣଶୀଳ ବ୍ୟବସ୍ଥା ବାହାରେ ଜୀବନର ଜୟଗାନ କରିବା ପାଇଁ ଏମାନେ ପ୍ରସ୍ତୁତ ହେଲେ । ଅନ୍ନଦାଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଶରତ ଚନ୍ଦ୍ର ମୁଖାର୍ଜୀ ଓ ହରିହର ମହାପାତ୍ର (ଅବକାଶହ)ଙ୍କ ସମୟରେ ଓଡ଼ିଆ କବିତାରେ ସବୁଜ ପଞ୍ଚସଖାଙ୍କର କବିତାକୃତି ପାଠକୀୟ ଆଲୋଡ଼ନ ସୃଷ୍ଟି କଲା । କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ 'ସବୁଜ ବନ୍ଧୁ ପ୍ରତି' କବିତା ଥିଲା ଏହି ନୂତନ କାବ୍ୟଚେଦତନାର ମୂଳଦୁଆ ।

"ନବୀନ ତୁହି, ତରୁଣ ତୁହି
ଆଲୋକ ତୋର ସାଥୀ,
ଦୁର୍ଦ୍ଦିନେ ଥରେ ବିଜୟୋଲ୍ଲାସେ
ଉଠିବୁ କିରେ ମାତି !
ସକଳ ଜୀର୍ଣ୍ଣ ସକଳ ଜରା କାହିଁକି ଚାହୁଁ ପଛେ
ଅର୍ଦ୍ଧମୃତ କେବେ କି କାହିଁ
ସବୁଜ ସୃଷ୍ଟି ରଚେ ?" **(ଉତ୍କଳ ସାହିତ୍ୟ, ଆଷାଢ଼-୧୯୩୨ ସାଲ)**

କବି ବୈକୁଣ୍ଠନାଥ ସବୁଜ ବନ୍ଧୁମାନଙ୍କ ପ୍ରତି (ଅବକାଶହ) ଯେଉଁ କାବ୍ୟ ଖସଡ଼ା ପ୍ରସ୍ତୁତ କରିଛନ୍ତି, ସେହି ମାର୍ଗକୁ ବନ୍ଧୁମାନେ ଅନୁସରଣ କରିଛନ୍ତି । ଓଡ଼ିଆ ସାହିତ୍ୟର ଇତିହାସକାର ମାନେ 'ସବୁଜଚେତନା'ବଦଳରେ 'ସବୁଜ ଯୁଗ' ଘୋଷଣା କରି ଏହି ଚେତନାକୁ କଦର୍ଥ କରିଛନ୍ତି । ପୁନଶ୍ଚ ଏହି ନବୀନ କବି ଗୋଷ୍ଠୀଙ୍କୁ 'ପଳାୟନପନ୍ଥୀ' ଓ 'ପଦ୍ମଭୁକ୍' ବୋଲି କବି ସଚ୍ଚିଦାନନ୍ଦ ରାଉତରାୟ ଗାଳି ଦେଇଛନ୍ତି । ପ୍ରକୃତରେ ସବୁଜ ଚେତନା ପଳାୟନ କି ପ୍ରଶ୍ରୟ ଚେତନା ନୁହେଁ । ଏହା ଏକ ନବ୍ୟ ନିର୍ମାଣବାଦୀ ଚିନ୍ତାଧାରା । ପ୍ରେମିକା ନୁହେଁ ସମାଜ ବ୍ୟବସ୍ଥାକୁ ପରିବର୍ତ୍ତନ କରିବାର ଆହ୍ୱାନ ଏଥିରେ ତୀବ୍ର । ଯାହା ଅତୀତ, ଅବକ୍ଷୟମୁଖୀ ତାକୁ ଗୁରୁତ୍ୱ ନଦେଇ ଆଗକୁ ବଢ଼ିବାର ଆହ୍ୱାନ । ଅତୀତକୁ ଭାଙ୍ଗି ଆଗକୁ ବଢ଼ିବାର ଆହ୍ୱାନ କବି ଅନ୍ନଦାଶଙ୍କରଙ୍କ 'ସୃଜନସ୍ୱପ୍ନ', କାଳିନ୍ଦୀ ଚରଣଙ୍କ 'ପୁରୀ ମନ୍ଦିର' କବିତା ଏହାର ଉଦାହରଣ । ଓଡ଼ିଆ କାବ୍ୟଧାରାରେ ସବୁଜ କେବଳ ଏକ ଉନ୍ମାଦନା ନୁହେଁ- ଏକ ଚେତନା । ପ୍ରେମିକା ଓ ଯୌବନକୁ ସଖୀ କରି ନୂଆ ସର୍ଜନା ଓ ନିରାଜନା କରିବାର ଯୁବାବେଳା ।

କମ୍ରେଡ୍ ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ନବଯୁଗ ସାହିତ୍ୟ ସଂସଦ'(୧୯୩୫) ଓଡ଼ିଆ କାବ୍ୟଧାରାରେ ପୁଣି ଗୋଟାଏ ମୋଡ଼ବୁଲାଣି ସୃଷ୍ଟି କରିଛି । ଓଡ଼ିଆ କବିତାରେ ୧୯୨୦-୪୭ ଜାତୀୟ ବାଦୀ ଚେତନା (ସ୍ୱରାଜ୍ୟସ୍ୱର)ର ପ୍ରକାଶ ଘଟୁଥିବା ବେଳେ ପ୍ରଗତିଶୀଳ ଚେତନାର ପ୍ରଚଣ୍ଡ ପ୍ରବାହ ଯୋଗୁଁ ଏ ସ୍ୱର ମଧ୍ୟ ଫିକା ପଡ଼ିଯାଇଛି । ଅତଏବ ୧୯୨୦-୪୭ ଏହି ସତେଇଶି ବର୍ଷର କାଳଖଣ୍ଡରେ ସତ୍ୟବାଦୀ ଚେତନା (ଉତ୍କଳୀୟତାବୋଧ) (୧) ସବୁଜ ଚେତନା (୨) ଜାତୀୟବାଦୀ ଚେତନା (୩) ପ୍ରଗତିଶୀଳ ଚେତନା (୪)ର ପ୍ରବାହ ଓଡ଼ିଆ କାବ୍ୟଧାରାରେ ଲକ୍ଷ୍ୟ କରାଯାଇ ପାରିବ । ସାମ୍ୟବାଦ ଆଦର୍ଶ ପ୍ରେରିତ ବାମମାର୍ଗର ସାହିତ୍ୟ ୧୯୩୫-୪୭ ବାରବର୍ଷର କାଳଖଣ୍ଡରେ ଦେଖାଯାଏ । ସର୍ବହରା, ବଂଚିତ, ମୂଲିଆ, ଦଳିତ ଓ ଭୂମିହୀନ ମଣିଷକୁ ସାମାଜିକ ନ୍ୟାୟ ପ୍ରଦାନ ସହ ରାଜନୀତିକ ଭାଗିଦାରୀ ପ୍ରଦାନ କରିବା ଏହି ଚେତନାର ଲକ୍ଷ୍ୟ । ଏହି କାବ୍ୟଚେତନାର ପ୍ରୟୋଗାତ୍ମକ କାବ୍ୟ ନାୟକ 'ବାଜିରାଉତ' । ସତ୍ୟବାଦୀର 'ଧର୍ମପଦ' ପ୍ରଗତିବାଦୀର 'ବାଜିରାଉତ'ରେ ବଦଳି ଯାଇଛି । ଖଣ୍ଡିଏ ରୁଟି ପାଇଁ ଆରମ୍ଭ ହୋଇଛି ଶ୍ରେଣୀ ସଂଘର୍ଷ । ଗୋଲାପ ପାଖୁଡ଼ାରେ ଲାଗିଛି ରକ୍ତବୁନ୍ଦା ।

"ଦୈନ୍ୟ, ଯାତନା ଅଭାବେ ଡାକୁଛୁଁ- ଅଛ ଯଦି ଭଗବାନ
ଦୁନିଆର ଏହି ଜୀଅନ୍ତା ନରକୁ କର ବେଗେ ପରିତ୍ରାଣ,
ଲୋଡ଼ୁନା ମୋକ୍ଷ ଚିର
ମାଗୁଁ ଅଛୁଁ ଖାଲି ବକତେ ରୁଟି, ନୋହିଲେ ମୃତ୍ୟୁବର ।"

**(ରୁଟି: ଅଭିଯାନ/ ସଚ୍ଚିଦାନନ୍ଦ ରାଉତରାୟ)**

କବି ଅନନ୍ତ ପଟ୍ଟନାୟକ, ରଘୁନାଥ ଦାସ ଓ ମନମୋହନ ମିଶ୍ରଙ୍କ କବିତାରେ ସାମ୍ୟବାଦୀ ଚିନ୍ତନ ଶିଖର ସ୍ପର୍ଶ କଲା । ମହାତ୍ମାଗାନ୍ଧୀ କର୍ତ୍ତୃକ ଅହିଂସା ମାର୍ଗୀ ଜନ ଆନ୍ଦୋଳନର ପ୍ରଚଣ୍ଡ କାଳରେ ଏସବୁ ବାମମାର୍ଗୀ କବିତା ନିଜର ମାନବବାଦୀ ଉଚ୍ଚାରଣ, ମୌଳିକ ସମସ୍ୟା ଗୁଡ଼ିକର ଉନ୍ମୋଚନ ଓ ସାଙ୍ଗୀତିକ ଗାନ ଧର୍ମୀ ଆଧାର ପାଇଁ ଖୁବ୍ ପ୍ରତିଷ୍ଠା ପାଇଛି ।

## କୁହୁଳା ଭୂଇଁର କବିତା

ଦେଶ ସ୍ୱାଧୀନ ହେବା ପରେ ସାହିତ୍ୟ ସର୍ଜନା କ୍ଷେତ୍ରରେ ଆସିଛି ବ୍ୟାପକ ପରିବର୍ତ୍ତନ । ପୂର୍ବର କାବ୍ୟ ପ୍ରକରଣ ଗୁଡ଼ିକ ସ୍ୱାଧୀନତା ସହ ଅକାମି ହୋଇ ଯାଇଛି । କବି ଏବେ ମୁକ୍ତ । ସ୍ୱରାଜ୍ୟ-ପ୍ରଗତିଶୀଳ କବିତା ରଚନା ନକରି ଏବେ ସେ ନିଜ କୈନ୍ଦ୍ରିକ କବିତା ରଚନାରେ ମଗ୍ନ । ସ୍ୱାଧୀନତାର ସନ୍ଧିକାଳର ଦଙ୍ଗା, ଅବିଶ୍ୱାସ, ଯୁଦ୍ଧ, ପରମାଣୁ ବୋମାର ଆତଙ୍କ ଓଡ଼ିଆ କବିଙ୍କୁ ଇଲିଅଟଙ୍କ 'ୱେଷ୍ଟଲ୍ୟାଣ୍ଡ' ପାଖକୁ ନେଇ ଯାଇଛି । ଗୋଟାଏ ନକାରାତ୍ମକ ମାନସିକତା ଜୀବନକୁ ନେଇ କବିତାରେ ପ୍ରବେଶ କରିଛି । ବଂଚିବା ଅର୍ଥ ନିଜ ସ୍ଥିତି ଜାହିର କରିବା । ବଂଚିବା ଅର୍ଥ ଜୀବନକୁ ଉପଭୋଗ କରିବା । ଏପରି ଏକ ସ୍ଥିତିବାଦୀ ମାନସିକତା ଓଡ଼ିଆ କବିତା ଭିତରକୁ ପଶି ଆସିଛି । କବିତାର ମୁଖ୍ୟ ପ୍ରସଙ୍ଗ ହୋଇଛି 'ଦେହ' । ଦେହକୁ ନେଇ 'ଉପଭୋଗ' । ଏହି ଉପଭୋଗର ମାର୍ଗଟି 'ପରକୀୟା' । ଭାରତୀୟ ପରମ୍ପରାରେ ବିଦେଶୀ ଯୌନ ବ୍ୟାବହାରିକତା ପ୍ରତ୍ୟକ୍ଷ ପ୍ରକାଶ ପାଇପାରିବ ନାହିଁ, ପଇତା ପକାଇ ପାପ କରିବା ସହଜ କଥା ନୁହେଁ । ଅତଏବ ପରକୀୟାରୁ ପାପବୋଧ । ପାପବୋଧରୁ ନିଃସଙ୍ଗତା, ନିଃସଙ୍ଗତାରୁ ଛିନ୍ନମୂଳ ଭାବନା । ଅସହାୟତାବୋଧ ଓ ଈଶ୍ୱରହୀନ ଅନୁଭବ । ପୁଣି ଏଥିରୁ ମୃତ୍ୟୁବୋଧ ଓ ମୁକ୍ତି ବ୍ୟାକୁଳତାର ପ୍ରୟାସ । ସ୍ୱାଧୀନତା ପରବର୍ତ୍ତୀ ତେତିଶି ବର୍ଷର (୧୯୪୭-୧୯୮୦) ଓଡ଼ିଆ କବିତା ଏପରି ଦେହ ଦେଉଳର ଅଭିମନ୍ୟୁ । ସେ ପଶିଯାଏ ପ୍ରଚଣ୍ଡ ଉପଭୋଗୀ ହୋଇ ଫେରେ ଯୋଗୀ ହୋଇ । ସତରେ କ'ଣ ସେ ଫେରେ ? ଏ ପୋଡ଼ା ମୁହଁ କାହାକୁ ଦେଖାଇବ ? କ'ଣ

କହିବ ସେ ନିଜ ସ୍ତ୍ରୀକୁ । ଚଉଦ ପୁରୁଷର ବ୍ରାହ୍ମଣ ଶାସନୀ ମଣିଷ ସେ । ପାପବୋଧର ଭଉଁରୀ ଭିତରେ ଅହରହ ଆତ୍ମହତ୍ୟା କରୁଥିବା ମଣିଷର ଦୀର୍ଘଶ୍ୱାସ ଏସବୁ କବିତା । ପ୍ରତୀକ, ମିଥ୍, ଚିତ୍ରକଳ୍ପର ଅଳଙ୍କାର ପିନ୍ଧି ନିଜ ଅର୍ନ୍ତଆବେଗକୁ ପ୍ରକାଶିଲା ଜଟିଳ ଗଦ୍ୟ କବିତାରେ । ଅନ୍ଧମହୁମାଛି ସାଜି ମହୁଚୋଷିଲା ଖୁବ୍ । ମୃତ୍ୟୁର ସପ୍ତମ ଋତୁ ପାଖରେ ସମର୍ପି ଦେଲା ନିଜକୁ । କୂଳରେ ଆଉ କିଛି ନାହିଁ ବୋଲି ଡେଇଁ ପଡ଼ିଲା ନଈକୁ । ଅନେକକୋଠରୀ ବନ୍ଦ ହୋଇଗଲା ପରେ ସେ ବାହାରିଲା ସନ୍ଦିଗ୍ଧ ମୃଗୟାରେ । ପିଙ୍ଗଳା ପରି ମନ ଆମର ମୁକ୍ତି ପାଇଁ ସମୁଦ୍ରସ୍ନାନ କଲା । କୂଳରେ ଅରଣା ମଇଁଷିର ଆତଙ୍କ । ମନ୍ଦିରର କବାଟ ସବୁ ବନ୍ଦ୍ । କୁଆଡ଼େ ଯିବ ଆଧୁନିକ ମଣିଷ । ପ୍ରତିମା, ମିନତୀ, ମିରା, ରମୁ, ବୋଷବାବୁ, ମାଷ୍ଟ୍ରାଣୀ, ପ୍ରତିମା, ଅଳକା ସାନ୍ୟାଲମାନେ ଯିବେ କୁଆଡ଼େ ? ଦିଗ୍‌ବଳୟକୁ ମୁହଁ କରି ମହାପ୍ରୁଙ୍କୁ ଡାକିଲେ ବି ମିଳେନା ମୁକ୍ତି ।

"ହେ ଅକ୍ରୁର ହେ ଉଦ୍ଧବ ସଖା ମୋର ପ୍ରାଣର ଦୋସର
ରୁହ ରୁହ ଛିଡ଼ା ରୁହ ପିଠିରେ ମୋ ତୁମ ପରି ବୋଝ
ମୁଁ ଯିବି ତୁମରି ପରି ତାରା ଖୋଜି, ଜହ୍ନ ଖୋଜି
ଖୋଜି ଖୋଜି ଝରଣାର ସୁଅ
ମୁଁ ଯିବି ତୁମରି ପରି ଖୋଜି ମୋର ପିତାମାତା
ନିର୍ମୂଳି ନଟାରେ ଖୋଜି ଅରୁନ୍ଧତୀ ତାରାର ଆଲୁଅ ।"

**(କାଳପୁରୁଷ/ ସମୁଦ୍ରସ୍ନାନ / ଗୁରୁପ୍ରସାଦ ମହାନ୍ତି)**

ଏ ମଣିଷଙ୍କର ମୁକ୍ତି ନାହିଁ । ଏ ମଣିଷ ଉପଭୋଗୀ ମଣିଷ । ନିଃସଙ୍ଗ ମଣିଷ- ଏକ୍ଲା ମଣିଷ- ମଂଚମଣିଷ- ମାୟାମଣିଷ- ମୁଖାମଣିଷ- ସିଂହାସନୀ ମଣିଷ- ଫମ୍ପା ମଣିଷ- ଶଙ୍କରୀ ମଣିଷ । ଭୋଗୀ ଭୋଗୀ ଏ ବୈରାଗୀ ହୋଇଛି । ନଈ ଆରପାରିର ମହୁ ପିଇଛି ଅନ୍ଧମହୁମାଛି ସାଜି । ଏବେ ଅରଣା ମଇଁଷିକୁ ତାର ଡର । ଏ କେବଳ ଛାନିଆ ହୋଇ ମୃତ୍ୟୁ ଭୟରେ ଡାକେ ଈଶ୍ୱରଙ୍କୁ । ସେ' ଜାଣେ ତା' ପାଇଁ ଈଶ୍ୱର ନାହାଁନ୍ତି । ପ୍ରୟୋଗବାଦୀ ଓଡ଼ିଆ କବିତାରେ ମାଳ ମାଳ ଦୁଃଖ । ପୁଳା ପୁଳା ପ୍ରତାରଣା । ଏଠି ଆକାଶରେ ଜହ୍ନ ନାହିଁ । ନୂଆବୋହୂର ବୈଧବ୍ୟ ବୈରାଗ୍ୟ, ମନ ତଳେ ଭିଡ଼ିମୋଡ଼ି ହୁଏ କାମନାର ପ୍ରଜାପତି । ଅଥଚ ମଣିକର୍ଣ୍ଣିକା ଘାଟରେ ସେ ପିତୃପକ୍ଷ ତର୍ପଣରେ ବ୍ୟସ୍ତ । ବିଦେଶୀ ମାନସିକତାରେ ଭରପୁର ଏସବୁ କବିତା ଓଡ଼ିଆ ସାହିତ୍ୟରେ ଦାସ, ମିଶ୍ର, ମହାପାତ୍ର, ରଥ, ପଣ୍ଡା ଆଦି ବଳିଷ୍ଠ ଉଚ୍ଚଜାତିଆ ଓ ଆୟକାରୀ ଗୋଷ୍ଠୀ ଦ୍ୱାରା ପରୀକ୍ଷାଗାରରେ ପରିଣତ ହୋଇଛି । ସାଧାରଣ ମଣିଷ କବିତାରେ କାହିଁ ଯେ ?

## ପାପବୋଧର ବନ୍ଦୀଶାଳାରୁ ମୁହଁ ଦିଶିଲା ଅଶିଣ ଜହ୍ନର

ପ୍ରୟୋଗବାଦୀ କାବ୍ୟ କାରାଗାରୁ ଓଡ଼ିଆ କବିତା ମୁକ୍ତ ହେଲା ୧୯୮୧ ମସିହାରେ । ଓଡ଼ିଆ କବିତାକୁ ୧୯୭୫-୭୬ର ପୂର୍ବାପର ସମୟରେ ଆସିଥିବା ତରୁଣ କବିମଣ୍ଡଳୀ ପୂର୍ବର ଭୋଗବାଦୀ ମାୟିକ ବୈରାଗ୍ୟ ପାଖରୁ ଓଡ଼ିଆ କବିତାକୁ ଧୂଳିଦାଣ୍ଡକୁ ନେଇ ଆସିଲେ । ଓଡ଼ିଆ ଯୁବଲେଖକ ସମ୍ମିଳନୀ, ପୁରୀର ଅନାମ ଆନ୍ଦୋଳନ ଓ ନବ୍ୟ ପ୍ରଗତିଶୀଳ ଅବଧୂତ ଗୋଷ୍ଠୀଙ୍କ ପ୍ରଭାବରେ କବିତାକୁ ଓଡ଼ିଶା ଫେରି ଆସିଲା । ଥରେ କବିତା କବରୀରୁ ଜରି ପୋଷାକ ଖସିଗଲା ପରେ ତୃଣମୂଳ ଓଡ଼ିଆଙ୍କ ମୁହଁ ଦିଶିଲା । ଧାନକ୍ଷେତ, ଧାନକଟା, ଚଷାଘର କଥା କବିତା କହିଲା । ଟ୍ରକ୍ ଡାଲାରେ ବସି ଯାଇଥିବା 'ସନାତନ' ହେଲା କବିତାର ନାୟକ । 'ଚଣ୍ଡାଳ' ମଶାଣି ଭୂଇଁ ଛାଡ଼ି ନିଜ ଦୁଃଖ କହିଲା କବିତାରେ । 'ଧାନସାଉଁଟା ଝିଅ' ହେଲା କବ୍ୟ ନାୟିକା । ଦେହ ଦାହର ହାତଗଣ୍ଠି ଖୋଲି ନିବିଡ଼ ଲୋଡ଼ିବାପଣର କଥା କହିଲା 'ଶ୍ରୀରାଧା' । ସବୁ ପାଇବା ଗୋଟାଏ ଚମତ୍କାର ହରେଇବା । ପ୍ରେମର ଅର୍ଥ ହରେଇବା-ହରେଇବା ଓ ହରେଇ ଈଶ୍ୱରୀ ହୋଇଯିବା । ଏହା ଘୋଷଣା କଲା 'ଶବରୀ' । ଧାନସାଉଁଟା ଝିଅ-ଶ୍ରୀରାଧା-ଶବରୀ-ଚଣ୍ଡାଳ-ଟ୍ରକଡାଲାରେ ସନାତନ-ମନିକାର ପ୍ରିୟମାନଙ୍କ ହାତ ଧରି ଏ କବିତା ଯାତ୍ରା କଲା ଆଧୁନିକତାର ପୃଷ୍ଠା ଚିରି ଉତ୍ତର ଆଧୁନିକତାର ନବ ଦିଗନ୍ତ ଆଡକୁ । ନହେଲେ ଶ୍ରୀରାଧା କହିଥାନ୍ତେ:

"ମୁଁ ସର୍ବଦା କାଙ୍ଗାଳୁଣୀ, ଅନ୍ତରୀକ୍ଷ ଯାଏଁ
ପ୍ରସାରିତ ମୋର ଦୁଇ ସୀମାହୀନ ବାହୁଙ୍କ ଭିତରେ
ମୁଁ ଉଦ୍‌ଗ୍ରୀବ ଶୂନ୍ୟସ୍ଥାନଟିଏ
ଖାଲି ଶୂନ୍ୟସ୍ଥାନଟିଏ ହୋଇ ରହିଯିବା
କାହା କାହା କପାଳେ ତ ଥାଏ ।" **(ଶ୍ରୀରାଧା/ ରାଧାକାନ୍ତ ରଥ)**

ତୃଣମୂଳ ଓଡ଼ିଆ 'ସନାତନ' ହେଲା କାବ୍ୟ ନାୟକ । ନ'ଅଙ୍କ ଦୁର୍ଭିକ୍ଷରୁ ଓଡ଼ିଆମାନଙ୍କର ଯେଉଁ ଦାଦନଯାତ୍ରା ଆରମ୍ଭ ହୋଇଥିଲା ସନାତନ ତାର ପରମ୍ପରାଗତ ଦାୟାଦ । କବିତା ଦୁଃଖ, ନିର୍ଯ୍ୟାତନା, ଜଠର ଯନ୍ତ୍ରଣାର କଥା କହିଲା । କବିତା କହିଲା ବିଭୋର ଗାଆଁ, ପିଲାଦିନ ଓ କଇଁଫୁଲର କଥା । କବିତାକୁ ଉଡ଼ି ଆସିଲେ ହଳଦୀବସନ୍ତ । ମାଣ ଖଟୁଲୀ ପରି ବୋଉ ବାସିଲା କବିତାରେ । ତଥାପି ଓଡ଼ିଆରେ ପେଟ ପୁରିଲା ନାହିଁ । ସେ ମୂଲ ମାଗିବାକୁ ଗଲା- ଗଲା ପାହାଡ଼ ତାଡ଼ିବାକୁ ।

"ଟ୍ରକ୍ ଡାଲାରେ ବସି
କୁଆଡ଼େ ଯାଉଛୁରେ ସନାତନ ?
ଥେରୁଭାଲି ନା ଦାମନଯୋଡ଼ି ?
ଯୁଆଡ଼େ ଯା ସବୁଠି ପାହାଡ଼
ସବୁଠି ପାହାଡ଼ ଭାଙ୍ଗି କରିବାକୁ ହେବ ଧୂଳି ।"

**(ଟ୍ରକ୍‌ଡାଲାରେ ସନାତନ/ ପ୍ରସନ୍ନ କୁମାର ମିଶ୍ର)**

ଏତେସବୁ ଅଭାବବୋଧ ଭିତରେ ବଞ୍ଚି ରହିବାର ବାର୍ତ୍ତା ଦିଏ ଉତ୍ତର ଆଧୁନିକ କାବ୍ୟଚେତନା । ଯେଉଁସବୁ ପ୍ରସଙ୍ଗ ଓ ଚରିତ୍ରଗୁଡ଼ିକୁ ଆଧୁନିକତା ଉପେକ୍ଷା କରିଥିଲା, ଉତ୍ତର ଆଧୁନିକ ଚେତନା ସେସବୁକୁ କେନ୍ଦ୍ରରେ ରଖି କବିତା ରଚନା କରେ । ଧାନ ସାଉଁଟୁଥିବା ଝିଅର ସକଳ ସଙ୍କଟ ସତ୍ତ୍ୱେ ସେ କିପରି ଧାନସୁନ୍ଦରୀ ପାଲଟି ଯାଏ ଲକ୍ଷ୍ୟ କରନ୍ତୁ ।

"ଧାନ ସାଉଁଟୁଥିବା ଝିଅର ଆଖିକୁ
କଜଳ କ'ଣ ଲୋଡ଼ା ଯେ
କଜଳ ମାଖିଲେ ଧାନକ୍ଷେତରେ
ତମାଳ-ରଂଗ ଚହଟିଯିବ ।
ଧାନ ସାଉଁଟୁଥିବା ଝିଅର ପାହୁଲକୁ
ପାଉଁଜି କ'ଣ ଲୋଡ଼ା ଯେ,
ପାଉଁଜି ପିନ୍ଧିଲେ ବୁଢ଼ା କ୍ଷେତୁଆଳଟି
ଲୁହରେ ବତୁରିଯିବ ।" **(ଧାନ ସାଉଁଟା ଝିଅ/ ହୃଷିକେଶ ମଲ୍ଲିକ)**

୧୯୮୧-୨୦୦୦ମସିହାର କବିତା ବଞ୍ଚିବା ଶିଖାଏ । ବିପର୍ଯ୍ୟୟ ଭିତରୁ ବିକଶିତ ହେବାର ମନ୍ତ୍ର ଗାଏ । କବିତାରେ ପାପବୋଧର ବନ୍ଦୀଶାଳା ଭାଙ୍ଗି ଅଶିଣ ଆକାଶରେ ଜହ୍ନ ଉଇଁଲା । ନଈ ହେଲା ସ୍ରୋତସ୍ୱତୀ । ନାରୀ ହେଲା ସ୍ୱୟଂସିଦ୍ଧା । ପ୍ରେମ ହେଲା ଚିରନ୍ତନ ଲୋଡ଼ିବାପଣର ଅକ୍ଷର । ଧାନ କଟାଳୀର ଧୂନ୍‌ରେ କବିତା ଛନ୍ଦାୟିତ ହେଲା । ଓଡ଼ିଆଙ୍କ ଲୁହ ମୁହଁ କବିତା ଭିତରୁ ଦିଶିଲା । ଏସବୁ କବିତା ଓଡ଼ିଆ, ଓଡ଼ିଆ ଲାଗିଲା । 'ପକ୍ଷୀଫେରାର- ଝର୍କା ବାହାରେ-କପଟ ପାଶା-ଶ୍ରୀରାଧ-ଶବରୀ-ଯଯାତି-କାହ୍ନୁ-ଶକୁନ୍ତଳା-ଅନୁଭାରତ-ଟ୍ରକଡାଲାରେ ସନାତନ-ଷଷ୍ଠ ମହଲାର ସ୍ତ୍ରୀଲୋକ-ପଦ୍ମପାଲିଙ୍କି-ଶୈଳକଳ୍ପ-ଭୋର ଆକାଶ-ବିଲୁପ୍ତ ସାମ୍ରାଜ୍ୟ- 'ଥରେ ଖାଲି ଡାକିଦେଲେ' ଆଦି କବିତା ଗ୍ରନ୍ଥ ଗୁଡ଼ିକ ପ୍ରୟୋଗବାଦୀ ପଶ୍ଚିମ ମାନସିକତାରୁ ଓଡ଼ିଆ କବିତାକୁ ମୁକ୍ତ କଲେ । ଓଡ଼ିଆ କବିତା ଜହ୍ନିଫୁଲ ପାଖରୁ ଜେରୁଜେଲମ୍ ପର୍ଯ୍ୟନ୍ତ ଲମ୍ବିଗଲା । ଓଡ଼ିଆ କାବ୍ୟଧାରାର ବିଶାଳ ବ୍ୟାପ୍ତି ଏହି ସମୟରେ ଲକ୍ଷ୍ୟ କରାଯାଇପାରିବ ।

## ଜଗତୀକରଣର ଝର୍କା ଦେଇ ଦିଶିଲା ଏକବିଂଶ ଶତାବ୍ଦୀ କବିତାର ମୁହଁ

ଓଡ଼ିଆ କାବ୍ୟଧାରାରେ ପୁଣି ଏକ ପରିବର୍ତ୍ତନର ସୂତ୍ରପାତ ହୁଏ ଜଗତୀକରଣ (୧୯୯୧) ଦ୍ୱାରା । ଜଗତୀକରଣର ଦଶ ବର୍ଷ ପରେ ଏକବିଂଶ ଶତାବ୍ଦୀରେ ଓଡ଼ିଶାର ଜୀବନଧାରା କିଛି ପରିବର୍ତ୍ତନକୁ ସାମ୍ନା କରେ । ଏ ପରିବର୍ତ୍ତନ ନିଜ କୌଳିକ ଜୀବନ ଧାରାର ଅବକ୍ଷୟ ଓ ଏକ ନୂତନ ବଜାରବାଦ ବ୍ୟବସ୍ଥାର ବିକାଶ ପ୍ରକ୍ରିୟା ଯୋଗୁଁ ସଂଘଟିତ ହେଲା । ଉପଭୋକ୍ତା ଗାଆଁରୁ ସହର ଯାଏଁ ପସରା ମେଲିଲା । ଧାନସଂସ୍କୃତି, ଜାଗାରେ 'ବଜାର ସଂସ୍କୃତି'ର ଅନୁପ୍ରବେଶ ଘଟିଲା । ବଣ, ଖଣି, ପାଣି ଓ ମାନବସମ୍ବଳ ଲୁଟି ବହୁରାଷ୍ଟ୍ରୀୟ କମ୍ପାନୀ ଶିଳ୍ପ ପ୍ରତିଷ୍ଠା କଲେ । ବଂଶାନୁଧାରାରେ ବିଶ୍ୱାସ ପାଲଟିଥିବା ପାହାଡ଼-ଡଙ୍ଗରୁ ଜନଜାତି ମଣିଷ ବିସ୍ଥାପିତ ହେବାକୁ ଲାଗିଲା । ମହାନଦୀର ଛାତି ଶୁଖିଗଲା । ନିୟମଗିରି ଚଡ଼ା ହେଲା । କଳିଙ୍ଗନଗରରେ ପାପୁଲି କଟା ହେଲା । କାଶୀପୁରରେ ଅନାହାର ମୃତ୍ୟୁ ବଢ଼ି ଚାଲିଲା । ସରକାର କ୍ରମଶଃ ପାଲଟିଗଲେ ସାହୁକାର । ତୃଣମୂଳ ମଣିଷ ପାଖରେ ବ୍ୟବସ୍ଥା ପହଞ୍ଚି ପାରିଲା ନାହିଁ । ଦାଦନ, ବିସ୍ଥାପନର ନୂଆ ସମୟ ଆସିଲା । ଗାଆଁ ହାଟ ବଦଳରେ ମଲ୍ ଆସିଲା । ଭାଗବତ ଟୁଙ୍ଗୀ ଜାଗାରେ ଠିଆ ହେଲା କ୍ଲବ୍ । ଚାଷୀପୁଅ ଆଳୁଚକଟା ନଖାଇ ଅଙ୍କଲ୍ ଚିପ୍ସ୍ ଖାଇଲା । ଧାନଚାଷୀ ଆତ୍ମହତ୍ୟା କଲା । ବାସୁମତୀ ଚାଉଳର ବିକ୍ରି ବଢ଼ିଲା । ନଈରେ ପାଣି ନାହିଁ ଅଥଚ ସବୁ ଛକରେ କୋକାକୋଲା ବିକ୍ରି ବୃଦ୍ଧି ପାଇଲା । ନାରୀର ଲାବଣ୍ୟକୁ ଉପଭୋକ୍ତାବାଦୀ ବ୍ୟବସ୍ଥା ଶୋଷିବାରେ ଲାଗିଲା । ନାରୀ ବଜାରବାଦ ବ୍ୟବସ୍ଥାରେ ଚିୟର୍‌ଗାର୍ଲ, ବିୟର୍‌ଗାର୍ଲ, ହାଫ୍ ୱାଇଫ୍, ଲିଭ୍ ଇନ୍ ଟୁଗେଦର୍ ଓ ସମଲିଙ୍ଗୀରେ ବଦଳିଗଲା । ଲାବଣ୍ୟବତୀ ଦ୍ରବ୍ୟ ସଂସ୍କୃତିର ଲାଳସାରେ ନିଜକୁ ବିକିଲା । ଏ ଖରିଦି ଓ ବିକ୍ରି କାଳରେ କବିତାର ମୁହଁ ମଧ୍ୟ ବଦଳିଗଲା । କବିତା କାନ୍ଦିଲା ଚାଷୀ ପାଇଁ- କ୍ଷେତ ପାଇଁ- ଝିଅ ପାଇଁ- ନଈ ପାଇଁ- ପକ୍ଷୀ ପାଇଁ- ପାହାଡ଼ ପାଇଁ । କବିତା ଠିଆ ହେଲା ମୃତ ଚାଷୀର ଶୋଭାଯାତ୍ରାରେ । କବିତା ଲୁହ ପୋଛିଲା ଧର୍ଷିତା ଝିଅର । ହତ୍ୟା କରାଯାଇଥିବା ସବୁଜ ବୃକ୍ଷ ପାଇଁ କବିତା ଶୋକସଭା କଲା । କବିତା ବିଧବା ନଈର ଦୁଃଖରେ ଅନଶନରେ ବସିଲା ।

"ପାହାଡ଼ ଢଳାଣରେ ପୋଡୁ ନଚଷି
ବାପପୁଅ ତିନିହେଁ ଠିରିକା ମାଟି
ଚଷୁଛନ୍ତି ଗାଆଁ ମୁଣ୍ଡ ବିଲରେ
ଅଧ ଏକରର ବିଲ, ସେତିକି ଖଣ୍ଡ
ବଳଦ ଜାଗାରେ ଯୋଚା ହୋଇଛନ୍ତି
ହଳ ଲଙ୍ଗଳରେ ଯବାନ ଟୋକା ଦିଟା
ବାପ ଶୁକ୍ରଜାନି ଲଙ୍ଗଳ କଣ୍ଟି
ମୁଠେଇ ଧରିଛି ଗୋଟିଏ ଗୋଟିଏ
ସିଆରରେ ତିନିକି ତିନି ହେଁ ଚାଲିଛନ୍ତି ।"

(ଅମରାବତୀର ଶୁକ୍ରଜାନି/ପ୍ରତି ଅକ୍ଷରରେ ମୋର ପୁନର୍ଜନ୍ମ/ସୀତାକାନ୍ତ ମହାପାତ୍ର)

ଏକବିଂଶ ଶତାବ୍ଦୀର କବିତା ଏତେସବୁ ଦୁଃଖରେ ସରେନାହିଁ । ଫଟାକାନ୍ଥ ଭିତରୁ ସବୁଜ ବିଶ୍ୱାସଟିକକ ବାହାରି ଆସେ । ବଞ୍ଚି ରହିବାର ବୃହତ୍ତର ବିଶ୍ୱାସ ପାଖରେ ଦୁଃଖସବୁ ଛୋଟ ହୋଇଯାଏ ।

"ହେ ଦିଲ୍ଲୀପ ! ନଥାଉ ବିଲ ଓ ବିହନ
ଗାଁ ଭିତର ଖଣ୍ଡିଏ ଘର
ତଥାପି ବୋଉର କପାଳ ଲିଖନ କେନାରେ
କି ଆନନ୍ଦ ଦୃଶ୍ୟ-ଝୁଲୁଛି ଆଗାମୀ କାଲିର କାନଫୁଲ
ବାପାଙ୍କ ବିଶ୍ୱାସର ବସୁଧା ଉପରେ ଫୁଟୁଛି ଅସଂଖ୍ୟ ଧାନଫୁଲ
ଏତକରୁ ଏଇ ହାତ ବି ଅନ୍ତର ଆତ୍ମାର ଅମାର ଭିତରେ
ଭରେଇବ ସଂଘର୍ଷର ଅନ୍ତିମ ଅମଳ, ଅବଶ୍ୟ ଜାଣିବ ।"

(ହୋ ଦିଲୀପ ତ ! ଆମର ନାହିଁ ଧାନଫୁଲ କାନଫୁଲ/ ପୀତାମ୍ବର ତରାଇ)

କବି ଶ୍ରୀଦେବ ପାଖରୁ ସୂର୍ଯ୍ୟ ମିଶ୍ର, ରକ୍ଷକ ନାୟକ ପାଖରୁ ପୀତାମ୍ବର ତରେଇ, କବି ଅପର୍ଣ୍ଣା ମହାନ୍ତି ପାଖରୁ ସ୍ୱପ୍ନା ମିଶ୍ର ଯାଏଁ ଏକବିଂଶ ଶତାବ୍ଦୀର କବିତା ଡଙ୍କେଇବାରେ ବ୍ୟସ୍ତ । ଏ କବିତାର ଯାତ୍ରା ଶେଷ ହେବାର ନୁହେଁ । ଏକବିଂଶ ଶତାବ୍ଦୀର ଓଡ଼ିଆ କବିତା ଆମ ଲୁହ ଓ ଦ୍ରୋହର ଧ୍ରୁପଦ ଭୈରବ । ଆ'ରୁ ଆଶ୍ୱାସନା ଯାଏଁ ଏହାର ତୃପ୍ତି । ମା-ମାଟି ଏ କବିତାର ଆତ୍ମା । ଜଗତୀକରଣ ଯେତେ ଭାଙ୍ଗିଲେ ବି ଭଙ୍ଗା ସ୍ତୂପ ତଳୁ ସଭ୍ୟତା ଖୋଜିବାରେ ଏହା ମଗ୍ନ ।

## ଆଧୁନିକ ଓଡ଼ିଆ କବିତା : କ୍ଲାନ୍ତିହୀନ ଅସରନ୍ତି କ୍ରାନ୍ତି

ଓଡ଼ିଆ କବିତାର 'ଆଧୁନିକତା' ଏବେ ୧୪୦ବର୍ଷରୁ ବେଶୀ (୧୮୮୦-୨୦୨୨) ବୟସ୍କ । ଏହା ପରିପକ୍ୱତା ଓ ପ୍ରତିବଦ୍ଧତାର ନୂଆ ନୂଆ ରୂପରେ ଉପସ୍ଥିତ । ଆଧୁନିକ ଓଡ଼ିଆ କବିତା ଭିତରୁ ଓଡ଼ିଆ ଜୀବନର ମୁହଁ ଦିଶେ । ବୁନିଆଦିର ବାସ୍ନା ଆସେ । ବିପର୍ଯ୍ୟୟ ସତ୍ତ୍ୱେ ବଞ୍ଚି ରହିବାର ସାହସ ଆସେ । ନ'ଅଙ୍କ ଦୁର୍ଭିକ୍ଷ- ଉତ୍କଳ ସମ୍ମିଳନୀ- ସତ୍ୟବାଦୀ ବନ ବିଦ୍ୟାଳୟ, ସ୍ୱରାଜ୍ୟ ସଂଗ୍ରାମ- ରେଭେନ୍ସା ବିଚାର ଧାରା- ବାମମାର୍ଗୀ ବିଚାର- ସ୍ଥିତିବାଦୀ ଦର୍ଶନ- ଉତ୍ତର ଆଧୁନିକ ଚିନ୍ତନ- ବିଶ୍ୱାୟନ ଆଦି ପ୍ରସଙ୍ଗ ଗୁଡ଼ିକ ଓଡ଼ିଆ କାବ୍ୟଧାରାରେ ପରିବର୍ତ୍ତନ ସୃଷ୍ଟି କରି ପାରିଛନ୍ତି । ପ୍ରତିଟି ପରିବର୍ତ୍ତନ ଆଣିଛି ପୁଳାଏ ପ୍ରତିଶ୍ରୁତି ଓ ନବୀନ କବିବର୍ଗ । ଏ ଯାତ୍ରା ସରେନା । ନୂଆ ସମୟରେ ପୁଣି ନୂଆ କବିତା ଆସେ । ଧାନ ପତରରେ କାକର ବୁନ୍ଦା ପରି ଓଡ଼ିଆ କବିତା । କିଛି ଲୁହ କିଛି ନୀରବତାର ନିରନ୍ତର ପଦଯାତ୍ରା ।




GREEN CHILLYZ®
Events & Catering


Odisha's Best Outdoor Catering Service

SINCE 1999

# Let Us CATER Your Event







Book Now +91 909-002-2220, +91 805-011-1110

Greenchillyzcatering Greenchillyzcatering1999 Greenchillyzcatering.com

ପ୍ରସଙ୍ଗ : ୧

# ଓଡ଼ିଆ କବିତାର ତ୍ରିବେଣୀ ଧାରା



# କବିତ୍ରୟ ଦିଶା ସ୍ୱତନ୍ତ୍ର


## ଗୌତମ ଜେନା

ଆସୋସିଏଟ୍ ପ୍ରଫେସର(ସେବା ନିବୃତ୍ତ), ଚହଟା,
ଜେମାଶୁଣି ମନ୍ଦିର ପାଖ, ଧର୍ମଶାଳା,
ଯାଜପୁର-୭୫୫୦୦୮
ଫୋନ:୯୨୩୭୪୮୧୪୦୫


ଫଟୋସୌଜନ୍ୟ : ରେବତୀ ମିଡ଼ିଆ

**ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ଆଜି ତା'ର ନିଜସ୍ୱ ବାଟ ନିର୍ମାଣ କରିସାରିଛି । ଆଧୁନିକ ଜୀବନର ନୂତନତା ପ୍ରକାଶ ପାଇଁ ଦାୟିତ୍ୱଶୀଳ କବି ତା'ର ସୁଦୂର ପ୍ରସାରୀ ଦୃଷ୍ଟିଭଙ୍ଗୀ ଦ୍ୱାରା ଆପଣାର ଆବେଗ ଓ ଅନୁଭୂତିକୁ ନେଇ କବିତା ରଚନା କରୁଛି । ଫଳରେ ଜୀବନର ଅନୁଭବ କଳାତ୍ମକତା ଓ ବୈଚିତ୍ର୍ୟପୂର୍ଣ୍ଣ ହୋଇଉଠିଛି ।**

**ଆଜିର ସମୟ ଯନ୍ତ୍ରଣାକ୍ତ ଯେମିତି, ଆଜିର ମଣିଷ ମଧ୍ୟ ରକ୍ତସ୍ନାତ ସେମିତି । ତେଣୁ ସମୟର ଅସହାୟତା ହୋଇଛି କବିତାର ଅନ୍ତର୍ବାଣୀ । ଜଟିଳ ଜୀବନର ଜ୍ୱାଳା ଓ ନୈରାଶ୍ୟ ଯେମିତି ହୋଇଛି ବିଚିତ୍ରବର୍ଣ୍ଣା, କବି ଦୃଷ୍ଟି ମଧ୍ୟ ସେହିପରି ଭାବରେ ହୋଇଛି ରହସ୍ୟାବୃତ୍ତ । ଚିତ୍ରକଳ୍ପ, ପ୍ରତୀକ, ରୂପକ ଓ ମିଥ୍ ପ୍ରଭୃତି କବିତା ଓ ଭାବନାକୁ ପ୍ରଦାନ କରିଛନ୍ତି ନୂଆ ରୂପ । କବି ଜୟନ୍ତ ମହାପାତ୍ର, କବି ବଂଶୀଧର ଷଡ଼ଙ୍ଗୀ ଓ କବି ପ୍ରତିଭା ଶତପଥୀ- ଏ ତିନିଜଣ ପ୍ରତିଷ୍ଠିତ କବିଙ୍କର କାବ୍ୟଚେତନା ସଂପର୍କରେ ବିଚାର ବିମର୍ଷ ବାଢିଛନ୍ତି ଆମ ସମୟର କବି ଓ ଆଲୋଚକ ଡକ୍ଟର ଗୌତମ ଜେନା ।**

**କାବ୍ୟିକ ଅନୁସନ୍ଧାନ ଚାଲିଥାଏ ଚିରକାଳ । ଜନ୍ମରୁ ଅନ୍ତିମ ଯାତ୍ରା ଯାଏଁ ଏ ଅନ୍ୱେଷଣର ଅନ୍ତ ନଥାଏ । ଆଧୁନିକ ଜୀବନର ବୈଚିତ୍ର୍ୟ ଓ ଜୀବନର ବ୍ୟାପ୍ତିକୁ ସନ୍ଧାନ କରିବା ହେଉଛି ଆଲୋଚକର ଧର୍ମ । ମାଟିର ଆକର୍ଷଣ ଠୁ ଜୀବନର ଆସକ୍ତି, ସ୍ୱପ୍ନର ମାଦକତା ଠୁ ସମୟର ସ୍ୱାକ୍ଷରର ଅଭିବ୍ୟକ୍ତିରେ ଆଜିର କବିତାର ଅନ୍ତଃସ୍ୱର ଓ କାବ୍ୟିକ ସୌନ୍ଦର୍ଯ୍ୟର କରାଯାଇଛି ଆକଳନ ଏ ଆଲେଖରେ । ଆଧୁନିକ ଜୀବନର ପ୍ରତିଲିପି ଆଜିର କବିତା । ଆତ୍ମା, ମୃତ୍ୟୁ ଓ ଜୀବନର ବିଫଳତାକୁ ଉପସ୍ଥାପନ କଲାବେଳେ କବିତା ଦିଶେ ଏକ ଚିତ୍ର ପରି । ସେହି ଚିତ୍ରଟି ହିଁ ପରମ ପୁରୁଷ, ଯାହା ପାଖରେ କବିସତ୍ତା ଆତ୍ମସମର୍ପଣ କରି ଅମୃତର ସନ୍ଧାନ କରିଥାଏ । ଏହି ଅସରା ଜୀବନର ଆତ୍ମ ଆବିଷ୍କାର, ଜୀବନର ସାମସଙ୍ଗୀତ ଭିତରେ ଅପୂର୍ବ ସୌନ୍ଦର୍ଯ୍ୟରେ ଉଦ୍‌ଭାସିତ ହେଉ ଓ ମହାକାଳର ଶାଶ୍ୱତ ସ୍ୱରକୁ ପ୍ରକାଶ କରୁ ଆଜିର କବିତା, ଏ ଧାରା ଅବାରିତ ଚାଲିଥାଉ ।**



▼ଲେଖକ ଗୌତମ ଜେନା

**ଜୟନ୍ତ ମହାପାତ୍ର(୧୯୨୮)** : ସ୍ୱାଧୀନତୋତ୍ତର ଓଡ଼ିଆ କବିତା ସଂପର୍କରେ ଆଲୋଚନା କଲାବେଳେ ଦୀର୍ଘ ଚାଳିଶ ବର୍ଷର ପରମ୍ପରାକୁ ଅତିକ୍ରମ କରି ଓଡ଼ିଆରେ କବିତା ରଚନା କଲେ କବି ଜୟନ୍ତ ମହାପାତ୍ର( ୧୯୨୮ ) । ଉତ୍ତର ସତୁରୀ ଇଂରେଜୀ କାବ୍ୟ ଭାବନାକୁ ଆପଣାଇ ଆବେଗ ଭାବରେ ଖୁବ୍ ଉତ୍ତରଳ ଭାବରେ ପ୍ରକାଶ କରିଥିବା ଜୟନ୍ତଙ୍କ ଓଡ଼ିଆ କବିତାକୁ ବିଳମ୍ବ ପ୍ରବେଶ ନିଶ୍ଚିତ ଭାବରେ ଏକ ପାର୍ଥକ୍ୟର ରେଖା ସୃଷ୍ଟି କରେ- ଏଥିରେ ସନ୍ଦେହ ନାହିଁ । ଉତ୍ତର ପଚାଶ ପରବର୍ତ୍ତୀ ଓଡ଼ିଆ କବିତା ଭୋଗୁଥିବା ନିଃସଙ୍ଗତା, ଏକାକୀତ୍ୱ, ମୂଲ୍ୟବୋଧର ଅବକ୍ଷୟ, ଯନ୍ତ୍ରଣା, ହତାଶାବୋଧ ଭିତରୁ ଜୟନ୍ତ ସଂପୂର୍ଣ୍ଣ ମୁକ୍ତ ହୋଇଥିଲେ 'ବଳି'(୧୯୯୩) କବିତା ସଂକଳନ ପ୍ରକାଶ ପାଇବା ବେଳକୁ । ପୂର୍ବରୁ ୧୯୭୧ ମସିହା ଠାରୁ ୧୯୯୨ ମସିହା ଯାଏଁ ତାଙ୍କର ପ୍ରକାଶ ପାଇଥିଲା ଷୋହଳ ଗୋଟି ଇଂରେଜୀ କବିତା ସଂକଳନ ।

୧. କୋଜ୍ ଦି ସ୍କାଏ ଟେନ୍ ବାଇ ଟେନ୍ (୧୯୭୧),
୨. ସ୍ୱୟମ୍ବର୍ ଆଣ୍ଡ୍ ଅଦର୍ ପୋଏମ୍ସ୍ (୧୯୭୧),
୩. ଏ ଫାଦର୍ସ୍ ଆୱାର୍ସ୍ (୧୯୭୬),
୪. ଏ ରେନ୍ ଅଫ୍ ଟାଇଟ୍ସ୍ (୧୯୭୬),
୫. ୱେଟିଂ (୧୯୭୯),
୬. ଦି ଫଲ୍ସ୍ ଷ୍ଟାର୍ଟ (୧୯୮୦),
୭. ରିଲେସନ୍‌ସିପ୍ (୧୯୮୦),
୮. ଲାଇଫ୍ ସାଇନ୍ (୧୯୮୩)
୯. ଡିସ୍‌ପୋଜଡ୍ ନେଷ୍ଟ (୧୯୮୬)
୧୦. ସିଲେକ୍‌ଟେଡ୍ ପୋଏମ୍ସ୍ (୧୯୮୭),
୧୧. କର୍ଡ଼ନ ଅଫ୍ ୱେଭ୍ସ୍ ଆଣ୍ଡ୍ ଫ୍ରଟ୍ (୧୯୮୮)
୧୨. ଟେମ୍ପଲ୍ (୧୯୮୮),
୧୩. ଏ ହ୍ୱାଇଟ୍‌ନେସ୍ ଅଫ୍ ବୋନସ୍ (୧୯୯୨),
୧୪. ଦି ବେଷ୍ଟ୍ ଅଫ୍ ଜୟନ୍ତ ମହାପାତ୍ର (୧୯୯୫),

୧୫. ସ୍ୟାଡୋ ସ୍ପେସ୍ (୧୯୯୭).

୧୬. ବେୟାର୍ ଫେସ୍ (୨୦୦୦)

ଜୟନ୍ତଙ୍କ ଇଂରେଜୀ କବିତାର ସ୍ୱାଦ ଓ ଗନ୍ଧରେ ବି ବାରିହୋଇ ପଡ଼େ, ଭାରତୀୟ ତଥା ଉତ୍କଳୀୟ ମାଟି, ସଂସ୍କୃତି ଓ ଚଳଣିର ଚିତ୍ର । ଦେଶ ବିଦେଶର ପତ୍ରପତ୍ରିକାରେ ଅର୍ଦ୍ଧଶତାବ୍ଦୀ ଧରି ବହୁ ଇଂରାଜୀ କବିତା ଲେଖିଥିଲେ ବି ଓଡ଼ିଆର ଚିନ୍ତା ଓ ଚେତନା ଭିତରେ ବଞ୍ଚିବାର ଅଭୀପ୍ସା ତାଙ୍କୁ ଓଡ଼ିଆରେ କବିତା ଲେଖିବା ପାଇଁ ପ୍ରେରିତ କରିଛି । ମୁକ୍ତ ଛନ୍ଦର କବିତା ରଚନାର ପ୍ରାରମ୍ଭରେ ଆମ କବିମାନଙ୍କ ଭିତରେ ଯେଉଁ ସଂସ୍କୃତି ପରିପୂରକ ଚିନ୍ତା ଓ ଚେତନା ରହିଥିଲା ତାହା ବଦଳି ଯାଇଛି ଜୟନ୍ତଙ୍କ ଓଡ଼ିଆ କବିତା ଲେଖିବା ବେଳକୁ ୧୯୮୦ ପରବର୍ତ୍ତୀ ସମୟରେ । ଫଳତଃ ସମସ୍ୟା ଓ ସଂକଟର ଚିତ୍ରରେ ନିଜ ମାଟିର ମଣିଷମାନଙ୍କର ଜୀବନଚିତ୍ର ପ୍ରକାଶ ପାଇଛି ତାଙ୍କ କବିତାରେ । ଏଇ ମାଟି ମଣିଷଙ୍କ ପ୍ରତି କବିଙ୍କର ଅନୁରାଗ, ନିମ୍ନବର୍ଗ ମଣିଷ ଜୀବନର ବିଷର୍ଣ୍ଣ ଚିତ୍ର ଓ କ୍ଷତାକ୍ତ ହୃଦୟର କଥାକୁ ଜୟନ୍ତ ପ୍ରଦାନ କରନ୍ତି କାବ୍ୟରୂପ । ସେଥିପାଇଁ ତାଙ୍କ କାବ୍ୟପୁରୁଷ ସଦା ଖୋଜିବାରେ ବ୍ରତୀ ହୋଇଛି ଜୀବନର ଚିରନ୍ତନ ସତ୍ୟକୁ । ଅଯଥା ଅବକ୍ଷୟ, ନିଃସଙ୍ଗତା, ଯନ୍ତ୍ରଣା ଓ ଦେହଭୋଗ ଭିତରୁ ଏକ ଉତ୍ତରିତ ଆତ୍ମଦର୍ଶନରେ ରୂପାନ୍ତରିତ ହୋଇଛି ତାଙ୍କର କାବ୍ୟ ଭାବନା ।

ଓଡ଼ିଆରେ ପ୍ରକାଶ ପାଇଥିବା ତାଙ୍କର କବିତା ପୁସ୍ତକ ମଧ୍ୟରେ 'ବଳି' ୧୯୯୩, 'କହିବି ଗୋଟିଏ କଥା'(୧୯୯୫), 'ବାୟାରାଜା' (୧୯୯୭), ଟିକିଏ ଛାଇ(୨୦୦୧), 'ଚାଳି'(୨୦୦୬), 'ଯଦିବା ଗପଟିଏ' (୨୦୦୮), 'ସ୍ମୃତି ପରି କିଛିଟି' (୨୦୧୧), 'ଦଶଟି କବିତା', 'କେବଳ ଭୟ ହିଁ ମୋତେ ଜୀବନ ଦିଏ' ଅନ୍ୟତମ । ଇଂରାଜୀ କବିତା ଭିତରୁ ଓଡ଼ିଆ କବିତାକୁ ଆସିବା ବେଳେ କେବଳ ଭାଷାର ପ୍ରତିବନ୍ଧକ ପାଠକ ପାଇଁ ମୁଖ୍ୟ ନଥିଲା, ବରଂ ଏ ମାଟି, ପରିବେଶ, ପାଣି ଓ ପବନର ଭାବକୁ ପ୍ରକାଶ କରିବା ତାଙ୍କ ପାଇଁ ଥିଲା ଅତ୍ୟନ୍ତ କଠିନ । ସମୟର ସମୁଦ୍ର ଭିତରେ ଘଟଣା / ଦୁର୍ଘଟଣା, ଦୁଃଖ, ପ୍ରାପ୍ତି / ଅପ୍ରାପ୍ତି, ନେଣଦେଣର ପଦଚିହ୍ନକୁ ସେ ଖୋଜି ଖୋଜି ଓଡ଼ିଆ ଭାଷା ଭିତରେ ପ୍ରବେଶ କଲେ । ତାଙ୍କର ଆତ୍ମାରେ ସେଇ ଛୋଟ ପିଲାବେଳେ, ନିଜଠୁ ମୁକୁଳିଯିବାର ଅଭିପ୍ରାୟ ଯେଉଁ ବାଟ ଖୋଜୁଥିଲେ ତାହା ଯୋଗାଇ ଦେଲା ଓଡ଼ିଆ ଭାଷା । ଏଣୁ ଓଡ଼ିଆ କବିତାରେ ଚିତ୍ରକଳ୍ପ ଓ ପ୍ରତୀକର ବ୍ୟବହାର ଭାବଗତ ବା ଦୃଶ୍ୟଗତ ଭେଦରେ ଯେତେ ଜଟିଳ ନଥିଲା, ମିଥ୍, ଲୋକକଥା ଓ ରୂପକର ପ୍ରୟୋଗରେ ତାଙ୍କୁ ବିଶେଷ ସତର୍କତା ଅବଲମ୍ବନ କରିବା ପାଇଁ ପଡ଼ିଥିଲା । ସେଥିପାଇଁ ତାଙ୍କ କବିତାରେ ଅନେକତ୍ର ଉପସ୍ଥାପନାରେ ଆତ୍ମକୈନ୍ଦ୍ରିକତା ଓ ଗଦ୍ୟଧର୍ମୀତା ଅନୁଭୂତ ହୋଇଥାଏ ।

ଇଂରେଜୀ କବିତା ରଚନା ପରିପ୍ରେକ୍ଷୀରେ ସେ ଯାହା କୁହନ୍ତି ତାହା ମଧ୍ୟ ତାଙ୍କ ଓଡ଼ିଆ କବିତା ପାଇଁ ପ୍ରଯୁଜ୍ୟ । ସେ କହନ୍ତି "The poems, the poetry remains exploratory, as I try to find out the person within myself, as I try to face this stranger that comes out of my poetry." ଏହା ଏକ ସାର୍ବଜନୀନ କାବ୍ୟିକ ଉକ୍ତି । ନିଜ ଭିତରେ ଥିବା ଛପିଲା ମଣିଷଟିକୁ ସବୁ କବିଏ କାଳକାଳ ଖୋଜୁଥାନ୍ତି । ନିଜ ଭିତରର ସତ୍ତାକୁ ସବୁ ସତ୍ତା ସହିତ ଯୋଡ଼ିଦେବା ପାଇଁ ପ୍ରୟାସ କରିଥାଏ କାବ୍ୟପୁରୁଷ । ପ୍ରାୟ ସମସ୍ତ କବିମାନଙ୍କ ପରି ଜୟନ୍ତଙ୍କ କବିତାରେ ରହିଛି ଅତୀତ ପ୍ରତି ମୋହ, ସ୍ୱପ୍ନ ଭଙ୍ଗର ଯନ୍ତ୍ରଣା ତଥା ବାସ୍ତବ ପ୍ରତିଛବି ।

ଆମେ ଯାହା ହଜେଇ ଦେଇ ଆସିଛୁ, ଛାଡ଼ି ଆସିଛୁ, ଏକଦା ତାହା ଥିଲା ଆମ ବର୍ତ୍ତମାନ । ଏଇ ବର୍ତ୍ତମାନ ସବୁ ମୁହୂର୍ତ୍ତରେ ଅତୀତ ପାଲଟୁଛି ଓ ଭବିଷ୍ୟତ ବର୍ତ୍ତମାନ ଉପରେ ଠିଆ ହେଉଛି । ଏଣୁ ନୂଆ ବା ଅଚିହ୍ନା ବା ଅଜଣା ଭିତରେ ମୁହଁ ଦେଖାଉଥାଏ ଜଣା ଓ ଚିହ୍ନା କଥାଟିଏ । ସାରା ଜୀବନ ମଣିଷଟିଏ ଖୋଜୁଥାଏ ନିଜକୁ, ନିଜ ଭଲପାଇବା ଭିତରେ ମଣିଷଙ୍କୁ । ଏଥିରେ ଅର୍ଥ ଅନ୍ୱେଷା ଠାରୁ ଆତ୍ମ ଅନ୍ୱେଷା ପ୍ରାଞ୍ଜଳ । ସେଥିପାଇଁ ଏକ ସୁଇପର୍ ଚରିତ୍ରକୁ ବଖାଣିବାକୁ ଯାଇ କାବ୍ୟ ପୁରୁଷ କହେ:

"ସୁଇପର୍ ମୁଁ
ରାସ୍ତା ନର୍ଦ୍ଦମାର ମଇଳାରେ
ଘୁଅ ଗୋବରରେ ମୋର କାମ
ସେ ଘୁଅ ଚୁପୁଡ଼ିଲେ
ମୋ ପରିବାରର ଭାତ ବାହାରେ.... ।"

ଦୁଃଖ ଜର୍ଜର ମଣିଷର ଆତ୍ମଲିପି କେତେ ଦୈନ୍ୟ ଭରା ତାହା ଉପରୋକ୍ତ ପଙ୍‌କ୍ତିରୁ ସ୍ପଷ୍ଟ ବାରି ହୁଏ । ଶୀତତାପ ନିୟନ୍ତ୍ରିତ କୋଠରୀ ଭିତରୁ ମୁକ୍ତ କାବ୍ୟ ପୁରୁଷର ଚେତନା । ଜୀବନ ବଂଚାଇବା ପାଇଁ ମଣିଷ ବଳିର ସାମଗ୍ରୀ ହୁଏ । ସେଥିପାଇଁ ହଜିଯାଏ ପତ୍ରରୁ ମର୍ମର, ହଜିଯାଏ ଝରଣାର କୁଳୁକୁଳୁ ନିନାଦ, ମରିଯାଏ ବସନ୍ତ, ମରିଯାଏ ଯେତେ ସ୍ୱପ୍ନ, ପୋଡ଼ିଯାଏ ଯେତେ ଋତୁ । ସେ ସବୁବେଳେ ଥାଏ 'ବଳିଟିଏ' ହୋଇ । ପ୍ରଥମ ପୁସ୍ତକ 'ବଳି'ର ନାମକରଣ ସଂପର୍କରେ ଜୟନ୍ତ କୁହନ୍ତି: "ଅର୍ଥ ତ ରହିଛି ମାନେ...ଜଣେ ଲେଖକ ଲେଖିଯାଏ । ସେ ଆଉ ଆଶା କରେ ଯେ ପାଠକ ତା'ର ନିଜକୁ ନିଜେ ଅର୍ଥ କରୁ । ତା' ପରେ ଭଲ କବିତାର ଗୋଟେ ଅର୍ଥ ନଥାଏ । ଭିନ୍ନ ଭିନ୍ନ ପାଠକ ଭିନ୍ନ ଭିନ୍ନ ଅର୍ଥ ଖୋଜି ପାଆନ୍ତି । ଯିଏ ଯେମିତି ଅର୍ଥ ଖୋଜି ବସିବ ସେ ସେମିତି ଅର୍ଥ ପାଇବ । ଠିକ୍ ସେମିତି 'ବଳି'ର ଅର୍ଥ ମୁଁ ଭାବୁଛି ଦୁଇ ତିନି କି ଚାରି ଅର୍ଥ ବି ଥାଇପାରେ, ପାଠକ ଯିଏ ଯେମିତି ଭାବିବ ସେମିତି ଗ୍ରହଣ କରିବ ।" କବିଙ୍କର ଏପରି ମନ୍ତବ୍ୟକୁ ଗବେଷକଟିଏ ନିଶ୍ଚୟ ଆଡ଼େଇ ଯିବ । ସାରାଜୀବନ କେଉଁ ଅଦୃଷ୍ଟକୁ ଅପେକ୍ଷା କରୁଥିବା କାବ୍ୟପୁରୁଷର ଉକ୍ତି ସବୁ ସମୟରେ କୌତୁହଳପୂର୍ଣ୍ଣ ମନେ ହୋଇଥାଏ । ପରନ୍ତୁ 'ବଳି' ବଳିଦାନର ଉପଯୁକ୍ତ ଅର୍ଥ ବହନ କରି ଆଜିର ସମାଜର ଏକ ପ୍ରତିନିଧି ସ୍ଥାନୀୟ ଶବ୍ଦଟିଏ ପାଲଟିଛି । ପ୍ରତ୍ୟେକ ମୁହୂର୍ତ୍ତରେ ମଣିଷଟିଏ ତା' ଆଦର୍ଶ, ଚିନ୍ତାଧାରା, ନିଷ୍ଠା, କାର୍ଯ୍ୟଧାରା ପାଖରେ ବଳି ପଡୁଛି, ଯାହା ଏ ସଂକଳନସ୍ଥ କବିତାମାନଙ୍କରେ ପ୍ରକାଶ ପାଇଛି, 'ବଳି' ଭିତରେ କ୍ଷୟିଷ୍ଣୁ ସମାଜ, ମାନବିକତା, ପ୍ରାଣହୀନ ବଞ୍ଚିବାର ଚିତ୍ର ସ୍ପଷ୍ଟ । କବି 'କହିବି ଗୋଟିଏ କଥା' କବିତା ପୁସ୍ତକରେ କହନ୍ତି:

"ରହସ୍ୟ ନେଇ ବଞ୍ଚି ପାରିବି ବୋଲି
ଭାବୁଥିଲି ଦିନେ
କିନ୍ତୁ ପୃଥିବୀଟିଏ ଏତେ ବିଷାଦ ଭରା
ଯେ ସକାଳର ହୃଦୟ ବି ଗଙ୍ଗଶିଉଳରି ଶବକୁ
ଧରି ନିରବେଇ ଯାଏ ।
ଆଉ ଅନାବଶ୍ୟକ ଲାଗେ ଆଜି /
ସେଇ ହୃଦୟ...." (ଅନାବଶ୍ୟକ)

ଉଲ୍ଲାସହୀନ ଜୀବନର ଏଇ ସବୁ ଚିତ୍ରଙ୍କୁ ବାନ୍ଧି ରଖିଥିବା ଅନାସ୍ଥା ଭାବ ହିଁ ଜୟନ୍ତଙ୍କ କାବ୍ୟିକ ଉତ୍କଣ୍ଠା । ମଣିଷ ଭିତରର ସତ୍ତା ଖୋଜା ଚାଲିଛି ଏଯାଏ କବିତାମାନଙ୍କରେ । ଏ ଅନ୍ୱେଷଣ କଲାବେଳେ ମନ ଭିତରେ ଭର୍ତ୍ତି ହୋଇଯାଏ ଯାବତୀୟ ଅସହାୟତା ଓ ବିଡ଼ମ୍ବନା । ବିଷାଦ ଭରା ପୃଥିବୀ ଓ ପ୍ରତିଟି ସକାଳ ଗଙ୍ଗଶିଉଳିର ଶବକୁ କୋଳେଇ ନେବା ଭିତରେ କବିତାର ଶବ୍ଦମାନେ ଆପଣା ଭିତରେ ପ୍ରତିବିମ୍ବିତ କରିଥାନ୍ତି ଶବ୍ଦର ସୂକ୍ଷ୍ମରୂପ । ଯାହାଦ୍ୱାରା ଶବ୍ଦ ବାହାରେ ଥିବା ଅର୍ଥଟିକକ ଅନ୍ତରାତ୍ମାକୁ ଆନ୍ଦୋଳିତ କରି ଅନ୍ତର୍ଭାବନାରେ ସ୍ଥାନିତ କରିଥାଏ । ସେଠି ବ୍ରିଫ୍‌କେଶ୍‌ରେ ରହିଯାଏ ଦେଶର ଭବିଷ୍ୟତ, ଗଣତନ୍ତ୍ରର ଲଙ୍ଗଳା ଦେହରେ ନୀରବ ବେଦନା ଭିତରେ ବଳି ପାଇଯାଏ ପଞ୍ଚବାର୍ଷିକ ଯୋଜନା, ଯେଉଁ ଦୁଇହାତ ଠାକୁର ତିଆରି କରିପାରେ, ସେଇ ଦୁଇ ହାତ ବି ବନ୍ଧୁକ ଧରି ପାରେ । ଏ ଯେଉଁ ସକାରାତ୍ମକତା ଭିତରେ ଉଙ୍କି ମାରୁଥାଏ ନକାରାତ୍ମକ ମଣିଷର ଚେହେରା ତା'ର କ୍ଷୀଣ ସ୍ୱରଟି ଜୟନ୍ତଙ୍କ କବିତାକୁ

କରିପାରିଛି ମହାର୍ଘ ।

୧୯୯୭ ମସିହା ବେଳକୁ ଓଡ଼ିଆ କବିତା ନେଇ ସାରଛି ଏକ ସ୍ପଷ୍ଟ ରୂପ । ଜଗତୀକରଣର ବ୍ରହ୍ମରାକ୍ଷସ କବଳରୁ ମୁକୁଳି ଯେତେବେଳେ ସାରା ପୃଥିବୀ ମାଟି ଓ ମାଟି ମଣିଷର ଗୀତ ଗାଉଛି, ସେତେବେଳେ ବି ଜୟନ୍ତଙ୍କ କବିତାର ଆକାଶ ଯନ୍ତ୍ରଣାର ଧୂଆଁରେ ଆଚ୍ଛନ୍ନ । ଏହି ସମୟରେ ପ୍ରକାଶ ପାଇଥିବା 'ବାୟାରାଜା' (୧୯୯୭)ରେ ଶୂନ୍ୟତାବୋଧର ଶାଣିତ ରୂପକୁ ମଧ୍ୟ ଦେଖିବାକୁ ମିଳିଥାଏ । କବି କହନ୍ତି:

"ଯେତେ ଅନେଇଲେ ବି
ଶଙ୍ଖଚିଲ ଆଜିକାଲି ଆକାଶରେ ଦିଶେ ନାହିଁ ।
ଝିଅରେ, ତତେ କ'ଣ ଦେଖେଇବି
ଫାଙ୍କା ଆକାଶଟିଏ ?" **(ସମୟର ଆକାଶ / ପୃ.୧୭)**

ଏଯାବତ୍ ଜୟନ୍ତଙ୍କ କବିତାରେ 'ସମୟ' ଏକ ବଡ଼ ଭାଗ ନେଉଥିଲେ ହେଁ ତାଙ୍କର ଆକାଶ ଆଶାବାଦୀ କଥା କହୁନାହିଁ । ଏହାର ଏକମାତ୍ର କାରଣ ସେ ଇଂରାଜୀ କବିତାର ଭାବ-ମୋହରୁ ମୁକ୍ତ ହୋଇ ପାରୁନାହାନ୍ତି । ତଥାପି ତାଙ୍କ କାବ୍ୟିକ ଶୈଳୀର ଚମତ୍କାରିତା ଉତ୍ତର ଅଶୀ କବିତା ପାଇଁ ଆଶାବାଦର ଦାନା ବାନ୍ଧୁଥିବା ପରିଲକ୍ଷିତ ହୁଏ, ଯାହା 'ଟିକିଏ ଛାଇ' (୨୦୦୧) ବେଳକୁ ବ୍ୟାକୁଳତା ଓ ସନ୍ଧାନରେ ପରିଣତ ହୋଇଛି । ଅଥଚ ଅସହାୟତା ଓ ଅନ୍ଧାରର ନିର୍ଦ୍ଦିଷ୍ଟ ପରିଧି ଭିତରେ ଘୂରି ବୁଲୁଥାଏ କାବ୍ୟଚେତନା । କିନ୍ତୁ କବିତାରେ ଭାଷା ବ୍ୟବହାରର ତାତ୍ପର୍ଯ୍ୟପୂର୍ଣ୍ଣ ମହତ୍ତ୍ୱ ପ୍ରତି କବି ସଚେତନ । ସନ୍ଦିହାସ ସମୟ ଭିତରୁ ସେ ଏକାକୀତ୍ୱକୁ ନିର୍ବାସିତ କରି ସାଧାରଣ ଜୀବନର କଥା କହିବାକୁ ପ୍ରୟାସ କରନ୍ତି । ଏ ସ୍ୱୀକାରୋକ୍ତି ତାଙ୍କର 'ସ୍ୱୀକାର' କବିତାରେ ସ୍ପଷ୍ଟ । ସେ କହନ୍ତି:

"ଏଇ କବିତାରେ
କାଢ଼ି ଦେଇଛି ଏକାକୀତ୍ୱ ସବୁ
ସତେ ଯେମିତି ଫୁଲଟିଏ ଆଉ ନାହିଁ
ରହିଯାଇଛି କେବଳ ବାସନାଟିଏ ହୋଇ... ।"

ଭାଷାର ଏ ପ୍ରତୀକବାଦୀ ଅର୍ଥ ଭିତରେ ସମୟ ସହିତ ପ୍ରତ୍ୟକ୍ଷ ସଂପର୍କ ଯୋଡ଼ି ଦେଇ ହୁଏ । ଫଳତଃ ଶବ୍ଦ ଦ୍ୱାରା ସାଂକେତିକ ଭାବକୁ କବି ବେଶ୍ ଚତୁରତାର ସହିତ ଉପସ୍ଥାପନ କରନ୍ତି । ଏଇଠୁ ବଦଳି ବଦଳି ଚାଲିଛି ଜୟନ୍ତଙ୍କ କାବ୍ୟମାନସ । ନିଃସଙ୍ଗ ଅସ୍ତିତ୍ୱ ଭିତରୁ ଆପଣାକୁ ବାହାର କରି କାବ୍ୟପୁରୁଷ ଆଉ ଏକ ନୂଆ ଜୀବନର ସ୍ୱପ୍ନ ପାଇଁ ପ୍ରୟାସ କରୁଛି । ଏଣୁ କାବ୍ୟପୁରୁଷ କବିତାକୁ ଅନ୍ୟାୟ, ଅତ୍ୟାଚାର ଓ ଆନ୍ଦୋଳନର ଭୂମି ଭାବରେ ଗ୍ରହଣ କରନ୍ତି ନାହିଁ । ବରଂ କାବ୍ୟିକ ପ୍ରତିବଦ୍ଧତାର ପ୍ରତୀକ ଭାବରେ ଉପସ୍ଥାପନ କରନ୍ତି । ସେହି ଦୃଷ୍ଟିରୁ 'ଚାଲି' ଠୁ 'ଯଦିବା ଗପଟିଏ' କାବ୍ୟଚେତନା ଭିତରେ କବି ମାଟି ମଣିଷର ଅସ୍ତିତ୍ୱ ସନ୍ଧାନ କରିଛନ୍ତି ।

ସବୁ ଅଭାବ, ଅନଟନ ଭିତରେ ମଧ୍ୟ ଆଧୁନିକ ମଣିଷର ସ୍ୱପ୍ନ ଅଛି, ଆଶା ଅଛି, ପ୍ରେମପ୍ରଣୟ ମଧ୍ୟ ଅଛି । ଏହି ଜୀବନର ବୈଚିତ୍ର୍ୟକୁ ବେଶ୍ ନିଖୁଣ ଭାବରେ ପ୍ରତିପାଦନ କରି ପାରନ୍ତି ଜୟନ୍ତ । ଇଂରେଜୀ କବିତାର ଆତ୍ମାପୁରୁଷ ନିର୍ବାସିତ ହୋଇଛି ଓଡ଼ିଆ କବିତାରେ । ସେ ଫିକା ଫଟୋଗ୍ରାଫ୍ ଏକାନ୍ତ ନିଆରା ମନେହୋଇଛି ବିଭୋରତା ଓ ଭାବମୟତାରେ । ଧୀରେ ଧୀରେ ଗୋଟେ ନୂଆ ଦୁନିଆଁ ଭିତରେ ଆତ୍ମସ୍ଥ ହେଉଛି କାବ୍ୟପୁରୁଷ । ଶବ୍ଦରୁ ନୀରବତା ଭିତରେ ନିଜକୁ ଖୋଜୁଛି ସେ । ଏ ଉତ୍ତରଣରେ ଖୋଲି ଯାଉଛି ସହସ୍ର ବନ୍ଧନ, ମୁକୁଳିତ ହୋଇଯାଉଛି ସହସ୍ର ସତ୍ତାର ଗ୍ରନ୍ଥି, ବିରାଟ ବିଶ୍ୱର ଅନନ୍ତ ଆଶ୍ଚର୍ଯ୍ୟ ଭିତରେ ଅଭିଭୂତ ହେଉଛି କବି । ଏ ଚରମ ସତ୍ୟକୁ ଉପଲବ୍ଧି କରିପାରେ ଋଷିପ୍ରତିମ କବି ହୃଦୟଟିଏ । ସେ କହେ:

"କବିରେ-
ନିରବତାକୁ ଆଉ ଚିପୁଡ଼ନା
ଶବ୍ଦ ବାହାରିଚି ଢେର୍
ଶବ୍ଦର ସ୍ୱପ୍ନରୁ ଦିନେ ଉଠିବାକୁ ହେବ,
ଶବ୍ଦମାନଙ୍କର ନିଷ୍ଠୁରତାରୁ ଦୂରେଇ ଯିବାକୁ ହେବ-
ଜୀବନର ପ୍ରକୃତ ମାନେ ଅଛି କି କିଛି ?"

**(କବିତା 'କବି', ସଂ. 'ଯଦିବା ଗପଟିଏ')**

ଆଧୁନିକ ଓଡ଼ିଆ କାବ୍ୟ ପରମ୍ପରାର ବଳିଷ୍ଠ ଭିତ୍ତିଭୂମି ନିର୍ମାଣ ସରିଛି ଏ ବେଳକୁ । ଜୀବନ ଚିତ୍ର ପ୍ରତିଫଳିତ ହେଉଛି ଭାବରେ, ଶବ୍ଦରେ ନୁହେଁ । ଓଡ଼ିଆ କବିତାରେ ବ୍ୟାପକ ହୋଇଛି ଏହି 'ଜଗତ୍ ଦୃଷ୍ଟି' (world view) । ଧୂସର ଜୀବନର ଦ୍ୱିରୁକ୍ତି ଆଉ ନାହିଁ, ବରଂ ଅଛି ନିଃଶବ୍ଦ ବେଦନା । ଯାତ୍ରାର ଧୂସର କ୍ଳାନ୍ତି ଓ ସମୟର ସଂଗ୍ରାମ ଠାରୁ ଏ ମଣିଷ ଏକ 'ବ୍ୟାକୁଳତା' ପାଖରେ ବନ୍ଧା ପଡ଼ିଛି । ରହସ୍ୟର ଘେର ଭିତରେ ସମୟ ଓ ଜୀବନ ପରସ୍ପରକୁ ବୁଝିବାର ପ୍ରୟାସ ଜାରି ରଖିଛନ୍ତି । ବୟସର ସାୟାହ୍ନକୁ ଅଧିକ ରସାଣିତ କରିଛି ଆକାଶ, ସମୁଦ୍ର, ଚଢ଼େଇ, ମାଟି ଓ କାଶତଣ୍ଡିର ମୋହ । ସେଥିପାଇଁ ସେ 'ରମ୍ଭା ଷ୍ଟେସନରେ ଶରତ'କୁ ଭେଟନ୍ତି ଓ ମାଟିର ହୃଦୟ ଭିତରେ ସବୁବେଳେ ଜୀବନର ଅନ୍ତିମ ସତ୍ୟକୁ ଅନ୍ୱେଷଣ କରିବାରେ ଲାଗିଛନ୍ତି । ଅମୃତ ଅନ୍ୱେଷଣର ଯାତ୍ରାରେ ଏହି ସୋପାନରୁ ଜୟନ୍ତ ଯେ ବ୍ୟଗ୍ର ତାହା ତାଙ୍କର ଏହି ପର୍ଯ୍ୟାୟର କବିତାରୁ ବୁଝାପଡ଼େ । କ୍ଳାନ୍ତି, କ୍ଷୋଭ ଓ ଦୀର୍ଘଶ୍ୱାସରୁ ମୁକ୍ତ ତାଙ୍କର ଏ ସମସ୍ତ କବିତା ଅଧୀରତା ଓ ବ୍ୟାକୁଳତା ଭିତରେ ମାଟିକୁ ଭଲ ପାଇ ଚାଲିଛି । ଜୀବନର ଚିତ୍ର ଦେବାକୁ ଯାଇ କବି କହନ୍ତି: "ଜୀବନକୁ ଜିଇଁବାକୁ କେହି ଶିଖାଇ ପାରେନା, ଡାଲି, ଆଳୁ, ବାଇଗଣ, କଦଳୀରେ / ଘାଣ୍ଟି ହେଉଥିବା ଜୀବନଟିଏ କେବଳ ଡାଲମା ପରି ।" ତେବେ "ଭାଇ ହୁକୀ ପରି ସମୟ ଏଠି ବସି ରହେ' ବା 'ଆଶାର ଚିଲିକାରେ ସେଇ ବୋଇତ / ଯେଉଁଥିରେ ଅନାଥ ସମୟ ଖାଲି / ଯିବା ଆସିବା କରୁଥାଏ ।"

ଏଇଠି ଶେଷ ହୋଇନାହିଁ ଜୟନ୍ତଙ୍କ ଜୀବନ ଛନ୍ଦର ପଦାବଳୀ । ତାଙ୍କର ଶେଷ ହୋଇ ନାହିଁ ମାଟିକୁ ଭଲପାଇବା । ସହସ୍ରାବ୍ଦୀ ପରବର୍ତ୍ତୀ ମାଟି ମନସ୍କତାରେ ତାଙ୍କ କାବ୍ୟଚେତନା ଉନ୍ମୁଖ । ସେ କହନ୍ତି:

"ମୋ ପାଇଁ ଦୁଆରଟି ପରି ଚାହିଁ ରହିଥାଏ
ଦୃଷ୍ଟିରେ ତା'ର ନଥାଏ ରଙ୍ଗ, ନଥାଏ ଆକୃତି
ନଥାଏ ଦୁଃଖ ବା ଘୃଣା ବା ବିଶ୍ୱାସ
ପିଲାଟି ପରି ମଇଳା, ଉଜୁଡ଼ା ହାତରେ
ଖେଳେ ଭଙ୍ଗା ଜିନିଷରେ, କୋଠାବାଡ଼ିରେ
ହାଡ଼ ମାଂସ ସାଙ୍ଗରେ...."

**(କବିତା 'ହାତମୁଠାରେ ଟିକିଏ', ସଂ. 'ସ୍ମୃତି ପରି କିଛିଟି')**

ଲେଉଟାଣି ବାଟରେ ଜୟନ୍ତଙ୍କ କାବ୍ୟବିଭା । ଅନବଦ୍ୟ ଭାବମୟତା ଭିତରେ ତାଙ୍କର ଇଂରାଜୀ କବିତାର ବିଶେଷତ୍ୱ ପାଇଁ ସେ ଭୂଷିତ ହୋଇଛନ୍ତି 'ପଦ୍ମଶ୍ରୀ'ରେ । ତଥାପି ସମସ୍ତ ଜୀବନ ଦର୍ଶନର ଆଧାରରେ ତାଙ୍କର ଓଡ଼ିଆ କବିତାକୁ ବିଚାର କରାଯାଇପାରେ ।

**ବଂଶୀଧର ଷଡ଼ଙ୍ଗୀ (୧୯୪୦):** ସେହିପରି ଓଡ଼ିଆ କବିତାର ଅନ୍ୟତମ କୃତବିଦ୍ କବି ବଂଶୀଧର ଷଡ଼ଙ୍ଗୀ (୧୯୪୦) । କବିତାର ପ୍ରବହମାନ ଧାରାରେ ସେ ଅନ୍ୟତମ ଚଳନ୍ତି ସ୍ରୋତ । ଉତ୍ତର ସତୁରୀ କାବ୍ୟ ଚେତନାର ଅନନ୍ୟ ସ୍ୱୀକାରୋକ୍ତି ଭିତରେ ତାଙ୍କ କବିତାର ପ୍ରାଣସ୍ପନ୍ଦନ ଅନୁଭୂତ ହୁଏ । ପ୍ରାରମ୍ଭିକ ଜୀବନ ନେତିବାଦୀ ଚିନ୍ତନ, ଯାହା ପ୍ରାୟତଃ ଯୁବ ସୁଲଭ ଚେତନାକୁ ଆଚ୍ଛାଦିତ କରି ରଖିଥାଏ; ସେହି ଭାବଧାରାରେ ଈଶ୍ୱରଙ୍କୁ ବ୍ୟଙ୍ଗ କରିଛନ୍ତି କବି, ଦୁଃଖରେ ଭାଙ୍ଗି ପଡୁଥିବା ମଣିଷର ଜୀବନ ବୈଚିତ୍ର୍ୟ ବଖାଣୁ ବଖାଣୁ ସେ ଦୁଃଖର ଗଭୀରତା ଭିତରୁ ସୁଖ ଟିକକକୁ ଚିହ୍ନଟ କରିବା ପାଇଁ ବ୍ରିତ

ହୋଇପଡ଼ନ୍ତି । ସମ୍ମୁଖରେ ଭେଟୁଥିବା ସ୍ୱର୍ଣ୍ଣମୃଗର ଛବି ତାଙ୍କୁ ଯେତିକି ସମ୍ମୋହିତ କରୁଥାଏ । ପ୍ରତି ପଦପାତରେ ଭେଟୁଥିବା ପ୍ରତିବନ୍ଧକମାନେ ମଧ୍ୟ ସେତିକି ବିଦ୍ରୋହୀ କରିଦିଅନ୍ତି କବିମନ । ସେ ତତ୍କାଳୀନ ସମାଜବ୍ୟବସ୍ଥାକୁ ବିଦ୍ରୂପ କରି କହନ୍ତି:

"ହେ ଈଶ୍ୱର ଏ ସମସ୍ତ ତୁମ ପାପର ହିଁ ଫଳ
ଧାଉଁଥିବ ମୋ ପଛରେ ନାଚି ନାଚି ତୁମରି କଙ୍କାଳ
ସବୁଦିନ ପରି ସେଦିନ ବି ଆସିବ ସକାଳ
ମୁଁ ପଢ଼ିବି କାଗଜରୁ ପ୍ରଭୁ ତୁମ ମୃତ୍ୟୁର ଖବର ।"

**(କବିତା: 'ପୁନଶ୍ଚ ଈଶ୍ୱରଙ୍କ ପ୍ରତି', ସଂ. 'ସମୟ ଅସମୟ' ପୃ.୫୯)**

ପ୍ରୟୋଗବାଦୀ କବିତାର ପ୍ରବୀଣ କାବ୍ୟକାର ଡକ୍ଟର ଷଡ଼ଙ୍ଗୀ ଆପଣାକୁ ତତ୍କାଳୀନ କାବ୍ୟଭୂମିର ଜୀବନଯନ୍ତ୍ରଣା ଓ ନିଃସଙ୍ଗତା ଭିତରୁ ମୁକ୍ତ କରିପାରି ନାହାନ୍ତି । ସଂତ୍ରସ୍ତ ଜୀବନବୋଧ ଓ ମୋହଗ୍ରସ୍ତ ବାସ୍ତବ ଜୀବନ କେମିତି ଯନ୍ତ୍ରଣାମୟ କରି ଦେଉଛି ଓ ମଣିଷ ଭିତରୁ କେମିତି ଆଧ୍ୟାତ୍ମିକତା ତଥା ଈଶ୍ୱର ବିଶ୍ୱାସ ତୁଟି ଯାଉଛି ତା'ର ଛାୟାଚିତ୍ର ତାଙ୍କର ପ୍ରାରମ୍ଭିକ କାବ୍ୟ ଜୀବନରେ ଦେଖିବାକୁ ମିଳିଥାଏ । ଅତିବାସ୍ତବବାଦୀ ଦୃଷ୍ଟିକୋଣର ଅନ୍ୟତମ କବି ଡକ୍ଟର ଷଡ଼ଙ୍ଗୀ ଅଗ୍ରାହ୍ୟ କରନ୍ତି ଈଶ୍ୱରଙ୍କ ସ୍ଥିତି । କବି ପରମ୍ପରାର କାବ୍ୟିକ ପଟ୍ଟ ପରିବର୍ତ୍ତନରେ ଜୀବନର ଦ୍ୱନ୍ଦ୍ୱ ଓ ଝଡ଼ଝଞ୍ଜା ଭିତରେ କବି ନିଷ୍ଠୁର ବାସ୍ତବତାର ଚମକପ୍ରଦ ଜୀବନଗାଥା ପ୍ରକାଶ କରନ୍ତି । ଉତ୍ତର ପଚାଶର ସେହି ନୈରାଶ୍ୟ, କ୍ଲାନ୍ତି, ଅର୍ଥହୀନତା ଓ ଅବକ୍ଷୟର କଥାକୁ ମୂଳରୁ କବି ଅବତାରଣା କରିଥିଲେ ମଧ୍ୟ ଧୀରେ ଧୀରେ ସ୍ୱଷ୍ଟ ହୋଇ ଉଠିଛି ଉତ୍ତର ଅଶୀରେ ତାଙ୍କର କାବ୍ୟ ଭାବନା ।

ପ୍ରକାଶିତ କବିତା ପୁସ୍ତକ: ୧. 'ସମୟ ଅସମୟ'(୧୯୭୭), ୨. 'ସ୍ଥିବିର ଅଶ୍ୱାରୋହୀ' (୧୯୮୦), ୩. 'ଶବରୀଚର୍ଯ୍ୟା' (୧୯୮୯), ୪. 'ଛାୟା ଦର୍ଶନ'(୧୯୯୫) ୫. 'ଶୂନ୍ୟ ସଂହିତା ଓ ଅନ୍ୟାନ୍ୟ କବିତା'(୧୯୯୮), ୬. 'ସ୍ୱରୋଦୟ' (୨୦୦୪), ୭. 'ଆଉ କେତେବାଟ'(୨୦୧୩), ୮. 'ଏ ପର୍ଯ୍ୟନ୍ତ ଓ ଶେଷ ପର୍ଯ୍ୟାୟ' (୨୦୧୮), ୯. 'ସୂତ୍ରଧର'(୨୦୨୦), ୧୦. 'ସେ ଲୋକକଥା'(୨୦୨୨)

ଇଂରାଜୀ ଅନୁବାଦ କବିତା ପୁସ୍ତକ Day in and out -1984, poems-2008

'Meet the Author' ପ୍ରବନ୍ଧରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଉଲ୍ଲେଖି କରିଛନ୍ତି ଯେ 'Perturbed by rending emotional distress and thwarted desires that almost defined his age, God, no longer seemed a secure refuge for humanity; he rather became a pitiable object of ridicule. 'Death' became a powerful religion in Bansidhar's poetry substituting God in many of his poems included in the first collection, Samaya Asamaya.' ନିଃସଙ୍ଗ ଅସ୍ତିତ୍ୱର ପ୍ରତିପାଦନ ଓ ସାଂପ୍ରତିକ ଜୀବନର ଚିତ୍ରକୁ କବି ବେଶ୍ ଶାଣିତ ଭାବରେ ପ୍ରକାଶ କରିଛନ୍ତି ତାଙ୍କର ପ୍ରଥମ ଦୁଇ ଦଶନ୍ଧିର କବିତାର ଭାବବସ୍ତୁ ଭିତରେ । ଏଣୁ ୧୯୭୫ ରୁ ୧୯୯୫ ର କାବ୍ୟ ପରିଧି ଭିତରେ ବଂଶୀଧର କେବଳ ଜୀବନର ବିଫଳତାକୁ ରୂପ ଦେବାର ପ୍ରୟାସ କରି ନାହାନ୍ତି, ବରଂ ବ୍ୟଥିତ ଭାବରେ ଜୀବନର ଭଗ୍ନାଂଶକୁ ଖୋଜିବାରେ ବ୍ୟାକୁଳ ହୋଇ ଉଠିଛନ୍ତି । ଫଳତଃ 'ଶବରୀଚର୍ଯ୍ୟା'ରେ ସେ ମିଥ୍‌କୁ ନୂଆ ଢଙ୍ଗରେ ଉପସ୍ଥାପନ କରି କବିତାରେ ଆବିଷ୍ଟ ଓ ଉଦ୍‌ବୁଦ୍ଧ କରି ପାରିଛନ୍ତି ।

ଅନ୍ୱେଷଣ ଓ ଅର୍ଥଦ୍ୟୋତନା ବଂଶୀଧରଙ୍କ କାବ୍ୟଭାବନାର ମୂଳାଧାର । ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅଧ୍ୟାପନା ତଥା ବହୁପାଠିତା ତାଙ୍କୁ କାବ୍ୟଭୂମି ସଜାକରଣରେ ଦେଇଛି ଋଷି ପ୍ରତିମ ହୃଦୟଟିଏ । ଫଳରେ ଅପାର୍ଥିବ ଉତ୍ତରିତ ଚେତନା ଭିତରେ ଦେହରୁ ଦେହାନ୍ତର ଓ ମୃତ୍ୟୁରୁ ଅମୃତ ଦିଗକୁ ଯାତ୍ରା କରିଛି ତାଙ୍କର କାବ୍ୟଭାବନା । କେତେବେଳେ ବିଭୋର ଓ ବିସ୍ମୟ ତ କେତେବେଳେ ନିଷ୍କପଟ ଶାଶ୍ୱତ ଚେତନାଦୀପ୍ତ ଭାବନା ପ୍ରଲମ୍ବିତ ହୋଇଯାଇଛି ତାଙ୍କ ଚେତନାର ଅନ୍ତଃସ୍ୱର ଯାଏଁ । ସେଥିପାଇଁ ଚିତ୍ରକଳ୍ପର ସମ୍ମୋହିତ ରୂପ ତଥା ସହଜଯାନୀୟ ଚେତନାର ପ୍ରଖ୍ୟାପନ ତାଙ୍କୁ ଆଉ ଏକ କାବ୍ୟପୃଥିବୀ ନିର୍ମାଣରେ ପ୍ରେରିତ କରିଛି । 'ଶବରୀଚର୍ଯ୍ୟା' କବିତାରେ କାବ୍ୟପୁରୁଷ କହେ:

"ଶବରୀ କାଳୀ:
ଜୀବନର ପ୍ରତିଶ୍ରୁତି ଭରି ଦେ:
ଉଚ୍ଚ ପର୍ବତ ଶିଖରରେ
ତୋର ବାସ
ସହଜ ସୁନ୍ଦରୀ:
ଏଇ ଅପରିଣାମଦର୍ଶୀ ଉନ୍ମତ୍ତ ଶବରକୁ
ଆୟତ୍ତାଧୀନ କରିବା
ତୋ' ପକ୍ଷରେ
କଷ୍ଟକର ନୁହେଁରେ ଶବରୀ ।"(ପୃ.୪)

'ଅପରିଣାମଦର୍ଶୀ ଉନ୍ମତ୍ତ ଶବର' ଅର୍ଥାତ୍ ଉନ୍ମତ୍ତ କାମନାମାନଙ୍କୁ ବଳିଷ୍ଠ ସାତ୍ତ୍ୱିକ ଚେତନାରେ ବାନ୍ଧି ଦେଇ ପିଣ୍ଡ ଭିତରେ ବ୍ରହ୍ମାଣ୍ଡର ଦର୍ଶନ କରିବାର ଏ ଯେଉଁ ଆକାଂକ୍ଷା, ତାହା ଭାଷାର ଉଚ୍ଚତାକୁ ସ୍ପର୍ଶ କରିଥିଲା ପରି ମନେହୁଏ । ଅସମାହିତ ରହସ୍ୟକୁ ଭେଦ କରିବା ପାଇଁ କାବ୍ୟ ପୁରୁଷର ଏ ଯେଉଁ ପ୍ରୟାସ ତାହା ଓଡ଼ିଆ କବିତାର ବ୍ୟାପ୍ତିକୁ ଜୀବନ ପରିଧିର ବହୁ ଉର୍ଦ୍ଧ୍ୱକୁ ନେଇ ଯାଇପାରିଛି ।

ଏ କାବ୍ୟିକ ଅନୁସନ୍ଧାନ ଚିରକାଳ ଜାରି ରହିଛି । ସେଥିପାଇଁ ଶବ୍ଦ ହୋଇଛି ଅକୁଳାଣ । ବରଂ ସଂକେତ ଓ ଧ୍ୱନି ଭିତରେ କବିତା ହୋଇଛି ବୈଚିତ୍ର୍ୟମୟ । ସବୁ ରହସ୍ୟ ଭିତରେ କାବ୍ୟ ପୁରୁଷ ବିଶ୍ୱବ୍ରହ୍ମାଣ୍ଡକୁ ଠାବ କରିବାର ପ୍ରୟାସ କରୁଛି । ନିଜର ଛାଇ ଭିତରେ ସେ ଦେଖୁଛି ସମୟ, ସ୍ମୃତି ଓ ଭବିଷ୍ୟତ । ଧୀରେ ଧୀରେ କାବ୍ୟପୁରୁଷ ନିଜକୁ ନିର୍ମାଣ କରୁଛି 'ଛାୟା ଦର୍ଶନ' ଭିତରେ । ସବୁଠି ସେ ଅନୁଭବ କରୁଛି ନୀରବତା, ପୁଣି ସେ ଦେଖୁଛି ନୀରବତାର ଆରପାରିରେ ଆଦିଗନ୍ତ ଶୂନ୍ୟତା । ଭଙ୍ଗା ଭଙ୍ଗା ସ୍ୱପ୍ନ ଓ ଶେଥାଶେଥା ପ୍ରତିଶ୍ରୁତି ଭିତରେ ସେ ନିରର୍ଥକ ବାସ୍ତବତାକୁ ଭେଟୁଛି । ଫଳତଃ କବିସତ୍ତା ସୂକ୍ଷ୍ମରୁ ସୂକ୍ଷ୍ମତର ସ୍ତରକୁ ବିଚରଣ କରୁଛି ଏଇ 'ଛାୟା ଦର୍ଶନ' ପାଖରୁ । ଏ 'ଛାୟା' ହେଉଛି ପରମ ସତ୍ତା । ସବୁ ଯନ୍ତ୍ରଣା ଓ ଦୁଃଖ ଭିତରୁ ସେ ଆଲୋକର ସତ୍ତାକୁ ଦେଖେଇଥାଏ ମ୍ରିୟମାଣ ଆତ୍ମାକୁ ସେ ପ୍ରବୋଧନା ଦିଏ । କାବ୍ୟପୁରୁଷ କହେ:

"ଅଛି ଓ ନାହିଁ ମଝିରେ
ଅନ୍ୟ ଏକ ସ୍ଥିତି
ସେ ମୋର ଛାୟା ଅଥବା ମୁଁ
ମୋ ଉଚ୍ଚାରିତ ଅନୁଚ୍ଚାରିତ
ଶବ୍ଦର ଧ୍ୱନି- ।" **(ଛାୟାଦର୍ଶନ)**

ଆତ୍ମା ଯେଉଁ ଆଶ୍ରାଟି ଖୋଜୁଥାଏ, ସେହି ଶକ୍ତିଟି ଦେଇଥାଏ ଏ 'ଛାୟା' । 'ଆତ୍ମଜ୍ଞାନ'ର ଛାୟାରେ ବିଭୋର କାବ୍ୟପୁରୁଷର ପ୍ରାଣ । ଏଠି ଜୀବନର ବିଫଳତା ନ୍ୟୂନ ପ୍ରମାଣିତ ହୋଇଯାଏ । ଅଧିକ ତତ୍ତ୍ୱମୁଖୀ ଓ ଅନ୍ୱେଷଣକାରୀ ପାଲଟି ଯାଏ କାବ୍ୟପୁରୁଷ । ଏ ଭାବ ପ୍ରଲମ୍ବିତ ହୋଇଯାଇଛି । 'ଶୂନ୍ୟ ସଂହିତା ଓ ଅନ୍ୟାନ୍ୟ କବିତା'ଯାଏଁ । ଉତ୍ତର ଅଶୀ ଓଡ଼ିଆ କବିତାରେ ଯେଉଁ ପାରମ୍ପରିକ ମୂଲ୍ୟବୋଧର ପ୍ରତିଷ୍ଠା ହୋଇଛି ଓ ଆଉ ଏକ ସାଂସ୍କୃତିକ ପୁନର୍ଜାଗରଣ ମୁଣ୍ଡ ଟେକିଛି ତଥା ନକାରାତ୍ମକ ଭାବନାର ପରିସମାପ୍ତି ଘଟିଛି- ତା'ର ଜ୍ୱଳନ୍ତ ଉଦାହରଣ 'ଶୂନ୍ୟ ସଂହିତା ଓ ଅନ୍ୟାନ୍ୟ କବିତା'ର ଭାବ ସମୂହ ।

ପ୍ରାଚ୍ୟ ଅସ୍ତିତ୍ୱବାଦୀ କାବ୍ୟ ଭାବନା ଭିତରେ ଓଲଟବୃକ୍ଷ, ହଂସ, ଚଢ଼େଇ, ପ୍ରଜାପତି, ନଦୀ ଓ ବଗିଚା କେତେବେଳେ ଜୀବନ ବା ଅନ୍ୟ କେତେବେଳେ ଆତ୍ମାର ଅନୁପୂରକ ଭାବରେ ତତ୍ତ୍ୱମୁଖୀ ହୋଇଥିବାର ଅନୁଭୂତ ହୁଏ । ଏହା ହିଁ ସମୟର ଆହ୍ୱାନ । ସମସାମୟିକ କବିଙ୍କର ଦର୍ଶନ ଓ ମୃତ୍ୟୁଚେତନା ସହିତ ତାଙ୍କର ଅସ୍ତିତ୍ୱବାଦୀ ଭାବନା ସମଗ୍ର କାବ୍ୟଜଗତକୁ ଆଚ୍ଛନ୍ନ କରି ରଖିଥିବା ପରି ମନେହୁଏ । କବି ଦୃଷ୍ଟିରେ ବିମର୍ଷ ଭାଗ୍ୟ ଓ ବିଡ଼ମ୍ବିତ ଜୀବନ କେବେ ସତ୍ୟ ହୋଇପାରେନା । ନିଜକୁ ଖୋଜିବା, ତା' ଭିତରେ ଅନ୍ତିମ ସତ୍ୟକୁ ଉପଲବ୍ଧି କରିବା ଓ ସନ୍ନ୍ୟାସୀୟ ଚେତନାରେ ମହାକାଳର ଆରପାଖକୁ ଦେଖିବା ହିଁ କବିଧର୍ମ । ସେଥିପାଇଁ ପାର୍ଥିବ ଜୀବନରୁ ଅପାର୍ଥିବ ଚେତନାକୁ ଉତ୍ତରଣ ଭିତରେ କବି 'ପରମସୁଖ'ର ଅନ୍ୱେଷଣରେ ବ୍ରତୀ ହୋଇଛନ୍ତି । ସେ କହନ୍ତି:

"ଆଉ ଚିନ୍ତା କ'ଣ ତୁ କ'ଣ ଦେଖିପାରୁନୁ
କେତେ ଅଶରୀରୀ ଆତ୍ମା ସବୁ ବୁଲୁଛନ୍ତି
ଶବ୍ଦ ହୋଇ / ତୋ'ର ଚାରିପାଖେ / ତାଙ୍କୁ ସବୁ
ଏକାଠି କରି / ବାକ୍ୟଟିଏ ଗଢ଼ି ଦେ'/ ଭିନେ ଭିନେ
ଅର୍ଥ ଦେଇ / ତାଙ୍କୁ ପରିଣତ କରିଦେ ଧୂଳିରେ:
କବିତାରେ: ମନ୍ତ୍ରରେ ।"(ବନବାସ, 'ଛାୟାଦର୍ଶନ'/ ପୃ.୦୬)

ଯୁଦ୍ଧୋତ୍ତର ମଣିଷ ଜୀବନକୁ ଆଶ୍ୱାସ ଓ ଉଶ୍ୱାସରେ ଭରିଦେବା ପାଇଁ ଏ ଅଖଣ୍ଡ ସନାତନୀ ବିଶ୍ୱାସ ଉଭୟ 'ଛାୟା ଦର୍ଶନ' ଓ 'ଶୂନ୍ୟ ସଂହିତା...'କୁ ରୁଦ୍ଧିମନ୍ତ କରିଛି । ଆସକ୍ତି ରୁ ଅନାସକ୍ତ ଭାବନାକୁ, ବ୍ୟଷ୍ଟିରୁ ସମଷ୍ଟିକୁ, ଶୂନ୍ୟତାରୁ ପୂର୍ଣ୍ଣତାକୁ ଧାବମାନ ହୋଇଛନ୍ତି "ଶୂନ୍ୟ ସଂହିତା...'ର କବିତାମାନେ । ମାୟାମୁକ୍ତ ହୋଇନଥିବା ପଡୁଛି ଶୂନ୍ୟସଂହିତା, ଜୀବ ଓ ପରମକୁ ଭେଟି ନଥିବା ମଣିଷ ପଢୁଛି ଆତ୍ମାର ଦୋହା, ମାଟି ଠୁ ଅନ୍ତରୀକ୍ଷକୁ ଭଲ କରି ପଢ଼ିନଥିବା ମଣିଷ ନିର୍ଲିପ୍ତ ଶୂନ୍ୟତା ଦେହରେ ଦେଖୁଛି ମଣିଷର ଆର୍ତ୍ତି । ଏଣୁ କାବ୍ୟପୁରୁଷ ଜାଣେ ଯେ ତା' ପାଖେ ପାଖେ ଛାୟା ପରି, ଶୂନ୍ୟ ପରି ସେଇ ଅଜଣା ଅଚିହ୍ନା ବନ୍ଧୁଟି ବୁଲୁଥାଏ ଏ ମାଟିରୁ କାମ ସରିଗଲେ ସାଥୀରେ ନେଇଯିବା ପାଇଁ । ସେ ଜାଣେ, ସବୁ ଜାଣେ- ଆକାଶ, ସମୁଦ୍ର, ପକ୍ଷୀ, ଚଢ଼େଇ ଭିତରେ ନିଜ ଆତ୍ମାକୁ ଦେଖେ । ଏଣୁ କାବ୍ୟ ପୁରୁଷ କହେ:

"ବାଡ଼ି ପଟେ କାନ୍ଥ କଡ଼ରେ ଲୁଚିଥିବା ଲୋକଟି
ଚାଲି ଯାଉଚି ଆରପଟକୁ ସଂଶୟ ଭିତରକୁ
ସେ ମୋତେ ସାଙ୍ଗରେ ନେଇ ଯାଉଛନ୍ତି
ବ୍ୟସ୍ତ ହୁଅନା / ବାଟ ଦିଶିଗଲେ
ପୁଣି ଗୋଠରୁ ଫିଟି ଆସିବି ଯେ ।" (ଫେରିଆସିବା)

ଫେରି ଆସିବାର ଏ ଅନ୍ୱେଷା ଅନ୍ତହୀନ । କାବ୍ୟପୁରୁଷ ନିଜକୁ ସମର୍ପି ଦେଉଛି ସେହି ପରମ ପୁରୁଷଙ୍କ ନିକଟରେ । ସାରାଜୀବନ ଏଇମିତି ଛାଇ ଆଲୁଅର ଖେଳ ଭିତରେ ବାରମ୍ବାର ପରୀକ୍ଷା ଦେଉଛି କାବ୍ୟପୁରୁଷ । ଏ ମାୟା ଜାଲରୁ କେତେବେଳେ ବି ନିସ୍ତାର ନଥିଲେ ମଧ୍ୟ ସେ ବାଟଟିଏ ଖୋଜୁଛି ଫେରି ଆସିବା ପାଇଁ । ଯୁଗ ଯୁଗର ଏ ଅସମାହିତ ଭାବନାକୁ ନେଇ ଚାଲିଛି କବିତାର ଶବ୍ଦ, ଏ ବିସ୍ମୟବୋଧକୁ ନେଇ ଚାଲିଛି କବିତାର ଭାବନା, ଯାହା କବି ଶ୍ରୀ ଷଡ଼ଙ୍ଗୀଙ୍କ ଅନ୍ତହୀନ ଅନ୍ୱେଷଣ ଭିତରେ ପ୍ରତିପାଦିତ ହୋଇଛି ।

ତଥାପି ସ୍ୱପ୍ନର ଶେଷ ହୋଇନି, ଶେଷ ହୋଇନି ମୃତ୍ୟୁ ସହ ଅନ୍ତରଙ୍ଗ ଆଳାପ । କାବ୍ୟପୁରୁଷର ଯାତ୍ରା ସଦାସର୍ବଦା ସମୟ, ଜୀବନ ଓ ମୃତ୍ୟୁର ଆରପାଖରେ । କାବ୍ୟପୁରୁଷ ନିଜେ ଗୋଟେ ସରଳ ଭାଷା, ସହଜ ସ୍ୱର- ଅନ୍ତହୀନ ଅପେକ୍ଷାର ଆକୁଳ ତୃଷ୍ଣା, ପ୍ରବୃତ୍ତିରୁ ନିବୃତ୍ତି ଓ ନିବୃତ୍ତିରୁ ମାଟି ପ୍ରତି ମୋହରେ ବନ୍ଧା । ଏଣୁ କବି ଉତ୍ତର ଷାଠିଏର ଉତ୍ତୀର୍ଣ୍ଣ ବୟସରେ ଆଉ ଅଜଣା, ଅଚିହ୍ନା ଓ ସମ୍ଭାବନାମୟ ଜିଜ୍ଞାସା ଭିତରକୁ ପଶି ଆସିଛନ୍ତି- ଯାହାର ଫଳସ୍ୱରୂପ ଉଦୟ ହୋଇଛି 'ସ୍ୱରୋଦୟ' । ଗୋଟେ ଦର୍ଶନ ଭିତରୁ କାବ୍ୟିକ ଚେତନା ଗହୀରରୁ ଗହୀରତମ ପ୍ରଦେଶକୁ ଯାଇ ଖୋଜିବାରେ ଲାଗିଛି ଜୀବନର ବିଶ୍ୱରୂପକୁ । ଏଣୁ 'ସ୍ୱରୋଦୟ'ର ଆରମ୍ଭରୁ ହିଁ କାବ୍ୟପୁରୁଷ ସଚେତନ । ସେ କୁହେ:

"ଯେତେବେଳେ କିଛି ନଥିଲା ଖାଲି ନଥିବା ଥିଲା
ପତ୍ର ନଝଡ଼ିବା ବେଳେ ଛିଡ଼ି ପଡ଼ିବା ଥିଲା
କିଏ ଭାଙ୍ଗି ଦେଇଗଲା ଘଣ୍ଟାର କଣ୍ଟା ସବୁକୁ
ଅଥଚ ଘଣ୍ଟାର ଟିକ୍‌ଟିକ୍ ଶବ୍ଦ ଥିଲା
ଖାଲି ଯାହା ଜଣା ପଡୁ ନଥିଲା
କେତେଟା ବାଜିଛି ବୋଲି ।" (ଏଥର, ପୃ.୧୫)

ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ ଏ ପଙ୍‌କ୍ତି । ଏପରିକି ମନେହୁଏ 'ସ୍ୱରୋଦୟ'ର ଆରମ୍ଭ ଓ ଶେଷ ଏଇ ପଦକରେ, ଆଉ ଯାହା ଖାଲି କିଛି ପଢ଼ିବା ପାଇଁ, ଖୋଜିବା ପାଇଁ ଗୋଟେ ଶାବ୍ଦିକ ଖେଳ । ଅସୀମ ଧୈର୍ଯ୍ୟ ଏ ସମୟର । 'କିଛି ନଥିବା ବେଳେ ସେ ଥାଏ'- ଅନୁଭୂତିର ଏ ବ୍ୟାପକତା, ଜୀବନ ପ୍ରତି ଗଭୀର ଅନ୍ତର୍ଦୃଷ୍ଟି ଶିହରିତ କରିଦିଏ ଏକ ଅଜଣା ପୁଲକରେ ସାରା ଦେହ । ଗୋଟେ କିଛି ଆବିଷ୍କାର ହେଲା ପରି ଲାଗେ, କିନ୍ତୁ ସେ କ'ଣ କେହି କହି ପାରିବେ ନାହିଁ । ଏ ଉତ୍ସୁକତା ହିଁ କାଳକାଳକୁ କବିତାକୁ ବଂଚେଇ ରଖେ- ଯାହା ବଂଶୀଧରଙ୍କ କାବ୍ୟିକ ମାଧୁର୍ଯ୍ୟକୁ ଷୋଳପଣ ରହସ୍ୟାଚ୍ଛନ୍ନ କରି ରଖିଥାଏ ।

ଅଥଚ ଖୁବ୍ ନିଆରା ଲାଗେ 'ସୂତ୍ରଧର' ଓ 'ସେ ଲୋକକଥା' । ଏ ଯାବତ୍ କଲମ ଚଳେଇଥିବା ମଣିଷଟି ପୁଣି ଦୁଃଖ ଯନ୍ତ୍ରଣାକୁ ଭୁଲି ପ୍ରତିଦିନର ଜୀବନଚର୍ଯ୍ୟାକୁ ଭୁଲି ସେ ଆଉଥରେ ନିଜକୁ ଯେମିତି ତିଆରି କରୁଛ ଓ ଆସନ୍ତା ଜନ୍ମ ପାଇଁ ନିଜକୁ ପ୍ରସ୍ତୁତ କରୁଛି ବୋଲି ମନେହୁଏ । 'ସୂତ୍ରଧର'ରେ ପାରତ୍ରିକ ଜୀବନ ପ୍ରତି ମୁହ୍ୟମାଣତା ଓ ଆତ୍ମସମର୍ପଣ ତଥା 'ସେ ଲୋକକଥା'ରେ ଆଧ୍ୟାତ୍ମିକତାର ଉତ୍ତରଣ ଓ ମୃତ୍ୟୁ ପ୍ରତି ମିତ୍ର ଦୃଷ୍ଟି ଖୁବ୍ ନିଜର ନିଜର ଲାଗେ । କାବ୍ୟପୁରୁଷ କହେ:

"ସବୁ ନାଟର ଗୋବର୍ଦ୍ଧନ
ସେଇ ସୂତ୍ରଧର
ବାଁ ହାତ କାଣି ଆଙ୍ଗୁଠିରେ
କାଳେ ଗୋବର୍ଦ୍ଧନ ପର୍ବତକୁ ଟେକି ଧରି
ଗୋପପୁର ଲୋକଙ୍କୁ
ଇନ୍ଦ୍ରଙ୍କର ସାତଦିନ କାଳ ବର୍ଷା ଦାଉରୁ
ରକ୍ଷା କରିଥିଲେ ସେଇ ଗିରିଧର...." (ପୃ.୧୪୫/ କବିତା-ସୂତ୍ରଧର)

ଏଇଠି ସ୍ପଷ୍ଟ ହୋଇଉଠେ ଆତ୍ମସମର୍ପଣ । କବିତା ଖୋଜା ଠାରୁ ଆପଣାକୁ କବିତାର କଥ୍ୟ ଭାବରେ ପରିବେଷଣ କରିବା ଭିତରେ କାବ୍ୟ-ଉନ୍ମୁଖତା ପ୍ରତିପାଦିତ ହୋଇଛି । ଯୁଆଡ଼େ ଚାହିଁଲେ ସେଇ ହିଁ ପାଲଟି ଯାଇଛି ଅସୀମ । ସେ କହେ: "ଯେତେବେଳେ ଚଢ଼େଇଟିଏ ହୋଇ / ଆକାଶରେ ଉଡ଼ିବାକୁ ମନ ହୁଏ / ଏଇ ସାର୍ଟ ପ୍ୟାଣ୍ଟ୍ ବାଧା ଦିଏ / ସତରେ କ'ଣ ଏଇ ପୋଷାକ ପରିଚ୍ଛଦ ନଥିଲେ / ଆକାଶରେ ଉଡ଼ିବା ସମ୍ଭବ ହୋଇ ପାରନ୍ତା... !" (ପାଳଭୂତ, ପୃ.୯୫/୯୬) କିନ୍ତୁ 'ସେ ଲୋକକଥା' ଯେମିତି ମନେହୁଏ କାବ୍ୟ-ପୁରୁଷର କଥା । ଏକ ନିର୍ଦ୍ଦିଷ୍ଟ ବୟସରେ ପହଞ୍ଚିବା ପରେ ତୁଚ୍ଛ ମନେହୁଏ ସାରା ସଂସାର, ମଣିଷ ମର୍ମେମର୍ମେ ଅନୁଭବ କରୁଥାଏ ସଂସାରର କ୍ଷଣ ଭଂଗୁରତାକୁ । ସମସ୍ତେ ମନେ ହୁଅନ୍ତି ସାତପର । ଆଉ ଖୋଜିବାରେ ମନ ନଥାଏ କି ରହସ୍ୟ ଭେଦିବାକୁ ଇଚ୍ଛା ନଥାଏ । ଏକ ଉର୍ଦ୍ଧ୍ୱ ଉଡ଼ାଣ ପାଇଁ 'ଆତ୍ମା ପୁରୁଷ' ଆପଣାକୁ ପ୍ରସ୍ତୁତ କରୁଥାଏ । ସେତେବେଳ ସେ କହେ:

"ଏ ଜୀବ ବଡ଼ ମାୟାବୀ
ଓ ସେ କାହାର ନୁହେଁ

ଭଜନ ଶୁଣି ସାରିବା ପରେ
ଏବେ ବୋଉ କଥା ଭାରି ମନେପଡୁଚି
ଦଶମାସ ଗର୍ଭରେ ଧରି
ବହୁକଷ୍ଟ ସହିଚି ବୋଉ
ତା' ଋଣ କ'ଣ କେବେ ଶୁଝିହେବ..." **(ହଂସର ଘର, ପୃ.୧୨୦)**

ଏ ଅତୀତମୁଖୀନତା ମହଲଣ ପଡ଼ି ଆସୁଥିବା ଜୀବନର ସ୍ୱଗତୋକ୍ତି । ଏଥିରେ ଜୟପରାଜୟ ନାହିଁ, ଜୀବନର ଲାଭକ୍ଷତି ନାହିଁ, ଆତ୍ମ ପ୍ରବଂଚନା ନାହିଁ- ରହିଛି ଏ କ୍ଳାନ୍ତିକର ଜୀବନ ଠୁ ଅଗଣାକୁ ଫେରେଇ ନେବାର ଆକୁଳ ମିନତୀ । ସେଥିପାଇଁ ପରପର୍ଯ୍ୟାୟରେ କାବ୍ୟପୁରୁଷ କହ: "ଆପଣ ଦିନେ ଆସିବେ ନିଶ୍ଚେ / ଆପଣଙ୍କ ଜାଗାରୁ / ଏଇ କବିତାର ଶବ୍ଦମାନଙ୍କ ପାଖକୁ / ଯାହାକୁ ଅବାଂଛିତ ଭାବି / ଏଡ଼େଇ ଯାଇଥିଲେ / ଅନର୍ଥ ନୁହେଁ ତା'ର ଅର୍ଥ / ଆପଣଙ୍କୁ ଟାଣି ଆଣିବ / ତା' ନିକଟକୁ ।" **(କବିତା ବାହାରେ ଥାଏ, ପୃ.୮୮)**

ଉନ୍ମୋଚିତ ହୋଇଯାଇଛି ଜୀବନର ସମସ୍ତ ରହସ୍ୟ । ଭୌତିକ ସୁଖ ଭିତରୁ କାବ୍ୟପୁରୁଷ ଅନୁଭବ କରୁଛି ପରମାର୍ଥ । ଏଠି ବ୍ୟକ୍ତିସତ୍ତା ନିଷ୍ପ୍ରଭ, ପ୍ରଜ୍ଞା ଝାପ୍‌ସା । ଅଥଚ ଜୀବବ୍ୟାପୀ କାବ୍ୟ ସାଧନା ମଧ୍ୟ ଅସମାହିତ । ସାରା ଜୀବନ କବିତା ଭିତରେ ନିଜକୁ ଚିହ୍ନୋଉଥିବା ମଣିଷଟି ପାଇଁ ପୃଥିବୀ ସବୁବେଳେ ଅଦେଖା ପୃଥିବୀଟିଏ ହୋଇ ରହିଯାଏ- ଯେଉଁଠି କବି ବଂଶୀଧର ଷଡ଼ଙ୍ଗୀଙ୍କର ଊର୍ଦ୍ଧ୍ୱଚେତନାକୁ ସବୁ ସମୟରେ ଅନୁଭବ କରି ହେଉଥାଏ ।

**ପ୍ରତିଭା ଶତପଥୀ (୧୯୪୫):** ଅପରପକ୍ଷରେ ଉତ୍ତର ସତୁରୀ କାବ୍ୟଚେତନାର ଅନ୍ୟତମ ପୁରୋଧା କବି ପ୍ରତିଭା ଶତପଥୀ (୧୯୪୫)ଙ୍କ କାବ୍ୟଚେତନା ବହୁ ରଙ୍ଗରେ ରଂଜିତ । ପ୍ରାଥମିକ ପର୍ଯ୍ୟାୟ କବିତାମାନଙ୍କରେ ସେ ଏଲିଏଟିୟ କାବ୍ୟଶୈଳୀ ଓ କାବ୍ୟ ଭାବନାକୁ ଗ୍ରହଣ କରି କବିତା ଲେଖିଥିବା ପରି ଲାଗନ୍ତି, ଯାହା ତାଙ୍କର 'ଅସ୍ତଜହ୍ନର ଏଲିଜି' (୧୯୬୯) ବା 'ଗ୍ରସ୍ତ ସମୟ' (୧୯୭୪) ବିଚାର କଲେ ଜଣାଯାଏ । କବି ସମୟକୁ ରାହୁଗ୍ରସ୍ତ ଚନ୍ଦ୍ର ପରି ମନେକରିବା ସହିତ ସହରୀ ଜୀବନର ଉଗ୍ରବାସ୍ତବତା କେମିତି ମଣିଷ ଠାରୁ ସ୍ୱପ୍ନ ଛଡ଼େଇ ନେଇଛି ଓ ସଭ୍ୟ ମଣିଷ କେମିତି ଜାନ୍ତବ କ୍ଷୁଧାରେ ପୀଡ଼ିତ ତାହା ପ୍ରକାଶ କରିବା ସଂଗେ ସଂଗେ ବ୍ୟସ୍ତ ମଣିଷର ଆଖିରୁ ସୌନ୍ଦର୍ଯ୍ୟ ଉପଭୋଗ କରିବାର ମାଦକତା କେମିତି ହଜି ଯାଉଛି ତାହା ପ୍ରକାଶ କରିଛନ୍ତି ।

"ପୃଥିବୀରେ / ମଣିଷ ବଞ୍ଚିବା ବଡ଼ ଦୁରୂହ କଠିନ
ସବୁଠୁ କଠିନ ପୁଣି ଆକାଶ ଦେଖିବା
ରୁଦ୍ଧ, ଅନ୍ଧକାରମୟ କୋଠରୀରେ
ମଣିଷ ଖପୁରୀ ପରି ମେଘଗ୍ରସ୍ତ ଦ୍ୱାଦଶୀର ଜହ୍ନ ।" **(ସୂଚୀପତ୍ର/ସଂ.ଗ୍ରସ୍ତ ସମୟ)**

ଏ ସମୟର କାବ୍ୟଧାରାରେ ଗୁରୁପ୍ରସାଦ ବା ରମାକାନ୍ତଙ୍କ ପରି ପ୍ରତିଭା ମଧ୍ୟ ସେହି କାବ୍ୟଶୈଳୀ ଓ ଭାବନାକୁ ଆପଣେଇ ନେଇଥିବା ପରି ମନେହୁଏ । ଜଞ୍ଜାଳ, ସାମାଜିକ ବିଭଙ୍ଗତା, ବିରୋଧାଭାସ, ଶଠତା, ଯନ୍ତ୍ରଣା ଓ ସ୍ୱାର୍ଥପରତାର ପୃଷ୍ଠଭୂମିରେ ଗତି କରୁଥିବା ଏ ସମୟର କବିତା ଆଶ୍ୱସ୍ତ ହୋଇଛନ୍ତି ପରବର୍ତ୍ତୀ ସମୟରେ ।

ପ୍ରକାଶିତ କବିତା ପୁସ୍ତକ ୧. 'ଆମକବିତା'(୧୯୬୨), ୨. 'ଅସ୍ତ ଜହ୍ନର ଏଲିଜି' (୧୯୬୯), ୩. 'ଗ୍ରସ୍ତ ସମୟ' (୧୯୭୪), ୪. 'ସାହାଡ଼ା ସୁନ୍ଦରୀ' (୧୯୭୮), ୫. 'ନିୟତ ବସୁଧା'(୧୯୮୦), ୬.'ନିମିଷେ ଅକ୍ଷର'(୧୯୮୫) ୭. 'ମହାମେଘ' (୧୯୮୮), ୮. 'ଶବରୀ' (୧୯୯୧), ୯. 'ତନ୍ମୟ ଧୂଳି' (୧୯୯୬), ୧୦. 'ଅଧାଅଧା ନକ୍ଷତ୍ର' (୨୦୦୧), ୧୧. 'କହି ନହେଲେ' (୨୦୦୬), ୧୨. 'ତୁମ ପାଇଁ ଥରେ, ସବୁଥର'(୨୦୧୧)

'ଗ୍ରସ୍ତ ସମୟ'ର ଏକାକୀତ୍ୱବୋଧ ଓ ନିଃସଙ୍ଗତା ଭିତରୁ କ୍ରମଶଃ କବି ମୁକ୍ତ ହୋଇ 'ସାହାଡ଼ା ସୁନ୍ଦରୀ' ବେଳକୁ ଏକ ନୂଆଧାରା ପାଇ ସାରିଛନ୍ତି, ଯେଉଁଠି ଲୋକକଥା ଓ କିମ୍ବଦନ୍ତୀ ସହିତ ଆପଣାର ଅଭ୍ୟନ୍ତରକୁ ସଂଯୋଜିତ କରି ଏକ ନୂଆ ଦିଶାର ସନ୍ଧାନୀ ହୋଇଛନ୍ତି । ସ୍ୱପ୍ନ ଓ ଭାଗ୍ୟର ଚମତ୍କାର କ୍ୟାନ୍‌ଭାସ୍‌ରେ ଏ କବିତା ସମୂହ ଯନ୍ତ୍ରଣାଗ୍ରସ୍ତ ଜୀବନକୁ ପ୍ରବୋଧନା ଦେବା ପରି ମନେହୁଏ । ଫଳତଃ 'ସାହାଡ଼ା ସୁନ୍ଦରୀ' ଠାରୁ ଆରମ୍ଭ ହୋଇଥିବା ନିଚ୍ଛକ ନାରୀ ମନର ସଂଗୁପ୍ତ ଇଚ୍ଛା, ଯନ୍ତ୍ରଣା ଓ ନିଃସଙ୍ଗତା କବି-ଚେତନାକୁ ନୂତନ ମୋଡ଼ ଦେଇଥିବାର ଲକ୍ଷ୍ୟ କରାଯାଏ । ବାସ୍ତବ ସଂସାରରେ ମଣିଷର ଆକାଂକ୍ଷା କେତେବେଳେ ବି ପୂରଣ ହୋଇପାରେ ନାହିଁ । ବେଳେବେଳ ମନ ଭିତରକୁ ପଶି ଆସୁଛ ବିଭଙ୍ଗ ଧୂସର ପୃଥିବୀର ଚିତ୍ର । ଅବ୍ୟକ୍ତ ଦୁଃଖରେ ପୁନଶ୍ଚ ଘାଣ୍ଟି ହେଉଛି ମନ, ଫାଟି ଯାଉଛି ହୃଦୟ । ଦୁଃସ୍ୱପ୍ନର କଳାଛାଇରୁ ପରିତ୍ରାଣ ପାଇବା ପାଇଁ ବାଟ ଖୋଜି ବୁଲୁଛି ଆଜିର ମଣିଷ । ଅତୀତର କାବ୍ୟ ଭାବନାର ସ୍ୱୀକାରୋକ୍ତିରେ କବିଙ୍କର ଆଜିର ସମୟ ଦୋଳାୟିତ । ଏହି ଦୀର୍ଘଶ୍ୱାସର ଅନ୍ୟତମ ଚିତ୍ରଟିଏ:

"ଶୂନ୍ୟ ଶୂନ୍ୟ ଚାରିଆଡ଼ ଡବଡବ ଆଖିରେ ଅନାଏଁ
ମନେହୁଏ କେହି ନାହିଁ, ଭାରି ଏକ ନିଛାଟିଆ
ଇହକାଳ ପରକାଳ ଗୋଳି ହୋଇ
ଅନ୍ଧାରରେ ଆସ୍ତେ ବୁଡ଼ିଯାଏ ।" **(ମୋକ୍ଷଲୋକ)**

ଏ ବିକଳ ଦୀର୍ଘଶ୍ୱାସ ଭିତରେ ବି ଜୀବନର ମଞ୍ଜୀକୁ ଥରେଇ ଦିଏ ପ୍ରତିଭାଙ୍କ କାବ୍ୟ ଶୈଳୀ ଓ ଶବ୍ଦ ସଂଯୋଜନା । କବିପ୍ରାଣର ବିହ୍ୱଳିତ ଭାବ ସ୍ୱତଃ ସଂଚରି ଯାଏ ହୃଦୟରୁ ହୃଦୟ । ଜୀବନର ମୋହ, ସ୍ମୃତିସିକ୍ତ ଧୂଳିମାଟି ଆନମନା କରିଦିଏ 'ମାମୁଘର' କବିତାରେ । ନୂତନ ଚିତ୍ରକଳ୍ପ ଓ ଅନୁରାଗ ସର୍ବସ୍ୱ କାବ୍ୟିକ ବିନିର୍ମାଣ କସ୍ତୁରୀ ଚନ୍ଦନ ପରି ମହମହ କରିଦିଏ ପ୍ରତିଟି ଶବ୍ଦ । ଆପଣାଛାଏଁ ସବୁ ଜଞ୍ଜାଳ ଭିତରୁ, ତତ୍ତ୍ୱ ଭିତରୁ କାବ୍ୟିକ ଚାତୁର୍ଯ୍ୟକୁ ଉପଲବ୍ଧି କରିହୁଏ । ଯେମିତି:

"ଯେଉଁଠାରେ ଜହ୍ନ ହୁଏ / ଯୋଗୀର ଲାଉତୁମ୍ବାଟେ
ଝୁଲା ଏକ ଅଦୃଶ୍ୟ କାନ୍ଧର / ଅବା ଏକ ଏକ୍‌ତାରାର ଖୋଳ
ଚଉଦିଗ ସଂଗୀତ ମୁଖର / ସେଇଠାରେ ମୋର ମାମୁଘର ।"

ଏକ ଭାବାନୁଭୂତିର ଚିତ୍ର ସହ ସମ୍ବେଦନଶୀଳତା ଆବୋରି ବସେ ସାରା ମନକୁ । ଖୁବ୍ ମନୋଜ୍ଞ ଓ ଗଭୀର ଭାବପ୍ରଦ ଏ ପଙ୍‌କ୍ତି । ନିଃସଙ୍ଗତା, ମୂଲ୍ୟବୋଧ, ଅବକ୍ଷୟ ଓ ଯନ୍ତ୍ରଜୀବନ ଭିତରେ ବି ହୃଦୟଟିଏ ପ୍ରେମ, ଆବେଗ, ଅନୁରାଗ ଓ କରୁଣା ଖୋଜେ - ଏହା ପ୍ରତିଭାଙ୍କ କବିତାକୁ ଅନୁଶୀଳନ କଲେ ହୃଦ୍‌ବୋଧ ହେବ ।

ଅର୍ଦ୍ଧଶତାବ୍ଦୀ ବ୍ୟାପୀ କାବ୍ୟ ସାଧନା ଭିତରେ ଜୀବନର ବହୁ ସମ୍ଭାବନାମୟ ଦିଗକୁ ସ୍ପର୍ଶ କରିପାରିଛନ୍ତି କବି ପ୍ରତିଭା ଶତପଥୀ । ତାଙ୍କ କବିତା କେଉଁଠି ନିଃସଙ୍ଗ ଓ ଅସହାୟ ତ କେଉଁଠି ତରଳ ଛନ୍ଦରେ ଦୃଢ଼ ଓ ଜୀବନ ପରି ଗତିଶୀଳ । ଫଳତଃ 'ନିୟତ ବସୁଧା' ବେଳକୁ କବି ସ୍ୱକୀୟ ଚେତନାରେ ମୃତ୍ୟୁକୁ ଅନୁଭବ କରିବା ସହିତ ବିମର୍ଷ ପରିବର୍ତ୍ତେ ତା'ର ସୌନ୍ଦର୍ଯ୍ୟବୋଧକୁ କାବ୍ୟାୟିତ କରିଛନ୍ତି । ଏ ଭାବଧାରାଟି ଅଭିନବ ଯେମିତି, ଆକର୍ଷଣୀୟ ମଧ୍ୟ ସେମିତି । ସେ 'ଦୁର୍ଦ୍ଦାନ୍ତ ପ୍ରେମିକ' ପୁଣି 'ସବାସାନପୁଅ' । ସେ "ସନ୍ତର୍ପଣରେ ଆସିବ / ଖତରା କାଠ ପିଞ୍ଜରା ଭିତରୁ / ତୋଳିନେବ ସ୍ପନ୍ଦନଟିକୁ କୋଳକୁ / ଛତୁଫୁଟା ମଲାଗଛର କୋରଡ଼ ଭିତରୁ / ଉନ୍ମୁଖ ଶାରିକାଟିକୁ ତୋଳିନେବ/ ପରମ ଆତ୍ମୀୟତାରେ ଆଉଁସି ଆଉଁସି ।" **(କ୍ୟାନସର ମୃତ୍ୟୁ)** କବିତାଟିର ନାମକରଣରେ ଯେତିକି ଭୟବୋଧ ରହିଛି ତା'ର ଉପଶମ କବିତାଟିକୁ ପାଠ କରିବା ପରେ ଘଟିଥାଏ । ମୃତ୍ୟୁର କେତୋଟି ନୂଆ ରୂପ ଭାବରେ ମହୁମାଛି, ଉଇଟାଙ୍ଗ, ଘାତକର ଛୁରୀ, ତତଲା ସିମେଣ୍ଟ ଚଟାଣ, ଛଞ୍ଚାଣର ପରିକଳ୍ପନା ବେଶ୍ ପ୍ରସଙ୍ଗୋଚିତ ମନେହୁଏ । ଏଇଠୁ ଆରମ୍ଭ ହୋଇଛି କବିଙ୍କର ମୁକ୍ତି ଆକାଂକ୍ଷା, ଈଶ୍ୱର ଚେତନା ଓ ଆଧ୍ୟାତ୍ମିକ ଅନୁଯୋଗ, ଯାହା ବ୍ୟକ୍ତ ଓ ଅଭିବ୍ୟକ୍ତି ଭିତରେ ଥିବା ବ୍ୟବଧାନରୁ ପ୍ରତିଭାମୁକ୍ତ ବୋଲି ସୂଚାଇଦିଏ ।

ସଂସାରର ଜଞ୍ଜାଳ ଭିତରେ ମୃତ୍ୟୁ, ମୋକ୍ଷ ଓ ଈଶ୍ୱର ଦେଖାଯାଆନ୍ତି ଗୋଟିଏ ସରଳ ରେଖାରେ, ଯେଉଁଠି କ୍ରମଶଃ ରହସ୍ୟମୟୀ ମନେହୁଏ କବିସତ୍ତା ଓ ସଂସାରର ସମସ୍ତ ରୁକ୍ଷତା ଭିତରୁ ସେ ବାହାରି ଆସି ନିରାସକ୍ତ ହୁଅନ୍ତି । ସେହି ମହାମହିମର ସ୍ପର୍ଶ ପାଇଁ ବ୍ୟାକୁଳ ହୋଇଉଠେ ମନ । ସେ ଭାବେ "ତା' ସ୍ପର୍ଶରେ କାଳେ / ଶେଷ ହେବ ଧପଧପ୍ ଅସଫଳ ଆକାଂକ୍ଷା ମୋହର / ଯେତେଯେତେ ଅନିଭୋଗ / ମୋର ଏଇ ଅକ୍ଷମ ଦେହରେ ।" (ନିର୍ଜନ ବାଲିକୁଦାରେ) ଅଥଚ ଏ ଇଚ୍ଛାର ଅସମାପ୍ତ ତୃଷ୍ଣାକୁ ମେଣ୍ଟାଇବା ପାଇଁ ଆଜିଯାଏ ପ୍ରତୀକ୍ଷାରତ କବିସତ୍ତା, ଯାହା ତାଙ୍କର 'ନିମିଷେ ଅକ୍ଷର' ଓ 'ମହାମେଘ'ର କବିତାମାନଙ୍କରେ ଦେଖିବାକୁ ମିଳେ । ଆଧିଭୌତିକ ଚେତନାର ରହସ୍ୟଘନ ମୁହୂର୍ତ୍ତମାନଙ୍କୁ ଏସବୁ କବିତାରେ ଭେଟିହୁଏ । 'ନିମିଷ ଅକ୍ଷର'ର ମୁଖବନ୍ଧରେ କବି କହନ୍ତି "ମୃତ୍ୟୁ ଓ ଅମରତ୍ୱ ମିଶିଯାଏ । ନିମିଷ, ଅକ୍ଷରରେ ପରିଣତ ହୋଇଯାଏ । ମୃତ୍ୟୁ ସହ ନିବିଡ଼ ପରିଚୟରୁ ମୃତ୍ୟୁକୁ ଅତିକ୍ରମ କରିଯିବାରେ ସେ ସମର୍ଥ ହୁଏ । ମୃତ୍ୟୁର ଆରପାରିଟା ତା' ଆଖିରେ ଜଳଜଳ ଦିଶିଯାଏ । ସେହି ଅବର୍ତ୍ତମାନ ଜଗତ ଯେ ଚିରବର୍ତ୍ତମାନ ତା' ବୁଝିବାରେ ଆଉ ବାଧା ନଥାଏ ।"

ଏ ଆତ୍ମିକ ବିହ୍ୱଳତା ଏଇଠୁ ତାଙ୍କ କାବ୍ୟିକ ଜୀବନର ଶେଷ ପର୍ଯ୍ୟାୟ ଯାଏ ଲମ୍ବି ଯାଇଛି । 'ଅଧାଅଧା ନକ୍ଷତ୍ର' ଯାଏଁ ପ୍ରଲମ୍ବିତ ଏ ଚେତନା, ଯେଉଁଠି ସମ୍ମୋହନର ଭାବଟିଏ ସବୁ ସୀମାସରହଦକୁ ପାରିହୋଇ ଲମ୍ବି ଯାଇଛି ଦିଗନ୍ତ ସେପାରିକୁ । 'ନିମିଷେ ଅକ୍ଷର'ରୁ ପ୍ରକାଶ ପାଇଥିବା ଏ ଆଧିଭୌତିକ ଚେତନାଟି ଘୋଡ଼ି ଦେଇଛି ବସ୍ତୁ ଜଗତକୁ ଊର୍ଦ୍ଧ୍ୱ ଜଗତ ସହିତ । ଅସୀମକୁ, ମହାକାଳକୁ ଛୁଇଁବାକୁ ଏ ଯେଉଁ ଆସ୍ପର୍ଦ୍ଧା ଓ ପୁନଶ୍ଚ ପୂର୍ଣ୍ଣତାରୁ ଶୂନ୍ୟତାକୁ ତଥା ଆନନ୍ଦଘନ ଶବ୍ଦବ୍ରହ୍ମରୁ ନାଦବ୍ରହ୍ମକୁ ଏ ଯେଉଁ ଯାତ୍ରା ତାହା କେବଳ ଋଷି ସୁଲଭ ହୃଦୟବେଦୀରେ ହିଁ ସମ୍ଭବ । କବି କହେ:

"କି ବିଚିତ୍ର କୋଠରୀ ଯେ /ଛାତି ନାହିଁ କାନ୍ଥ ନାହିଁ
କି ବିଚିତ୍ର ସ୍ପର୍ଶ ଇଏ, ଯାର / ଆଦୌ ଶରୀର ନାହିଁ, ସ୍ୱରଶବ୍ଦ ନାହିଁ
କି ବିଚିତ୍ର ସ୍ୱପ୍ନଟିଏ, ଯାହା କାହାରିକୁ
ବୁଝେଇ ହେବ ନାହିଁ କି କହି ହେବନାହିଁ ।"

ଏପରି ସମ୍ମୋହନର ଗଭୀରତାକୁ ମାପିବା ପାଇଁ ପ୍ରଜ୍ଞା ନୁହେଁ, ଆବଶ୍ୟକ ଆବେଗ ଓ ତଲ୍ଲୀନତା । ଏ ବିହ୍ୱଳତା ଭିତରୁ ସତେ ଯେମିତି କାବ୍ୟନାୟିକାର ଆଉ ମୁକ୍ତି ନାହିଁ, ପାର୍ଥିବ ବନ୍ଧନରୁ ସେ ମୁକ୍ତ, ପରିପୂର୍ଣ୍ଣ ଆତ୍ମବିଶ୍ୱାସରେ ସେ ସ୍ପର୍ଶ କରୁଛି ଆଉ ଏକ ପରମ ମୁହୂର୍ତ୍ତ । ଏ ଉତ୍ତାନଗତି ଓ ପରମାର୍ଥିକ ଆନନ୍ଦ ଭିତରେ କବି ଭାବେ: "ନଈରେ ମିଶି ଯାଆନ୍ତା କ୍ଷୀର ସମୁଦ୍ରର ସୁଅ / ମହୁ ଝରି ପଡୁଥାନ୍ତା ଠପ୍ ଠପ୍ ଫୁଲଙ୍କ ଓଠରୁ / ରାସ୍ତାଘାଟ ଉଛୁଳି ଉଠୁଥାନ୍ତା ଶିଶୁଙ୍କ ହସରେ ।" (ଆକସ୍ମିକତା) ଏପରି ଏକ ମଧୁମୟ ପୃଥିବୀର ପରିକଳ୍ପନା ହିଁ ଯୋଗୀ ପୁରୁଷଟିଏ କରିପାରେ, ଯାହା 'ମହାମେଘ'ରୁ 'ତନ୍ମୟ ଧୂଳି'ଯାଏଁ ଛୁଇଁଯାଇଛି । ଏ ଭିତରେ ରହି ଯାଇଥିବା ମୁକ୍ତି ପିପାସା ଯେଉଁ ଶବରୀକୁ କେନ୍ଦ୍ର କରି ପ୍ରକାଶ ପାଇଥିଲା ତାହା 'ଆଦିନାରୀ'ର ଆର୍କିଟାଇପାଲ୍ ପ୍ରୟୋଗ ଭିତରେ ଅନ୍ତହୀନ ନାରୀସତ୍ତାଟିଏ ପାଲଟି ଯାଇଛି, ଯେଉଁଠି ସମୟ ସହିତ ଶବରୀ ଚାଲିଛି ଯୁଗକୁ ଯୁଗ ଓ ସ୍ୱେଚ୍ଛାକୃତ ନିଷ୍ଠୁର ବନ୍ଧନରେ ବାନ୍ଧିହୋଇ ସେ ଅନୁଭବ କରିବାକୁ ଚାହୁଁଛି ସେହି ଉନ୍ମାଦ-ଉଲ୍ଲାସ । ସେଥିପାଇଁ ଶବରୀ କଣ୍ଠରେ କାବ୍ୟନାୟିକା କହେ:

"ଯେହେତୁ ତୁମେ ହିଁ / ମୋର ଅଭିଳାଷ
ଜର୍ଜରିତ / ଉଚ୍ଚାରଣ / ମୋ ସତ୍ତାର ନିର୍ଭର ଆଶ୍ରୟ
ମୋ ସ୍ଥିତିର ନୀଳାଭ କରଣ ।"(ପୃ-୭୨)

ଏଇ 'ଶବରୀ ଭାବ'ର ତନ୍ମୟତା ନିର୍ଲିପ୍ତ କରିଦିଏ ସମସ୍ତ କାବ୍ୟ ଚେତନା । ଏ ତନ୍ମୟତା 'ତନ୍ମୟ ଧୂଳି'ଦେଇ 'ଅଧା ଅଧା ନକ୍ଷତ୍ର'ରେ ରୂପାନ୍ତରିତ ହୋଇଯାଏ । ଏହି ସମ୍ମୋହନର ସ୍ୱର ନବେ ଦଶକରୁ ଘାରି ରହିଛି କବିଙ୍କୁ । ଏ ପଟାନ୍ତର ହୀନ ଭାବକୁ କବିସତ୍ତା ଦୀର୍ଘ ପଇଁଚାଳିଶ ବର୍ଷର ସାଧନା ଭିତରେ ମୁହୂର୍ତ୍ତେ ଅନୁଭବ କରି ମୁହୂର୍ତ୍ତକରେ ବିସ୍ମୃତ ହୋଇଯାଉଥାଏ, ସେ କହେ: "ମୁଁ ଅନାଏଁ ଅଭିଭୂତ / ତୁମେ ହୁଅ ମୃତ୍ତିକା ଆକାଶ / ତୁମେ ପୁଣି ଜଳ ଓ ଅନଳ ହୁଅ / ରୂପ ଓ ସୁବାସ / ଠିକ୍ ସେତେବେଳେ / ମୋ ରକ୍ତରେ ଜନ୍ମନିଏ / ଅନୁଭବଟିଏ / ତାର ଦେହ ନାହିଁ / କିଛି ବୋଲି କିଛି ଦାବି ନାହିଁ...."(ଅନଧିକାର, ସଂ.ତନ୍ମୟ ଧୂଳି) 'ଅଧା ଅଧା ନକ୍ଷତ୍ର'ରେ ପହଞ୍ଚିବା ପାଇଁ ଏ ଯେଉଁ ଦୀର୍ଘ କାବ୍ୟଯାତ୍ରା, ସେ ପର୍ଯ୍ୟନ୍ତ ଆକୁଳ ପ୍ରତୀକ୍ଷା ନରହିଲେ ଶବ୍ଦ ଭିତରର ମହାଶୂନ୍ୟରେ ତଥା ଅସୀମିତ ଚେତନାର ଅଭ୍ୟନ୍ତରରେ ପହଞ୍ଚିବା ନିଶ୍ଚୟ ଦୁର୍ଲ୍ଲଭ ହେବ ।

ଏ ପୃଥିବୀରୁ ଆର ପୃଥିବୀକୁ ଯେଉଁ ଆହ୍ୱାନ ତା' ଭିତରେ କବିସତ୍ତା ମାଟିଘଟକୁ ଅତିକ୍ରମ କରି ସେ ଉଜ୍ଜ୍ୱଳ ଆଲୋକ ପାଖରେ ପହଞ୍ଚିବାକୁ ଚାହୁଁଛି । ଫଳତଃ ଭ୍ରମ, ଭ୍ରାନ୍ତି, ମୋହ ଓ ଆକର୍ଷଣ ଆପଣାଛାଏଁ ଅପସରି ଯାଇ ଆକାଶ ଆଡ଼କୁ ବାଟ କଢ଼େଇ ନିଅନ୍ତି । ସେତେବେଳେ କବିସତ୍ତା ଅନୁଭବ କରେ: "ତୁମକୁ ପାଇଯିବା ମାନେ / ଆରକୂଳକୁ ଯିବା / ଶରୀରକୁ ଘୋଡ଼ାଇ ଦେବା ରହସ୍ୟରେ / ଆତ୍ମାରୁ ପୋଛି ପକାଇବା / ସବୁତକ କୁହୁଡ଼ି / କେହି ଜାଣୁ ନଜାଣୁ / ମୁଁ ଜାଣେ / ତୁମକୁ ପାଇଯିବା ମାନେ / ଗଦ୍‌ଗଦ୍ ଶିହରଣ / ଶବ୍ଦକୁ ଅର୍ଥକୁ ହଜେଇ ଦେବା ରକ୍ତ ସରସର ହୃତ୍‌ପିଣ୍ଡକୁ..." (ତୁମକୁ ପାଇଯିବାମାନେ - ପୃ.୯୩) ସବୁ ଜଂଜାଳର ମୋହକୁ ଏଡ଼ାଇ ପାଇବା ପାଇଁ ଏତେ ଆକୁଳତା କବିସତ୍ତାକୁ ରୂପାନ୍ତରିତ କରିଦେଇଛି ସନ୍ନ୍ୟାସିନୀ ଭାବରେ । ସୂର୍ଯ୍ୟାଲୋକ ପରି ସତ୍ୟ ଏ ଅନ୍ତ ହେବା ଉପଲବ୍ଧି, ଯାହା ମଣିଷରୁ ମାନବୋତ୍ତର କରିଦିଅନ୍ତି ଯେତେ ଇନ୍ଦ୍ରିୟ, ଆପେକ୍ଷିକରୁ ନେଇ ପହଂଚାଇ ଦିଅନ୍ତି ପୂର୍ଣ୍ଣସତ୍ତା ନିକଟରେ । ଯେଉଁ ଅହଙ୍କାରକୁ ନେଇ ମଣିଷ ଇତର ସ୍ତରକୁ ଖସିଥାଏ ପରିଶେଷରେ । ସେହି ଅହଂକାରରୁ ମୁକ୍ତ ହେଉଛି କବିସତ୍ତା । ସେ ନିଜକୁ ଦୋଷ ଦେଇ କହିଛି: "ବାରବାର / ବାଟ ହୁଡ଼ିଛି ମୋର ଅହଂକାର ଠିକଣା ନଜାଣି / ସାରାଦିନ ଖୋଜି ବୁଲିଚି ଘର ।"(ବଂଚି ରହିଚି ବୋଲି)

ଏକ ପାର୍ଶ୍ୱରେ ପରିଦୃଶ୍ୟମାନ ଜଗତର ଅସାରତାକୁ ଉପଲବ୍ଧି କରିଥିବା କବିସତ୍ତା ଓ ଅନ୍ୟ ପାର୍ଶ୍ୱରେ ଜୀବନର ତିକ୍ତତା ଓ ବିଭଂଗତା ଭିତରୁ ମୁକୁଳି ଅପାର୍ଥିବ ସତ୍ତା ଭେଟିବାକୁ ସଦା ବ୍ୟାକୁଳ କବିସତ୍ତା ଭିତରେ ଅହରହ ଏହି ପ୍ରତିଯୋଗିତା ଚାଲିଛି । ଭଙ୍ଗାରୁଜା ଘର ପରି, ନହେଲେ ଅରମାବଣ ପରି ଅନ୍ତରାତ୍ମା ଏ ରହସ୍ୟକୁ ବୁଝିବା ବେଳେ ପାଲଟି ଯାଉଛି ସୁରମ୍ୟ ଅଟ୍ଟାଳିକା, ନହେଲେ ପରିଚ୍ଛନ୍ନ ମର୍ବଲ ଚଟାଣ- ଯେଉଁଠି ଅସମର୍ଥ ନାରୀସତ୍ତା ମାଟିମୋହରୁ ମୁକୁଳି ଅସୀମ ପରମାର୍ଥ ଭିତରେ ବିଲୀନ ହୋଇଯାଉଛି । ସେଇଠି ଅନୁଭୂତ ହୁଏ: "ଦିନେଦିନେ ରାତି ଅଧରେ / ଅବାନ୍ତରତାରୁ ମୁକୁଳି / ମୁଁ ଡେଇଁ ପଡ଼େ / ଠିଆ ହୋଇଯାଏ / ନାହିଁ ନଥିବା ମୁଦ୍ରାରେ / ସେତେବେଳେ ମିଛ ବୋଲି କିଛି ନଥାଏ / ନଥାଏ ଲଜ୍ଜିତ ଇତିହାସର ଅକ୍ଷମଣୟତା / ସବୁ କଣ୍ଠରୁ ଅପସରି ଯାଇଥାଏ / କ୍ରୁରତାର ଉଚ୍ଚାରଣ / ହୃଦୟ ଲିଭାଇଥାଏ ଯେତେସବୁ ଅଧିସନ୍ଧି / ପୂର୍ବଠୁ ନିବିଡ଼ତର ଭାବରେ / ନଇଁ ଆସେ ଆକାଶ / ମୋ ମୁହଁକୁ କାନ୍ଧକୁ ଆଖିପତା ଉପରକୁ / ମାଟିରେ ଛାତିକୁ ନଶ୍ୱରତା ଭୟରେ ।" (ପୃ.୧୩) ଏହି ସନ୍ନ୍ୟାସିନୀ ଭାବ ଭିତରେ କବି ସତ୍ତାର ଅଧା ରହିଛି ସଂସାରର ଜ୍ୱାଳା, ଜଂଜାଳ ଓ ଦୁଃଖ, ଅପର ଅର୍ଦ୍ଧେକ ଖୋଜୁଛି ଅପୂର୍ବ ଚେତନା ଭିତରେ ପରିପୂର୍ଣ୍ଣ ଅନୁଭବ ।

ମୋକ୍ଷ କାମନା କବିସତ୍ତାର ପୃଷ୍ଠଭୂମି ଯେ ଆଦୌ ନୁହେଁ, ଏ କଥାକୁ 'ଅଧା ଅଧା ନକ୍ଷତ୍ର'ର ପ୍ରାୟତଃ ପ୍ରତିଟି କବିତାରେ ପ୍ରତିଭା ସ୍ପଷ୍ଟ କରିଦେଇଛନ୍ତି । ସେ ସ୍ୱୀକାର କରନ୍ତି ପୃଥିବୀକୁ, ଜୀବନକୁ । ମୃତ୍ୟୁ ଭିତରୁ ଅମୃତର ସନ୍ଧାନ ନିଅନ୍ତି । ତେଣୁ ତାଙ୍କର ନାରୀସତ୍ତା ଠାରୁ ଆହୁରେ ଝଲମଲ ଦିଶୁଥାଏ ଏକ

ଦୁର୍ଲ୍ଲଭ ବିଶ୍ୱାସବୋଧରେ କ୍ଷୟଶୀଳ ପୃଥିବୀରେ ଥିବା ଅସତ୍ୟ, ଭ୍ରମକୁ ନିକଟରୁ ଚିହ୍ନି ହୁଏ । ଅବୋଧ୍ୟ ଜୀବନର ସମସ୍ତ ଗ୍ରନ୍ଥି ଆପେ ଆପେ ଖୋଲିଯାଏ । ସବୁଠି ଭରିଯାଏ ପ୍ରେମ, ତଲ୍ଲୀନତା, ସମ୍ମୋହନ ଓ ବିଶ୍ୱାସ । ସେ କହେ:

"ପବନ ପରି କି ପବନ ଭିତରେ ସୁବାସ ପରି
ତମେ ଅଛ ଅଛ ବୋଲି ଲାଗ
ଜାଗି ଉଠେ ଶୀତଳ ଦୀଘିଟି ମୁଁ
ଭାବମୟ ରାଜହଂସ ଡେଣା ଖୋଲେ
ବୁନ୍ଦାଏ ସ୍ୱେଦ ତ ବୁନ୍ଦାଏ ରକ୍ତ
ଉଲ୍ଲାସ ଓ କାନ୍ଦ / ଗୋଳିହୁଏ
ଉଠିପଡ଼େ ମୋର ଶିରାପ୍ରଶିରାର ସ୍ରୋତ ।"(ଋଷିବାସନା, ପୃ.୪୬)

ସମୁଦାୟ କବିତାମାନଙ୍କ ଭିତରେ 'ମୁଁ' ଓ 'ତୁମେ'ର ରହସ୍ୟମୟ ଘନଘଟା ଭିତରେ ଏକୀଭୂତ ହେବାର ଗୋଟେ ନିଆରା ଭାବ ପ୍ରତ୍ୟେକ ମୁହୂର୍ତ୍ତରେ ପାଠକକୁ ଆଚ୍ଛନ୍ନ କରି ରଖେ । ମନରୁ ତୁଟିଯାଏ ନିର୍ବୋଧତା ଓ ଉପଲବ୍ଧି ଆଡ଼େଇ ନିଏ ଏକ ଉଚ୍ଚାରିତ ଚେତନା ନିକଟକୁ । ବାରମ୍ବାର ଏକ ସମ୍ଭାବନାର ସ୍ୱାଭାବିକତା ନିକଟରେ ପହଁଚୁଥାଏ ଅନୁଭବ । ସେଥିପାଇଁ 'ଅଧା ଅଧା ନକ୍ଷତ୍ର'ର ସବୁ କବିତାର ସ୍ୱର ଲଗେ ଏକାପରି । ସବୁଠି ରହିଛି ଅନ୍ୱେଷଣ ବିଭୋରତା ଓ ଆତ୍ମସମର୍ପଣର ଅନୁଭବ । ଅଥଚ ସବୁ ଅଧା ଓ ଅପୂର୍ଣ୍ଣ ।

ପୁନଶ୍ଚ ମଣିଷ ମନର ବ୍ୟର୍ଥତା, କ୍ଷୁଦ୍ରତା ଓ ଅଳୀକତା ପାଖରୁ ବାରମ୍ବାର ଦୂରେଇ ଯାଉଥିବା କବିସତ୍ତା ଭିତରେ ଭରି ରହିଛି ମଧୁମୟ ଜୀବନ ପ୍ରତି ସକାରାତ୍ମକ ଦୃଷ୍ଟିକୋଣ । ଅତଏବ 'ଅଧା ଅଧା ନକ୍ଷତ୍ର' ଅଧୀର ଆତ୍ମାର ଆତୁରପଣ ଭାବରେ ଜୀବନର ବର୍ଣ୍ଣବିଭାକୁ ହିଁ ଉତ୍କୀର୍ଣ୍ଣ କରିଥାଏ ।

ବିଷାଦ ଓ ସମ୍ମୋହନ କବି ପ୍ରତିଭା ଶତପଥୀଙ୍କ କବିତା କେବଳ ବୁଦ୍ଧିଦୀପ୍ତ ଚେତନାର ମାର୍ମିକ ଅନୁଭବ ନୁହେଁ, ତାଙ୍କ କବିତାର ରହସ୍ୟବାଦୀ ଚେତନା ଏ କୂଳରୁ ଆରକୂଳ ଯାଏଁ ପ୍ରଲମ୍ବିତ ହୋଇ ତନ୍ମୟତାରେ ଆତ୍ମା ରୁନ୍ଧିଦିଏ, ଉର୍ଦ୍ଧାୟିତ ଚେତନାରେ ଆପଣା ସହିତ ଅନ୍ତରଙ୍ଗତା ସ୍ଥାପନ କରୁଥାଏ । ଏ ମାଟିର ମୋହ ଓ ସୌନ୍ଦର୍ଯ୍ୟ ଭିତରେ ସମସ୍ତ କ୍ଷୋଭ ଓ ତୃଷ୍ଣାର ପରସମାପ୍ତି ପାଇଁ ଅକାଂକ୍ଷା କବି ଚେତନାର ଏକ ବିଶିଷ୍ଟ ଦିଗ ଭାବରେ ଅନୁଭୂତ ହୁଏ ।

ମାଟି, ମାଟି ମଣିଷ, ଆଶା, ଆକାଶ, ଜୀବନ ସଂଗ୍ରାମ, ସ୍ୱପ୍ନ, ଶୋକ ଓ ଜୀବନର ସାର୍ଥକତା ଖୋଜାରେ ଆଲୋଚିତ ତିନିଜଣ କବି କେମିତି ଆପଣାର ସ୍ୱରରେ ପରସ୍ପର ଠାରୁ ସ୍ୱତନ୍ତ୍ର- ତାହା ଏହି ଆଲେଖ ମାଧ୍ୟମରେ ଦର୍ଶାଇବାର ପ୍ରୟାସ କରାଯାଇଛି । ଏକ ସୀମିତ ଜୀବନକୁ ଅସୀମତାରେ ପରିଣତ କରିବାର ପ୍ରୟାସ, ଶବ୍ଦକୁ ଜୀବନ ଦାନ କରି ଜୀବନର ପୂର୍ଣ୍ଣତାକୁ ଉଲ୍ଲେଖ କରିବାର ପିପାସା, ବ୍ୟକ୍ତି ବିଶ୍ୱ ଭିତରେ ବିଶ୍ୱ ଜୀବନକୁ ପ୍ରଦର୍ଶନ କରିବାର ଆନନ୍ଦ ହିଁ ଏହି କବି ତ୍ରୟଙ୍କର କାବ୍ୟିକ କାରିଗରୀ ସୁଷମାର ଅନ୍ୟ ଏକ ପୃଷ୍ଠପଟ- ଏହା ଏହି ଆଲେଖ ମାଧ୍ୟମରେ ଚିହ୍ନିତ କରିବା ପ୍ରଚେଷ୍ଟା କରାଯାଇଛି ।

ଶେଷତଃ ମୃତ୍ୟୁ ଜୀବନର ସକଳ ସତ୍ୟକୁ ଲୋପ କରିଦେବା ପାଇଁ ଅସମର୍ଥ । ସେଥିପାଇଁ ଆଧୁନିକ କବିତାର ଆରମ୍ଭ ସଦାସର୍ବଦା ପରିଣତିରୁ । ପ୍ରଥମତଃ ଜୀବନକୁ ବୁଝିବାର ସୂକ୍ଷ୍ମ ଚେତନା ଓ ପରବର୍ତ୍ତୀ ମୃତ୍ୟୁ ଅବବୋଧ ଭିତରୁ ଜନ୍ମ ନେଉଥିବା କବିତା ଯେ କାଳଜୟୀ ହେବ- ଏହା ନିଃସନ୍ଦେହରେ କୁହାଯାଇପାରେ । ଭାରତୀୟ ସଂସ୍କୃତିକୁ ଏହି କବିତ୍ରୟ କିପରି ସେମାନଙ୍କ ସୃଷ୍ଟିରେ ସମାହିତ କରି ଏକ ନୂତନ ଦିଗନ୍ତର ଉନ୍ମୋଚନ କରିଛନ୍ତି ତା'ର ବିଚାର ମଧ୍ୟ ଏଠାରେ କରାଯିବାର ପ୍ରୟାସ କରାଯାଇଛି ।

କବିତାର ରହସ୍ୟ ସବୁବେଳେ ଅଗମ୍ୟ ଓ ଅନତିକ୍ରମଣୀୟ । ସେହିପରି କବିତାର ମାଧୁର୍ଯ୍ୟ ମଧ୍ୟ ଚିରକାଳ ଅସୀମ । କାବ୍ୟମୋଦୀଗଣ ଏ ରହସ୍ୟର ନିର୍ଯ୍ୟାସକୁ ଖୋଜିବାରେ ବ୍ରତୀ ହେଲେ ସ୍ରଷ୍ଟାମାନଙ୍କର ସୃଷ୍ଟି ସଫଳ ହେବ ।




SUPRATIK INFRAVENTURES

# LIFESTYLE Project - II

**Limited 2 & 3 BHK**
**Flat Available**

RERA APPROVED







✆ 7205330222

sales@supratikinfraventures.com


Follow us on :

/ supratikinfraventures

www.supratikinfraventures.com

**Branch Office :** Alupur, Near Laxminarayan Temple
O. T. Road, Balasore - 756001

# ଓଡ଼ିଆ କବିତା ଚାରିକେ ଚାରି



# ଆଲୋକିତ କାବ୍ୟସ୍ୱର

## ॥ ଭାଗ : ୭ ॥

**ଇପ୍‌ସିତା ଷଡ଼ଙ୍ଗୀ**


ଫ୍ଲାଟ୍ ନଂ-୩୦୩, ବ୍ଲକ୍-ଏ, ପଣ୍ଡା ରେସିଡେନ୍ସି,
ବିଜେଇଏମ୍ ସ୍କୁଲ-୨ ପାଖ, ସତ୍ୟଭାମାପୁର,
ଭୁବନେଶ୍ୱର-୭୫୨୧୦୦
ଫୋନ:୯୯୩୮୩୭୦୨୮୯/୯୮୬୧୩୩୩୯୪୪
ଫଟୋ ସୌଜନ୍ୟ : ଲେଖିକା

‘ରେବତୀ’ ପାଇଁ ଏକ ଫିଚର୍‌ଧର୍ମୀ ଆଲୋଚନା ପ୍ରସ୍ତୁତ କରିବା ପାଇଁ ଅଗ୍ରଜ କବି ତଥା ଏ ପତ୍ରିକାର ନିର୍ବାହକ କୃଷ୍ଣ କୁମାର ମହାନ୍ତିଙ୍କ ବାରମ୍ୱାର ତାଗିଦାକୁ ସମ୍ମାନ ଦେଇ ଏ ଆଲୋଚନାଟି ଗତ ଅପ୍ରେଲ ସଂଖ୍ୟାରୁ ଲେଖିବାକୁ ଆରମ୍ଭ କଲି । ପ୍ରତି ଦୁଇ ମାସରେ ଥରେ ଚାରିଜଣ କବିଙ୍କ ମୁଗ୍ଧ ଆଲୋଚନା କରୁଛି ଓ କରିବି । କୌଣସି ପ୍ରକାରର ଆଧାର ଏହି କ୍ରମର ନିର୍ଣ୍ଣାୟକ ନୁହେଁ । ଏକ ମୁଗ୍ଧ ପାଠକୀୟ ଦୃଷ୍ଟି ଏହି ଆଲୋଚନା ଓ କ୍ରମର ଆଧାର । ଏଠାରେ ଆଲୋଚିତ ହୋଇଥିବା ପିଢିର କବିଙ୍କ କବିତା ସେତିକି ଭାବରେ ଆଲୋଚିତ ହୋଇ ନଥିବାରୁ ମୁଁ ଏହି ପିଢ଼ିର କାବ୍ୟଧାରାକୁ ମୋ ଆଲୋଚନାର ପ୍ରସଙ୍ଗ ଭାବରେ ବାଛିଛି । ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଭାଗର ଆଲୋଚନା ପରେ ଏଥର ସପ୍ତମ ଭାଗରେ କବି ଗୌତମ ଜେନା, ସୁଷମା ମିଶ୍ର, ବାସୁଦେବ ସୁନାନୀ ଓ ଧନଞ୍ଜୟ ସ୍ୱାଇଁଙ୍କୁ ନେଇଛି । ଏମାନଙ୍କ କବିତା, ଭିନ୍ନ ଦିଶା, ଶୈଳୀ ଓ ବିଷୟବସ୍ତୁକୁ ନେଇ ସମୃଦ୍ଧ ।



▲ ଲେଖିକା ଇପ୍‌ସିତା ଷଡ଼ଙ୍ଗୀ

### ଗୌତମ ଜେନା(୧୯୫୯):



▲ ଗୌତମ ଜେନା

୧୯୮୦ ମସିହା ବେଳକୁ ନିଜର ବାସ୍ତବବାଦୀ ଚିନ୍ତାଧାରା, ମାଟି ମନସ୍କତା ତଥା ନିଜ ସଂସ୍କୃତି ଓ ପରମ୍ପରାର ଜୟଗାନ କରି ଯେଉଁ କବିମାନଙ୍କ ଲେଖନୀ ଚଳଚଞ୍ଚଳ ହୋଇ ଉଠିଥିଲା, ତନ୍ମଧ୍ୟରୁ କବି **ଗୌତମ ଜେନା** ଅନ୍ୟତମ । ଭାବପ୍ରକାଶର ମାଧ୍ୟମ ଭାବରେ କାହିଁକି କବିତାକୁ ହିଁ ଗ୍ରହଣ କଲେ ଭଳି ପ୍ରଶ୍ନର ଉତ୍ତରରେ କବି କୁହନ୍ତି, “ମୁଁ କହିବି ମୋ ଭିତରର ଉଚ୍ଛୁଳାପଣ ମୋତେ ଏଇ ବାଟରେ ନେଇଗଲା ବୋଲି । + + + + ଜୀବନର ଦୁଃଖ, ଯନ୍ତ୍ରଣା, ଅନୀତି, ଭ୍ରଷ୍ଟାଚାର ପ୍ରତି ଆକ୍ଷେପ ଓ ପ୍ରତିବାଦ ମୋତେ ସେତେବେଳେ ପ୍ରଭାବିତ କରିଥିଲେ ହେଁ ପରବର୍ତ୍ତୀ ସମୟରେ ଜୀବନର ଖୁବ୍ ଛୋଟଛୋଟ ଅଣଦେଖା କଥାକୁ ନେଇ ଖୁବ୍ ସରଳ ଭାବରେ ମୋର ଦାର୍ଶନିକ ଦୃଷ୍ଟିକୋଣକୁ ମୁଁ ପ୍ରକାଶ କରିଛି ।”

କବି ଦାର୍ଶନିକ ନୁହେଁ ସତ, କିନ୍ତୁ କବିର କାବ୍ୟ-ଦୃଷ୍ଟି ପଛରେ ଯଦି ଦାର୍ଶନିକତା ଥାଏ, ସେ କବିର କବିତା କାଳଜୟୀ ହୋଇପାରେ । କବି ଗୌତମ ଜେନାଙ୍କ କାବ୍ୟ-ଦର୍ଶନଟି ଓଡ଼ିଆ କାବ୍ୟ ପରମ୍ପରାକୁ ଏକ ନୂତନ ଦିଗ ଦେଇ ସଂପ୍ରସାରିତ କରିଥିବାର ଅନୁଭବ କରେ । ତାଙ୍କ କାବ୍ୟିକ ‘ଉଚ୍ଛୁଳାପଣ’କୁ ସେ ଯେଉଁ ଅନ୍ତର୍ଦ୍ୱନ୍ଦ୍ୱ ଦେଇ ପ୍ରବାହ ଦିଅନ୍ତି, ତା’ର ଏକ ଚମତ୍କାର ଉଦାହରଣ- “ଇଚ୍ଛା ମୋର ବାରମ୍ବାର ଫେରିବାକୁ / ସେ ମାଟିକୁ ପ୍ରତିଟି ଜନ୍ମରେ / ଇଚ୍ଛା ମୋର ଯୋଡ଼ିବାକୁ ମାଟି ଓ ଆକାଶ / ପ୍ରାପ୍ତି ଆଉ ଅପ୍ରାପ୍ତିର ଏ ସଂଦିକ୍ଷଣରେ / ଆହା ମୋର ପ୍ରିୟ ମାଟି ପ୍ରାଣ ଠୁ ଅଧିକ ମୋର / ଯେଉଁ ଆଡ଼େ ଦେଖିଲେ ବି ଦିଶୁଥାଏ / ସ୍ନିଗ୍ଧ ରୂପ ତୋର ।”

ଏକ ଅଦ୍ଭୁତ ଆତ୍ମବିଶ୍ୱାସ ଏବଂ ‘ମୁଁତ୍ୱର ଦମ୍ଭ’ ସହ କବି ପରମ୍ପରାବୋଧ ସହିତ ଆଧୁନିକ ଜୀବନର ଜଟିଳତାର ସମନ୍ୱୟ ଘଟାଇଛନ୍ତି । ‘ମାଟି ମନସ୍କତା’କୁ ଜଡ଼ାଇ ଧରି ନିଜ କାବ୍ୟ-ଦୃଷ୍ଟିରେ ଅନେକ ଅନନୁଭବ, ଅନାଲୋଚିତ ପ୍ରସଙ୍ଗକୁ ନିଜ କବିତାରେ ରୂପାୟନ କରିଛନ୍ତି । କବିଙ୍କ ଦୀର୍ଘ କାବ୍ୟଜୀବନକୁ ନିରୀକ୍ଷଣ କଲେ, ଆମେ ଏହାକୁ ତିନି ଭାଗରେ ବିଭକ୍ତ କରି ଆଲୋଚନା କରିପାରିବା । ତାଙ୍କ ପ୍ରାଥମିକ କାବ୍ୟ-ଦୃଷ୍ଟି ଯେଉଁଠି, ପ୍ରେମ, ନିଃସଙ୍ଗତା, ମୃତ୍ୟୁ- ଏ ଅବଧାରଣାକୁ ଏକ ମେଟାଫିଜିକାଲ୍ ପରିପ୍ରେକ୍ଷୀରେ ତଉଲୁଥିଲେ । ମେଟାଫିଜିକାଲ୍ ସ୍କୁଲ୍ ଅଫ୍ ପୋଏଟ୍ରିର ପ୍ରବର୍ତ୍ତନ ଜନ୍‌ଡନ୍‌ଙ୍କ ‘ଦି ସନ୍ ରାଇଜିଂଗ୍’ କବିତାର ପ୍ରଭାବରେ କବି ଲେଖନ୍ତି, “ତମେ ଫେରିବନି ବୋଧହୁଏ ଆଉ / ହେଲେ, କ’ଣ ବା କ୍ଷତି କରିପାରିବ( ?)/ ଆଖି ମୁଦି ଦେଲେ / ତମେ ଅଦୃଶ୍ୟ ହୋଇଯିବ ସୂର୍ଯ୍ୟ !” (ରଂଗଣିଉଲି/ପୃ.୩)

ମାତ୍ର ପରବର୍ତ୍ତୀ ସମୟରେ ସେ ଏ ପ୍ରସଙ୍ଗକୁ ଅତିକ୍ରମ କରି, ଯେଉଁ ଉର୍ଦ୍ଧ୍ୱତର ସ୍ତରକୁ ନିଜ ଅନୁଭବକୁ ନେଇ ଯାଇଛନ୍ତି, ତାହା ଉଲ୍ଲେଖନୀୟ । ଆତ୍ମ ପରିଚୟ ଅନ୍ୱେଷଣ ଏବଂ ତା’ର ଉପଲବ୍ଧି- ଏହି ଚରମ ସତ୍ୟ ଏବଂ ଦିବ୍ୟଜ୍ଞାନ ଅନ୍ୱେଷଣରେ ପ୍ରତ୍ୟେକ ସାଧକ ଥାଆନ୍ତି । ଶବ୍ଦ-ସାଧକ ଗୌତମ ଜେନା ମଧ୍ୟ । କବିତା ‘ମୁଁ ଖୋଜୁଚି ‘ମୁଁ’ରେ ନିଜ ଅନ୍ୱେଷଣରେ କବି ନିଜ ଅସ୍ତିତ୍ୱର ପରିଚୟର କେତେ ପାଖରେ ସତେ- “ମୁଁ ତ୍ୱର ଦମ୍ଭ / ଯାହା ହତ୍ୟା କରେ ସମୟକୁ ଖଣ୍ଡ ଖଣ୍ଡ କରି / ଓ ହଜାଏ ରକ୍ତାକ୍ତ କ୍ଷତର ଭିତରେ । / ମୁଁ ତ୍ୱର ଗର୍ବ / ଯାହା ଭାଙ୍ଗିଦିଏ ପୂର୍ବସୂରୀମାନଙ୍କର / ଚଳନ୍ତିକା ପରମ୍ପରା, ଆବେଷ୍ଟନୀ, ଆଇନ୍ କାନୁନ୍-” (ରଂଗ...ପୃ.୧୩)

କବି ସମସ୍ତଙ୍କ ପରମ୍ପରାକୁ ଭାଙ୍ଗି ଯେଉଁ ନିଜସ୍ୱ ରାସ୍ତା ତିଆରିବାର ପ୍ରଚେଷ୍ଟାରେ, ସେଠି ମଧ୍ୟ କଣ୍ଟା ଅଛି । ସେଠି ମଧ୍ୟ ଅସୁମାରୀ ବାଧା ଓ ଯାତନା ରହିଛି । ତଥାପି, “ସମୟର ଜାନୁପରେ ଠିଆ / ଏକ ଦୁଃସ୍ଥିତିର ଦୃଢ଼ ନିର୍ଦ୍ଦେଶକ” ପରି କବିଙ୍କ କାବ୍ୟସତ୍ତା ଆହ୍ୱାନ ଦିଏ- “ମୁଁ ସେମିତି ବଂଚିବାକୁ ଚାହେଁ / ଅସମାପ୍ତ କ୍ଷୁଧାର ଦାନିରେ ।”

ବାସ୍ତବତାକୁ ଗ୍ରହଣ କରେ କବି । ପଳାୟନପନ୍ଥୀ ନହୋଇ, ନିଜ ଦୁଃଖ ଯାତନାର

ନିଭୃତ କୋଟରରେ ଯନ୍ତ୍ରଣାର ଲୁହ ନ ଢାଳି, ନିଜ ପରାକାଷ୍ଠାକୁ ଖୋଜୁଥାଏ । ସବୁ ଅସ୍ଥିରତା ଭିତରେ ନିଜ ଦୃଢ଼ ଆତ୍ମବଳର ସମ୍ବଳ ଧରି ସେ ରାସ୍ତା ଖୋଜୁଥାଏ । କବି କୁହନ୍ତି- "ଶାନ୍ତିହୀନ ବ୍ୟାକୁଳତା ଅସ୍ତିତ୍ୱ ଭିତରେ / ସଂପର୍କର ଟ୍ରାଫିକ୍ ଛକରେ / ଅସଂପର୍କ ପୃଥିବୀର ହୃଦୟକୁ ଖିନ୍‌ଭିନ୍ କରି / ଅସତର୍କ ମୁହୂର୍ତ୍ତର କୋଟରରେ ଲୁଚିଥିବା / ଯୌବନକୁ, ମୁଁ ଖୋଜୁଛି / ମୁଁ ତ୍ୱକୁ, ମୁଁ ତ୍ୱର ନିଭୃତ ସତ୍ତାକୁ ।"**(ରଙ୍ଗ...ପୃ.୧୪)**

କବିଙ୍କ କାବ୍ୟସ୍ୱରଟି ତାଙ୍କ ସମୟରେ ଓଡ଼ିଆ କବିତାରେ ଅନୁଭୂତ ହେଉଥିବା ମୃତ୍ୟୁ ଚେତନା ଠାରୁ ଅନେକ ଅଲଗା । ମୃତ୍ୟୁ ସହ ସାଲିସ୍ ନାହିଁ, ମୃତ୍ୟୁକୁ ନେଇ ଦୁଃଖ ନାହିଁ, କି ମୃତ୍ୟୁର ଭୟ ପାଇ ପଳାୟନପନ୍ଥୀ ନୁହନ୍ତି କବି । ଗୋଟିଏ ପଟେ ମୃତ୍ୟୁ ଅନ୍ୟପଟେ ଉଦାତ୍ତ ଯୌବନ । ଗୋଟିଏ ପଟେ ଯନ୍ତ୍ରଣା, ଜୀବନର ଅସହାୟ ଅବସ୍ଥା, ଅନ୍ୟ ପଟେ ପ୍ରେମର ନିରାଜନା, କବି ଗୌତମଙ୍କ କାବ୍ୟସ୍ୱର ଏକ ବଳିଷ୍ଠ ଆତ୍ମବିଶ୍ୱାସର ପ୍ରତ୍ୟୟ ପ୍ରଦାନ କରିଛି । କବିଙ୍କ ସ୍ପଷ୍ଟ ଉକ୍ତିକୁ ଦେଖାଯାଉ- "ମୃତ୍ୟୁର ଅବାରିତ ଗତି ସବୁଆଡ଼େ ହେଲେ ବି / ମୋତେ କେମିତି ଡରିଯାଏ ମୃତ୍ୟୁ / ଯେମିତିକା ନୂଆ ନୂଆ ପ୍ରେମରେ ପଡ଼ିଲା ଝିଅ / ଡରୁଥାଏ ପାଖ ଦେଇ ଯାଉଥିବା ପ୍ରତିଟି ଲୋକକୁ ।" **(ରଙ୍ଗ....ପୃ.୩୧)**

ପୁଣି କବି ମୃତ୍ୟୁକୁ ଆହ୍ୱାନ କରନ୍ତି, "କେଉଁ ମୋହରେ ପଡ଼ିଲେ / ମୃତ୍ୟୁ ଆସିବ କୁହ ମୋତେ / ହେ ନିର୍ଜନ ଦୁଃଖର ବାସିନ୍ଦାମାନେ !/ ମୃତ୍ୟୁ ତ ସଖା / ମୃତ୍ୟୁ ତ ବନ୍ଧୁ / ମୃତ୍ୟୁ ଆମ ଚିର ସହଚର ।" **(ରଙ୍ଗ....ପୃ.୩୧)**

ଜୀବନର ରହସ୍ୟ ଭେଦ କରିବା ଏବଂ ମୃତ୍ୟୁର ଗଡ଼କୁ ଜୟ କରିବା ଏବଂ ନିଜ ସହ ପରିଚିତ- ଏ ତିନୋଟି ବିନ୍ଦୁକୁ ସଂଯୋଗ କରି କବି ଗୌତମ ଜେନାଙ୍କ କାବ୍ୟ-ଚେତନା, ତାଙ୍କ ପ୍ରାରମ୍ଭିକ କାବ୍ୟ-ଜୀବନରେ ଗତିଶୀଳ ହୋଇଛି । କବି 'ପରମଜ୍ଞାନ' ଉପଲବ୍ଧି ବଳରେ ମୃତ୍ୟୁକୁ ପରାଜିତ କରିନେବାର ଯେଉଁ ଶକ୍ତି ପ୍ରଦର୍ଶନ କରିଛନ୍ତି, ତାହା ଅତ୍ୟନ୍ତ ଚିତ୍ତାକର୍ଷକ । କବିଙ୍କ ଆହ୍ୱାନ- "ହେ ମୋର ପରମଜ୍ଞାନ / ତମେ ଯେବେ ନିଜ ପରି ନିଶ୍ଚିତ ଓ ସତ୍ୟ / ତେବେ ଦିଅ ଚରମ ଶୀତଳ ସ୍ପର୍ଶ / ମୋ ସର୍ବାଙ୍ଗରେ / ଆତ୍ମଜ୍ଞାନ ଦିବ୍ୟ ଜ୍ୟୋତି ଦେଇ / ମୋ ନିଜକୁ ଚିହ୍ନି ନିଏ ଥରେ ମାତ୍ର / ସ୍ଥୂଳ ଦେହେ ମୃତ୍ୟୁକୁ ହଜେଇ ।" **(ମାୟାମନସ୍କ/ପୃ.୨୫)**

ଏଠି ମନେ ପଡ଼ିଯାନ୍ତି ଗୋବିନ୍ଦ ଚନ୍ଦ୍ର, ମହାରାଣୀ ଆଉ ତାଙ୍କ ମୃତ୍ୟୁକୁ ଏଡ଼େଇ ଦେବା ଲାଗି ତାଙ୍କୁ ଶିଷ୍ୟତ୍ୱ ଦେଇଥିବା ଗୁରୁଙ୍କର ଉପାଖ୍ୟାନ । ଏଇ ସେଇ 'ପରମଜ୍ଞାନ', ଯାହା ଆଧାରରେ ମୃତ୍ୟୁକୁ ଏଡ଼ାଇ ଯାଇପାରେ ମନୁଷ୍ୟ । ମୃତ୍ୟୁ ସଖା ତୁଲ୍ୟ ମଣିପାରେ ମନୁଷ୍ୟ, ମୃତ୍ୟୁକୁ ପରାଜିତ କରିପାରିବାର ଆତ୍ମବିଶ୍ୱାସ ରଖେ ମଣିଷ । କବି ଗୌତମଙ୍କ କାବ୍ୟସତ୍ତା ମୃତ୍ୟୁ ପାଖକୁ ସିଡ଼ି ବି ବାନ୍ଧେ ପ୍ରତି ମୁହୂର୍ତ୍ତରେ । କହେ ନିଜ ମୃତ୍ୟୁରେ ନିଜର ବା ଦୁଃଖ କ'ଣ ଅଛି ? ପ୍ରତ୍ୟେକ ମୃତ୍ୟୁରେ ଯେଣୁ ନିଜକୁ ସାମିଲ ହେବାକୁ ହୁଏ ଏବଂ ନିଜର ଏକାକୀତ୍ୱକୁ କବର ଦେବାକୁ ହୁଏ, ତେଣୁ ମୃତ୍ୟୁ ପ୍ରତି ଭୀତି କାହିଁ ।

ତେବେ ମୃତ୍ୟୁକୁ ପରାଜିତ କରିବା ପରେ କବିଙ୍କର ମାଟିମନସ୍କତା ମାଟି ପ୍ରତି ମୋହ ଏବଂ ଏ ଧରା ପ୍ରତି ତାଙ୍କର ଗଭୀର ମମତ୍ୱବୋଧ ପରିଲକ୍ଷିତ ହୁଏ । କବିଙ୍କ କାବ୍ୟସତ୍ତା, ଯେଉଁ ପୃଥିବୀରେ ଜନ୍ମ ଗ୍ରହଣ କରିଛି, ଯେଉଁ ମାଟି, ପାଣି, ପବନରେ ନିଃଶ୍ୱାସ ନେଇଛି, ତା'ର ମୋହ ମଗ୍ନତାରୁ ନିଜକୁ ମୁକ୍ତ କରିବା ପାଇଁ ଚାହିଁ ନାହାନ୍ତି । ତାଙ୍କର ଏ ପୃଥିବୀ ପ୍ରତି ମୋହ, ତାଙ୍କ କାବ୍ୟ-ଉତ୍ତରଣର ଦ୍ୱିତୀୟ ପର୍ଯ୍ୟାୟ ବୋଲି ଗ୍ରହଣ କରିନେବାରେ ଅତ୍ୟୁକ୍ତି ନାହିଁ । ପୃଥିବୀର 'ଲାବଣ୍ୟର ମୋହ'ରେ ପଡ଼ିଲେ "ସବୁ ଏକାକୀତ୍ୱ, ସବୁ ମୃତ୍ୟୁର ବିବରଣୀ ଆହତ ଇତିହାସ ପରି ପଡ଼ିରହେ ।" କବି ପ୍ରଶ୍ନ କରନ୍ତି- "ସବୁ ମୃତ୍ୟୁରେ କେବେ କ'ଣ / ଏ ପୃଥିବୀକୁ ହତାଦର କରିହୁଏ ।"

କବିଙ୍କ ଉପଲବ୍ଧିର ଶୀର୍ଷରେ କବି ମୃତ୍ୟୁ, ମାଟି ଏବଂ ଦେହକୁ ଏକ ବିନ୍ଦୁରେ ସମାହିତ କରି ନେଇଛନ୍ତି । ଦେହ ମୃତ୍ୟୁ ଲଭିବା ମାଟିରେ ପରିଣତ ହେବ ଦେହ । ମୃତ୍ୟୁ କଳବିତ କରିନେବ ନଶ୍ୱର ଦେହକୁ । ହେଲେ କବିର କବିତ୍ୱ, ତା' ଶବ୍ଦ-ଶକ୍ତି ଅମର, ଅବିନଶ୍ୱର, ସୂର୍ଯ୍ୟ ପରି ସଦା ଅଧିଷ୍ଠିତ, ସଦା ପ୍ରତିଷ୍ଠିତ ପୃଥିବୀର ମଥା ପରେ- ବୋଧହୁଏ ମୃତ୍ୟୁକୁ ପରାଜିତ କରି । କବି ଗୌତମ ଏହି ଦର୍ଶନଟିକୁ ପ୍ରତିଷ୍ଠା କରାଇବାର ପ୍ରଚେଷ୍ଟାରେ ।

ସେମିତି, "ଏକା ବାଟୋଇ ମୁଁ / ଶୂନ୍ୟ ଜୀବନେ / କରୁଅଛି ଅଭିନୟ / ଭୁଲିଯାଏ ମୋର ଚିହ୍ନ ଠିକଣା / ପାଇବାକୁ ପରିଚୟ...." **(ଅସରନ୍ତି ସ୍ୱପ୍ନ, ପୃ.୧୧)** ପରି ପଂକ୍ତିରେ କବି 'ଏକା ବାଟୋଇ' ସହ ମଣିଷକୁ ତୁଳନା କରିଛନ୍ତି । ଏବଂ 'ବାହୁଡ଼ା ବେଳ' କବିତା ସଂକଳନର 'ଫେରିବାବେଳ' କବିତାରେ ଜୀବନ-ମୃତ୍ୟୁର ଏ ଖେଳ କେବେ ସମାପ୍ତ ନହେଉ ବୋଲି ଆହ୍ୱାନ ଦେଉଛନ୍ତି । କବିଙ୍କ ଭାଷାରେ, "ଜନ୍ମ ଆଉ ମରଣର ଗୋଲକରେ / ବରଂ ମୁଁ ଘୂରୁଥାଏ କୋଟିଏ ବର୍ଷ ।" ଏସବୁଠି କବିଙ୍କ ମାନବ ଜନ୍ମର ମହତ୍ତ୍ୱକୁ ଅନୁଭବ କରିବାର ଆହ୍ୱାନ ଅନୁଭୂତ ହୁଏ ।

ଜୀବନର ବୈଚିତ୍ର୍ୟ ଅନ୍ୱେଷଣ କବି ଗୌତମ ଜେନାଙ୍କ ଅନ୍ୟତମ କାବ୍ୟ-ବୈଶିଷ୍ଟ୍ୟ । ସୁଖ-ଦୁଃଖ, ଆନନ୍ଦ-ଯନ୍ତ୍ରଣା, ଅପେକ୍ଷା-ପ୍ରାପ୍ତି- ଏସବୁର ମିଶ୍ରିତ ଭାବଉଚ୍ଛ୍ୱାସ ହେଉଛି କବିଙ୍କ କବିତାର ବିଷୟବସ୍ତୁ । ଯେଉଁଠି କେବଳ ପ୍ରାପ୍ତିରେ ଆନନ୍ଦ ନଥାଏ, ହରେଇ ଦେବାରେ ବି ମାଧୁର୍ଯ୍ୟ ରହିଥାଏ । ଅପେକ୍ଷାରେ ବି ଖୁସିର ଝଲକ ପାଇ ନେଉଥାଏ । ଏ ଯେଉଁ ଆତ୍ମୀୟତା, ଏ ଯେଉଁ ବିଭୋରତା, ମାଟି ସହ, ନିଜ ଆତ୍ମୀୟ ସ୍ୱଜନଙ୍କ ସହ, ବନ୍ଧୁମାନଙ୍କ ସହ- ଏ ସମ୍ପର୍କକୁ ବଞ୍ଚିବା ପାଇଁ, ବୁଝିବା ପାଇଁ କବି ସ୍ୱୀକାରୋକ୍ତି ଦିଅନ୍ତି- "ଥରେ ନୁହେଁ / କି ଦୁଇଥର ନୁହେଁ / ଲକ୍ଷେଥର ଜନ୍ମ ନେବାକୁ ଚାହିଁଛି ମାଟିରେ / ଏ ଲକ୍ଷେ ଜନ୍ମ କ'ଣ ମେଣ୍ଟେଇ ପାରିବ / ମାଟି ପିଣ୍ଡରେ ଗଢ଼ା / ଏ ହୃଦୟର ଶୋଷ !" **(ବାହୁଡ଼ାବେଳ ପୃ/୭)**

ତେବେ କବିଙ୍କ ପ୍ରଥମ କବିତା ସଂକଳନ 'ସମୟ ବିଷାଦ ନଈ' (୧୯୯୦), କବି ପ୍ରେମର ନିରାଜନା କରିଥିବା ବେଳେ, ଅପେକ୍ଷାର ଦୀର୍ଘ ଯାତ୍ରାରେ ଚାଲୁଥିବା ବେଳେ ସମୟ ବିଷାଦ ପରି ଏକ ଦୀର୍ଘ ନଈ ପରି ପ୍ରତେ ହେଉଥିଲେ ହେଁ ଏହି କବିତା 'ବଞ୍ଚିବାର ମୋହ ସଞ୍ଚାରିତ' କରିବାରେ, ସେ ସମୟରେ ଏକ ପ୍ରମୁଖ ଭୂମିକା ନେଇଛି । ଏହି ଅପେକ୍ଷା, ନିଃସଙ୍ଗତାର ସ୍ୱର, ଅତୀତମନସ୍କତା, ଆଦି ଅନେକ ଚେତନା ତାଙ୍କ ପରବର୍ତ୍ତୀ କାବ୍ୟ ସଂକଳନରେ ଦେଖିବାକୁ ମିଳିଛି । କିନ୍ତୁ ଗୌତମ ଜେନାଙ୍କ ସ୍ୱର୍ଦ୍ଧିତ କାବ୍ୟ ସ୍ୱର ନିଜର ଏକ ସ୍ୱତନ୍ତ୍ର ପୃଥିବୀଟିଏ ସ୍ଥାପନ କରିପାରିଛି ଯେଉଁଠି ସେ ହିଁ ସମ୍ରାଟ, ଅଧୀଶ୍ୱର, ଯେଉଁଠି ମୃତ୍ୟୁ ବି ଛାର ।

କବିଙ୍କ ଏହି ଭାବ ତାଙ୍କର ପରବର୍ତ୍ତୀ କବିତା ସଂକଳନ 'ଏକା ଏକା ଦିନ' (୨୦୦୨), 'ରଙ୍ଗଶିଉଳି' (୨୦୦୨), 'ମାୟାମନସ୍କ', 'ପଂଚମରାଗ' (୨୦୦୭), 'ବାହୁଡାବେଳ' (୨୦୦୮) ଯାଏଁ ପରିବ୍ୟାପ୍ତ । କବିଙ୍କ ସପ୍ତମ ସଙ୍କଳନ 'ଜୀବନବେଦ' ଠାରୁ ଆରମ୍ଭ ହୋଇଛି ଏକ ନୂଆ କାବ୍ୟଯାତ୍ରା, ଯାହା ତାଙ୍କ ଅଷ୍ଟମ ସଂକଳନ 'ଦର୍ଶନଯୋଗ'(୨୦୧୫), 'ପ୍ରିୟମାଟି'(୨୦୧୮), 'କବିତା ୨୦୨୦'(୨୦୨୦) ଏବଂ 'ଅସରନ୍ତି ସ୍ୱପ୍ନ' (୨୦୨୧)ଯାଏଁ ପରିବ୍ୟାପ୍ତ ।

ବର୍ତ୍ତମାନ ସମୟରେ ମଣିଷ ଯେଉଁ ହିପୋକ୍ରେସି ଭିତରେ ବଞ୍ଚେ, କବି ସେ ହିପୋକ୍ରେସିକୁ ନେଇ ଏକ ତୀର୍ଯ୍ୟକ ଦୃଷ୍ଟିଭଙ୍ଗୀରେ ବିଭିନ୍ନ ଘଟଣାକୁ ଭିନ୍ନଭିନ୍ନ ଚରିତ୍ର ମାଧ୍ୟମରେ ଇଙ୍ଗିତ କରିଛନ୍ତି, ଯାହା ପାଠକ ହୃଦୟରେ ଓ ମଗଜରେ ଏକ ଦୀର୍ଘସ୍ଥାୟୀ ପ୍ରଭାବ ବିସ୍ତାର କରେ । କବି ଯେଉଁ ମିଥ୍ୟାଚାରକୁ ସହ୍ୟ କରିପାରି ନାହାନ୍ତି, ଯେଉଁ ଘଟଣା ତାଙ୍କୁ ବିଦାରି ଚାଲିଛି, ତା'ର ପରିଣତିକୁ କବି ଉପସ୍ଥାପନ କରିବାରେ ଯେଉଁପରି ଭାଷା ଓ ଶୈଳୀ ବ୍ୟବହାର କରିଛନ୍ତି, ତାହା ଅନନ୍ୟ । ଶାଣିତ ବ୍ୟଙ୍ଗ, ସୂକ୍ଷ୍ମ ଶ୍ଳେଷ ଓ କଟାକ୍ଷର ତରବାରୀରେ ବର୍ତ୍ତମାନ ମଣିଷର ମୁଖା ଖସିଯାଏ କିପରି, ଏ ପଙ୍କ୍ତି ତାହାର ଉଦାହରଣ- "ଯେଉଁମାନେ / ଅନୀତି ଓ ଭ୍ରଷ୍ଟାଚାରକୁ ବିରୋଧ କରି ଫାଶୀ ପାଇଲ / ଆଜୀବନ କଳାପାଣିରେ

/ନିଃସଙ୍ଗତା ସହି ଲଢ଼ି ଲଢ଼ି / ଜୀବନ ହାରିଲ / ଆଜି କ'ଣ ଦେଖିପାରିଥା'ନ୍ତ / ଏ ମୁମୂର୍ଷୁ ଜନଗଣଙ୍କ କୁହୁଡ଼ି ପହଁରା ଓ / ଦେଶସେବଙ୍କ କୁମ୍ଭୀର କାନ୍ଦଣା ?" (ଦର୍ଶନ ଯୋଗ-ପୃ.୬୯)

"ସାଂପ୍ରତିକ କାଳରେ ସମାଜ ବ୍ୟବସ୍ଥାରେ ଅର୍ଥନୈତିକ ଓ ରାଜନୈତିକ ସ୍ତରରେ ଯେଉଁ ବୈଷମ୍ୟ ଓ ବିରୋଧାଭାସଗୁଡ଼ିକ ପରିଲକ୍ଷିତ, ତାକୁ ଆକ୍ରମଣ କରିଛନ୍ତି କବି ।" (ଡ. ବିଜୟ କୁମାର ଶତପଥୀ, 'ସ୍ୱାଧୀନତୋତ୍ତର ଓଡ଼ିଆ କବିତାର ସ୍ୱରୂପ', ପୃ.୪୦୯)

'ନିଜକୁ ପଶୁ ମନେକରି' କବିତା ପୁଞ୍ଜ, କବି ଗୌତମଙ୍କ ଏହିପରି କିଛି କବିତା, ଯେଉଁଠି ମଣିଷର ମଣିଷପଣିଆ ଓ ସେ ପରିବର୍ତ୍ତିତ ହୋଇ ଯାଉଥିବା ପଶୁପଣ ପ୍ରତି ତୀର୍ଯ୍ୟକ କଟାକ୍ଷ ରହିଛି । ଯେବେ ପିଲାବେଳେ, ସ୍କୁଲ ଶିକ୍ଷକ, ନିଜକୁ ପଶୁ ମନେ କରି ରଚନା ଲେଖିବାକୁ ନିର୍ଦ୍ଦେଶ ଦେଉଛନ୍ତି, ସେବେ କାବ୍ୟସତ୍ତା ନିଜେ ନିଜେ ବାଛୁଛି ସେ କେଉଁ ପଶୁ ହେବ ! କବିଙ୍କ ଉପଲବ୍ଧିର କଟାକ୍ଷ- ସେ ବାଘ, ଭାଲୁ, ସିଂହ ଆଦି ହିଂସ୍ର ଜନ୍ତୁ ହେବେନି କି "ନିଷ୍ଠୁର ହୋଇ / ଅହର୍ନିଶ ରକ୍ତ ଚୋଷି ପାରିବିନି / ଅମଲାତନ୍ତ୍ର ପରି ।" (ପଞ୍ଚମରାଗ-ପୃ.୯୧) ପୁଣି ଠେକୁଆ କି ମୂଷା ହେବା କଥା ଚିନ୍ତା କରେ କାବ୍ୟସତ୍ତା ତ କୁହେ- "ଏ ଦେଶର ନିରୀହ ଲୋକଙ୍କ ପରି / ପ୍ରାଣହୀନ ହୋଇ / କେହି କ'ଣ ବଞ୍ଚିପାରେ କେଉଁଠି ?" ରଚନା ଖାତାରେ ଗାରଟିଏ ନଦେଖି ଶିକ୍ଷକ ପାଟି କରନ୍ତି ଏବଂ ଛାତ୍ରକୁ ଗଧଟିଏ ବୋଲି ସମ୍ବୋଧନ କରନ୍ତି । ଗଧକୁ କି କବି ଚମତ୍କାର ବ୍ୟଞ୍ଜନା ଦେଇ ନିର୍ଦ୍ଦିଷ୍ଟ ମଣିଷଙ୍କର ପ୍ରୋଟୋଟାଇପ୍ ପରି ବ୍ୟବହାର କରିଛନ୍ତି । ଏବଂ ଶେଷରେ ସ୍ୱାଭିମାନ କାବ୍ୟସତ୍ତା ମନା କରିଦିଏ ଏ ସ୍ୱଷ୍ଟୋକ୍ତିର ସହ – "ସବୁ ମଣିଷ ପଶୁ ପାଲଟିଗଲା ପରେ / କେହି ଜଣେ ତ / ମଣିଷ ହୋଇ ରହିବ ଦର୍କାର !" (ପଞ୍ଚମ ରାଗ-ପୃ-୯୫)

ପ୍ରସିଦ୍ଧ ହିନ୍ଦୀ କବି କେଦାରନାଥ ସିଂହଙ୍କ 'ବାଘ' କବିତାରେ ବାଘର ସ୍ୱୀକାରୋକ୍ତି ସ୍ମରଣ କରାଇଦିଏ ଏ ପଙ୍କ୍ତି ସମୂହ । ଏବଂ ଗୌତମଙ୍କ କାବ୍ୟସତ୍ତା ସାରା ସଂସାରର ନିବିଡ଼ ଅରଣ୍ୟ ଭିତରେ, ସରୀସୃପ ଓ ପଶୁମାନଙ୍କ ଗର୍ଜନ ଭିତରେ, ଶିକ୍ଷକଙ୍କୁ ମହାତ୍ମାମାନଙ୍କ ଜୀବନୀ ଶୁଣେଇ ଦେହମନକୁ ଶୁଦ୍ଧପୂତ କରିଦେବାକୁ ଆହ୍ୱାନ ଜଣାଉଛି । ସାଂପ୍ରତିକ ସମୟ, ମଣିଷର ସ୍ୱାଭିମାନ ଏବଂ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଇ କ'ଣ କିଛି ପାଇଯିବାର ମାନସିକତା ତଥା ତା'ର ଦୁର୍ବଳତାକୁ ଚମତ୍କାର ଆଇରନି ଭିତରେ ଉପସ୍ଥାପିତ କରାନ୍ତି କବି । କେହି ଜଣେ ତ ମଣିଷ ହୋଇ ରହିବା ଦର୍କାର- ଉକ୍ତିର ଇଙ୍ଗିତର ତୀର୍ଯ୍ୟକତା ଓ ପରିପ୍ରକାଶ ଶୈଳୀରେ ଉକୁଟି ଆସୁଥିବା ବ୍ୟଞ୍ଜନ ପାଇଁ କବିଙ୍କ କବିତା ଅନନ୍ୟ ।

କବିଙ୍କ ଭାଷାରେ, "ଜଣେ କବିର ମୌଳିକତା ହିଁ ତା'ର ନିଜସ୍ୱଧାରା । ୧୯୭୫ ପରବର୍ତ୍ତୀ ଆମେ ଯେଉଁମାନେ କବିତା ଲେଖୁଥିଲୁ, ସେଥିରେ ଥିଲା ଆଙ୍ଗିକର କଳାତ୍ମକତା ଓ ଭାବନାର କେନ୍ଦ୍ରବିନ୍ଦୁକୁ ନେଇ ଆତ୍ମିକର ଘୂର୍ଣ୍ଣନ । କବିତାର ଭାବଟି ହିଁ କବିର ଆବେଗ ଓ ଆତ୍ମା । ଏଥିରେ କାବ୍ୟିକ ଭାଷାର ଉପଯୋଗ କବିତାକୁ ଉତ୍ତୀର୍ଣ୍ଣ କରିଥାଏ ।"

ଭାଷା ପ୍ରୟୋଗର ସରଳତା, ଭାବର ସାନ୍ଦ୍ରତା ଏବଂ ଗମ୍ଭୀର କାବ୍ୟ-ସ୍ୱର କବି ଗୌତମ ଜେନାଙ୍କୁ ଏକ ଅନନ୍ୟ କାବ୍ୟକାରର ପରିଚୟ ଦେଇଥାଏ ।

## ସୁଷମାମିଶ୍ର(୧୯୬୦):

ସୂକ୍ଷ୍ମ, କୋମଳ ଭାବପ୍ରବଣତାକୁ ନିଜର ସାମର୍ଥ୍ୟ କରି, ନିରାଡ଼ମ୍ବର ଶବ୍ଦଙ୍କୁ ସାଧନ କରି ଜୀବନ ଜିଇଁବାର ଯାବତୀୟ ଆବେଗକୁ ବାଢ଼ିଦେଇ ପାଠକଙ୍କୁ ଅନ୍ୟମନସ୍କ କରିପାରୁଥିବା କବି **ସୁଷମା ମିଶ୍ର** ସାଂପ୍ରତିକ ଓଡ଼ିଆ କାବ୍ୟଜଗତରେ ଏକ କୋମଳ ଅଥଚ ସ୍ୱତନ୍ତ୍ର ସ୍ୱର । ଉଭୟ ଛନ୍ଦମୟ ଓ ମୁକ୍ତଛନ୍ଦ କବିତାରେ ଖୁବ୍ ସ୍ୱଚ୍ଛନ୍ଦ ଭାବରେ ନିଜ ଅନୁଭବକୁ ଢାଳି ଯେକୌଣସି ରୂପ ତିଆରି କରିବାରେ ସିଦ୍ଧହସ୍ତା କବି ସୁଷମା । ବୌଦ୍ଧିକତାର ଇନ୍ଦ୍ରଜାଲରେ ଛନ୍ଦିହେବାକୁ ଏବଂ ପାଠକଙ୍କୁ ଛନ୍ଦି ନଦେବାକୁ ପସନ୍ଦ କରୁନଥିବା ସୁଷମା ନିଜ କବିତାର ଭାବଗାମ୍ଭୀର୍ଯ୍ୟ, ସହଜତା ଏବଂ ବୋଧଗମ୍ୟତାକୁ ପ୍ରାଧାନ୍ୟ ଦେଇ ଆସୁଥିବା ଲକ୍ଷ୍ୟ କରାଯାଇପାରେ । ଏ ପ୍ରସଙ୍ଗରେ ତାଙ୍କ ସ୍ୱୀକାରୋକ୍ତି ହିଁ ତାଙ୍କ କାବ୍ୟଚେତନାର ଏକ ଶ୍ରେଷ୍ଠ ମୂଲ୍ୟାୟନ ବୋଲି ବିଚାର କରା ଯାଇପାରେ । ଏକଥା ସ୍ୱୀକାର କରିବାରେ ତାଙ୍କର ତିଳେମାତ୍ର କୁଣ୍ଠା ନଥାଏ ଯେ ବୌଦ୍ଧିକ ପରିପ୍ରକାଶ-ମଣ୍ଡିତ କବିତା ଠାରୁ ହୃଦୟସ୍ଫୁରିତ କବିତା ପାଇଁ ତାଙ୍କର ପ୍ରବଳ ଆକର୍ଷଣ ଥିଲା । ସହଜ, ସାବଲୀଳ କବିତା ତାଙ୍କର ସଦାକାଳେ ପ୍ରିୟ । ସେଥିପାଇଁ ତାଙ୍କ ଭାବ ସବୁ କବିତାରେ ରୂପାୟିତ ହେଲାବେଳେ ପ୍ରବାହମାନ ଛଳଛଳ ନଦୀ ପରି ଧାଇଁ ଆସି ହଜିଯାଆନ୍ତି ପାଠକର ହୃଦୟରେ । ଆଉ ତା'ର ସମଗ୍ର ସତ୍ତାକୁ ଭାବ ପ୍ଲାବିତ କରି ପକାନ୍ତି । ଏହା ହିଁ ସୁଷମା ମିଶ୍ରଙ୍କର କବି ଭାବରେ ଏକ ଅନନ୍ୟ ସାମର୍ଥ୍ୟ ଓ ସାଫଲ୍ୟ ।



▲ ସୁଷମା ମିଶ୍ର

ଖୁବ୍ କମ୍ ବୟସରୁ ଲେଖନୀ ଚାଳନା କରିଥିବା ସୁଷମାଙ୍କର ପ୍ରଥମ କବିତା ସଂକଳନ 'ଆଦିପୁରୁଷ' ୧୯୯୩ ମସିହାରେ ଓ ଦ୍ୱିତୀୟ କବିତା ସଂକଳନ 'ବରବର୍ଣ୍ଣିନୀ' ୨୦୦୦ ମସିହାରେ ପ୍ରକାଶ ପାଏ । 'ହାତମୁଠାରେ ସ୍ୱପ୍ନ', ତୃତୀୟ କବିତା ସଂକଳନ ୨୦୧୨ ମସିହାରେ ପ୍ରକାଶ ପାଏ । କବିତା ବ୍ୟତୀତ କବି ସୁଷମା ଗଳ୍ପ ରଚନା ମଧ୍ୟ କରିଛନ୍ତି । ମାତ୍ର ତିନୋଟି କବିତା ସଂକଳନ ପ୍ରକାଶିତ ହେଲେ ମଧ୍ୟ, ଅନୁଭବ, ଜିଜ୍ଞାସା ଓ ସମ୍ବେଦନଶୀଳତାର ବ୍ୟାପ୍ତି, ଜୀବନକୁ ଭଲ ପାଇବାର ଦୃଷ୍ଟିଭଙ୍ଗୀ ତାଙ୍କ କବିତାକୁ ରସସିକ୍ତ ଓ ଆବେଗାପ୍ଲୁତ କରିବା ସହ ତାଙ୍କ ଶାଣିତ ସ୍ୱରକୁ ଦୃଢ଼ ଭାବରେ ପ୍ରତିପାଦିତ କରେ । ତାଙ୍କର ସମଗ୍ର କାବ୍ୟଯାତ୍ରାରେ ପ୍ରାଥମିକ ଜୀବନର ଶବ୍ଦ ସଂରଚନା ଓ ଓ ଭାବବିନ୍ୟାସରେ କିଛିଟା ବିବର୍ତ୍ତନ ଘଟି ପ୍ରବାହମାନ ସମୟର ଛାପ ଶେଷ ଆଡ଼କୁ ଲକ୍ଷ୍ୟ କରା ଯାଉଥିଲେ ମଧ୍ୟ କବିତାରେ ଅନ୍ୱେଷା ଓ ଜୀବନ ପ୍ରତି ସକାରାତ୍ମକତା ଅପରିବର୍ତ୍ତିତ ରହିପାରିଛି ।

ନିଜର କବିତା ରଚନା ପରିପ୍ରେକ୍ଷୀରେ କବି ସୁଷମା କୁହନ୍ତି- "ସରଗ ନଈରେ ଥରକୁ ଥର ଘଷିମାଜି ସୁଖଦୁଃଖର ଅସରା ଅନୁଭୂତି, ସାଉଁଟିନିଏ ମୁଠାମୁଠା ଅନୁଭବର ମାଟି । ନିଃଶବ୍ଦରେ ଖୋଜିହୁଏ ଶବ୍ଦ ଆଉ ଶବ୍ଦ । ଶବ୍ଦ କି ଧରାଦିଏ ସହଜରେ ! ଧୀରେ ଧୀରେ ଧରୁ ଧରୁ ଶବ୍ଦ ଛପି ଯାଏ ପ୍ରଜାପତି ପରି । ଶବ୍ଦ ପୁଣି ବର୍ଷିଯାଏ ବିନ୍ଦୁ ବିନ୍ଦୁ ବର୍ଷା ଯେପରି । ଗୋଟିପଣେ ମୁଁ ବତୁରିଯାଏ ଇଚ୍ଛାମତେ ଶବ୍ଦ ଗୁନ୍ଥିବାରେ । କବି ଓ କବିତା ଏକୀଭୂତ ହେବାର ଏଇ ସନ୍ଧିକ୍ଷଣରେ ସତରେ ମୁଁ ବିଚ୍ଛିନ୍ନ ହୋଇଯାଏ ଆଖପାଖରୁ । ମୁକୁଳି ଯାଏ ଦୁନିଆର ବାହୁ ବନ୍ଧନରୁ । ସେତେବେଳେ ମୋ ଭାବରାଜ୍ୟରେ ବିରାଜିତ ହୁଏ ମୋ କଳ୍ପିତ ସୁନ୍ଦର ପୃଥିବୀ ।"

ଜୀବନର ସୁଖଦୁଃଖ, ପ୍ରେମ-ବିରହ, ମାନବିକ ସମ୍ବେଦନଶୀଳତା, ପ୍ରକୃତିର ଜୟଗାନ ତଥା ଆଧ୍ୟାତ୍ମିକ ଉନ୍ମୁଖତା ଆଦି ତାଙ୍କ କବିପ୍ରାଣକୁ ଶିହରିତ କରେ ବୋଲି ତାଙ୍କ କବିତା ସବୁ ଖୁବ୍ ପ୍ରାଣବନ୍ତ । ସାଂସାରିକ ଜୀବନ ଅଣଦେଖା ଛୋଟ ଛୋଟ ଦୁଃଖ, ସୁଖ, ରୋମାଞ୍ଚ ତାଙ୍କୁ ଅଭିଭୂତ କରେ । ଏକ ନିଆରା ଦୃଷ୍ଟି ନେଇ ସେ ଜୀବନର ସେ ଦିଗକୁ ଧୀରେ ନିଜ ଶବ୍ଦ ମାଧ୍ୟମରେ ଉନ୍ମୋଚିତ କରାଇଥାନ୍ତି । ସାଧାରଣ ସ୍ତ୍ରୀଲୋକଟିଏ ଦୈନନ୍ଦିନ ଜୀବନରେ ଭୋଗୁଥିବା

କଷ୍ଟ ଓ ତା'ର ସ୍ଥିତିକୁ ଏକ ନିଆରାପଣ ଦେଇ କବି ନିଜ କବିତାରେ ସ୍ଥାନ ଦିଅନ୍ତି । ଏପରିକି, ଜଣେ ବାରାଙ୍ଗନାରେ ଜୀବନ ଓ ତା'ର ଅସହାୟତାରେ ସେ ବାଙ୍‌ମୟ ହୋଇ ଉଠନ୍ତି ତ, ମୁଖାପିନ୍ଧା ମଣିଷ ଓ ସମାଜ ପ୍ରତି ତୀକ୍ଷ୍ଣ କଟାକ୍ଷ ଓ ଶାଣିତ ବ୍ୟଙ୍ଗରେ କବିତା ମୁଖରିତ ହୁଏତ ତାଙ୍କର ।

ଗାଆଁ ଠାରୁ ସହର ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ କୃତ୍ରିମତା, ଶଠତା, ଅତ୍ୟାଚାର ଆଦି ସାମାଜିକ ଅବକ୍ଷୟର ପ୍ରତିକ୍ରିୟା ତାଙ୍କ କବିତାରେ ଅଦ୍ଭୁତ ନାନ୍ଦନିକତାର ସହ ପ୍ରକାଶ ପାଏ । କବିତାର କାନ୍‌ଭାସ୍‌କୁ ବ୍ୟାପକ କରି ଜୀବନର ବହୁବିଧ ରଙ୍ଗ ଭରିଦିଅନ୍ତି କବି । ସେ ରଙ୍ଗରେ ଆଶାବାଦର ଇନ୍ଦ୍ରଧନୁ ଲହରଉଥାଏ ।

'ନାରୀବାଦ'ନିର୍ଦ୍ଦିଷ୍ଟ ଭାବରେ ତାଙ୍କ କବିତାରେ ଏକ ବୈଶିଷ୍ଟ୍ୟ ହୋଇ ନଥିଲେ ମଧ୍ୟ ନାରୀସ୍ଥିତି ପ୍ରତି ତାଙ୍କ ସଚେତନତା କୋମଳ ନାରୀବାଦର (Soft Feminism) ଏକ ସ୍ୱର ଭାବେ ବିଚାର କରାଯାଇପାରେ । ନାରୀର ଚିରକାଳର ଅବହେଳିତ ସ୍ଥିତି ପ୍ରତି ତାଙ୍କ କବିତାରେ ବିଦ୍ରୋହ ଦେଖିବାକୁ ନ ମିଳିଲେ ମଧ୍ୟ ତାଙ୍କ ବ୍ୟଥା ଓ ପ୍ରତିକ୍ରିୟା ସୁସ୍ପଷ୍ଟ । "ତୁଠ ପଥର । କାଳକାଳର ଆଜନ୍ମ ବନ୍ଦିନୀ...ଜୀଅନ୍ତା ଶବ ।...ଅଚଳ ଅସ୍ତିତ୍ୱକୁ ନେଇ / ନାରୀ ହୋଇଯାଇଛି / ଦେହଟିଏ / ବସ୍ତୁଟିଏ / ନାରୀ ହୋଇଯାଇଛି / ଅନ୍ୟ କାହାର ଛାଇ ।" **(ହାତମୁଠାରେ ସ୍ୱପ୍ନ ପୃ.୧୧୨-୧୧୩)** ନାରୀର ଚିରାଚରିତ ଚିତ୍ର ଓ ତା'ର ଅଭିମାନକୁ ଏକ ଶ୍ଳେଷ ମାଧ୍ୟମରେ ଉପସ୍ଥାପିତ କରାଇଛନ୍ତି କବି ଏଠାରେ । ସେମିତି "ସହିବାର ସୀମାନ୍ତରେ / ଅଧିକାଂଶ ନାରୀ / ଠିକ୍ ମୋ ପରି / ଗୋଟେ ଗୋଟେ କଳଙ୍କିଲଗା ତରବାରୀ ।" **(ହାତମୁଠାରେ...ପୃ୭୪)** ଏହି ପଙ୍‌କ୍ତି ସମୂହ ନାରୀର ଯେଉଁ ଚିତ୍ର ପ୍ରଦାନ କରେ ତାହା ପ୍ରତ୍ୟେକ ନାରୀ ବେଦନାର ନୀରବ ସ୍ୱର । ସେ ସ୍ୱର ସମଗ୍ର ନାରୀ ପ୍ରତି ସମବେଦନାରେ ଯେତିକି ଆର୍ଦ୍ର, ପୁରୁଷ ଓ ସମାଜ ପ୍ରତି ବିଦ୍ରୁପରେ ସେତିକି ଶାଣିତ । ଏଇ ପୁରୁଷ ପ୍ରଧାନ ସମାଜ ହିଁ ନାରୀକୁ କେବଳ 'ଦେହଟିଏ', 'ବସ୍ତୁଟିଏ' ବା 'କଳଙ୍କିଲଗା ତରବାରୀ'ରେ ପରିବର୍ତ୍ତିତ କରିଦେଇ ତା' ଅସ୍ତିତ୍ୱକୁ ଅଚଳ କରିଦେଇଛି ଯେମିତି । ମୁଖା ଆଡୁଆଳରେ ଲମ୍ପଟ ପୁରୁଷ ବାରାଙ୍ଗନା ପାଖରେ ନିଜର ଦେହର ଭୋଗ ମେଣ୍ଟାଉଥିବା ବେଳେ, ସେଇ ପୁରୁଷ ପ୍ରଧାନ ସମାଜରେ ତାର ସ୍ଥାନ କାହିଁ? ତାକୁ ଏ ସମାଜ ନ୍ୟୁନ ଦୃଷ୍ଟିରେ ଦେଖି ଏକ ସାଧାରଣ ନାରୀ ଜୀବନ ବଞ୍ଚିବାର ସୁଯୋଗ ଦିଏ ନାହିଁ । ଯଦିଓ ରାତିକର ବ୍ୟଥା ଚାପିରଖି ସେ "ପାଷାଣୀ ହୋଇ ଚାହିଁବସେ / ଧୂଳିଘେନି ଛୁଇଁବାକୁ ପ୍ରଭୁଙ୍କୁ ପୟର," ତା ପାଇଁ କେହି କେବେ ନୂଆ ଇତିହାସ ଲେଖିବେନି ବୋଲି କବି କ୍ଷୋଭ ପ୍ରକାଶ କରନ୍ତି । ତାଙ୍କର କ୍ଷୋଭ ତୀବ୍ରତର ହେଇ ଉଠେ, ଯେତେବେଳେ ସେ କହନ୍ତି, "ଏ ଦୁନିଆ ଚାହେଁ ନାହିଁ, ସାଧାରଣ ନାରୀ ହୋଇ / ବାରାଙ୍ଗନା ଫେରିଆସୁ, ନିଷିଦ୍ଧ ଗଳିରୁ / ନିଆଁପାଣି ବାଛନ୍ଦରୁ ମୁକ୍ତ ହୋଇ / ସେ ନିଜର ଅଧିକାର ପାଉ ।"**(ବରବର୍ଣ୍ଣିନୀ, ପୃ-୨୦)** କିନ୍ତୁ ସାରାଦିନ ଗମ୍ଭୀର ଭାବମୂର୍ତ୍ତି ଓ ଗଭୀର ମୂଲ୍ୟବୋଧର ମୁଖା ମାଖିଥିବା ହିପୋକ୍ରେଟ୍ ମଣିଷମାନଙ୍କୁ ବିଦ୍ରୁପ ପରି ସେମାନଙ୍କ ତୁଳନାରେ ବାରାଙ୍ଗନାମାନଙ୍କୁ କବି ଏକ ଅପେକ୍ଷାକୃତ ଉଚ୍ଚସ୍ଥାନ ପ୍ରଦାନ କରିଛନ୍ତି । ସେହି ସ୍ଥାନରୁ ସେମାନେ ଏ ପୁରୁଷମାନଙ୍କୁ ଦୟା ଦେଖାଇ ପାରିବେ । "ବାରାଙ୍ଗନାର ଦୟା ଆସେ ଏଇ ଅଧମ ପୁରୁଷମାନଙ୍କୁ / ସେ ଖୁସି ହୁଏ ତା'ର ଅନ୍ତତଃ ନାହିଁ / ସ୍ୱାମୀ ନାମକ ଏମିତି ଲମ୍ପଟ ।" **(ଆଦିପୁରୁଷ, ପୃ-୩୯)** ନାରୀ ମୁକ୍ତିର ସ୍ୱର, ନାରୀବାଦର ଆହ୍ୱାନ ଖୁବ୍ ଆବେଗମୟ କବିଙ୍କ କବିତାରେ ।

ନାରୀ ଅସ୍ମିତା, ନାରୀ ଅଧିକାର ଏବଂ ପୁରୁଷର ନାରୀ ପ୍ରତି ଅବିଚାର ପ୍ରତି ପ୍ରତିକ୍ରିୟା କେବଳ ନୁହେଁ, ନାରୀ ଜୀବନର ଅନେକ ମାଧୁର୍ଯ୍ୟର ଆବେଦନ ମଧ୍ୟ ତାଙ୍କ କବିତାରେ ବାରି ହୋଇପଡ଼େ । ନାରୀର ବହୁବିଧ ରୂପ- ପ୍ରେୟସୀ, ପତ୍ନୀ ଓ ମାଆ ଭାବରେ ଏକ ସ୍ନେହସିକ୍ତ ରୂପ ସ୍ଥାପନ କରି ସେ ନାରୀକୁ ଏକ ମହନୀୟ ସ୍ଥାନ ମଧ୍ୟ ପ୍ରଦାନ କରିଛନ୍ତି । ବିଦ୍ରୋହ ନୁହେଁ ସହଭାଗୀତା, ହିଂସା ନୁହେଁ ସହନଶୀଳତାକୁ ନାରୀର ଶକ୍ତି ଭାବରେ ପ୍ରତୀତ କରାଇଛନ୍ତି କବି ସୁଷମା । କବି-ଗୃହିଣୀ ଉଭୟ ଭୂମିକାରେ କେବେ କୁନିପୁଅର ରାଗରୁଷା, ଦୁଷ୍ଟାମୀକୁ ଉପଭୋଗ କରିବା ଛଳରେ ସେ ଜୀବନକୁ ଭରପୁର ଭଲପାଇଥିବା ଜଣେ ମାନବବାଦୀ କାବ୍ୟଚେତନା ଭାବରେ ନିଜକୁ ପ୍ରତିପାଦିତ କରିଛନ୍ତି ।

ଜୀବନକୁ ଭଲପାଇବା ଅର୍ଥ ପ୍ରକୃତିର ବୈଚିତ୍ର୍ୟ, ବର୍ଣ୍ଣ ବିଭାକୁ ମନଭରି ଉପଭୋଗ କରି ସେଥିରେ ତଲ୍ଲୀନ ହୋଇଯିବା ମଧ୍ୟ । କବି ସୁଷମାଙ୍କ ସୁକୁମାର କାବ୍ୟ-ସ୍ୱରରେ ମଳୟ ଦୋଳିରେ ଆସିଥିବା ବସନ୍ତକୁ ଅନୁଭବ କରିହୁଏ । ବଉଳର ଭୁରୁଭୁରୁ ମଧୁର ଗନ୍ଧରେ ମତୁଆଲା ହେଇହୁଏ । କୋଇଲିର ମହୁଆ ସ୍ୱରରେ ଶିହରଣ ସଂଚରିଯାଏ । ସରଳ ଶବ୍ଦ ମାଧ୍ୟମରେ ସେ ଯେଉଁଭଳି ଚିତ୍ରସବୁ ଜୀବନ୍ତ କରି ଗଢ଼ନ୍ତି, କବିତା ପଢ଼ିବାବେଳେ ସେସବୁ କଳ୍ପନାରେ ଦୃଶ୍ୟାୟିତ ହୋଇ ଏକ ଅନନ୍ୟ ପୁଲକ ଭରିଦିଏ । ସବୁ ପ୍ରାଚୁର୍ଯ୍ୟ ପାଖରେ ତା'ର ବିପରୀତଧର୍ମୀ ହାହାକାର ପଣଟେ ଠିଆ କରେଇଦେଇ ବାସ୍ତବତାମୁଖୀ ପାଲଟିଯିବା ସୁଷମା ମିଶ୍ରଙ୍କ କବିତାର ଏକ ବୈଶିଷ୍ଟ୍ୟ ଏବଂ କାରୀଗରୀ ମଧ୍ୟ । ଆଦିଗନ୍ତ ଫସଲର ସବୁଜ ବୁକୁରେ, ସମ୍ଭାବନା, ଆଶ୍ୱାସନା, ଆଶା, ବିଶ୍ୱାସରେ, ଦିଗ୍‌ବିଦିଗକୁ କାଉଁରି କାଠିରେ ଛୁଇଁ ପ୍ରାଚୁର୍ଯ୍ୟର ବସନ୍ତ ଆସିଥିଲେ ବି, "ଆସିନି କିନ୍ତୁ ଏ ବସନ୍ତ / ଭୋକିଲାର ଅନନ୍ତ କ୍ଷୁଧାର / ରୋଗୀଟିର ମୁମୂର୍ଷୁ ଶଯ୍ୟାରେ....ବିଧବାର ଶୂନ୍ୟ ଲଲାଟରେ /ଭିକାରୀର ଶୂନ୍ୟଥାଳ କିମ୍ବା / ଅଣୁ ଅସ୍ତ୍ର ବିକ୍ରେତାର ପୂର୍ଣ୍ଣ ପସରାରେ ।" **(ଆଦି ପୁରୁଷ...ପୃ.୫୪)** କବି ସମ୍ଭବତଃ ଏକଥା ସ୍ପଷ୍ଟ କରିଦେବାକୁ ଚାହାନ୍ତି ଯେ ବେଦନାର ଚିତ୍ର ପାଖରେ ପ୍ରାଚୁର୍ଯ୍ୟର ସୁଖ ବେଶୀକାଳ ଅମଳିନ ରହିପାରେନା । ଦୁଃଖ ଓ ଅବକ୍ଷୟର ପୀଡ଼ା ସୁଖର ତୀବ୍ରତାକୁ ଫିକା କରିଦିଏ । ନିଷ୍ଠୁର ମଣିଷ ଅବେଳରେ ଗୋଟା ଗୋଟା ଗଛ କାଟିନେଲା ପରେ ଏବେ "ମଳୟ ଝୁଲିବା ପାଇଁ ଦୋଳିଟିଏ ସିଇଁବାକୁ" ଆଉ ତାଳପତ୍ର ନାହିଁ ବୋଲି କବିଙ୍କ କ୍ଷୋଭ ଯଥାର୍ଥ । ତେଣୁ ଗଛ ପରି, ଆମେ ସମସ୍ତେ ମଧ୍ୟ ମାଟି ମାଆକୁ ଜୋର୍ କରି ଜାବୁଡ଼ି ଧରିବା ଛଡ଼ା, ନିଜ ଅସ୍ତିତ୍ୱକୁ ବଜାୟ ରଖିବାର ଅନ୍ୟ ପନ୍ଥା ନାହିଁ ।

ଏଇ ମାଟି ସହ ତଲ୍ଲୀନତା, ମମତ୍ୱ, ମାଟିନସ୍କତା ହିଁ ଟାଣିନିଏ ସହରର ଜାକଜମକ, ଧାଁ ଦୌଡ଼ ଓ ପ୍ରଗତି ଛାଡ଼ି, ଗାଁକୁ । ତେବେ ସେଠି ମଧ୍ୟ ଗାଁ ଅଉ ଗାଁ ହୋଇ ନାହିଁ । ଗାଁକୁ ନେଇ କବି ସୁଷମାଙ୍କର ଭାବପ୍ରବଣତା ଯେତିକି ନିବିଡ଼, ଗାଁର ଅବକ୍ଷୟରେ ତାଙ୍କ ବ୍ୟଙ୍ଗ ଓ ବିଦ୍ରୁପ ସେତିକି ତୀକ୍ଷ୍ଣ ମଧ୍ୟ । ବିବର୍ତ୍ତନ ସ୍ରୋତରେ ଗାଁରେ ଯେଉଁ ପରିବର୍ତ୍ତନ ସେ ଲକ୍ଷ୍ୟ କରିଛନ୍ତି, ତାହା କେବଳ ପରମ୍ପରା, ସଂସ୍କୃତି ଓ ମୂଲ୍ୟବୋଧର ଅବକ୍ଷୟ ବୋଲି କ୍ଷୋଭୋକ୍ତି କରନ୍ତି । ଗାଁ କେମିତି ଧୂର୍ତ୍ତ ଲୋକଙ୍କର ଶଠତାର ଶୀକାର ପାଲଟି ଯାଉଛି ଏବଂ ନିଜର ଗାଁ-ପଣ ହରାଇ ବସୁଛି- ଏକଥା ପ୍ରତ୍ୟେକ ସମକାଳର କବି ତଥା ସେମ୍ବଦନଶୀଳ ମଣିଷଙ୍କ ବ୍ୟଥାର କାରଣ । ସୁଷମାଙ୍କ କବିତାରେ ଏହି ବ୍ୟଥାର ଚିତ୍ର- "କେତୋଟି ଦିନରେ ଗାଁ ଏମିତି ବଦଳିଗଲା / ଯେମିତିକି ଗାଁ ନୁହେଁ ଆଗ ପରି / ଘରକାମ କରୁଥିବା କୁଳ ଭୁଆସୁଣୀ / ଗାଁ ଦିଶିଗଲା ପ୍ରାୟେ / ନୂଆ ନୂଆ କଲେଜପଢ଼ା ଚପଳା ତରୁଣୀ ।" ଗାଁର ମହକରେ ବଞ୍ଚିଥିବା, ତା' କୋଳରେ ଜଡ଼େଇ ହୋଇ ନିଶ୍ୱାସ ନେଇଥିବା କବିପ୍ରାଣ ସେଇ 'କୁଳ ଭୁଆସୁଣୀ'ର ମର୍ଯ୍ୟାଦା ଓ ମାଧୁର୍ଯ୍ୟକୁ ହରାଇବାର କ୍ଷୋଭ ସୁଷମାଙ୍କ କବିତାରେ ସ୍ପଷ୍ଟ । ସ୍ପଷ୍ଟ ବି ଗାଁ ନୂଆ ରୂପରେ, ନୂଆ ଭାବରେ ଗଢ଼ି ହେଉଥିବାର ଇଙ୍ଗିତ । ଅତି ଚମତ୍କାର ଏ ବିସ୍ତାର ଓ ଏହାର ତୁଳନା ।

ତେବେ ସମୟ ଅତିବାହିତ ହେଉଥିବା ସଙ୍ଗେ ସଙ୍ଗେ । ବିଦାୟ ନେଉଥିବା ମୂଲ୍ୟବୋଧ, ବ୍ୟଥିତ କରେ କବିଙ୍କୁ । ଗାଁ ମେଲୋଡ଼ିରେ ହେଉଥିବା ନୃତ୍ୟ ଉପରେ ଶାଣିତ ବ୍ୟଙ୍ଗ କରି କବି କୁହନ୍ତି ଯେ, "ଗାଁ ଆମ ଉନ୍ନତିର ସୋପାନ ଚଢୁଛି ।"

କବି ଧର୍ମ ସଂପ୍ରଦାୟକୁ ନେଇ ଚଳନ୍ତି ସମୟର ରାଜନୀତିରେ ବ୍ୟଥିତ ହୋଇ ଉଠନ୍ତି । ସେ କୁହନ୍ତି, "ଯେତେ ଧର୍ମ ଓ ସମ୍ପ୍ରଦାୟ / ମତେ ଲାଗେ ଈଶ୍ୱରଙ୍କୁ ଖଣ୍ଡ ଖଣ୍ଡ କରିଦେବାକୁ / ଗୋଟେ ପ୍ରୟାସ / ଏମିତି ହୁଅନ୍ତାନି !




Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care : 9861049796, 9238349796

ଦିନେ ସକାଳୁ ଦେଖନ୍ତି, / ସମଗ୍ର ବିଶ୍ୱରେ ସକଳ ମଣିଷ ହୋଇଯାଇଛି ଗୋଟିଏ ଜାତି: / ମଣିଷ ଜାତି ।" (ହାତମୁଠାରେ/ ପୃ.୧୦)

ଜୀବନ-ଦର୍ଶନକୁ ନେଇ କବିଙ୍କ ଉପଲବ୍ଧି ଗଭୀର । ଖୁବ୍ ସରଳ ଭାଷାରେ ଗଭୀର ତତ୍ତ୍ୱକୁ ପରିବେଷିତ କରିଦିଅନ୍ତି କବି ସୁଷମା ମିଶ୍ର । ଯେମିତି: "ଜୀବନର ବଣରେ / କେତେ କୋଳି, କେତେ କଣ୍ଟା ଝଣ୍ଟା / କିଛି ଖଟା କିଛି ପୁଣି ମିଠା । / ଜୀବନର ବନରୁ ଯଉବନକୁ କୋଳି ପରି / ତୋଳୁଥା / କଣ୍ଟା ଝଟାରେ ପଡ଼ି ଉଠି ଧାଉଁଥା ।" (ହାତମୁଠାରେ/ ପୃ.୧୨)

ନାରୀର ମହନୀୟତାକୁ ଖୁବ୍ ସୁନ୍ଦର ଭାବରେ ତୋଳି ଧରନ୍ତି 'ପୃଥ' କବିତାରେ କବି । "ଯଦି କେବେ ଜିଦି ତା'ର ଯୁଦ୍ଧର ହୁଙ୍କାର ତୁଲ୍ୟ / ଅସ୍ତବ୍ୟସ୍ତ କରେ / ଅଚିରେ ମୁଁ ଚିରିଦିଏ ମୃତ୍ତିମୟ ଶାସନର ଖସଡ଼ାରୁ / ନିୟମର ପୃଷ୍ଠା ।" (ହାତ....ପୃ.୧୪)

'ପୁରୁଣାକୁ ଦଳି ଯାଉଛି ବଦଳି' କବିଙ୍କର ଏକ ବଳିଷ୍ଠ କବିତା ଯେଉଁଠି ଚାରିପିଢ଼ିର ନାରୀମାନଙ୍କ ଜୀବନ ବର୍ଣ୍ଣିତ । ଜେଜେମା'ଙ୍କ ସମୟରୁ ନାତୁଣୀର ସମୟ ଯାଏଁ ବଦଳି ଚାଲିଥିବା ସମୟ ଓ ମାନସିକତାକୁ ମାର୍ମିକ ଏବଂ କଳାତ୍ମକତାର ସହ କବିଙ୍କ ଉପସ୍ଥାପନ ଅତ୍ୟନ୍ତ ଚମତ୍କାର ।

ହାତମୁଠାରେ ଖରା, ପବନ, ପାଣି, ଇନ୍ଦ୍ରଧନୁର ରଙ୍ଗ, ଶୀତଳ ଜ୍ୟୋତ୍ସ୍ନା କି ସ୍ୱପ୍ନ ମୁଠେଇ ହୁଏନି ଜାଣି ବି ସ୍ୱପ୍ନ ସାଉଁଟନ୍ତି କବି ସୁଷମା ମିଶ୍ର । ଯନ୍ତ୍ରଣାର ଏତେ ଚିତ୍ର ଭିତରେ ବି ଆଶାବାଦର ଜ୍ୟୋତିଟିଏ ପ୍ରଜ୍ୱଳିତ ଥାଏ ତାଙ୍କ ମନ ତଳେ । ସେଇଥିପାଇଁ ତ ଏ ଏକବିଂଶ ଶତାବ୍ଦୀ ଆଗମନରେ ସେ ଆଶା କରନ୍ତି ଯେ: "ବିଗତର ଦୁଃଖ ଯେତେ ଲେଉଟି ନଆସୁ" ଓ ଉଦ୍‌ଘୋଷଣା କରନ୍ତି: "ମୁଁ ଆସିବି...ଜିଇଁବାକୁ ଅଖଣ୍ଡ ଜୀବନ...ମୁଁ ପୁଣି ଆସିବି ଘେନିବାକୁ / ଅଙ୍କକରେ କଙ୍କକ ସନ୍ଧାନ ।" (ହାତ...ପୃ.୧୪୪) ଏମିତି ଅନେକ ଆଶା, ଆନନ୍ଦ, ଆହ୍ଲାଦ ଓ କଳାତ୍ମକତାରେ ପୂର୍ଣ୍ଣ ସୁଷମାଙ୍କ କବିତା ପାଠକଙ୍କ ହୃଦୟରେ ତାଙ୍କୁ ଅନେକ କାଳ ଯାଏଁ ଉଜ୍ଜୀବିତ କରି ରଖିବ ।

## ବାସୁଦେବ ସୁନାନୀ(୧୯୬୨):

ସଂପ୍ରତି ଓଡ଼ିଆ କବିତା କ୍ଷେତ୍ରରେ କବି **ବାସୁଦେବ ସୁନାନୀ** ଏକ ପ୍ରଖର କାବ୍ୟ ସ୍ୱର । ତାଙ୍କ ମତରେ, "ଜଣେ ସମ୍ବେଦନଶୀଳ ମଣିଷ ପ୍ରାୟତଃ ପ୍ରତିକ୍ରିୟାଶୀଳ ହୋଇଥାଏ । ସମାଜକୁ ନେଇ, ମଣିଷକୁ ନେଇ ତଥା ରାଜନୀତି, ଅର୍ଥନୀତି, ଧାର୍ମିକ ବ୍ୟବସ୍ଥା ଇତ୍ୟାଦି ଅନେକ ବାବଦରେ ମୋର ବହୁତ କିଛି କହିବାର ଥାଏ । ମୁଁ ଯେହେତୁ ଏକ ଅତି ମାମୁଲି ମଣିଷଟିଏ ତେଣୁ ମୋର କଥାକୁ ଶୁଣେଇବାର ମୋ ପାଖରେ କିଛି ବଳିଷ୍ଠ ମଞ୍ଚ ନାହିଁ । ତେଣୁ ଅତି ସହଜ ଉପାୟଟିଏ ମୋ ପାଖରେ ମହଜୁଦ ଅଛି, ତାହା ହେଲା କାଗଜ ଓ କଲମ । ଏହାକୁ ବ୍ୟବହାର କରି ମୁଁ ମୋର ମନକଥାକୁ ପରିପ୍ରକାଶ କରିଥାଏ । ସେଇଥିପାଇଁ ହିଁ ଲେଖେ ।"



▶ବାସୁଦେବ ସୁନାନୀ

କବି ଶ୍ରୀ ସୁନାନୀଙ୍କ କବିତାରେ ଯେଉଁ ପ୍ରତିକ୍ରିୟା ରହିଥାଏ, ତାହା ମୂଳତଃ ଶୋଷିତ, ନିଷ୍ପେଷିତ ମନୁଷ୍ୟର ସ୍ୱର ହିଁ, ଯାହା କେବଳ ଶୋଷଣକୁ ସହୁଥାଏ । ଶୋଷଣ, ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉଠାଇବା, ବିଦ୍ରୋହ କରିବା ତାକୁ ଜଣା ନଥାଏ । ତାଙ୍କ କବିତା ଅନେକତ୍ର ସାମାଜିକ ଅବ୍ୟବସ୍ଥା, କୁସଂସ୍କାର, ପାତରଅନ୍ତର ନୀତି, ଜାତିପ୍ରଥା, ଅଭାବ ଅନାଟନରେ ପେଷି ହେଇ ଯାଉଥିବା ମଣିଷର ଆର୍ତ୍ତିର କଳାତ୍ମକ ପରିପ୍ରକାଶ କହିଲେ ଅତ୍ୟୁକ୍ତି ହେବ ନାହିଁ ।

'ଅନେକ କିଛି ଘଟିବାର ଅଛି' (୧୯୯୭), 'ମହୁଲବଣ'(୧୯୯୯), 'ଅସ୍ପୃଶ୍ୟ'(୨୦୦୧), 'କରଡ଼ିହାଟ'(୨୦୦୫), 'ଛି'(୨୦୦୮), 'କାଳିଆ ଉବାଚ'(୨୦୧୧), 'ବୋଧହୁଏ ଭଲ ପାଇବା ମତେ ଜଣାନାହିଁ' (୨୦୧୨), 'ମୁଁ ଅଛି ବୋଲି'(୨୦୧୭) ଆଦି ଅନେକ ଅନନ୍ୟ କବିତା ସଂକଳନର ସ୍ରଷ୍ଟା କବି ଶ୍ରୀ ସୁନାନୀ କବିତାରେ ତାଙ୍କ ନିଆରା ମାନବବାଦ ପାଇଁ ପରିଚିତ । କବିଙ୍କ ପାଇଁ - "କବିତା କେବଳ ଦେହ ଓ ଶାରୀରିକ ପ୍ରେମ ତଥା ଦେଉଳ, ପ୍ରାର୍ଥନା-ସର୍ବସ୍ୱ ହେଲେ ସମାଜର ଶେଷ ସ୍ତରକୁ ପହଞ୍ଚିବା ସହଜ ହୋଇପାରେ ନାହିଁ । କାରଣ ଏଇଠି ଦେଉଳକୁ ପ୍ରବେଶାଧିକାର ନଥିବା ଲୋକଙ୍କ ସଂଖ୍ୟା ବହୁତ । ଠିକ୍ ସେହିପରି ଦେହକୁ କେବଳ ଭୋଗର ଅର୍ଥରେ ବୁଝିବା ଅପେକ୍ଷା ଯନ୍ତ୍ରଣା ବି ଅଛି ବୋଲି ବୁଝିବାର ବି ଆବଶ୍ୟକତା ଅଛି ।" ଏବଂ କବିଙ୍କ କବିତା ଦେହ, ମନ ଓ ଆତ୍ମାର ଯନ୍ତ୍ରଣା ଓ ସଂଘର୍ଷର କାହାଣୀ ବୟାନ କଲାବେଳକୁ, ଶବ୍ଦ ତାଙ୍କର ଅଙ୍ଗାର ପରି ଟହକୁଥା'ନ୍ତି ଜ୍ୱଳନରେ । ତାଙ୍କ କବିତା- "ଏବେ ମୁଁ ଅଛବ ଏକଲବ୍ୟ / ଇତିହାସ ପାଇଁ ଅଲୋଡ଼ା ହେଲି ଯେ / କ'ଣ ହେଲା / ଅନ୍ତତଃ / ବିପଦରେ ବି ଏଯାବତ୍ / ନପୁଂସକର ସାହାରା ନେବାକୁ / ପଡ଼ିବ କି / ନିଜ ପତ୍ନୀର କଞ୍ଚା ଦେହକୁ / ବଡ଼ ଭାଇ ହାତରେ / ଟେକି ଦେବାକୁ ବାଧ୍ୟ ହେଇନି / ହାଃ...ରେ ହାଃ..../ ମୁଁ ସବୁବେଳେ / ଜୁଳୁଜୁଳିଆ ପୋକ ପରି / ଜଳୁଥିବା, ଦିକ୍‌ଦିକ୍ ବହ୍ନି ।" (ମୁଁ ଅଛି ବୋଲି)

କବି ଶ୍ରୀ ସୁନାନୀଙ୍କ ଶବ୍ଦ-ଉଦ୍‌ବୋଧନ ଭିତରେ ଥାଏ ବଞ୍ଚିବା ପାଇଁ ସମ୍ମାନ ଓ ଅଧିକାର ପାଇଁ ସଂଘର୍ଷ । ନିଜ ଜୀବନ, ନିଜ ଜନ୍ମ ଓ ନିଜ ପରିଚୟ ବା ଅସ୍ମିତାକୁ ନେଇ ସ୍ୱାଭିମାନ ଏବଂ ସେ ସ୍ୱାଭିମାନର ଦର୍ପ । ଶୋଷିତ ମନୁଷ୍ୟ ଭିତରେ ଏ ଶବ୍ଦ ଭରିଦିଏ ବଞ୍ଚିବାର ସୂକ୍ଷ୍ମବୀଜ ଏବଂ ତା' ଭାଗ୍ୟାକାଶରେ ଘଟାଏ ଆସ୍ଥାର ସୂର୍ଯ୍ୟୋଦୟ ।

କବି ତାଙ୍କ କବିତାରେ ସେହିମାନଙ୍କୁ ଚରିତ୍ର କରିଛନ୍ତି, ଯେଉଁମାନେ ସେମାନଙ୍କ ନିଜ ଦେଶରେ ସ୍ୱାଧୀନ ନାଗରିକର ସବୁ ଅଧିକାର ପାଇବା ପାଇଁ ହକ୍‌ଦାର ହୋଇ ମଧ୍ୟ ପରାଧୀନ । ନିଜ ମୁତାବକ ଜୀବନ ବଞ୍ଚିବାର ଅଧିକାରରୁ ବଞ୍ଚିତ । ଏମାନେ ସ୍ୱାଧୀନତାର ଅନୁଭବ, ସଭ୍ୟତାର ଆନନ୍ଦ ବା ସଭ୍ୟ ଶିକ୍ଷିତ, ଉଚ୍ଚବର୍ଗ ମଣିଷମାନଙ୍କ ସହ ସମଭାବ ଅନୁଭବରୁ ଅନେକ ଦୂରରେ ।

ମଣିଷ ମଣିଷ ଭିତରେ ଏହି ସାମାଜିକ ଅସମାନତାର କଥା କୁହେ କବିଙ୍କ କବିତା । ଅସ୍ପୃଶ୍ୟ ବୋଲାଉଥିବା ମଣିଷଙ୍କ ଅନ୍ତର୍ଦାହକୁ ପ୍ରତିଫଳିତ କରାଏ କବିଙ୍କ କବିତା । ଏ ଯନ୍ତ୍ରଣାକୁ ନେଇ କବି କିପରି ଏକ ପ୍ରଚଳିତ ମିଥ୍‌କୁ ଭିନ୍ନ ଦୃଷ୍ଟିଭଙ୍ଗୀ ଦିଅନ୍ତି ତାହା ତାଙ୍କ କାବ୍ୟଦୃଷ୍ଟି ଏବଂ ଶୈଳୀର ଅନନ୍ୟତା । କଣ୍ଟିଲୋରୁ 'ନୀଳମାଧବ'ଙ୍କୁ ଆଣି ପୁରୀ ଶ୍ରୀମନ୍ଦିରରେ ସ୍ଥାପନ ପରିପ୍ରେକ୍ଷୀରେ ପୌରାଣିକ ଆଖ୍ୟାନର ନବୀକରଣ କିପରି ହୋଇଛି ଏହି କବିତାରେ ଲକ୍ଷ୍ୟ କରାଯାଇପାରେ । ଶବର ରାଜା ବିଶ୍ୱାବସୁ, ଲଳିତା, ବିଦ୍ୟାପତିଙ୍କ ସ୍ୱରୂପ, ଜଣେ ସରଳ, ନରୀହା ଶବରବାଳୀ ଲଳିତାର ଦୃଷ୍ଟିଭଙ୍ଗୀରୁ ଦେଖା ଯାଇପାରେ ଯଦି ଏହିଭଳି ହିଁ ହେବ ସେ କାରୁଣ୍ୟ, ସେ କାହାଣୀ । କବିଙ୍କ ମର୍ମସ୍ପର୍ଶୀ ପଙ୍କ୍ତି- "କେନ୍ଦୁ, କଣ୍ଟିକୋଳିର ଏକ ନିରୀହା ନାରୀ / କେମିତି ବୁଝିଥାନ୍ତା ଛଦ୍ମବେଶଧାରୀ I/ ନାରୀମାନେ ଦୁର୍ବଳା ନୁହନ୍ତି ମ' / ଯାହା କେବଳ ପୁରୁଷଙ୍କ ବିଶ୍ୱାସଘାତକତା ।" ('ଛି', ପୃ.୩୩/୩୪)

ବିଶ୍ୱାସଘାତକତାର ଏକ ଚମତ୍କାର ଅବ୍‌ଜେକ୍‌ଟିଭ୍ କୋ-ରିଲେଟିଭ୍ (Objective Corelative) ଯେ ସୋରିଷ ଏବଂ ତା'ର ଧାଡ଼ିଏ ସୁନେଲି ଗଜା ହୋଇପାରେ- ତାହା କେବଳ କବି ଶ୍ରୀ ସୁନାନୀଙ୍କ ଚମତ୍କାର କଳାନୈପୁଣ୍ୟରେ ଭରା ନଜର ଏବଂ ଶବ୍ଦ ଦ୍ୱାରା ସମ୍ଭବ ହୋଇପାରେ । କବିଙ୍କ ପ୍ରୟୋଗକୁ ଦେଖାଯାଉ-

"ଏବେ ସୋରିଷ ଦେଖିଲେ ଇଁ / ତିନ୍ତିଯାଏ ଛାତି କୋହରେ / ଆଖିରେ

ଉଠେ ଉଜାଣି ବିନା ମେଘରେ,/ ଯାହାର ଧାଡ଼ିଏ ସୁନେଲି ଗଜା ହିଁ / ପ୍ରାମାଣିକ ପଥ ହୋଇ ଫୁଟି ଉଠିଲା / ଦେହ ଓ ଦିଅଁ ଲୁଟିନେବାକୁ ଏକା ମୁଦ୍ରାରେ ।"(ଛ, ପୃ-୩୪)

ଆମେ ସମସ୍ତେ 'ନୀଳମାଧବ'ଙ୍କୁ ବିଶ୍ୱାବସୁ ଶବର ରାଜାଙ୍କ ଠାରୁ ନେଇ ପୁରୀରେ ଶ୍ରୀ ଜଗନ୍ନାଥ ଭାବରେ ସ୍ଥାପିତ ହେବାର ଏକ ଭାବନାତ୍ମକ କାହାଣୀ ଭିତରେ ଲଳିତା ପ୍ରତି ବିଶ୍ୱାସଘାତକତା କଥା ପାଶୋରି ଯାଇଥାଉ । ଇନ୍ଦ୍ରଦ୍ୟୁମ୍ନଙ୍କ ମନ୍ଦିର ତୋଳାଇବା ଠୁ ଆରମ୍ଭ କରି ବିଗ୍ରହ ଗଠନ ଏବଂ ସ୍ଥାପନ ଭିତରେ ଜଣେ ରାଜାଙ୍କ ମହନୀୟତାକୁ ବଖାଣୁ ବଖାଣୁ, ଅନ୍ୟଏକ ସଂପ୍ରଦାୟର ବିଶ୍ୱାସର ମୂଳପିଣ୍ଡର ଲୁଣ୍ଠନ କଥା ଭୁଲି ଯାଇଥାଉ । ଭୁଲି ଯାଇଥାଉ, ଜଣଙ୍କ ଦେଉଳରୁ ତା' ବିଶ୍ୱାସର ଦେବତାକୁ ଲୁଣ୍ଠିନେବାର ଯେତେକ କୌଶଳ । କବିଙ୍କ ପ୍ରୟୋଗ:

"ଧନ୍ୟ ସେଇ ନରାଧୀଶ, ଧନ୍ୟ ତାଙ୍କ ତାଲିମ କୌଶଳ
ଏକ କୁଆଁରୀ କନ୍ୟାକୁ ହାତ ବାରିଶି କରି
ଯିଏ ଲୁଣ୍ଠନ କରେଇ ପାରନ୍ତି
ଅନ୍ୟର ଦେଉଳ ।" ('ଛ', ପୃ-୩୪)

କଷ୍ଟଭୋଗର ବି ଏକ ଅଦ୍ଭୁତ ଶକ୍ତି ଥାଏ । ସେହି ଶକ୍ତିର ଟଙ୍କାରେ ନିନାଦିତ ଶ୍ରୀ ସୁନାନୀଙ୍କ ଶବ୍ଦ ଓ ସ୍ୱର । ନିଷ୍ପେସିତମାନଙ୍କ ପ୍ରୋଟୋଟାଇପ୍ (Prototype) ଭାବରେ ପାଞ୍ଚାଳୀଙ୍କୁ ବ୍ୟବହାର କରି କବି ଯେଉଁ ଅଗ୍ନିବର୍ଷୀ ବାସ୍ତବତାର ବଖାଣ କରନ୍ତି, ତାହା ଅତ୍ୟନ୍ତ ମାର୍ମିକ । ତାଙ୍କ ଭାଷାରେ:

"ପ୍ରଜା ! / ଏଠି ପ୍ରଜାମାନେ ସବୁବେଳେ, ନିଷ୍କ୍ରିୟ, ନାଚାର / କାହା ବିପକ୍ଷରେ ବା ଉଠି ପାରିଲାଣି / ରାଜା ବିପକ୍ଷରେ ସ୍ୱର / ସମ୍ଭବତଃ ସେଇଥିପାଇଁ / ଗୁହାରୀ ଯେତେକ ପଚି ସଡ ହୃଦୟ ହେଇଗଲାଣି / ଏକ ଦୁର୍ଗନ୍ଧର ଗନ୍ତାଘର ।" ('ଛ', ପୃ-୩୭)

ଜୀବନ ଓ ମଣିଷର ସ୍ଥିତି ସହ ଗଭୀର ଭାବରେ ସଂପୃକ୍ତ, କବିଙ୍କ କବିତା ଯେ କେବଳ ଅସ୍ପୃଶ୍ୟ ମଣିଷର ଆର୍ତ୍ତିର ସ୍ୱର ହୁଏ, ତା' ନୁହେଁ । ସମାଜରେ ଘଟୁଥିବା ପ୍ରତ୍ୟେକ ଅମାନବୀୟ ଘଟଣାକୁ କବିତାର କଞ୍ଚାମାଲ କରେ । ଶ୍ରୀ ସୁନାନୀଙ୍କ କାବ୍ୟିକତା, ଏହି ଘଟଣାକୁ ନିଜ ଶବ୍ଦ ମାଧୁର୍ଯ୍ୟରେ ଏପରି ଉପସ୍ଥାପିତ କରେ, କବିତାଟି ଘଟଣାବଳୀର ଧାରା ବିବରଣୀ ନହୋଇ ଏକ ଉତ୍କୃଷ୍ଟ କଳାକୃତି ଭାବରେ ଉଭା ହେଉଥାଏ । ଚରିତ୍ର ଏବଂ ଘଟଣାବଳୀ ଅନୁଯାୟୀ କବିଙ୍କ ଭାଷା ପ୍ରୟୋଗ ଶୈଳୀ ତାଙ୍କ ମୌଳିକ କାବ୍ୟ ଶୈଳୀର ପରିଚୟ ଦେଉଥାଏ । କବି କେତେବେଳେ 'ଗୁଡ଼ି'କୁ କେତେବେଳେ 'ଗଣାପରା' ପରି ଛୋଟ ଏକ ଅଞ୍ଚଳକୁ ଆଧାର କରି ଅତ୍ୟାଚାର ଏବଂ ଶୋଷଣର ଚିତ୍ର ଦେଖାନ୍ତି । ସେ ଚିତ୍ର ଅତ୍ୟନ୍ତ ଜୀବନ୍ତ ।

"ଏକ ଅବିହାଡ଼ି ଧର୍ଷିତା ଝିଅର / କଅଁଳ ଚମଡ଼ାକୁ କରିବା କାଗଜ / ବେକାରୀ ଯୁବକର ଦୀର୍ଘଶ୍ୱାସରେ / ବାଉଁଶ କାଠି / ଯେଉଁ ବୁଢ଼ାଟି ଅନାହାରରେ ମରି ଯାଇଛି / ତ' ଅନ୍ତନାଡ଼ିକୁ କେରାଏ ସୂତା / ଏବଂ କାରଖାନା ସ୍ଥାପନ ହେତୁ / ଯେଉଁମାନେ ବେଘର୍ ହୋଇଗଲେ / ତାଙ୍କ ଆଖିର ଲୁହକୁ ଅଠା କରି / ଓଜନଦାର, ରଙ୍ଗୀନ / ଅତ୍ୟାଧୁନିକ ଗୁଡ଼ିଟିଏ ତିଆରି କରିବା,/ ବେଶ୍ ଭଲରେ ଉଡ଼ାଇବା ।" (ବୋଧହୁଏ ଭଲ ପାଇବା...ପୃ.୮)

ଏ ଭଲରେ ଗୁଡ଼ି ଉଡ଼ାଇବାର ପ୍ରୟାସ ପଛରେ ଯେଉଁ କାରୁଣ୍ୟ ରହିଛି ମଣିଷମାନଙ୍କ ପ୍ରତି, ଯେଉଁ ବ୍ୟଙ୍ଗ ରହିଛି ସମାଜ ପ୍ରତି ଏବଂ ଯେଉଁ ବିକ୍ଷୋଦ୍‌ଗାର ରହିଛି ବଡ଼ବଡ଼ ଅଧିକାରୀଙ୍କ ପ୍ରତି- ଏ ପ୍ରକାର ସିଂଫୋନୀ ଶ୍ରୀ ସୁନାନୀଙ୍କ କବିତାର ଅନ୍ୟ ଏକ ବୈଶିଷ୍ଟ୍ୟ ।

ବିଦ୍ରୋହ, ବେସାଲିସ୍ ମନୋଭାବ ସମେତ ଛାରଖାର ହୋଇ ଚାଲିଥିବା ମାନବିକ ସମ୍ବେଦନା କାବ୍ୟ ସଂରଚନାରେ କବିଙ୍କର ପୁଞ୍ଜି । ମାନବୀୟ ଉତ୍‌ଥାନ ନିମନ୍ତେ ତାଙ୍କ ସ୍ୱପ୍ନ ଓ ସଂକଳ୍ପ; ଶୋଷିତମାନଙ୍କ ସ୍ୱର ଉତ୍ତୋଳନ ପାଇଁ ତାଙ୍କ ଚିନ୍ତା ଓ ପ୍ରୟାସ, ପ୍ରତ୍ୟେକ କବିତାରେ ପ୍ରତିଫଳିତ । କବି ଚେତେଇ ଦିଅନ୍ତି- "ଏଇମାନେ ହିଁ / ସେଇ କେତେଜଣ, ଯିଏ / ଶବ୍ଦ ଭିତରେ ବିଷ ପୂରେଇ / ଭଲ ପାଇବାର ହୃଷ୍ଟପୁଷ୍ଟ / ମଞ୍ଜିକୁ ପୋକରା କରି ଦେଉଛନ୍ତି ।" (ବୋଧହୁଏ...ପୃ.୭୭) ଭାରତୀୟ ଗାଁର ସଂଜ୍ଞା ଦେବାକୁ ଯାଇ ସେ ଲେଖନ୍ତି, ଯୁଗଯୁଗର ଯନ୍ତ୍ରଣାର ଆତ୍ମକଥା । ଯେମିତି- "ବନ୍ଧୁଗଣ ! / ପ୍ରାଚୀନ କାଳର ଅସ୍ପୃଶ୍ୟକୁ / ଜାତି ନାଁରେ ପଡ଼ା, ସାହି, ଗଳି କରି / ଘସିମାଜି ବଞ୍ଚେଇଥିବା / ଜୀବନ୍ତ ହୁଡ଼ାର ନାଁ ହିଁ / ଭାରତୀୟ ଗାଁ ।" ('ବୋଧହୁଏ...'ପୃ.୮୭)

ଶ୍ରେଣୀ ଚେତନା ବିରୁଦ୍ଧରେ ବିଦ୍ରୋହ ଓଡ଼ିଆ କବିତାରେ କବି ବଳରାମ ଦାସଙ୍କ ଠାରୁ ଆରମ୍ଭ କରି ଆଧୁନିକ କବି ସଚ୍ଚି ରାଉତରାୟ, ବ୍ରଜନାଥ ରଥ, ରବି ସିଂ, ଆଶୁତୋଷ ପରିଡ଼ା, ପିତାମ୍ବର ତରାଇ, ଅଖିଳ ନାୟକଙ୍କ କବିତାରେ ପରିଲକ୍ଷିତ ହୁଏ । ନିଜ ଅଧିକାର ବିଷୟରେ ଅଜ୍ଞ ମଣିଷଟି ଯେ ବିଦ୍ରୋହ କରିପାରେ, ନିଜ କଷଣ ବିରୁଦ୍ଧରେ ସ୍ୱର ଉଠାଇ ପାରେ- ଏହା ସହଜ ନଥିଲା ବେଳେ, ଏହି କବିମାନେ ସେମାନଙ୍କ ଯନ୍ତ୍ରଣାକୁ ଶବ୍ଦ ସାହାଯ୍ୟରେ ମୂର୍ତ୍ତତା ଦେଲେ । କବି ଶ୍ରୀ ସୁନାନୀଙ୍କ କବିତା ଏହିମାନଙ୍କ ଯନ୍ତ୍ରଣାର କାବ୍ୟିକ ପରିପ୍ରକାଶ । କବି ନିଜ କବିତା ମାଧ୍ୟମରେ ମନୁଷ୍ୟ ମନୁଷ୍ୟ ଭିତରର ଜାତି, ଧର୍ମ, ଲିଙ୍ଗଗତ ପ୍ରଭେଦତାର ଉର୍ଦ୍ଧ୍ୱକୁ ଯାଇ ଏକ ସୁନ୍ଦର ସମୟର ଚିନ୍ତା କରିଛନ୍ତି । ତାଙ୍କ କବିତାରେ ନିଷ୍ପେସିତର ଉତ୍‌ଥାପନ ପାଇଁ ସଂଘର୍ଷର ଆହ୍ୱାନ ରହିଛି । ଅଛି ଏକ ଆଲୋକିତ ଯାତ୍ରା ପାଇଁ ପ୍ରୋତ୍ସାହନ । ଅଛି ସୁବିଧାବାଦୀ ମଣିଷଙ୍କ ବ୍ୟବହାର ଓ ମାନସିକତା ପ୍ରତି ବିଦ୍ରୁପ । ତାଙ୍କ କବିତାର ଶବ୍ଦ ବସାଣର ତୀକ୍ଷ୍ଣତା ଏବଂ ସେଥିରୁ ନିଶ୍ରୃତ କାରୁଣ୍ୟ-ମିଶା-ବିଦ୍ରୁପର ଅନୁଭବ ଏକ ଅଦ୍ଭୁତ ପରିବେଶଟିଏ ସୃଷ୍ଟି କରେ, ଯେଉଁଠି ପ୍ରତେ ହୁଏ, ଏଇ ଆଉ କିଛି ମୁହୂର୍ତ୍ତ ପରେ ହୁଏତ, ଏମାନଙ୍କ ପାଇଁ ଏକ ନୂଆ ପୃଥିବୀ, ନୂତନ ସୂର୍ଯ୍ୟୋଦୟ ଉପଗତ ହେବ । 'କାଳିଆ ଉବାଚ' ଏକ କାବ୍ୟ । 'କାଳିଆ', ମହାପ୍ରଭୁ, ବାସୁଦେବଙ୍କୁ ଡାକି ତାଙ୍କ ଯନ୍ତ୍ରଣା ବୟାନ କରୁକରୁ, କବି ଯେଉଁ ଭାବୋଚ୍ଛ୍ୱାସକୁ ତୋଳି ଧରିଛନ୍ତି, ତାହା ଅନନ୍ୟ । ଉଦାହରଣ ସ୍ୱରୂପ:

"ଲୋକେ କହନ୍ତି ଭକ୍ତି / ମୁଁ କିନ୍ତୁ ଭୋଗୁଥାଏ / ମଣିଷ ଓ ଭଗବାନ ମଧ୍ୟରେ ରହିଥିବା / ମିଛ ଚୁକ୍ତି ।" ('କାଳିଆ ଉବାଚ'/ପୃ.୧୦) ପୁଣି- "ଉଚ୍ଚସ୍ଥାନ ଦେବା ନାଁରେ / ଆତ୍ମୀୟଙ୍କ ଠାରୁ ଦୂରେଇ ରଖି / ମୋତେ ବନ୍ଦି କରାଗଲା / ତୁମେ ବୁଝିବା ଉଚିତ୍ ହେବ ଯେ / ଯାହାକୁ ଅକର୍ମଣ୍ୟ କରିବାର ଇଚ୍ଛା / ତାକୁ ମନ୍ଦିରରେ ଦେବତା କରି ରଖ, / ଯାହାକୁ ଗୁଲାମ କରି / ମାନସିକ ଆଘାତ ଦେବାର ଅଛି / ତାର ଜାତି ନାଁକୁ ଧରି ଡାକ !" ('କାଳିଆ ଉବାଚ'-ପୃ/୩୧)

ମଣିଷର ପ୍ରତାରଣାମୂଳକ ବ୍ୟକ୍ତିତ୍ୱର ବାସ୍ତବ ବଖାଣ ବି ମିଳେ ଶ୍ରୀ ସୁନାନୀଙ୍କ କବିତାରେ । ନିଛକ ବାସ୍ତବତାର ବୟାନ ଶାଣିତ ବ୍ୟଙ୍ଗର ତୀକ୍ଷ୍ଣ ଧାର ଯୁକ୍ତ ଶବ୍ଦରେ । ଯେମିତି- "ଏତେ ଶହ ବର୍ଷର ଜୀବନ ଭିତରେ / ମୁଁ ଏଭଳି ଉଦାହରଣ ଦିଆ / + + + / ଜଣେ ବି ବ୍ୟକ୍ତିକୁ ଭେଟିନି / ଯିଏ ଥରେ ବି ଅନ୍ତତଃ / ସାଧାରଣ ଲୋକ ପାଇଁ / ସମାଜ ପାଇଁ ପ୍ରାର୍ଥନା କରିଛି / ଶୁଭ ମନାସିଛି ।" ('କାଳିଆ....ପୃ.୩୨)

କବି ଶ୍ରୀ ସୁନାନୀଙ୍କ କବିତାରେ ପ୍ରଚଳିତ ସାମାଜିକ କୁପ୍ରଥା ଏବଂ କୁସଂସ୍କାର ବିରୁଦ୍ଧରେ ବିଦ୍ରୋହୀ ଏବଂ ବେସାଲିସ୍ ମନୋଭାବର ପ୍ରଖର ଧ୍ୱନି ସମାଜର ପ୍ରତ୍ୟେକ ମଣିଷର ହୃଦୟକୁ ଆନ୍ଦୋଳିତ କରିଛି । ଏବଂ ହୃଦୟ ଭିତରେ ଆନ୍ଦୋଳନ ସୃଷ୍ଟି କରିବାର ଶକ୍ତି ହିଁ ମଣିଷରଆତ୍ମା ଭିତରେ ପରିବର୍ତ୍ତନ ଆଣିବାକୁ ସକ୍ଷମ ହୁଏ । କବିଙ୍କ କାବ୍ୟସ୍ୱରରେ ସ୍ୱଷ୍ଟତା ଏବଂ ଚମତ୍କାର କାବ୍ୟ-ଚେତନା ଓଡ଼ିଆ କାବ୍ୟ-ସାହିତ୍ୟକୁ ଋଦ୍ଧିମନ୍ତ କରିଛି ।

ଶବ୍ଦ ପ୍ରୟୋଗରେ ନିଜ ଅଂଚଳ ତଥା ନିଜ ସାଂସ୍କୃତିକ ପରିବେଶର ଭାଷା ବ୍ୟବହାର କରି ଏକ ଚମତ୍କାର ଧ୍ୱନି ସୃଷ୍ଟି କରିପାରିଛନ୍ତି କବି । କେବଳ ଦଳିତ, ନିଷ୍ପେସିତ ଅବା ଶୋଷିତ ମଣିଷର ଆର୍ତ୍ତି ଯେ କବିଙ୍କ କବିତାରେ ସ୍ଥାନ ପାଇଛି, ତାହା ନୁହେଁ, ବରଂ ସ୍ୱପ୍ନମନସ୍କ ମନ, ପୁଅ ପାଇଁ ପିତାର ବ୍ୟାକୁଳତା, ବାପାଙ୍କୁ ନେଇ ଭାବୋଚ୍ଛ୍ୱାସ, ଏମିତି ଅନେକ ସମ୍ବେଦନା ମିଳେ ତାଙ୍କ କବିତାରେ । ଆଶା ଏବଂ ସମ୍ଭାବନାର ପ୍ରତୀକ୍ଷିତ ମୁହୂର୍ତ୍ତରେ ସ୍ୱପ୍ନରେ ଆଶାୟିତ ହୁଏ ତାଙ୍କ କାବ୍ୟ ସ୍ୱର । ସେ କହିପାରନ୍ତି, "ଏଣିକି ଉଡ଼ିଯିବ / ଛଞ୍ଚାଣଟି, ଅଭାବର ମୋର ଘରଶୀର୍ଷରୁ ।" (ଅନେକ କିଛି ଘଟିବାର ଅଛି, ପୃ-

୪୫)

ସୁନ୍ଦର କଟାକ୍ଷ ଏବଂ ଶ୍ଳେଷର ବାସ୍ତବତାକୁ ଅନନ୍ୟ ରୂପ ଦେଇପାରନ୍ତି କବି । ଯେମିତି, "ସ୍ୱାଧୀନତା ସଂଗ୍ରାମ-/ କିଛିଦିନ ପାଇଁ / ହିଟ୍ କରିଥିବା / ଏକ ଶସ୍ତା ହିନ୍ଦୀ ସିନେମାର ଗୀତ ।" ସେମିତି- "ଛୁଆଁ ଗୋଟାଏ ରଙ୍ଗ ନା ସ୍ୱର୍ଶ / ଅନୁଭବ ନା ଆଦର୍ଶ / ଛୁଇଁଲା ଦେହରେ ଥାଏ / ନା ଛୁଇଁବା ଦେହରେ ଥାଏ ।" ('ଅସ୍ପୃଶ୍ୟ', ପୃ-୫)

ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଗତିଶୀଳ କାବ୍ୟଚେତନାରେ ଦଳିତ, ଅସ୍ପୃଶ୍ୟ, ଅବହେଳିତ, ନିଷ୍ପେସିତଙ୍କ ଦୁଃଖ, ଦୁର୍ଦ୍ଦଶା ଏବଂ ସେମାନଙ୍କ ଯନ୍ତ୍ରଣା ଓ ଅପମାନକୁ ନିଜ କବିତାରେ, ମୁଖ୍ୟ ବିଷୟବସ୍ତୁ ଭାବରେ ଗ୍ରହଣ କରିନେଇ ଏକ ନବ୍ୟ ଦୃଷ୍ଟି ଭଙ୍ଗୀରେ ସେସବୁକୁ ଶବ୍ଦ ସଂରଚନାରେ ପ୍ରକାଶ କରିବା, କବି ସୁନାନୀଙ୍କ କବିତାର ସ୍ୱାତନ୍ତ୍ର୍ୟ । ଜାତି, ସଂପ୍ରଦାୟ, ଆଞ୍ଚଳିକ ଭେଦଭାବକୁ ନେଇ ମଣିଷ ଠାରୁ ତା'ର ମୌଳିକ ଅଧିକାର ଛଡ଼ାଇ ନେଇ ତାକୁ ଅପମାନିତ, ଅବହେଳିତ ଭାବରେ ବଞ୍ଚିବାକୁ ମଧ୍ୟ କରୁଥିବା ସାମାଜିକ ବ୍ୟବସ୍ଥାକୁ ନେଇ କବି ସୁନାନୀ ନିଜ କାବ୍ୟସ୍ୱର ଉତ୍‌ଥାପନ କରିଛନ୍ତି । ଏହା ଯେତିକି ଶାଣିତ, ସେତିକି କଳାତ୍ମକ, ଯେତିକି ବିଦ୍ରୋହ ଅଛି କବିତାରେ, ସେତିକି ଭାବଉଚ୍ଛ୍ୱାସ ବି ରହିଛି ।

ସର୍ବୋପରି କବି ଶ୍ରୀ ସୁନାନୀଙ୍କ କବିତାରେ ମାନବିକ ମୂଲ୍ୟବୋଧର ଗଭୀର ଅନୁଶୀଳନ ରହିଛି । ରହିଛି ଜୀବନକୁ ସମ୍ମାନର ସହ, ଖୁସିର ସହ ବାହିନେବାର ଅନ୍ୱେଷଣ । ରହିଛି ବିଦ୍ରୋହ, ମର୍ମଦାହ ଏବଂ ଏକ ଆସ୍ଥା ଏବଂ ଆଶାବାଦ । କବିତାର ବିଷୟବସ୍ତୁ ସହ ମେଳ ଦେଇ ବ୍ୟବହୃତ ଶବ୍ଦ ଏବଂ ଶୈଳୀ, କବିଙ୍କ କବିତାକୁ ଅନନ୍ୟ ଏବଂ କଳାତ୍ମକ କରୁଥାଏ ।

## ଧନଞ୍ଜୟ ସ୍ୱାଇଁ (୧୯୬୩):

ସାଂପ୍ରତିକ ଓଡ଼ିଶା କାବ୍ୟଜଗତରେ ନିଜର ଛନ୍ଦମୟତା ଓ ଗୀତିମୟତାରେ କବିତାକୁ ରସାପ୍ଲୁତ କରି ନିଜ ପାଇଁ ତଥା ଗୀତିକବିତା ପାଇଁ ଏକ ସ୍ୱର୍ଦ୍ଧିତ ସ୍ଥାନ ଅଧିକାର କରି ପାରିଥିବା ଅଳ୍ପ କେତେଜଣଙ୍କ ମଧ୍ୟରୁ **ଧନଞ୍ଜୟ ସ୍ୱାଇଁ** ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ । ଓଡ଼ିଆ ଗୀତିକବିତାର ପରମ୍ପରା ଓ ଐତିହ୍ୟ ଖୁବ୍ ସମୃଦ୍ଧ ହୋଇଥିଲେ ମଧ୍ୟ ସ୍ୱାଧୀନତୋତ୍ତର ଓଡ଼ିଆ କବିତାର କଳେବର ମୁଖ୍ୟତଃ ମୁକ୍ତଛନ୍ଦ କବିତାର ଆଧିକ୍ୟରେ ପରିପୁଷ୍ଟ । ଜୀବନ, ଯନ୍ତ୍ରଣା, ଅସହାୟବୋଧତା ଓ ବିଚ୍ଛିନ୍ନତାବୋଧରେ ପେଷି ହେଇ କବିର ଉଚ୍ଚାରଣ, ଅନୁଭବର ଜଟିଳତା ସହ ସମାନ୍ତରାଳତା ରକ୍ଷା କରି ବହୁପ୍ରସ୍ତୀୟ ହେବା ସଂଗେ ସଂଗେ ସାଙ୍ଗୀତିକତା ଠାରୁ ଦୂରେଇ ଚାଲିଲା । କବିତାରେ ଅନ୍ତର୍ନିହିତ ଛନ୍ଦ ଥିଲେ ବି ଦୃଶ୍ୟମାନ ମିତ୍ରାକ୍ଷର ଛନ୍ଦ କିମ୍ବା ଏହାଦ୍ୱାରା ସୃଷ୍ଟି କରାଯାଇ ପାରୁଥିବା ସାଙ୍ଗୀତିକତା ପ୍ରାୟତଃ ନଥିଲା । ଏମିତି ଏକ ପ୍ରେକ୍ଷାପଟ୍ଟରେ ଓଡ଼ିଆ କାବ୍ୟ ଚେତନାର ସମସ୍ତ ଭାବ ଓ ବିଭବକୁ ସାଙ୍ଗରେ ଧରି ଗୀତିକବିତା ମାଧ୍ୟମରେ ପାଠକଙ୍କୁ ସ୍ୱପ୍ନମନସ୍କ ଓ ଅନ୍ୟମନସ୍କ କରିଦେବାକୁ ଆଗେଇ ଆସିଥିଲେ ଧନଞ୍ଜୟ ।




ଗୀତିକବିତାର ସାର୍ଥକତା ମୁଖ୍ୟତଃ ଦୁଇଟି ବିଭବ ଉପରେ ନିର୍ଭରଶୀଳ । ପ୍ରଥମତଃ, ସଂଯୋଜିତ ଅକ୍ଷର ସଂଖ୍ୟାର ତଥା ଉଚ୍ଚାରଣ କ୍ରମର ନିର୍ଦ୍ଦିଷ୍ଟତା ଜରିଆରେ ପଠନ ଜନିତ ଲାଳିତ୍ୟ ସୃଷ୍ଟି ହୋଇ ସାଙ୍ଗୀତିକ ହେଉଥିବା ଆବଶ୍ୟକ । ଦ୍ୱିତୀୟତଃ, ସଂଯୋଜିତ ଶବ୍ଦ ମାଧ୍ୟମରେ ଉପଯୁକ୍ତ ଚିତ୍ରକଳ୍ପ ସୃଷ୍ଟି କରି, ଉଚ୍ଚତର ଭାବ ଉଦ୍ରେକ କରି ଏକ ନିରବଚ୍ଛିନ୍ନ କାହାଣୀର ଅବତାରଣା କରା ଯାଉଥିବ । ଏହା ଘଟି ପାରିଲେ ହିଁ ପାଠକର ଆବେଗ ତନ୍ତ୍ରୀକୁ କବିତାଟି ଆନ୍ଦୋଳିତ କରିପାରିବ । ତା'ର ମନରେ, ହୃଦୟରେ ନିଜକୁ ଥାପିଦେଇ ବାରମ୍ବାର ଝଙ୍କୃତ ହେଇ ଚାଲିଥିବ ।

କବି ଧନଞ୍ଜୟ ସ୍ୱାଇଁଙ୍କର ଗୀତିକବିତାରେ ଉପଯୁକ୍ତ ଲକ୍ଷଣସବୁ ଅତି ସହଜରେ, ସହଜାତ ଭାବରେ ପରିଲକ୍ଷିତ ହୁଏତ ଯେଉଁଥିପାଇଁ ସେସବୁ ଉଚ୍ଚାଙ୍ଗ କବିତା ପର୍ଯ୍ୟାୟଭୁକ୍ତ ବୋଲି ବିଚାର କରାଯିବ ନିଶ୍ଚୟ । ତାଙ୍କର ପ୍ରତିଟି କବିତା ସଂକଳନ ପାଠକଙ୍କୁ ଆନମନା, ସ୍ୱପ୍ନମନା କରିବାକୁ ସକ୍ଷମ । ତାଙ୍କର 'କୁରେଇ ଫୁଲର ଖୋସା', 'ମିଠା ଜହ୍ନରାତି', 'ଗାଁ ଗୀତ', 'ଚଇତି ଚିଠି', 'ଅଶୀଣ ଜହ୍ନର ଗୀତ', 'ଲୁହ ଲଫାପାର ଚିଠି', 'ତୁମ ଗାଁ ବର୍ଷା', 'କଅଁଳଖରାର ଝୋଟି', 'କରୋନାଶତକ' ଆଦି କବିତା ସଂକଳନରେ କବିତା ଭାବ ଓ ଭାଷାର ସମନ୍ୱୟ ଏକ ମାଧୁର୍ଯ୍ୟମୟ ପୃଥିବୀ ସର୍ଜନା କରେ, ଯାହା ପାଠକକୁ ସେ ଛାଡ଼ି ଚାଲି ଆସିଥିବା ଅତୀତର ମଧୁରତମ ସମୟକୁ ନେଇଯାଏ । ଜୀବନ, ସମୟ ଓ ସାମାଜିକତାକୁ ନେଇ ସମ୍ବେଦନଶୀଳ ତାଙ୍କ କାବ୍ୟ-ସତ୍ତା ନିଜ ଭାବ ପରିପ୍ରକାଶ ମାଧ୍ୟମରେ ପାଠକ ହୃଦୟରେ ଗଭୀରତମ ପ୍ରଦେଶକୁ ପ୍ରବେଶ କରେ ଏବଂ ଏକ ଏକ ଅନନୁଭବନୀୟ ଛାପ ଛାଡ଼ିଦିଏ ।

ଅତି ସାଧାରଣ ମଣିଷଟେ ନିଜ ଜନ୍ମମାଟି ଗାଆଁ ତଥା ନିଜ ଜନ୍ମଦାତାଙ୍କୁ ନେଇ କେତେ ଭାବବିହ୍ୱଳ ହେଇପାରେ, ତାହା ତାଙ୍କର ସଂଖ୍ୟାଧିକ କବିତାରୁ ସ୍ପଷ୍ଟ ଅନୁଭବ କରିହୁଏ । ଗାଁଠାରୁ ଦୂରେଇଥିବା ଅଥଚ ନିତିନିୟତ ଗାଁକୁ ଝୁରି ହେଉଥିବା ପ୍ରଣ କେବଳ କବିଙ୍କର ନୁହେଁ କୋଟି କାଟି ଦରଦୀ ମଣିଷଙ୍କର ବି । ଯେବେଯେବେ କବି ଧନଞ୍ଜୟ ଗାଁକୁ ନେଇ ନିଜ ଶବ୍ଦଚିତ୍ର ମାଧ୍ୟମରେ ନିଜ ଅନୁଭବକୁ ତୋଳି ଧରନ୍ତି, ଗାଁକୁ ହୃଦୟରେ ଥାପନ କରିଥିବା ସବୁ ମଣିଷଙ୍କ ହୃଦୟରେ ଅଟକିଯାଏ ସେ ସ୍ୱର । ଅନୁରଣିତ ହୁଏ, ସ୍ମୃତି ପଖାଳିବାରେ ଲାଗିଯାଏ ମଗଜ । ଯେମିତି, "ଗାଁ ନଈ ମୋର ନିହାତି ନିଜର / ଚିହ୍ନା ଲାଗେ ତା'ର ସୁଅ / ଗାଁ ଝିଅମାନେ ଯେଉଁଠି ମାଜନ୍ତି / ସୁନାଗୋରା ତାଙ୍କ ଦିହ ।" (ଗାଁ ଗୀତ-ପୃ.୧୯) ଓ "ମୋ ଗାଁର ସଞ୍ଜ ମୋ ଗାଆଁ ସକାଳ / ସ୍ମୃତିର ସୁରଭି ଖିଏ / ସେ ସ୍ମୃତିର କ୍ଷତ ଉଖାରି ଉଖାରି / ଖୁସି ମୁହିଁ ହେଉଥାଏ ।"(ଗାଁ ଗୀତ, ପୃ.୨୮)

ଗାଁର ମହକ, ଗାଁ ଜୀବନର ସୂକ୍ଷ୍ମ, ଜୀବନ୍ତ ଚିତ୍ର ସହ, ସରଳ ନିଷ୍କପଟ ଗାଁ ମଣିଷର ଜୀବନ ଯନ୍ତ୍ରଣା କଥା ବି କବି ତାଙ୍କ ଭାବଉଚ୍ଛ୍ୱାସରେ ମଧ୍ୟ ସ୍ଥାନ ଦିଅନ୍ତି । "ଫଟା ଭୂଇଁ ଥଙ୍ଗା କରିଲେ ଚାଷୀକୁ / ନିଗିଡ଼ି ପଡ଼େ ତା' ଲୁହ / ଭୋକର ଭୂଇଁରେ ଅପେକ୍ଷା କରେ ସେ / ଆଉ ଗୋଟେ ସୂର୍ଯ୍ୟୋଦୟ... ।" (କଅଁଳ ଖରାର ଝୋଟି, ପୃ-୧୨୭) ଏଥି ସହିତ ଚାଷୀ ଋଣ ଭାରରେ ଆତ୍ମହତ୍ୟା ମାନସିକତାକୁ ହଟାଇବାର ଏକ ସୂକ୍ଷ୍ମ ଇଙ୍ଗିତ ମଧ୍ୟ ଦିଅନ୍ତି । ଚାଷୀଟି ଯେ ନିଜ ପରିଶ୍ରମର ଝାଳ ସମାଜର ପ୍ରତିଟି ବର୍ଗର ମଣିଷମାନଙ୍କୁ ଋଣୀ କରି ଚାଲିଛି, ସେ ଯେ ମହାନ- ଏହି ଭାବନାଟି ତାକୁ ତା'ର ସକଳ କ୍ଷତି ସତ୍ତ୍ୱେ ଜୀବନ ବଂଚିବାର ଏକ ବଡ଼ ପ୍ରେରଣା ହୋଇ ପାରିବ, ଏହି ଅନୁଭବଟି ନିଜ କବିତା ମାଧ୍ୟମରେ ଦେଇ ପାରିଛନ୍ତି ।



HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com

"ଉଜୁଡ଼ା କ୍ଷେତର ଉଦାସୀପଣରେ / ଜକେଇ ଆସେ ତା' ଆଖି / କାନ୍ଧ ଗାମୁଛାରେ ଭରସା ବାନ୍ଧି ସେ / ଠିଆ-ହୁଅଇ ସଳଖ ।" କବି ପୁଣି ଉପସ୍ଥାପନ କରନ୍ତି- "ମରଣ ନୁହଁଇ ଶେଷ ପରିଣତି/ ଋଣ ବୋଝ ଲାଗି ତା'ର / ଫସଲ ଫଳାଇ ଋଣୀ ସେ କରଇ / (ଆମ) ପେଟ ଭୋକ କରି ଦୂର..." (ପୃ-୧୨୮)

କେବଳ ଗାଁ, ତା'ର ନିଷ୍କପଟ ମଣିଷ ନୁହେଁ କବି ଧନଞ୍ଜୟଙ୍କ ଲେଖନୀରେ ମାନବିକ ସଂପର୍କ ଅଦ୍ଭୁତ ରଙ୍ଗର ଇନ୍ଦ୍ରଧନୁ ଆଙ୍କେ । ମହମ ହୃଦୟର କବି ଧନଞ୍ଜୟଙ୍କ 'ବାପା' ଓ 'ବୋଉ'ଙ୍କୁ ନେଇ କବିତା ହେଉ ଅବା ହେଉ 'ଭୁବନେଶ୍ୱର', 'ମହାନଦୀ', 'କଟକ', ସବୁଠି ସମ୍ପର୍କର ମାଧୁର୍ଯ୍ୟ ଏବଂ ତାକୁ ତାକୁ ନେଇ ଝୁରିହେବା, ଏତେ ଜୀବନ୍ତ ଯେ, ଲାଗେ- ସେସବୁ ଦୃଶ୍ୟାବଳୀ, ପାଠକ ସାମ୍ନାରେ ଯେମିତି ଘଟୁଛି । ସେ ମାର୍ମିକ ଉପସ୍ଥାପନ କେବଳ ପ୍ରାଣକୁ ଆର୍ଦ୍ର କରେନା, ହୃଦୟକୁ ବିଦାରି ଦେଇଥା, ଆଉ ଫେରେଇ ନେଇ ଯାଉଥାଏ ବର୍ଷବର୍ଷ ତଳକୁ । ସେ ଚିତ୍ର ଯେତିକି ଜୀବନ୍ତ । ସେ ଅନୁଭବର ଦର୍ଶନ । ସେତିକି ଗଭୀର । କିଛି ପଙ୍କ୍ତି ଏମିତି :

୧. "ବୋଉ ଆଖି ଲୁହେ ଶ୍ରାବଣ ଖେଳଇ / ସାରୁ ପତରରେ ଦୋଳି / ବୋଉ ସୂତା ଖିଏ ବାପା ତା' ଦେହରେ / ତୁଳସୀର କାଠିର ମାଳି ।" (କଅଁଳ ଖରାର ପୃ.୯୬)

୨. "ଶୀତୁଆ ସଂଜରେ ବୋଉ କୋଳ ଲାଗେ / ଚୁଲିଠୁ ଉଷୁମ ଭାରି / ସେନେହ ବୋଳା ତା' ହାତ ଆଉଁସାରେ / ଖରା ରହେ ଡରିମରି ।" (କଅଁଳ...ପୃ.୮୪)

୩. "କାଣି ଆଙ୍ଗୁଠିର ଇସାରାରେ ତାଙ୍କ / ଅବାଟ ପାଲଟେ ବାଟ / ବାପା ଥିଲେ ଘରେ ବିପଦ ଆସେନି / ଦିଶୁ ପଛେ ଘଟେ ଫାଟ ।" (କଅଁଳ...ପୃ.୭୯)

କବିଙ୍କ କବିତାରେ ଅନୁଭବର ଉଚ୍ଛ୍ୱାସ, ଦୁଃଖର ସାନ୍ଦ୍ରତା, ଝୁରି ହେବାର, ହାହୁତାଶପଣ, ଆବେଗର ତୀବ୍ରତା, ଚିତ୍ର ଆଙ୍କିବାର ନିଖୁଣତା ଓ ଗୀତର ଭାବ ସହ ପ୍ରକୃତିକୁ ଫେଣ୍ଟି ଦେବାର କାରିଗରୀତା ତାଙ୍କୁ ଜଣେ ଅନନ୍ୟ ଶିଳ୍ପୀ ଭାବରେ ଉପସ୍ଥାପିତ କରେ ।

ଗାଁର ସ୍ମୃତିଚାରଣ ସହ କବିଙ୍କ ଭାବପ୍ରବଣତାର ଏକ ବଳିଷ୍ଠ ବିଭବ ହେଉଛି ମାନବୀୟ ସଂପର୍କର ଅନ୍ତରଙ୍ଗତାର ବଳିଷ୍ଠ ଉପସ୍ଥାପନ । ଲାଗେ କବି ଯେମିତି ଆମକୁ ଆମ ଗାଁ- ଅନୁଭବର ଗପ ଶୁଣାଉଛନ୍ତି । ସେ ଗପ ଭିତରେ ଗାଁ ଲୋକ, ଅଞ୍ଜନା ଅପା, ଉମା ନାନୀ ଓ ସୁନା ଭାଉଜମାନେ ଜୀବନ୍ୟାସ ପାଇଯା'ନ୍ତି । ସେମିତି ମାତ୍ର ଚବିଶଟି ଧାଡ଼ିରେ ଭାଇଚାରା, ସଂପ୍ରୀତିର ପ୍ରତୀକ କଟକ ସହରର ଐତିହ୍ୟ ଓ ବର୍ତ୍ତମାନର ଚିତ୍ର ଉତ୍ତୋଳନ । ସେଠି ବାଇମୁଣ୍ଡି ଠୁ ଆରମ୍ଭ କରି ମହାନଦୀର ପାଦୁକ ପାଣି । ଭଗ୍ନ ବାରବାଟୀର ଗଡ଼ଖାଇ ତଳୁ ମଲାଘୋଡ଼ାର ସ୍ମୃତି, ଆୟ୍ୟଦାସର ଅଫେରା ଫଗୁ ଗୀତ, ସାଧବପୁଅର ହଂସୁଲୀ ବୋଇତ, ଦଶରା'ରେ କଟକୀ ସାହିଙ୍କର ଉଲ୍ଲାସ ଜଡ଼ା କଟକର ଇଟାରଙ୍ଗ ଇତିହାସକୁ କବି ଯେଉଁଭଳି ଭାବରେ ରୂପ ଦେଇଛନ୍ତି, ତାହା କେବଳ ଜଣେ ସୁଦକ୍ଷ କାବ୍ୟଶିଳ୍ପୀ ପକ୍ଷରେ ହିଁ ସମ୍ଭବ । ଜଣେ ତଲ୍ଲୀନ ଚିତ୍ରକର ପାଖରେ ସମ୍ଭବ ।

କେବଳ ଗାଁ ନୁହେଁ କି ପ୍ରକୃତିର ଚିତ୍ର ନୁହେଁ, ସାଧାରଣ ମଣିଷର ସ୍ୱର ଏବଂ ସନ୍ତାପର କଳାତ୍ମକ, ବାସ୍ତବ ପରିପ୍ରକାଶରେ କବିଙ୍କ କବିତା ଶତମୁଖୀ । 'କରୋନା' ପରି ଏକ ବିଶ୍ୱମାନବ ବିଧ୍ୱଂସୀ ଭୂତାଣୁ ଯେ କେବଳ ମଣିଷ ମୃତ୍ୟୁର କାରଣ ଏତିକି ନୁହେଁ, ଧନଞ୍ଜୟଙ୍କ କବିତା ମାନବିକତାର ମୃତ୍ୟୁ କଥା ବି ବଖାଣିଛି । ସେମାନଙ୍କ ଯନ୍ତ୍ରଣା, କବିଙ୍କ ଶବ୍ଦ- "ରୁଟି କେଇଖଣ୍ଡ ରେଳ ଲାଇନରେ / ପଡ଼ିଛି ବିଛାଡ଼ି ହୋଇ / ନିଦ ଅନ୍ଧାରରେ ଭୋକିଲା ଆଖିରେ / ପଡ଼ିଛନ୍ତି ଥୋକେ ଶୋଇ / ଆଉ ସେ ଉଠିବେ ନାହିଁ,/ ଲୌହ ଦାନବ ଘରମୁହାଁ ଖୁସି / ଆଉ କି ପାରିବ ଦେଇ ।" (କରୋନା ଶତକ, ପୃ-୨୧)

'କରୋନା' ସମୟରେ ସାଧାରଣ ଖଟିଖିଆ ମଣିଷର କଷ୍ଟ ହେଉ ଅବା ହେଉ ଗାଁ ତଥା ପ୍ରକୃତିର ଜୀବନ୍ତମୟ ରୂପ, କବି ଧନଞ୍ଜୟ ନିଜ ଛନ୍ଦବଦ୍ଧତା ସବୁ ପରିସ୍ଥିତିରେ ବଜାୟ ରଖିଥାଆନ୍ତି । ଗୀତିକବିତା ରଚନାର ଏକ ବଳିଷ୍ଠ ଆହ୍ୱାନ ହେଉଛି ବିଷୟବସ୍ତୁ ଓ ଭାବ ସହ ଛନ୍ଦର ସମନ୍ୱୟ ରକ୍ଷା କରି ସଠିକ୍ ଶବ୍ଦ-ଚୟନ କରିବା । ଅକ୍ଷର ସଂଖ୍ୟା ହ୍ରାସ ବୃଦ୍ଧିରେ ବିଶେଷ ସ୍ୱାଧୀନତାର ଅବକାଶ ନଥିବାରୁ ଯଥେଷ୍ଟ ଶବ୍ଦଜ୍ଞାନ ସହ ସଠିକ୍ ଶବ୍ଦ ନିର୍ବାଚନର କାରିଗରୀ ମଧ୍ୟ ଅପରିହାର୍ଯ୍ୟ । କବି ଧନଞ୍ଜୟଙ୍କର ଏ ପ୍ରକାର ନୈପୁଣ୍ୟ ଅତ୍ୟନ୍ତ ବିସ୍ମୟକର । ଉଦାହରଣ ସ୍ୱରୂପ, "ଗାଁ ଭୁଆସୁଣୀ ପାଦର ପହୁଡ଼ /ମାଜଇ ଶିଉଳି ତୁଠେ.... ।" ପଙ୍କ୍ତିରେ 'ଭୁଆସୁଣୀ' ଓ 'ପାହୁଡ଼' ଶବ୍ଦର ବ୍ୟବହାର ସ୍ୱତନ୍ତ୍ର ମହତ୍ତ୍ୱ ରଖେ । ପ୍ରଥମ ଶବ୍ଦକୁ ସମାନ ଚାରି ଅକ୍ଷର ବିଶିଷ୍ଟ ଶବ୍ଦ 'ଝିଅଏଠି' ଓ ଦ୍ୱିତୀୟ ଶବ୍ଦକୁ 'ପାଉଁଜି' ଶବ୍ଦ ଦ୍ୱାରା ବଦଳେଇ ଦେଲେ ପଙ୍କ୍ତିଟିର ଛନ୍ଦ ଓ ସାଂଗୀତିକତା ହୁଏତ ଅକ୍ଷୁର୍ଣ୍ଣ ରହିପାରେ, କିନ୍ତୁ କବିତାଟିର ବିଷୟବସ୍ତୁ ଦୃଷ୍ଟିରୁ ଉପଯୁକ୍ତ ଭାବସଂଚାର ହୋଇପାରିବ ନାହିଁ । ସହରୀ ଚାକଚକ୍ୟ ଓ ତା'ର କୃତ୍ରିମତା ଠାରୁ ସୁରକ୍ଷିତ ଥିବା, ସରଳ ଥିବା ଗ୍ରାମ୍ୟ ଜୀବନ ପ୍ରତି ଭାଷା ମଧ୍ୟ ବିଶ୍ୱସ୍ତ ହେବା ଦରକାର । ତେଣୁ ପ୍ରକୃତି କୋଳରେ ସୁଶୋଭିତ ଗାଁରେ ବହୁଳ ପ୍ରଚଳିତ ଓ କଥିତ ଶବ୍ଦ ଦ୍ୱୟ- 'ଭୁଆସୁଣୀ' ଓ 'ପାହୁଡ଼'- ଏଠି ଉପଯୁକ୍ତ ଭାବସଂଚାର କରିବାରେ ସକ୍ଷମ ଏବଂ ଗାଁ ଜୀବନ ପ୍ରତି ବିଶ୍ୱସ୍ତ ଶବ୍ଦ । ମନେହୁଏ ଇଂରାଜୀ ରୋମାଣ୍ଟିକ୍ କବି ଓ୍ୱାର୍ଡ଼ସ୍‌ଓ୍ୱର୍ଥଙ୍କ ସହ ଏକମତ ହୋଇ କବି ଧନଞ୍ଜୟ ସ୍ୱାଇଁ କହିବାକୁ ଚାହାନ୍ତି ଯେ ପ୍ରକୃତି କୋଳରେ ବାସ କରୁଥିବା ଲୋକମାନେ ପ୍ରକୃତରେ ବ୍ୟବହାର କରୁଥିବା ଭାଷା ହିଁ କବିତାର ଭାଷା ହେବା ଉଚିତ୍ । ଏ ଭାଷା ହେଉଛି ସ୍ୱଚ୍ଛ, ନିର୍ମଳ ଓ ଅକୃତ୍ରିମ । ଧନଞ୍ଜୟ କେବଳ ଗାଁ ମାଟିର ମହକ ବାଣ୍ଟୁଥିବାର ଶବ୍ଦ ବିନ୍ଧାଣୀ ନୁହନ୍ତି, ପ୍ରକୃତିର ସୌନ୍ଦର୍ଯ୍ୟର ବିମୁଗ୍ଧ ସମ୍ବେଦନଶୀଳ ଆତ୍ମାଟିଏ ।

ସ୍ମୃତିଚାରଣରେ କବି ଯେତିକି ତଲ୍ଲୀନ, ସାଂପ୍ରତିକ ଜୀବନ ଓ ସମାଜ ବ୍ୟବସ୍ଥା ଓ ଏହାର କଳୁଷ ପ୍ରତି ସେତିକି ସଚେତନ ମଧ୍ୟ । ଚଇତି ଚିଠିର ଆବେଗରେ ମତୁଆଲା ହୋଇଥିଲେ ବି କବି ସ୍ପଷ୍ଟ ଅନୁଭବ କରନ୍ତି ଯେ ଗାଁର ଧୂଳିଦାଣ୍ଡ କ୍ରମଶଃ ସଂକୁଚିତ ହୋଇଯାଉଛି । ସହରୀ ଜୀବନ ଯୋଉଠି "ସଂପର୍କର ଚାହାଣୀରେ ଛଳନାର ତାତି"ଥାଏ, ଯୋଉଠି "ଲୁହର ଦରଜ ଛାତି ବୁଝେ ନାହିଁ", କିମ୍ବା ଯୋଉଠି ଦିନ ଆଲୁଅରେ ଆତତାୟୀ ଗଳି ମୋଡ଼େ- ଏସବୁ କବିଙ୍କୁ ଖୁବ୍ ବ୍ୟଥିତ କରେ । ବ୍ୟଥିତ କରେ ସହରୀ ମଣିଷଙ୍କ ଦୀନ ଖଟିଖିଆ ଶ୍ରମିକଙ୍କ ପ୍ରତି ଦୃଷ୍ଟିଭଙ୍ଗୀ । "ମୁଣ୍ଡେ ଇଟା ବୋହି ଆମେ ଗଢୁ ତୁମ / ହର୍ମ୍ୟ ଓ ଅଟ୍ଟାଳିକା/ ଖରାରେ ଝାଉଁଳା ଆମ ମୁହଁ ଆଉ / ମୁଣ୍ଡରେ ନଥାଏ ଠେକା / କିଏ କହୁ ବା ନକହୁ / ତୁମ ବିଚାରରେ, ତୁମରି ଆଖିରେ / ଆମେ ତ ମଣିଷ ନୋହୁଁ ।" (କରୋନା ଶତକ, ପୃ-୧୧୩) ଯଥାର୍ଥରେ କବି **ଫନୀ ମହାନ୍ତି** ଲେଖନ୍ତି, "ଅଶ୍ରୁର ଉପତ୍ୟକାରେ ଜୀବନ ଜିଉଥିବା କବି ଧନଞ୍ଜୟ ଶାବ୍ଦିକ ଛଳନା ଓ ବୌଦ୍ଧିକ ଆବରଣ ଭିତରୁ ବୃହତ୍ତର ରସଗ୍ରାହୀ ପାଠକ ସମାଜକୁ ମୁକ୍ତି ଦେବାକୁ ବଚନବଦ୍ଧ ।" (ମୁଖବନ୍ଧ, ଚଇତିଚିଠି, ପୃ-୫)

କବିଙ୍କ କବିତାରେ ପ୍ରବହମାନତା ଏତେ ସାବଲୀଳ ଯେ ଶବ୍ଦସବୁ ସହଜରେ ସ୍ୱାଭାବିକ ଭାବେ ଓହ୍ଲେଇ ଆସିଥିବା ପରି ଅନୁଭବ ହୁଏ । ପ୍ରକୃତିରୁ ବିଭିନ୍ନ ବିଭବ ଓ ରଂଗ କବିତାର ଶବ୍ଦମାନଙ୍କୁ ରଙ୍ଗେଇ ଆପେ ସଜେଇ ହୋଇ ରହିଯାଆନ୍ତି କବିତାରେ । ପାହାଡ଼ର ଚୂଳରେ ମୁକୁଟ ସାଜିଥିବା ମେଘ, ସବୁଜ ଘାସର ଫୁଲରେ ମୁକୁତା ପାଲଟି ଯାଇଥିବା ସକାଳର ଶିଶିର, ଇନ୍ଦ୍ରଧନୁର ଓଢ଼ଣୀ, ଫଗୁଣରେ ବଉଳର ବାସ, ସୋରିଷ ଫୁଲର ସମ୍ଭାର, ନଈ କୂଳରେ ବଇଁଚି କଣ୍ଟେଇ କୋଳି, କୃଷ୍ଣଚୂଡ଼ା ଇତ୍ୟାଦି ପ୍ରକୃତିର ଅନେକ ଉପାଦାନ କବିଙ୍କର ପ୍ରତ୍ୟେକ କବିତାକୁ ସମୃଦ୍ଧ କରେ । ଏବଂ ଯେଉଁ ସହଜତା ଏବଂ କଳାତ୍ମକ ନାନ୍ଦନିକତା ସହ ସେମାନେ କବିତାର କାୟା ମଣ୍ଡନ କରନ୍ତି, ତାହା ହିଁ କବି ଧନଞ୍ଜୟଙ୍କ ଯାଦୁଗରୀ, କାରିଗରୀ ।



**ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପତିଗତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।**

## ଆଇନ ପରାମର୍ଶ - ୨୧

# ପ୍ରପର୍ଟି (ସମ୍ପତ୍ତି) କିଣୁଥିବା ସମୟରେ ଧ୍ୟାନ ରଖନ୍ତୁ



**ଆଡ଼୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**
ଭୁବନେଶ୍ୱର ବାର୍ ଏସୋସିଏସନ୍
ଫୋନ : ୯୩୦୯୧୧୯୬୨୫

ଆମ ପାଖରେ ସାଧାରଣତଃ ପଇସା ରହିଲେ ଆମେ ଘର, ଜମି କିମ୍ବା ଫ୍ଲାଟ୍ କିଣିବା ପାଇଁ ଚିନ୍ତା କରିଥାଉ । ତେବେ ଫ୍ଲାଟ୍ କିଣିବା ପୂର୍ବରୁ କିଛି କଥା ଧ୍ୟାନ ରଖିବାକୁ ହେବ । ତେବେ ଆସନ୍ତୁ ସେ ବିଷୟରେ ସବିଶେଷ ଜାଣିବା ।

**୧. ସମ୍ପତ୍ତିର ମୂଲ୍ୟ**

ଘର କିଣିବା ପୂର୍ବରୁ ସର୍ବପ୍ରଥମେ ନିଜର ବଜେଟ୍ ପ୍ରସ୍ତୁତ କରନ୍ତୁ । ଘର ତୋଳିବାରେ କେତେ ଟଙ୍କା ଖର୍ଚ୍ଚ ହେବ ନିଜେ ଜାଣିଲେ ଘର ତିଆରି କରିବା ସହଜ ହୋଇଥାଏ । ଏହାପରେ ଆଖପାଖ ଲୋକଙ୍କ ସମ୍ପତ୍ତି ସହ ନିଜ ସମ୍ପତ୍ତି ତୁଳନା କରନ୍ତୁ । ସେଥିରୁ ଆପଣଙ୍କୁ ଜଣାଯିବ ବିଲ୍ଡ଼ର୍ ଆପଣଙ୍କୁ ଠିକ୍ ଦାମ୍‌ର ସମ୍ପତ୍ତି ଦେଇଛି କି ନାହିଁ । ଏହାଛଡ଼ା ପ୍ରପର୍ଟିର ଅନ୍‌ଲାଇନ୍ ସାଇଟ୍ ବା ନ୍ୟୁଜ୍ ପେପର୍ ବିଜ୍ଞାପନରୁ ଆପଣ ପ୍ରପର୍ଟିର ମୂଲ୍ୟ ବିଷୟରେ ଜାଣିପାରିବେ ।



**୨. ଫ୍ଲାଟ୍‌ର କାର୍‌ପେଟ୍ ସ୍ଥାନ**

ସାଧାରଣତଃ ବିଜ୍ଞାପନ ଦେଖିଲା ବେଳେ ଏଥିରେ ଫ୍ଲାଟ୍‌ର କାର୍‌ପେଟ୍ କ୍ଷେତ୍ର ଲେଖାଥାଏ । ଏତଦ୍ ବ୍ୟତୀତ କାନ୍ଥର ମୋଟେଇ, ବାସ୍ତୁ, ପାଣି, ଭେଣ୍ଟିଲେସନ୍, ଲିଫ୍ଟ ଏସବୁ ପ୍ରତି ମଧ୍ୟ ଧ୍ୟାନ ଦିଆଯାଏ ।

**୩. ଲିଗାଲ୍ ଆଡ୍‌ଭାଇସ୍ (ଆଇନ୍‌ଗତ ପରାମର୍ଶ)**

ପ୍ରପର୍ଟି କିଣିବା ବେଳେ ଆମର ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥାଏ । ତେବେ ସେହି ପ୍ରପର୍ଟିର କାଗଜପତ୍ର ଠିକ୍ ଅଛି କି ନାହିଁ ଜାଣିବା ପାଇଁ ଲିଗାଲ୍ ଆଡ଼ଭାଇସ୍ ବା ଆଇନ୍‌ଗତ ପରାମର୍ଶ ନେବା ନିହାତି ଆବଶ୍ୟକ । କାରଣ ଆପଣ ଯେପରି ଠକାମୀରେ ପଡ଼ିବେ ନାହିଁ, ତାହା ସୁନିଶ୍ଚିତ କରିବା ଜରୁରୀ ।

**୪. ଜମିର ରେକର୍ଡ଼**

ଯେଉଁ ଜମି ଉପରେ ଆପଣଙ୍କ ଘର ତିଆରି ହେଉଛି ସେ ବିଷୟ ଅଧିକ ଜାଣିବା ଦରକାର । ସେ ଜମି ସରକାରୀ ନୁହେଁ ଏବଂ ରେଜିଷ୍ଟର୍ ହୋଇଥିବା ଆବଶ୍ୟକ । ଘର କିଣିବା ପୂର୍ବରୁ title deed ଦେଖିବା ଆବଶ୍ୟକ ଏବଂ deed ରେ ଥିବା ଜମିରୁ ନେଇ ମାଲିକାନା ପର୍ଯ୍ୟନ୍ତ ସବୁର ଯାଞ୍ଚ କରିବା ଆବଶ୍ୟକ ।

**୫.ପ୍ରପର୍ଟିର ଆଇନଗତ ଯାଞ୍ଚ**

ପ୍ରପର୍ଟି କିଣିବା ପୂର୍ବରୁ ଜମିଟି ଆଇନ୍‌ଗତ ଝିନ୍‌ଝଟରୁ ମୁକ୍ତ ଅଛି କି ନାହିଁ ଜାଣି ରଖନ୍ତୁ । ଏହା ରେଜିଷ୍ଟର୍ କି ନାହିଁ, ଜଳ, ବିଦ୍ୟୁତ୍ ବୋର୍ଡ଼ ଏବଂ ନଗର ନିଗମ ଆଦି ରହିଛି କି ନାହିଁ, ଯାଞ୍ଚ କରନ୍ତୁ । ଯଦି ଆପଣ ହୋମ୍‌ଲୋନ୍ ନେଇ ପ୍ରପର୍ଟି କିଣିବାକୁ ଚାହୁଁଛନ୍ତି ତେବେ ଏସବୁ ସୂଚନାର ତଦାରଖ ଲୋନ୍ ଦେଉଥିବା ବ୍ୟାଙ୍କ୍ ନିଜେ କରିଥାଏ ।

**୬. ପଜେସନ୍ ତାରିଖ**

ଦିଲ୍ଲୀ-ଏନ୍‌ସିଆର୍ ବା ବଡ଼ବଡ଼ ସହରରେ ପ୍ରପର୍ଟି କିଣିବା ବେଳେ ପଜେସନ୍ ତାରିଖକୁ ମଧ୍ୟ ଧ୍ୟାନ ରଖାଯାଏ । ସାଧାରଣତଃ ବିଲ୍ଡ଼ର୍ ପଜେସନ୍ ତାରିଖ ବିଳମ୍ବ କଲେ ଚୁକ୍ତିନାମାରେ ହୋଇଥିବା କ୍ଲଜ୍ ଉପରେ ଧ୍ୟାନ ଦେଇ ତାକୁ ପ୍ରଶ୍ନ କରିପାରିବେ ? ତାପରେ ସେ ୬ମାସର ସମୟ ମାଗି ପାରେ, ସେହି ୬ମାସ ସମୟ ପାଇଁ ତାକୁ କାରଣ ଦର୍ଶାଇବାକୁ ହୋଇଥାଏ ।

**୭. ଲୋନ୍ ଦେଉଥିବା ବ୍ୟାଙ୍କ**

ଆପଣଙ୍କୁ ଧ୍ୟାନ ରଖିବାକୁ ହେବ ସେହି ବିଲ୍ଡ଼ରର ପ୍ରୋଜେକ୍ଟକୁ କେଉଁ କେଉଁ ବ୍ୟାଙ୍କ୍ ଲୋନ୍ ଦେଉଛନ୍ତି । ଯଦି କୌଣସି ବିଲ୍ଡ଼ରର ଛବି (Image) ଖରାପ ଥିବ ତେବେ ସେହି ବିଲଡର ପ୍ରୋଜେକ୍ଟରେ ପ୍ରପର୍ଟି କିଣିବା ପାଇଁ ଲୋନ୍ ମିଳିବ ନାହିଁ । ଏହାକୁ ପ୍ରଥମରୁ ଯାଞ୍ଚ କରିବାକୁ ହୋଇଥାଏ ।

**୮.ବିଲ୍ଡର-କ୍ରେତା(ବାୟର୍) ଚୁକ୍ତିନାମା**

ଯଦି ଆପଣ କୌଣସି ବିଲ୍ଡ଼ର୍ ପାଖରୁ ପ୍ରପର୍ଟି କିଣୁଛନ୍ତି ଏବଂ ଆପଣ ଟୋକନ୍ ଆମାଉଣ୍ଟ (ପରିମାଣ) ଦେଇ ଫ୍ଲାଟ୍ ବୁକ୍ କରୁଛନ୍ତି ତାପରେ ଆପଣ ବ୍ୟାଙ୍କରେ ଯାଇ ଲୋନ୍ ବାବଦ କଥା ହୋଇ ପାରିବେ । ଯଦି ଆପଣ କିଛି ଜିନିଷ ବୁଝିପାରୁ ନାହାଁନ୍ତି ତେବେ ବ୍ୟାଙ୍କ୍ ବା ବିଲ୍ଡ଼ର୍ ଠୁ ଠିକ୍‌ରେ ବୁଝିବା ଆବଶ୍ୟକ ।


**୯. ଫ୍ଲାଟ୍‌ର ଜାଗା କେଉଁଠି**

ଫ୍ଲାଟ୍ କେଉଁ ଜାଗା ବା ସ୍ଥାନରେ ଅଛି ଜାଣିବା ସହ ସେଠାର ସିକ୍ୟୁରିଟି ଆଖପାଖ ଯାତାୟତ ସୁବିଧା ବିଷୟରେ ଜାଣିବା ଦରକାର ।

**୧୦. ଅତିରିକ୍ତ ଏବଂ ଲୁକ୍କାୟିତ (Hidden)ଚାର୍ଜ**

ଆପଣ ପ୍ରପର୍ଟି କିଣିବା ବେଳେ ସବୁ ଜିନିଷ ପ୍ରତି ଧ୍ୟାନ ରଖନ୍ତୁ । ଫ୍ଲାଟ୍‌ର ମୂଲ୍ୟ ଛାଡ଼ି ଅନ୍ୟକିଛି (Hidden charge) ଅଛି କି ନାହିଁ ବୁଝି ନିଅନ୍ତୁ ।

# ମଝିଘରିଆଣୀ ଆମ ଠାକୁରାଣୀ



# ଚଇତିର ଚମକ:
# ରାୟଗଡ଼ର ମା ମଝିଘରିଆଣୀ


**ଦ୍ୱିତୀଚନ୍ଦ୍ର ସାହୁ**

ଇନ୍ଦିରା ନଗର, ଚତୁର୍ଥ ଗଳି,
ରାୟଗଡା-୭୬୫୦୦୧
ଫୋନ: ୯୪୩୭୯୦୯୬୭୧


ଫଟୋ ସୌଜନ୍ୟ : ଲେଖକ



ଲେଖକ ଦ୍ୱିତୀ ସାହୁ

ଧୁ ଧୁ ଖରା । ବଣ ସାରା ପଣତ ପାରି ବିଛେଇ ପଡିଥିବ ଦେହ ଶିଝା ଖରା । ମଲା ପରି ପଡିଥିବେ ବଣଡଂଗର । ଝୋଲାଝରଣାର ଉତ୍ପାତ କମି ଯାଇଥିବ । ତମ୍ବା ବର୍ଣ୍ଣର ଦିନ ବେଶୀ ବେଶୀ ଡରଉଥିବ ଜନଜାତି ହାତରେ କାମ ନଥିବ । ଘରେ ବସି ବସି ଅଳସ ଭାଂଗୁଥିବ ଜନଜାତି ଅଣ୍ଡରା । ତିର୍ଲା ସବୁ ବଣରୁ ସାଉଁଟୁଥିବେ ଖାଇବା ପାଇଁ ଫଳପାକଳା ଓ ଚୂଲି ଲଗାଣ ପାଇଁ ଜାଳ । ତାରି ଭିତରେ ଚଇତ ମାସ ବେଶୀ ବେଶୀ ରୋମାଞ୍ଚ ଭରୁଥିବ ଧାଂଗଡା ଧାଂଗିଡି ଭିତରେ । ମତୁପୁରି ହେବାକୁ ଉଂଖାରୁଥିବ ମନ । ଚଇତିର ଚଇତାଳିରେ ମନ ଓ ହୃଦୟ ଘୁରି ବୁଲୁଥିବ ଗାଁକୁ ଗାଁ ଜୀବନସାଥୀର ଅନ୍ୱେଷଣରେ । ଏତିକିବେଳେ ରାୟଗଡ ଜିଲ୍ଲାର ଗାଁ ଗାଁରେ ଆରମ୍ଭ ହେବ ଚଇତି ପର୍ବ । ଏପଟେ ଆୟୋଜିତ ହେବ ରାୟଗଡର ଆରଧ୍ୟଦେବୀ ମା ମଝିଘରିଆଣୀଙ୍କ ବାର୍ଷିକ ଚୈତ୍ର ପର୍ବ ତଥା ଝାମୁଯାତ୍ରା । ଚୈତ୍ର ମାସ, ମା ମଝିଘରିଆଣୀଙ୍କ ଝାମୁଯାତ୍ରା ଓ ଜନଜାତିଙ୍କ ଚଇତି ପରବର ସମନ୍ୱୟରେ ମହକି ଯାଏ ସାରା ରାୟଗଡ ଜିଲ୍ଲା । 'ରେବତୀ'ର ନିୟମିତ ଲେଖକ **ଦ୍ୱିତୀ ଚନ୍ଦ୍ର ସାହୁ**ଙ୍କ ଏଥର ସ୍ୱତନ୍ତ୍ର ପ୍ରସ୍ତୁତି 'ଚଇତିର ଚମକ'

ଚଇତି କେବଳ ଏକ ପରବ ନୁହେଁ । ଏକ ବିଶୁଦ୍ଧ ଉଚ୍ଛାରଣ । ଏକ ସମ୍ମୋହନ । ଏକ ଶିହରଣ । ଏ ମାଟିର ଅସ୍ମିତା । ଏଇ ସମୟକୁ ବର୍ଷସାରା ଅପେକ୍ଷା । ଫସଲ ଅମଳ ସରିବ । ଚଇତି ଆସିବ । ଗାଁ ମୂଳକ ଉତ୍ସବମୁଖର ହେବ । ଜନଜାତି ସଂସ୍କୃତିରେ ବନ୍ଧା ରାୟଗଡର ସଂସ୍କୃତି । ଆରଧ୍ୟ ଦେବୀ ମା ମଝିଘରିଆଣୀ ଜନଜାତି ସଂସ୍କୃତି ମଧ୍ୟରେ ମହକିତ ଓ ଉଚ୍ଛାଟିତ । ତାର ପଥର ଖଣ୍ଡିଏରେ ଲୋଭ । ଯିବା ଆସିବା ଜନଜାତିର ଲୋକ ପଥର ଖଣ୍ଡେ ପକେଇ ଦେଇ ମୁଣ୍ଡିଆ ମାରିଦେଲେ ସେ ପାଏ ଅପାର ଆନନ୍ଦ । ଆଉ ମାଆ ହୁଏ ଗଦଗଦ । ଚୈତ୍ର ଆସିଲେ ଜନଜାତି ପାଳେ ଚଇତି ପରବ । ମାଆଙ୍କ ପୀଠରେ ହୁଏ ବାର୍ଷିକ ଚୈତ୍ର ପର୍ବ । ମା ଓ ତାର ଆଦିମ ସନ୍ତାନଙ୍କ ମଧ୍ୟରେ ରହିଥିବା ଏମିତି ଶୁଦ୍ଧ ଉଚ୍ଛାରଣକୁ ଆସନ୍ତୁ ବୁଝିବା ଓ ଜାଣିବା ମା'ଙ୍କ କିଛି ଅଲୌକିକ କଥା ଓ କାହାଣୀ ।

ବିଜୟନଗର-ରାୟପୁର ରେଳପଥ ନିର୍ମାଣ ହୋଇ ନଥିଲେ ମା'ଙ୍କ ମହିମା ହୁଏତ ଲୋକଲୋଚନକୁ ଆସିପାରି ନଥାନ୍ତା । କିନ୍ତୁ ମାଆଙ୍କ ମହିମା ବଡ ବିଚିତ୍ର । ସେଥିପାଇଁ ନିଜ ଉପସ୍ଥିତିକୁ ବି ଅଲୌକିକ ଢଂଗରେ ପ୍ରତିଭାତ କଲେ । ୧୯୩୦ମସିହାର କଥା । ବ୍ରିଟିଶ ଶାସନାଧୀନ କାଳରେ ରାୟଗଡକୁ ରେଳପଥ ସଂଯୋଗୀକରଣ ସକାଶେ ରେଳପଥର କାର୍ଯ୍ୟାରମ୍ଭ ହେଲା । ବିଜୟନଗର-ରାୟପୁର ରେଳପଥ ନିର୍ମାଣ କାର୍ଯ୍ୟ ଇଂରେଜମାନଙ୍କ ଦ୍ୱାରା ଆରମ୍ଭ ହେଲା କାମ । ଏଥି ନିମନ୍ତେ ରାୟଗଡ ନିକଟ ଝଞ୍ଜାବତୀ ନଦୀ ଉପରେ ରେଳ ପୋଲ ନିର୍ମାଣରେ ଆବଶ୍ୟକ ପଡିଲା । ଆନ୍ଧ୍ରପ୍ରଦେଶର ନିଲା ରାଜୁ ନାମକ ଏକ ଠିକାଦାର ରେଳ ପୋଲ ନିର୍ମାଣର ଦାୟିତ୍ୱ ନେଲେ । ନିର୍ମାଣ କାଳରେ ବାରମ୍ବାର ଅଘଟଣ ଘଟି ଚାଲିଲା । ପୋଲ ନିର୍ମାଣରେ ଗୁରୁତର ବାଧା ଉପୁଜିଲା । ଦିନତମାମ ପୋଲ କାର୍ଯ୍ୟ ଯେତେକି ଅଗ୍ରସର ହେଉଥିଲା, ରାତ୍ରୀ ମଧ୍ୟରେ ସେସବୁର ଧ୍ୱଂସ ଘଟୁଥିଲା । ଏଭଳି ଘଟଣାରେ ଠିକାଦାର ଜଣକ ବ୍ୟାପକ କ୍ଷତିଗ୍ରସ୍ତ ହୋଇପଡିଲେ । ପୋଲର ପରିସମାପ୍ତି ନେଇ ବ୍ରିଟିଶ ପ୍ରଶାସନ କେବଳ ଚିନ୍ତିତ ହୋଇ ପଡିଲେନି, ବରଂ ହତଚକିତ ମଧ୍ୟ ହୋଇଗଲେ । ଇଂରେଜ ସରକାରଙ୍କ ଇଂଜିନିୟରମାନେ ପୋଲ ନିର୍ମାଣ ପାଇଁ ଯେତେ ଚେଷ୍ଟା କଲେ ବି ସବୁ ଚେଷ୍ଟା ବିଫଳ ହେଲା । ସମସ୍ତେ ହତୋତ୍ସାହିତ ହେଲେ । ଦିନେ ରାତ୍ରୀରେ ଦେବୀଙ୍କ ସ୍ୱପ୍ନାଦେଶ ହେଲା । ଠିକାଦାରଙ୍କୁ ସ୍ୱପ୍ନରେ ମା' କହିଲେ, "ମୁଁ ହେଉଛି ରାଣୀଗଡର ଠାକୁରାଣୀ ମା ମଝିଘରିଆଣୀ । ଗଡର ମଝିରେ ଘରେ ରହି ମୁଁ ପୂଜା ପାଇ ଆସୁଥିଲି । କିନ୍ତୁ ବର୍ତ୍ତମାନ ବାହାରେ ଖରା ବର୍ଷାରେ ପଡି ରହି ବହୁତ କଷ୍ଟ ପାଉଛି । ତେଣୁ ମୋତେ ଏଠାରୁ ଉଦ୍ଧାର କରି ମନ୍ଦିର ଭିତରେ ରଖି ପୂଜା ନ କଲା ପର୍ଯ୍ୟନ୍ତ ପୋଲ ନିର୍ମାଣ ସମ୍ଭବ ନୁହେଁ ।"

ପରଦିନ ସକାଳୁ ଠିକାଦାର ନିକଟରେ ଥିବା ବରୁଣ ଗଛମୂଳରୁ ମା'ଙ୍କ ଉପସ୍ଥିତିକୁ ଠାବ କଲେ । ଅତି ଯତ୍ନର ସହ ପୂଜା ଆରମ୍ଭ କଲେ । ତୁରନ୍ତ ଟାଇଲ ଘର ନିର୍ମାଣ କରି ମା'ଙ୍କୁ ପ୍ରତିଷ୍ଠା କରି ନୀତି ନିୟମ ପ୍ରକାରେ ପାଇକମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କଲେ । ଏହା ପରେ ସୁରୁଖୁରୁରେ ପୋଲ ନିର୍ମାଣ କାର୍ଯ୍ୟ ଚାଲିଲା । ଦେବୀଙ୍କ ମହିମା ପ୍ରତ୍ୟକ୍ଷ ରୂପେ ଉଦ୍ଭାସିତ ହୋଇ ଲୋକଲୋଚନକୁ ଆସିଲା । ସେଇଦିନ ଠାରୁ ମାଆଙ୍କ ମହିମା ରାଜ୍ୟରୁ ରାଜ୍ୟାନ୍ତର ସଂପ୍ରସାରିତ ହେଲା । କେବଳ ଓଡିଶା କାହିଁକି ଆନ୍ଧ୍ରପ୍ରଦେଶ, ଛତିଶଗଡର ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବାରେ ଲାଗିଲା ।

ଜୟପୁର ମହାରାଜାଙ୍କ ବଂଶାବଳୀ, ବକ୍ସିପାତ୍ର ବଂଶର ତଥ୍ୟାବଳୀ ଓ ମହଜୁଦ ଥିବା ପୁରୁଣା ନଥିପତ୍ରରୁ ରାୟଗଡ ସହର ୧୫୦୦ ଖ୍ରୀଷ୍ଟାବ୍ଦର ହୋଇଥିବା ଏବଂ ତାର ଅଳ୍ପ କିଛି ବର୍ଷ ପରେ ଜନବସତି ସ୍ଥାପନ ହୋଇଥିବା ମନେ କରାଯାଏ । ପ୍ରଚଳିତ କିମ୍ବଦନ୍ତୀ ଅନୁଯାୟୀ ତତ୍କାଳୀନ

ଜୟପୁର, ନନ୍ଦପୁର ଜମିଦାରଙ୍କ ଏହା ଅନ୍ୟତମ ବାସସ୍ଥଳୀ । ଏହି ରାଜବଂଶର ଦୀର୍ଘଦିନ ଧରି ସନ୍ତାନସନ୍ତତି ପ୍ରାପ୍ତି ଅଭାବରୁ ଶାସିତ ରାଜବଂଶ ଲୋପ ହୋଇଯିବା ନେଇ ରାଜା ଚିନ୍ତିତ ହୋଇପଡିଥିଲେ । ଯଦି ତିନିଥର ନିଜର ରାଜଧାନୀ ପରିବର୍ତ୍ତନ କରନ୍ତି; ତେବେ ତାଙ୍କର ସନ୍ତାନ ସନ୍ତତି ଜନ୍ମ ସମ୍ଭବପର ହୋଇପାରିବ ବୋଲି ହେଇଥିବା ଭବିଷ୍ୟତବାଣୀ ଯୋଗୁଁ ତତ୍କାଳୀନ ରାଜା ନନ୍ଦପୁର, ରାୟଗଡା ଓ ପରେ ଜୟପୁର ଠାରେ ନିଜର ରାଜଧାନୀ ପ୍ରତିଷ୍ଠା କରିଥିଲେ । ମାଆଙ୍କ ମହିମା ସହ ରାୟଗଡ ନାମକରଣ ଯଥାର୍ଥତା ଥିବା ମଧ୍ୟ ଜନଶ୍ରୁତିରୁ ଶୁଣିବାକୁ ମିଳେ । ପ୍ରଥମେ ଏହାର ନାମ ରାୟଗଡ ନ ଥିଲା । କେହି କେହି କୁହନ୍ତି ରାଜା ବା ରାୟଙ୍କର ଗଡ ରୂପେ ଏହାକୁ ଯେତେବେଳେ ସ୍ଥାପନ କରାଗଲା, ସେତେବେଳେ ଏହାର ନାମ ରାୟଗଡ ନାମକ ଜଣେ କନ୍ଧ ଜାତିର ମୁଖିଆ ବା ଜାନୀଙ୍କ ଦ୍ୱାରା ଏହି ଅଂଚଳର ଶାସନ ଚାଲିଥିଲା । ଯେତେବେଳେ ନନ୍ଦପୁର ରାଜା ଏହି ଅଂଚଳକୁ ନିଜ ଅଧୀନରେ ରଖିବା ପାଇଁ ଇଚ୍ଛା ପ୍ରକାଶ କଲେ କଥା ନ ମାନି ଏ ଅଂଚଳରେ ବଣ ପାହାଡରେ ବୁଲି ବୁଲି ସମସ୍ତ ଆଦିବାସୀମାନଙ୍କୁ ଏକତ୍ରିତ କରି ନନ୍ଦପୁର ରାଜାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ ରାୟ ଜାନୀ । କନ୍ଧ ମୁଖିଆଙ୍କୁ ଯୁଦ୍ଧରେ ପରାସ୍ତ କରି ଏହି ଅଂଚଳକୁ ନିଜ ଅଧୀନରେ ରଖିବା ପାଇଁ ରାଜା ମଧ୍ୟ ଯୋଜନା ପ୍ରସ୍ତୁତ କଲେ । ରାୟ କନ୍ଧ ନିଜ ଅନୁଗାମୀଙ୍କ ସହ ଲୁଚି ଛପି ବଣ ଜଙ୍ଗଲରେ ଗରିଲାଯୁଦ୍ଧ କରିଥିଲେ । ଯାହା ଫଳରେ ରାଜାଙ୍କର ବହୁ ଅର୍ଥ ନଷ୍ଟ ହେବା ସହ ଅନେକ ସୈନ୍ୟ ସାମନ୍ତଙ୍କ ଜୀବନ ହାନ ଘଟିଥିଲା । ଯୁଦ୍ଧରେ ଯଦିଓ ରାଜା ଜିତିଥିଲେ ତଥାପି କନ୍ଧ ରାୟଙ୍କ ବୀରତ୍ୱ ଓ ଯୁଦ୍ଧ କୌଶଳ ନିକଟରେ ରାଜା ଲଜ୍ଜିତ ମନେ କରିଥିଲେ । ଫଳସ୍ୱରୂପ ରାଜା ବାଧ୍ୟ ହୋଇ ଏହି କନ୍ଧ ରାଜାଙ୍କ ସହ ଚୁକ୍ତି ସ୍ୱାକ୍ଷର କରିଥିଲେ । ଚୁକ୍ତି ଅନୁଯାୟୀ ଏହି ଅଂଚଳ ବା ଗଡର ନାମ ରାୟକନ୍ଧ ମୁଖିଆଙ୍କ ନାମାନୁସାରେ ରାୟଗଡ ରଖାଗଲା । ବୋଧେ ଏହା ମାଆଙ୍କ ଅଦୃଶ୍ୟ ଇଚ୍ଛା ଥିଲା । ଏହି ଗଡରେ ମଧ୍ୟ ବହୁ ପ୍ରାଚୀନ କାଳରୁ ଜାନୀ ପଥର ନାମକ ଏକ ପଥର ରହି ଆସିଅଛି । ପ୍ରତିବର୍ଷ ଚୈତ୍ରମାସରେ ଠାକୁରାଣୀ ଯାତ୍ରା ବା ଚୈତ୍ର ପରବରେ ଏଠାରେ ପଶୁବଳି ଦିଆ ହୋଇ ଆସୁଅଛି । ଅନୁମାନ କରାଯାଏ ଯେ ବୀର ରାୟକନ୍ଧ ବା ଜାନୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜାନୀ ପଥର ନିକଟରେ ପଶୁବଳି ଦେବା ପ୍ରଥା ଚଳି ଆସୁଅଛି । ଐତିହାସିକମାନଙ୍କ ମତରେ ୧୫୧୬ ମସିହାରେ ରାଜା ବିଶ୍ୱନାଥ ଦେବ ଶାସନର ସୁବିଧା ପାଇଁ ରାଜ୍ୟର ମଧ୍ୟସ୍ଥଳୀରେ ରାଜଧାନୀ ପ୍ରତିଷ୍ଠା କରି ଏକ ଗଡ ନିର୍ମାଣ କଲେ । ଯାହାର ନାମ ରାୟଗଡ ରଖାଗଲା । ଏହି ଗଡର ସୁରକ୍ଷା ଦାୟିତ୍ୱ ପାଇକମାନଙ୍କ ଉପରେ ନ୍ୟସ୍ତ ଥିଲା । ଯେତେବେଳେ ରାଜ ଶାସନ ଚାଲିଗଲା ସେତେବେଳେ ପାଇକମାନେ ଜାନୀଙ୍କ ଇଷ୍ଟଦେବୀଙ୍କୁ ପୂଜା ଅର୍ଚ୍ଚନା କରିବାର ଦାୟିତ୍ୱ ନେଇ ଆଜି ପର୍ଯ୍ୟନ୍ତ ତାହା ତୁଲାଇ ଆସୁଛନ୍ତି । ରାଜାଙ୍କ ଗଡର ମଝିଘରେ ରହି ପୂଜା ପାଉଥିବାରୁ ଇଷ୍ଟ ଦେବୀ ମା' ମଝିଘରିଆଣୀ ନାମରେ ଖ୍ୟାତି ଲାଭ କରିଛନ୍ତି । ରାଜା ବିଶ୍ୱନାଥ ଦେବଙ୍କ ପୂର୍ବରୁ ଯେତେବେଳେ କନ୍ଧରାଜା ଦେବୀଙ୍କୁ ଗଛମୂଳେ ରଖି ପୂଜାର୍ଚ୍ଚନା କରୁଥିଲେ ସେତେବେଳେ ଦେବୀଙ୍କ ବାର୍ଷିକ ପରବ ଚୈତ୍ର ମାସରେ ଆଦିବାସୀଙ୍କ ପରବ ସହିତ ପାଳନ କରାଯାଉଥିବାରୁ ଏହି ଉତ୍ସବକୁ ପରବର୍ତ୍ତୀ ସମୟରେ ଚୈତ୍ରପରବ ନାମରେ ନାମକରଣ କରାଯାଇଥିଲା । ପ୍ରତିବର୍ଷ ଚୈତ୍ର ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ଯାଏଁ ପାଞ୍ଚ ଦିନ ବ୍ୟାପୀ ଏହି ଚୈତ୍ରପରବ ମହାସମାରୋହରେ ପାଳନ କରାଯାଇଥାଏ । ଆଜି ସମଗ୍ର ଜିଲ୍ଲାରେ ଚୈତ୍ର ପରବ ନାମରେ ଖ୍ୟାତି ଲାଭ କରିଛି । ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଜିଲ୍ଲା ମହୋତ୍ସବକୁ ଚଇତି ନାମରେ ନାମିତ କରି ପାଞ୍ଚ ଦିନ ବ୍ୟାପୀ ମହୋତ୍ସବ ସହ ପଲ୍ଲିଶ୍ରୀ ମେଳାର ଆୟୋଜନ କରୁଛି । ଫଳରେ ଚଇତି ଗଣପର୍ବ ପାଲଟିଛି ରାୟଗଡ ଜିଲ୍ଲାରେ ।

ରାୟଗଡର ରାଜା ବିଶ୍ୱନାଥଦେବ ଅତ୍ୟନ୍ତ ପ୍ରତାପଶାଳୀ ଏବଂ ପରାକ୍ରମୀ ଦିଗ୍‌ବିଜୟ ରାଜା ଥିବାରୁ ତାଙ୍କର ରାଜ୍ୟ ସୀମା ବର୍ତ୍ତମାନର ଆନ୍ଧ୍ର ପ୍ରଦେଶରୁ ବିଜୟନଗରମ ପର୍ଯ୍ୟନ୍ତ ବିସ୍ତୃତ ଲାଭ କରିଥିଲା ଏବଂ ସଂପ୍ରତି ବୋବିଲିରେ ଥିବା ବିଶାଳକାୟ ଭୈରବ ସାଗର ରାଜାଙ୍କ ଅନବଦ୍ୟ ଅନ୍ୟତମ କୃତି ଅଟେ । ପିତୃଦେବଙ୍କୁ ସ୍ମରଣୀୟ କରିବା ନେଇ ବିଶ୍ୱନାଥ ଦେବ ଉକ୍ତ ଖୋଦିତ ସାଗରକୁ ଭୈରବ ସାଗର ନାମିତ କରାଯାଇଥିବା ସ୍ପଷ୍ଟ ପ୍ରତୀୟମାନ ହୁଏ । ତେବେ ଇତିମଧ୍ୟରେ ସମଗ୍ର ବୈଷ୍ଣବ ଧର୍ମର ଉତ୍‌ଥାନ ଘଟିଥିବା ଏବଂ ବୈଷ୍ଣବ ଧର୍ମର ପ୍ରଚାରକ ସାଜିଥିବା ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଓଡିଶା ଆଗମନ କାଳରେ ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ପଶ୍ଚିମବଙ୍ଗସ୍ଥ ନଦୀଆ ନବଦ୍ୱୀପର ଶ୍ରୀ ଶ୍ରୀ ନିତ୍ୟାନନ୍ଦ ଗୋସ୍ୱାମୀଙ୍କ ଠାରୁ ବୈଷ୍ଣବ ଧର୍ମ ଗ୍ରହଣ କରି ଦୀକ୍ଷା ଗୁରୁ ରୂପେ ଗ୍ରହଣ କରିଥିଲେ । ରାଜା ବିଶ୍ୱନାଥ ଦେବ ବୈଷ୍ଣବ ଧର୍ମର ପ୍ରଚାର ଓ ପ୍ରସାର କରିବା ଦିଗରେ ବ୍ୟାପକ ଉଦ୍ୟମ କରିଥିବା ବେଳେ ବୈଷ୍ଣବ ଧର୍ମରେ ଏତେ ଅନୁପ୍ରାଣିତ ହୋଇ ପଡିଥିଲେ ଯେ ଶ୍ରୀକୃଷ୍ଣଙ୍କ ପ୍ରେମାଭାବରେ ଉନ୍ମକ୍ତ ହୋଇ ପରକୀୟା ପ୍ରୀତିର ନିଦର୍ଶନ ସ୍ୱରୂପ ଶ୍ରୀକୃଷ୍ଣଙ୍କ ସଦୃଶ ୧୦୮ଟି ସ୍ତ୍ରୀଙ୍କୁ ରାଣୀ ରୂପେ ଗ୍ରହଣ କରିଥିଲେ । ଯାହାର ସ୍ପଷ୍ଟ ପ୍ରମାଣ ସଂପ୍ରତି ମା ମଝିଘରିଆଣୀଙ୍କ ମନ୍ଦିର ପରିସରରେ ଥିବା ସତୀକୁଣ୍ଡରୁ ଅନୁମେୟ ହୁଏ । ରାଜାଙ୍କ ଦେହାନ୍ତ ପରେ ପୂର୍ବ ପ୍ରଚଳିତ ରୁଢିବାଦୀ ପ୍ରଥା ମୁତାବକ ସମସ୍ତ ୧୦୮ ଜଣ ରାଣୀ





କୁଆଡେ ସ୍ୱାମୀଙ୍କ ଚିତାଗ୍ନିରେ ଝାସ ଦେଇ ସତୀ ହୋଇଥିବାରୁ ଉକ୍ତ ସ୍ଥାନ ସଂପ୍ରତି ସତୀକୁଣ୍ଡ ନାମରେ ପରିଚିତ ହୋଇପଡିଛି । ହିନ୍ଦୁ ନାରୀର ଦୃଢ ବିଶ୍ୱାସ ଯେ, ତାର ପ୍ରମୁଖ ଭୂଷଣ ହେଉଛି ସତୀତ୍ୱ । ସତୀତ୍ୱ ବିନା ନାରୀ ପୂର୍ଣ୍ଣାଙ୍ଗ ନୁହେଁ । ପୁରାତନ କାଳରେ ନିଜ ସତୀତ୍ୱର ପ୍ରମାଣ ଦେଖାଇବାକୁ ଯାଇ ସ୍ୱାମୀର ଚିତାଗ୍ନିରେ ପତ୍ନୀମାନେ ଝାସ ଦେଇ ଆତ୍ମାହୁତି କରି ନିଜକୁ ସତୀତ୍ୱର ଆଖ୍ୟା ଦେବାର ବହୁ ନଜିର ରହି ଆସିଛି । କିନ୍ତୁ ଏକକାଳୀନ ଶହେ ଆଠ ଜଣ ରାଣୀ ନିଜ ପ୍ରାଣକୁ ପତିଙ୍କ ଚିତାଗ୍ନିରେ





ଉତ୍ସର୍ଗ କରି ଆତ୍ମବଳି ଦେବା କ୍ୱଚିତ ଦେଖାଯାଇଥାଏ । ରାୟଗଡ ରାଜା ବିଶ୍ୱନାଥ ଦେବଙ୍କର ଶହେ ଆଠ ରାଣୀ ଏକତ୍ର ଗୋଟିଏ ସ୍ଥାନରେ ରହିବା ପାଇଁ ରାଜା ଶହେ ଆଠ କୋଠି ବିଶିଷ୍ଟ ଏକ ଗଡ ନିର୍ମାଣ କରିଥିଲେ । ରାଣୀମାନେ ସେଠାରୁ ରହୁଥିବାରୁ ସେହି ଗଡର ନାମ ରାଣୀଗଡ ନାମରେ ନାମିତ ଥିଲା । ପରବର୍ତ୍ତୀ ସମୟରେ ତାହା ରାଣୀଗୁଡା ନାମରେ ସୁବିଦିତ । ଅବଶ୍ୟ ଏବେ ମଧ୍ୟ ସେହି ପ୍ରାଚୀନ ରାଣୀଗଡର ଭଗ୍ନାବଶେଷ ରାଣୀଗୁଡା ଠାରେ ଦେଖିବାକୁ ମିଳିଥାଏ । କେତେକଙ୍କ ମତରେ ଏହି ରାଣୀଗଡର ମଧ୍ୟସ୍ଥଳରେ ହିଁ ଠାକୁରାଣୀଙ୍କୁ ସ୍ଥାପନା କରି ରାଜା ଓ ରାଣୀମାନେ ପୂଜାର୍ଚ୍ଚନା କରୁଥିଲେ । ତାଙ୍କୁ ରାଣୀଗଡର ଠାକୁରାଣୀ ବୋଲି କୁହାଯାଉଥିଲା । ପରବର୍ତ୍ତୀ ସମୟରେ ସେହି ଠାକୁରାଣୀ ମା ମଝିଘରିଆଣୀ ଭାବେ ଖ୍ୟାତି ଲାଭ କରିଛନ୍ତି । କଥିତ ଅଛି ଏହି ଗଡରୁ ଠାକୁରାଣୀଙ୍କର ଭଉଣୀ ଦୁର୍ଗାଙ୍କୁ ଆଣି ରାଜା କୁମ୍ଭାରୀପୁଟ ଅଂଚଳରେ ପେଣ୍ଡିଲି ଗ୍ରାମ ନିକଟସ୍ଥ ଏକ ପାହାଡରେ ସ୍ଥାପନ କରିଥିଲେ । ଯାହାକି ବର୍ତ୍ତମାନ ରାଣୀଦୁର୍ଗା ନାମକ ଖ୍ୟାତି ଲାଭ କରିଛି । କିନ୍ତୁ ଐତିହାସିକମାନଙ୍କ ମତରେ ମୋଟ ନଅଜଣ ଭଉଣୀଙ୍କ ମଧ୍ୟରୁ ସବୁଠାରୁ ବଡ ମଝିଘରିଆଣୀ ଓ ସାନ ଭଉଣୀ ଦୁର୍ଗା । ସାନଭଉଣୀ ଦୁର୍ଗା ପାଇକ ସାହିର ଦୁର୍ଗା ମନ୍ଦିରରେ ପୂଜା ପାଉଛନ୍ତି । ଅନ୍ୟ ସାତ ଭଉଣୀ ଚାମୁଣ୍ଡି, ଭୈରବୀ, କାଳସୁଣୀ, ପିତେଇଶୁଣୀ, ରାଗୁଣୀ ଓ ବୁଢୀମା ରାୟଗଡ ବ୍ରାହ୍ମଣ ସାହି ଶେଷ ଭାଗରେ ଖୋଲା ଜାଗାରେ ରହି ପୂଜା ପାଉଛନ୍ତି । ଏତଦ୍‌ଭିନ୍ନ ରାୟଗଡା ସହର କେତେକାଂଶରେ ପରିତ୍ୟକ୍ତ ତଥା ଭଗ୍ନାବିଶେଷ ସ୍ୱରୂପ ଥିବା ପୁରାତନ ମାଟିକାନ୍ଥ ଏବଂ ବର୍ତ୍ତମାନ ଟ୍ରେଜେରୀ ନିକଟରେ ଥିବା ତୋପ ଠାରେ ଅତୀତରେ ଏକ ରାଜବଂଶ ବିଦ୍ୟମାନ ଥିବାର ସତ୍ୟତା ପ୍ରମାଣିତ କରେ । ଠାକୁରାଣୀଙ୍କ ବାର୍ଷିକ ଘଟଯାତ୍ରା ସମୟରେ ପାଇକ ପୂଜାରୀମାନଙ୍କ ବ୍ୟତୀତ ରାଣୀମାନେ ମଧ୍ୟ ଠାକୁରାଣୀଙ୍କ ଘଟ ଧରି ନଗର ପରିକ୍ରମା କରୁଥିଲେ । ଏହି ପରମ୍ପରା ଅନୁଯାୟୀ ବିଭିନ୍ନ ଗ୍ରାମର ଠାକୁରାଣୀ ଯାତ୍ରା ଓ ମା' ମଝିଘରିଆଣୀଙ୍କ ଚୈତ୍ର ପରବ ପାଳନ ଅବସରରେ ସଂପୃକ୍ତ ଗ୍ରାମ, ନଗର ବା ବସ୍ତିର ଝିଅ ଓ ବୋହୂମାନେ ଗ୍ରାମଦେବୀ ବା ଠାକୁରାଣୀଙ୍କ ଘଟି ଧରି ନଗର ପରିକ୍ରମା କରୁଥିବାର ଦୃଷ୍ଟି ଗୋଚର ହୁଏ । ରାଜାଙ୍କ ମୃତ୍ୟୁ ପରେ ଶହେ ଆଠରାଣୀ ଏକକାଳୀନ ଏହି ଅଗ୍ନିକୁଣ୍ଡରେ ଝାସ ଦେଇ ସତୀ ହୋଇଥିବାରୁ ସେଇ କୁଣ୍ଡ ସତୀକୁଣ୍ଡ ନାମରେ ଖ୍ୟାତି ଲାଭ କରିଛି । ସେହି କୁଣ୍ଡକୁ ଦର୍ଶନ କଲେ ଖାଲି ପୁଣ୍ୟ ହୋଇ ନ ଥାଏ ବରଂ କୁମାରୀମାନଙ୍କୁ ମନଲାଖି ବର ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି । ରାଜା ବୈଷ୍ଣବ ଧର୍ମରେ ଅଭିଷିକ୍ତ ହୋଇଥିଲେ ହେଁ ମା'ଙ୍କ ପୂଜାର୍ଚ୍ଚନାରେ କୌଣସି

ବ୍ୟତିକ୍ରମ ଘଟାଇ ନ ଥିବା  ଜଣାଯାଏ । ରାଜା ଦେବୀଙ୍କ ପୂଜାର୍ଚ୍ଚନା ନିମନ୍ତେ ଗଡ ମଧ୍ୟରେ ସ୍ୱତଃପ୍ରବୃତ୍ତ ଭାବେ ସେବାୟତମାନଙ୍କ ଜୀବିକା ନିର୍ବାହ ଅର୍ଥେ ନୌକରୀ ଇନାମ ଭାବେ ପ୍ରଚୁର ଜମି ଦେବା ସହ ସେମାନଙ୍କ ପାଇଁ ପିତାମହଲ, ଭାଲିଆଲିମା, ବେହେରାଗୁଡା, ବୋରୁଗୁଡା, ଆଦି ଗ୍ରାମମାନ ସ୍ଥାପନ କରିଥିଲେ ।

ଦେବୀଙ୍କ ପୂଜାପଦ୍ଧତିରେ ମଧ୍ୟ ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଥିଲା । ଏକା ରାଜବଂଶ ଅନ୍ତର୍ଗତ ସମଗ୍ର ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ଜିଲ୍ଲାର ନବରଙ୍ଗପୁରର ମା' ଭଣ୍ଡାର ଘରିଆଣୀ, ଉମରକୋଟର ମା' ପାଣ୍ଡରାଣୀ, ପଟ୍ଟଙ୍ଗୀର ଅଗ୍ନିଗାଙ୍ଗାମ୍ମାଙ୍କ ଭଳି ରାୟଗଡାର ମା ମଝିଘରିଆଣୀ ଅନ୍ୟତମ ପ୍ରସିଦ୍ଧ ଦେବୀ ରୂପେ ତତ୍କାଳୀନ ସମୟରେ ସର୍ବବିଦିତ । ସେମାନଙ୍କ ପୂଜା ପାଇଁ ପତ୍ର ଫୁଲ ଆଦିକୁ ଭୋଗ ନୈବେଦ୍ୟ ସାମଗ୍ରୀ ରୂପେ ସାଧାରଣ ଲୋକେ ବ୍ୟବହୃତ କରୁଥିବା ବେଳେ ଆଦିବାସୀମାନେ ମଝିଘରିଆଣୀଙ୍କ ରାସ୍ତା ଦେଇ ଯାତାୟତ କରୁଥିବା ସମୟରେ ନିକଟସ୍ଥ ଜେନାପଥର ପାର୍ଶ୍ୱସ୍ଥ ଝିଡଗଛ ନିକଟରେ ପଥର ଖଣ୍ଡେ ପକାଇ ଯାଉଥିବା ଜଣାଯାଏ । ଏହି ପଥର ଖଣ୍ଡକ କୁଆଡେ ଆଦିବାସୀଙ୍କ ସର୍ବଶ୍ରେଷ୍ଠ ଅର୍ଘ୍ୟ ତଥା ଭୋଗ ନୈବେଦ୍ୟର ସାମଗ୍ରୀ ଥିଲା । ତେବେ କାଳକ୍ରମେ



ରୁଢ଼ିବାଦୀ ଜଟିଳ ସାମାଜିକ ପରମ୍ପରାବଶତଃ ଅନେକ ମାନସିକ ପାଇଁ ଦେବୀଙ୍କ ନିକଟରେ ନରବଳୀ ଦେଇଥିବା ଏବଂ ୧୯୩୦ ମସିହା ପର୍ଯ୍ୟନ୍ତ ଏତାଦୃଶ ନରବଳୀ ପରମ୍ପରା ଅବ୍ୟାହତ ଥିବା ଶୁଣିବାକୁ ମିଳେ । ନରବଳୀର ପରିତ୍ୟକ୍ତ ଶବଗୁଡିକୁ ମନ୍ଦିର ସେବାୟତରେ ଥିବା ଘାସୀମାନେ ଅନ୍ୟତ୍ର ଫିଙ୍ଗୁଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଏଥିରେ ବ୍ୟାପକ ପରିବର୍ତ୍ତନପୂର୍ବକ ବଳି ସ୍ୱରୂପ ମଇଁଷି, ମେଣ୍ଢା, ଛେଳି, ପାରା ଏବଂ କୁକୁଡା ଆଦି ବଳି ଦିଆଗଲା । ୧୯୩୦ ମସିହା ପରେ କ୍ରମଶଃ କଦଳୀ, ନଡିଆ ଆଦିକୁ ଭୋଗ ନୈବେଦ୍ୟର ସାମଗ୍ରୀ ରୂପେ ବ୍ୟବହାର କରାଗଲେ ମଧ୍ୟ ବଳି ପ୍ରଥାର ସମ୍ପୂର୍ଣ୍ଣ ଉଚ୍ଛେଦ ସମ୍ଭବପର ହୋଇପାରିଲା ନାହିଁ । ୧୯୭୮ରେ ଡ. ହରେକୃଷ୍ଣ ମହତାବଙ୍କ ନିର୍ଦ୍ଦେଶ କ୍ରମେ ସ୍ୱର୍ଗତ କୃଷ୍ଣଚନ୍ଦ୍ର ବହ୍ନିପାତ୍ର ଓ ଅନ୍ୟାନ୍ୟ ସ୍ଥାନୀୟ ଶିକ୍ଷିତବର୍ଗଙ୍କ ଉଦ୍ୟମରେ ଏଥିରେ କିଛିଟା ପରିବର୍ତ୍ତନ ଘଟିଥିଲା । ମନ୍ଦିର ଭିତରେ ବଳିପ୍ରଥାକୁ ନିଷେଧ କରାଯାଇଛି । ଏବେ ମାନସିକଧାରୀମାନେ ଛେଳି ଓ କୁକୁଡା ଆଦି ଜୀବକୁ ମାଆଙ୍କ ଫାଟକ ମୁହଁରେ ଦେଖାଇ ଅନ୍ୟତ୍ର ବଳି ଦେଉଥିବା ଦେଖିବାକୁ ମିଳୁଛି ।

ଅଭୟ ବରଦାୟିନୀ ମଝିଘରିଆଣୀଙ୍କ ବାହ୍ୟ ରୂପେ କେବଳ ଦର୍ଶନାର୍ଥୀଙ୍କ ସକାଶେ ଦେବୀ ସଦୃଶ ଏକ ମୁଖାକୁ ପୂଜା କରାଯାଉଥିବା ବେଳେ ବାସ୍ତବ କ୍ଷେତ୍ରରେ ମୁଖା ଆଢୁଆଳରେ ସାତ ଭଉଣୀଙ୍କୁ ନେଇ ଦେବୀ ପ୍ରସ୍ତର ଲିଙ୍ଗ ରୂପେ ବିଦ୍ୟମାନ ହୋଇଛନ୍ତି । ବର୍ଷତମାମ୍ ଭକ୍ତ ପ୍ରସ୍ଫୁଟିତ ପ୍ରସ୍ତର ଲିଙ୍ଗମାନ ପୂଜା ଅର୍ଥେ ବ୍ୟବହୃତ ପୁଷ୍ପ; ଚନ୍ଦନ ଓ ସିନ୍ଦୁର ମଧ୍ୟରେ ଘୋଡେଇ ରହି ଯାଉଥିବାରୁ ସର୍ବସାଧାରଣଙ୍କ ଆଢୁଆଳରେ ଦେବୀଙ୍କ ପ୍ରକୃତ ରୂପ ଲୁଚି ରହିଥାଏ । ଦେବୀଙ୍କ ପୂର୍ବ ଦିଗରେ ଅଗ୍ନି କୁମାରୀ, ବୁଢାରାଜା, ସମଲେଶ୍ୱରୀ ଆଦି ଅନ୍ୟ ସାତ ଭଉଣୀଙ୍କ ପ୍ରସ୍ତର ଲିଙ୍ଗ ରହିଛି । ସପ୍ତାହରେ ରବିବାର ଓ ବୁଧବାର ଦେବୀଙ୍କ ବାର ବୋଲି ଧରାଯାଇଛି । ଏଥିପାଇଁ ଉକ୍ତ ଦୁଇ ଦିନରେ ଅଂଚଳ ତଥା ପଡୋଶୀ ଆନ୍ଧ୍ରର ଦର୍ଶନାର୍ଥୀଙ୍କ ପ୍ରବଳ ଜନସମାଗମ ହେବା ସହ ମାନସିକ ରଖିଥିବା ଭକ୍ତମାନେ ଦେବୀଙ୍କଠାରେ ମୁଣ୍ଡନ ମଧ୍ୟ ହୋଇଥାନ୍ତି । ଏତଦ୍ ବ୍ୟତୀତ ବର୍ଷକର ପ୍ରତ୍ୟେକ ଦଶହରା ଓ ଅଷ୍ଟମୀ ଦିନ ଏଠାରେ ବଡ ଧରଣର ଉତ୍ସବ ପାଳନ କରାଯାଏ । ଅଷ୍ଟମୀ ଦିନ ମଝିଘରିଆଣୀ ତାଙ୍କ ସାତ ଭଉଣୀଙ୍କ ନିକଟକୁ କୁଆଡେ ବୁଲି ଯାଆନ୍ତି । ଯାହାକି ଅତୀତରେ ଦେବୀ ମଝିଘରିଆଣୀ ରାତ୍ରୀ ଭ୍ରମଣ ବେଳେ ଅନେକ ଜନସାଧାରଣ ପ୍ରତ୍ୟକ୍ଷ ଭାବେ ଚଳନ୍ତି ପ୍ରତିମାକୁ ଦର୍ଶନ କରି ସଂଜ୍ଞାହୀନ ହେବା ସହ ଭୟରେ ଝାଡାବାନ୍ତି ହୋଇଥିବାର ନଜିର ରହିଛି । ଏହାର ପ୍ରତୀକ ସ୍ୱରୂପ ଅଢେଇ ଲକ୍ଷ ଟଙ୍କା ବିନିମୟରେ ମାଆଙ୍କ ବାହାନ ପାଞ୍ଚ କୁଇଣ୍ଟାଲ୍ ବିଶିଷ୍ଟ ପିତ୍ତଳ ଅଶ୍ୱଦେବୀଙ୍କୁ ବିଜେସ୍ଥଳୀରେ ସ୍ଥାପିତ କରାଯାଇଛି । ମାଆଙ୍କ ପୀଠ ସମ୍ମୁଖରେ ଧାବମାନ ଅବସ୍ଥାରେ ଅଶ୍ୱ ଏବେ ଶୋଭା ପାଉଛି ।

ଅଷ୍ଟମୀ ଦିନ ଦେବୀ ନୂତନ କଳେବର ଧାରଣ କରନ୍ତି । ବର୍ଷତମାମ୍ ଫୁଲ ଚନ୍ଦନ ସିନ୍ଦୂରରେ ପୋତି ହୋଇ ପଡିଥିବାରୁ ଅଷ୍ଟମୀ ଦିନ ପୂଜାର୍ଚ୍ଚନା ପୂର୍ବକ ସମସ୍ତ ବ୍ୟବହୃତ ଫୁଲ ଚନ୍ଦନ ସିନ୍ଦୁର ସହ ବାହ୍ୟ ମୁଖାକୁ ବାହାର କରାଯାଇ ନୂତନ କଳେବର ଧାରଣ କରନ୍ତି । ଦେବୀଙ୍କ ନିକଟରେ ପ୍ରଚଳିତ ବଳୀ ପ୍ରଥାରେ ମଧ୍ୟ ସ୍ୱାତ୍ୟନ୍ତ୍ରତା ପରିଲକ୍ଷିତ ହେଉଛି । ସବୁ ଶକ୍ତିପୀଠ ପରି ମହାଷ୍ଟମୀ ଦିନ ବଳି ପଡୁଥିବାରୁ ମହାଷ୍ଟମୀ ରାତ୍ରୀରେ ଚାଉଳ ଖୁଆଇ ପୂଜାର୍ଚ୍ଚନା ପରେ ଛେଳିକୁ ମୁକ୍ତ କରାଯାଏ ଏବଂ ବଳୀ ପାଇଁ ଥିବା ଛେଳି ଆପେ ଆପେ ସିଧା ଦେବୀଙ୍କ ଆଡକୁ ମୁହାଁଏ । ଛେଳି ମାଆଙ୍କ ନିକଟକୁ ଯିବା ପରେ ହିଁ ତାକୁ ବଳି ଦିଆଯାଏ । ଫଳତଃ ବଳି ପାଇଁ ଥିବା ସତ୍ୟତା ସାଧାରଣରେ ଦେବୀଙ୍କ ପ୍ରତି ବିଶ୍ୱାସକୁ ଆହୁରି ଦୃଢୀଭୂତ କରିପକାଏ । ଅପରପକ୍ଷେ ଚୈତ୍ର ମାସରେ ମଧ୍ୟ ଦେବୀଙ୍କଠାରେ ଏକ ବିରାଟ ଧରଣର ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏସବୁ ବ୍ୟତୀତ ବିଭିନ୍ନ ସମୟରେ ଜନସାଧାରଣ ଦେବୀଙ୍କ ପ୍ରତିନିଧିତ୍ୱ ଭାବି ତିନୋଟି ଖଣ୍ଡାକୁ ଯାତ୍ରାରେ ପୂଜା କରାଯାଏ । ପ୍ରଥମ ଖଣ୍ଡାକୁ ଦଶହରା ପୂଜା



ବେଳେ ରାୟଗଡସ୍ଥ ବ୍ରାହ୍ମଣ ସାହିକୁ ପଟୁଆରରେ ବାହାର କରାଯାଇ ନିଆଯାଏ । ଖଣ୍ଡାକୁ ବ୍ରାହ୍ମଣ ସାହିରୁ ହିଁ ବାହାର କରିବା ପଛରେ ମଧ ଅନ୍ୟ ଏକ କିମ୍ବଦନ୍ତୀ ରହିଥିବା ଜଣାଯାଏ । ବ୍ରାହ୍ମଣସାହି ପୁରୁଣାଗଡର ଶ୍ମଶାନ ଥିଲା ଏବଂ ବର୍ତ୍ତମାନର ରାୟଗଡ ସହର ଏହି ଐତିହାସିକ ଗଡର ଉତ୍ତର ଦିଗରେ ଗଢି ଉଠିଥିବାରୁ ଏହାକୁ ରାଜାଙ୍କ ମୁଖ୍ୟ ଆସ୍ଥାନ ବୋଲି ଧରି ନିଆଯାଉଛି । ପରେ ଖଣ୍ଡାକୁ ଟ୍ରେଜେରୀ ଅଫିସ ନିକଟରେ ଥିବା ଐତିହାସିକ ତୋପ  ନିକଟକୁ ନିଆଯାଏ । ଉକ୍ତ ତୋପ ରାଜାଙ୍କ ମୁଖ୍ୟ ଗୃହର ଅଂଶ ବିଶେଷ ହୋଇଥିବାରୁ ଏବଂ ରାଜାଙ୍କ ଦେହାନ୍ତ ପରେ ଏହାକୁ ରାଜାଙ୍କ ପ୍ରତିନିଧି ରୂପେ ମଣି ମା ମଝିଘରିଆଣୀ ସେଠାକୁ ଯାଇଥାନ୍ତି । ଅପରପକ୍ଷେ ଠାକୁରାଣୀ ଯାତ୍ରା ବେଳେ ଅନୁରୂପ ବେଳେ ଅନ୍ୟ ଏକ ଖଣ୍ଡାକୁ ପୂଜା କରାଯାଏ ଏବଂ ସହରପରିକ୍ରମା କରି ନିର୍ଦ୍ଧାରିତ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥାଏ । ଆଉ ଏକ ଖଣ୍ଡା ଗ୍ରାମ୍ୟ ପରିକ୍ରମା କରିଥାଏ ।

ମାଆଙ୍କ ମହିମା ଲାଗି ଏଠାରେ ପ୍ରବଳ ଜନ ସମାଗମ ହୁଏ । ବିଶେଷକରି ଆନ୍ଧ୍ର ପ୍ରଦେଶରୁ ହଜାର ହଜାର ଶ୍ରଦ୍ଧାଳୁ ନିତି ରାୟଗଡ ଆସନ୍ତି । ମାଆଙ୍କୁ ଦର୍ଶନ କାଳରେ ନିକଟରେ ଥିବା କଳ୍ପବଟରେ ମାନସିକଧାରୀମାନେ ନାଲି କପଡା ସହ ଶଙ୍ଖା ସିନ୍ଦୁର ବାନ୍ଧିଥାନ୍ତି । ଏହାଦ୍ୱାରା ମାଆ ସେମାନଙ୍କ ମନସ୍କାମନା ପୂର୍ଣ୍ଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ଦର୍ଶନ କାଳରେ ମାନସିକଧାରୀମାନେ ହୁଣ୍ଡିରେ ସୁନା, ରୂପା ଓ ଅର୍ଥ ମଧ୍ୟ ଦାନ କରିଥାନ୍ତି । ପ୍ରତିବର୍ଷ ଏହି ହୁଣ୍ଡିରୁ କୋଟି କୋଟି ଅର୍ଥ ସହ କେଜି କେଜି ସୁନା ରୂପା ମିଳିଥାଏ । ମନ୍ଦିରର କିଛି ଅଂଶ ରେଳବିଭାଗ ଅଧୀନରେ ଥିବାରୁ ନିଜସ୍ୱ ପାଣ୍ଠି ସତ୍ୱେ ମନ୍ଦିରର ବିକାଶ ସମ୍ଭବ ହୋଇପାରୁ ନଥିଲା । କିନ୍ତୁ ନିକଟରେ ରେଳବିଭାଗ ଓ ଜିଲ୍ଲାପ୍ରଶାସନର ମିଳିତ ଉଦ୍ୟମ ହେତୁ ଜମି ହସ୍ତାନ୍ତର ପ୍ରକ୍ରିୟା ସମ୍ଭବ ହୋଇଥିବାରୁ ଆଗାମୀ ଦିନରେ ଏଇ ଶକ୍ତି ପୀଠର ପ୍ରଭୁତ୍ୱ ବିକାଶ ଲାଭ କରିବ । ମାଆ ପ୍ରତ୍ୟକ୍ଷ ଦେବୀ ଭାବେ ଶ୍ରଦ୍ଧାଳୁଙ୍କ ନିକଟରେ ପରିଚୟ ହେତୁ ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ପାଲଟିଛନ୍ତି ମା ମଝିଘରିଆଣୀ ।

## ଝାମୁ ଯାତ୍ରା

ଚୈତ୍ର ପରବ ମା ମଝିଘରିଆଣୀଙ୍କ ପ୍ରମୁଖ ପରବ । ଏହି ପରବ ସମୟରେ ମା'ଙ୍କ ମହିମା ସ୍ୱତଃ ପ୍ରକଟିତ ହୋଇଥାଏ । ମା'ଙ୍କ ଅପାର କରୁଣା ଲାଭ କରିବା ଉଦ୍ଦେଶ୍ୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କର ମା'ଙ୍କ ପୀଠରେ ସାମଗମ ହୋଇଥାଏ । ଏହି ପରବ ଚୈତ୍ର ମାସରେ ହେଉଥିବାରୁ ଏହାକୁ ଚଇତି ପରବ ଭାବରେ ବିବେଚନା କରାଯାଏ । କେତେକେ ଏହାକୁ ଝାମୁ ଯାତ୍ରା ବୋଲି କହନ୍ତି । ଚୈତ୍ର ପରବ ୫ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଏହି ଦିନମାନଙ୍କରେ ମା'ଙ୍କ ଚଳନ୍ତି ପ୍ରତିମା ରୂପେ ତିନୋଟି ଘଟ ନଗର ପରିକ୍ରମା କରିଥାଏ । ଏହି ପରବର ମୁଖ୍ୟ ଆକର୍ଷଣ ହେଲା ମନ୍ଦିର ପୂଜକଙ୍କ ନିଆଁ ଉପରେ ଚାଲିବା, କଂଟା ଦୋଳିରେ ନିର୍ବିକାର ଭାବରେ ଝୁଲିବା । ଚୈତ୍ର ପରବ ପ୍ରତିବର୍ଷ ଚୈତ୍ର ମାସ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ଯାଏଁ ୫ ଦିନ ଧରି ଚାଲିଥାଏ । ପ୍ରଥମ ଦିନ ସନ୍ଧ୍ୟାରେ ଏହାର ପ୍ରମୁଖ କାର୍ଯ୍ୟକ୍ରମ ଆରମ୍ଭ ହୋଇଥାଏ । ଏହାକୁ ଅଧିବାସ କୁହାଯାଏ । ପୂଜକମାନଙ୍କ ଦ୍ୱାରା ମା'ଙ୍କୁ ପାରମ୍ପରିକ ଭାବେ ପୂଜାର୍ଚ୍ଚନା ଆରମ୍ଭ ହୁଏ । ପ୍ରଥମେ ଧୂପ ପରେ କୁଙ୍କୁମ ଓ ହଳଦୀ ଦ୍ୱାରା  ମା'ଙ୍କ ଘଟକୁ ପୂଜାର୍ଚ୍ଚନା କରାଯାଇଥାଏ । ବାଳ ଭୋଗ ଲାଗେ । ମାଙ୍କୁ ସନ୍ତୁଷ୍ଟ ପାଇଁ ଏକ ପାରାବଳୀ ଦିଆଯାଇଥାଏ । ପରେ ମାଙ୍କ ଘଟକୁ ମୁଖ୍ୟ ମନ୍ଦିରରୁ ବାହାର କରି ମନ୍ଦିର ପରିସରରେ ଥିବା ଘଟ ମଣ୍ଡପ ଠାରେ  ସ୍ଥାପନ କରାଯାଏ । ଏହି କ୍ରମରେ ପୂଜାର୍ଚ୍ଚନା  ସହ ଭୋଜିଭାତ ହୋଇଥାଏ  । ପ୍ରତିଦିନ ୧୨ଟା ବେଳେ ଅର୍ଣ୍ଣ ଭୋଗ ହୁଏ । ଚାରିଟା ବେଳେ ଧୂପ ଦେଇ ନଗର ପରିକ୍ରମା ଲାଗି ଘଟଗୁଡାକ ଯାଇଥାଏ । ପ୍ରଥମ ଦିନ ଠାରୁ ପଞ୍ଚମ ଦିନ ପର୍ଯ୍ୟନ୍ତ ଏହି ରୀତିରେ ପ୍ରତ୍ୟେକ ସନ୍ଧ୍ୟାରେ ମା' ନଗର ପରିକ୍ରମା କରନ୍ତି । ନଗର ପରିକ୍ରମା ବେଳେ ପୂଜକଙ୍କ ସହ ଘଟ ଢାଲ ଚାମର, ଚାନ୍ଦୁଆ ଆଦି ସହ ମା' ନଗର ପରିକ୍ରମା କରିଥାନ୍ତି । ଏଭଳି ନଗର ପରିକ୍ରମା ଫଳରେ ସହରରେ କୌଣସି ଅମଙ୍ଗଳ, ରୋଗ ବୈରାଗ୍ୟ ହୋଇ ନ ଥାଏ ବୋଲି ଜନମାନସରେ ବିଶ୍ୱାସ ରହିଛି । ୫ଦିନ ବ୍ୟାପୀ ନଗର ପରିକ୍ରମା କରୁଥିଲେ ହେଁ ପ୍ରଥମ ଓ ଶେଷ ଦିନର ମହାତ୍ମ୍ୟ ବେଶ ଗୁରୁତ୍ୱ ପୂର୍ଣ୍ଣ । ଶେଷ ଦିନ ପ୍ରବଳ ଜନସମାଗମ ହୁଏ । ଶେଷ ଦିନ ସନ୍ଧ୍ୟା ବେଳେ ନଗର ପରିକ୍ରମା ପୂର୍ବରୁ ଝାମୁ ଲଗାଯିବା ବ୍ୟବସ୍ଥା ହୋଇଥାଏ । ପଞ୍ଚ ଉପଚାର ପରେ ମନ୍ଦିର ପରିସରରେ ଥିବା ଝାମୁ କୁଣ୍ଡରେ ଝାମୁ ଲଗାଯାଏ । ତା ପରେ ପାରମ୍ପରିକ ଉପଚାରରେ କଂଟା ଦୋଳି ଟଣାଯାଏ । ଶେଷ ଦିନ ମା ନଗର ପରିକ୍ରମା କରିବା ସହ ସହରରେ ଥିବା ସହଚରୀ ଦେବୀଙ୍କ ମନ୍ଦିର ଗୁଡିକ ପରିଦର୍ଶନରେ ଯାଇଥାନ୍ତି । ପ୍ରଥମେ




ପାରମ୍ପରିକ ଭାବେ ମନ୍ଦିର ପଛପଟେ ଥିବା ପୂଜାରୀ ସାହି ଭ୍ରମଣରେ ଯାଆନ୍ତି । ଏଥିସହ ସହରର ସମଲେଇ ମନ୍ଦିର, ଦୁର୍ଗାମନ୍ଦିର, ବ୍ରାହ୍ମଣ ସାହିସ୍ଥ ସାତ ଭଉଣୀ ମନ୍ଦିର, ପାଇକ ସାହି, ଜିଲ୍ଲା କୋଷାଗାର କାର୍ଯ୍ୟାଳୟ ସମ୍ମୁଖରେ ଥିବା ବିକ୍ରମଦେବଙ୍କ ପ୍ରତିନିଧି ସ୍ୱରୂପ ଥିବା ତୋପ ଇତ୍ୟାଦି ଦେଇ ମନ୍ଦିର ଫେରିଥାନ୍ତି । ତିନୋଟି ଖଣ୍ଡା ମଧ୍ୟରୁ ଦୁଇଟି ଖଣ୍ଡାକୁ ଗ୍ରାମାଂଚଳ ପରିକ୍ରମାବେଳେ ଗାଁ ଗହଳିକୁ ନିମନ୍ତ୍ରଣ ସକାଶେ ବ୍ୟବହାର କରାଯାଏ । ଗୋଟେ ମଣ୍ଡପରେ ସ୍ଥାପନ ହୁଏ । ଲୋକଙ୍କ ବିଶ୍ୱାସ ଯେ ମା'ଙ୍କ ଖଣ୍ଡା ଗ୍ରାମ ପରିକ୍ରମା କଲେ ମହାମାରୀ କିମ୍ବା କଲେରା ବ୍ୟାପେ ନାହିଁ । ଆମନ୍ତ୍ରିତ ହୋଇ ମା' ବୁଧବାର କିମ୍ବା ରବିବାର ଦିନ ହିଁ ବାହାରନ୍ତି । ସେଠାରେ ତିନି ଚାରିଦିନ ରହିବା ପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି ।

ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ପରେ ହିଁ ପ୍ରକୃତ ଉପଚାର ଆରମ୍ଭ ହୋଇଥାଏ । ନଗର ପରିଭ୍ରମଣ ପୂର୍ବରୁ ଲଗାଯାଇଥିବା ଝାମୁ ନିଆଁ ଝୁଲରେ ପରିଣତ ହୋଇଥାଏ । ଏଠାରେ ଏକ ଛେଳିକୁ ବଳି ଦିଆଯାଏ । ପରେ ପୂଜକ କଂଟା ଦୋଳିରେ ବସି ଦୋଳି ପହଂଚେ । ସେହିପରି ଝାମୁ ନିକଟରେ ଗୋଟିଏ କୁକୁଡାକୁ ପୂଜା କରି ନିଆଁ ଝୁଲ ଭିତରେ ଛାଡିଦିଆଯାଏ । ପୂଜକ ଖାଲିପାଦରେ ନିଆଁରେ ଚାଲେ । କଂଟା ଦୋଳିରେ ଝୁଲିବା ଓ ଖାଲି ପାଦରେ ଚାଲିବା ଦୃଶ୍ୟକୁ ଦର୍ଶକମାନେ ଉପଭୋଗ କରିବା ସହ ମା'ଙ୍କ ମହିମା ଓ କରୁଣାରେ ଗଦ ଗଦ ହୋଇ ଉଠନ୍ତି । କେବଳ ପୂଜକମାନେ କାହିଁକି ସେହି ସମୟରେ ଯେ କୌଣସି ଭକ୍ତ ମାଆଙ୍କୁ ଧ୍ୟାନ କରି ଏକାଗ୍ର ଚିତ୍ତରେ ଜଳନ୍ତା ନିଆଁରେ ଚାଲିଲେ ପାଦ ପୋଡିବା ପରିବର୍ତ୍ତେ ଥଣ୍ଡା ଲାଗିଥାଏ ବୋଲି କୁହନ୍ତି । ଏ ସମ୍ପର୍କରେ ମୁଖ୍ୟପୂଜାରୀ କହନ୍ତି ମାଙ୍କ ମହିମା ଭକ୍ତମାନଙ୍କୁ ଜଣାଇବା ପାଇଁ ସେବକମାନେ ଜଳୁଥିବା ନିଆଁ ଉପରେ ଖାଲି ପାଦରେ ଚାଲନ୍ତି । କଂଟା ଦୋଳିରେ ବସି ଝୁଲନ୍ତି । ଏଥିରେ କୌଣସି ତନ୍ତ୍ର ମନ୍ତ୍ର ନ ଥାଏ । କେବଳ ଥାଏ ମା'ଙ୍କ ଆଶୀର୍ବାଦ ଓ ତାଙ୍କ ଉପରେ ଭକ୍ତର ଅଗାଢ ବିଶ୍ୱାସ ଓ ଭକ୍ତି । ଏହା ମାଆଙ୍କ ଅଲୌକିକ ଶକ୍ତିର ପ୍ରଭାବ ବୋଲି କୁହାଯାଏ । ଏହି ସମୟରେ ଠାକୁରାଣୀଙ୍କ ମନ୍ଦିରରେ ପ୍ରବଳ ଜନ ଗହଳି ହୋଇଥାଏ । ବହୁ ଦୂରରୁ ଭକ୍ତମାନେ ନିଜର ମନସ୍କାମନା ପୂରଣ ପାଇଁ ଦେବୀଙ୍କ ନିକଟକୁ ଆସିଥାନ୍ତି । ଏମିତି ଉତ୍ସବ ସେ ଦିନ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ଚାଲି ଭୋର ସମୟରେ ମା'ଙ୍କ ପାଦଠାରେ ଘଟଗୁଡିକୁ ନେଇ ବିସର୍ଜନ କରାଯାଇଥାଏ ।

ମନ୍ଦିର ଟ୍ରଷ୍ଟ୍ ଗଠନ ପରେ ୫ଦିନ ବ୍ୟାପୀ ଅନୁଷ୍ଠିତ ମା'ଙ୍କ ଚୈତ୍ର ପରବକୁ ଆହୁରି ଅଧିକ ଆକର୍ଷଣୀୟ ଓ ଲୋକପ୍ରିୟ କରାଇବା ଉଦ୍ଦେଶ୍ୟରେ ଟ୍ରଷ୍ଟି ଇତି ମଧ୍ୟରେ ଅନେକ ପଦକ୍ଷେପ ଗ୍ରହଣ କରିଛି । ପୂର୍ବରୁ ସମସ୍ତ କାର୍ଯ୍ୟ ମୁଖ୍ୟତଃ ସନ୍ଧ୍ୟା ଠାରୁ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବାରୁ ଦିନତମାମ୍ ଖାଲି ରହୁଥିବା ପରିପ୍ରେକ୍ଷୀରେ ଏବେ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ହୋମ କରାଯାଉଛି । ନବଗ୍ରହ ଶାନ୍ତି, ସୂର୍ଯ୍ୟ ପୂଜା, ଷୋଡଶ ଉପଚାର, ଚଣ୍ଡୀ ପୂଜା ଓ ଚଣ୍ଡୀ ପାଠ ହେଉଥିବା ବେଳେ ଶେଷରରେ ଅଗ୍ନିପୂଜା ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏଥିପାଇଁ ଓଡିଶାର ଗାମ, କଳାହାଣ୍ଡି, ପୁରୀ ଆଦି ଜିଲ୍ଲାରୁ ବିଦ୍ୱାନ ପଣ୍ଡିତମାନେ ଯୋଗଦାନ କରି ହୋମ କାର୍ଯ୍ୟ ସଂଚାଳନ କରନ୍ତି । ଭକ୍ତଙ୍କ ଉଜାଗର ଏବଂ ମନୋରନ ଉଦ୍ଦେଶ୍ୟରେ ପ୍ରତ୍ୟକେ ରାତ୍ରୀରେ ରାଜ୍ୟ ତଥା ରାଜ୍ୟ ବାହାର କଳାକାରମାନଙ୍କ ଦ୍ୱାରା ସଂାସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ । ସାମଗ୍ରିକ ଦୃଷ୍ଟିକୋଣରୁ ଚଇତି ପରବ ମା'ଙ୍କ ମହିମା ପ୍ରଦର୍ଶନର ଏକ ପ୍ରକୃଷ୍ଟ ସମୟ ହୋଇଥିବା ବେଳେ ଏହା ବହୁ ଭାଷା, ଜାତି, ଓ ସଂସ୍କୃତିର ମିଳନର ଏକ ସ୍ଥଳୀ ରୂପେ ପରିଗଣିତ ହୋଇଛି ।

## ଜନଜାତିଙ୍କ ଚଇତି ପରବ

ପୂନେଇ ରାତିରେ ଆକାଶକୁ ଜହ୍ନ ଉଠିଲେ ଆଦିବାସୀ ଗାଁମାନଙ୍କରୁ ଭାସି ଆସେ ଚାଙ୍ଗୁ ଆଉ ବଂଶୀର ମତୁଆଲା ସ୍ୱନ । ତା ସାଙ୍ଗକୁ ଧାଙ୍ଗଡା ଧାଙ୍ଗଡିମାନଙ୍କ ମନମତାଣିଆ ନୃତ୍ୟର ଝଙ୍କାର । ରାୟଗଡ ଜିଲ୍ଲାର କନ୍ଧ ସଂପ୍ରଦାୟର ଲୋକମାନେ ପ୍ରତିବର୍ଷ ହରିଆ ପାରୁବୁ (ଚଇତି ପର୍ବ), କାଙ୍ଗାପାରୁବୁ (କାନ୍ଦୁଲ ପରବ), ପୁନାଣିତିନୁ (ନୂଆଖାଇ), ଶାଣପା, ଗଜପାରୁବୁ (ମେରିଆ), ଇତ୍ୟାଦି ପର୍ବ ପାଳନ କରିଥାନ୍ତି । ସମସ୍ତ ପରବମାନଙ୍କ ମଧ୍ୟରୁ ଚଇତି ପରବକୁ କନ୍ଧମାନେ ମହାଆନନ୍ଦ ଉଲ୍ଲାସର ସହ ପାଳନ କରିଥାନ୍ତି । ଯେହେତୁ ଫସଲ ବିକା ପଇସା ହାତରେ ଥାଏ ଏବଂ ବିଲବାଡିରେ କିଛି କାମ ଧନ୍ଦା ନ ଥାଏ ।



ଏମିତି ଏକ ଅବସର ସମୟରେ ଚଇତି ପରବ ପଡୁଥିବାରୁ ମହା ଆନନ୍ଦରେ ପାଳନ କରିଥାନ୍ତି । ଗାଁର ସମସ୍ତେ ଏଥିରେ ମନ ପ୍ରାଣ ଦେଇ ମାତି ଯାଆନ୍ତି । ଗାଁଟା ସାରା ଚଇତି ପରବର ନିଶାରେ ମସଗୁଲ ହୋଇଥାନ୍ତି । ଚଇତି ପରବ ସାଧାରଣତଃ ୩ ଗୋଟି ପର୍ଯ୍ୟାୟରେ ପାଳନ କରାଯାଇଥାଏ ।

ଚୈତ୍ର ମାସର ପ୍ରଥମ ସୋମବାର ଦିନ ସନ୍ଧ୍ୟାରେ ବେଜୁଣୀ ଗାଁ ମଝିରେ ବା ଗାଁ ମୁଣ୍ଡରେ ସ୍ଥାପିତ ଝାଙ୍କରୀ ପାଖରେ ଦୀପ, ଧୂପ ଓ କୁକୁଡା ଛୁଆ ବଳି ଦେଇ ଦେବୀଙ୍କୁ ଆହ୍ୱାନ କରନ୍ତି । ବେଜୁଣୀ ବିଭିନ୍ନ ଦେବାଦେବୀଙ୍କ ପାଇଁ ଭିନ୍ନ ପ୍ରକାର ବାଜାର ତାଳେ ତାଳେ ନାଚ କରି ମନ୍ତ୍ର ପଢି ଦେବୀମାନଙ୍କୁ ନିମନ୍ତ୍ରଣ କରନ୍ତି । ଦେବୀଙ୍କୁ ନିମନ୍ତ୍ରଣ କରିବା ପରେ ଗୋଟିଏ ସ୍ଥାନରେ ଗାଈ ଗୋବର ଦ୍ୱାରା ଲିପାପୋଛା କରି ତା ଉପରେ ୭ଟି ଚାଉଳ ଗୋଲ କରି ରଖନ୍ତି । ଉପରେ ଶାଳପତ୍ରଟିଏ ଘୋଡେଇ ଦେଇ ନୂଆ କାଠପିଢାଟିଏ ଲଦି ଦିଅନ୍ତି । ସ ନଇଗଲେ ଆରମ୍ଭ ହୋଇଯାଏ ବିଭିନ୍ନ ପ୍ରକାର ନାଚଗୀତର ଆସର ।

ସୂର୍ଯ୍ୟୋଦୟ ହେବା ପରେ ପରେ ବେଜୁଣୀ ଗାଁ ଜାନୀ, ଡିସାରୀ ଏବଂ ଗ୍ରାମବାସୀଙ୍କ ଗହଣରେ ପାରମ୍ପାରିକ ବାଜା ସହ ଝାଙ୍କରୀରେ ରଖା ଯାଇଥିବା ପୂର୍ବଦିନର ସେହି ପିଢାକୁ ବାହାର କରି ଶିଆଳି ପତ୍ରକୁ ଓଲଟେଇ ଥାଆନ୍ତି । ଆଶ୍ଚର୍ଯ୍ୟର କଥା- ଗୋଲାକାରରେ ରଖା ଯାଇଥିବା ୭ଟି ଯାକ ଚାଉଳ ଗୋଟିଏ ଦିଗକୁ ମୁହେଁଇ ଯାଇଥାଏ ଏବଂ ଯେଉଁ ଦିଗକୁ ଚାଉଳତକ ମୁହେଁଇ ଥାଏ; ଗ୍ରାମର ସେଇ ଦିଗରେ ଏକ ସନ୍ଧିସ୍ଥାନରେ ଦେବୀଙ୍କୁ ବିସର୍ଜନ କରାଯାଏ । ବିସର୍ଜନ କରିବା ପାଇଁ ଫାମ୍ପୁଣି ଗଛର କାଠର ଚକା ଏବଂ ବାଉଁଶରେ ଛୋଟ ଶଗଡଟିଏ ତିଆରି କରାଯାଇଥାଏ । ସେହି ଶଗଡ ଉପରେ ବାଉଁଶ ଡଲା(ଝୁଡି)ଟିଏ ପୂଜା ସାମଗ୍ରୀ ଭର୍ତ୍ତି କରି ରଖାଯାଏ । ସେଇ ବାଉଁଶ ଡଲାର ଚାରିପଟେ ବାଉଁଶ କାଠିରେ ବିଭିନ୍ନ ରଙ୍ଗର ପତାକା ଲଗାଇ ବିସର୍ଜନ କରିବାକୁ ଯାଆନ୍ତି । ଗାଁର ପ୍ରତ୍ୟେକ ଘରୁ ସ୍ତ୍ରୀ ଲୋକମାନେ ଘୋଡଣି ଥିବା ନୂଆ ମାଟିହାଣ୍ଡିକୁ କଳଦୀ, ସିନ୍ଦୁର ଓ ଚାଉଳରେ ଚିତ୍ର ବିଚିତ୍ର କରିଥାନ୍ତି ଓ ହାଣ୍ଡିର ବେକରେ ମନ୍ଦାର ଫୁଲ ଓ ବେଲପତ୍ରମାନ ଲଗାନ୍ତି । ଦୀପ, ଧୂପ ଏବଂ ମାନସିକ ଅନୁଯାୟୀ ପାରା, କୁକୁଡା, ଛେଳି ଆଦି ନେଇ ବିସର୍ଜନ ସ୍ଥାନକୁ ଯାଇଥାନ୍ତି । ସେଠାରେ ବେଜୁଣୀ ବିଭିନ୍ନ ଦେବାଦେବୀଙ୍କ ପାରମ୍ପରିକ ବାଜା ତାଳେ ତାଳେ ମନ୍ତ୍ର ପଢି ନାଚି ବିସର୍ଜନ କରିଥାନ୍ତି । ତା ପରେ ସେଠାରେ ଛେଳି, କୁକୁଡା, ପାରା ଇତ୍ୟାଦି ବଳି ଦିଆଯାଏ ଏବଂ ଏଠାରେ ଶେଷ ହୋଇଯାଏ ଦ୍ୱିତୀୟ ପର୍ଯ୍ୟାୟ ପୂଜା ।



ସେହିଦିନ ସନ୍ଧ୍ୟାରେ ଗ୍ରାମବାସୀଙ୍କର ସଭା ବସେ । ଦିଶାରୀ ଚଇତି ପର୍ବ ପାଇଁ ଯୋଗ ଦିଅନ୍ତି । ସାଧାରଣତଃ ବୁଧବାର, ଶୁକ୍ରବାର ଓ ରବିବାର ଦିନ ଚଇତି ପରବ ହୋଇଥାଏ । ଏଇ ତିନି ଦିନ ମଧ୍ୟରୁ କେଉଁ ଦିନ ନୂଆ ବିହନ ପୋତିବା ଯୋଗ ଅଛି ଦିଶାରୀ ସେଇ ଯୋଗଟାକୁ ଦେଇଥାଏ । ସୁତରାଂ ସେହିଦିନ ସକାଳୁ ଦିଶାରୀ ଆଉ ଜାନୀ ଦୁହେଁ ମିଶି ପୂଜା ସାମଗ୍ରୀ ଧରି ଝାଙ୍କରୀ ଦେବୀଙ୍କ ପାଖକୁ ଯାଆନ୍ତି ଓ ସେଠାରେ ପୂର୍ବରୁ ଯୋଗାଯୋଗ ଦେଖି ତିଆରି କରାଯାଇଥିବା ଲୁହାର ଖଣତିରେ ଝାଙ୍କରୀ ପାଖରେ ଭୂମି କଣା କରି ଜାନୀ ବିଭିନ୍ନ ପ୍ରକାର ବିହନ ପୋତନ୍ତି ଓ ତା ଉପରେ ଦିଶାରୀ ନୂଆ ମାଟି ହାଣ୍ଡିରେ ପାଣି ଆଣି ସିଂଚନ କରନ୍ତି । ସେହିଦିନ ସେମାନେ ନୂଆ ମହୁଲରୁ ତିଆରି ମଦ ଝାଙ୍କରୀ ଦେବୀଙ୍କୁ ପୂଜା ଲଗେଇ ଉଭୟେ ପିଇଥାନ୍ତି । ମହୁଲି ପିଇଲା ପରେ ଜାନୀ ୨ଅଡା (ପ୍ରାୟ ୨ କେଜି) ନୂଆ ହାତକୁଟା ଚାଉଳ ଏକ ନୂଆ ମାଟି ହାଣ୍ଡିରେ ରୋଷେଇ କରନ୍ତି ତାପରେ ମନ୍ତ୍ର ପଢି କୁକୁଡା ବଳି ଦେଇ ସେହି କୁକୁଡାର କଳିଜା କାଢି ସେଥିରେ ନୂଆ ମହୁଲ, ଆମ୍ବ, କାନ୍ଦୁଲ ଏବଂ ଅନ୍ୟାନ୍ୟ ନୂଆଁଫସଲ ଏକତ୍ର ମିଶାଇ ରୋଷେଇ କରନ୍ତି । ବଳକା କୁକୁଡା ମାଂସକୁ ଅଲଗା ହାଣ୍ଡିରେ ରାନ୍ଧନ୍ତି । ରନ୍ଧା ସରିଗଲା ପରେ ଶିଆଳି ପତ୍ରରେ ତିଆରି ୫ ଗୋଟି ଖଲିରେ ୩ ଚଟୁ ଲେଖାଏଁ ଭାତ ଆଉ ଉଭୟ ମାଂସରୁ କିଛି କିଛି ବାଢନ୍ତି ଓ ଗ୍ରାମର ୫ଜଣ ମୁଖିଆଙ୍କୁ ପହିଲେ ଖାଇବାକୁ ଦିଅନ୍ତି । ବଳକା ଭାତ ଓ ତରକାରୀକୁ ଗାଁ ର ପ୍ରତ୍ୟେକ ଘରକୁ ପ୍ରସାଦ ରୂପରେ ବାଂଟି ଦିଆଯାଏ । ଏହା ପରେ ବିହନ ବୁଣିବା ଅନୁକୂଳ ହେଲା ବୋଲି ଧରାଯାଏ । ପାଗ ଦେଖି ଜନଜାତି ଲୋକେ ଚଇତି ପରବ ପରେ ନିଜ ନିଜ ଜମିରେ ନୂଆ ବିହନ ବୁଣିବା ଆରମ୍ଭ କରନ୍ତି ।

ଅନ୍ୟପକ୍ଷରେ ଗାଁର ଧାଙ୍ଗଡୀମାନେ ଜଙ୍ଗଲକୁ ଯାଇ କାଠ ଆଣନ୍ତି । ସେତେବେଳେ ଯୁବକମାନେ ଦଳ ବାନ୍ଧି ବିଭିନ୍ନ ପ୍ରକାର ପାରମ୍ପରିକ ଅସ୍ତ୍ର ଶସ୍ତ୍ର ଧରି ଶୀକାର କରିବା ପାଇଁ ଯାଆନ୍ତି ଏବଂ ଶୀକାର କରିବା ପରେ ମାରିଥିବା ଜନ୍ତୁକୁ ଆଣି ଝିଅମାନେ ତିଆରି କରିଥିବା ଛାମୁଣ୍ଡିଆରେ ଝୁଲାଇଥାନ୍ତି । ଯଦି ସେ ଜନ୍ତୁର ଓଜନ ସମ୍ଭାଳି ନ ପାରି ଛାମୁଣ୍ଡିଆ ଭାଙ୍ଗିଯାଏ ତେବେ ପୁଅମାନେ ଝିଅମାନଙ୍କ ଉପରେ ଜୋରିମାନା ପକାନ୍ତି । ଯଦି ପୁଅମାନେ ଶୀକାର କରି ନ ପାରି ଖାଲି ହାତରେ ଫେରନ୍ତି ତେବେ ଝିଅମାନେ ପୁଅମାନଙ୍କ ଉପରେ ଜୋରିମାନା ପକାନ୍ତି ।ଏଭଳି ଶୀକାରକୁ ଜନଜାତି ଭାଷାରେ ବେଂଟ ବୋଲି କୁହାଯାଏ । ବଡ ଜନ୍ତୁ ଶୀକାର କଲେ ବଡ ବେଣ୍ଟ କୁହାଯାଏ । କିନ୍ତୁ ଠେକୁଆ ଭଳି ଛୋଟ ଜୀବ ଶୀକାର କଲେ ସାନ ବେଣ୍ଟ ବୋଲି କୁହାଯାଏ ।

ଏହି କାର୍ଯ୍ୟକ୍ରମ ପ୍ରାୟ ୭ଦିନ ଧରି ଚାଲେ । ସାତ ଦିନ ମଧ୍ୟରେ ଗାଁର ଲୋକମାନେ କୌଣସି କାମ କରନ୍ତି ନାହିଁ କି ମାଟି ବି ଖୋଳନ୍ତି ନାହିଁ । ଗାଁ ମଧ୍ୟରେ କୌଣସି ଗାଡି ଚଳପ୍ରଚଳ କରେ ନାହିଁ । ଯଦି କେହି ଅମାନ୍ୟ କରେ ତା ଉପରେ ଜୋରିମାନା ପକାନ୍ତି । ପ୍ରତିଦିନ ରାତିରେ ଧାଙ୍ଗଡାଧାଙ୍ଗଡିମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ନାଚ ଗୀତର ଆସର ଜମେ । ପରସ୍ପର ମଧ୍ୟରେ ଭାବ ଦିଆନିଆ ହୁଏ । ବୟସ ନିର୍ବିଶେଷରେ ପରସ୍ପର ସହ ମଜାମଜଲିସ ଥଟ୍ଟାତାମସା କରନ୍ତି । ଏହି ଆଦିବାସୀ ଜନ ଜୀବନର ଏକ ଉଚ୍ଚ କୋଟୀର ପରମ୍ପରା । ଏମିତି ସାତ ଦିନ କଟିବା ପରେ ଶେଷ ଦିନରେ ଗାଁ ରୁ ସଂଗୃହୀତ ଚାନ୍ଦାକୁ ନେଇ ଭୋଜି ହୁଏ । ସମସ୍ତେ ମିଳିମିଶି ଏଥିରେ ଭାଗ ନିଅନ୍ତି । ଏହି ପରି ଚଇତି ପର୍ବ ଶେଷ ହୁଏ । ପୁଣି ଚଳଚଞ୍ଚଳ ହୋଇଉଠେ ଜନଜୀବନ ଆଉ ଏକ ଚଇତି ଅପେକ୍ଷାରେ ।


ଦ୍ୱି-ପ୍ରଚ୍ଛଦ
ରେବତୀ
ଆମ ମାଟିର ସ୍ୱର
ପ୍ରଚ୍ଛଦ କଳ୍ପନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ଋତୁପର୍ଣ୍ଣା ମହାପାତ୍ର(ଗୁଡ୍ଡି)
ଉଚ୍ଚତା : ୫ ଫୁଟ୍ ୩ ଇଞ୍ଚ୍
ବୃତ୍ତି : ରେଡ଼ିଓ ଜକି, ମ୍ୟୁଜିକ ମ୍ୟାନେଜର, ଅଭିନୟ
ଶିକ୍ଷା : ବିଟେକ୍ କମ୍ପ୍ୟୁଟର ସାଇନ୍ସ
ରୁଚି : ନାଚ, ଗୀତଗାଇବା, ନାଟ୍ୟାଭିନୟ
ପ୍ରଚ୍ଛଦ ଫଟୋଗ୍ରାଫି : ରୁନୀଲ୍
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କମ୍ପ, ସୋନପୁର
ମେକ୍‌ଅପ୍ : ପାପାନି
କଷ୍ଟ୍ୟୁମ : ଗୁଡ୍ଡି
ସ୍ଥାନ : ଭୁବନେଶ୍ୱର

# ଅପ୍ରେଲ - ୨୦୨୩

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

**ଛୁଟିଦିନ**

୦୧/୦୪/୨୦୨୩ : ଉତ୍କଳ ଦିବସ
୦୭/୦୪/୨୦୨୩ : ଗୁଡ୍ ଫ୍ରାଇଡେ
୧୪/୦୪/୨୦୨୩ : ମହାବିଷୁବ (ପଣା) ସଂକ୍ରାନ୍ତି
୨୨/୦୪/୨୦୨୩ : ଇଦୁଲ୍ ଫିତର
୨୩/୦୪/୨୦୨୩ : ଅକ୍ଷୟ ତୃତୀୟା

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

ଧାରାବାହିକ କାବ୍ୟ

# ଦ୍ରୌପଦୀ-୨୬

## ପ୍ରଫୁଲ୍ଲ କୁମାର ମହାନ୍ତି



**(ଦ୍ରୌପଦୀର ଆତ୍ମାନୁଶୀଳନ)**
ଗୋଟିଏ ରାଜ୍ୟ କିପରି ବଣ୍ଟାହେବ
ମାଟିରେ ପଡ଼ିବ ଗାର ଅମୁହାଁ ପ୍ରାଚୀର ?

ହସ୍ତୀନାର ରାଜସଭା ନ୍ୟାୟ ବିତର୍କରେ
ବିଫଳ ହେଲା ଦୁର୍ଯ୍ୟୋଧନ ଅଟଳ ଜିଦ୍‌ରେ
ସେତେବେଳେ ମହାବୀର ଭୀଷ୍ମ
ହସ୍ତୀନାର ସୁରକ୍ଷା କବଚ ହେଲେ ଧୈର୍ଯ୍ୟହରା
ଆଦେଶିଲେ ରାଜ୍ୟ ବିଭାଜନ
ନିଜ ବଂଶ ଭାଗ ହେଲା କୁରୁ ପାଣ୍ଡବରେ ।
କେହି ଶୁଣିଲେ ନାହିଁ ଧରିତ୍ରୀର ହାହାକାର
ପାହାଡ଼, ଜଙ୍ଗଲର ନୀରବ ଆର୍ତ୍ତନାଦ
ଅବାକ୍ ଜନତାର ହତାଶାର ସ୍ୱର
ରକ୍ଷା ଅଛି ବର୍ତ୍ତିଗଲେ ସୂର୍ଯ୍ୟ ଚନ୍ଦ୍ର ତାରା ।

ବୁଝିଗଲା ଦ୍ରୌପଦୀ
ଯେଉଁଠି ରାଜ୍ୟ ହୁଏ ଦୁଇଖଣ୍ଡ
କିଏ ବା ବୁଝିବ ଦେହମନ ବଣ୍ଟା ହେଲେ
ପାଞ୍ଚ ପୁରୁଷରେ ବିବିଧବର୍ଣ୍ଣାର ଭାବ ସଂକଟକୁ ?
ଖଣ୍ଡିତ ସ୍ୱପ୍ନର ଛନ୍ଦ ପତନକୁ:
ପାଞ୍ଚ ଭଅଁର ଦଂଶନରେ କିପରି ବେଦନା ଉଠେ
ସାତରଙ୍ଗୀ ପାଖୁଡ଼ାରେ ଲାଗିଯାଏ ବିରୂପକଳୁଷ ?

ଦ୍ରୌପଦୀ ପଚାରିଲା ନିଜକୁ
ଅନ୍ତରର ଗହୀରା ସ୍ୱରକୁ
ଯଦି ବେସୁରା ହୁଏ କ୍ଷୁର୍ଣ୍ଣ ସାତସ୍ୱର
ଲାଭ କଣ ଛିଣ୍ଡାଇଲେ ମୂକ ବିମାତାର
ଅଦୃଶ୍ୟ, ଅକ୍ଷର ଲିଭାଇବା ପାଇଁ

ଯଦି ପାଏ ନାହିଁ ହାତ ଇଚ୍ଛାକୁ ଚେତାଇ
ନିରର୍ଥକ ଚେଷ୍ଟା କଲେ ଲିଭିବ କି ଅପହଞ୍ଚ ଲିପି ?
ପରାଜିତ ମନ ନେଇ ଯଦି କରେ ସମର୍ପଣ
ଚିକ୍କାରିବ ହତାଶାରେ ମୋର ଦେହମନ ।

ନା ମୁଁ ହାରିବିନି ସତ୍ତାର ଐଶ୍ୱର୍ଯ୍ୟ
ଖେଳାଳୀ ମୁଁ ହେବିନି ଖେଳନା
ମୁଁ ବି ରଚିବି ଖେଳ ମୋର ଦକ୍ଷତାରେ ।


ଦ୍ରୌପଦୀ ବସିଗଲା ମନର ଲଗାମ୍ ଟାଣି
ସ୍ଥିର ହେଲା ଅଥୟ ତରଙ୍ଗ ଶାନ୍ତ ଚାନ୍ଦିନୀରେ:
ମୁଁ ବି ବିରାଟ ବ୍ୟାପ୍ତ ପଞ୍ଚପତି ମୋର ପ୍ରାପ୍ୟ
ଗଢ଼ିବି ମୁଁ ଆତ୍ମାର ସୌରଭରେ
ପାଞ୍ଚ ସଂସାରର ମହାନ୍ ପୃଥିବୀ
ଏକାଠି କରିବି ମୁଁ ପାଞ୍ଚମନ ପାଞ୍ଚ ଆକାଂକ୍ଷା
ବିସ୍ତାରି ଯିବି ମୁଁ ତାରାମଣ୍ଡଳ ଡେଇଁ
ଖେଦିଯିବି ସୃଷ୍ଟିର ଭାବଇଲାକା
ମିଶାଇବି ମୋର ଏଇ ସୁନ୍ଦର ଭୂମିରେ
ଦେହମନ ଆତ୍ମାର କୋଟି ଇଙ୍ଗିତରେ ।

କାହିଁକି ହତାଶା ହେବି କାହିଁକି ଜଳାଇବି ମନ
ଯଦି ମୁଁ ପାଇଛି ଧର୍ମରାଜ ପରାକ୍ରମୀ ଭୀମ
ଅର୍ଜୁନ ଧନୁର୍ଦ୍ଧର କଳାପ୍ରିୟ ପୁରୁଷ ପ୍ରବର
ସୁନ୍ଦର ନକୁଳ ଆଉ ଶାନ୍ତ ସହଦେବ
କାହିଁକି ମୁଁ ନଗଢ଼ିବି ଭିନ୍ନ ଏକ ସୃଷ୍ଟି
ଅପୂର୍ବ ଅନବଦ୍ୟ ପ୍ରକୃତିଠୁ ଆଉରି ସୁନ୍ଦର
ଗୁଞ୍ଜରିତ ବଣବଲ୍ଲରୀରେ କୋମଳ ବେହାଗ
ତୋଳିବି ମୁଁ ଦେଇ ମୋର ସବୁ ଅନୁରାଗ
ସ୍ୱର୍ଣ୍ଣଲେପା ଆକାଶରେ ଗଢ଼ିବି ମୁଁ
ଅମର ଜ୍ୟୋତି ପାଖେ ଜୀବନତରଙ୍ଗ
ସେମାନେ ବି ନାଚିଯିବେ ନୂତନ ତାଳରେ
ଆକାଶ ପୃଥିବୀ ହେବ ମହା ରୂପଛନ୍ଦ
ମଧୁଗନ୍ଧା ମାଟିରେ ମିଶିଯିବ ଶ୍ରମଝାଳ

ମଣିଷର ଜୀବନ ସ୍ଥାପତ୍ୟ ହେବ ଦେବାଙ୍ଗନ:

ଦୃଢ ମନେ ଦ୍ରୌପଦୀ ଠିଆହେଲା ଦର୍ପଣ ଆଗରେ
ଧୀମା ସ୍ୱରେ ଡାକିଲା- ଅଳ୍‌ପନା
ସାଜିଦିଅ ଆଜି ମତେ ଯେମିତି ମୁଁ ପ୍ରେମର ଅଞ୍ଜନା
ଡେଣାରେ ମୋ ମାଖିଦିଅ ବଜ୍ରାଙ୍ଗିନୀ କ୍ଷୁଧା
ଘୂରିବି ମୁଁ ଛୁଇଁ ଛୁଇଁ ସୁଧାରିବା ପାଇଁ
ପ୍ରକୃତିର ଅଳସ ବିକୃତି ।

♥ 'ଚିତ୍ରକାବ୍ୟ', ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୮୦୩୬୨୩



▶ ଡଃ ପ୍ରଫୁଲ୍ଲ କୁମାର ମହାନ୍ତି

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

ପ୍ରଫୁଲ୍ଲ କୁମାର ମହାନ୍ତି

# ବର୍ଷା

## ଜୟନ୍ତ ମହାପାତ୍ର

ଦୁଃଖ କେବଳ ଆସେ ନାଇଁ ପାଖକୁ ମୋର
ରାଣୀର ବଳାତ୍କାର ଆଉ ମୃତ୍ୟୁର ଖବରରେ,
ଏକା ଏକା ବସିଥିଲା ବେଳେ ଚିଲିକା କୂଳରେ
ପାଣିର ଫଡ୍ ଫଡ୍ ଶବ୍ଦରେ ଆସେନା,
ନା ବନ୍ଧୁର ମୃତ୍ୟୁରେ ମୃତ୍ୟୁର ଛିଗ୍‌ଲୋଉଥିବା ଆଖିରେ,
କି ମୋ ଗୋଟିଏ ବୋଲି ପୁଅ ବା ସରୋଜର ମରଣରେ
ଆସିଯାଏ ହଠାତ୍ ଯନ୍ତ୍ରଣାଟି

ନିଦରୁ ଉଠିଲା ପରେ ବେକରେ ରକ୍ସା ପଶିଗଲା ପରି,
ହଠାତ୍ ମୋ ପ୍ରିୟ ମାଛଭଜା ଖାଉଥିବା ବେଳେ
ବଣ୍ଠାଟିର ଶର ପରି, ପଶିଯାଏ ଛାତିର ଗୋଧୂଳିରେ
ଆଉ ଜାଣିବି ଜାଣି ପାରେନି ମୁଁ,

ସ୍ତବ୍ଧ ହେଲେ ଦେଖେ ଦୋହଲୁଥିବା କାଶତଣ୍ଡୀଙ୍କୁ ବହୁ ଦୂରରେ,
ବହୁ ପୂର୍ବକାଳର, ବୟସହୀନ, ମାଘସକାଳ କୁହୁଡ଼ିରେ,
ଆଉ ମୋ ମୁକୁଳା ହାତକୁ ବଢ଼େଇ ଦିଏ, ଦୂରକୁ, ଅନେକ ଦୂରକୁ;

ସେତିକିବେଳେ ଆସିଯାଏ ବରଷା, ଦିଶେ ନାଇଁ ବାହାର ଭିତର
କେବଳ ଗଦ୍ ଗଦ୍ ପାଣି ଆକାଶରୁ, ଯନ୍ତ୍ରଣାର, ଯନ୍ତ୍ରଣାର ।

❤ ତିନିକୋଣିଆ ବଗିଚା, କଟକ-୭୫୩୦୦୧,
ଫୋନ:୯୪୩୮୫୪୮୨୨୧

# ଦୃଶ୍ୟପଟ୍ଟ

## ବିପିନ ନାୟକ

॥ ଏକ ॥

ଏକଦା ଏକ ଥିଲା
ଶବ୍ଦ ଓ ବିଷାଦ
ମଂତ୍ର ଓ ମୈଥୁନ
ଶୋକ ଆଉ ଶ୍ଳୋକ
କୋହ ଆଉ କବିତା,

ଏବେ କବିତା କବିତା
କୋହ କୋହ
ଶବ୍ଦ ଶବ୍ଦ ।

॥ ଦୁଇ ॥

ଏଠି ସଶସ୍ତ୍ର ସବୁକିଛି

ବାହୁବଂଧନ
ଚୁମ୍ବନ
ସ୍ୱପ୍ନ ଓ ସମର୍ପଣ
ଫୁଲ, ପବନ,ପତ୍ର
ସବୁକିଛି ସଜ୍ଜିତ,
ସଶସ୍ତ୍ର ।

॥ ତିନି ॥

ଜଣେ କିଏ ହାରେ
ହେଲେ ଆଉ ଜଣକର ହୁଏ
ବେଣୀ ସଂହାର,
ମୁକୁଳି ଯାଏ କେଶ,
ଜଣେ କିଏ ଜିଣେ,
ହେଲେ
ଆଉ କାହାର କଟିଯାଏ ବେକ,
ନିରବି ଯାଏ
ରାତି ସାଙ୍ଗେ ପାହି ଆସୁଥିବା
ପକ୍ଷୀଟିର ଡାକ ।

❤ ନିର୍ବିକଳ୍ପ, ବାଞ୍ଛାନିଧି ନଗର
ବ୍ରହ୍ମପୁର - ୧୦
ଫୋନ : ୯୩୪୮୪୬୯୭୨୭



▶ ଫଟୋ ଜୟନ୍ତ ମହାପାତ୍ର



▶ ଫଟୋ ବିପିନ ନାୟକ

# ଫରୁଆ

## ସୌଭାଗ୍ୟ କୁମାର ମିଶ୍ର

ମୋ ବୟସ ସେତେବେଳେ ବାର କି ତେର,
ମୁଁ ମାମୁଁ ଘର ଗାଁରେ ।

ସକାଳ ଓଳି ଯାକ ମାମୁଁଘର ଗାଁ ପୋଖରୀରେ
ବୁଡ଼ା ପହଁରା, ବୁଡ଼ା ପହଁରା, ବୁଡ଼ା
ପାଣିର ଅନ୍ଧାରରେ,
ଆଖି ବଡ଼ବଡ଼ କରି ଚାରିଆଡ଼ ନିରେଖିବା ।
ପହିଲେ କିଛି ବାରି ହେଲାନି ।
ପରେ କଇଁନାଡ଼ ସନ୍ଧିରେ ଦିଶିଲା,
କ'ଣ ସେଟା କ'ଣ
ଚୁଙ୍ଗୁଡ଼ିଆ ଦଳରେ ଗୁଡ଼େଇ ହେଇ ?

ଯେମିତି ଦେଖିଚି ତା'କୁ
ଖପ୍ କିନା ଧରି ପକେଇ
ଛିଣ୍ଡେଇ ଆଣିଲି ପାଣି ଦିହରୁ
ପୋଖରୀ ହୁଡ଼ାକୁ ଉଠି ଏକ ମୁହାଁ ଦୌଡ଼ିଲି ଘରକୁ,
ମାଇଁଙ୍କି ଡାକିଲି,
ତାଙ୍କ ହାତକୁ ବଢ଼େଇ ଦେଲି ସେଟା, ଫରୁଆଟା,
କହିଲି, ଖୋଲିଲ ଦେଖି, କ'ଣ ଅଛି ଦେଖିଲ !

ଦେଖିଲା ବେଳକୁ ସେଥିରେ
କିଛି ବୋଇଲେ କିଛି ନାଇଁ,
ଖାଲି ଫରୁଆଟେ, ଏକେବାରେ ଖାଲି, ଶୂନ୍ୟ ।
ମାଇଁ ହସିଦେଲେ, ମୋ ମୁହଁକୁ ଚାହିଁଲେ,
'ଏତେ ଡେରି ହେଲାଣି ଚାଲ ଖାଇବ', କହିଲେ,
'ପୋଖରୀରେ ଆଉ କିଛି ନଥିଲା ?'
ପଚାରିଲେ ପୁଣି ହସିଦେଲେ ।

ସେ ହସର ମାନେ କ'ଣ କିଏ ବୁଝିବ,
ମୁଁ ତ କିଛି ବୁଝିଲିନି ।


♥ ଏଚ୍‌ଆଇଜି ୩୨୭, କଳିଙ୍ଗ ବିହାର,
କେ-୫, ଭୁବନେଶ୍ୱର-୭୫୧୦୧୯,
ଫୋନ :୯୯୩୭୩୭୮୮୯୭




◀ ଡ଼ ସୌଭାଗ୍ୟ କୁମାର ମିଶ୍ର

# ଚିରକାଳ ଆଲୁଅ

## ଭଗବାନ ଜୟସିଂହ

କେଇ ଖଣ୍ଡ ବାଉଁଶ
ଉପରେ ସ୍ଥିର ନିଶ୍ଚଳ ବାପାଙ୍କୁ
ଲକ୍ଷ୍ୟ କରି କୁନିପୁଅ ପଚାରିଲା
'ବାପା ଶୋଇଚ ?'

ବାପା କିଛି କହିଲେନି ।

ବାପା କିଛି ନକହିବାରୁ
ସାମାନ୍ୟ ଉଚ୍ଚ ସ୍ୱରରେ
କୁନି ପୁଅ ଡାକିଲା
'ବାପା ଶୋଇଚ, ଉଠ ।'

ବାପା ଚୁପ୍ ରହିଲେ ।

ଥରେ କୁନିପୁଅ
ଆଉ ଥରେ ବାପାଙ୍କ ଆଡେ
ଆଖି ବୁଲେଇ ଆଣି କହିଲି:
'ଦେଖ, ବାପା ଶୋଇକରି
ଶୋଇ ନାହାନ୍ତିରେ ପୁଅ,
ଆଗ ଭଳି ଚେଇଁଛନ୍ତି ।'

ଏହାପରେ ନୂଆ ଧୋତି ଓ
ଗାମୁଛାରେ ବାପାଙ୍କ ଚାରିପଟେ
କେଇ ଘେରା ବୁଲିଲା କୁନିପୁଅ
ତା ହାତର ନିଆଁରେ
ହୁତୁହୁତୁ ହୋଇ ଜଳିଲା
ବାପାଙ୍କର ଚିତା ।

ଭାବିଲି କୁନି ପୁଅକୁ ବୁଝେଇ
ଦେବି ମଣିଷ କାହିଁକି ଆସେ
ଆସିବା ଓ ଯିବା ବେଳେ
କାହିଁକି ନିଆଁ ଜଳେ
ଏବଂ ଶେଷରେ କାହିଁକି
ମାଟିରେ ମିଶିଯାଏ ସତ୍ତା ।

କୁନିପୁଅ କଣ ବୁଝିବ
ଜୀବନ ଥିବା ନଥିବା ଭିତରେ
ଫରକ କଣ ?
କାହିଁକି ବଂଚିଥିବା ଯାଏଁ
ଜୀବନକୁ ଘେରିଥାଏ ଅନ୍ଧାର
ନହେଲେ ତ କାଳକାଳ
ଚିରକାଳ ଆଲୁଅ !


♥ ଅଚ୍ୟୁତ ଆଶ୍ରମ ପାଖ,
ସେଣ୍ଟ୍ରାଲ ସ୍କୁଲ ରୋଡ଼,
ତାଳବଣିଆ, ପୁରୀ-୭୫୨୦୦୨
ଫୋନ୍ : ୯୫୫୬୭୨୩୩୦୦




◀ ଡ଼ ଭଗବାନ ଜୟସିଂହ

# ଗଙ୍ଗାବତରଣ

## ହରିହର ମିଶ୍ର

ଏ ଜଳ ଦମାଳ ଅଗ୍ନି ସମ୍ଭୂତ
ଯାହା ଶାନ୍ତ କରେ, ଶୀତଳ କରେ ଅରଣ୍ୟାଗ୍ନିକୁ
କାହାର ଚରଣାମୃତ ସତେ କେଉଁ ତୃତୀୟ ପାଦର
ମହାଶୂନ୍ୟ କିବା ପୂର୍ଣ୍ଣବ୍ରହ୍ମଙ୍କର ?
ଉର୍ଦ୍ଧ୍ୱଗାମୀ କେବେ ତ କେବେ ହୁଏ ପାତାଳଗାମୀ
ସଂଚିତା ସେ ଅଚେତନର ତ
କେବେ ଚେତନ, ଅବଚେତନର ଅତଳାତଳରେ ।

ଆନନ୍ଦର କଲ୍ଲୋଳିନୀ ସେ କେଉଁ ଅଳକାନନ୍ଦା
ଡେଇଁ ଡେଇଁ ଆସେ ଆପଣାଛାଏଁ ଦଶଦିଶ ଛୁଏଁ ।
କାହାର ପଦଧୌତ କରେନା ସେ ପାଦଦୋକ
ସକଳ ବନୌଷଧି ଖଣିଜ ଧାତୁ ପ୍ରସ୍ତର
ହରିନିଏ ବାସୁକୀର ବିଷ
ଯା' ଉପରେ ଏ ବସୁଧା ବିଶ୍ୱ
ଆମ ଆସ୍ପୃହାର ସେ ପୁଷ୍ପରେଣୁ
ସୁରଭିତ କରେ ମନ ପ୍ରାଣ ଆଉ ତନୁର ବିକାର ।
ନିଃଶ୍ୱାସ ପ୍ରଶ୍ୱାସର ଗୁରୁ ଭାର ଆଶ୍ୱାସନା ଦିଏ
କେତେ ଉଶ୍ୱାସ କରାଏ,
ସେହି ଜଳବିନ୍ଦୁ ଏ ମାଟିରେ
ତା' ବିସ୍ତାର ଓ ପ୍ରସାରରେ

ଚେତା ଯାଏ ପିଇ ତାକୁ ଏ ଜଡ଼ ଜଗତ ।
ଏ ପଞ୍ଚୁପତ୍ରୀରୁ ପାତ୍ରୀଏ ବଢ଼ାଇ ଦିଏ
କାହାର ସେ ହାତ କିଛି ହିଁ ଦିଶେନା ମତେ
କେଉଁଠୁ ଉତ୍ପତ୍ତି ତା'ର କେଉଁଠି ବିଲୟ
ଖୋଜେ ସେ ଜୀବନ କିଏ ମୂର୍ତ୍ତିକା ଖନନରେ
ତୃଷିତ ସଗର ବଂଶ
ତୁ ହେଲୁ ଅବୋଧ ସେ ବାଳକର
ରାହା ଆଉ ସାହା
ମନସ୍ୱିନୀ ଭାଗିରଥୀ ମାଆ ।

ତୋର ମାଧୁର୍ଯ୍ୟକୁ ସ୍ୱାହା କରି ଋଷି ସେ ଅଗସ୍ତି
ବିଳମ୍ବିତ କରି ଅବା ପ୍ରଲମ୍ବିତ କରି
ତୋର ସ୍ରୋତ ଧାରାସ୍ରାବୀ
ଯହା ବାଟ ବନ୍ଦ କରି ଜହ୍ନୁମୁନି
ଲୁଚାଇ ରଖନ୍ତି ତତେ ଜଘନ ସନ୍ଧିରେ
ଗୋମୁଖୀର କ୍ଷୀର ଧାର ହେ ଜାହ୍ନବୀ !
ବଞ୍ଚାଇ ରଖୁ ସ୍ତନ୍ୟଦାନରେ
କୋଟି କୋଟି ଅମୃତର ସନ୍ତାନମାନଙ୍କୁ
ହେ, ମା' ଧରଣୀ ରାଣୀ !
ଫୁଟୁଥାଉ ଅନ୍ନ ଭଳି ଅନ୍ଧାରର ଆଟିକାରେ
ନକ୍ଷତ୍ର ଯେପରି ।

ଆଗୋ ବସୁମତୀ,
ଆଲୋକ ତୁ ସଭ୍ୟତାର
ବିଶ୍ୱ ସଂସ୍କୃତିର
ତତେ ମୁଁ ଖୋଜିପାଏ ରକ୍ତ କଣିକାରେ
ମୋର ଶିରା ପ୍ରଶିରାରେ ।
ଭାସି ଆସେ
ସହସ୍ର ଯୁଦ୍ଧର ସେ ଶବାଧାର
ପଚାଗନ୍ଧ ଉତ୍କଟ ବିଷାକ୍ତ ଫେଣ
ପ୍ରଦୂଷିତ କରେ ଆଜି ତ୍ରସ୍ତ ପ୍ରାଣ
ଜଳ, ସ୍ଥଳ, ଚରାଚର
ପ୍ରତିଟି ଗୋଡ଼ରେ ଆଜି ଦୂରାରୋଗ୍ୟ
ମହାମାରୀ ବିକଟ କ୍ୟାନ୍ସର
ରନ୍ଧ୍ରେ ରନ୍ଧ୍ରେ ଭୂତାଣୁର କ୍ଷୁଧିତ ଅସୁର ।
ଆମେ ସେ ଅବିଶ୍ୱସ୍ତ ସ୍ୱାର୍ଥାନ୍ଧ ବିମୂଢ଼ ମଣିଷ
ନିତି କରୁ ଅପବିତ୍ର ପାପନାଶିନୀ
ସେ ନିଷ୍ପାପ ନଦୀର ନୀର
ଯାହାକୁ ଅପେକ୍ଷା କରେ ପୃଥିବୀକୁ ଘେରିଥିବା
ଏ ସପ୍ତସାଗର ।

ପ୍ରତିବାଦ କରେ ନିତି ତରଙ୍ଗୀ ଘାତରେ
ଏଇ ବେଳାଭୂଇଁ ବାଲି ଆଉ ଅକର୍ମ ଶିଳାରେ ।
ହାତରେ ଯେ ଅନ୍ନ ପିଣ୍ଡ
ପୂର୍ବ ପୁରୁଷଙ୍କୁ ଯାହା ଶ୍ରଦ୍ଧା ନିବେଦିତ
ଆଜି ସେ ସର୍ପ ଭଳି ଫଣା ତୋଳି ପ୍ରଶ୍ନ କରେ,
ଗର୍ଜି ଉଠେ ସମଗ୍ର ଶରୀରରେ ଖେଳୁଥିବା ପବନରେ
ଶିରା ପ୍ରଶିରାରେ ।
ଆଜି ତ କେହି ଗାଙ୍ଗୀ କହିନି ମା',
ତୋ' ଗର୍ଭରୁ ସାତୋଟି ସନ୍ତାନଙ୍କୁ
ଭସେଇ ଦେବାକୁ କହିଲୁ ଯେ
ଅଷ୍ଟମ ପୁତ୍ର ଭୀଷ୍ମ ଭଳି
ଶୁଆଇ ଦେଲୁ ମତେ ଶର ଶଯ୍ୟାରେ
ଏ ଅନ୍ତିମ କାଳରେ !

ମୁଁ ତ ଅବୋଧ ବାଳକ କିବା ଜାଣେ
କ'ଣ ଅଛି ତୋ' କୋଳରେ
ସନ୍ତରଣ କଲାବେଳେ ଅତିକ୍ରମ କରିଯାଏ
ସର୍ପ କେତେ ଜଳହସ୍ତୀ, ମଗର ବି କେତେ ।
ନା ତୁ ନାରୀ ନୁହେଁ, ଯିଏ ସହଜେ ତରଳିଯାଏ
ପୁରୁଷଠୁ ବି ତୁ କଠୋର ନିର୍ମମ ହାଇପାରୁ
ମାତା ନୁହେଁ ପିତା ବି ତୁ
ତୋର ସଙ୍ଗମ ହୁଏ କଳାକୃଷ୍ଣ ଯମୁନା ସହିତ
ତୋର ଅଧେ ଅଂଶ କଳା ଅଟେ ହୁଏ କଳା
ଏ ଦୁଇଟି ଭିତରେ ଥାଏ ଗୁପ୍ତ ସରସ୍ୱତୀ
ଯା'ର ଗୋପନ ରହସ୍ୟ କେହି ବୁଝେ ନାହିଁ
ବୁଝିପାରେ ନାହିଁ ।

ମୁଁ ଆଜି ବହିଯାଏ ସମୟର ଧାରା
କାହା ହାତରେ ପଡ଼େନା ମୁଁ ଧରା
ଏପରିକି ନିଜକୁ ପାରେନା ଛୁଇଁ
ମୋ' ଭିତରେ ସ୍ୱର୍ଗର ସେ ମନ୍ଦାକିନୀ
ଉଭା କରେ ସୃଜନୀର ସୁଫଳା ଅବନୀ
ନିମ୍ନଗାମିନୀ ଓ ଉର୍ଦ୍ଧ୍ୱଗାମିନୀ
ସେ ନଦୀ ମୋର
ମିଶିଯାଏ ଲବଣାକ୍ତ ସାଗରରେ
ଅଥଚ କିଏ ତାକୁ ଶୋଷିନିଏ
ବଦଳାଇ ମଧୁର ସେ
ତୋ' ସାଥୀରେ
ହେ ଜୀବନ,
ମିଶେ କେଉଁ ମହାଜୀବନରେ
ଭିନ୍ନାଭିନ୍ନ ବିରୋଧ ବିସ୍ମରି ।

ଭୂତପୂର୍ବ ସଭାପତି: ଓଡ଼ିଶା ସାହିତ୍ୟ ଏକାଡ଼େମୀ, ମାର୍କଣ୍ଡେଶ୍ୱର ସାହି, ଷଷ୍ଠ ଭାଗ, ପୁରୀ,
ଫୋନ:୯୪୩୮୫୩୨୦୫୫





▲ ଚିତ୍ର : ଶିଳ୍ପୀ ଈପ୍‌ସିତା ଦେ

# ବାୟାରାଜା

## ବଂଶୀଧର ଷଡ଼ଙ୍ଗୀ

ବାଟ ତାର ଯୁଆଡ଼େ ମନ
ସିଆଡ଼େ ଯାଉଥାଉ
ଆମେ ଆମର ନିର୍ଦ୍ଧାରିତ ସ୍ଥାନରେ
ପହଞ୍ଚିବା ପାଇଁ ସେ ଆମକୁ
ସହାୟତା କଲେ ହେଲା

ବାଟର ବହୁ ଶାଖା ପ୍ରଶାଖା ଅଛି
କୋଉ ଗୋଟାକରେ
ସେ ନଉଛି ଦେଖାଯାଉ

ଧଳା ବାଳ ମଇଳା ଧୋତି ସାର୍ଟ ପିନ୍ଧି
ଯାଉଥିବା ଲୋକଟି
ବାୟାଟେ ଭଳି ଦେଖା ଯାଉଚି
ସେ ଯେମିତି ବାୟାରଜାକୁ
ଗୁହାରି କରୁଚି
ତାକୁ ବାୟା କରିଦବାକୁ

କୁହାଯାଏ
ନଈ ଆଗକୁ ଆଗକୁ ବହି ଚାଲିଲେ ବି
ସେ ତା ପାଣି କେବେ ହେଲେ ପିଏନି
ସେମିତି ଗଛ ତା ଫଳ ନିଜେ ଖାଏନି
କି ଫୁଲ ତା ବାସ୍ନା ନିଜ ପାଇଁ ସାଇତି ରଖେନି



▲ ଛବି : ବଂଶୀଧର ଷଡ଼ଙ୍ଗୀ

ସତେ ଯେମିତି ସମସ୍ତେ ଅନ୍ୟ ପାଇଁ
ସବୁକିଛି ସମର୍ପି ଦେଇ
କେବଳ ଆନନ୍ଦ ହିଁ ପାଇଥାଆନ୍ତି ।

ପ୍ରତି ମୁହୂର୍ତ୍ତରେ
ବଦଳିବାରେ ଲାଗି ଚାଲିଚି ସମୟ
କେତେବେଳେ ଗଛର ଛାଇ ପଡୁଚି
ଚଟାଣରେ ତ
ପରକ୍ଷଣରେ ବୁଲି ଯାଉଚି ଆରପଟକୁ
କିଏ ବୁଝି ପାରିବ କି ଏ ସମୟର ଖେଳକୁ

ଜୀବନରେ କେତେ କଣ ଘଟି ଯାଇଛି
ସେଥିରୁ କିଛି କଥା ଯେ
ମନେ ରହି ପାରିଛି
ତାହା ହିଁ ବଡ଼ କଥା
ଖାଲ ଢିପ ଉଠାଣି ଗଡ଼ାଣି ଭିତରୁ
କୋଉଟା ଗୁରୁତ୍ୱପୂର୍ଣ୍ଣ
ତାହା ଏକା ବାୟାରଜାକୁ ଜଣା ।

♥ କବିତାଘର, ଗୁହାଳପଡ଼ା
ପୋ-ନିମାପଡ଼ା, ପୁରୀ-୭୫୨୧୦୬
ଫୋନ:୮୯୧୭୨୭୦୫୫୬

# ସ୍ୱାତୀ ଲଗ୍ନରେ ଠିଆ ଉଭା ଠାକୁରାଣୀ

**ଫନୀ ମହାନ୍ତି**



▲ ଚିତ୍ର : ଶିଳ୍ପୀ ଦିଶିତା ପାତ୍ର, ଷ୍ଟାଣ୍ଡାର୍ଡ଼ ସେଭେନ୍

କୁହ ତ, କୋଉ ବର୍ଣ୍ଣରେ ମୁଁ ତୁମକୁ
ନୂଆ ଏକ ରୂପ ଦେବି
ତୁମେ ତ ଅଢ଼ଚାଳିଶ ବର୍ଣ୍ଣର ଉର୍ଦ୍ଧ୍ୱରେ
ପୂର୍ବ ରାଗ ପରି ତମେ ଆଉ ନାହଁ
ଓ ପୁଣି ଅଛ ପାଖେ ଦୂରେ
ଚେତନାର ଚୌହଦୀରେ ସ୍ୱାତୀ ନକ୍ଷତ୍ରରେ

ଆଦରିଣୀ ପ୍ରେମାସ୍ପଦା ମୋର !
ବର୍ଷଣ ମୁଖର ଆଦ୍ୟ ଆଷାଢ଼ ଆକାଶେ
ତମେ ଖଣ୍ଡେ ଭସା ମେଘ କୃଷ୍ଣନୀଳ ଲୋହିତ
ବର୍ଣ୍ଣର, ତମେ ମୋର ଇହକାଳ
ପରକାଳ ଜନ୍ମ ପୂର୍ବ ଓ ପରବର୍ତ୍ତୀ
ଜନ୍ମ ଜନ୍ମାନ୍ତରର ପ୍ରାରବ୍‌ଧ ଯାହା ମୁଁ ଭୋଗ
କରୁଛି ଯେ' ଜୀବଦ୍ଦଶାରେ
ଜିଦିଖୋର ଛଇଳ ନାଗର ପରି ନହୁନୁହାଣ
ହୋଇ ହୃଦୟ ବାଣ୍ଟି ଚାଲିଛି ସ୍ଥାନକାଳପାତ୍ର
ଭୁଲି ପ୍ରେମଶୂନ୍ୟ ଧୂସର
ଧ୍ୱାଂତ ବିକ୍ଷୁବ୍ଧ ବିଶ୍ୱରେ

ଦିନମାସ ଦଣ୍ଡ ପଳ ଲଗ୍ନ ଆଦୌ ଭଲ
ନଥିଲା ବେଳେ କୋଉ ନଥିବା ସ୍ୱର୍ଲୋକରୁ
ଗୋଟିଏ ଚାଉଳେ ଗଢ଼ା ଅପ୍‌ସରୀ ଭଳି ହଠାତ୍
ଦିନେ ତମ ସହ ମୁହାଁମୁହିଁ
ଦେଖା ହୋଇଗଲା, ମୁଁ ଆଦୌ ବୁଝିପାରୁ
ନଥିବା ଅବୋଧ୍ୟ ଭାଷାରେ



ଠାରରେ ଠାରରେ କେତେକେତେ କଥାଲଥା ହେଲା
ଆମେ ନଥିଲା ବେଳେ
ଆମ ଆୟତ୍ତରେ
ଓ' ତାପରେ ପ୍ରବାସୀ ପକ୍ଷୀଟି ପରି
ଡେଣା ଝାଡ଼ି ତମେ ଦିକ୍‌ବିଦିଗ ଆର
ପାରେ ମହାଶୂନ୍ୟରେ ବିଲୀନ ହୋଇଲ
ଥରୁଟିଏ ମୁହଁ ନଫେରେଇ ବି
ଅକୁହା କଥାର ଭରପୂର ପେଡ଼ି ସବୁ
ଗୋଟି ଗୋଟି କରି ଖୋଲି ଦେଇଗଲ

ତମେ ଗଲାଦିନ ଠୁଁ ଏକାଂତବାସରେ
ଏକା ଏକୁଟିଆ ମୁହଁ ମାଡ଼ି ପଡ଼ି ରହିଚି
ଗୋଟେ ପରିତ୍ୟକ୍ତ ପ୍ରାଚୀନ ଯୁଗର
ନୀଳ ଲଫାପାରେ
ନା, ତମର ସେ ଚିଠି କି,
ଚିଠିର ଭାଷା ମୁଁ ବୁଝିପାରୁଛି କି

ବର୍ଷ ପରେ ବର୍ଷ ଚାହୁଁ ଚାହୁଁ ।
ଦିଅର୍ଥରେ ବିତିଗଲା ପରେ ।

♥ ପୁଷ୍ପଧନୁ, ୨୨୦/୨୦୩୯ ବମିଖାଲ, ଦୁର୍ଗାମଣ୍ଡପ ପାଖ, ଭୁବନେଶ୍ୱର-୭୫୧୦୧୦, ଫୋନ: ୯୯୩୭୯୬୧୮୭୮

# ସୂର୍ଯ୍ୟ ସେପାରିରୁ ବାର୍ତ୍ତା

## ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସୂର୍ଯ୍ୟ ସେପାରିରୁ ବାର୍ତ୍ତା ତୁମ ପାଇଁ ନୂଆ ଶତାବ୍ଦୀର
ସମସ୍ତ ଘୂର୍ଣ୍ଣନ ସାଥେ ଜନ୍ମ-ମୃତ୍ୟୁ-ଜରା ଆଉ ଯୌବନ-ଶୈଶବ,
ଏଠି ମଣିଷର ଶ୍ୱାସ ପବନରେ, ପବନର ଡେଣା ଆକାଶରେ
ଏଠି ଶୂନ୍ୟତାର ଦୃଶ୍ୟ ସ୍ଥିର ରହେ ଛାତି ତଳେ ଦ୍ୟୁତି,
ପୃଥିବୀ କାହାଠୁ ଦୂର, ନିକଟ ଓ ଆବର୍ତ୍ତିତ ଗତି
ସୃଷ୍ଟି ଓ ପ୍ରଳୟ ଦିନ ସେମାନଙ୍କ ଭାବନାକୁ ଜଣା,
ଗୋଟିଏ ଚକରେ ରଥ ଗଡ଼ି ଯାଉଥିବା ବେଳେ ଶୁଣ
ମାଟିରେ ଜୀବନ ପାଇଁ ଏଣେ ତେଣେ ଅନେକ ଯନ୍ତ୍ରଣା ।

ଏଠୁ ଦେହହୀନ ଯାତ୍ରା ପର୍ବ ରହେ ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱକୁ
ଦିଗ ଦିଗ ଲହଡ଼ି ଓ ଖେତ ଆସେ ପବନର ଖୋସା ଫିଟିପଡ଼େ,
ଏଠୁ ସମ୍ପର୍କିତ ଆତ୍ମା ଭୂଗୋଳର ସୀମା ଡେଇଁ ଖୋଜେ
ଆଉ ପିଢ଼ି ମଣିଷର କ୍ଷୁଧା ତୃଷା ପ୍ରେମର ଆଶ୍ରିତ;
ଯାହା ଥିଲା, ଯାହା ହେବ, ଯାହା ହୁଏ ଆଉ ବଦଳିବ;
ଘୂର୍ଣ୍ଣନରେ କେଉଁ ସତ୍ୟ କହ ଆଉ ହେବ ସଂଜ୍ଞାୟିତ !

ବାର୍ତ୍ତା ଆସେ ସେପାରିରୁ, କ୍ଳାନ୍ତ ନୁହେଁ ସୂର୍ଯ୍ୟକାମୀ
ଅନୁକମ୍ପା ବୁଝିବାକୁ ବିଶ୍ୱାତୀତ ମହାଚେତନାର,
ଆଉ ସମ୍ପର୍କରେ କାହିଁ ତୁମ ଭାଗ୍ୟ, ସ୍ମୃତି କି ପ୍ରଖର
ମେଘ ଧାରେ ନୀଳିମା ଓ ଉଡ୍ଡୁଥାନ୍ତି ବିହଙ୍ଗ ଯୁଗଳ,
କିଛି ମିଳନର ସ୍ୱପ୍ନ କ୍ଷୟଶୀଳ ମୃତ୍ୟୁରେ ପ୍ରାଣ ମନ,



▲ ଚିତ୍ର : ଶିଳ୍ପୀ ମନୋଜ କୁମାର ସାହୁ

### ॥ ଏଇ ଯେ ବୁଢ଼ା ବାବୁ ॥

ଅନେକ ବୁଢ଼ା ଲୋକେ ପୂରାପୂରି ଡ୍ୟାମେଜ୍‌ଡ୍‌,
ଶୀତରାତି ବଢ଼ିଲେ ହାତଗୋଡ଼ ହେମାଳ ;
ଉଠ୍ଢେଇ କଡ଼ରୁ କେହି ହାତ ଧରିଲେ ଉଠନ୍ତି ବିଛଣାକୁ;
ଦୁଃସ୍ୱପ୍ନରେ ଧଡ଼୍‌କରି ଖୋଲିଯାଏ ପଟେ ପଞ୍ଜରା କାଠି
ବାବନା ଭୂତ ନା ଗଧିଆ ଗଣ୍ଡେ ଗଡ଼ିବୁଲନ୍ତି ଅନ୍ଧାରରେ;
ଅଥଚ ଦୁଆର ଫାଙ୍କରୁ ଦେଖିଲେ ଉନ୍ନିଦ୍ର ଧ୍ରୁବତାରା ।

ଅନେକ ବୁଢ଼ାଲୋକ ଘୁଷୁରି ହେଉଥାନ୍ତି ଖରାଦିନେ-
ପବନ ଖାଇବା ପାଇଁ ଫତେଇ ପିନ୍ଧି ଚାଲିଥାନ୍ତି ପଡ଼ିଆରେ;
ସମୁଦ୍ର କୂଳରୁ ଘରଯାଏଁ ସାଙ୍ଗରେ ଥାଏ ନାତିଟୋକା;
କେବେ ଖରା ମଉଳିବା ଆଗରୁ ଖପୁରୀତଳ ଝିମ୍‌ଝିମ୍
ଦିଗ୍‌ବଳୟର ଆକାଶ ଧୂମାଭ ଓ ପାଣ୍ଡୁର,
ଆଖିପତାରୁ ନିଗିଡ଼ି ଆସୁଥିବା ଝାଳରେ କ୍ରୁଶବିଦ୍ଧ ସୂର୍ଯ୍ୟ ।

ଅନେକ ବୁଢ଼ାଲୋକ ହନ୍ତସନ୍ତ ହୁଅନ୍ତି ବର୍ଷାବିପ୍ଳାତରେ
ଧାତୁପାତ୍ରରେ କଫ, ପାନକୋରାରେ ଆଉ ପବେ ଦୋକ୍ତା
ଝଡ଼ ଚିର୍କିରେଇଲେ କାମତୁଣି ବଢ଼ାଇଦିଏ ଆଉ କପେ ଚା'
ନା ବିଜୁଳିକୁ ଡରେ ଚଷମା, ବଜ୍ରକୁହାଟକୁ ବାରହାତି ପାଗ;
ଘରକୋଣେ ଆଖି ବୁଜି ବସିଲେ ନାତ ମାରେ ବେଙ୍ଗ
ଦ୍ୱିତୀୟ ପକ୍ଷ ଠା' ପାଇଁ ଡାକିଲେ ନିଦ ଭାଙ୍ଗେ ଓ
ଶୁଆଟିଏ କହେ, "ଏଇ ଯେ ବୁଢ଼ାବାବୁ !"

♥ ବାଟଘରସାହି, ରାଜନୀଳଗିରି
ବାଲେଶ୍ୱର-୭୫୬୦୪୦, ଫୋନ: ୯୩୩୭୩୭୮୮୫୮



▲ କବି ପ୍ରହରାଜ ସତ୍ୟନାରାୟଣ ନନ୍ଦ
● ଫଟୋ ସୌଜନ୍ୟ : ପ୍ରଶାନ୍ତ ମିଶ୍ର

# କମାରଶାଳ

**ହର ପ୍ରସାଦ ଦାସ**




▲ ଚିତ୍ର : ଶିଳ୍ପୀ ରାଜଶ୍ରୀ ମହାପାତ୍ର

କେହିମତେ କେବେ ପଚାରିନି ମୁଁ କଣ ଚାହେଁ
ଭୋର ଭୋର ମୁଁ ଆଁଚ ହୋଇଉଠେ
କୁହୁଳି କୁହୁଳି କୋଇଲା ମୋର ଆଉ ସମ୍ଭାଳି ପାରେନି
ଜାବୁଡ଼ି ଧରେ ନିଆଁକୁ
କହେ : ନେ, ଖାଇଯା ମତେ, ତରଳେଇ ଦେ ପିଣ୍ଡ,
ଉଡ଼େଇ ଦେ ବାଷ୍ପ କରି, ବାଣ୍ଟି ଦେ ବ୍ରହ୍ମାଣ୍ଡରେ !
ମୁଣ୍ଡ ହଲାଏ ରଡ଼ ନିଆଁ, ଆଖି ବୁଜିଦିଏ ଲୁହା !

ଆଁଚକୁ ହାୱା କରି ଉସ୍କାଉଥିବା
ମୋର ହାତ ଏଥର ହାତୁଡ଼ି ଧରେ, ଗଢେ ଆକାର
ତମେ ତାକୁ ଅର୍ଥ ଦିଅ ମୋ ଆତ୍ମା, ମୋ ମାଲିକ, ମୋ ସୌଦାଗର, ମୋ ଖରିଦ୍ଦାର,
ଇଏ ଛୁରୀ, ଇଏ ଖଣ୍ଡା, ଇଏ କାତି,
ଇଏ ନଳୀ ବନ୍ଧୁକର,
ଇଏ ଛର୍ରା, ଇଏ ଗୁଳି,
ଇଏ କାଟିବାର, ଇଏ ଖୋଳିବାର, ଇଏ ଭେଦିବାର !

କେହି ମତେ କେବେ ପଚାରିନି
ମୁଁ କଣ ଚାହେଁ
ମୋ ଭିତରେ ନିଆଁ, ମୋ ଭିତରେ ଲୁହାପଥର
ପରସ୍ପରକୁ ଜାବୁଡ଼ି ଧରି ସେମାନେ
ଗଢ଼ି ବି ତ ପାରିଥାନ୍ତେ
ଗୋଟେ ଦମ୍ଭିଲା ଅଣ୍ଟା, ଯୋଡ଼େ ବାହୁ ପାରିବାର,
କେବଳ ଭଲପାଇବାର ଯୋଡ଼େ ନିରସ୍ତ୍ର ହାତ,
ଗୋଟେ ଅଭେଦ୍ୟ ଆଲିଙ୍ଗନ,
କାହିଁ କେଉଁ ଦୂର ଦିଗନ୍ତରେ ନିବଦ୍ଧ
ଅଶ୍ରୁଳ ଆଖି ଯୋଡ଼ିଏ ଅପେକ୍ଷାର,
ଗୋଟେ ବାଟ, ଗୋଟେ ଘର,
ଗୋଟେ ଛଳଛଳ ମାଲିକାନା
ଆଞ୍ଜୁଳାଏ ଜଳ ଭଳି ପଡ଼ିଥିବା ହୃଦୟର,
ଗୋଟେ ଈଶ୍ୱର ଅସହାୟର !

କିଛି ନହେଲେ ବି ପିନ୍ଧେଇ ତ ପାରିଥାନ୍ତି
ଏ ସନ୍ତୁଷ୍ଟ ସୁନ୍ଦର ପୃଥିବୀକୁ
ମୋ ହାତଗଢ଼ା
ଟିକେ ପୋଲା, ଟିକେ ଟୋଲା, ଟିକିଏ ଚେପଟା, ଟିକିଏ ଢୋଲା
ଗୋଟେ ବେଢଙ୍ଗିଆ ପ୍ରଶ୍ନଚିହ୍ନର
ଅଳଙ୍କାର,
ଶୃଙ୍ଖଳ ପକେଇ ଅଟକେଇ ତ ପାରିଥାନ୍ତି
ଅସଂଖ୍ୟ ଅସ୍ତ୍ରଧାରୀଙ୍କ ଦୃପ୍ତ ଅଭିଯାନକୁ ଆଉ ଘଡ଼ିଏ !

♥ ବାଗର୍ଥ, ଏନ୍‌-୨/୨୬, ଆଇଆର୍‌ସି ଭିଲେଜ୍‌, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
ଫୋନ:୯୪୩୭୦୩୯୮୫୮



▲ କବି ହର ପ୍ରସାଦ ଦାସ



ଚିତ୍ର : ଶ୍ରୀ ନିତ୍ୟାନନ୍ଦ ଦାଶ

# କିଛି ଛାଡ଼ି ଆସିନାହିଁ

ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର

ସବୁ ଅନୁଭବ ନେଇ ଆସିଛି ସାଙ୍ଗରେ
ଶାନ୍ତି ନିକେତନ
କୁହୁଡ଼ିଆ ମେଘୁଆ ମେଘୁଆ ଦିନ
ମାଧବୀ ଫୁଲର ଋତୁ
ସୁନାରୀ, ସପ୍ତପର୍ଣ୍ଣି
ବାସ୍ନାର ସକାଳ ।

କେଉଁ ଅନ୍ୟମନସ୍କ କବିର
ଅଧାଲେଖା ହସ୍ତାକ୍ଷର
କେଉଁ ଆନମନା ଶିଳ୍ପୀର
ଉଦାସ ସ୍ୱାକ୍ଷର ।

ଆସିଲା ବେଳେ
କିଛି ଛାଡି ଆସିନାହିଁ
ସବୁ ନେଇ ଆସିଛି ସାଙ୍ଗରେ ।

ଝୁରୁଝୁରୁ ବାସ୍ନା ଡେଣାରେ ଧରି
ଉଡି ବୁଲୁଥିବା ପକ୍ଷୀଟିର
କାତର ଚାହାଣୀ ।
ରବୀନ୍ଦ୍ର ଭବନର
କାନ୍ଥକୁ କୋଳେଇ ଧରି
ଧୀରେ ଧୀରେ ଆଖି ଖୋଲୁଥିବା
ଛୁଆ ଗୁଣ୍ଡୁଚିର ଚଂଚଳ ଆଖିପତା
କିଛି ଛାଡ଼ି ଆସିନାହିଁ

ମୋ ଜାଣିବାରେ ।
ତଥାପି ମନେହୁଏ ବେଳେବେଳେ
ରବୀନ୍ଦ୍ର ସଙ୍ଗୀତର କୋମଳଗାନ୍ଧାର ସ୍ୱର
ଯାହା ସ୍ମୃତିର ଦର୍ପଣ ହୋଇ
ମୋ ଛାତି ତଳ ସିନ୍ଦୁକ ଭିତରେ
କାରଣେ ଓ ଅକାରଣେ
ନଡ଼ାଚଡ଼ା କରେ ।

ଆସିଲା ବେଳେ ତ ସବୁ ନେଇ ଆସିଥିଲି
ତଥାପି କେମିତି କେଜାଣି
ହଜିଗଲା ମୋ ପ୍ରିୟ ବାନ୍ଧବୀ
ଦମୟନ୍ତୀର ଚିଠି !
ଚିଠିରେ ଖୋଦିତ ଥିଲା ତା ହସ୍ତାକ୍ଷର ଠିକଣା
କେଉଁ ସୁଦୂର ନୀଳ ସମୁଦ୍ରରେ ଘେରା
ଅଳେଇଚ ଲବଙ୍ଗ ଦ୍ୱୀପର ଦେଶ ମରିସସ୍ ।
ଯେଉଁଠାରେ ଦମୟନ୍ତୀ
ବାରହାତ କେଶକୁ ଫରୁଆରେ ବନ୍ଦ କରି
ଅପେକ୍ଷା କରିଛି କେଉଁ ଅନାଦି କାଳରୁ
ଦିନେ ନା ଦିନେ ବୋଇତ ଲାଗିବ ଆସି
ମରିସସ୍‌ର ଏକ ଅଜଣା ଦ୍ୱୀପରେ ।

କେହି ଜଣେ ତା ପିଲାଦିନ ନାଁ ଧରି ଡାକିବ ହୁଏତ
ଦମୟନ୍ତୀ ଦୂର ନୀଳ ଆକାଶର ଶୁକ୍ରତାରା
ସମୟ ଏମିତି ଦିନେ ସରିଯାଏ
ଶାନ୍ତିନିକେତନ ଆପେ ଆପେ
ଘୁଂଚିଯାଏ ପଦ୍ମପରି ଦୂରକୁ ଦୂରକୁ ।
ଧରିବାକୁ ଚେଷ୍ଟା କରି ଧରିହୁଏ ନାହିଁ ।
ରବୀନ୍ଦ୍ର ସଙ୍ଗୀତର ଧୂନ୍ ପରି
ମଧୁର ମଧୁର ଲାଗେ
ସ୍ୱପ୍ନମୟ ସ୍ମୃତିମୟ ଶାନ୍ତିନିକେତନ ।



ଫଟୋ : ଡ. ମନୋରମା ବିଶ୍ୱାଳ ମହାପାତ୍ର

ପ୍ରୀତମପୁରୀ, ୧୨୫, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୭୫୧୦୧୩
ଫୋନ୍:୯୪୩୭୦୧୧୦୦୩



▲ ଚିତ୍ର : ଶିଳ୍ପୀ ସସ୍ମିତା ସାହୁ

# ନିଜ ଖବର ନେବାର ସମୟ

**ଅମରେନ୍ଦ୍ର ଖଟୁଆ**

ଜୀବନ, ଏଇ ମଣିଷ ଜୀବନ ।
ଏମିତି ନିର୍ଜନତାର କାରଣଶୂନ୍ୟ ମୁହୂର୍ତ୍ତଙ୍କୁ
ରମଣୀୟ କଲା ଭଳି
ଓହ୍ଲେଇ ଆସେ ଶହ ଶହ ଅସମାପ୍ତ ଗୀତ
ପ୍ରେମର, ପ୍ରାର୍ଥନାର, କୃତଜ୍ଞତାର ଓ ବାଟ ଖୋଜିବାର ।

ଏମିତି କୃତଜ୍ଞତାମୟ ଚାରିପାଖରେ କୋଳାହଳ ସହ
ଛାଇଯାଏ ପରିଚିତ ଦୃଶ୍ୟସବୁ,
ଗର୍ଭବତୀ ବାଦଲର, ଅପରାହ୍ନର ସୁନା ଆଉଟା
ସୂର୍ଯ୍ୟାସ୍ତର, ତମ ହସରେ ନୁଚିଥିବା ସମ୍ମୋହନର
ଇନ୍ଦ୍ରଧନୁର ନାଚର ।

ସାଧାରଣ ନଥାଇ ଯାହା ଅସାଧାରଣ ପଛରେ
ଶିଶୁ ପରି ଚାଲୁଥାଏ ତାହା ନିଜର ସ୍ୱପ୍ନ ଓ
ଆକାଂକ୍ଷା । ଏହା ବିନା ଜୀବନର କଣ ଅର୍ଥ ଥାଏ ?
ଜୀବନକୁ ଜୀବନ ଭଳି ବିତାଇବାର ଗୀତରେ
ସବୁ ଥାଏ । ଆତ୍ମାର ନିଜପଣରେ
କାହାଣୀ ଅନେକ, ବିଭିନ୍ନ ପ୍ରକାରର, ଅଲଗା
ଅଲଗା ଅଭିଜ୍ଞତାର ।


ତା ଭିତରେ ନିଜ କାହାଣୀକୁ ନିଜ ପାଖରେ ଗୃହୀତ
ଓ ଅନ୍ୟଙ୍କ ପାଖରେ ପରିଚିତିର ନିକଟତମ
ନିଜପଣରେ ପହଂଚାଇବାର ସଂଯୋଜନା ଇ
ଏ ଜୀବନର ଖେଳ, ଜୀବନଯାପନର ଚିରକାଳ,
ସଂପର୍କର ମୂଲ୍ୟବାନ ଆବିଷ୍କାର ।

କୋଉଠୁ ଆସିଲ, କେମିତି ନିଜ କାରଣ ଖୋଜାରେ
ବଂଧୁତା, ପ୍ରେମ, ଯଶଲାଭର ପ୍ରକାଂଡ ବଜାରରେ
ନିଜ ପାଇଁ ସ୍ଥାନଟିଏ ଖୋଜିଲ ଓ ପାଇଲ,
କେତେ ସବୁ ଛାତି ଭିତରୁ ଏମିତି ଭାଗ୍ୟର
ସଡ଼କ ଚଲାରେ ହଜାଇଲ,
ଆତ୍ମଜୀବନୀ ନଲେଖି ସଂସାରର ସାଧାରଣ
ସୁଖଦୁଃଖରେ ସମୟ କଟାଇବାର ବିବରଣୀକୁ
ନିଜ କାହାଣୀ ବନେଇଲ !

ସକାଳ ସଂଜ, ଆଲୁଅ ଅଂଧାର, ସୁଖଦୁଃଖ
ଏମିତି ଦିନଦିନର ପରୀ କଥାରେ
ସମସ୍ତଙ୍କୁ ନିଜର କରିବାର ସୀମିତ ପଣରେ
ବିତିଲା ନିଜର ଅସ୍ଥିର ସମୟ, ସ୍ଥିରତା ସ୍ଥାନ ନେଇ ।
ସମସ୍ତଙ୍କୁ ନିଜର ନକରିପାରିଥିବାର ବ୍ୟତିକ୍ରମରେ
ବଦଳିଗଲା ସ୍ଥିତିର ଠିକଣା ।

ଏବେ ଖବର ମତେ ଦିଅ କେମିତି ଖୁସି
ରଖିବ ମୋର ଯାଯାବର ଠିକଣା ଶୂନ୍ୟ
ସିଦ୍ଧ ସମୟହୀନ ଏଇ ମଣିଷକୁ
ନିଜର ହେବାରେ, ନିଜ ପାଇଁ ଛୋଟିଆ ଗୀତଟିଏ
ଗାଇ ନିଜ ସାମ୍ନାରେ ପୁଣି ଜୀବନ ଯୁଦ୍ଧର
ଯୋଦ୍ଧା ବନୁଥିବାର ଚମତ୍କାର ଅଭିନୟରେ !

♥ ଏନ-୧୯୪, ଗ୍ରେଟର୍ କୈଳାଶ-୧
ନୂଆଦିଲ୍ଲୀ-୧୧୦୦୪୮
ଫୋନ:୯୯୧୦୯୦୭୯୯୯



▶ ଫଟୋ : ଅମରେନ୍ଦ୍ର ଖଟୁଆ



▲ଚିତ୍ର : ଶିଳ୍ପୀ ରାଜଶ୍ରୀ ମହାପାତ୍ର

# ମନେ ନାହିଁ ?

## ମମତା ଦାଶ

ତମେ ମନେ ରଖିଲ ନାହିଁ
ମୁଁ ଯେତେ ସୁର ଉଠାଇଥିଲି
ହାର୍‌ମୋନିଅମ୍‌ରେ
କିମ୍ବା ଆଉ ଯେତେ
ଲୁଚାଇ ରଖିଥିଲି ମୋର ଦୀର୍ଘ ନିଃଶ୍ୱାସରେ ।
ମୁଁ ଯେତେ ଶବ୍ଦଙ୍କୁ ଅକୁହା
ରଖିଥିଲି ଆମ ଜୀବନର
ନିଷ୍ଫଳ କ୍ଷେତ ସବୁଙ୍କୁ
ସବୁଜ କରିଦେବା ପାଇଁ ।

ମହୁମାଛି ଠାରୁ ଚୋରାଇ ଆଣି
ମହୁ ଓ ପରାଗ ମୁଁ ମିଶାଇଥିଲି
ଆମ ଗୋପନ ସୁଖର ସୁବାସରେ
ବେଳେ ବେଳେ ପରସ୍ପରକୁ
ଦେଖାଇବା ପାଇଁ ।

ତମେ ମନେ ରଖିଲ ନାହିଁ,
ଭୁଲି ଗଲ ବି ତମେ
ଆମେ ପରସ୍ପରକୁ ଦେଇଥିବା ପ୍ରଗାଢ
ଚୁମ୍ବନର ଲାଳ ଓ ଲୁହକୁ,
ସେସବୁ ଦିନେ ମଧ୍ୟାହ୍ନ ଖରାରେ ପଡି ଶୁଖିଗଲେ,
ଫେରି ଆସନ୍ତୁ ବୋଲି
ତୁମେ କେବେ ବି ଚାହିଁଲ ନାହିଁ ।

କିଏ ବା କଣ ମନେ ରଖିଲା ?
ଥରେ ମୋର ପର୍ସ ଚୋରି କରି
ଧରା ପଡିଥିବା ସନିଆ
ମୋ ସ୍ନେହରୁ, ମୋର କୋଳରୁ ଉଠି
ପୁଣି ପହଁଚିଗଲା ଥାନାରେ ।

ସମୁଦ୍ର ପାଣିରୁ ଉଠାଇ ଆଣିଥିବା
ସୁଶୀଳା ପୁଣି ଶହେଟି ନିଦ ବଟିକା
ଖାଇ ମରିଗଲା, ମୋ ପାଖକୁ ନୋଟ୍ ଲେଖିଥିଲା
‘ବଞ୍ଚିବି ବୋଲି ତ ମୁଁ କଥା ଦେଇନଥିଲି ଆଣ୍ଟି ।’

କଥା ଦେବାନେବା ତ ଦୂରର କଥା ।
ମୁଁ ଚାଲୁଥିବା ବାଟକୁ ଜାଣି ଜାଣି କି ଅଜାଣତରେ
ଭୁଲି ଗଲେଣି ପୃଥିବୀର ସବୁ ଆପଣା ପଣ ।

ତା ବୋଲି ତମେ ବି ? ଯାହା ବ୍ୟତୀତ
ମୋର ହସିବାର କାରଣ ନାହିଁ
କାରଣ ନାହିଁ ଦୁଃଖ ଭୋଗିବାର
ବ୍ୟର୍ଥ ମୋର ଆଗ୍ରହ, ପ୍ରଶ୍ନ ପଚାରିବା ପାଇଁ,
ବ୍ୟର୍ଥ ମୋର ଆକାଶକୁ ଲମ୍ଫ ମାରି
ପୁଣି ଓହ୍ଲାଇ ଆସିବାର ଅଲୌକିକତା
ତମ ବ୍ୟତୀତ ...
ତମେ ପାଶୋରି ଗଲ ଏସବୁ ବି
ଏତେ ସହଜରେ ?

ମୋର କାହିଁକି ଏତେ କଥା
ମନେ ରହିଯାଏ ବୋଲି
ତୁମେ କେତେ ଥର ପଚାରୁଥିଲ ସତେ,
ମୋ ଓଠକୁ ହଲାଇ ଦେଇ,
ମୋର ଆଙ୍ଗୁଠିଙ୍କୁ ପାପୁଲିରେ
ଚାପି ଧରି ପଚାରୁଥିଲ,
ମୋ ଶାଢ଼ି ପଣତରେ
ମୁହଁ ପୋଛି ପୋଛି ପଚାରୁଥିଲ,

ମୋର ନିରୁତ୍ତରତାର କାରଣ ବି କଣ
ତୁମର ଆଉ ମନେ ନାହିଁ ?

♥ ୪୦୫, ଅର୍କିଡ଼୍ ପ୍ରାଇଡ,ଶ୍ରୀରାମ ନଗର
ସାମନ୍ତରାପୁର, ଭୁବନେଶ୍ୱର-୭୫୧୦୦୨, ଫୋନ: ୯୪୩୮୧୦୬୩୧୭



▲ଚିତ୍ର ମମତା ଦାଶ

# ରାବଣ


## ସେନାପତି ପ୍ରଦ୍ୟୁମ୍ନ କେଶରୀ




▲ ଚିତ୍ର : ଶିଳ୍ପୀ ଦିଶିତା ପାତ୍ର, ଷ୍ଟାଣ୍ଡାର୍ଡ୍ ସେଭେନ୍

ଆଜି ସଂଜରେ ଭୋକର ଚିତ୍ର ଥିଲା ଅଦ୍ଭୁତ
ଘରେ ନଥିଲା ଚାଉଳ
ମାସ ଶେଷ...ପକେଟ୍ ଶୂନ୍ୟ
କାମରୁ ଫେରିଲା ପରେ
ଭୋକ ବଢ଼ି ବଢ଼ି ଗରମ କରୁଥିଲା ମୋର ମଗଜ !

ଭୋକର ଦାଉ ସହି ହୁଏନା
ଏ କଥା କେବଳ ବୁଝିପାରେ ଜନମ ଦେଇଥିବା ମା' ।

ଜୀବନରେ ଅନେକ ଭୋକିଙ୍କର ଭୋକ ସାଥିରେ
ଲଢେଇ ଦେଖିଲା ପରେ
ଚେଷ୍ଟା କଲି ନିଜକୁ ଢ଼ାଳିବା ପାଇଁ ସେଇ ଛାଞ୍ଚରେ
ହେଲେ ପାରିଲି କୋଉଠି
ଭୋକକୁ କଣ କେହି ସହଜରେ ଜବତ କରିପାରେ ?

ଖବରକାଗଜ ପୃଷ୍ଠାରେ
ଯାହା ସବୁ ଲୋକଙ୍କ ପଢିବା ପାଇଁ ଛପାଯାଏ
ସେଥିରେ ପ୍ରକୃତ ଭୋକିଙ୍କର ପେଟ କଥା ନୁହେଁ,
ଥାଏ ଅଲଗା ପ୍ରଚାରର ଗନ୍ଧ ।

ଦେଉଳ ଭିତରେ ବସିଥିବା ଦିଅଁସବୁ
ଭୋଗ ନପାଇଲେ ହୁଏତ ଭୋଗୁଥିବେ ଏମିତି କଷ୍ଟ



▲ ଛବି ସେନାପତି ପ୍ରଦ୍ୟୁମ୍ନକେଶରୀ

ଖଟିଖିଆଙ୍କ ନିଶ୍ୱାସରୁ ବାହାରି ଆସୁଥିବା ତତଲା ପବନର ତାତି
ଜଳରେ ବିସର୍ଜିତ ମୂର୍ତ୍ତିର ଛଣ ଛାଞ୍ଚ ବି ବୁଝୁଥିବ
କାରଣ ସେ ଜାଣେ,
ବାହା କାମ ସରିଲେ ପୋଡି ଦିଆଯାଏ ବେଦି ମୁହଁ !

ଯେମିତି ଗରିବମାନଙ୍କୁ ପ୍ରଥମେ ମା ବାପ
ଭାଇ ଭଉଣୀ ପରି କାନ୍ଧରେ ବସାନ୍ତି କମ୍ପାନୀ ଲୋକ
କାରଖାନା ପାଇଁ ଜମିବାଡ଼ି ଘର ଡିହ ସବୁ ହାତେଇଲା ପରେ
ସେମାନଙ୍କୁ କ୍ଷୀରରୁ ମାଛି ପରି କାଢି ଫିଙ୍ଗି ଦିଆଯାଏ
ଧୀରେ ଧୀରେ ଅସ୍ତିତ୍ୱ ହରାଉଥାଆନ୍ତି କେତେ କେତେ ପୁରୁଣା ଗାଁ ।

ଏବେ ସାରା ସଂସାର ନତମସ୍ତକ ଅସଂଖ୍ୟ ମୁଣ୍ଡଧାରୀ
କମ୍ପାନୀ ଆଗରେ
ଯେଉଁଠି ନେତା ମନ୍ତ୍ରୀ ଓ ଗଣମାଧ୍ୟମର ଲୁହସବୁ
କଟା ଘାଆ ଉପରେ ଲୁଣ ଛିଟା ପରି ଲାଗେ ।


♥ ସାଇ ସର୍ଜନା, ଜଗନ୍ନାଥ କଲୋନୀ
ବାଲିକୁଦା, କଟକ-୭୫୩୦୧୧
ଫୋନ :୬୩୭୧୫୨୩୫୯୮



▲ ଚିତ୍ର : ଶିଳ୍ପୀ ଶିଖା ସ୍ୱରୂପା ନାୟକ

# ଜାଣିଥା' ଭାଇ

## ପୀତାମ୍ବର ତରାଇ

ଏଣିକି ଯାହା କହିବ, ବୁଝି ବିଚାରି ଅଡୁଆ ସୂତାର ଖିଅ ପରି
ତୁଣ୍ଡରୁ କଥା ଛାଡ଼ ।

ଜାଣିଥା' ଭାଇ ! ଆଜି ଖାଲି ବାଟଘାଟ
ହାଟ ବଜାର, ଛକ ଜାଗା
ସଭାଘର ଯାଏଁ ଯେତେ ଯାହା କୁହ
ମୋ ଛୋଟ ମତରେ ଜମା ନିରାପଦ ନୁହଁ ।

ଜଗିରଖି କଥା ପଦେ କହିଛ ତ ଭଲ
ନହେଲେ ଭୂମିହୀନକୁ ପଟ୍ଟା
ଖାଦ୍ୟ ପାଇଁ କାମ, ରିଲିଫ୍ ଚାଉଳ
ପିଲାଙ୍କୁ ମଧ୍ୟାହ୍ନ ଭୋଜନ, ଉପରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ
ହାତ ପଇଠ ହେବାକୁ ସାତ ସପନ
ଝାଇଁ ମରିଯିବ କପାଳ ।

ମୋରି କଥାରୁ ଜାଣ, ଗରିବ ଦେଶରେ ଥାଇ
ଗରିବ ତାଲିକାରେ ନାଁ ଚଢ଼ିବ
ତଳିହାତ କରି ଦେଲି ଦି'ଶ
ଦେବା ପର ଠାରୁ ଦିନ ଗଣୁଛି, ସୁନା ସରିସରି
ସପନର ଲଟେରୀ ଉଠିବ, ପକ୍କାଘର ଇନ୍ଦିରା ଆବାସ
ପିତୃଅର୍ଜିତ ଗୁଣ୍ଡେ ବୋଲି ଡିହ ଉଜ୍ଜ୍ୱଳ ଦିଶିବ ।

ଏଇ ଆଶା ତ ମୋ ତୁଣ୍ଡରେ ପଘା
ଗୋଟେ ଖୁଣ୍ଟରେ ଯେମିତି ମୁଁ ବନ୍ଧା ହୋଇଛି ବଳଦ
ଛୋଟ ମୁହଁରେ କେଉଁ କହି ପାରୁଛି ଯେ

ଗୋ-ଖାଦ୍ୟ, ଧାନମଞ୍ଜି, ଜମି ହଡ଼ପ କଥା
ହଁରେ ଭାଇ, ଏସବୁ ଉଚ୍ଚକୁଳର କଥା ।

ପୁରୁଷ ପୁରୁଷ ଧରି ମାଟି ଭିତରେ ଗଛର
ଶେଷ ଅଂଶ ଚେର ପରି ଉଚ୍ଚକୁଳ
ସେଠି ତମ ଆମ ପରି ଲୋକବାକର
ସିଧା ସଳଖ କୋଦାଳ ଚୋଟ
କଡ଼ାକଥାର କୁହାଟ, ରକ୍ତର ତାକତ
କେବେ ପହଞ୍ଚିଲାଣି ନା ପହଞ୍ଚିବ !

ବୁଝିଲ ଭାଇ ! ଚେର, ମୂଳ, ଡାଳ, ଡେଙ୍ଗ
କାଳେକାଳେ ଗୋଟେ ପାଖ ଆଉ ଗୋଟେ ପାଖ
ତୁଚ୍ଛ ପତର ପରି ଛତରଖିଆ
ଏଇ ଆମ ଶାଗପେଜର ଜୀବନ
କିବା ଦିନ କିବା ରାତି ଗାଉଥାଏ ଭୋକର ଜଣାଣ
ଏହାଛଡ଼ା ଜାଣିଛେ କଅଣ ।

ଇଏତ ଆଜିକାଲିର କଥା ନୁହଁ, ବାପା, ଅଜା, ଅଣଅଜା
ଅମଳରୁ ତୁମ ଆମ କପାଳରେ
ଗୋଟେ ବୋଲି ଭାଗ୍ୟ
ଅର୍ଜିଲେ ଆଠଅଣା ଶୁଝିବାକୁ ଥାଏ ବାରଅଣା
ଜାଣି ପାରୁନା କି ଭାଇ ! ଏଥର ଜାଣ
ଏନ୍ତୁଡ଼ିଶାଳ, ଶ୍ମଶାନରେ ପାଦେ ଭୂଇଁ ପାଇଁ
ବନ୍ଧା ପଡ଼ିଛି ଭ୍ରୂଣ ରୋପଣର
ଦିନ, ବାର, ତିଥି, ଆଗତ ବଂଶର ଲୋଡ଼ିବା ପଣ
ଇହକାଳ, ପରକାଳର ଆୟୁଷ, ମୁହଁ ଟାଣ ।

ଇଏ ନିଶା ପାଣିର କଥା ନୁହଁ
ହାଡ଼, ମଂଜର, ମଥା ଶିକର, ରକତ ପାଣି ହେବାର
ଜାଣ ହେ ଭାଇ ! ବୁଝି ବିଚାରି ଜଗିରଖି ତୁଣ୍ଡରୁ କଥା ଛାଡ଼
କର, କପାଳ, ବୁଦ୍ଧି, ବିବେକର ବେଘର ସଜାଡ଼ ।

♥ ଅଶ୍ରୁନୀଡ଼, ମଙ୍ଗରାଜପୁର, କୁଜଙ୍ଗ
ଜଗତସିଂହପୁର-୭୫୪୧୪୧
ଫୋନ:୯୪୩୭୧୬୩୪୨୧



▲ କବି ପୀତାମ୍ବର ତରାଇ

# ଧରାବତରଣ

## ଅଜୟ ପ୍ରଧାନ



ଚିତ୍ର : ଶିଳ୍ପୀ ରାଜଶ୍ରୀ ମହାପାତ୍ର

ଚିହ୍ନେଇଦିଏ ଆପଣଙ୍କୁ ପ୍ରଥମେ
ଇଏ ଜୀବନ,
ସର୍ବତ୍ର ବିଦ୍ୟମାନ ଓ ବିଶେଷ ବିଦ୍ୱାନ
ଇଏ କାମ,
ସମୟୋପଯୋଗୀ ଓ ସୁଂଦର
ଠିକ୍ ତାଂକ ପଛରେ ଯିଏ
ସିଏ କୋର୍ଟ ପ୍ୟାଂଟ୍ ଟାଇରେ ସ୍ୱୟଂ ଭଗବାନ
ଯାହାଂକର ନା ଅଛି ମଠ ନା ମନ୍ଦିର
ନା ମସ୍‌ଜିଦ୍ ଗୀର୍ଜା ବା ଗୁରୁଦ୍ୱାର
ଛାୟାପ୍ରଦାୟକ, ପ୍ରାଚୀନ ଗ୍ରନ୍ଥାଗାର
ଏମାନଂକୁ ନେଇ ମୋର ପରିଚୟ
ଏକା ରହି ପାରେନା ଯେଣୁ ସ୍ୱପ୍ନ
ତେଣୁ ମୋତେ ଧରିପାରଂତି ସାଧାରଣ ଠୁ
ଅତି ସାଧାରଣ !
ମୋ ଭଲପାଇବା ଓ ଭୁଲିଯିବା ଏକଦମ୍ ସମାନ
ମୁଁ ଏକ ପଡ଼ାହୀନ ସତ୍ତା ସଦା ପ୍ରବହମାନ
ଚତୁବର୍ଣ୍ଣ ବାହାରେ ଗୋଟେ ବର୍ଣ୍ଣ ମୁଁ
ସୁବର୍ଣ୍ଣ !

ଭୁଲ୍ ହେଇପାରେ ଆଗକୁ ଆଗକୁ
ତ ଜଣେଇଦେଲି ଆପଣଂକୁ ଏବେଠୁ
କାରଣ, ଗଣିଲେ ଏକଦୁଇତିନି କରି
ତିନିକୁ ତିନିହେଁ – କେହି କମ୍ ନୁହେଁ – ଚୁପ୍ ସୈତାନ୍
ଏମାନେ ନୁହଂତି କାହାର ଏମାନେ ସମସ୍ତଂକର
ଅଥଚ ଏମାନଂକ ସ' କଟିଗଲା ମୋର ବର୍ଷବର୍ଷ ,
ମୁଁ ନାଚାର !

'ବିଶ୍ୱାସ ବଡ଼କଥା' କହିଯାଇଚି ଯୋଉ ଲୋକ
ସିଏ ମଥାତିଳକ :
ମୁଁ ନହେଲେ କେମିତି ପାରିହେଲି
ସାତସମୁଦ୍ର ସତର ଶ' ନଈ ?
କେମିତି ପାଣି ଉପରେ ଠିଆ ହେଇ ତୋଳିଲି ପଦ୍ମ
କେମିତି ମେଘଂକ ପିଠିରେ ବସି ବୁଣିଲି ଧାନ
ପତ୍ରଂକ ପିଠିରେ ଧାନ କଲି ପାଣିଟୋପା ହେଇ
ପୋକଖିଆ ଡାଳରୁ କଲି ଅଜସ୍ର ଅଂକୁରଣ ,
ଏଇମାନଂକ ପାପୁଲିର ଛାତ ତଳେ
ମୁଁ ଭୋଗିଲି ଅକ୍ଷରଂକ ଅଜସ୍ର ଆଲିଂଗନ !

ଜାଣିଲେ ତ ରହସ୍ୟ ମୋ ମାନବ ଅବତାରର
ବୁଝିଲେ ତ ମୋର ବଂଶ ଓ ପରିବାର
କହଂତୁ, ଲାଜ ଛାଡ଼ି ଏଥର
କି ସେବା ମୁଁ କରିପାରେ ଆପଣଂକର !

ନମସ୍କାର ।

ଦଇତାପଡ଼ା ସାହି, ପୁରୀ-୭୫୨୦୦୧
ଫୋନ:୭୯୭୮୮୫୮୦୯୧



କବି ଅଜୟ ପ୍ରଧାନ

# ସକାଳ

## କମଳ କୁମାର ମହାନ୍ତି



▶ଚିତ୍ର : ଶିଳ୍ପୀ ବିକାଶ କୁମାର ସ୍ୱାଇଁ

କେବେଠୁଁ ଜହ୍ନ ବୁଡ଼ିଲାଣି
ମରିଗଲାଣି ବି ରାତିର ଉତ୍କଣ୍ଠା
ମୁଁ ଇଆଡ଼େ ଆଖି ମଳି ଉଠୁଛି ନିଦରୁ
ଜଣାନାହିଁ କେଉଁଠି ଅଜାଣତେ
ହୃଦୟଟା ମୋର ହଜାଇ ବସିଲି !

ଝର୍କା ଖୋଲି ଚାହିଁଦେଲି
ଫର୍ଚ୍ଚା ଆକାଶ ଆଡ଼କୁ ।
ସତରେ ଝର୍କା ବାହାରେ
ମୁକୁଳି ଗଲା କି ନିବୁଜ
ପୃଥିବୀର ନିମିଳିତ ଆଖି !
ରାତିର ଅଳସ ଭାଙ୍ଗି
ଟିକିଟିକି ତାରାଫୁଲଙ୍କ
ଆଖିମିଟିକାକୁ ଆଢୁଆଳ କରି
ଚାହିଁଲି ତ ଧୀରେ ଅପସରି ଗଲା
ଗତରାତିର କାରୁଣ୍ୟ
ଆଉ ଉଇଁ ଉଠିଲା ଅଚାନକ
ଗୋଟିଏ ତରାଟ ଫୁଲର ସକାଳ !

ବିତିଲା ରାତିକୁ ସୁମରିଲି ତ
ଆସିଗଲା ଭ୍ରୂ'ରେ କୁଞ୍ଚନ
ଏଣେ ସକାଳକୁ ପଢ଼ିନେଲି ତ
ମେଲିଗଲା ଫୁଲଙ୍କ ଆସର ।

ଫୁଲଠୁଁ ଆଖି ଫେରାଇନେଲେ କିନ୍ତୁ
ସକାଳଟା ଭାରି ଅଖବରମୟ !
ଏଣୁ ଆଖି ମୋର ଟାଣି ହୋଇଯାଏ
କେଉଁ ନିରାପଦ ଚିତ୍ରମୟତା ଆଡ଼କୁ
କାଳେ ତରାଟ ପରି ଧୋବ ଫରଫର
ବିମ୍ବମାନେ ଉକୁଟି ଉଠିବେ ଘନଘନ
ବିପୁଳ ବିସ୍ମୟର ସାମିୟାନା ଟେକି ଦେଇ
ତହିଁରୁ ସାଇତି ରଖି ଗଢ଼ିଦେବି



▶କବି କମଳ କୁମାର ମହାନ୍ତି

ମୋର ଇପ୍ସିତ ଐଶ୍ୱର୍ଯ୍ୟ !

ଆହ୍ଲାଦର ଚିରପ୍ରସବିନୀ ଋତୁଟିଏ ପାଇଁ
ମୋ' ଅଭିଳାଷର ଜୀବନ ସକାଳୁ ସଞ୍ଜ
ଚତୁର୍ବର୍ଗ ପ୍ରାପ୍ତିର ଆଶାରେ ଆକୁଳ
ପ୍ରାର୍ଥନା ବି ଜାରିଅଛି ନିରବଧି
ମୁଁ କି' ବୁଝେ ଚିରସୁଖୀ ହେବାର
ଦାୟରେ ସବୁଦିନ ଅଙ୍କଅଙ୍କ କରି
ବନ୍ଧା ପଡୁଥାଏ ବୋଲି ବିବେକ ମୋର !

ଡାକବାଜିରେ ଶୁଭିଲାଣି ଘମାଘୋଟ
ଉପ ନିର୍ବାଚନୀ କଳରୋଳ
ମୋ' ଭିତରେ ଦୁଲୁକି ଉଠୁଛି ଏଣେ
ଗୋଟେ ମହୁଆ ମଧୁବନ
ନିର୍ବାଚନ କି' ଘେନି ଆସେ ଉପାର୍ଜନ !

ଦୃଶ୍ୟପଟରୁ ଓହରିଯିବାକୁ ଇଚ୍ଛା
ହେଲେ ମୋର ବି କହିବାର ଅଛି
ନିରୁଦ୍ଦିଷ୍ଟ କାହିଁକି ହେବି !
ଏତେ ଯାକଜମକ ଭିତରୁ ସୁଯୋଗ ଉଣ୍ଡି
କିଛିହେଲେ ତ ବଖାଣି ଦେବି ।

ସକାଳଟା ଉଭଟ ହୋଇଯିବା ଆଗୁଁ
ପ୍ରେକ୍ଷାପଟରେ ନୂଆ ପ୍ରସ୍ତାବନା ଲାଗି ମୁଁ
ହୁଏତ ହଜିଲା ହୃଦୟଟା ଖୋଜି ଚାଲୁଥିବି ।

♥ ଆରସା, ତିହିଡ଼ି, ଭଦ୍ରକ-୭୫୬୧୩୯
ଫୋନ୍ : ୮୨୪୯୩୩୬୫୮୭

# ମୃତ୍ୟୁଞ୍ଜୟୀ ହେବାକୁ ଚାହେଁନି ନାରୀ

**ସୁଚେତା ମିଶ୍ର**



▲ ଚିତ୍ର : ଶିଳ୍ପୀ ଦିଶିତା ପାତ୍ର, ଷ୍ଟାଣ୍ଡାର୍ଡ୍ ସେଭେନ୍

ନାରୀ ଭୋକିଲା ରହିବାକୁ ଚାହେଁନି
ଆଇନା ସାମ୍ନାରେ କାନ୍ଦିବାକୁ ଚାହେଁନି
ଏକ୍‌ଲା ବଜାର ଯାଇ
ଖାଲି ହାତରେ ଲେଉଟିବାକୁ ଚାହେଁନି
ତାକୁ ମିଳିଥିବା ପ୍ରତିଟି ଇସ୍ତ୍ରୀକରା
ପରିଚୟର ଭାଙ୍ଗ ତଳେ ରହି ଯାଇଥିବା ଦାଗ
ସେ କେବେ ବି ଦେଖେଇବାକୁ ଚାହେଁନି ।

ରୁମାଲ୍‌ରେ ଫୁଲ ଫୁଟେଇବା ବେଳେ
କେତେଥର ଟିପରେ ଗଳିଥିବ ଛୁଞ୍ଚି
କେତେବାର ଧସିଥିବ ପାଦ
ପାଣିବାଲ୍‌ଟି ଉଠେଇବାରେ
କେତେବାର ବାଜିଥିବ ଧାସ
ନିଜକୁ ଭୋଜ୍ୟ ବନେଇବାରେ
ଏମିତି କାହିଁକି ହୁଏ ବୋଲି
ସେ କେବେ ପଚାରିନି ।

ଥରେ ନାରୀକୁ ଲାଗିଥିଲା
ଭୟ ସମ୍ବାଦପତ୍ରରେ ଅଛି
ସେ ଯେଉଁ ଯେଉଁ ଜାଗାକୁ ଯାଉଛି
ସବୁଠି ଭୟ ଅଛି
ସେ ଭୟର ଛାଇକୁ ଖୋଜିବାକୁ ଲାଗିଲା
ସେ ଛାଇ ସତ ନା ମିଛ ମାପିବାକୁ ଲାଗିଲା
ମିଛ ସତ ହୋଇ ତା ପାଖକୁ ଆସିଲା



▲ ସୁଚେତା ମିଶ୍ର

ଭୟ ନଥିବା ଜାଗାରେ ବି ତାକୁ
ଭୟ ଦୁଶିଲା ।

ତୁମ ପାଖରେ ଥିଲା ଢେର୍ ସାରା ଅସ୍ତ୍ର
ସେ ଥିଲା ବରାବର୍ ନିରସ୍ତ୍ର
ତୁମ ପାଖରେ ଥିଲା
ଗୁଡ଼ାଏ ସ୍ୱପ୍ନ ଗୁଡ଼ାଏ ପ୍ରତିଶ୍ରୁତି
ଗୁଡ଼ାଏ ରହସ୍ୟମୟ କୌଶଳ
ତା' ପାଖରେ ଥିଲା ପ୍ରତୀକ୍ଷା
କିଛି ଆନମନା କିଛି ସ୍ଥିରତା
କିଛି ଦାନ କରିବାର ଅଭୀପ୍ସା

ତୁମେ ଯେତେବେଳେ
ଆଉ ଲେଉଟିବନି ବୋଲି ସ୍ଥିର କରିନେଲ
ସେତେବେଳକୁ ସେ
ଏକ୍‌ଲା ନୌକାରେ ବସି
ଭୟର ବ୍ୟାପ୍ତିକୁ ଅତିକ୍ରମି ଥିଲା
ମୋର ମନେ ଅଛି
ତମେ ତାକୁ ପଚାରିଲ:
'ଭୟ ଲାଗୁଛି ନା ?'
ସେ ମୃତ୍ୟୁକୁ ଡୋକିଦେଇ କହିଲା:
'ନା ତ.... ।'

ନିଜ ତିଆରି ଦୃଶ୍ୟ ଭିତରେ ତମେ
ନାରୀକୁ ଅଖଣ୍ଡ ଅମର ସାଇତିଥିବା ବେଳେ
ତାର ଛୋଟ ବଡ଼ ମୃତ୍ୟୁସବୁ
ତମକୁ ଦୁଶେନି
କାହିଁକି ?

♥ ଲିଡ୍ ବ୍ୟାଙ୍କ ଲେନ୍, ପୋଲିସ୍ ଲାଇନ,
ପୁରୀ-୭୫୨୦୦୧, ଫୋନ:୯୯୩୭୧୫୯୮୯୧

# ଶାଢ଼ି


## ଚିରଶ୍ରୀ ଇନ୍ଦ୍ରସିଂ

ଚକ୍ରି କାଟି କାଟି ଆସେ
ଦଲକାଏ ପବନ,
ହଳଦିଆ ପତ୍ର, ପକ୍ଷୀପର, ଉଈମାଟି, ମଳିଛିଆ ଆଲୁଅ
ବୁଢ଼ୀଆଣି ଜାଲ, ସାପକାତି, ଝିଙ୍କ କାଠି, ଅସଂଖ୍ୟ ବୃକ୍ଷର ବୀଜ
ସବୁକୁ ଖେଳେଇ ଖେଳେଇ
ଘୂରିବୁଲେ ସାରାଟା ଅରଣ୍ୟ

ଦଲକାଏ ପବନ
ବାଲି ଛାଟି ଦେଇ
କେତେ କେତେ ପୁରାତନ କାହାଣୀର କୋମଳ ଆଖିଡୋଳାରେ
ଇତସ୍ତତଃ କରିଦେଇପାରେ, ସେ ପବନ
କଳାରକ୍ତ ନାଲିରକ୍ତ ସଂପର୍କର
ଧମନୀରେ, ଶିରାପ୍ରଶିରାରେ ।

ତୁ ବୁଝିଲୁ ନାହିଁ କାହିଁକି ଯେ
ଆକାଶ ଓ ପୃଥିବୀକୁ ଗିଳି ଦେଇପାରୁଥିବା ଝଡ଼
ପତଳା ଶାଢ଼ିଟିଏ ପିନ୍ଧି, ନିରୀହ ଭାବରେ
ଠିଆ ହେଇଥାଏ କେବେ କେବେ
ଅସୁର ଓ ଦେବତାଙ୍କ ରାଇଜର ଦୋସମାଳିରେ ।

ତୋ ଶାଢ଼ିକୁ, ମୋ ଶାଢ଼ିକୁ, ଆମ ଦୁହିଁଙ୍କ ଶାଢ଼ିକୁ



ଚିତ୍ର : ଶ୍ରୀ ସମାପ୍ତା ମିଶ୍ର

ଉଡ଼େଇ ନେଲା ପାତାଳ ଦେଶର ପବନ
କେଉଁ ଅପହଞ୍ଚ ଉଚ୍ଚତାକୁ
ଆମେ ଦୁହେଁ ଠିଆ ହୋଇଥିଲେ ନିର୍ବସ୍ତ୍ର
ଦୁହେଁ ଦୁହିଁଙ୍କୁ ଦେଖୁଥିଲେ ଏକା ଦର୍ପଣରେ
ଅଥଚ ବୁଝିଲେ ନାହିଁ
କେବଳ ଦୁଇଟି ମାତ୍ର ଶାଢ଼ି ଛଡ଼ା
ଅନେକ ବିଷୟ ଥିଲା ତର୍କ କରିବାକୁ ।

ଆଚ୍ଛା କାହିଁକି ଆମେ ଦୁହେଁ, ମୁହଁ ସଂଜବେଳେ
ଯାଇଥିଲେ ସେଦିନ ନଈତୁଠକୁ
ଯେତେବେଳେ ନିଶ୍ଚିତ ଖବର ଥିଲା,
ଆମ ପାଖରେ ଯେ
ଦିଗ୍‌ବିଜୟୀ ରାଜା ଜଣେ ଆଖେଟରେ ଆସିଛନ୍ତି
ଏକୁଟିଆ ଏକୁଟିଆ ଆମ ବନସ୍ତକୁ ।

ନ' ଯାଇଥିଲେ କ'ଣ ଚଳିନଥା'ନ୍ତା
ତୋର, ମୋର, ଆମ ଉଭୟଙ୍କର
ଭୂମି, ଭୂମିକା, ଭାବ ଓ ଭାଗ୍ୟ
ବଦଳେଇ ଦେଲା ଥାନ
ପଛକୁ ପଛ ପୁଣି ମାଡ଼ି ଆସିଲା
ଜିଘାଂସା, ଭୋଗ, ଅନିଭୋଗ, ଅଭିଶାପ ଓ ଅନାଚାର
ଗୋଟିଏ ବିନ୍ଦୁରୁ ଯାଇ ଛିଟିକି ପଡ଼ିଲେ ଆମେ
ପୃଥିବୀର ଦୁଇ ସୀମାନ୍ତରେ
ତଳକୁ ଖସି ପଡ଼ିବା ପରେ, ପାଲଟି ଯାଇଥିଲା ଶାଢ଼ି ଦି'ଖଣ୍ଡ
ଗଦାଟିଏ ଧୂଳିଭର୍ତ୍ତି, କଣ୍ଟାଳିଆ ଅଡୁଆ ସୂତାରେ ।



ଫଟୋ ଚିରଶ୍ରୀ ଇନ୍ଦ୍ରସିଂ

ଶାଢ଼ିକୁ ଛାର ମଣିବାର ଭୁଲ୍
କେହି କେବେ କରିବ ନାହିଁ
ଦେଖିଲ ତ, ଯଦି ବଦଳିଯାଏ ଥାନ
ଦଲକାଏ ପବନରେ, ପାଲଟା ଶାଢ଼ିର
କେମିତି ବଦଳିଯାଏ ଇତିହାସ, ଭବିଷ୍ୟ କାଳର ।

ୟୁ.ଏନ୍.କଲେଜ, ଅଡ଼ସପୁର, କଟକ-୭୫୪୦୧୧

# ପ୍ରେମ ପରି କିଛି

## ଡକ୍ଟର ଶୁଭଶ୍ରୀ ଲେଙ୍କା

ସେଇ ସବୁ ଦିନ ଅପେକ୍ଷାରେ
ଦିନ ସବୁ ଅସରନ୍ତି ମୋର
ବାସି ଖବରକାଗଜ ପରି ଲୋଚାକୋଚା
ମୋର ନିଃସଙ୍ଗ ବିଛଣା
ପାଖ ଟି'ପୟରେ ଖାଲି ଶୁଖିଲା ଚା'କପ୍
ଚଷମା, ଘଣ୍ଟା, ନୋଟ୍‌ବୁକ୍, କଲମ, ଅମୃତାଞ୍ଜନ
ବିଶ୍ରାମ ମୁଦ୍ରାରେ ମୋବାଇଲ୍
ଟିକ୍ ଟିକ୍ ଅକ୍ଳାନ୍ତ କାନ୍ଥଘଣ୍ଟା
ଅତନ୍ଦ୍ର ମୋର ଆଖିପତା

ଉଦାସ ଖାଲି ସମୟ ସବୁ
ଝୁଲୁଥିଲେ କ୍ୟାଲେଣ୍ଡର୍ ପୃଷ୍ଠାରେ
ଗୋଟେଦିନ ହୁଏତ ଆଉ ଏକ ଦିନର
ଅବିକଳ ଫଟୋକପି ନଥିଲା
ବିନା ଚଷମାର ଆଖିରେ ଦିଶୁନଥିଲା
ଫୁଲଦାନୀର କେବେକାର ମଉଳାଫୁଲ
ପୁରୁଣା ହିନ୍ଦୀ ସିନେମାର ବିରହ ଗୀତ
ଏକୁଟିଆ ନକ୍ଷତ୍ର ମୁଁ ଏକାଏକା
ରାତିର ଶେଷ ଟ୍ରେନ୍ ଚାଲିଯିବା ପରେ
ଖାଁ ଖାଁ ପ୍ଲାଟ୍‌ଫର୍ମ ପରି
ନିରବ ଘର, ମନ ମୋର



▶ ଚିତ୍ର : ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ

ତମେ ଆସିଥିବା ଯେତିକି
ସତ ଥିଲା ସେତିକି
ସତ ଥିଲା ଦଉଡୁଥିବା ସମୟ
ସୁନେଲୀ ସକାଳ, ଉର୍ଦ୍ଦି ଚା' କପ୍
କିଛି ଅନ୍ତରଙ୍ଗ ଉଷୁମ ମୁହୂର୍ତ୍ତ
ଗାଢ଼ ଖଇରିଆ ତମ ଓଠ
ଡ଼ାର୍କ ଚକୋଲେଟ୍ ପରି ମୋତେ
ବାର ବାର ଆକର୍ଷି ଆଣୁଥିଲା
ଚଟାଣ ସାରା ଅଭ୍ରଖଣ୍ଡ ଗୁଣ୍ଡ ପରି
ବୁଣି ହୋଇ ପଡ଼ିଥିଲା
ଚୁନାଚୁନା ହସଖୁସି, କଳରୋଳ

ଅବିଶ୍ୱସ୍ତ ପାହାଡ଼ୀ ଝରଣା ପରି
କଳକଳ ହସ
ଅଦିନିଆ ବର୍ଷା ପରି ତମ ଘନକେଶ
ଛୁଇଁଯାଏ ମୋତେ ଅଚାନକ
ଅନିନ୍ଦିତା ଅପସରା ପରି
ତମ କୋମଳ ପେଲବ ଦେହଲତା
ଅମାନିଆ ପିଲା ପରି
ତମ ଚପଳ ଉଚ୍ଛଳପଣ
ଅମରତ୍ୱ ପଥରେ
ନେଉଥିଲା ମତେ ପଲକ ମାତ୍ରକେ

କହିପାର ଗୋଟେ ଚୁମ୍ବକ ପରି
କେଉଁ ଏକ ଅଦୃଶ୍ୟ ଆକର୍ଷଣ
ଦୁହିଁଙ୍କୁ ଏକାଠି କରିଥିଲା
ପାଉଁରୁଟିର ପ୍ରକାର ଭେଦ, ଷ୍ଟାର୍‌ବକ୍ସ କଫି
ପରିବା ସିଝାର ଭାଗମାପ
ଆଇ.ପି.ଏଲ୍, ବେଗମ୍ ଅଖ୍ତର,

ରେଖା ଅମିତାଭ ଏପରିକି
ଚାଚା ଚୌଧୁରୀ ବି ଚୋରିକରି ନେଉଥିଲେ
ଆମ ସୀମିତ ସମୟ
ସେଦିନ ମାନଙ୍କରେ

କିଛି ଲୁଣ
ନା ନା କିଛି ଚିନି
ମିଳେଇ ଯାଇଥିଲା ଅଚିରେ
ସଂପର୍କର ମିଠା ସମୁଦ୍ରରେ
ସେଠି ତମେ ତମେ ନଥିଲ
ମୁଁ ମୁଁ ନଥିଲି
ସେଠି କେବଳ ଆମେ ଥିଲୁ
ଏକ ଓ ଅଭିନ୍ନ
କେବେ ଆରମ୍ଭ ଓ କେବେ ଶେଷ ନ ଥିବା
ଚିର ବସନ୍ତର ବଗିଚାରେ
ସୁଖୀ କପୋତକପୋତୀ

ଏବେ ଗୋଟେ କାଠହଣା ପକ୍ଷୀ
ଠକ୍ ଠକ୍ କରେ ମୋ କୋଠରୀର
ବନ୍ଦ କାଚ ଝରକାରେ
ସାମ୍ନା ବଗିଚାରେ ବୋଧେ ତା'ର ବସା
ସେ ଖୋଜେ ମୋର ପ୍ରିୟ କପୋତୀକୁ
ଯିଏ କେବେ ଫେରେ ନାହିଁ
ପୁରୁଣା ଖବରକାଗଜ ପରି
ଲୋଚାକୋଚା ମୋର ନିଃସଂଗ ବିଛଣାକୁ ।


♥ ରାଜ୍ୟ ସଂଯୋଜିକା: ସମ୍ବାଦ ସାହିତ୍ୟ ଘର,
ସମ୍ବାଦ ଭବନ, ଶିଳ୍ପାଞ୍ଚଳ, ରସୁଲଗଡ଼,
ଭୁବନେଶ୍ୱର-୭୫୧୦୧୦
ଫୋନ: ୯୪୩୭୭୯୮୯୨୦




▶ ଚିତ୍ର ଡ. ଶୁଭଶ୍ରୀ ଲେଙ୍କା



ଚିତ୍ର : ଶିଳ୍ପୀ ଦୀପ୍ତିମୟୀ ପଟ୍ଟନାୟକ

# ଭୁବନେଶ୍ୱର-୧

## ପ୍ରତୀକ୍ଷା ଜେନା

ଦୁଇହଜାର ତେଇଶି ମାର୍ଚ୍ଚ ତିନି,

କେହି କ'ଣ ଭାବିପାରେ
ଚାରିବର୍ଷର ଝିଅଟେ ଉଦ୍ଧାର ହେଲା ବେଳକୁ ଆବଶ୍ୟକ ହୁଏ ଚାରିଟା ସିଲେଇ
ତା'ର ଦେହରେ !!

ଏଇ ମୁହୂର୍ତ୍ତରେ ମୁଁ ବନ୍ଦୀ,
ଏ ଭଡାଘରର କାନ୍ଥ ବାହାରେ ଖାଁ ଖାଁ ଖରାବେଳ, ଅଥଚ...
ମୁଁ ଭାବୁଛି ବିଦ୍ରୋହୀ ହେବି
ଲମ୍ବା ଲମ୍ବା ପାହୁଣ୍ଡ ପକେଇ
ଖରାରେ ସିଝିସିଝି ପହଞ୍ଚିବି ସେକ୍ରେଟେରିଏଟ୍ ସାମ୍ନା କି
ଲୋୟର୍ ପିଏମ୍‌ଜିରେ,

ସେଠି କେତେ ଦିନ ପାଟିରେ ଅନ୍ନ ନ ଦେଇ ଧାରଣାରେ ବସି ପାରିବି !
ସେଠି ମୋର ଆଖିଡୋଳାକୁ ନିଆଁ ବୋଲି ଚିହ୍ନେଇ ପାରିବି ତ !
ସେଠି ଛାତିରେ ହାତ ପିଟି ହକ୍ ଦାବି କଲାବେଳେ
ମୋର ଜିଭରୁ କାଳ ଭୈରବୀର ରଡ଼ି ବାହାରିବ ତ !

ଗଲା ରାତିରେ ଶେଷ ହେଇଛି ମିଆଦ,
ଯେଉଁ ଜହ୍ଲାଦମାନେ ଷଡ଼ଯନ୍ତ୍ରରେ ସାମିଲ୍,
ସେଇମାନେ ସମସ୍ତେ ଏକତ୍ର ଅବା ଜଣ ଜଣ ଓହ୍ଲେଇବେ ପ୍ରେମିକ ବେଶରେ,
ଗଲା ରାତିରେ ଖଣ୍ଡଗିରିର ସେଇ ପୁରୁଣା ଗୁମ୍ଫାରେ ଫୁଟିଛି ପୁଣି ଫୁଲ,
ଚହଟିଛି ବାସ,
ଖେଳିଛି ଉନ୍ମାଦ ।

ମୁଁ ଭାବୁଛି ଗର୍ଜନ କରିବି ଏଇ ମୁହୂର୍ତ୍ତରେ,
ବାହାରିଯିବି ଏ ସହରରୁ ଦୂରକୁ
ଇସ୍ତାନବୁଲ୍‌କୁ ?
କେହି ଯେପରି ଭିଡି ଧରିଛି ମୋର ପାଦ,
ମତେ ମନ୍ତୁରେଇ ପଥର କରୁଛି,
ମତେ ଆଦରରେ, ଆହ୍ଲାଦରେ କୋଳେଇ ନେଇ ଚଖଉଛି ଅଳ୍ପ ଅଳ୍ପ ବିଷ ;

ମୁଁ ଭାବୁଛି ଆଜି ରାତି ଅନ୍ଧାରରେ ଯାଇ ଲୁଚିଯିବି ପଥର ଗୁମ୍ଫାରେ,
ଯେଉଁଠି ଫୁଟିଛି ଫୁଲ ସେଠି ଶୋଇପଡିବି ଘଡ଼ିଏ,

ଭୁବନେଶ୍ୱର ! ଭୁବନେଶ୍ୱର !
କହ କହ ଏ କି ଜ୍ୱଳନ,
ଏ କେଉଁ କ୍ଷତ !!

ମୁଁ ସାହସ ଜୁଟଉଛି, ଧାର କରୁଛି ମୂନ, ମୋ ଜିଭରେ ଶାଣ ଦେଉଛି,
ମୋ ଉର୍ବର ଦେହର ଜାଲ ବୁଣୁଛି ଯୁଦ୍ଧ ପାଇଁ,
ଦଳା ଚକଟାରେ ଛିଣ୍ଡି ଯାଇଥିବା ଫୁଲକୁ ନେଇ ଏ କବିତା ଆରମ୍ଭ କଲାବେଳେ
ମୋର ଗର୍ଭରୁ ଦୟାନଦୀଟେ ଝରିଯିବାର ବାଟ ଫିଟୁଛି କ୍ରମଶଃ....

ଏବଂ ନିଶ୍ଚିତ ମୁଁ,
ଏଥର ସହସ୍ର ହାତ ପରାସ୍ତ ଫେରିଆସିବେ ଧଉଳିରୁ,
ମିଳିବ ନାହିଁ କୌଣସି ସ୍ତ୍ରୀଲୋକର ଦେହ ।

ନାଲକୋ ନଗର, ଅନୁଗୁଳ



ଫଟୋ ପ୍ରତୀକ୍ଷା ଜେନା

# ପ୍ରିୟମ୍ବଦାର ସହର

## ତପନ କୁମାର ପଣ୍ଡା



ଚିତ୍ର : ସୁସ୍ମିତା ଦାସ

ଜଳି ସାରିଛି ସବୁ ଘର,
ପାଉଁଶ ତଳେ ପୋତା ସରିଛି କବି,
ସବୁଠୁ ସୁନ୍ଦର ଫୁଲମାନେ ଜଳି ସାରିଛନ୍ତି,
ପୁରୁଣା ଡାଇରିରେ ପ୍ରିୟମ୍ବଦାର ମୃତ୍ୟୁଖବର,
ମୋର ପକ୍ଷୀ ହେଇ
ଏ ଦେଶରୁ ସେ ଦେଶକୁ ଉଡି ଯାଉଥିବା ବେଳର
ସେ ଆକାଶ ଓ କାହାର ଯୋଡିଏ ଆଖି ଜଳିସାରିଛନ୍ତି ।

ଏଥର ଆସିଲାବେଳେ ଅଭ୍ୟର୍ଥନାରେ
ଯେଉଁ ଶୋକଗୀତର ଲହର ଶୁଭୁଥିଲା
ମୋର ପରିଚିତ ରାସ୍ତା ଓ ମୋ ପୁରୁଣା ଘରର ନିରବତାରେ...

ଏଥର ଆସିଲା ବେଳେ
ନିଆଁରୁ ବର୍ତ୍ତି ଯାଇଥିବା କିଛି ଅକ୍ଷର
ପ୍ରେମ ହେଇ ଚାହିଁ ରହିଥିଲେ କିଟିକିଟି ଅନ୍ଧାରରେ....

ଏଥର ଆସିଲା ବେଳେ
ଦେଖିଲି ଗଦାଗଦା ପାଉଁଶରେ ମାୟା ପୁଷ୍କରିଣୀ, ସେଥିରେ ଫୁଟିଥିବା
ଏକମାତ୍ର ରକ୍ତପଦ୍ମର ଭ୍ରମ,

ମୋ ଆସିବା ପୂର୍ବରାତିରେ ହୁଏତ
ଆକାଶରୁ ଝରି ପଡିଥିବେ ସବୁଫୁଲ,
ପବନରୁ ସୁଗନ୍ଧ ଲୁଟି,
ଦୁଷ୍ଟ ଭ୍ରମର ଉଡି ଯାଇଥିବ ବାଲିଦ୍ୱୀପ,
ପ୍ରେମର ଧାଡିଧାଡି ଗୀତମାନ



ଫଟୋ : ତପନ ପଣ୍ଡା

ପାଣିସୁଅରେ ଭାସି ଯାଇଥିବେ କାଗଜଡଙ୍ଗା ପରି,

ପ୍ରିୟମ୍ବଦା ?

ପ୍ରିୟମ୍ବଦା ଖବର ଦେଇଥିବ ଆସନ୍ନମୃତ୍ୟୁର...
ମୃଷାମାଟି ଭଣଭଣ କେଉଁ ଅନ୍ଧାର କୋଠରୀରେ
ଲୁହ ଜରଜର ବିବସନା ଶୋଇଥିବ ଅଭିମାନରେ,
ଲକ୍ଷ୍ମୀପାଦରେ କଣ୍ଟା ଫୁଟେଇ
ରକ୍ତ ଜୁଡୁବୁଡୁ ଦୌଡି ଯିବାବେଳେ
ତଥାପି ଭୂଇଁରେ ଆଙ୍କି ଦେଇଥିବ ହୃଦୟ ।

ତା ନରମ ଦେହରେ ଚିତା ଜୁଟେଇ
ଲେଖି ଦେଇଥିବ ଆଗାମୀ ଶହେ ବର୍ଷ ପାଇଁ
ଆମ ପ୍ରେମକବିତା...

ପ୍ରିୟମ୍ବଦା ନିଆଁରୁ ଫୁର୍କିନା ଉଡିଯାଇ
କେଉଁ ମିଛବୃକ୍ଷର କୋରଡରେ
ଲୁଚେଇ ଦେଇପାରେ କିଆଫୁଲର ବାସ୍ନା....
ମୋର ଛଳନାକୁ ସୋରିଷଦାନା ପରି
ମାଟିରେ ବିଂଚିଦେଇ ଗଢିପାରେ ପୃଥିବୀ ।

ମୋର ଡାହାଣ ହାତର ବୁଢାଆଂଗୁଳିକୁ
ଅଚଳ କରି ହରି ନେଇପାରେ ମୋର କଳା,

ହୁଏତ ନିର୍ଘାତ ପ୍ରେମିକ ପରି ମୁଁ
ଫେରି ଯାଇପାରେ ଏ ସହରରୁ...

ଅଥଚ ଏକ ନିଷ୍ଠୁର ବ୍ୟାଧ ରୂପରେ ଏଥର ଆସିଥିଲି ......

ପୁଣେ
ଫୋନ:୭୦୮୨୪୬୪୮୦୦



▲ ଚିତ୍ର : ଶିଳ୍ପୀ ଜ୍ୟୋତ୍ସ୍ନାରାଣୀ ନନ୍ଦ

# ଗୋଟେ ପ୍ରଜାପତି କମ୍ ଅଛି

## କେ. ଶ୍ୟାମବାବୁ ଦୋରା

ମାଟିରୁ ରସ
ଆକାଶରୁ ସୁଗନ୍ଧ
ଓ ଆଲୁଅରୁ ରଙ୍ଗ ନ'ଶୋଷି
ଦୁଃଖର ଧୂଆଁ ଟାଣୁଛି ସେ ଗଛ,
ତା'ର କଅଁଳିବାକୁ ଥିବା ପତ୍ର
ସୁଅ ହେଇ ସମୁଦ୍ରରେ ମିଶୁଛି
ଫୁଟିବାକୁ ଥିବା ଫୁଲ
ପାଦ ତଳେ ଚାପିହେଇ ଯାଉଛି
ବ୍ୟବସ୍ଥା କି' ବିଶ୍ୱାୟନ
କେଜାଣି କାହାର ।

ମୁଁ ଏଣେ ସ୍ୱପ୍ନ ଦେଖୁଛି
ମୋ ବଗିଚା ସାରା
ରଙ୍ଗ ଆଉ ଗନ୍ଧର ରାଜୁତି ।

ଗୋଟେ ପ୍ରଜାପତି କମ୍ ଅଛି,
କୁଆଡ଼େ ଗଲା ସେଇ ଟୋପାକ
ଚଞ୍ଚଳ ଓ ଚିତ୍ରମୟ ନିରୀହତା
ମୁଁ ଖୋଜୁଛି ।

ମୋ ମୁଣ୍ଡ ଭିତର ଦେଇ ବାହାରି ଆସୁଛି
ଶୁଖି ଯାଇଥିବା ଗୋଟେ ନଦୀ
ତା' ଗୀତ ମୋତେ ଭୟଭୀତ କରୁଛି
ମୁଁ କମ୍ପୁଛି ଶହେ ଚାରି ଜ୍ୱର
ଓ ଏକ ଅଜଣା ଆତଙ୍କରେ

ସେ ହାତ ବଢ଼େଇଲେ ମୁଁ ଘୁଞ୍ଚି ଯାଉଛି
ମୋ ହାତରେ ତ କିଛି ବୋଇଲେ କିଛି ହିଁ ନାହିଁ
ଅନ୍ତତଃ ବିଶୁଦ୍ଧ ଟୋପାଏ ପାଣି
କ'ଣ ଦେବି ତାକୁ, ଭାବୁଛି ।

ତା' କାନ୍ଦ ମୋତେ ରହି ରହି ଶୁଭୁଛି ଦୂରରୁ
କାରଣ ମୁଁ ପାଖକୁ ଯାଉନି ତା'ର
କଳ୍ପନା କରୁଛି
ତା' ହାତରେ ଅମୃତ ଓ ହଳାହଳ
ମଲ୍ଲିମାଳ ଓ ମାରଣାସ୍ତ୍ର
ଆଖିରେ ଅର୍ବୁଦେ ତାରାର ଆଲୁଅ
ଓ ଯୁଗଯୁଗର ଅନ୍ଧାର
ଆଚାର, ଅନାଚାର ।

ଧୀରେ ଧୀରେ ଆଗକୁ ବଢୁଥା ଦେଶ ମୋର
ମୁଁ ତୋ' ସୁଶୋଭିତ ବଗିଚା ଉହାଡ଼ର
ବିଷାକ୍ତ ଟେଳାଏ ଧୂଆଁପତ୍ର,
ତୋ' ଅପରିଣାମଦର୍ଶୀତାର ଚିଲମରେ ମୋତେ ଟାଣି
ମୋ ମୁହଁକୁ ଧୂଆଁ ଛାଡୁଥା...

ମୁଁ ତୋ' କଳ୍ପନାର ଚିତ୍ରଶାଳାରୁ
ଫିଟି ଯାଇଥିବା ଉଜ୍ଜ୍ୱଳ ପ୍ରଜାପତି,
ମୁଁ ତୋତେ ଖୋଜୁଛି
ତୁ' ମୋତେ ଖୋଜୁଥା ।

♥ ଶୋଭା କିଡ୍‌ସ୍, ଜନାନା ହସପିଟାଲ୍ ରୋଡ୍
ବ୍ରହ୍ମପୁର-୭୬୦୦୦୧
ଫୋନ:୭୦୦୮୯୨୩୨୯୬



▲ ଫଟୋ କେ. ଶ୍ୟାମବାବୁ ଦୋରା

# କିଆଫୁଲ

## ଶୁଭେନ୍ଦୁ ଦାସ

କି ସମ୍ମୋହନରେ
ବାନ୍ଧିଦେଲ କେଜାଣି,
ନଈ କି ନିଆଁ
ବୁଝିବା ଆଗରୁ ଭାସିଗଲା,
ପୋଡ଼ିଗଲା ସର୍ବାଙ୍ଗ,
ମନ, ମୋହ,
ସାମାଜିକ ସ୍ଥିତି,
ଶୂନ୍ୟତା ଭିତରେ
ଶୂନ୍ ହେଇଗଲା ସତ୍ତା ।
ସଂସାର ଖାତାରେ ଲେଖିଦେଲ
ଶେଷ କଥା ।

ସତରେ ତମେ କଣ କି,
ଗାନ୍ଧାରୀ କୁନ୍ତୀ ନା
କୁମ୍ଭାର ସାହିର କୁନିଅପା,
କାହାକୁ କୋଳେଇ ନିଅ,
କାହା ପାଇଁ ବାନ୍ଧିଦିଅ
କନକାଞ୍ଜୁଳି ।

କିଆ ଫୁଲ ଦେଖେଇବ କହି
ଡ଼ାକିନେଲ ଯେ,
କାନ୍ଦୁଚି ସାରା ଜୀବନ ।

ଦିନେ
ଆକାଶରେ ମେଘ ଥିଲା,
ସଞ୍ଜ ବି ହେଇ ସାରିଥିଲା,
ତଥାପି କହିଲ ଯିବା,
କୂଅ ପାଣି ପିଇବା,
ବର ଗଛ ଓହଳରେ ଝୁଲିବା,
ବାସ୍, ସେଇ ଦିନଠୁ
ଝୁଲି ପଡ଼ିଲା ଯୌବନ,

ଦେହ ଯାଇଛି ଦାଦନ,
ଦୋଛକିରେ ଛିଡ଼ା ହୋଇଛି,
ଛାଡ଼ି ପାରୁନି କି
ଆଗକୁ ବଢ଼ି ବି ପାରୁନି ।

ବଢ଼ି ପାଣିରେ କିନ୍ତୁ
ବୁଡ଼ି ଗଲାଣି ବଂଶ,
ବଂଶ ତ ନୁହେଁ, ଚଉଦ ପୁରୁଷ ।

ଥକା ଲାଗିଲେ,
ଥମଥମ ହେଇଯାଉଛି ଛାତି,
ଛାଇ ଗଲାଣି
ସଜନା ଗଛରେ ସିଁବାଳୁଆ,
ସଇଁ ପଡ଼ି ଗଲାଣି ସୁଖ ।

ଏବେ ସମୁଦ୍ର ଭିତରେ
ଶୋଇଛି,
ଜହ୍ନ ଦେଖୁଛି,
ଅନ୍ଧାର ହେଇଗଲେ କିନ୍ତୁ
ତମ କଥା ବହୁତ ମନେ ପଡୁଛି ।

କି ସମ୍ମୋହନରେ
ବାନ୍ଧିଦେଲ କେଜାଣି,
ନଈ କି ନିଆଁ
ବୁଝିବା ଆଗରୁ ଭାସିଗଲା,
ପୋଡ଼ିଗଲା ସର୍ବାଙ୍ଗ,
ମନ, ମୋହ,
ସାମାଜିକ ସ୍ଥିତି,
ଶୂନ୍ୟତା ଭିତରେ
ଶୂନ୍ ହେଇଗଲା ସତ୍ତା ।
ସଂସାର ଖାତାରେ ଲେଖିଦେଲ
ଶେଷକଥା ।

♥ ସଂପାଦକ:ଦୈନିକ ଓଡ଼ିଆ 'ସେଇଠୁ
ଆରମ୍ଭ', ବାଲେଶ୍ୱର-୧
ଫୋନ:୯୪୩୮୬୦୦୮୮୬,
୯୪୩୮୬୦୧୦୦୨

# ମୁହାଣଟେ ତୁ

## ଜ୍ୟୋତି ଶଙ୍କର ମିଶ୍ର

ମୁହାଣଟେ ତୁ
ଗୋଟେ ପଟେ ନଦୀ
ଗୋଟେ ପଟେ ମହୋଦଧି
ଅଭାବଟା ବୁଝିବୁନି ତୁ...

ଚହଲା ଚଗଲା ନଈ
ଛୁଏଁ ତୋତେ ଦୁଷ୍ଟ ହୋଇ
ଦେହ ଛୁଏଁ ସାଗର ଢେଉ
କିଛି କଥା ନ ମାନି ଆଉ

ଭଲ ଲାଗୁଥିବ ତୋତେ
କାଦୁଆ ମାଟିର ଶେଯ
ଲେସି ହେଉଥିବା ଜିଆସବୁ
ଆଉ କରାଳ ଖରାର ତେଜ

ଶୁଖିଲା ବିଲଟିଏ ମୁଁ
ବିନ୍ଦୁଏ ବର୍ଷାରେ
ବାସି ଉଠେ ମହମହ
କସ୍‌ମସ୍ ହୁଏ ଶ୍ରାବଣରେ
ଛାତି ମୋର ଫାଟିଯାଏ
ଖରା ହେଲେ ଡହଡହ

ଏ ମୁହାଣ !
ଏକ ତରଫା ଭଲପାଏ ବୋଲି
ଲୋକହସା ହୁଏ
ହଁ.. ଠିକ୍
ହସିଲେ ହସନ୍ତୁ ଲୋକ
ମୁଁ ଭଲପାଏ

କେବେ ଥରେ ନଈ ବାଟ ହୁଡ଼ିଗଲେ
ବହିଯିବ ମୋ ଦେହେ
ଗୋଳିଆ ମାଟି ହୋଇ ଚାଲିଯିବି ଭାସି
ମିଶିଯିବି ତୋ ଦେହେ...

♥ ବାଟବୃନ୍ଦୀ କଲୋନୀ, ଚୌଦ୍ୱାର, କଟକ
ଫୋନ:୯୮୬୧୨୯୩୭୬୬




▶ ଶ୍ରୀ ଶୁଭେନ୍ଦୁ ଦାସ



▶ ଶ୍ରୀ ଜ୍ୟୋତି ଶଙ୍କର ମିଶ୍ର

# ଭାଷ୍ପ



# ବିଜୟ ନାୟକ

ଘର ନମ୍ବର ସି-୧୧/୧୨,
ରାଷ୍ଟ୍ରପତି ଭବନ ପରିସର,
ନୂଆଦିଲ୍ଲୀ - ୧୧୦୦୦୪,
ଫୋନ: ୯୪୩୭୧୪୩୮୯୬

ଚିତ୍ର : ସଞ୍ଜୀୟ କୁମାର ରାଉଳ


ନଈ ସେପାରିରୁ ଯେମିତି ଶୁଭୁଥିଲା ବସନ୍ତର ମୃଦୁ ପଦପାତ । ବରଫ ଝାଡ଼ିଝୁଡ଼ି ହୋଇ ପାହାଡ଼ପର୍ବତ ଓ ଗଛବୃଛ ସବୁ ସଳଖ ମୁଣ୍ଡ ଟେକିଲେଣି ଆକାଶ ଆଡ଼କୁ । ତୁଷାରପାତ ଆଉ ନାହିଁ, ନାହିଁ ବି ତୁଷାରଝଡ଼ । ଘାସମାନେ କଅଁଳିଲେଣି । ନାନାଜାତି ଫୁଲରେ ଚହଟିଲାଣି ଚଉପାଶ । ଖୁବ୍ ସୁନ୍ଦର ଦିଶୁଥିଲା କଲମ୍ବସ୍ ସହର । ସବୁ ସୁନ୍ଦର ଜିନିଷ କ'ଣ ଭଲ ଲାଗେ ? ପାଖାପାଖି ଛ'ମାସ ଘର ଭିତରେ ପଶି ରହିଲା ପରେ ଚାନ୍ଦ ବିବି ବାହାରକୁ ବାହାରୁଛନ୍ତି । ଏବେ ଅବଶ୍ୟ ଗହଳି

## କାହାଣୀ ପଛର କାହାଣୀ

ଦୁଇଜଣ ସ୍ୱଳ୍ପ ଶିକ୍ଷିତା ବୟସ୍କା ମହିଳା ନିଜ ନିଜ ପୁଅବୋହୂଙ୍କ ପାଖରେ ଆମେରିକାର କଲମ୍ବସ୍ ସହରରେ ରହନ୍ତି । ଜଣକ ଘର ପଞ୍ଜାବରେ ଓ ଅନ୍ୟଜଣକ ଘର କର୍ଣ୍ଣାଟକରେ । ପାଖ ପାର୍କକୁ ଯାଇ ସେହି ଦୁଇଜଣ ମହିଳା ଚଲାଚଲି କରନ୍ତି । ଦୁଃଖସୁଖ ହୁଅନ୍ତି । କିନ୍ତୁ କେହି କାହା ଭାଷା ବୁଝି ପାରନ୍ତି ନାହିଁ । ଭାଷା ବିନା କ'ଣ ହୃଦୟର କଥା କହି ହେବ ନାହିଁ ? ହେବ । ତେବେ ସେମାନେ ନିଜ ପରିବାର ବିଷୟରେ କେବଳ କଥା ହୁଅନ୍ତି ନାହିଁ, ଦେଶ ବିଷୟରେ ବି ଆଲୋଚନା କରନ୍ତି । ଦୁଇଜଣ ଯାକ ଖୁବ୍ ଭଲ ପାଆନ୍ତି ଭାରତକୁ । ଆମେରିକାର ପ୍ରାଚୁର୍ଯ୍ୟ ତାଙ୍କୁ ବାନ୍ଧି ରଖିପାରେ ନାହିଁ । ଭାରତ ତାଙ୍କୁ ଡାକେ । ଭାରତର ମାଟି, ପାଣି, ପବନରେ କି ଆତ୍ମୀୟତା ଥାଏ କେଜାଣି, ସେମାନେ ଅଥୟ ହୁଅନ୍ତି ସ୍ୱଦେଶକୁ ବାହୁଡ଼ିବା ପାଇଁ ।
ଭାରତବର୍ଷ କେବଳ ଗୋଟେ ଭୂଖଣ୍ଡ ନୁହେଁ, ଏକ ଭାବବନ୍ଧନ । ସ୍ମରଣାତୀତ କାଳରୁ ମୁନୀରଷିମାନେ ଭାରତକୁ ସେହି ସୂକ୍ଷ୍ମ ବନ୍ଧନରେ ଯୋଡ଼ିଛନ୍ତି । ଭାଷାର ବିବିଧତା ଆମ ଭାବକୁ ଦୃଢ଼ କରିଛି । ଅନେକତା ଏକତାକୁ କରିଛି ପରିପୁଷ୍ଟ । ସେଥିପାଇଁ ସିନା ବେଶି ପାଠଶାଠ ପଢ଼ିନଥିବା ଦୁଇ ମହିଳା ଦୂରଦେଶରେ ଥାଇ ବି ଭାରତକୁ ବେଶ୍ ଅନ୍ତରଙ୍ଗ ଭାବରେ ବୁଝି ପାରୁଛନ୍ତି । ଭାରତକୁ ଚିହ୍ନିବା ପାଇଁ ଭାଷା ନୁହେଁ, ଭାବ ଲୋଡ଼ା ।

ଜମିଲାଣି ଶୂନ୍‌ଶାନ୍ ରାସ୍ତାଘାଟରେ । ଚଢ଼େଇମାନଙ୍କର କିଚିରିମିଚିରି, ଡେଣାଝଡ଼ା ଶବ୍ଦ ଏବଂ ପବନର ଗୀତରେ ବାରି ହୋଇ ପଡୁଛି ଫଗୁଣର ଆଗମନୀ । ତଥାପି ଚାନ୍ଦ ବିବିଙ୍କୁ ସବୁକିଛି ଭଲ ଲାଗୁ ନ ଥିଲା । ପଛକଥା ସବୁ ତାଙ୍କର ଭାରି ମନେ ପଡୁଥିଲା । ନିଜ ଗାଁ, ନିଜ ସହରର ଛବି ଫୁଲ ହୋଇ ଫୁଟୁଥିଲା ତାଙ୍କ ମନ ବଗିଚାରେ ।

ପୁଅବୋହୂଙ୍କ ପାଖରେ ଯେମିତି ସେ ବନ୍ଧା ପଡ଼ିଛନ୍ତି । ନାତି ଖେଳାଇବାକୁ ଆସିଥିଲେ ଯେ ସେ କାମ ଆଉ ନାହିଁ । ବଡ଼ ହୋଇଗଲାଣି ନାତିଟୋକା । ପ୍ଲେ ସ୍କୁଲ୍‌ରେ ପଢୁଛି । ତା' ସାଙ୍ଗରେ ବେଶି କଥାବାର୍ତ୍ତା ନ କରିବା ପାଇଁ ବୋହୂର ତାଗିଦା । ପିଲାଟି ପଞ୍ଜାବୀ ଶିଖିଲେ ତା' ଇଂଲିଶ୍ କୁଆଡ଼େ ବିକୃତ ହୋଇଯିବ ! ଭାରତରେ କେତେ ପ୍ରକାର ଗୀତ, କେତେ ଗପ । କେତେ ପୁରାଣ, କେତେ ଶାସ୍ତ୍ର । ତା' ପୁଅକୁ ସେସବୁ ନ କହିବାକୁ କହିଛି ବୋହୂ । ପୁରୁଣାକାଳିଆ କଥାକାହାଣୀ ଶୁଣିଲେ କୁଆଡ଼େ ସେ ମଡର୍ଣ୍ଣ ହୋଇପାରିବ ନାହିଁ । ହର୍‌ବିନ୍ଦର୍ ବି ନିରବ, ବୋହୂ କଥାରେ ଉଠ୍‌ବସ୍ ହେଉଛି । ପୁଅବୋହୂ ମିଶି ନାତିର ନାଁ ଦେଇଛନ୍ତି ଜନ୍ । ସେଟା ଗୋଟେ କି ନାଁ ? ଚାନ୍ଦ ବିବି ପଚାରିଲାରୁ ବୋହୂ କହିଲା, "ତୁମେ ସେଥିରୁ କ'ଣ ପାଇବ ? ଏଠି ରାମ, ଶ୍ୟାମ ନାଁ ଚଳିବ ନାହିଁ ।" ଧେତ୍, ଚାନ୍ଦ ବିବି ଚିଡ଼ିଗଲେ । ରାମ, ଶ୍ୟାମ ଠାରୁ କ'ଣ ଭଲ ନାଁ ଆଉ ଅଛି ? ତଥାପି ସେ ପାଟି ଫିଟାଇଲେ ନାହିଁ ।

ଜନ୍‌କୁ ଜହ୍ନ ଦେଖାଇବାକୁ ବି ମନା । ଜହ୍ନ କେମିତି ମାମୁ ହେବ ? ବୋହୂ କହିଛି ଚାନ୍ଦ ବିବିଙ୍କ କାନେକାନେ । ସେମିତିକା ନିଛକ ଭାରତୀୟ କଥା କହିଲେ ପିଲାଟା କୁଆଡ଼େ ଖୁବ୍ ରକ୍ଷଣଶୀଳ ହୋଇଯିବ । ତା' ଭିତରେ ଅନ୍ଧବିଶ୍ୱାସ ଜନ୍ମିବ । ଭବିଷ୍ୟତରେ ସେ ବୈଜ୍ଞାନିକ ହେବ କେମିତି ? ଚନ୍ଦ୍ର ବା ମଙ୍ଗଳକୁ ଯିବା ପାଇଁ ଆଗଭର ହେବ କିପରି ? ଚାନ୍ଦ ବିବି ମନେ ମନେ କହିଲେ, "ମୋ ନାତିକୁ ପହିଲେ ମଣିଷ କର, ତା' ପରେ ଜ୍ଞାନୀ କରିବ କି ବିଜ୍ଞାନୀ କରିବ, ତାହା ଅଲଗା କଥା ।"

ଘରଟା ଭିତରେ ଏକା ଏକା ରହି ଅତିଷ୍ଠ ହୋଇ ପଡୁଥିଲେ ଚାନ୍ଦ ବିବି । ପୁଅ ସକାଳୁ ବାହାରିଯିବ ବେପାରକୁ, ବୋହୂ ପଛେ ପଛେ ଅଫିସ୍ ଯିବ । ତାଙ୍କର ଅଲଗା ଅଲଗା ଗାଡ଼ି । ନାତି ପ୍ଲେ ସ୍କୁଲ୍‌କୁ ଯିବା ପାଇଁ ଆସିବ ତା' ସ୍କୁଲ ଗାଡ଼ି । ସିଏ ବି ଫେରିବ ସଞ୍ଜୀକୁ । ପ୍ଲେ ସ୍କୁଲ୍ କୁଆଡ଼େ ପିଲାମାନେ ରହିବା ପାଇଁ ଗୋଟେ ହୋଟେଲ୍ ପରି । ସେଠି ଖେଳକୁଦ, ପାଠପଢ଼ା, ପିଲାମାନଙ୍କ ମନଲାଖି ସିନେମା ପୁଣି ଗୀତ, ନାଚ ଓ ଚିତ୍ରାଙ୍କନ, ସବୁକିଛି ଥାଏ । ଚାନ୍ଦ ବିବି ଠିକ୍ ବୁଝନ୍ତି ଯେ ବାପାମାଆଙ୍କ ଅନୁପସ୍ଥିତିରେ ପିଲାମାନଙ୍କୁ ସାରାଦିନ ଅଟକାଇ ରଖିବା ପାଇଁ ପ୍ଲେ ସ୍କୁଲ୍‌ର ପରିକଳ୍ପନା । ସିଏ ବି ଗୋଟେ ଭଲ ବେପାର । ସ୍ୱାସ୍ଥ୍ୟ ଓ ଶିକ୍ଷା ବେପାର ପରା ସବୁଠାରୁ ଲାଭଜନକ । ଲାଭ ହିଁ ଲାଭ ସେଥିରେ । ଡାଲିଚାଉଳ ହୋଇଛି ଯେ ପୋକ ଲାଗିବ ନା ପନିପରିବା ହୋଇଛି ଯେ ପଚିସଢ଼ି ଯିବ ? ସେ ବେପାର ଏବେ ଭାରତର ଗାଁ ଗଣ୍ଡାକୁ ବ୍ୟାପିଲାଣି ।

ଏହି କେତେଦିନ ହେବ କିନ୍ତୁ ଟିକେ ଶାନ୍ତିରେ ନିଃଶ୍ୱାସ ମାରୁଛନ୍ତି ଚାନ୍ଦ ବିବି । ତାଙ୍କ ସହିତ ମିଳାମିଶା କରିବା ପାଇଁ ସଙ୍ଗୀ ଜଣେ ଜୁଟିଗଲେଣି ।

ଚାନ୍ଦ ବିବି ଆମେରିକା ନାଁ ଆଗରୁ ଶୁଣିଥିଲେ । କିନ୍ତୁ ପ୍ରଥମେ ପ୍ରଥମେ କଲମ୍ବସ୍ ନାଁଟା ତାଙ୍କ ପାଟିରେ ପଉଟୁ ନଥିଲା । ଏବେ ସେ କହି ଶିଖିଲେଣି ଓହାଇଓ୍ୱ, ବେଲାରିକୋର୍ଟ, ସ୍କିଓଟୋ ନଦୀ, ଡାଉନ୍ ଟାଉନ୍, ପୁଣି ସିକାଗୋ, ନ୍ୟୁୟର୍କ, ଡିସି ଇତ୍ୟାଦି । କିନ୍ତୁ ପଞ୍ଜାବକୁ କିଏ ସରି ହେବ, ସରି ହେବ କିଏ ଭାରତକୁ ? ଦୂର ଦିଗ୍‌ବଳୟକୁ ଛୁଇଁଥିବ ଗହମ କ୍ଷେତ, ଆଉ ଆକାଶକୁ ଛୁଇଁଥିବ ଦୂର ଦିଗ୍‌ବଳୟ !


ଗାଳ୍ପିକ ବିଜୟ ନାୟକ

କାହିଁ ସେ ମକା ରୁଟି ସାଙ୍ଗକୁ ସୋରିଷ ଶାଗ, ବିରି ତଡ଼କା ସାଙ୍ଗକୁ ତନ୍ଦୁରି ଚିକେନ୍ ? ଏଠିକାର ଖାଦ୍ୟ ଗୁଡ଼ାକ ସବୁ ଏକାପରି । ସେଣ୍ଡୱିଚ୍ ଗୋଟେ ଖାଦ୍ୟ, ତାକୁ ଦିନରାତି ମଣିଷ ଖାଇବ ? ଏଠି ଦୁଧ ନାହିଁ କି ଦହି ନାହିଁ । ଏ ଗୋରାମାନଙ୍କ ପାଟିରେ କେବେ ପଞ୍ଜାବ ଲସି ବାଜି ନ ଥିବ ! ନ ହେଲେ ଖରା ଦିନେ ଏଠି କ'ଣ ଲସି ମିଳନ୍ତା ନାହିଁ ? ଦହି ଏଠି ସାତ ସପନ । ଖାଲି ବୋତଲ ବୋତଲ କୋଲ୍ଡ ଡ୍ରିଙ୍କ୍ସ୍ ପିଇ ଯାଉଛନ୍ତି ସମସ୍ତେ । ତା'ପରେ ଲମ୍ବା ହେକୁଟି ମାରୁଛନ୍ତି । ଧେତ୍, ଏଟା ଅନାର୍ଯ୍ୟ ରାଜ୍ୟ । ପଇସା ଥିଲେ କ'ଣ ସବୁ ଅଛି ? ଭାରତ ପରି ଏଠି ନାନ୍ ମିଳେ ନା ମିଳେ ଦୋଷା, ଇଡ଼ଲି । ଏଠି ତ ବିରିୟାନି, ପଲାଉ, ପରଟା, ଖିଚୁଡ଼ି ସାତ ସପନ । ନା ବରା ନା ପକୋଡ଼ି, ନା ଲଡୁ ନା ରସଗୋଲା ? କ'ଣ ଏଠି ମିଳେ ? ଏଠିକା ଖାଦ୍ୟର ସ୍ୱାଦ ନାହିଁ କି ବାସ୍ନା ନାହିଁ । ହେଲେ କରିବେ କ'ଣ ? ଯାହା ମିଳେ ତାହା ଖାଇବା ଛଡ଼ା ଅନ୍ୟ ବାଟ ନାହିଁ ।

ବେଲାରିକୋର୍ଟରେ କଳା, ଧଳା ଲୋକଙ୍କ ସାଙ୍ଗରେ ସାତ ଆଠ ଘର ହିନ୍ଦୁସ୍ତାନୀ ରହନ୍ତି । ତାଙ୍କ ପୁଅର ଯେମିତି ବେପାର, ସେମିତି ଦୁଇଟା ଗୁଜରାଟୀ ପରିବାର ଅଛନ୍ତି ଯେ କଲମ୍ବସ୍ ସାରା କେତେ କ'ଣ ବେପାର ସେ ଦୁଇ ପୁରୁଷ ଧରି ଲମ୍ବେଇଛନ୍ତି । କାମାକ୍ଷା କାମରୂପ ଦେଶ ଲୋକଟି ଡାକ୍ତର, ତା' କଲିକତି ସ୍ତ୍ରୀ ନର୍ସ । ଚାରି ପରିବାର ଦକ୍ଷିଣୀ । ଇଞ୍ଜିନିୟର ବେଦମୂର୍ତ୍ତିର ମା' ଆସିଛି କର୍ଣ୍ଣାଟ ଦେଶରୁ । ଏହି ଦୁଇ ତିନି ମାସରୁ ଅଧିକ ହେବ ନାହିଁ । ତା'ରି ସାଙ୍ଗରେ ସଞ୍ଜବେଳେ ଦେଖା । ସଞ୍ଜାକୁ ପାଖ ପାର୍କକୁ ବୁଲି ଯାଉଛନ୍ତି ଦୁହେଁ ।

ବେଦମୂର୍ତ୍ତିର ମା' ନାଁ କ'ଣ ଚାନ୍ଦ ବିବି ଅନେକ ଦିନ ପର୍ଯ୍ୟନ୍ତ ବୁଝି ପାରିଲେ ନାହିଁ, ମନେ ରଖିବା ଦୂରର କଥା । ଚେନ୍ନିକା, ସେ ଅନେକଥର ମନେ ମନେ ଘୋଷି ହେଲେ । ତା' ପରେ ଯାଇ ତାଙ୍କ ନାଁ ମନେ ରହିଲା । ପ୍ରଥମେ ସେ ତାଙ୍କୁ ଦେଖିଲେ ଦିନେ ଆପାର୍ଟମେଣ୍ଟ୍ ବାରନ୍ଦାରେ । ଦକ୍ଷିଣୀ ସୂତା ଶାଢ଼ି ଖଣ୍ଡେ ପିନ୍ଧି ଏଣେତେଣେ ଆଖି ବୁଲାଇ ସେ ଚାଲୁ ଥା'ନ୍ତି, ଖୁବ୍ ଆସ୍ତେ । ନାତି ସ୍କୁଲ୍ ବସ୍ ଚଢ଼ିଲା ପରେ ଚାନ୍ଦ ବିବି ଫେରୁଥା'ନ୍ତି ତାଙ୍କ ତିନି ନମ୍ବର ଫ୍ଲାଟ୍‌କୁ । ବୁଢ଼ୀଟି ଯେ ହିନ୍ଦୁସ୍ତାନୀ, ସେଥିରେ ତାଙ୍କର ସନ୍ଦେହ ରହିଲା ନାହିଁ । ହିନ୍ଦୀ ମିଶା ପଞ୍ଜାବୀରେ ସେ ତାଙ୍କୁ ନାଁ, ଗାଁ, ଠିକଣା ପଚାରିଲେ । ତାଙ୍କ କଥା ଶୁଣି ବୁଢ଼ୀ ଖାଲି ହସିଦେଲା ଯାହା । ସେହି ସଫା ହସଟି କିନ୍ତୁ ବହୁତ କଥା କହୁଥିଲା । ଦୁହେଁ ସେହିଦିନୁ ସଙ୍ଗୀ ହୋଇଗଲେ । ତାଙ୍କ ପୁଅବୋହୂ ଦି'ଜଣ ଯାକ ଆଇଟି ପ୍ରଫେସନାଲ୍ । ହରବିନ୍ଦର ବେଦମୂର୍ତ୍ତି କଥା ତା' ପରେ ଯାଇ ବଖାଣିଲା ।

କଲମ୍ବସ୍‌ରେ ସଞ୍ଜ ହୁଏ ଡେରିରେ । ଦିନ ଥାଉଥାଉ ନାତିଟୋକା, ବୋହୂ ଫେରି ଆସନ୍ତି । ହରବିନ୍ଦରର ବେପାର । ତା' ଯିବା ଆୟତ୍ତ, ଆସିବା ଅଣାୟତ୍ତ । ଚେନ୍ନିକାଙ୍କ ପୁଅବୋହୂ ବି ଫେରିଆସନ୍ତି ସୂର୍ଯ୍ୟ ବୁଡ଼ିବା ପୂର୍ବରୁ । ତହୁଁ ଚାନ୍ଦ ବିବି ପହଞ୍ଚିଯା'ନ୍ତି ବେଦମୂର୍ତ୍ତି ଘର ସାମ୍ନାରେ । ଚେନ୍ନିକା ଯେମିତି ଗୋଡ଼ କାଢ଼ି ବସିଥା'ନ୍ତି । ଦୁହେଁ ଚାଲି ଚାଲି ଯାଆନ୍ତି ପାଖ ପାର୍କକୁ । ଘର ଠାରୁ ଚଉଠେ ମାଇଲ୍ ହେବ । ଅମୃତସର ପରି ସେଠିକା ରାସ୍ତାଘାଟରେ ଲୋକ ହାଉଜାଉ ହେଉ ନ ଥା'ନ୍ତି । ଗାଡ଼ିମଟର ସଂଖ୍ୟା ବି କମ୍ । ଏତେ କେଁ କାଁ ପେଁ ପାଁ ନାହିଁ । ପାର୍କରେ ପହଞ୍ଚି ପଥର ଚଉକି ଉପରେ ଦୁହେଁ କିଛି ସମୟ ଆଗ ବସି ପଡନ୍ତି । ଏମିତି ବିତେ ବେଶ୍ କିଛି ସମୟ ।

ପ୍ରଥମେ ପ୍ରଥମେ ଯେତେବେଳେ ଚାନ୍ଦ ବିବି ପଚାରିଲେ, "ଭାରତରେ ତମ ଘର କେଉଁଠି", ଚେନ୍ନିକା ସେମିତି ଖାଲି ହସ ଫିଙ୍ଗି ଚାଲିଲେ । ବୁଝିଲେ ସିନା କିଛି କହିବେ ? କ'ଣ ବା କହିବେ ? ଯାହା କହିବେ, ଚାନ୍ଦ ବିବି କ'ଣ ବୁଝି ପାରିବେ ? ଚାନ୍ଦ ବିବି କିନ୍ତୁ ଭାରି ଚାଲାକ୍ । କହିଲେ, "ଚେନ୍ନିକା, ଆମ ଘର ପଞ୍ଜାବ । ତୁମେ ପାଞ୍ଜାବ ନାଁ ଶୁଣିଛ ?" ପଞ୍ଜାବ ନାଁ ଶୁଣି ଚେନ୍ନିକା ଯେମିତି ହସିଲେ, ସେ ହସରେ ଥିଲା ଅଫୁରନ୍ତ ଆସ୍ଥା । ଏଥର ସେ ପ୍ରଗଳଭ ହେଲେ । କହିଲେ, "ପଞ୍ଜାବ ପଞ୍ଚ ନଦର ଦେଶ, ବୀରମାନଙ୍କର ମାଟି । ପଞ୍ଜାବ କଥା କାହାକୁ ବା ଅଜଣା ଭାରତରେ ? ଭାରତର ଅଧାରୁ ଅଧିକ ଯବାନଙ୍କ ଘର ତ ପଞ୍ଜାବ । ଭଉଣୀ, ତୁମ ମାଟି ତ୍ୟାଗର ମାଟି । ଧର୍ମର ମାଟି ମଧ୍ୟ । ସେଠିକାର ସ୍ୱର୍ଣ୍ଣ ମନ୍ଦିର କ'ଣ ସୁନାରେ ତିଆରି ? ଆଉ ଲଙ୍ଗର୍‌ରେ କୁଆଡ଼େ ସେଠି ହଜାର ହଜାର ଲୋକ ଦିନରାତି ଖିଆପିଆ କରନ୍ତି ?"

ଚାନ୍ଦ ବିବି ଚେନ୍ନିକାଙ୍କ ଭାଷାର ବିନ୍ଦୁ ବିସର୍ଗ କିଛି ବୁଝି ପାରିଲେ ନାହିଁ । କିନ୍ତୁ ସ୍ୱର୍ଣ୍ଣମନ୍ଦିର ଶବ୍ଦଟି ତାଙ୍କୁ ଯେମିତି ସବୁ କିଛି ବୁଝାଇ ଦେଲା । ସେ ଏଥର ମୁହଁ ଖୋଲିଲେ । କହିଲେ, "ପଞ୍ଜାବରେ ଅମୃତସର ଗୋଟେ ତୀର୍ଥସ୍ଥଳୀ । ପବିତ୍ର ସହର । ସେଠାରେ ହିଁ ଅଛି ସ୍ୱର୍ଣ୍ଣ ମନ୍ଦିର । ଜାଲିଆନାୱାଲାବାଗ୍ ସେଇଠି । ଗୋରା ସରକାର ସେଠି ଲୋକମାନଙ୍କୁ ପୋକ ମାଛି ପରି ମାରିଥିଲା । ମୋ ଗୋସେଇଁ ଶ୍ୱଶୁର ଗୁଳିରେ ମରିଥିଲେ । ମୋ ଶ୍ୱଶୁର ସେତେବେଳେ ପେଟରେ ଥିଲେ । ଶ୍ୱଶୁରଙ୍କର ବୟସ ହେଲା ବେଳକୁ ସେ ସ୍ୱାଧୀନତା ଆନ୍ଦୋଳନରେ ମିଶିଥିଲେ । ତାଙ୍କ ବଡ଼ ପୁଅ ମୋ ସ୍ୱାମୀ । ସୈନ୍ୟବିଭାଗରେ ଜବାନ୍ ଥିଲେ । କାରଗିଲ୍ ଯୁଦ୍ଧରେ ସେ ସହିଦ ହେଲେ । ପୁଅ ପଢୁଥିଲା ଆମେରିକାରେ । ଏହି କଲମ୍ବସ୍ ସହରରେ । ରହିଗଲା । ଆଉ ଦେଶକୁ ଫେରିଲା ନାହିଁ । ବୋହୂ ପଞ୍ଜାବୀ ଝିଅ, କିନ୍ତୁ ପଞ୍ଜାବ ଝିଅ ନୁହେଁ । ତା' ବାପ ମା' କଲମ୍ବସ୍ ବାସିନ୍ଦା, ଆମେରିକା ନାଗରିକ । ବୋହୂର ଜନ୍ମ ଆମେରିକାରେ । ଭାରତ ନାଁ ସେ ଶୁଣିଛି ସିନା, ଭାରତ କ'ଣ ଜାଣିନାହିଁ ।"

ଭାରତ ଶବ୍ଦ ଶୁଣି ଚେନ୍ନିକା ଅନୁମାନ କଲେ ଯେ ଚାନ୍ଦ ବିବି ଦେଶ ବିଷୟରେ କିଛି କହୁଛନ୍ତି । ତହୁଁ ସେ କହିଲେ, "ଆମ ଘର ଭାରତର ଦକ୍ଷିଣରେ, କର୍ଣ୍ଣାଟକ ରାଜ୍ୟରେ । ମହୀଶୂର ବୋଲି ସେ ରାଜ୍ୟରେ ଗୋଟେ ଜାଗା ଅଛି । ସେଠାରୁ କାହିଁ କେତେ ଦୂର ଆମ ଗାଁ । ବେଦର ବାପା ଚାଷବାସ କରୁଥିଲେ । ଢେର ସମ୍ପତ୍ତିବାଡ଼ି ତାଙ୍କର ଥିଲା । ଜମି ବିକିବାକି ସେ ଶେଷକୁ ନିଃସ୍ୱ ହୋଇ ଯାଇଥିଲେ । ବେଦ ବଡ଼ କଷ୍ଟରେ ପାଠ ପଢ଼ିଛି । ଭଲ ପାଠ ପଢୁଥିଲା ବୋଲି ଭଲ ଚାକିରି କରିଛି । ତା' ବାପା କିନ୍ତୁ ଏସବୁ ଦେଖିବାକୁ ରହିଲେ ନାହିଁ ଯାହା ।" ମହୀଶୂର, ବେଙ୍ଗାଲୁରୁ ଛଡ଼ା ଚାନ୍ଦ ବିବି ଆଉ କ'ଣ ବା ବୁଝନ୍ତେ । ସେ କହିଲେ, "ମୁଁ ଦକ୍ଷିଣ ଭାରତ ଯାଇନାହିଁ । ଶୁଣିଛି ଯେ ସେପଟରେ ଅନେକ ତୀର୍ଥସ୍ଥାନ ଅଛି । ଅନେକ ପ୍ରାଚୀନ ମନ୍ଦିର ଅଛି । ଭାରତର ଉତ୍ତର ଦିଗରେ ପଞ୍ଜାବ । ସେଠୁ ଗଙ୍ଗା ବା କେତେ ଦୂର ? ମୁଁ ତ ଗଙ୍ଗାସ୍ନାନ କରିନାହିଁ ।"

ଗଙ୍ଗା ଶବ୍ଦରେ କି କିମିଆଁ ଥିଲା କେଜାଣି, ଚେନ୍ନିକା ପୁଲକିତ ହେଲେ । "ଗଙ୍ଗା ପରି ନଦୀ ପୃଥିବୀରେ ନାହିଁ । ଦକ୍ଷିଣରେ କୃଷ୍ଣା, କାବେରୀ ଆଉ ଗୋଦାବରୀ । କିନ୍ତୁ ଗଙ୍ଗା ତ ଗଙ୍ଗା । ଦକ୍ଷିଣରୁ ମୁଁ ଉତ୍ତର ଯାଇ ପାରିଲି ନା ଗଙ୍ଗା ଯମୁନା ଦେଖି ପାରିଲି । ବନାରସ ଯିବା ପାଇଁ ଇଚ୍ଛା ଥିଲା । ବେଦ ବାପା କହିଥିଲେ ଶୀତ ହଟିଲେ ବନାରସ ନେଇଯିବେ । ତହୁଁ ବଦ୍ରିନାଥ, କେଦାରନାଥ । କିନ୍ତୁ ଶୀତ ହଟିବା ପୂର୍ବରୁ ସେ ନିଜେ ହଟିଗଲେ । ଖାଇବା ମଝିରେ ପାଣି ପିଉଥିଲେ, ତଣ୍ଟିରେ ପାଣି ଅଟକିଲା । ତା' ପରେ ତାଙ୍କ ଡୋଳା ଦି'ଟା ଉପରକୁ ଉଠି ଆସିଲା । ଯେତେ ଡାକିଲେ ସେ କାହିଁକି ବା ଆଉ ଶୁଣନ୍ତେ ! ଦେହ ନିମିଷକରେ ସନ୍ନିପାତ । ଘରେ କାନ୍ଦବୋବାଳି ପଡ଼ିଗଲା ।"

ଚେନ୍ନିକାଙ୍କ ଆଖି ଛଳଛଳ ହୋଇଗଲା । ଚାନ୍ଦ ବିବି ବୁଝି ପାରିଲେ ଯେ ଚେନ୍ନିକା କିଛି ଦୁଃଖ କଥା କହୁଛନ୍ତି । ହସକାନ୍ଦର କ'ଣ ଭାଷା ଥାଏ ? ଚାନ୍ଦ ବିବିଙ୍କ ଆଖି ବି ଜକେଇ ଉଠିଲା । ଦୁହେଁ ଚଉକି ଉପରେ ବସି ବେଶ୍ କିଛି ସମୟ ନିରବରେ ଲୁହ ଗଡ଼େଇଲେ । ସେଦିନ, ସେଇଠୁଁ ଶେଷ ହୋଇଥିଲା ତାଙ୍କ କଥାବାର୍ତ୍ତା ।

ଏମିତି ପ୍ରତି ଅପରାହ୍ନରେ କଥା ଲମ୍ବୁଥିଲା ଦୁହିଁଙ୍କ ଭିତରେ । ଦିନେ ଗୁରୁ ନାନକଙ୍କ କଥା କହିଲେ ଚାନ୍ଦ ବିବି । ଚେନ୍ନିକା ନାନକଙ୍କ ନାମ ଶୁଣିଥିଲେ । ଚାନ୍ଦ ବିବିଙ୍କ କଥା ବୁଝନ୍ତୁ ବା ନ ବୁଝନ୍ତୁ, କାନ

ଡେରି ସବୁ ଶୁଣିଲେ । ନାନକଙ୍କ କଥା ନ ସରୁଣୁ ଚେନ୍ନିକାଙ୍କ ପାଟିରୁ ଅକସ୍ମାତ୍ ବାହାରି ପଡ଼ିଲା ଆଦି ଶଙ୍କରଙ୍କ କଥା । ଶଙ୍କର କେମିତି ସେକାଳରେ ସାରା ଭାରତ ବୁଲି ଚାରିଧାମ ପ୍ରତିଷ୍ଠା କରିଥିଲେ, ସେକଥା ପଡ଼ିଲା । କାହିଁ କେରଳ, କାହିଁ ଉତ୍କଳ ? ଗୋବର୍ଦ୍ଧନ-ପୀଠ ସେ ପ୍ରତିଷ୍ଠା କରିଥିଲେ ଜଗନ୍ନାଥ ପୁରୀରେ । ପଶ୍ଚିମରେ ଦ୍ୱାରକା, ଉତ୍ତରରେ ବଦ୍ରିନାଥ ତ ପୁଣି ଦକ୍ଷିଣରେ ରାମେଶ୍ୱରମ୍ । ଆହା – କେତେ ବା ଥିଲା ତାଙ୍କ ଆୟୁଷ ? ସ୍ୱଳ୍ପାୟୁ ଶଙ୍କର ଭାରତର ନକ୍ସା ବଦଳାଇ ଦେଇଥିଲେ । ଚାରିଧାମ କଥା ଚେନ୍ନିକା କହୁଛନ୍ତି ବୋଲି ଚାନ୍ଦ ବିବି ଅନୁମାନ କରି ବୁଝିନେଲେ । କହିଲେ, "ସହସ୍ର ତୀର୍ଥର ଦେଶ ଭାରତ । ବଳ ବୟସ ହଟିଲାଣି । ମରଣକୁ ବାଟ ଚାଖଣ୍ଡେ ବାକି । ତଥାପି ସଂସାର ଜାଲରୁ ତ୍ରାହି ନାହିଁ । ଏ ପରଦେଶରେ କି ତୀର୍ଥ ?"

ଚାନ୍ଦ ବିବି ଅନ୍ୟମନସ୍କ ହୋଇ ପଡ଼ିଲେ । ଆମେରିକାରେ କେତେ ଗୀର୍ଜା ସେ ବୁଲି ଦେଖିଛନ୍ତି । ନଦନଦୀରେ ଭର୍ତ୍ତି ଏ ଦେଶ । ପୁଅବୋହୂଙ୍କ ସାଙ୍ଗରେ ବୁଲି ଯାଇଛନ୍ତି ଅନେକ ସ୍ଥାନ । କିନ୍ତୁ ସବୁ ସ୍ଥାନ ଆସ୍ଥାନ ହୋଇ ପାରନ୍ତି ନାହିଁ ? ପୃଥିବୀରେ ଲକ୍ଷେ ନଦୀ ବହୁଥିବ । କିନ୍ତୁ ଗଙ୍ଗା, ଗଙ୍ଗା । ଲକ୍ଷ ଲକ୍ଷ ପାହାଡ଼ପର୍ବତରେ ମଣ୍ଡିତ ହୋଇଛି ମହୀ । କିନ୍ତୁ ହିମାଳୟ ତ ହିମାଳୟ । ସୌନ୍ଦର୍ଯ୍ୟ ସହିତ ବିଶ୍ୱାସ ମିଶିଗଲେ ମାମୁଲି ସ୍ଥଳୀଟି ତୀର୍ଥସ୍ଥଳୀ ପାଲଟି ଯାଏ । ସ୍ୱର୍ଣ୍ଣମନ୍ଦିର ଛଡ଼ା ସେ ତାଙ୍କ ଜୀବନରେ ଆଉ କିଛି ବି ଦେଖି ନାହାନ୍ତି ।

ଚାନ୍ଦ ବିବିଙ୍କ ନିରବତା ଚେନ୍ନିକାଙ୍କୁ ଧୀରେ ଧୀରେ ସଂକ୍ରମିତ କଲା । ଭାବନା ଭିତରେ ଗୋଟେ ଅପୂର୍ବ ସାମସ୍ୟ ଯେମିତି ଥାଏ । ଚେନ୍ନିକା ବି ଭାବୁଥିଲେ ଦେଶ କଥା, ତୀର୍ଥ କଥା । ଚାମୁଣ୍ଡେଶ୍ୱରୀଙ୍କୁ ଦର୍ଶନ କରିବା ଛଡ଼ା ସେ ଆଉ କେଉଁ ତୀର୍ଥ ବା ଦେଖିଛନ୍ତି ତାଙ୍କ ଜୀବନରେ ? ବେଦର ପାଠପଢ଼ାକୁ ତ ପଇସା ନିଅଣ୍ଟ ଥିଲା, ସେପରି କ୍ଷେତ୍ରରେ ଭାରତ ବୁଲିବା ଥିଲା ଗୋଟେ ବିଳାସ । ଏବେ ପଇସାର ଅଭାବ ନାହିଁ, ଜଞ୍ଜାଳର ବି ଶେଷ ନାହିଁ । ବୋହୂର ପିଲା ହେବାର ଥିଲା । ବେଦ ସେଥିଲାଗି ଡାକି ଆଣିଥିଲା ପରଦେଶକୁ । ସାତସମୁଦ୍ର ତେରନଈ ଡେଇଁ ଏ କେଉଁ ଦ୍ୱୀପାନ୍ତରକୁ ଉଡ଼ି ଆସିବା ପାଇଁ ତାଙ୍କର ତିଳେ ଇଚ୍ଛା ନ ଥିଲା । କିନ୍ତୁ ପୁଅକୁ ମନା କରନ୍ତେ କେମିତି ? ତେବେ ଏବେ ଆଉ ସେ ଝିଂଝଟ ନାହିଁ । ନାତୁଣୀ ତିନିମାସର ହୋଇଗଲାଣି । ବୋହୂର ମା' ଆସିବ । ତାଙ୍କ ସେବାଯତ୍ନ ଆଉ ଲୋଡ଼ା ପଡ଼ିବ ନାହିଁ । ସମୁଦୁଣୀ ଉଚ୍ଚଶିକ୍ଷିତା । ନାତୁଣୀର ସେ ଭଲ ଯତ୍ନ ନେଇ ପାରିବେ । ଦେଶକୁ ଫେରିଗଲେ କେମିତି ହୁଅନ୍ତା ? ସେ ନିଜକୁ ପଚାରୁଥିଲେ । କିନ୍ତୁ ଉତ୍ତର ଖୋଜିବା ପାଇଁ ସାହସ କରୁ ନ ଥିଲେ ।

ଲୋକେ ଆମେରିକା ଆସିବା ପାଇଁ କାହିଁକି ପାଗଳ ହୁଅନ୍ତି କେଜାଣି ? ଚାନ୍ଦ ବିବି କିଛି ବୁଝି ପାରୁ ନ ଥିଲେ । ଏଠି ଶୀତ ଯେ ଶୀତ ଛ' ମାସ । ଦାନ୍ତରେ ଦାନ୍ତ ବାଜୁଥିବ । ଶୀତ ଛାଡ଼ିଗଲେ ଖରା, ନାଁକୁ ବସନ୍ତ ଯାହା ଆସେ । ଭାରତ ପରି କ'ଣ ଗୋଟେ ଦେଶ ଅଛି ? ଶୀତ ଯାଉ ଯାଉ ପତ୍ର କଅଁଳୁଥିବ, ଫୁଲ ଫୁଟୁଥିବ, ବହୁଥିବ ଚୋରା ଚଇତାଳି । ଚଇତାଳି କିନ୍ତୁ ଆସି ଆସେ ନାହିଁ । ତା' ପରେ ଖରା ଯେ ଖରା ନାହିଁ ନ ଥିବା ଖରା । ଡହଳ ବିକଳ ହେବ ଧରା । ଖରା ବି ବେଶି ଦିନ ତଡ଼ପି ପାରେ ନାହିଁ । ହଠାତ୍ ମେଘମାନେ ସମୁଦ୍ର ଆଡୁ ପଟୁଆରରେ ଆସି ଆକାଶକୁ ଆଚ୍ଛନ୍ନ କରିବେ । ତା' ପରେ ଘଡ଼ଘଡ଼ି ସାଙ୍ଗକୁ ବର୍ଷା । ମାଟି ବତୁରିବ, କହିବ ମୋତେ କର୍ଷଣ କର । ମେଘ ବି ସବୁଦିନିଆ ନୁହେଁ । ସେ ବାଟ ଛାଡ଼ିଦେବ ଶରତ ଋତୁକୁ । କାଚକେନ୍ଦୁ ପାଣି, କାଶତଣ୍ଡୀ ଫୁଲରେ ଉଚ୍ଛୁଳିବ ମା' ବସୁନ୍ଧରୀ । ଏସବୁ କାହିଁ ଏଠି ? ଏଠି ଋତୁ ଅଛି ନା ଅଛି ମୌସୁମୀ ? ଓଃ, ତାଙ୍କୁ ଆଉ କିଛି ଭଲ ଲାଗୁ ନ ଥିଲା ।

ଚେନ୍ନିକାଙ୍କୁ ବି କିଛି ଭଲ ଲାଗୁ ନ ଥିଲା । ପର୍ବପର୍ବାଣିର ଗନ୍ଧ ନାହିଁ ଏ ଦେଶରେ । ଭାରତରେ ତ ବାର ମାସରେ ତେର ଯାତରା । କେଉଁଠି ବୈଶାଖୀ ତ କେଉଁଠି ବିଷୁବ । କେଉଁଠି ମକର ପୁଣି ଆଉ କେଉଁଠି ପୋଙ୍ଗଲ୍ । ହୋଲିରେ ରଙ୍ଗ ଖେଳ ତ ଦୀପାବଳୀରେ ବାଣରୋଷଣିର ମଉଛବ । ଆଷାଢ଼ରେ ଜଗନ୍ନାଥ ପୁରୀର ରଥଯାତ୍ରା ହେଉଥିବ ତ ଆଶ୍ୱିନରେ କଲିକତାରେ ଜମୁଥିବ ଦୁର୍ଗାପୂଜା । ପୁଣି ଗଣେଶ ଚତୁର୍ଥୀରେ କମ୍ପୁଥିବ ମୁମ୍ବାଇ ନଗରୀ । ଏଠି ଖାଲି ବଡ଼ଦିନ ପାଳନ କରାଯାଏ ଯାହା । ବର୍ଷସାରା ଆଉ କିଛି ପର୍ବ ନାହିଁ । ଏଠି ପୁଣି ନାଚଗୀତ ହୁଏ କୁଆଡ଼େ କ୍ଲବ୍‌ରେ ନ ହେଲେ ହୋଟେଲ୍‌ରେ । ଏଠି ନା ଛଉ ଅଛି ନା ବିହୁ ? ନା ଭାଙ୍ଗଡ଼ା ନା ଗର୍‌ବା ?

ପରବର୍ତ୍ତୀ ଦିନଗୁଡ଼ିକରେ ସାନ୍ଧ୍ୟଭ୍ରମଣ କଲାବେଳେ ଚାନ୍ଦ ବିବି ଦି'ପଦ କଥା କହିଲେ ପଦେ କଥା କହୁଥିଲେ ଚେନ୍ନିକା । ଗହମ କ୍ଷେତର ଶୋଭା ଘାରୁଥିଲା ଚାନ୍ଦ ବିବିଙ୍କୁ ତ ଲହଲହକା ଧାନକେଣ୍ଡା ଭାସି ଉଠୁଥିଲା ଚେନ୍ନିକାଙ୍କ ଆଖି ଆଗରେ । ଗଙ୍ଗା-ଯମୁନା, କୃଷ୍ଣା-ଗୋଦାବରୀ ଯେମିତି ତରଙ୍ଗ ହାତ ପ୍ରସାରି ଦୁହିଁଙ୍କୁ ଡାକୁଥିଲେ ଆସ ଆସ ବୋଲି । ପଞ୍ଚ ନଦର ନିନାଦ, ବିନ୍ଧ୍ୟ ହିମାଚଳର ବିସ୍ମୃତି ଏବଂ ସମୁଦ୍ର-ସଙ୍ଗୀତ ବିଭୋର କରୁଥିଲା କି ଉଭୟଙ୍କୁ ? ଥରେ ଘରମୁହାଁ ହେଲେ ଆଉ କେଉଁଠି କ'ଣ ମନ ଲାଗେ ?

ଦେଶକୁ ଫେରିଯିବା ପାଇଁ ଚାନ୍ଦ ବିବି ସିଧା କହିଲେ ହର୍‌ବିନ୍ଦର୍‌କୁ । ହର୍‌ବିନ୍ଦର୍ ସେଥିରେ ଚକିତ ହେବାରେ କିଛି କାରଣ ନ ଥିଲା । ବେଦମୂର୍ତ୍ତି ଠାରୁ ସେ ଶୁଣିଥିଲା ଯେ ତା' ମା' ବି ଭାରତ ଫେରିବା ପାଇଁ ଅସ୍ଥିର ହେଲେଣି । କିନ୍ତୁ ହର୍‌ବିନ୍ଦର୍‌ର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ, ସେ ଯେତେବେଳେ ଜାଣିଲା ଯେ ତା' ମା' ସାରା ଭାରତ ବୁଲି ତୀର୍ଥ କରିବାକୁ ଚାହୁଁଛନ୍ତି । ବେଦମୂର୍ତ୍ତି ବି କହୁଥିଲା ଯେ ତା' ମା' ବି ଭାରତ ବୁଲିବାକୁ ଅଡ଼ି ବସିଛନ୍ତି । ଏ ଦୁଇ ମା' ତା'ହେଲେ କେଉଁ ଭାଷାରେ କଥା ହେଉଥିଲେ ? ଏମନ୍ତ ରହସ୍ୟ ଭେଦ କରିପାରୁ ନ ଥିଲା ହର୍ ବିନ୍ଦରର ସ୍ଥୂଳ ବୁଦ୍ଧି ।

ପରେ କିନ୍ତୁ କଥାଟାକୁ ସ୍ପଷ୍ଟ କଲା ବେଦମୂର୍ତ୍ତି । କହିଲା, "ଭାଇ ହର୍‌ବିନ୍ଦର୍, ଭାରତରେ ଭାଷା ସିନା ଅନେକ, ଭାଷ୍ୟ କିନ୍ତୁ ଏକ୍ । ବୁଝୁ ବା ନ ବୁଝୁ, ହର୍‌ବିନ୍ଦର୍ ହଁ ମାରିଲା ।

**ଲୋକେ ଆମେରିକା ଆସିବା ପାଇଁ କାହିଁକି ପାଗଳ ହୁଅନ୍ତି କେଜାଣି ? ଚାନ୍ଦ ବିବି କିଛି ବୁଝି ପାରୁ ନ ଥିଲେ । ଏଠି ଶୀତ ଯେ ଶୀତ ଛ' ମାସ । ଦାନ୍ତରେ ଦାନ୍ତ ବାଜୁଥିବ । ଶୀତ ଛାଡ଼ିଗଲେ ଖରା, ନାଁକୁ ବସନ୍ତ ଯାହା ଆସେ । ଭାରତ ପରି କ'ଣ ଗୋଟେ ଦେଶ ଅଛି ? ଶୀତ ଯାଉ ଯାଉ ପତ୍ର କଅଁଳୁଥିବ, ଫୁଲ ଫୁଟୁଥିବ, ବହୁଥିବ ଚୋରା ଚଇତାଳି । ଚଇତାଳି କିନ୍ତୁ ଆସି ଆସେ ନାହିଁ । ତା' ପରେ ଖରା ଯେ ଖରା ନାହିଁ ନଥିବା ଖରା । ଡହଳ ବିକଳ ହେବ ଧରା । ଖରା ବି ବେଶି ଦିନ ତଡ଼ପି ପାରେନାହିଁ । ହଠାତ୍ ମେଘମାନେ ସମୁଦ୍ର ଆଡୁ ପଟୁଆରରେ ଆସି ଆକାଶକୁ ଆଚ୍ଛନ୍ନ କରିବେ । ତା' ପରେ ଘଡ଼ଘଡ଼ି ସାଙ୍ଗକୁ ବର୍ଷା । ମାଟି ବତୁରିବ, କହିବ ମୋତେ କର୍ଷଣ କର । ମେଘ ବି ସବୁଦିନିଆ ନୁହେଁ । ସେ ବାଟ ଛାଡ଼ିଦେବ ଶରତ ଋତୁକୁ । କାଚକେନ୍ଦୁ ପାଣି, କାଶତଣ୍ଡୀ ଫୁଲରେ ଉଚ୍ଛୁଳିବ ମା' ବସୁନ୍ଧରୀ । ଏସବୁ କାହିଁ ଏଠି ? ଏଠି ଋତୁ ଅଛି ନା ଅଛି ମୌସୁମୀ ? ଓଃ, ତାଙ୍କୁ ଆଉ କିଛି ଭଲ ଲାଗୁ ନ ଥିଲା ।**

ଧାରାବାହିକ
ଚରିତ୍ର-ଉପନ୍ୟାସ



# ଦାସେ ଆପଣେ

୩୦

# ଦାସେ ଆପଣେ


## ପବିତ୍ର ମୋହନ ଦାଶ

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୂଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଳ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

ପବିତ୍ର ମୋହନ ଦାଶ: ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ଗୋପବନ୍ଧୁଙ୍କ ଆଖି କେତେବେଳେ ଜକେଇ ଆସୁଥିଲା ତ କେତେବେଳେ କ୍ଷୋଭ ଓ କ୍ରୋଧରେ ଥରି ଉଠୁଥିଲା ଛାତି । ନିଜର ସାକ୍ଷୀଗୋପାଳ ବସା ଘରୁ ସେ ବାହାରିଥଲେ ସାନ୍ଧ୍ୟ ଭ୍ରମଣରେ । ଏମିତି କିଛି ବାଟ ସନ୍ଧ୍ୟା ବେଳେ ଚାଲି ଗଲେ ଦେହ ଓ ମନର ଭାର ହାଲୁକା ଲାଗେ । ପୁଣି ମନେ ପଡେ କେତେ ପ୍ରକାରର ଅନୁଭବର କଥା । ବିଦ୍ୟାଳୟରେ ନାନାଦି ପରୀକ୍ଷାନିରୀକ୍ଷା ପୁଣି କେତେ ପ୍ରକାରର ସମସ୍ୟା, ପରିବାରର ସୁଖଦୁଃଖ,ସାଧାରଣ ଲୋକଙ୍କ ଦୟନୀୟ ଦୁଃସ୍ଥିତି ଚଳନ୍ତି ଛବି ପରି ଭାସି ଉଠେ । ହେଲେ ଆଜି ସେ ମନେ କରୁଥିଲେ ଅଧିକ ବ୍ୟଥା ବେଶୀ ଭାର । ସେ ବ୍ୟଥିତ ଥିଲେ ଓଡ଼ିଆଙ୍କ ଭାଗ୍ୟ ସହ ଅନ୍ୟମାନଙ୍କର ଖେଳିବାକୁ ନେଇ । ଆଜି ତାଙ୍କର ମନେ ପଡୁଥିଲା ସିଂହଭୂମି ଦୁର୍ଦ୍ଦଶା କଥା । ସେଠି ଶାସନ ତନ୍ତ୍ରର ଚଞ୍ଚକତାର ଶିକାର ପାଲଟିଥିବା ଓଡ଼ିଆ ଭାଇମାନଙ୍କ ବ୍ୟଥା । ଏହା ଭିତରେ ସେ ଓ ଅନ୍ୟାନ୍ୟ ନେତୃବୃନ୍ଦ ସେଠି କେତେ ପଦକ୍ଷେପ ନେଇ ଚାଲିଛନ୍ତି,ହେଲେ ସେଠି ଭାଇମାନେ ଭୋଗୁଥିବା କଦାର୍ଥନା ତାଙ୍କୁ ଗୋଡାଉଛି ପ୍ରେତଛାୟା ପରି । ପ୍ରାରମ୍ଭିକ ଅବସ୍ଥାରେ ସେଠି ଶାସକ ଓ ସ୍ଥାନୀୟ କୁଚକ୍ରୀଙ୍କ ତରଫରୁ ଯେଉଁ ଦ୍ୱିକୋଣୀ ଆକ୍ରମଣ ହୋଇଥିଲା ତା'ର ପୀଡା ସେ ଏଯାଏ ଭୁଲିନାହାନ୍ତି । ଓଡ଼ିଆଙ୍କ ଗଣ ମନରେ କଣ ଅଛି ସେ କଥା ପ୍ରତି କେହି ଖାତିର ନ କରିବା ତାଙ୍କୁ ଖୁବ ବାଧୁଥିଲା । ଯେଉଁ ପ୍ରଶାସକ ଅମଳରେ ଯାହାର ଯେପରି ଇଛା ହେଲା ସେ ଓଡିଶା ସହ ସେପରି ଫୁଟବଲ ଖେଳୁଥିଲା । କେତେ ପ୍ରକାରର ଗୋଇଠା ମାଡ଼ରେ ଉତ୍କଳ ଜନନୀ ହେଉଥିଲା ଅତିଷ୍ଠ । ଓଡିଆମାନେ ଯେମିତି ସାରୁ ପରିବା । ଯେକୌଣସି ରାନ୍ଧଣାରେ ଯେପରି ବ୍ୟବହାର କଲେ ମଧ ସତେ ଅବା ସେମାନଙ୍କର କିଛି ପ୍ରତିବାଦ ନାହିଁ । ସାଧାରଣ ଲୋକଙ୍କୁ ଦୋଷ ଦେଇ ହେବ ନାହିଁ । ସେମାନେ ଯେମିତି ନିର୍ବେଦ, ନିଷ୍ପ୍ରଭ । ଦାନା ମୁଠିଏ ଯେଉଁଠି ବଡ଼ ପ୍ରଶ୍ନ ସେଠି ଜାତୀୟ ଅସ୍ମିତାର କଥାକୁ କାହାର ବା ଫୁରୁସତ ?ଲଜ୍ଜା ଢାଙ୍କିବାକୁ କନା ଖଣ୍ଡିଏ ଯେଉଁଠି ସାତ ସ୍ୱପ୍ନ ସେଠି ଜାତିର ପତାକା ଉଡିଲେ କି ନ ଉଡିଲେ କାହାର କିବା ଯାଏ ଆସେ । ହେଲେ ସ୍ୱଚ୍ଛଳ,ଶିକ୍ଷିତ ଲୋକେ ଭୁଲି ଯାଉଛନ୍ତି ସେମାନଙ୍କ ଭୂମିକା । ଯାହାର ଅର୍ଥ ଅଛି ସେ ଆହୁରି ଜମା ବଢାଇବାରେ ବ୍ୟସ୍ତ । ଜାତି ଆଉ ସଂସ୍କୃତି ଚୁଲୀକୁ ଗଲେ ଚିନ୍ତା ନାହିଁ । ଶିକ୍ଷିତ ଲୋକେ ଗୋରା ସରକାର ଅଧୀନରେ ଗୋଲାମି କରିବାକୁ ମଣୁଛନ୍ତି ପ୍ରାଥମିକ କର୍ତ୍ତବ୍ୟ । ସରକାରୀ ଚାକିରୀ ଧର୍ମ, ଅର୍ଥ,କାମ,ମୋକ୍ଷ ସବୁ କିଛି । ତେଣୁ ମୁଣ୍ଡରେ ଦଶର ଚିନ୍ତା ପଶିବାକୁ ବାଟ ନାହିଁ । ଘୁଷୁରି ପରି ତୃପ୍ତ ଜୀବନ ଜିଇଁବା ସବୁରି ଲକ୍ଷ୍ୟ । ରାଜା ଜମିଦାର ନିଜନିଜ ଅଧିପତ୍ୟର କ୍ଷେତ୍ରରେ ମହୀପତି । ଗୋରାଙ୍କ ପାଖେ ସଲାମୀ ପୈଠ କରି ନିଜ ଲୋକଙ୍କୁ କୋରଡ଼ା ମାରିବା କଥା ସାର । ନିଜ ବିଳାସ ବ୍ୟସନରୁ ମୁକୁଳିବାକୁ ଫୁର୍ସତ୍ ନାହିଁ । ଅବଶ୍ୟ ସେଇମାନଙ୍କ ଭିତରୁ ଅନେକ ଜାତୀୟ ଯଜ୍ଞରେ ଆଗୁଆ ।

ଓଡିଶାକୁ ବିହାର ସହ ଯୋଡି ଦିଆ ଗଲା ପରେ ଲୋକେ କହିଲେ 'ଓଡିଶା ସବ୍ ପ୍ରୋଭିନ୍ସ ହେଲା' । ଗୋପବନ୍ଧୁ କିନ୍ତୁ କଟାକ୍ଷ କରି କହିଥିଲେ ସବ୍ ପ୍ରୋଭିନ୍ସ ନୁହଁ ବରଂ କହି ପାର ଓଡିଶା ଶବ ପ୍ରଦେଶ ହେଲା । ହେଲେ ଶାସକ ଶ୍ରେଣୀ ଭିତରେ ବି ଏ ନେଇ ଥିଲା ମତ ଭେଦ । ସେଦିନ ସଚେତନ ଓଡ଼ିଆଙ୍କ ଭିତରେ ଚହଳ ପଡିଥିଲା । ବିଲାତରେ ଓଡ଼ିଆଙ୍କ ଭାଗ୍ୟକୁ ନେଇ ଚାଲିଥିଲା ଚର୍ଚ୍ଚା । ଗୋପବନ୍ଧୁ ଏବେ ମନେ ପକାଉଥିଲେ ବ୍ରିଟିଶ ପାର୍ଲାମେଣ୍ଟ୍‌ରେ ଓଡ଼ିଶାର ଭାଗ୍ୟକୁ ନେଇ ଘଟିଥିବା ସେ ବିଚିତ୍ର ଆଲୋଚନା । ବିହାର ସହ ଛଂଦି ଦେବା ପୂର୍ବରୁ ସେଠି ହୋଇଥିଲା ତୁମୂଳ ବିତର୍କ । ଲଣ୍ଡନରେ ସଂଘଟିତ ସେ ବିତର୍କ ଶିକ୍ଷିତ ଓଡ଼ିଆଙ୍କ ଭିତରେ କିଛିଟା ଆଲୋଡ଼ନ ସୃଷ୍ଟି କରିଥିଲା । ସେମାନଙ୍କୁ ଭାବିବାକୁ ବାଧ୍ୟ କରିଥିଲା । ଛକରେ ଛକରେ ସେ କଥାକୁ ନେଇ ପଡିଥିଲା ଚହଳ । ପାର୍ଲାମେଣ୍ଟ୍‌ରେ ଲର୍ଡ଼ କର୍ଜ୍ଜନ କହି ପକାଇଲେ, 'ଓଡ଼ିଆମାନେ ବହୁ ଦିଗରୁ ଅବହେଳିତ ଓ ବଂଚିତ । ପ୍ରଶାସନିକ ସୁବିଧା ପାଇଁ ଓଡିଶାକୁ ବିହାର ସହିତ ଯୋଡି କିଛି ଲାଭ ହେବାର ନାହିଁ ।' ଆଲୋଚନା ଆଗକୁ ବଢିବା ପରେ ସେ ପୁଣି ମତ ଦେଲେ, 'ଓଡିଆମାନେ ପ୍ରତିବାଦ ଜାଣି ନାହାଁନ୍ତି । ସେଥିପାଇଁ ସେମାନଙ୍କର ଏ ଦୁର୍ଦ୍ଦଶା । ସେମାନେ ନିଜ କଥା କହି ଜାଣିଥିଲେ ଆଜି ଏ ଦୁରବସ୍ଥା ଉପୁଜି ନଥାନ୍ତା ।' କର୍ଜ୍ଜନଙ୍କର ଏ ଉକ୍ତି ଗୋପବନ୍ଧୁଙ୍କ ମନ ଭିତର ମନ୍ଥି ପକାଇଥିଲା । ସେ ଓଡ଼ିଆଙ୍କ ପାଇଁ ପଦେ କହିଥିଲେ ତା ସହିତ ଓଡ଼ିଆ ଜାତିର ଗୁଣ ସୂତ୍ରରେ ଥିବା ନିର୍ବେଦତା ଓ ଉତ୍ସାହହୀନତା ସୂଚାଇ ଦେଇଥିଲେ । ତାଙ୍କ କଥା ବାସ୍ତବ ଥିଲା । ଯେଉଁ କାରଣରୁ ଓଡିଆମାନେ ପ୍ରତିବାଦହୀନ ସେ କଥା ସାହେବ ବା ଜାଣିଥିବେ କେତେକେ । ଅଭାବ ଅନଟନ ଦୁର୍ବିପାକ ଭିତରେ ସନ୍ତୁଳି ହେଉଥିବା ଗୋଟିଏ ଜାତି ଭିତରେ ନୂଆ ଉତ୍ସାହ ଆସିବ କୁଆଡୁ ? ଯେଉଁମାନେ ପାଇକ ସନ୍ତାନ ଓ ବୀରତ୍ୱର ପ୍ରତୀକ ବୋଲି ଗର୍ବ କରନ୍ତି ସେମାନଙ୍କ ବୃଷସ୍କନ୍ଧ ଆଜି ଦୁର୍ବଳ,ଦେହରେ ପଳେ ମାଂସ ନାହିଁ । ଏକଦା ଯେଉଁମାନେ ମଲ୍ଲ ଥିଲେ ଆଜି ସେମାନେ ଭିକ ମାଗୁଛନ୍ତି । ନଅଙ୍କ ଦୁର୍ଭିକ୍ଷରେ ଦୁର୍ବିପାକ ଶେଷ ହୋଇ ଯାଇନାହିଁ । ଏ ଜାତିର ଜୀବନ ଯେମିତି ଏକ ପ୍ରଲମ୍ବିତ ଦୁର୍ଭିକ୍ଷ । ଏବେ ବି ଖାଦ୍ୟାଭାବରୁ ଯୁବତୀମାନଙ୍କ ଅଂଗରେ ଯୌବନ ଫୁଟୁ ନାହିଁ । ସେମାନେ ପ୍ରତିବାଦ କରିବେ କଣ ? ତେବେ କର୍ଜ୍ଜନ ବାସ୍ତବ କଥା କହିଥିଲେ । ତାଙ୍କ କଥାରେ ଓଡ଼ିଆଙ୍କ ପ୍ରତି ଥିଲା ଦରଦ ଆଉ ସଭ୍ୟ ହିସାବରେ ତାଙ୍କ ଦୃଷ୍ଟି ଥିଲା ବାସ୍ତବ ଧର୍ମୀ । ତାଙ୍କର ଏ ମତ ପାଇଁ ଓଡିଆମାନେ ତାଙ୍କୁ ସ୍ମରଣ କରିବେ । କଥା ସେତିକିରେ ସରି ଯାଇ ନଥିଲା ।

ଆଲୋଚନାକୁ ହାଉସ୍ ଅଫ୍ ଲର୍ଡ୍ସରେ ଆଗକୁ ବଢାଇଥିଲେ ଷ୍ଟେଟ୍ ସେକ୍ରେଟାରୀ ଲର୍ଡ଼ କ୍ରିଉ । ସେ କର୍ଜ୍ଜନଙ୍କୁ ସମର୍ଥନ ଜଣାଇଥିଲେ । ତାଙ୍କ ପକ୍ଷଧର ପୁଣି ଓଡ଼ିଆଙ୍କ ପ୍ରତି ଦରଦୀ ଭାବେ ସେ କହିଥିଲେ, 'ଆମେ ଓଡ଼ିଆଙ୍କ ଦାବୀ ପ୍ରତି ସମର୍ଥନ ଜଣାଇବା ଉଚିତ୍ । ସେମାନଙ୍କ ଦାବୀ ପୂରଣ ପାଇଁ ଯାହା କରାଯିବା କଥା ତା କରାଯିବା ଉଚିତ । ଓଡିଆମାନେ ବହୁ ଦିଗରୁ ଅବହେଳିତ । ସେମାନେ ଯେପରି ଆତ୍ମବଳ ପାଇବେ ତାହା ଆମର ଦେଖିବା ଉଚିତ୍ । ସେମାନଙ୍କ ଅଧିକାର ପ୍ରତି ଦୃଷ୍ଟି ଦେବା ଆମର କର୍ତ୍ତବ୍ୟ । ଗୋଟିଏ ପ୍ରାଚୀନ ଜାତିକୁ ଖଣ୍ଡ ବିଖଣ୍ଡିତ କରି ନଷ୍ଟ କରିବା ଅନ୍ୟାୟ ।'

ଆଲୋଚନା ଏପରି ବଢିଥିଲା । ହାଉସ୍ ଅଫ୍ କମନ୍ସରେ କିନ୍ତୁ କଥା ଅଲଗା ହୋଇଯାଇଥିଲା । ଅଣ୍ଡର୍ ସେକ୍ରେଟାରୀ ମଣ୍ଟେଗୁ ଓଡ଼ିଆଙ୍କ ପ୍ରତି ସମର୍ଥନ ଜ୍ଞାପନ କରି ନଥିଲେ । ସେ କହିଥିଲେ, 'ପ୍ରଶାସନିକ ସୁବିଧା ଦୃଷ୍ଟିରୁ ଓଡିଶାକୁ ବିହାର ସହିତ ଯୋଡି ହୋଇ ରହିବାକୁ ହେବ । ଏ ବିଷୟରେ ଦ୍ୱିତୀୟ ଚିନ୍ତା ନ କରି କାର୍ଯ୍ୟ କରିବା ଉଚିତ୍ । ପ୍ରଶାସନିକ ବାଧବାଧକତା ସର୍ବୋପରି ।'

ଏହିପରି ନାନା ସଭ୍ୟଙ୍କ ନାନା ମତ ଭିତରେ ଓଡିଶା ବିହାରର ଅଂଶରେ ପରିଣତ ହୋଇ ରହି ଯାଇଥିଲା । ଗୋଟିଏ ପ୍ରାଚୀନ ଜାତିକୁ ଏପରି ହନ୍ତସନ୍ତ କରିବା ରାଜ୍ୟର ପ୍ରାୟ ସବୁ ଆଡେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା । ବିହାର ସହ ମିଶ୍ରଣ ପରେ ପରେ ଆରମ୍ଭ ହୋଇ ଯାଇଥିଲା ପ୍ରଶାସନିକ ଚକ୍ରାନ୍ତ । ସିଂହଭୂମି ପରି ଓଡ଼ିଆ ଅଞ୍ଚଳରୁ ବିଦ୍ୟାଳୟ ମାନଙ୍କରୁ ଓଡ଼ିଆ ଭାଷା ଉଠାଇ ହିନ୍ଦୀ ଲଦି ଦିଆଗଲା । ଷଢେଇକଳା ଓ ଖରସୁଆଁ ବାସୀଙ୍କ ତରଫରୁ ଆରମ୍ଭ ହୋଇ ଯାଇଥିଲା ପ୍ରତିବାଦ । ଆଉ ତା'ର ପ୍ରତିଧ୍ୱନି ଶୁଭିଥିଲା ପୁରୀରେ ଆୟୋଜିତ ଉତ୍କଳ ସମ୍ମିଳନୀରେ । ମଧୁବାବୁଙ୍କ ଉପରେ ସୁରଙ୍ଗୀ ମହାରାଜା ଆବେଗ ପୂର୍ଣ ଉପକ୍ରମଣିକା କଲା ପରେ ନିଜର ଆବେଗ ଓ ଉଚ୍ଛ୍ୱାସ ବୁହାଇ ଦେଇଥିଲେ ଗୋପବନ୍ଧୁ । କହିଥିଲେ, 'ମଧୁବାବୁଙ୍କ ସମ୍ମାନିତ କରି ଆମେ ସମସ୍ତେ ସମ୍ମାନିତ ହୋଇଅଛେ ।' ମଧୁବାବୁଙ୍କ ଉଦ୍‌ବୋଧନୀ କବିତାର ଆହ୍ୱାନ ସବୁରି ହୃଦୟରେ ପ୍ରତିଧ୍ୱନିତ ହେଉଥିଲା ।

ତା ପରେ ସମ୍ମିଳନୀରେ ତୀବ୍ର ପ୍ରତିକ୍ରିୟାର ସହ ଆଲୋଚିତ ହୋଇଥିଲା ସିଂହଭୂମିରୁ ଓଡ଼ିଆ ଭାଷା ଉଠିଯିବାର ସମସ୍ୟା ଓ ସେଠାକାର ଲୋକଙ୍କ ଦୁର୍ଭାଗ୍ୟ । ସବୁ ସଦସ୍ୟ ଏକମନ ହୋଇ ସିଂହଭୂମିର ଭାଇମାନଙ୍କ ସହ ଠିଆ ହେବାର ପ୍ରତିଶ୍ରୁତି ଦେଲେ । ସଭ୍ୟମାନଙ୍କ ମନରେ ଖେଳୁଥାଏ ପ୍ରଚଣ୍ଡ କ୍ଷୋଭ । ମଣିଷ ମୁହଁରୁ ଖାଦ୍ୟ ଛଡାଇ ନେଲ, ଏବେ ମାତୃଭାଷା ଛଡାଇ ନେବାକୁ ବସିଛ । ଖାଦ୍ୟ ଛଡାଇ ନେଲେ ଜଣେ ଭିକ୍ଷା ମାଗି ପାରେ, ହେଲେ ସେଇ ମାଗିବା ପାଇଁ ବି ଲୋଡ଼ା ଭାଷା । ଆଜି ବ୍ରିଟିଶ ପ୍ରଶାସନ ଓ ହିନ୍ଦୀ ଭାଷୀଙ୍କ ଚକ୍ରାନ୍ତ ସେତିକି ମଧ ଛଡାଇ ନେବାକୁ ବସିଛି । ସମ୍ମିଳନୀ ମଝିରେ ଗୋପବନ୍ଧୁ କଥା

ହେଉଥିଲେ ଜଗବନ୍ଧୁ ସିଂହଙ୍କ ସହ । ସାଙ୍ଗରେ ଥିଲେ ବ୍ରଜ ସୁନ୍ଦର । କଥା ନହସରେ ଚାଲ ଚାଲ ହୋଇ ତିନିହେଁ ପହଂଚିଥିଲେ ବଡ଼ ଦାଣ୍ଡରେ, 'ଆମେ ଏ ପରିସ୍ଥିତିରେ କଣ କରି ପାରିବା ଜଗବନ୍ଧୁ । ଚାରିଆଡ଼େ ଏ ଯେଉଁ ଚିତ୍ର ଓଡ଼ିଆଙ୍କ ପାଇଁ ନିରୁତ୍ସାହଜନକ । ଆମେମାନେ ତ ସଂଗଠିତ ହେବା ଆରମ୍ଭ କରିଛେ । ଏ ପରିସ୍ଥିତିରେ ବିଚ୍ଛିନ୍ନାଂଚଳରୁ ଯେଉଁ ଚଞ୍ଚକତାର ଖବର ଆସୁଛି ତା'ର ଜବାବ କଣ ହୋଇପାରେ ?'

'ସୀମାବର୍ତ୍ତି ସବୁ ଅଞ୍ଚଳରେ ପରିସ୍ଥିତି ଏମିତି ହୁଏ । ଭାଷାମାନଙ୍କ ଭିତରେ ଘଟେ ସଂଘର୍ଷ । ବାସ୍ତବ କଥା ହେଲା ଆମେ ପୁରୀ ବା କଟକରେ ବସି ବିଚ୍ଛିନ୍ନାଂଚଳ ଭାଇମାନଙ୍କ ପ୍ରତି ଯେତେ ସମବେଦନା ଜଣାଇଲେ ଫଳ ବିଶେଷ କିଛି ହେବ ନାହିଁ । ଅସଲ ଲଢ଼େଇ ସେଠି ଲଢ଼ାଯିବା ଉଚିତ୍ ।' ଉତ୍ତର ଦେଇଥିଲେ ଜଗବନ୍ଧୁ । ସେ ସବୁ ସମୟରେ ବାସ୍ତବବାଦୀ । ତାଙ୍କର ଏ ଉକ୍ତି ଗୋପବନ୍ଧୁଙ୍କ ମନକୁ ପାଇଲା । ସେ ପୁଣି ପଚାରିଲେ, 'ଏ ଲଢ଼େଇର ଉପାୟ କଣ ଜଗବନ୍ଧୁ ? ମୋତେ ଏ ବିଷୟରେ ଚାରିଦିଗ ଅନ୍ଧାର ଦିଶୁଛି । ସମ୍ମିଳନୀ ତରଫରୁ ତ ଯାହା ଯୋଜନା କରାଯିବ ତାହା କରିବା । ତେବେ ଆମ ଭିତରେ ବିଶେଷ ଚିନ୍ତା କଣ ରହିବ ଚିନ୍ତା କର ।'

'ମୋତେ ଯାହା ମନେ ହୁଏ ସେ ଅଞ୍ଚଳରେ ଓଡ଼ିଆମାନଙ୍କ ମନରୁ ଆତ୍ମ ବିଶ୍ୱାସ ଭାଙ୍ଗିଛି । ସେମାନଙ୍କ ମନରେ ଭାଷା ଆଉ ସଂସ୍କୃତିକୁ ନେଇ ଆତ୍ମ ପ୍ରତ୍ୟୟ ତିଆରି ବଡ଼ କଥା । ସେମାନଙ୍କୁ ଲଢ଼େଇ ପାଇଁ ପ୍ରସ୍ତୁତ ହେଲା ଭଳି ଉତ୍ସାହ ଦେବାକୁ ପଡିବ, ଆମକୁ ସେମାନଙ୍କ ସହ ରହିବାକୁ ହେବ ।'

'ହଁ ଜଗବନ୍ଧୁ ! ମୁଁ ଜାଣେ ସେମାନେ ଆମରି ପରି ଓଡ଼ିଆ ଓଷା ବ୍ରତ ପାଳନ କରନ୍ତି । ଆମରି ପରି ଦିଅଁ ଦେବତା ପୂଜା କରନ୍ତି । ହେଲେ ଚାରି ଆଡୁ ଯେଉଁ ସାଂସ୍କୃତିକ ଆକ୍ରମଣ ତା ଭିତରେ ଆତ୍ମ ବିଶ୍ୱାସ ବଞ୍ଚାଇବା ସେମାନଙ୍କୁ କଷ୍ଟକର ମନେ ହେଉଛି । ତା ପରେ ବ୍ରଜସୁନ୍ଦରଙ୍କ ଆଡ଼କୁ ଚାହିଁ ପଚାରିଥିଲେ, 'ତୁମେ ଏ ପ୍ରସଙ୍ଗରେ କଣ କହୁଛ ବ୍ରଜ ?'

'ଆମେ ଦେଖିବା କଥା ଖାଲି ସିଂହଭୂମିରେ ଯେ ଏ ସମସ୍ୟା ହେଉଛି ତା ନୁହେଁ । ମେଦିନୀପୁରରେ ଜେନା ହେଲେ ଜ୍ୟାନା, ପଣ୍ଡା ପାଲଟିଲେ ପାଣ୍ଡା, ମହାନ୍ତି ହେଲେ ମାଇତି ଆଉ ବରାଳ ହେଲେ ବଡାଲ । ସେମାନେ ସାଂସ୍କୃତିକ ସୁରକ୍ଷା ଖୋଜୁଛନ୍ତି । ଆମ ପଟୁ ତାହା ତାଙ୍କୁ ମିଳିବା କଥା । ହେଲେ ଆମେ ପାରୁ ନାହେଁ ।' ଏ ପର୍ଯ୍ୟନ୍ତ ଚୁପ୍ ଥିବା ବ୍ରଜସୁନ୍ଦରଙ୍କ ଏ କଥା ଗୋପବନ୍ଧୁଙ୍କ ମନକୁ ପାଇଲା ।

ତା ପରେ ପୁଣି ଗୋପବନ୍ଧୁ କହିଲେ, 'ସେମାନେ ଯଦି ଓଡ଼ିଆରେ ଶିକ୍ଷିତ ନ ହେବେ ଓଡ଼ିଆ ସାଂସ୍କୃତିକ ଜୀବନ ଆସିବ କେଉଁଠୁ ।'

'ଠିକ ଅନୁଧ୍ୟାନ କରିଛନ୍ତି ଆପଣ । ସେଠି ଆମକୁ ଶିକ୍ଷାର ପ୍ରସାର ଘଟାଇବାକୁ ପଡିବ । ମାତୃଭାଷା ଯେପରି ସେମାନେ ଭଲରେ ଶିକ୍ଷା କରିବେ ସେ କଥାକୁ ଧ୍ୟାନ ଦେବାକୁ ପଡିବ । ଖୋଦ୍ ମାତୃଭାଷାର ପ୍ରାଣ ଶକ୍ତି ଅସୀମ ।' କହିଲେ ଜଗବନ୍ଧୁ ।

ଗୋପବନ୍ଧୁଙ୍କ କଥାକୁ ଆଉ ଟିକେ ଲମ୍ବାଇ ବ୍ରଜ କହିଲେ, 'ସେମାନଙ୍କ ସଙ୍ଗୀତ, ନୃତ୍ୟ ଚଳଣି ତ ଆମର ପରିପୂରକ । ଏଠି ଓଡିଶୀ ତ ସେଠି ଛଉ ନାଚ । ହେଲେ ଆମ ପଟୁ ପୃଷ୍ଠପୋଷକତା ନାହିଁ । ତେଣୁ ସେମାନେ ହତାଶ ।'

'ତେଣୁ ପ୍ରଥମ କଥା ଆମକୁ ସେମାନଙ୍କ ପାଖକୁ ଯିବାକୁ ହେବ ।' ତିନିହେଁ ଏକା ସ୍ୱରରେ ଏକଥା କହି ପକାଇଲେ ।

ଏସବୁ ଭିତରେ ତାଙ୍କ ମନ ସତେଜ ଥାଏ ଓ ଆଗକୁ ଦେଖୁଥାଏ । ତାଙ୍କର ମନ ମଳିନ ହୋଇ ଯାଉଥିଲେ ମଧ୍ୟ ସେ ଥାଆନ୍ତି କର୍ମମୁଖର । ସେ ଦେଖି ପାରୁଥାନ୍ତି ଦୂର ଭବିଷ୍ୟତ । ଏ ଅଙ୍ଗ ଛେଦ ପଛର ଚକ୍ରାନ୍ତ ସେ ବୁଝି ପାରୁଥାନ୍ତି । ତାଙ୍କ ଭିତରେ ଆଞ୍ଚଳିକ ସଂକୀର୍ଣ୍ଣତା ନାହିଁ । ସେ ଅନ୍ୟ କେଉଁ ରାଜ୍ୟ ବା ଭାଷାର ଶତ୍ରୁ ବା ବିରୋଧୀ ନୁହଁନ୍ତି । କିନ୍ତୁ ନିଜ ଭାଷାର ଏ ହୀନିମାନ କେମିତି ସହି ହେବ ? ଅନ୍ୟ ମା'ର ଅପମାନ ଯଦି ପାପ ନିଜ ମାଆର ଆପମାନ ସହିବା ମଧ୍ୟ ସମାନ ଅପରାଧ ।

ଷଢେଇକଳା ଓ ଖରସୁଆଁରେ ଭାଷାଗତ ଦୁଃସ୍ଥିତି ତାଙ୍କୁ ଅଦ୍ଭୁତ ଲାଗୁଥାଏ । ସେଠାକାର ଲୋକେ ଓଡ଼ିଆ ହେଲେ କଚେରୀର ଭାଷା ହିନ୍ଦୀ । ପିଲାମାନଙ୍କୁ ବିଦ୍ୟାଳୟରେ ପଢ଼ାଯାଉଥାଏ ବଙ୍ଗଳା । ତେଣେ ରାଜବାଟୀର ପଟା ପାଉତି ଲେଖା ହେଉଥାଏ ଓଡ଼ିଆରେ । ଏପରି ସ୍ଥିତିରେ ନିଜ ମାତୃଭାଷା ବଞ୍ଚାଇବା ଥାଏ ପ୍ରାଥମିକ ଆଶ୍ୟକତା । ଆଉ ସେ ସୂତ୍ରେ କେତେ କାହାସହ ସମ୍ପର୍କ । ମନେ ପଡେ ପ୍ରାଥମିକ ପର୍ଯ୍ୟାୟରେ କେରା ଅଧିପତି ଲକ୍ଷ୍ମୀନାରାୟଣ ସିଂହଦେବଙ୍କ ସହ ସାକ୍ଷାତ । ରାଜା ଉଦିତ ପ୍ରତାପ ସିଂହଙ୍କ ସହ ଆଳାପ ଆଲୋଚନା ।

କଥା ଟିକେ ପୁରୁଣା । ପ୍ରଖ୍ୟାତ ବାମଣ୍ଡା ଗଡ଼ଜାତରେ ଅବସ୍ଥାନ କାଳରେ ଗୋପବନ୍ଧୁଙ୍କର ଭେଟ ହୋଇଥିଲା ଲକ୍ଷ୍ମୀ ନାରାୟଣ ସିଂହଦେବଙ୍କ ସହ । ଲକ୍ଷ୍ମୀନାରାୟଣ ନିଜ ଆଡୁ ତାଙ୍କୁ ଦେଖା କରିବାକୁ ଆସିଥିଲେ । ଅତୀତରେ ସେ ବାମଣ୍ଡାରୁ ତାଙ୍କ ବିଷୟରେ କେତେ କଥା ଶୁଣିଥିଲେ । ତେଣୁ ସିଧା ନିଜ ଆଡୁ ପହଂଚି ଯାଇଥିଲେ ପାଖରେ ।

'ଆପଣଙ୍କ ପରିଚୟ ?' ତାଙ୍କ ପ୍ରତି ଥିବା କୌତୁହଳ ମେଣ୍ଟାଇବାକୁ ପଚାରିଥିଲେ ଗୋପବନ୍ଧୁ ।

'ମୁଁ ଲକ୍ଷ୍ମୀ ନାରାୟଣ ସିଂହଦେବ, କେରାର ଜମିଦାର ।'

'କେରା ?'

'ଦାସ ଆଜ୍ଞା କେରା ହେଉଛି ସିଂହଭୂମିର ପୋଡ଼ା ହାଟ ସବ୍‌ଡ଼ିଭିଜନର ରାଜଧାନୀ ପରି । ସେଇଠି ମୋର ଉଆସ । ପରିବାର ଧରି ରହେ ।'

'ଓହୋ ଆପଣ ତାହା ହେଲେ କେରାର ରାଜାସାହେବ ଠାକୁର ଲକ୍ଷ୍ମୀନାରାୟଣ ଦେବ ?'

'ଛାଡ଼ନ୍ତୁ ଆଜ୍ଞା, ଉଆସରୁ ଚୂନ ଖସିଲାଣି । ଏବେ ଖାଲି ନାଁକୁ ରାଜା, ଜମିଦାର ।'

'ମୁଁ ଆପଣଙ୍କ ସାହିତ୍ୟ ରୁଚି ବିଷୟରେ ଶୁଣିଛି ।'

'ମୁଁ ମଧ୍ୟ ଆପଣଙ୍କ ପଦ୍ୟ ପଢ଼ିଛି । ଭାରୀ ସରସ ଆଉ ମନୋରମ । କର୍ତ୍ତବ୍ୟ ବୋଧିନୀ ସମିତିର ପ୍ରଥମ ବାର୍ଷିକୀ ସମୟରେ ପ୍ରକାଶିତ ଆପଣଙ୍କ ପୁସ୍ତକରୁ ଆପଣଙ୍କ ପଦ୍ୟ-କବିତା ଦେବୀ ପାଠ କରିଥିଲି । ଆହା କି ଅନୁପମ ପଦ ବିନ୍ୟାସ ।'

'ଲକ୍ଷ୍ମୀ ନାରାୟଣ ବାବୁ ଏ ତ ପୁରୁଣା ଦିନର କଥା । ବ୍ରଜସୁନ୍ଦର ଓ ଅନ୍ୟ ବନ୍ଧୁମାନେ ବାର୍ଷିକ ଜଞ୍ଜାଳ ଭିତରେ ତାହା ଛପାଇଥିଲେ ମୋ ପ୍ରତି ଅପରିମିତ ସ୍ନେହରୁ । ଆପଣ ତାକୁ ମନେ ରଖିଛନ୍ତି ?'

'ହଁ ଦାସ ଆଜ୍ଞା । ଅବକାଶ ଚିନ୍ତାର ସେ ପଦ୍ୟଟି ମୋର ବଡ଼ ପ୍ରିୟ । ମୁଁ ମନେ ରଖିଛି :

"କି ମୋହନ ବେଶ ତୋର ହେ ସୁର ସୁନ୍ଦରୀ
କିଏ ସେ ଏପରି ଅଛି ଅହୃଦୟ ଜନ,
ତୋତେ ଦେଖି ନ ଯାଏ ଯା ଦୁଃଖ ଅପସରି
ଆହ୍ଲାଦେ-ଅମୃତେ ନୁହଁ ପରିପ୍ଲୁତ ମନ ।"

ଗୋପବନ୍ଧୁ ସାମାନ୍ୟ ବିନୀତ ହୋଇ କହିଥିଲେ, 'ଆପଣଙ୍କ ଏ ରସିକତା ଅନନ୍ୟ । ଆପଣଙ୍କର ଏ ସାହିତ୍ୟ ରୁଚି ଆମ ଓଡ଼ିଆ ଜାତୀୟତାର ଆନ୍ଦୋଳନରେ ସହାୟକ ହେବ । ଆପଣ ନିଜେ ବି କଣ ଲେଖାଲେଖି କରନ୍ତି ଶୁଣିଥିଲି ?'

'ଆଜ୍ଞା ମୁଁ ପଦ୍ୟ ବାନ୍ଧିବାର ଚେଷ୍ଟା କରେ । ଛାନ୍ଦ, ଚଉପଦୀ,ଚମ୍ପୂ ଗଢ଼ଣର ପାରମ୍ପରିକ ମାର୍ଗ ଅନୁସରଣ କରି ପଦ ପକାଏ ଆଉ ଆନନ୍ଦ ପାଏ ।'

'ଉପାନ୍ତ ଅଞ୍ଚଳରେ ଥାଇ ଆପଣଙ୍କର ଏ ସାହିତ୍ୟ ସାଧନା ଆମ ପାଇଁ ଆଲୋକ ବର୍ତ୍ତିକା । କଟକ, ପୁରୀ, ବାଲେଶ୍ୱରରେ ତ କେତେ କଣ ନୂଆ କାବ୍ୟ କବିତା ହେଉଛି ।'

'ହଁ ଆଜ୍ଞା ସେସବୁ ତ ହେଉଛି । ରାଧାନାଥ ରାୟଙ୍କ ପରି କବି ପାଠ ପଢ଼ି କଣ କଣ ଲେଖୁଛନ୍ତି ଆମେ ହୁଏତ ଧରି ପାରୁନୁ । ଆମେ ଏ ଉପାନ୍ତରେ ରହି ଟିକେ ବାଣୀ ସେବା କରିବା କଥା । ଆଉ ଆପଣଙ୍କ ପରି ବିଦ୍ୱାନ ରସିକ

ଜୁଟିବା ତ ଭାଗ୍ୟର କଥା ।'

'ଆପଣଙ୍କ ପଦ୍ୟ ପଛର ପ୍ରେରଣା କିଏ ?'

'ମୋ ପାଇଁ ବଡ଼ ଆଲୋକ ହେଲେ କବି ସମ୍ରାଟ, କବି ସୂର୍ଯ୍ୟ । ଉପେନ୍ଦ୍ର ଭଞ୍ଜ ଯେତେବେଳେ ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କୁ ସମ୍ବୋଧନ କରି ଲେଖୁଛନ୍ତି – ମାନ ଉଦ୍ଧାରଣ, କର ହେ କାରଣ ଶରଣ ମୁଁ ତୁମ୍ଭ ପାଦ ତଳେ, ଅନାଥର ନାଥ ନୀଳଗିରି ନାଥ ଜଗନ୍ନାଥ ନାମ ନୀଳାଚଳେ ମୋ ହୃଦୟ ଆନନ୍ଦମୟ ହୋଇଯାଏ ଆଜ୍ଞା । ଲାଗେ କାହିଁ କେତେ ଦୂରରେ ଥାଇ ମୁଁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମୋ ଅଭିମାନ ପ୍ରକଟ କରୁଛି । ଆଉ କବି ସୂର୍ଯ୍ୟ ଯେତେବେଳେ ଲେଖୁଛନ୍ତି କଟି ସୂତ୍ର ଯେବେ ହେବ ଭୁଜଙ୍ଗ, କଣ କହିବି ।'

'ଆପଣଙ୍କ ଏ ବିଦଗ୍ଧତା ଅନୁପମ ।'

'ହେଲେ ଦାସ ଆଜ୍ଞା ଆମ ଉପାନ୍ତରେ ବି ବହୁ କବି ଅଛନ୍ତି ଯିଏ ଉପକୂଳରେ ଅପରିଚିତ । ତେଣୁ ଆପଣଙ୍କୁ ଆମ କବିତା ଶୁଣାଇଲେ ଆମକୁ ଆନନ୍ଦ ଲାଗେ ।'

ସେ ଦିନ ଗୋପବନ୍ଧୁ ଲକ୍ଷ୍ମୀନାରାୟଣଙ୍କ ରଚିତ କେତେକ ପଦ୍ୟ ଶୁଣିଥିଲେ । ନିଜେ ବଡ଼ ଆନନ୍ଦିତ ହୋଇ କହିଥିଲେ, 'ଉପାନ୍ତ ସହିତ ଉପକୂଳର ମିଳନରେ ଯାଇ ଅସଲ ଓଡିଶା ।' ସେମାନଙ୍କ କଥାବାର୍ତ୍ତା ଭିତରେ ପହଞ୍ଚିଥିଲେ ଚାଇଁବସାର କାଠ ବ୍ୟବସାୟୀ ବ୍ରଜମୋହନ ତ୍ରିପାଠୀ ।

'ଆରେ ବ୍ରଜ ବାବୁ ଆସନ୍ତୁ । ତେବେ ଏଠି ତ ଆମେ କାବ୍ୟ ଚର୍ଚ୍ଚା କରୁଛୁ । ଏଠି କାଠ ନୁହେଁ ପଲ୍ଲବର କଥା ପଡିଛି । ତୁମେ କାଠ ବ୍ୟବସାୟ କରି ହୁଏତ କାଷ୍ଠ ରସିକ ହୋଇ ପଡିଥିବ ।'

ଗୋପବନ୍ଧୁଙ୍କ ଏ ରସିକତାର ଜବାବରେ ବ୍ରଜମୋହନ କହିଥିଲେ, 'ଶୁଖିଲା କାଠରୁ ଯିଏ ପାଣି ବୁହାଇ ପାରେ ସେ ହିଁ ପଦ୍ୟକାର ।'

ଗୋପବନ୍ଧୁ ଜାଣିଥିଲେ ବ୍ରଜମୋହନ ଜାତୀୟବାଦୀ ଯୁବକ । ସେ ଦିନ ଆଲୋଚନା ଶେଷରେ ସେ ଆଶାନ୍ୱିତ ହୋଇଥିଲେ ଯେ ଦିନେ ଏ ଦୁହେଁ ଜାତୀୟ କାର୍ଯ୍ୟରେ ଜରୁରୀ ହେବେ । ସେଦିନ କିନ୍ତୁ ବ୍ରଜମୋହନ ଓ ଲକ୍ଷ୍ମୀନାରାୟଣ ଗୋପବନ୍ଧୁଙ୍କୁ ସିଂହଭୂମିକୁ ନିମନ୍ତ୍ରଣ ଜଣାଇଥିଲେ ।

ଓଡ଼ିଆ ଜାତୀୟ ଅସ୍ମିତାର ପ୍ରଶ୍ନ ଯେତେ ଆଲୋଡନ ସୃଷ୍ଟି କରୁଥାଏ, ସେତେ ସ୍ପଷ୍ଟ ହେଉଥାଏ ଓଡ଼ିଆଙ୍କ ସମସ୍ୟା ଓ ଓଡ଼ିଆଙ୍କ ଉପରେ ସାଂସ୍କୃତିକ ଆକ୍ରମଣ । ଦକ୍ଷିଣରେ ତେଲେଙ୍ଗା ସଂସ୍କୃତିର ଆକ୍ରମଣ ବାରି ହୋଇ ପଡୁଥାଏ । ସୀମାନ୍ତର ଗାଁଗୁଡିକ ଆନ୍ଧ୍ର କି ଓଡ଼ିଶାର ଜାଣି ହେଉ ନଥାଏ । ଓଡ଼ିଆଙ୍କର କଥନ ଶୈଳୀରେ ମଧ୍ୟ ପ୍ରଭାବ ପକାଉଥାଏ ତେଲୁଗୁ ଉଚ୍ଚାରଣ । ପଶ୍ଚିମରୁ ଆକ୍ରାମକ ହୋଇଥାଏ ହିନ୍ଦୀ ଭାଷା । ଖାଣ୍ଟି ଓଡ଼ିଆ ଅଞ୍ଚଳ ଉପରେ ହିନ୍ଦୀ ଭାଷାର ପ୍ରାଦୁର୍ଭାବ । ଉତ୍ତରରେ ବଙ୍ଗର ପ୍ରଭାବ । ମେଦିନୀପୁର ପରି ଅଞ୍ଚଳ ତ ବଙ୍ଗ ଆଡ଼କୁ ବେଶୀ ଆକର୍ଷିତ ହେଉଥାଏ । ଓଡିଶାକୁ ବିହାର ସହ ଯୋଡି ଦିଆ ଯାଇଥାଏ । ଏପରି ସମୟରେ ଗୋପବନ୍ଧୁ ପହଞ୍ଚିଥିଲେ ସିଂହଭୂମିରେ । ଅତିଥି ହୋଇଥିଲେ ବ୍ରଜମୋହନଙ୍କ ଘରେ । ତାଙ୍କୁ ଦେଖି ବ୍ରଜମୋହନ ବଡ଼ ଉଷତ ହୋଇଥିଲେ । ଖୁସିରେ କହିଥିଲେ 'ଆପଣ ଆସିଲେ ଆମକୁ ଲାଗେ ଯେପରି ଆମ ଅଞ୍ଚଳକୁ ଜଗନ୍ନାଥଙ୍କ ମହକ ଭାସି ଆସିଛି । ଆପଣଙ୍କ ପରି ପୁଣ୍ୟାତ୍ମାର ଉପସ୍ଥିତି ଆମ ପାଇଁ ଆନନ୍ଦ ଦାୟକ ।'

'ବ୍ରଜବାବୁ ସମଗ୍ର ଓଡିଶା ଜଗନ୍ନାଥଙ୍କ ଦେଶ ଯିଏ ଜଗତକୁ ଉଦାରତାର ବାର୍ତ୍ତା ଦିଏ । ହେଲେ ଆଜି ଆମ ଉଦାରତାକୁ କିଛି ଶକ୍ତି ଆମର ଦୁର୍ବଳତା ବୋଲି ମନେ କରୁଛନ୍ତି । ମୁଁ କିଛି ଅବସର ବିନୋଦନରେ ଏଠିକି ଆସି ନାହିଁ । ଏଠି ଥିବା ବିଦ୍ୟାଳୟ କେତୋଟିରୁ ଓଡ଼ିଆ ଉଠାଇ ଦିଆଗଲା ପରେ ମୁଁ ବଡ଼ ବ୍ୟଥିତ ହୋଇ ଆସିଛି । ଆଗକୁ ବଡ଼ କିଛି କାର୍ଯ୍ୟ କରିବା ପୂର୍ବରୁ ଏଠାକାର ସ୍ଥିତି ଅନୁଧ୍ୟାନ ମୋ ପାଇଁ ଜରୁରୀ ହୋଇ ପଡିଛି ।'

'ଜାଣେ । ଆପଣେ ବିନା କାମରେ ଖାଲି ଆମୋଦରେ ବୁଲନ୍ତି ନାହିଁ । ଯେଉଁ କଥା ଆପଣ କହୁଛନ୍ତି ସେ କଥା ତ ଆମେ ନୀତି ଭୋଗୁଛୁ ।'

ତା ପରେ ଦୁହିଁଙ୍କ ମଧ୍ୟରେ ଆଲୋଚିତ ହୋଇଥିଲା ହିନ୍ଦୀ ଭାଷାର ଆକ୍ରମଣ କଥା ।

ଏ ଭିତରେ ଠାକୁର ଲକ୍ଷ୍ମୀନାରାୟଣ ଖବର ପାଇଥିଲେ ଯେ ଗୋପବନ୍ଧୁ ଆସିଛନ୍ତି । ସେ ତାଙ୍କର ଜଣେ ବିଶ୍ୱସ୍ତ ଲୋକକୁ ପଠାଇ ତାଙ୍କୁ ଉଆସକୁ ଡକାଇ ଆଣିଥିଲେ । ତାଙ୍କ ପାଇଁ ଅତିଥି ଭୁବନରେ ରହିବାର ବନ୍ଦୋବସ୍ତ କରାଯାଇଥିଲା । ଦୁହେଁ କଥାବାର୍ତ୍ତା ହେବା ଭିତରେ ଲକ୍ଷ୍ମୀନାରାୟଣ କହିଥିଲେ, 'ଆମମାନଙ୍କର ପୂର୍ବ ଦୀପ୍ତି ଆଉ ନାହିଁ । ଦେଖୁ ନାହାଁନ୍ତି ଅତୀତରେ ଉଆସରୁ ଚୂନ ଛାଡିବା କଥା କହୁଥିଲି ଏବେ ଇଟା ଖସିଲାଣି ।'

'ହେଲେ ଲକ୍ଷ୍ମୀନାରାୟଣ ବାବୁ ଦୀପ୍ତି ଆଉ ତେଜ କଣ ଉଆସରେ ଥାଏ ?'

'ଆପଣ ବିଶ୍ୱାସ କରି ପାରିବେ ନାହିଁ ଗୋପବନ୍ଧୁବାବୁ ସାଧାରଣରେ ଧାରଣା ଅଛି ଜମିଦାର ସାମନ୍ତ ରାଜା ମାତ୍ରେ ହିଁ ପ୍ରଜାପୀଡ଼କ । ହେଲେ ମୋର ମୋ ପ୍ରଜାମାନଙ୍କ ପ୍ରତି ଗଭୀର ସ୍ନେହ । ସେମାନଙ୍କ ଦୁଃଖରେ ମୁଁ ଏବେ ଅଧୀର ।'

'ଲକ୍ଷ୍ମୀନାରାୟଣ ବାବୁ । ଆମ ଭାଷାରେ ପ୍ରଜାନୁରଂଜନ ବୋଲି ମଧ୍ୟ ଶବ୍ଦଟିଏର ପ୍ରଚଳନ ଅଛି । ମୁଁ ମୟୁରଭଞ୍ଜ ରାଜାଙ୍କର ଓକିଲ ଥିଲି । ତାଙ୍କ ଭିତରେ ପ୍ରଜାଙ୍କ ମଙ୍ଗଳ କାମନା କଣ ତାହା ଦେଖିଛି । ହଁ ଶୋଷକ ରାଜା ଜମିଦାର ଥିଲେ ଓ ଅଛନ୍ତି ।'

'ଆମ ପାଇଁ ସମସ୍ୟା ଆରମ୍ଭ ହେଲା ବ୍ରିଟିଶମାନେ ସିଂହଭୂମି ଦଖଲ କରିବା ପରେ । ଆମକୁ ସବୁ ଦିଗରୁ ନିରସ୍ତ୍ର କରି ଦିଆ ଯାଇଛି । ଆମେ ଯେମିତି ସେମାନଙ୍କ କରଦ । ଆମର ଅସ୍ତିତ୍ୱ ବୋଲି କିଛି ନାହିଁ । ଆଉ ଶାସନ ସଂସ୍କାର ନାଁ ରେ ଆମକୁ ବିହାର ସହ ଯୋଡି ଦେବା ପରେ ପରିସ୍ଥିତି ଅସହ୍ୟ ।'

'କଚେରୀ,ବିଦ୍ୟାଳୟ,ସରକାରୀ କାର୍ଯ୍ୟାଳୟ ସବୁଠି ହିନ୍ଦୀ ଭାଷାର ପ୍ରଚଳନ ଆପଣମାନଙ୍କ ପାଇଁ କି ବିପଦ ନ ଡାକିଛି ?'

'ଆପଣଙ୍କୁ ଯେଉଁ ପୀଡା ହେଉଛି ସେ ପୀଡା ଆମେ ବି ଭୋଗୁଛୁ । ୧୯୧୧ ଜନ ଗଣନା ଅନୁସାରେ ସିଂହଭୂମିର ଓଡ଼ିଆମାନଙ୍କ ସଂଖ୍ୟା ଏକ ଲକ୍ଷ ଚବିଶ ହଜାର ପାଞ୍ଚ ଶହ ତେୟାନବେ ଆଉ ହିନ୍ଦୀ ଭାଷୀଙ୍କ ସଂଖ୍ୟା ଚଉତିରିଶ ହଜାର ତିନି ଶହ ତେଇଶି ମାତ୍ର । ତା ସତ୍ତ୍ୱେ ସରକାରୀ କଳ ସେମାନଙ୍କ ପକ୍ଷରେ ।'

ତା ପରେ ଗୋପବନ୍ଧୁ ପଚାରିଥିଲେ, 'ଏଠି ଆଦିବାସୀମାନେ ବି ତ ଅଛନ୍ତି । ସେମାନଙ୍କର ଭାଷାକୁ ନେଇ କଣ ମତ ?'

'ଦେଖନ୍ତୁ ଏଠିକାର ଏକ ବଡ଼ ଆଦିବାସୀ ଗୋଷ୍ଠୀ ହେଲେ ହୋ ମାନେ । ସେମାନଙ୍କର ନିଜର ଭାଷା ଅଛି । ତ ଛଡା ସେମାନେ ଭଲରେ ଓଡ଼ିଆ ବୁଝନ୍ତି । ଅଳ୍ପଅଳ୍ପ କହି ମଧ୍ୟ ପାରନ୍ତି । କିନ୍ତୁ ସେମାନେ ନା ବଙ୍ଗଳା କହନ୍ତି ନା ହିନ୍ଦୀ ।'

'ଏପରି ହିନ୍ଦୀ ଭାଷାର ଆଧିପତ୍ୟ ବିସ୍ତାରକୁ ନେଇ ସେମାନଙ୍କ ମତ କଣ ଆପଣଙ୍କ ପାଖରେ କିଛି ଖବର ଅଛି କି ?'

'ହୋ ଭାଇମାନେ ମଧ୍ୟ ଏ ନିଷ୍ପତ୍ତିରେ ଘୋର ଅସନ୍ତୁଷ୍ଟ । ସେମାନେ ତ ନିଜ ଜନଜାତିର ଭାଷାକୁ ସବୁଠୁ ଭଲ ପାଆନ୍ତି । ହେଲେ ଓଡ଼ିଆ ଭାଷା ପ୍ରତି ସେମାନଙ୍କର ସମ୍ମାନ ଅଛି । ତେଣୁ ସେମାନେ ବି ଅସନ୍ତୁଷ୍ଟ ।'

'ଲକ୍ଷ୍ମୀନାରାୟଣ ବାବୁ ସିଂହଭୂମି ହେଉଛି ଓଡ଼ିଶାର ମୁକୁଟ । ଏହି ଉଜ୍ଜ୍ୱଳ ମୁକୁଟ ନ ପିନ୍ଧିଲେ ଉତ୍କଳ ଜନନୀର ଅଭିଷେକ ଅସମ୍ଭବ । ଆମେ ଓଡ଼ିଆମାନେ ଅସଂଗଠିତ ବୋଲି ସବୁଠି ଅନ୍ୟମାନଙ୍କ ଶୋଷଣର ଶିକାର । ମୋର ଆଜି ବି ମନେ ପଡେ ମଧୁବାବୁଙ୍କ କଂଗ୍ରେସର ମାନ୍ଦ୍ରାଜ ଅଧିବେଶନରେ ଯୋଗଦାନ କଥା । ସେଠି ସେ ଓଡ଼ିଆ ଭାଷାଭାଷୀ ଅଂଚଳର ଏକତ୍ରି କରଣ କଥା ଉଠାଇବା ମାତ୍ରେ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଥିଲେ । ତେଲେଙ୍ଗାମାନେ ତାଙ୍କର ଏ ଦାବୀର ଘୋର ପ୍ରତିବାଦ କରିଥିଲେ । ଧମକ ଦେଇଥିଲେ – 'ଯଦି କଂଗ୍ରେସ ଏପରି ପ୍ରସ୍ତାବକୁ ସମର୍ଥନ କରେ ତେବେ ତୁମୂଳ ପ୍ରତିରୋଧ ହେବ ,ହିଂସା କାଣ୍ଡ ଘଟିବ । ଏତିକି ଧମକରେ କଂଗ୍ରେସ ଢଳି ପଡିଥିଲା ସେମାନଙ୍କ ଆଡ଼କୁ । ହତାଶ ହୋଇ ଫେରିଥିଲେ ମଧୁବାବୁ । ତେଣୁ ଆମକୁ ନିଜ ଦାବିକୁ ପ୍ରଖର କରିବାକୁ ହେବ ।'

'କିପରି ଗୋପବନ୍ଧୁ ବାବୁ । ମୋର କେରା ତ ଛୋଟ ଅଞ୍ଚଳ । ତା ଉପରେ ପୁଣି ଦାଉ ସାଧୁଛନ୍ତି ଗୋରା ଅଧିକାରୀ ଆଉ ହିନ୍ଦୀ ଭାଷୀ ଚକ୍ରାନ୍ତକାରୀ ।'

'ତାରି ଭିତରେ ଆମକୁ ଆଗକୁ ଯିବାକୁ ହେବ । କେରାରୁ ଓଡ଼ିଆ ଶିକ୍ଷାର

ଶୁଭାରମ୍ଭ କରିବାକୁ ହେବ ।’

ଗୋପବନ୍ଧୁଙ୍କ ଏ କଥା ଢେର୍ ଉଦ୍‌ବୁଦ୍ଧ କରିଥିଲା ଲକ୍ଷ୍ମୀନାରାୟଣଙ୍କୁ । ତା ପରେ ରାତ୍ରି ଭୋଜନର ଆୟୋଜନ । ବିଶେଷ ଅତିଥିଙ୍କ ପାଇଁ ଆୟୋଜନ କରାଯାଇଥିଲା ବିଶେଷ ବ୍ୟଞ୍ଜନ । ଚର୍ବ୍ୟ, ଚୋଷ୍ୟର ସେ ଆଡ଼ମ୍ବର ଦେଖି ବିଷର୍ଣ୍ଣ ହୋଇ ପଡ଼ିଥିଲେ ଗୋପବନ୍ଧୁ । କହିଥିଲେ, ‘ମୁଁ ସାଧାରଣ ଲୋକ ମହାରାଜ । ଆପଣଙ୍କ ଏ ଆୟୋଜନ ଦେଖି ମୋର ଲକ୍ଷଲକ୍ଷ ଓଡ଼ିଆ ଭାଇଙ୍କ ମୁହଁ ମନେ ପଡୁଛି । ସେମାନେ ଦାନା ମୁଠିଏ ନ ପାଇବା ବେଳେ ମୁଁ ଷଡ଼ ରସ ବ୍ୟଞ୍ଜନ ଭୁଞ୍ଜି ପାରିବି କେମିତି ? ମୋରି ଭାଇମାନେ କଲିକତା, ଆସାମ, ରେଂଗୁନରେ କୁଲି ହୋଇ ଝାଳ ବୁହାଉଛନ୍ତି । ଓଡ଼ିଆ ଯୁବ ଶକ୍ତି ଯଦି ଏପରି ନାରଖାର ହୁଏ ତେବେ ଜାତୀୟତାର ରଥ କାହା କାନ୍ଧରେ ବୁହା ଯିବ ?’

‘ମୋତେ ବି ଏ କଥା ବାଧେ ଗୋପବନ୍ଧୁବାବୁ । ମୋ ପ୍ରାଣ ଛଟପଟ ହୁଏ ।’

‘ଆମ ଲୋକେ କାହିଁକି ବାହାର ରାଜ୍ୟକୁ ଯାଆନ୍ତି ଜାଣନ୍ତି ? କାରଣ ହେଉଛି ସେଠି ଶିଳ୍ପ ମୁଣ୍ଡ ଟେକୁଛି । ତେଣୁ ନିଯୁକ୍ତିର ସୁଯୋଗ ମିଳୁଛି । ୟୁରୋପରେ ଶିଳ୍ପ ନଗରୀଗୁଡିକ ନିଯୁକ୍ତିର କେନ୍ଦ୍ର,ଗରିବମାନଙ୍କ ଆଶା ।

‘ଆମର ଏଠି ଟାଟାର କାରଖାନା ଖୋଲିଛି । ତାହା ଆମ ପାଇଁ କିପରି ସହାୟକ ହେବ ?’

‘ମୋର ମନେ ଅଛି ମୁଁ ମୟୂରଭଞ୍ଜରେ ଯୋଗ ଦେଲା ପରେ ଜାଣିଲି ସେଠାକାର ଗୋରୁ ମହିଷାଣି ଓ ବାଦାମ ପାହାଡ଼ର ଖଣିଜ ଦ୍ରବ୍ୟ ପାଇଁ ଟାଟା କମ୍ପାନୀ ରାଜାଙ୍କ ସହ ଚୁକ୍ତି କରିଛି । ମୁଁ ମନେ ମନେ ଧରି ନେଲି ଯେତେବେଳେ ସ୍ୱତନ୍ତ୍ର ଓଡିଶା ଗଢ଼ା ଯିବ ସେତେବେଳେ ସିଂହଭୂମି ତ ଓଡ଼ିଶାରେ ମିଶିବ । ସେହି ନ୍ୟାୟରେ ଟାଟା କମ୍ପାନୀ ରହିବ ଓଡିଶା ନିୟନ୍ତ୍ରଣରେ । ଓଡ଼ିଆଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ ।’

‘୧୯୦୭ ଆରମ୍ଭ ହୋଇଥିବା ଟାଟା ଏବେ ତ ଦେଶରେ ଢେର ନାଁ କଲାଣି । ହେଲେ ଓଡ଼ିଆଙ୍କ କଥା କେଉଁଠି କେଜାଣି ।’

ଗୋପବନ୍ଧୁ ଅଳ୍ପ ଖାଇ ଉଠିଲେ । ରାଜା ସାହେବ ତାଙ୍କୁ ଅତିଥି ଭବନକୁ ବାଟେଇ ଦେଇ ନିଜେ ବିଶ୍ରାମ ନେବାକୁ ଗଲେ । ଗୋପବନ୍ଧୁ କିନ୍ତୁ ଉତ୍ତେଜନାରେ ଶୋଇ ପାରୁ ନଥାନ୍ତି । ରାତି ଗଭୀର ହେଲା ବେଳକୁ ପ୍ରଚଣ୍ଡ ଗର୍ଜନ ସହିତ ଉଜ୍ଜ୍ୱଳ ଆଲୁଅ ଦୂର ଦିଗନ୍ତରେ ଦେଖାଗଲା । ନିଶୁତି ଭିତରେ ଏ ଆଲୁଅର ପ୍ରଖର ରୋଷଣି ତାଙ୍କୁ ବିସ୍ମିତ ଓ ଆନନ୍ଦିତ କଲା । କ୍ଷଣକ ପାଇଁ ସେ ହେଲେ ହତବାକ୍ । ଆଉ ତା ପରେ ଏକ ପ୍ରକାର ନାଚି ଉଠିଲେ । ଏ ଉଜ୍ଜ୍ୱଳତା ତାଙ୍କ ପାଇଁ ଥିଲା ପ୍ରତୀକ । ସେ ହଠାତ୍ କହିଲେ, ‘ଅଗ୍ନି ମନ୍ତ୍ର ଲୋଡ଼ା ଅଗ୍ନି ମନ୍ତ୍ର ।’ ବହୁତ ଦିନ ପରେ ମନେ ପଡିଗଲେ ଶଶିଦା । ସିଏ ସବୁବେଳେ କହନ୍ତି, ‘ଆଗ୍ନେୟ ସଂଘର୍ଷ ବିନା ମୁକ୍ତି ନାହିଁ ।’

ପ୍ରକୃତରେ ଏ ଆଲୁଅ ଆସୁଥିଲା କେତେ ମାଇଲ ଦୂରରୁ ଟାଟା କମ୍ପାନୀର ନିର୍ମାଣାଧୀନ କାରଖାନାରୁ । ନିଜ ଅନ୍ତରରୁ ଗୋପବନ୍ଧୁ ବୁଝୁଥିଲେ ଶିଳ୍ପର ଆଶ୍ୟକତା ଅଛି । ଆଉ ନୂଆ ଓଡ଼ିଶାର ଗଠନ ଯେତେ ବିଳମ୍ବିତ ହେଉନା କାହିଁକି ଟାଟା ତା ପାଇଁ ବିନିଯୁକ୍ତ ହେବ । ତା’ର ଲାଭ ଓଡିଶା ବାସୀ ପାଇବେ । ତେଣେ ତା’ର ଶକ୍ତିଶାଳୀ ଆଲୁଅରୁ ସେ ପାଇଲେ ସଂଘର୍ଷର ପ୍ରେରଣା । ଓଡ଼ିଆ ଭାଷାଭାଷୀ ବିନା ସଂଗ୍ରାମ ରେ ତା’ର ଭାଇମାନଙ୍କୁ ନିଜ ସହ ମିଶାଇ ପାରିବେ ନାହିଁ ।

ସେଦିନଠୁ ସେ ଚେଷ୍ଟା ଜାରି ରଖିଛନ୍ତି । କର୍ମୀଙ୍କୁ ପଠାଉଛନ୍ତି ନିଜେ ଲଢୁଛନ୍ତି । ହେଲେ କାହିଁ ମନ ତ ପୂରୁ ନାହିଁ, ସମସ୍ୟାର ସମାଧାନ ତ ଦିଶୁ ନାହିଁ ?’

ହୃଦୟ କେମିତି ବିକ୍ଷୁବ୍ଧ ହୋଇ ଉଠିଲା । ଦେହ ଥରି ଉଠିବାରୁ ସେ ସଚେତନ ହେଲେ ।

ଚିନ୍ତା ନହସରେ ବାଟ ଚାଲି ସେ ଟପି ଯାଇଥିଲେ ଜୟପୁର ଗାଁ ମୁଣ୍ଡ । ଜଣେ ବୟସ୍କ ଲୋକ ହଠାତ୍ ତାଙ୍କୁ ଦେଖି ପଚାରିଲେ, ‘ଆରେ ଆପଣେ ଏତେ ଦୂର ଚାଲି ଆସିଲେଣି ଯେ ।’

‘ଓହୋ ଏତେ ଦୂର ହେଲାଣି । ମୁଁ ଟିକେ ଅନ୍ୟମନସ୍କ ହୋଇ ପଡ଼ିଥିଲି ପରା । ଯାଏଁ ଫେରେ ସଂଧ୍ୟା ଆରତୀର ବେଳ ହେଲାଣି ।’

**‘ରେବତୀ’ର ଗତ ଜାନୁଆରୀ ସଂଖ୍ୟାରେ ପ୍ରକାଶିତ ପବିତ୍ର ମୋହନ ଦାଶଙ୍କ ଧାରାବାହିକ ଚରିତୋପନ୍ୟାସ ‘ଦାସେ ଆପଣେ’ର ୨୯ ଅଧ୍ୟାୟରେ ଗୋପବନ୍ଧୁଙ୍କ ଦୁଇ ଝିଅଙ୍କ ଫଟୋ ଅଦଳବଦଳ ଭାବେ ସ୍ଥାନିତ ହୋଇଥିବାରୁ ଆମେ ଦୁଃଖିତ । : ସଂପାଦିକା**

ସମ୍ବାଦ ବାହିକା

# ‘ଠାକୁରାଣୀ’ ଓଡ଼ିଆ ସାହିତ୍ୟର ଏକ ଅଭିନବ କାବ୍ୟ


କଟକ, “ଠାକୁରାଣୀ ଓଡ଼ିଆ ସାହିତ୍ୟର ଏକ ଅଭିନବ କାବ୍ୟ । କୌଣସି ନିର୍ଦ୍ଦିଷ୍ଟ କାହାଣୀ ବା ଘଟଣାପ୍ରବାହ ନ ଥାଇ କେବଳ ଅନୁଭବ ଓ କଳ୍ପନାକୁ ନେଇ ଦୁଇ ଶହ ପୃଷ୍ଠାର ଏକ ଦୀର୍ଘ କବିତା ରଚନା କରିବା ବାସ୍ତବିକ୍ ଏକ ବିସ୍ମୟ ଭଳି ମନେହୁଏ । ନବାଗତ କବି ପ୍ରଦୀପ୍ତ ନନ୍ଦ ଏଭଳି ଏକ ସୃଜନଶୀଳ ଚମତ୍କାରିତା ପାଠକ ସମାଜରେ ଆଦୃତ ହେବ ନିଶ୍ଚୟ ।” ସ୍ଥାନୀୟ ଶତାବ୍ଦୀ ଭବନ ଠାରେ ଅୟୋଜିତ ‘ଠାକୁରାଣୀ’ର ଉନ୍ମୋଚନ ଉତ୍ସବରେ ଏହି ମତ ପ୍ରକାଶ ପାଇଛି ।

ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ କହିଥିଲେ ଯେ କବି ପ୍ରଦୀପ୍ତ ନନ୍ଦଙ୍କ ‘ଠାକୁରାଣୀ’ କାବ୍ୟ ଆମର ପ୍ରାଚୀନ ପରମ୍ପରା ଓ ସଂସ୍କୃତିର ପୃଷ୍ଠଭୂମି ଉପରେ ରଚିତ । ପୁରୁଷର ପ୍ରକୃତି ପ୍ରତି ସମର୍ପଣ ଭାବକୁ ଉପଜୀବ୍ୟ କରି ‘ଠାକୁରାଣୀ’ କାବ୍ୟ ରଚନା କରାଯାଇଛି । ଆମ ସମସ୍ତଙ୍କ ଘରେ ଘରେ ଗୋଟିଏ ଲେଖାଏଁ ଠାକୁରାଣୀ ଅଛନ୍ତି । ରକ୍ତମାଂସର ଏହି ଠାକୁରାଣୀ ଦିବ୍ୟ ଚେତନାର ପ୍ରତୀକ । ଆମର ପୁରୁଷ କୈନ୍ଦ୍ରିକ ସମାଜରେ ଆମେ ଅନେକ ସମୟରେ ନାରୀକୁ ଅବହେଳା କରିଥିଲେ ହେଁ ନାରୀ ଯେ ସମସ୍ତ ସୃଷ୍ଟିର ଊର୍ଦ୍ଧ୍ୱରେ, ଏହା କେହି ଭୁଲିଯିବା ଉଚିତ୍ ନୁହେଁ । ରକ୍ତମାଂସର ସେହି ନାରୀ ସୃଷ୍ଟି, ସ୍ଥିତି, ବିଲୟର ଆଧାର । ଜନନୀ, ଜାୟା, ଭଗିନୀ ରୂପରେ ନାରୀ ପୁରୁଷକୁ ପ୍ରତିପାଳିତ କରି ଆସିଛି । ଯୁଗେ ଯୁଗେ ନାରୀଶକ୍ତିର ଆରାଧନା ରହିଆସିଛି । ଯୋଗୀ ଅରବିନ୍ଦ, ବିଶ୍ୱକବି ରବୀନ୍ଦ୍ରନାଥ ପ୍ରମୁଖଙ୍କ ରଚନାରେ ନାରୀ ମହିମାନ୍ୱିତ । ତେଣୁ ନାରୀର ଜୟଗାନ କରିବା ଆମର ଶ୍ରେୟ । ଆଜି ସମାଜର ସବୁସ୍ତରରେ ମହିଳା ସଶକ୍ତିକରଣର କଥା କୁହାଯାଉଥିବା ବେଳେ ‘ଠାକୁରାଣୀ’ କାବ୍ୟର ରଚନା ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ । ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଶିଷ୍ଟ କବି ତଥା ପ୍ରାବନ୍ଧିକ ଡକ୍ଟର ଶତ୍ରୁଘ୍ନ ପାଣ୍ଡବ ‘ଠାକୁରାଣୀ’କୁ ଓଡ଼ିଆ କାବ୍ୟଧାରାରେ ଏକ ଉତ୍କୃଷ୍ଟ କାବ୍ୟ ଭାବେ ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ ନାରୀକୁ ନେଇ ଅନେକ କାବ୍ୟ ପୂର୍ବରୁ ରଚନା କରାଯାଇଛି । ଏହା ପୌରାଣିକ କଥାବସ୍ତୁ ବା କାଳ୍ପନିକ କାହାଣୀ ଉପରେ ଆଧାରିତ ହୋଇଛି । ମାତ୍ର ବିନା କାହାଣୀର ଅବତାରଣାରେ ବା ଘଟଣାବଳୀର ଗତିଶୀଳତାରେ ଶୂନ୍ୟରୁ ଏଭଳି ଏକ ଦୀର୍ଘ କାବ୍ୟ ରଚନା କରିବା ବିସ୍ମୟକର ମନେହୁଏ । ତେବେ ନବାଗତ କବି ପ୍ରଦୀପ୍ତ ନନ୍ଦ ନିଜ ସୃଜନଶୀଳତା ବଳରେ ଏଭଳି ଚମତ୍କାରିତା ଦେଖାଇ ଆମକୁ ଚମତ୍କୃତ କରିଛନ୍ତି । ସମ୍ମାନିତ ବକ୍ତା ଅଧ୍ୟାପିକା ଡକ୍ଟର ନୀଳିମା ପ୍ରିୟଦର୍ଶିନୀ କହିଥିଲେ ଯେ ପ୍ରଦୀପ୍ତ ନନ୍ଦ ଆକାଶବାଣୀ, ଦୂରଦର୍ଶନ ତଥା ଚଳଚ୍ଚିତ୍ର ଜଗତରେ ଜଣେ ସଫଳ ନାଟ୍ୟକାର ତଥା ଗୀତିକାର ଭାବେ ବେଶ୍ ପ୍ରତିଷ୍ଠିତ । ମାତ୍ର ସାହିତ୍ୟ ଜଗତରେ ‘ଠାକୁରାଣୀ’ ଭଳି ଏକ ଦୀର୍ଘ କାବ୍ୟ ରଚନା କରି ସେ ଜଣେ ସଫଳ କବିର ସ୍ୱୀକୃତି ଲାଭ କରିଛନ୍ତି । ‘ଠାକୁରାଣୀ’ ପୁସ୍ତକର ଲେଖକ କବି ପ୍ରଦୀପ୍ତ ନନ୍ଦ ଏହି କାବ୍ୟ ରଚନାର ପ୍ରେକ୍ଷାପଟ ଓ ଉଦ୍ଦେଶ୍ୟ ପ୍ରକାଶ କରି ଏକ ଆବେଗମୟ ବକ୍ତବ୍ୟ ପ୍ରଦାନ କରିଥିଲେ ।

ପ୍ରାରମ୍ଭରେ ‘ଠାକୁରାଣୀ’ ପୁସ୍ତକର ପ୍ରକାଶକ ତଥା ଶ୍ରଦ୍ଧା ପବ୍ଲିକେଶନ୍‌ର ମୁଖ୍ୟ କବି ସମରେନ୍ଦ୍ରନାଥ ମହାପାତ୍ର ସ୍ୱାଗତ ସମ୍ଭାଷଣ ଦେଇଥିଲେ ।

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



**ଜୟନ୍ତୀ ରଥ**

'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬


**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



# ୨୦ ପ୍ରଜ୍ଞାପୀଠରେ ତେତିଶ ବର୍ଷ

ଭୀଷଣ ମର୍ମାହତ ହୋଇଥିଲା ବେବି ତାଙ୍କର ଅକାଳ ମୃତ୍ୟୁ ସମ୍ବାଦ ପାଇ । ତାଙ୍କର ସ୍ମୃତିକୁ ସମ୍ମାନ ଦେବା ପାଇଁ ପୁନଶ୍ଚ ପ୍ରଦର୍ଶିତ ହେଲା ସଂଗ୍ରହାଳୟରେ ତାଙ୍କ ପର୍ବତ ଆରୋହରଣ କାଳୀନ ପୋଷାକ । ତାଙ୍କ ଫଟୋ ପାଖରେ ପ୍ରଦୀପ ପ୍ରଜ୍ୱଳିତ କରି ରଖାଗଲା କିଛିଦିନ ପାଇଁ । ସଂଗ୍ରହାଳୟ ପରିଦର୍ଶନରେ ଆସୁଥିବା ଶହଶହ ଦର୍ଶକ ତାଙ୍କ ଫଟୋକୁ ନିରେଖି ଚାହୁଁଥିଲେ । ବେବି ମଧ୍ୟ ସେମାନଙ୍କ ପଛରେ ସାଧାରଣ ଦର୍ଶକ ପିର ଠିଆ ହୋଇ ଚାହିଁ ରହୁଥିଲା ।

ବଡ଼ କ୍ରୂରକାଳ... ବଡ଼ ଅବିଶ୍ୱାସୀ...କବିଙ୍କର ଏହି ଉକ୍ତିକୁ ମନେ ପକଉଥିଲା । ମନେ ପକଉଥିଲା କଳ୍ପନା ସହିତ ହୋଇଥିବା ଆଳାପ... "ନାନୀ, ଭାରତ ଭିତରେ ଯୁଆଡ଼େ ଯିବ ଟ୍ରେନ୍‌ରେ ଯିବ । ଗଛ ଦେଖି ଦେଖି ଯିବ । ଗଛମାନେ ବହୁତ ପ୍ରକାର କଥା କହନ୍ତି । ସେମାନଙ୍କ କଥା ଶୁଣିବ । ତମ ଗପରେ, ତମ କବିତାରେ ସେଇ ସବୁ କଥା ଲେଖିବ ।"

କଳ୍ପନା ଯିବା ପରେ ବାମଣ୍ଡା, କେନ୍ଦୁଝର, ବରଗଡ଼, ବୌଦ୍ଧ, ନୟାଗଡ଼, ଦାରିଙ୍ଗିବାଡ଼ି, କଳାହାଣ୍ଡି, ସମ୍ବଲପୁର, ରେଢ଼ାଖୋଲ, ଷଢ଼େଇକଳା, ରାଞ୍ଚି, କୋରାପୁଟ, କେତେ ଜାଗା ବୁଲିଲେ ସେ ଗସ୍ତରେ । ସହସ୍ର ସହସ୍ର ଗଛକୁ ଆଖି ପୂରେଇ ଦେଖିଛି । କେତେ ପାହାଡ଼ର ପାଦ ଦେଶରେ ଠିଆ ହୋଇ ଝରଣାର ଗୀତ ଶୁଣିଛି ।

କେମିତି ଶୁଣେଇଥା'ନ୍ତା ତା'ର ଅନୁଭବ କଳ୍ପନାଙ୍କୁ । ସେ ତ ଜୀବନର ସେପାଖେ । କଳ୍ପନା ତା' ପାଇଁ ମହାର୍ଘ୍ୟ ସ୍ମୃତି । ଅନନ୍ୟ ସ୍ମୃତି । ତାଙ୍କୁ ଚିହ୍ନିବାର ମାଧ୍ୟମ ଥିଲା ରାଜ୍ୟ ସଂଗ୍ରହାଳୟ ।

ରାୟ ବାହାଦୂର ଚିନ୍ତାମଣି ଆଚାର୍ଯ୍ୟଙ୍କ ପରିବାରର ଦୁଇଶହ ବର୍ଷର ପୁରୁଣା କାରୁକାର୍ଯ୍ୟପୂର୍ଣ୍ଣ ଦୋଳ ବିମାନ ପ୍ରଦର୍ଶନ ସଂଗ୍ରହାଳୟର ଷାଠିଏ ବର୍ଷର ପ୍ରତିଷ୍ଠା ଉତ୍ସବରେ ଆଉ ଏକ ଉଲ୍ଲେଖଯୋଗ୍ୟ ଘଟଣା । ଏହି ବିମାନଟି ଥିଲା କଟକ ଜିଲ୍ଲା କିଶନ୍ ନଗର ଥାନା ଅନ୍ତର୍ଗତ ପୁରୁଣାହାଟ ଶାସନର ବିଖ୍ୟାତ ଆଚାର୍ଯ୍ୟ ପରିବାର କୋଠରେ ।

ସ୍ୱର୍ଗତ ଆଚାର୍ଯ୍ୟଙ୍କ ପୁତୁରା ଯୋଗାଯୋଗ କରିଥିଲେ ବେବି ସହିତ । ତାଙ୍କଠୁ ଠିକଣା ନେଇ ବେବି ଯାଇଥିଲା ପୁରୁଣାହାଟ । ଆଭିଜାତ୍ୟର ସନ୍ତକ ଭାବେ ଠିଆ ହୋଇଛି ବିରାଟ ଜରାଜୀର୍ଣ୍ଣ ଦ୍ୱିତଳ ପ୍ରାସାଦ । ତଳ ଉପର ହୋଇ କୋଡ଼ିଏ ବାଇଶି ବଖରା ଘର । ଉପର ଘର କାନ୍ଥ ଭାଙ୍ଗି ଯାଇ ବରଓସ୍ତ ଗଛ ଉଠିଲାଣି । ଆଗରେ ଭଙ୍ଗା ପାଚେରୀ । ଘର ସାମ୍‌ନାରେ ଦଳୁଆ ପୋଖରୀ । ଶୂନ୍‌ଶାନ୍, ଖାଁ ଖାଁ । ସାପ, ବିଛାଙ୍କର ଦଂଶନର ଭୟ । ତା' ଭିତରେ ଜଣେ ରହିବ କେମିତି ? ସେଇ ଭୟଙ୍କର ପରିବେଶ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଥିଲା ବେବି ।

ହଁ, ତା' ଭିତରେ ରହୁଥିଲେ କାଞ୍ଚନବାଳା । ଚଉସ୍ତରୀ ବର୍ଷର ତରୁଣୀ । ରାୟବାହାଦୂର ଚିନ୍ତାମଣିଙ୍କ ସାନଭାଇ ଦିନମଣିଙ୍କ ପୁତ୍ରବଧୂ । ବିରାଟ ବଂଶବୃକ୍ଷର ଶାଖା, ପ୍ରଶାଖା, ଉପଶାଖା । କେତେ କୁଆଡ଼େ ପ୍ରସାରିତ, ବିସ୍ତାରିତ । ମୂଳକୁ ଜାବୁଡ଼ି ଧରି ରହିଥିଲେ କାଞ୍ଚନବାଳା । ଦୁଇ ବଖରା ଘର ରହିବା ଉପଯୋଗୀ କରି ଏକାଏକା ରହୁଥିଲେ । ଇଷ୍ଟ ଦେବତା ରାଧା ଗୋପୀନାଥଙ୍କ ନୀତିକାନ୍ତିରେ ବିତୁଥିଲା ସମୟ । ଦୁଇ ଝିଅ ବାହାହୋଇ ନିଜ ନିଜ ସଂସାରରେ ।

ଚିନ୍ତାମଣି ଆଚାର୍ଯ୍ୟଙ୍କ ବାସଭବନ ଓଡ଼ିଆ ଜାତିର ପୁଣ୍ୟପୀଠ । ଏବେ ପ୍ରାସାଦ ଭଗ୍ନ । ଦିନେ ତାହା ଥିଲା ସାହିତ୍ୟର, ସଂସ୍କୃତିର, ଆଧ୍ୟାତ୍ମିକତାର ପ୍ରାଣକେନ୍ଦ୍ର । ଓଡ଼ିଶାର ବରପୁତ୍ର ଚିନ୍ତାମଣି । ଉତ୍କଳଗୌରବ ମଧୁସୂଦନଙ୍କ ପାଖରେ ଆରମ୍ଭ କରିଥିଲେ ବୃତ୍ତିଗତ ଜୀବନ । ପରେ ପରେ କେତେ ଦିଗରେ ବିକଶିତ ହୋଇ ଉଠିଥିଲା ତାଙ୍କ ପ୍ରତିଭା । ଓଡ଼ିଆ ଭାଗବତ ଗ୍ରନ୍ଥରେ ପୁନଃ ସମ୍ପାଦନ କରିଥିଲେ । ସଂସ୍କୃତ ମହାଭାରତ, ଭାଗବତ ହରିବଂଶରୁ ଉଦ୍ଧୃତି ନେଇ 'ଶ୍ରୀକୃଷ୍ଣ' ଗ୍ରନ୍ଥ ରଚନା କରିଥିଲେ । ଗୋପାଳନ ଓ ଗୋ-ଚିକିତ୍ସା ଉପରେ ଦୁଇଟି ଅତି ଉପାଦେୟ ବିରଳ ପୁସ୍ତିକା ରଚନା କରିଥିଲେ । ପୁରୀ ଓ ଭୁବନେଶ୍ୱରର ସ୍ଥଳ ମହାତ୍ମ୍ୟ ବର୍ଣ୍ଣନା ପୂର୍ବକ ଦୁଇଟି ପୁସ୍ତକ ରଚନା କରିଥିଲେ । ଶୈବଧର୍ମ, ଶୈବ ଉପାସନା ଏବଂ ଅନ୍ୟାନ୍ୟ ଅନେକ ପ୍ରସଙ୍ଗକୁ ନେଇ ପାଣ୍ଡିତ୍ୟପୂର୍ଣ୍ଣ ପ୍ରବନ୍ଧ ରଚନା କରିଥିଲେ । 'ଇତିହାସ ପ୍ରସଙ୍ଗ' ପୁସ୍ତକରେ ସେ ବିନ୍ଦୁସାର, ଅଶୋକ, ମୟୂର ସିଂହାସନ, ତାଜମହଲ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଉତ୍କଳ ଗୌରବ ମଧୁସୂଦନଙ୍କ ଜୀବନକୁ ନେଇ ପ୍ରଥମେ ପୁସ୍ତକ ରଚନା କରିଥିଲେ ନବକିଶୋର ଦାସ ଚିନ୍ତାମଣିଙ୍କ ପ୍ରୋତ୍ସାହନରେ । ବନ୍ଧୁ ଅଗଣି ଦାସଙ୍କ ସହାୟତାରେ 'ପଞ୍ଚାମୃତ' ନାମକ ଏକ ଶିଶୁ ପତ୍ରିକା ସମ୍ପାଦନା କରିଥିଲେ । ଭ୍ରମଣ ଅନୁଭୂତିକୁ ନେଇ 'ବାରଣାସୀ ଯାତ୍ରା' ଶୀର୍ଷକ ଏକ ପୁସ୍ତକ ରଚନା କରିଥିଲେ । ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର, ସୁଢ଼ଳ ଦେବ, ବାଳଗଙ୍ଗାଧର ତିଳକ, ମଧୁସୂଦନ ଦାସ ଆଦି ବରପୁତ୍ରଙ୍କୁ ନେଇ ତାଙ୍କ ଲେଖନୀରୁ ନିଃସୃତ ହୋଇଥିଲା ଉଚ୍ଚମାନର ପ୍ରବନ୍ଧ । ଫକୀରମୋହନଙ୍କ 'ପ୍ରାୟଶ୍ଚିତ' ଉପନ୍ୟାସ ଉପରେ ଉପନ୍ୟାସ ଲେଖି ସେ ସ୍ରଷ୍ଟାଙ୍କ ସପ୍ରଂଶସ ଦୃଷ୍ଟି ଆକର୍ଷଣ କରିଥିଲେ ।

୧୮୯୧ରୁ ୧୯୫୭ । ମାତ୍ର ଛଅଷଠି ବର୍ଷର ଜୀବନ । ଅପୂର୍ବ ଦୀପ୍ତି ଓ ଦ୍ୟୁତିର ଜୀବନ ।

କେତେ ସାହିତ୍ୟିକ, ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଉପକୁଳାଧିପତି ପଦ ମଣ୍ଡନ କରିଥିଲେ, ଆଇନଜୀବୀ ପରିଷଦର ସଭାପତି ଭାବେ ମନୋନୀତ ହୋଇଥିଲେ । ତାଙ୍କ ଉଦ୍ୟମରେ ମୟୂରଭଂଜ ମହାରାଜାଙ୍କ ମୁଦ୍ରଣ ଯନ୍ତ୍ର ଉତ୍କଳ ବିଶ୍ୱବିଦ୍ୟାଳୟକୁ ସ୍ଥାନିତ ହୋଇଥିଲା । ଉତ୍କଳ ସାହିତ୍ୟ ସମାଜର ସଭାପତି ଭାବେ କିଛି କାଳ ଦାୟିତ୍ୱ ନିର୍ବାହ କରିଥିଲେ । ଝଙ୍କଡ଼ ସାରଳା ଟ୍ରଷ୍ଟର ସଭାପତି ଥିଲେ । ବ୍ୟାସଦେବଙ୍କୁ ପଢ଼ିଥିଲେ । ପଢ଼ିଥିଲେ ଇତିହାସବିଦ୍ ଭିନ୍‌ସେଣ୍ଟ୍ ସ୍ମିଥ୍, ୱିଲିୟମ୍ ହଣ୍ଟର୍, ମନମୋହନ ଗାଙ୍ଗୁଲୀ, ରାଜେନ୍ଦ୍ର ଲାଲ ମିତ୍ରଙ୍କୁ । ଇତିହାସ ଓ ପୁରାଣ ସାହିତ୍ୟର ଅନୁଶୀଳନ ପାଇଁ ନିଜ ଘରେ ଏକ ବିଶାଳ ପାଠାଗାର କରିଥିଲେ ।

କୁଳଦେବତାଙ୍କର ଆଶୀର୍ବାଦ ନଥିଲେ ଏତେ ସବୁ ସର୍ଜନାତ୍ମକ କାର୍ଯ୍ୟ କରିବା କ'ଣ ସମ୍ଭବ ହୋଇ ପାରିଥାନ୍ତା !

ଦେବ ପ୍ରତିମ ଦଦେଇ ଶ୍ୱଶୁରଙ୍କ ସ୍ମୃତିଚାରଣ କଲାବେଳେ ପ୍ରଗଲ୍‌ଭ ହୋଇ ଉଠୁଥିଲେ କାଞ୍ଚନବାଳା– 'ମୋ ଦଦେଇଶ୍ୱଶୁର ମଣିଷ ଦେହଧାରୀ ଦେବତା ଥିଲେ । ଲକ୍ଷ୍ମୀବନ୍ତ ପୁରୁଷ ଥିଲେ ।'

ପଲଙ୍କ ଉପରେ ବସି କହୁଥିଲେ କାଞ୍ଚନବାଳା । ଠାକୁରଙ୍କ ଆସ୍ଥାନରୁ ଭାସି ଆସୁଥିଲା । ଧୂପ ଝୁଣାର ମହମହ ବାସ୍ନା । ତା' ସହିତ ମିଶିଥିଲା ଚମ୍ପା, ସୁଗନ୍ଧରାଜ, ମଲ୍ଲୀ, ମାଳତୀର ମହକ । ରୋଷେଇ ଘରେ ଗ୍ୟାସ୍‌ରେ ଫୁଟୁଥିଲା ଚା । ଅଦା, ଗୋଲମରିଚ, ଗୁଜୁରାତି ପଡ଼ିଥିବା ଚା'ର ବାସ୍ନା ।

ସମ୍ମୋହିତ ହୋଇ ଯାଉଥିଲା ବେବି ସେଇ ପରିବେଶରେ ।

ଦିନେ ସେ ଘର ପୂରି ଉଠୁଥିଲା । ଗହଳ ଚହଳ ଲାଗି ରହିଥିଲା । ଖନ୍ଦାଶାଳାରୁ ନିଆଁ ଲିଭୁ ନଥିଲା । ଘର ଲୋକଙ୍କ ସମେତ ସେବାକରୀ ଅନ୍ୟୂନ ତିରିଶ ପଇଁତିରିଶ ଜଣ ଖାଉଥିଲେ ପ୍ରତ୍ୟହ । ସନ୍ଧ୍ୟାରେ ଭାଗବତ ପଢ଼ା ହେଉଥିଲା । ଗୋଶାଳା ଭରିଥିଲା ସୁନ୍ଦର, ସୁଠାମ ଗାଇବାଛୁରୀଙ୍କୁ ନେଇ । ଋତୁ ଅନୁସାରେ ଆମ୍ବ, ପଣସ, ସପେଟା, ବେଲ, ପିଜୁଳି, ଲିଚୁ ଆଦି ଫଳରେ ଭରା ଭରା ଦିଶୁଥିଲା ବଗିଚା । ପୂଜାପର୍ବ ଦିନରେ ଛୁଟୁଥିଲା ଆନନ୍ଦର ହିଲ୍ଲୋଳ । ଆସୁଥିଲେ ଦୀନଦୁଃଖୀ ସାହାଯ୍ୟ ପାଇବା ଆଶାରେ । ଆସୁଥିଲେ ମହକିଲ । ଆସୁଥିଲେ ଭାଗବତ ପ୍ରେମୀ ଭକ୍ତବୃନ୍ଦ । ଆସୁଥିଲେ ଆଖପାଖ ଦଶପନ୍ଦର ଖଣ୍ଡ ଗାଁର ଲୋକ କର୍ତ୍ତାଙ୍କର ସାକ୍ଷାତ ପାଇବା ପାଇଁ ।

ଏବେ ଆଉ ସେ ଦିନ ନାହିଁ । ସେ ଘରର ମହିମାକୁ ସ୍ମୃତିରେ ଜୀବନ୍ତ କରି ସାଇତି ରଖିଛନ୍ତି କାଞ୍ଚନବାଳା । ଦଦେଇ ଶ୍ୱଶୁରଙ୍କୁ କଥା ଦେଇଥିଲେ ଶ୍ୱଶୁର । ରାଧାଗୋପୀନାଥଙ୍କ ପୂଜାର ବ୍ୟତିକ୍ରମ ହେବ ନାହିଁ ।

ରାମଚନ୍ଦ୍ରଙ୍କର ଅନୁଗତ ଭାଇ ଲକ୍ଷ୍ମଣ ଥିଲେ ତାଙ୍କ ଶ୍ୱଶୁର । ଶ୍ୱଶୁର ଉତ୍ତରାଧିକାର ସୂତ୍ରରେ ସେବାଦାୟିତ୍ୱ ହସ୍ତାନ୍ତର କରିଥିଲେ ବଧୂ କାଞ୍ଚନବାଳାଙ୍କୁ । ସେଇ କଥାକୁ ମାନ୍ୟତା ଦେଇ ସେ ଜଗି ରହିଛନ୍ତି । 'ରଘୁକୁଳ ନୀତି ସଦା ଚଲିଆଇ । ପ୍ରାଣ୍ ଯାୟ ପର୍ ବଚନ୍ ନଯାୟ' ରାମଚରିତ ମାନସର ଏଇ ଦୁଇପଦ ଗୁଂଜରିତ ହୋଇ ଉଠୁଥିଲା ବେବିର କାନରେ ।

ଭଗ୍ନ କୋଠି ଭିତରେ ସକାଳୁ ଉଠି ଫୁଲ ତୋଳି ଫୁଲ ଗୁନ୍ଥନ୍ତି କାଞ୍ଚନବାଳା । ରଙ୍ଗ ବେରଙ୍ଗର କନା, ଜରି କିଣି ରାଧାକୃଷ୍ଣ ମୂର୍ତ୍ତିଙ୍କ ପାଇଁ ପୋଷାକ ସିଲେଇ କରନ୍ତି । ସବୁବେଳେ ଛୁଞ୍ଚି ବାଜି ବାଜି ଅବଖବଡ଼ିଆ ଆଙ୍ଗୁଠି । ଖରାବେଳେ ଅଗଣାରେ ଶୁଖେଇଥିବା ଠାକୁରଙ୍କ ବସ୍ତ୍ର ତୋଳନ୍ତି । ଚଉତି କରି ରଖନ୍ତି । ସେଇ ଘର, ଦୁଆର, ପିଣ୍ଡା, ବାଡ଼ି ଭିତରେ ସରିଯାଏ ତାଙ୍କ ଦିନ ତାଙ୍କ ରାତି । ସାଇ ପଡ଼ିଶା ବାହାରି ଘରକୁ ଯାଆନ୍ତିନି । ଟି.ଭି. ଦେଖିବାରେ ଆଗ୍ରହ ନାହିଁ । ଦୁଇ ଝିଅଙ୍କ ସହ ଫୋନ୍‌ରେ ସାମାନ୍ୟ କଥାବାର୍ତ୍ତା । ଘରକୁ ଆସନ୍ତି ରୋଷେୟା, ପୂଜକ । ସେମାନେ କାମ ସାରି ଚାଲି ଯାଆନ୍ତି, ଅବଶିଷ୍ଟ ସମୟ ସେ ଓ ତାଙ୍କ ରାଧା ଗୋପୀନାଥ ।

ସେ, ପୁରୁଣା ହାଟ ଜମିଦାର ପରିବାରର ବୋହୂ । କାଞ୍ଚନବାଳା । ଶୂନ୍ୟତା ଭିତରେ ପରିପୂର୍ଣ୍ଣ ଜୀବନର ନିଚ୍ଛକ ଉଦାହରଣ । ଈଶ୍ୱର ଯାହାକୁ ସଙ୍ଗ ଦିଅନ୍ତି ନିଃସଙ୍ଗତା ତାକୁ ସ୍ପର୍ଶ କରିବ କେମିତି !

ସେଇ ଘରେ ପ୍ରବେଶ କଲାବେଳେ ବେବି ପ୍ରଣାମ କରିଥିଲା ଚିନ୍ତାମଣିଙ୍କୁ । ପ୍ରସ୍ଥାନ କଲାବେଳେ ଭୂମିଷ୍ଠ ପ୍ରଣାମ କରିଥିଲା କାଞ୍ଚନବାଳାଙ୍କୁ । ଜଣେ ପୁଣ୍ୟବତୀ ନାରୀଙ୍କ ପାଦସ୍ପର୍ଶରେ ସେ ଭଗ୍ନ ପ୍ରାସାଦରେ ଭୂମି ବେବିକୁ ମନେ ହୋଇଥିଲା ତୀର୍ଥଭୂମି ପରି ।

ସଂଗ୍ରହାଳୟକୁ ଆସିଲା ଶିଶୁକାଠର ସୁନ୍ଦର କାରୁକାର୍ଯ୍ୟ ପୂର୍ଣ୍ଣ ପୁରୁଣା ବିମାନ । ଷାଠିଏ ତମ ପ୍ରତିଷ୍ଠା ଦିବସ ଉତ୍ସବର ପ୍ରଦର୍ଶନୀରେ ମୁଖ୍ୟ ଆକର୍ଷଣ ଥିଲା ଏଇ ବିମାନ । ତାର ତତ୍ତ୍ୱାବଧାରିକା କାଞ୍ଚନବାଳାଙ୍କ ନାମ ଉଲ୍ଲେଖ ନକଲେ ଅସଂପୂର୍ଣ୍ଣ ହେବନି ତାର ସ୍ମୃତିଚାରଣ ।

ଏଇ ବିମାନ ଡାକି ଆଣିଥିଲା ତାର ବନ୍ଧୁଙ୍କୁ । ମନୁଷ୍ୟ ପରି ମନୁଷ୍ୟେତର ପ୍ରାଣୀ, ଜଡ଼ ସାମଗ୍ରୀ, ବସ୍ତୁ ବି ସଖ୍ୟ ଲୋଡ଼ନ୍ତି । ସମକାଳୀନ, ସମସ୍କନ୍ଧ ବନ୍ଧୁର । ଯେମିତି ପକ୍ଷୀ ଖୋଜେ ତା' ମନ ପସନ୍ଦର ଫଳ । ସଂଗ୍ରହାଳୟରେ ଚାକିରି କାଳରେ ଏଇ ଧାରଣା ଦୃଢ଼ୀଭୂତ ହୋଇଛି ବେବିର ।

ଗଡ଼ ରୂପାସର ଜମିଦାର ସ୍ୱର୍ଗତ ବଳରାମ ରାୟଙ୍କ ସୁପୁତ୍ର ସଂଗ୍ରାମ ରାୟ ଏଇ ସିନ୍ଦୂକଟିକୁ ସଂଗ୍ରହାଳୟ ସାମଗ୍ରୀ ତାଲିକାରେ ପଂଜୀକୃତ କରିବା ପାଇଁ ଅନୁରୋଧ କରିଥିଲେ ବେବିକୁ । ତାଙ୍କ ଅନୁରୋଧ ରଖି ବେବି ଯାଇଥିଲା କୋଣାର୍କ ପାଖ ଗଡ଼ ରୂପାସ ଗ୍ରାମକୁ । ଯେଉଁଘରେ ସିନ୍ଦୂକଟି ଥିଲା ସେ ଏକ ଭିନ୍ନ ଧରଣର ଘର । ଅଣ୍ଡର ଗ୍ରାଉଣ୍ଡ୍ ଘର । ଉପର ଘର ସାଧାରଣ ସଦସ୍ୟଙ୍କ ପାଇଁ । ଭୂମିତଳ ଘର ଗୃହକର୍ତ୍ତାଙ୍କ ପାଇଁ । ଏମିତି ଘର ଆଗରୁ କେଉଁଠି ଦେଖି ନଥିଲା ବେବି । ପରେ ପାଇକ ବିଦ୍ରୋହ ଗ୍ୟାଲେରୀ ନିର୍ମାଣ ବେଳେ ସେ ଶୁଣିଥିଲା । ଖୋରଧାର ବାଜପୁର ଏବଂ ଆଉ କେତେକ ଜାଗାରେ ଇଂରେଜମାନଙ୍କ ବିଷ ଦୃଷ୍ଟି ଏଡ଼େଇବା ପାଇଁ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କର ଏମିତି ଭୂମିତଳ ଗୃହ ଥିଲା । କୁହାଯାଏ କୋଣାର୍କର ଶିଳ୍ପୀମାନଙ୍କୁ ରନ୍ଧାଖାଦ୍ୟ ଦେଇ ଦାୟିତ୍ୱ ନ୍ୟସ୍ତ ହୋଇଥିଲା ଗଡ଼ ରୂପାସର ଜମିଦାରଙ୍କ ପାଖରେ ।

ସିନ୍ଦୂକ ଆଣିବା ପାଇଁ ଗଲାବେଳେ ବାଟରେ ଗୋପ ପାଖରେ ସେ ଦେଖିଥିଲା ଏକ ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିର । ଦେବୀ ଗଙ୍ଗେଶ୍ୱରୀଙ୍କ ମନ୍ଦିର । ନିର୍ମାଣ କାଳ ତ୍ରୟୋଦଶ ଶତାବ୍ଦୀ । ଏହି ମନ୍ଦିରର ବିଶେଷତ୍ୱ ହେଉଛି...ତୋରଣ ଏଠାରେ ମୁଖଶାଳା ସହିତ ସଂଯୁକ୍ତ । ମୁକ୍ତେଶ୍ୱର ମନ୍ଦିରର ତୋରଣ ପରି ମୁଖ୍ୟ ମନ୍ଦିର ଠାରୁ ଏହା ବିଚ୍ଛିନ୍ନ ନୁହେଁ । ଗଣେଶଙ୍କ ସମେତ ବାରାହୀ ଓ ଚାମୁଣ୍ଡା ଏହି ମନ୍ଦିରରେ ପାର୍ଶ୍ୱ ଦେବୀ । ବଡ଼ ଚିତ୍ତାକର୍ଷକ ଏ ମନ୍ଦିରର ସବୁ ବିଗ୍ରହ । ଅଧିଷ୍ଠାତ୍ରୀ ଦେବୀ ଦଶଭୂଜା ଦୁର୍ଗା । ଅପୂର୍ବ ଲାସ୍ୟମୟୀ ପ୍ରତିମା । କୋଣାର୍କ ମନ୍ଦିରର ଗଠନ ଶୈଳୀ ସହିତ ବହୁ ସାମଞ୍ଜସ୍ୟ ଅଛି ଏହି ମନ୍ଦିରର । କାଳର ପ୍ରବାହରେ କୋଣାର୍କ ମନ୍ଦିର ଅବକ୍ଷୟଗ୍ରସ୍ତ । ମାତ୍ର ଏଇ ମନ୍ଦିରର କଳାକୃତି ଏବେ ବି ଅକ୍ଷୁର୍ଣ୍ଣ । ଅଭୟ ଦାୟିନୀ, କରୁଣାମୟୀ ମାତୃମୂର୍ତ୍ତିଙ୍କ ଦର୍ଶନରେ ଦିବ୍ୟ ପୁଲକ, ଶିହରଣ ସୃଷ୍ଟି ହୋଇଥିଲା ତା' ମନରେ । ସେ ଅନୁଭବ ସେ ପାଶୋରି ନାହିଁ ।

ବଳରାମ ରାୟଙ୍କ କନ୍ୟା ଶଶୀପ୍ରିୟା ଦେଇଥିଲେ ରାଜ୍ୟ ପ୍ରତ୍ନତତ୍ତ୍ୱର ଅଧୀକ୍ଷକ ତାଙ୍କ ଘର । ତାଙ୍କ ଘର ପାଖମନ୍ଦିର ବୁଲିବା ବେଳେ ପାଖରେ ନଥାନ୍ତେ ଶଶୀନାନୀ ।

ଶଶୀ ନାନୀ ଭାରି ସ୍ନେହୀ ମଣିଷ ଥିଲେ । ଅସାମାନ୍ୟା ସୁନ୍ଦରୀ ଥିଲେ । ରାଜ୍ୟ ପ୍ରତ୍ନତତ୍ତ୍ୱର ସଂଗ୍ରହାଧ୍ୟକ୍ଷା ଓ ଅଧିକ୍ଷକ ଥିଲା ବେଳେ ସମଗ୍ର ଓଡ଼ିଶାର ପ୍ରାଚୀନ ମନ୍ଦିରମାନଙ୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ତୁଲାଇଥିଲେ । ତାଙ୍କ ପାଖରେ ବସିବା ବେଳେ ଗସ୍ତକାଳୀନ ବିଚିତ୍ର ଅନୁଭୂତିମାନ ବଖାଣୁଥିଲେ । ଓଡ଼ିଶାର ପ୍ରତ୍ନତାତ୍ତ୍ୱିକ ସଂପଦର ଅନ୍ତରାଳରେ କେତେ ପ୍ରାଜ୍ଞ ଅଧିକାରୀଙ୍କ ଅବଦାନ । ଡ. ପ୍ରଶାନ୍ତ କୁମାର ରାୟ, କେଦାର ନାଥ ମହାପାତ୍ର, ଡ. ବିଜୟ କୁମାର ରଥ– ଏମାନଙ୍କ ସହିତ ମିଶି କାମ କରିଥିଲେ ଶଶୀନାନୀ ।

ଚାକିରି ଶେଷ ଆଡ଼କୁ ନାନୀ ସୁସ୍ଥ ରହୁ ନଥିଲେ । ଅବସର ନେବାର ଅଳ୍ପ ଦିନ ପରେ ସେ ଆଖି ବୁଜିଲେ । ଜୀବନ ତାଙ୍କୁ ମହଲତ ଦେଲା ନାହିଁ ବେଶି କିଛି କରିବା ପାଇଁ । ଅକାଳରେ ବିଦାୟ ନେଲେ ଶଶୀନାନୀ, ତେବେ ଆପଣାଛାଏଁ ବେବିର ସ୍ମୃତି ସହିତ ଜଡ଼ିତ ହୋଇଗଲେ ।

ବିମାନ, ସିନ୍ଦୂକ, ସଂଗ୍ରହାଳୟର ସଂପତ୍ତି ହୋଇ ରହିଲେ । ବେବିର ସ୍ମୃତିରେ ସାଇତା ହୋଇ ରହିଲେ କାଞ୍ଚନବାଳା, ଶଶୀପ୍ରିୟା ।

# ଶୁଭସନ୍ତକ ଶୁଆ



# ଶୁଆ

**ଦେବଯାନୀ ରାୟ**

ରାମଚନ୍ଦ୍ରପୁର ବଜାର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଛପାଖ, ଜଟଣୀ, ଖୋର୍ଦ୍ଧା-୭୫୨୦୫୦
ଫୋନ:୯୪୩୭୪୧୩୩୧୪

ଫଟୋ ସୌଜନ୍ୟ : ଗୁଗୁଲ୍

ମୋର ଭଲ ଭାବରେ ମନେଅଛି ମୋ ଜେଜେ ଜଣେ ସୌଖୀନ୍ ମଣିଷ ଥିଲେ । ଜମିଦାରୀ ଥାଟ୍ ଭାଟ୍‌ରେ ପରିପୂର୍ଣ୍ଣ ତାଙ୍କର ଚଳଣି ଥିଲା ବେଶ୍ ରୁଚିସମ୍ପନ୍ନ । ଗାଁର ପ୍ରତ୍ୟେକ ନ୍ୟାୟ ନିଶାପରେ ସେ ଥିଲେ ସିଦ୍ଧହସ୍ତ । ସମସ୍ତ ସମସ୍ୟାକୁ ସେ ଅତିସୁନ୍ଦର ଭାବରେ ସମାଧାନ କରି ଦେଉଥିଲେ । ସେଥିପାଇଁ ଗାଁ ତଥା ତା'ର ଆଖପାଖ ମଉଜା ଗୁଡ଼ିକରେ ତାଙ୍କର ବହୁତ ସମ୍ମାନ ରହିଥିଲା । ଜଣେ ମର୍ଯ୍ୟାଦାବନ୍ତ ଜମିଦାର୍ ଭାବରେ ସେ ସରକାରଙ୍କ ଠାରୁ 'ରାୟବାହାଦୂର' ପଦପ୍ରାପ୍ତ କରିଥିଲେ । ମୋ ପିଲାଦିନେ ଚାଷ ପାଇଁ ଟ୍ରାକ୍ଟରର ବ୍ୟବହାର କରାଯାଉଥିଲା । ଆମର ଜମିସବୁ ହଳ ଠାରୁ ଆରମ୍ଭ କରି ଧାନ ଅମଳ ପର୍ଯ୍ୟନ୍ତ ସବୁ କାମ ଟ୍ରାକ୍ଟରରେ ହେଉଥିଲେ ବି ଜେଜେ ଆମର ଦୁଇଟି ଗଜା ଦାମୁରୀ ଗୁହାଳରେ ବାନ୍ଧି ରଖୁଥିଲେ । ସେ କୁଆଡ଼େ ତାଙ୍କର ଜମିଦାରୀ ସିମ୍ବଲଉ ଥିଲା । ତା ସହିତ ସେ ତାଙ୍କର ସଉକ ପାଇଁ ବିଭିନ୍ନ ପଶୁପକ୍ଷୀଙ୍କୁ ପୋଷା ମନାଇ ଘରେ ରଖିଥିଲେ । ତନ୍ମଧ୍ୟରୁ ବିରାଟ ଏକ କଳା କୁକୁର ଆଉ ପକ୍ଷୀ ଭାବରେ ଦୁଇଟି ଶୁଆଙ୍କୁ ରଖିଥିବାର ମୋର ଭଲଭାବରେ ମନେଅଛି । ଆରାମ ଚେୟାର୍‌ରେ ବସି ନିଶକୁ ଆଉଁସି ଝୁଲୁଥିବା ବେଳେ କଳା କୁକୁରଟି ତାଙ୍କର ପାଦ ପାଖରେ ବସି ରହୁଥିଲା । ଆଉ କଥା କୁହା ଶୁଆ ଦୁଇଟି 'ସୀତାରାମ ସୀତାରାମ'ର ଲାରା ଲଗାଇବା ସହିତ ଆହୁରି ଅନେକ କିଛି କଥା ମଧ୍ୟ କହୁଥିଲେ । ତେବେ ଚାଲନ୍ତୁ ଆମ୍ଭେମାନେ ସେହି ସୁନ୍ଦର ପକ୍ଷୀ ଶୁଆଙ୍କ ବିଷୟରେ କିଛି ଅଜଣା କଥା ଜାଣିନେବା ଏଥର ।

## ଶୁଆ

ପ୍ୟାରୋଟ୍‌ସ୍ ବା ଶୁଆ, ଯାହାକୁ 'ସିଟାସିଫର୍‌ମିସ୍' (Psipittaciformes) ମଧ୍ୟ କୁହା ଯାଇଥାଏ । ୯୨ଟି ବଂଶ (ଜେନର୍) ମଧ୍ୟରେ ପ୍ରାୟ ୩୯୮ ପ୍ରଜାତିର ପକ୍ଷୀ ଯାହାକି ସିଟାସିଫର୍‌ମିସ୍ (Psittaciformes) କ୍ରମକୁ ନେଇ ଗଠିତ । ପ୍ରାୟତଃ ଟ୍ରୋପିକାଲ୍ ଏବଂ ସବ୍‌ଟ୍ରୋପିକାଲ୍ ଅଞ୍ଚଳରେ ଏମାନେ ଦେଖା ଦେଇଥାନ୍ତି । ଏମାନେ ତିନି ଭାଗରେ ବିଭକ୍ତ । ଯଥା: ସିଟିକୋଏଡ଼ିଆ, କାକାଟୁଆ, ଷ୍ଟ୍ରିଗୋପୋଏଡ଼ିଆ (strigopoidea) ।

## ସିଟିକୋଏଡ଼ିଆ(Psittacoidea) ବା ପ୍ରକୃତ ଶୁଆ (True Parrot)

ଏମାନେ ପ୍ରାୟତଃ ୩୫୦ ପ୍ରଜାତିର । ସୁପର୍ ଫ୍ୟାମିଲି ସିଟିକୋଏଡ଼ିଆ ଜୈବିକ କ୍ରମରେ ଥିବା ସିଟ୍‌ଟାସିଫର୍ମିର ତିନୋଟି ସୁପର ଫ୍ୟାମିଲି ମଧ୍ୟରୁ ଗୋଟିଏ । ଦକ୍ଷିଣ ଆମେରିକା, ସାହାରା ଆଫ୍ରିକା, ଭାରତ, ଦକ୍ଷିଣ ପୂର୍ବ ଏସିଆ, ଅଷ୍ଟ୍ରେଲିଆ ଏବଂ ପୂର୍ବରେ ପ୍ରଶାନ୍ତ ମହାସାଗର ପଲିନେସିଆ ପର୍ଯ୍ୟନ୍ତ ଏମାନେ ଦେଖା ଦେଇଥାନ୍ତି । ସବୁଠାରୁ ବୁଦ୍ଧିମାନ ପକ୍ଷୀଗୋଷ୍ଠୀ ମଧ୍ୟରୁ ଏମାନେ ଅନ୍ୟତମ । ଏମାନେ ଗଛର ଶାଖା ଉପରେ ଭଲ ଫ୍ଲାୟର୍ (ଉଡ଼ାଳୀ) ଏବଂ କୁଶଳୀ ପର୍ବତାରୋହୀ । ମୁଖ୍ୟତଃ ଏମାନେ ବିହନ ଭୋଜନ କରିଥାନ୍ତି । ବ୍ୟକ୍ତିଗତ ପ୍ରଜାତିରେ ଖାଦ୍ୟରେ କିଛି ପରିବର୍ତ୍ତନ ଦେଖା ଦେଇଥାଏ । ଫଳ, ବାଦାମ୍, ପତ୍ର, କୀଟ ପତଙ୍ଗ ଇତ୍ୟାଦି ଖାଇଥାନ୍ତି । ଅଧିକାଂଶ ସିଟିକୋଏଡ଼ିଆ ବିବାହ ବନ୍ଧନରେ ଆବଦ୍ଧ ହୋଇଥାନ୍ତି ।

## କାକାଟୁଆ

କାକାଟୁଆ ହେଉଛି ଫିଲିପାଇନ୍ସ ଏବଂ ୱାଲ୍‌ସିଆଚ୍ ସୋଲେମାନ ଦ୍ୱୀପପୁଞ୍ଜ ଏବଂ ଦକ୍ଷିଣରେ ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ଦେଖିବାକୁ ମିଳୁଥିବା କାକାଟୁସ୍‌ର ଏକ ବଂଶ । ଏମାନେ ପ୍ରାୟତଃ ଧଳାରଙ୍ଗର ହୋଇଥାନ୍ତି । ହଳଦିଆ ବା ଫିକା ଗୋଲାପୀ କ୍ରେଷ୍ଟ୍ (ଚୂଳ) ଥିବାବେଳେ ଏମାନଙ୍କ କଳା ଥଣ୍ଟ ରହିଥାଏ । ଏମାନଙ୍କ ଦେହର ଲମ୍ବ ୪୫ରୁ ୫୦ ସେଣ୍ଟିମିଟର ବା ୧୮ରୁ ୨୨ ଇଞ୍ଚ୍ । ଏମାନଙ୍କର ବାସସ୍ଥାନ ନଷ୍ଟ ହେତୁ **IUCN** ଦ୍ୱାରା ସେମାନଙ୍କ ଜୀବନ ପ୍ରତି ବିପଦ ବିବେଚନା କରାଯାଇଛି ।

## ଷ୍ଟ୍ରିଗୋପୋଏଡ଼ିଆ (StrigoPoidea)

ଏହି ଶୁଆ ଅନ୍ତତଃ ତିନୋଟି ପ୍ରଜାତିକୁ ନେଇ ଗଠିତ । ଯଥା: ନେଷ୍ଟୋର, ଷ୍ଟ୍ରିଗପ୍ସ, ଜୀବାଶ୍ମ ନେଲେସିଟାକସ୍ (Nestor, Strigops, The fossil Nelepsittacus) । ଏହିସବୁ ପ୍ରଜାତି ବିଲୁପ୍ତ ପ୍ରାୟ । ବଞ୍ଚିଥିବା ପ୍ରଜାତି ମଧ୍ୟରୁ କାକାପୋ ବହୁଳ ଭାବରେ ବିପଦଯୁକ୍ତ, ଯିଏକି ଉଡ଼ାଣ ବିହୀନ ଏବଂ ଫାଇଟ୍‌ଲେସ୍ ଶୁଆ ଅଟେ ।

## ବିବରଣୀ

ଶୁଆ ନାମଟି ବିଭିନ୍ନ ରଙ୍ଗବେରଙ୍ଗର ଗୋଟିଏ ପକ୍ଷୀକୁ ବୁଝାଇଥାଏ । ଶୁଆମାନଙ୍କ ମଧ୍ୟରେ ସବୁଠାରୁ ବଡ଼ ଗୁଣ ହେଲା, କଥାବାର୍ତ୍ତା ଓ ଅନୁକରଣ କରିବାର କ୍ଷମତା । ଏମାନଙ୍କର ବିଭିନ୍ନ ପ୍ରଜାତି ମଧ୍ୟରେ ଆଚରଣ ଭିନ୍ନ ଦେଖା ଦେଇଥାଏ । କେତେକ ଶୁଆ କେବଳ ଉଚ୍ଚସ୍ୱର କରୁଥିବା ବେଳେ ଆଉ କେତେକ ଅଧିକ ଶାନ୍ତ ହୋଇଥାନ୍ତି । ପୁଣି କେତେକ



▶ଲେଖିକା ଦେବଯାନୀ ରାୟ

ପ୍ରଜାତି ମାନବଭାଷା ବୁଝି ପାରିଥାନ୍ତି ଏବଂ ଅନୁକରଣ ମଧ୍ୟ କରିଥିବା ବେଳେ କେତେକଙ୍କୁ କେବଳ ପକ୍ଷୀ କୁହା ଯାଇଥାଏ । ଶୁଆମାନଙ୍କର ପ୍ରକୃତ ବୈଶିଷ୍ଟ୍ୟ, ଆଚରଣ ଓ ଯତ୍ନର ଆବଶ୍ୟକତା ବିଷୟରେ ଆମେମାନେ ଜାଣିଥିବା କିଛି ତଥ୍ୟ ଠାରୁ ଆହୁରି ଅନେକ କିଛି ରହିଛି ଯାହା ଆମମାନଙ୍କୁ ଜଣା ନାହିଁ । ଶୁଆମାନଙ୍କର ଲମ୍ବା ଏବଂ ବଙ୍କା ଥଣ୍ଟ ପାଇଁ ସେମାନଙ୍କୁ ବକ୍ରବିକ୍ ବା ହୁକ୍ ବିଲ୍ ମଧ୍ୟ କୁହାଯାଇଥାଏ । ଏହି ଥଣ୍ଟ ସେମାନଙ୍କର ହାତ ପରି କାମ କରିଥାଏ । ପ୍ରତ୍ୟେକ ପାଦରେ ୪ ଆଙ୍ଗୁଳି, ଦୁଇଟି ଆଗକୁ ଏବଂ ଦୁଇଟି ପଛକୁ ରହିଛି । ଯାହାଦ୍ୱାରା କୌଣସି ଜିନିଷ ଓ ଖାଦ୍ୟ ପଦାର୍ଥକୁ ସେମାନେ ସହଜରେ ନିୟନ୍ତ୍ରଣ କରିବାର କ୍ଷମତା ରଖିଥାନ୍ତି । ଏହି କ୍ଷମତାକୁ ଯାଇଗୋଡ଼ାକ୍ଟାଇଲ୍ କୁହାଯାଇଥାଏ । ଅନ୍ୟାନ୍ୟ ପୋଷାପକ୍ଷୀ ପ୍ରଜାତିଙ୍କ ତୁଳନାରେ 'ଶୁଆ' ଅଧିକ ଦିନ ପର୍ଯ୍ୟନ୍ତ ବା ଦୀର୍ଘତମ ଜୀବନ ବଞ୍ଚିଥାନ୍ତି । ଋତୁ ଏବଂ ପରିବେଶ ଦ୍ୱାରା ପୁରୁଷ ଏବଂ ମହିଳା ଉଭୟ ଶୁଆ ପ୍ରଜାତି ପ୍ରଭାବିତ ହୋଇ ପ୍ରଜନନ କାର୍ଯ୍ୟକଳାପ ଜାରି ରଖିଥାନ୍ତି । ଶୁଆମାନେ ସାଧାରଣତଃ ୧୨ଘଣ୍ଟା ଆଲୁଅ ଓ ୧୨ ଘଣ୍ଟା ଅନ୍ଧାର ଆବଶ୍ୟକ କରିଥାନ୍ତି । ଶୁଆମାନଙ୍କର ବୟସ ହାରାହାରି ୫୦ରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଜୀବନସାରା ମନୁଷ୍ୟ ପରବାରର ଏକ ଅଂଶ ହୋଇଥାନ୍ତି ।



## ଭାରତୀୟ ଶୁଆ

ଭାରତୀୟ ରିଙ୍ଗନେକ୍ ପାରାକେଟ୍‌କୁ ରୋଜ୍‌ରିଙ୍ଗ୍ ପାରାକିଟ୍ ବୋଲି କୁହାଯାଏ । ଭାରତୀୟ ଶୁଆର ଜୀବନକାଳ ୮ରୁ ୧୨ବର୍ଷ ହୋଇଥିବା ବେଳେ କେତେକ ଉତ୍ତମ ଭାବେ ପାଳିତ ଶୁଆଙ୍କର ବୟସ ୨୦ରୁ ୪୦ବର୍ଷ ବୟସ ହୋଇଥାଏ । ଭାରତୀୟ ଶୁଆଗୁଡ଼ିକ ମୁଖ୍ୟତଃ ଏସିଆ ମହାଦେଶର ଭାରତ ଏବଂ ପାକିସ୍ତାନରେ ବାସ କରିଥାନ୍ତି ।

## ବାସସ୍ଥଳୀ

ଭାରତୀୟ ଶୁଆମାନେ ମୂଳତଃ ଅର୍ଦ୍ଧ ମରୁଭୂମି, କାଠ କିମ୍ବା ଜଙ୍ଗଲ ଅଞ୍ଚଳରେ ବାସ କରିଥାନ୍ତି । ଚାଷଜମି, ପାର୍କ, ଗ୍ରାମ ଓ ସହରରେ ଭାରତୀୟ ଶୁଆଗୁଡ଼ିକ ପ୍ରାୟତଃ କୋଳାହଳ କରି ଦଳରେ ଏକତ୍ରିତ ହୁଅନ୍ତି, ସମସ୍ତ ଅନ୍ୟାନ୍ୟ ପକ୍ଷୀମାନଙ୍କ ପରି ସେମାନେ ମଧ୍ୟ ସକାଳେ ସଞ୍ଜରେ କୋଳାହଳ କରିଥାନ୍ତି । ଶୁଆମାନେ ନିଜର ଘର ଗଛର କୋରଡ଼ରେ ବନେଇଥାନ୍ତି । ମାତା ଶୁଆ ଚାପମୁକ୍ତ ପରିବେଶରେ ଅତିରିକ୍ତ ସୁରକ୍ଷା ସ୍ଥାନକୁ ପସନ୍ଦ କରନ୍ତି । ଯାହାଦ୍ୱାରା ଏମାନେ ନିଜ ଛୁଆର ଉପଯୁକ୍ତ ଯତ୍ନ ନେଇ ପାରିଥାନ୍ତି । ଆହୁରି ଅନେକ ଶୁଆ ସାମାଜିକ ପ୍ରାଣୀ ଭାବରେ ନିଜ ମାଲିକର ସ୍ନେହ ଶ୍ରଦ୍ଧାରେ ଲାଳିତ ପାଳିତ ହେବାକୁ ଭଲ ପାଇଥାନ୍ତି । ୩୬୦ରୁ ଅଧିକ ପ୍ରଜାତିର ଶୁଆ ରହିଥିଲେ ମଧ୍ୟ ସମସ୍ତେ ପରିବାରର ଗୃହପାଳିତ ପକ୍ଷୀ ଭାବେ ଉପଯୁକ୍ତ ନୁହଁନ୍ତି, ଭାରତୀୟ ଶୁଆ ସିଟ୍ଟାକୁଲା (Psipttacula) ବଂଶର ଏକ ମଧ୍ୟମ ଆକାରର ଶୁଆ । ଆଫ୍ରିକା ଏବଂ ଭାରତୀୟ ଉପମହାଦେଶରେ ଏମାନେ ଦେଖା ଦେଇଥାନ୍ତି । ଏମାନଙ୍କୁ ବିଦେଶୀ ଗୃହପାଳିତ ପକ୍ଷୀ ଭାବେ କିଣାବିକା କରାଯାଉଛି ।



## ଖାଦ୍ୟ

ଅଧିକାଂଶ ଶୁଆଙ୍କର ଖାଦ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି ମଞ୍ଜି, ବାଦାମ, ଫଳ ତଥା ଛୋଟ ଛୋଟ ଉଦ୍ଭିଦ ପଦାର୍ଥ । ଅଳ୍ପ କେତେକ ପ୍ରଜାତି ଛୋଟ ଛୋଟ କୀଟପତଙ୍ଗ ଖାଇଥାନ୍ତି ।

## ପ୍ରଜନନ

ଭାରତୀୟ ଶୁଆ ଗୁଡ଼ିକ ଫେବୃଆରୀରୁ ମାର୍ଚ୍ଚ ମଧ୍ୟରେ ପ୍ରାକୃତିକ ପରିସର ମଧ୍ୟରେ ପ୍ରଜନନ କରନ୍ତି । ଭାରତୀୟ ଶୁଆ ଗୁଡ଼ିକ ୧ରୁ ୨ବର୍ଷ ବୟସରେ ପ୍ରଜନନ ପରିପକ୍ୱ ହୋଇଥାନ୍ତି । ପୁରୁଷ ଶୁଆ ଫିମେଲ୍ ଶୁଆକୁ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ନିଜର ପଙ୍ଖକୁ ହାର୍ଟ ଶେପ୍(Heart shape)ର କରି ଫିମେଲ୍ ଶୁଆ ପାଖରେ ଝୁଙ୍କି ପ୍ରେମ ନିବେଦନ କରିଥାଏ ।

## ପ୍ରଭେଦ

ପୁରୁଷ ଶୁଆର ଥଣ୍ଟ ପୂରାପୂରି ଗାଢ଼ ଲାଲ୍ ହୋଇଥିବା ବେଳେ ମାତା ଶୁଆର ଥଣ୍ଟ ସର୍ବଦା କମଳା ମିଶା ଲାଲ୍ ରଙ୍ଗ ହୋଇଥାଏ । ମେଲ୍ ଶୁଆର ଥଣ୍ଟ ବଡ଼ ଓ ଗୋଲାକାର ହୋଇଥିବା ବେଳେ ଫିମେଲ୍ ଶୁଆର ଥଣ୍ଟ ଛୋଟ ଏବଂ ପତଳା ହୋଇଥାଏ । ପୁରୁଷ ଶୁଆର ଆଖିର ରଙ୍ଗ ଗାଢ଼ ଏବଂ ଫିମେଲ୍‌ର ଫିକା ହୋଇଥାଏ । ମେଲ୍ ଶୁଆର ମୁଣ୍ଡ ଚାରିକୋଣିଆ ହୋଇଥିବା ବେଳେ ଫିମେଲ୍ ମୁଣ୍ଡ ଗୋଲ୍ ହୋଇଥାଏ । ମେଲ୍ ଶୁଆର ଥଣ୍ଟ ପାଖରୁ ବ୍ଲାକ୍ ରିଙ୍ଗ କଳା ହୋଇ ପଛ ପାଖକୁ ଗୋଲାପି ହୋଇଥାଏ । ଫିମେଲ୍‌ର କୌଣସି ରିଙ୍ଗ୍ ନଥାଏ । ପୁରୁଷ ଶୁଆର ଦେହର ରଙ୍ଗ ଡାର୍କଗ୍ରୀନ୍ ମାତା ଶୁଆର ଫିକା ଗ୍ରୀନ୍, ମେଲ୍‌ର ହାଡ଼ ଟାଣଥିବା ବେଳେ ଫିମେଲ୍ ଶୁଆର ନରମ ହୋଇଥାଏ । ମେଲ୍ ଶୁଆର ଲାଞ୍ଜ ଫିମେଲ୍ ଶୁଆ ଠାରୁ ବଡ଼ । ମେଲ୍ ଶୁଆ ଠାରୁ ଫିମେଲ୍ ଶୁଆ ବହୁତ ଚଞ୍ଚଳ ପ୍ରକୃତିର ହୋଇଥାଏ । କାମୁଡ଼ିଲା ବେଳେ ଫିମେଲ୍ ଶୁଆ ପୁରୁଷ ଶୁଆ ଅପେକ୍ଷା ଜୋର୍ ଦେଇ କାମୁଡ଼ିଥାଏ । ମୋଟାମୋଟି ଦେଖିବାକୁ ଗଲେ ପୁରୁଷ ଶୁଆ ବଡ଼ ସୁନ୍ଦର ଏବଂ ଏହାର ପର ସାଇନିଙ୍ଗ୍ କରୁଥିବା ବେଳେ ଫିମେଲ୍ ଶୁଆର ପର ରଫ୍ ହୋଇଥାଏ । ସାଧାରଣତଃ ଦେଖାଯାଏ



ମେଲ୍ ଶୁଆ ଫିମେଲ୍ ଶୁଆ ତୁଳନାରେ ଅଧିକ କଥା କହିଥାଏ ଏବଂ ନିଜର ଖାଦ୍ୟକୁ ଶେୟାର କରିବାରେ ଆଗୁଆ ଥାଏ ।

## ଶାରୀରିକ ଗଠନ ଏବଂ କଥା କହିବାର କ୍ଷମତା

ଶୁଆମାନଙ୍କର ଚରିତ୍ରଗତ ବୈଶିଷ୍ଟ୍ୟ ହେଉଛି ଏକ ଶକ୍ତିଶାଳୀ ବକ୍ର ଥଣ୍ଟ, ଶକ୍ତ ପାଦ, ପୁରୁଷ ବୟସ୍କ ଶୁଆର ଏକ ନାଲି କିମ୍ବା କଳା ରିଙ୍ଗ୍ ଯୁକ୍ତ, ଅପରିପକ୍ୱ ଶୁଆଙ୍କର କୌଣସି ରିଙ୍ଗ୍ ନଥାଏ କିମ୍ବା ଫିକା ରଙ୍ଗ ଯୁକ୍ତ ରିଙ୍ଗ୍ ଥାଏ । ଭାରତୀୟ ଶୁଆଗୁଡ଼ିକ ହାରାହାରି ୪୦ ସେଣ୍ଟିମିଟର ଲମ୍ବା ହୋଇଥାନ୍ତି । ପାଳିତ ଶୁଆମାନଙ୍କର କଥା କହିବାର କ୍ଷମତା ତାଙ୍କ ନିଜ ଉପରେ ହିଁ ନିର୍ଭର କରିଥାଏ । ଅନେକ କ୍ଷେତ୍ରରେ କିଛି ଶୁଆ ବହୁ ଶୀଘ୍ର କଥା କହୁଥିବା ବେଳେ ଆଉ କିଛି ଅନୁସରଣ ପାଇଁ ସମୟ ନେଇଥାନ୍ତି । ତେବେ ସବୁଜ ଶୁଆ ବହୁ ଶୀଘ୍ର ଅନୁସରଣ କରି କଥା କହିଥାନ୍ତି । ଉତ୍ତମ ପାଳନ ପୋଷଣ ତଥା ଭଲପାଇବା ଦ୍ୱାରା ଏମାନେ ବହୁତ ଦିନ ବଞ୍ଚିବା, କଥା କହିବା ସହିତ ମନୁଷ୍ୟ ଜୀବନର ଏକ ବଡ଼ ସାଥୀ ହୋଇଥାନ୍ତି ।

ଭାରତରେ ଦେଖା ଯାଉଥିବା ଅନ୍ୟାନ୍ୟ ଶୁଆମାନଙ୍କ ମଧ୍ୟରୁ Vernal Hanging Parrot (Loriculus) ବା ଝୁଲନ୍ତା ଶୁଆ, Alexandrine Parakeet, Rose Ringed ଅନ୍ୟତମ ।

## ଲୋରିକୁଲସ (Loriculus)

ଟ୍ରୋପିକାଲ୍ ଦକ୍ଷିଣ ଏସିଆର ଛୋଟ ଶୁଆମାନଙ୍କର ଏକ ଗୋଷ୍ଠୀ । ପ୍ରାୟ ୧୩ ସେ.ମି. ଲମ୍ବ ଝୁଲନ୍ତା ଶୁଆ ଦେଖିବାକୁ ସବୁଜ (ଗ୍ରୀନ୍ ରଙ୍ଗର ଏବଂ ଛୋଟ ଲାଞ୍ଜଯୁକ୍ତ । ପ୍ରାୟତଃ ମୁଣ୍ଡର ରଙ୍ଗରୁ ସେଇ ପ୍ରଜାତି ଗୁଡ଼ିକୁ ଚିହ୍ନିବା ସହଜ ହୋଇଥାଏ । ଓଲଟା ଶୋଇବାର କ୍ଷମତା ପାଇଁ ଏମାନେ ପକ୍ଷୀମାନଙ୍କ ମଧ୍ୟରେ ଅତୁଳନୀୟ । ଏମାନେ ଫଳ, ବିରି, ଅମୃତଭଣ୍ଡା ଏବଂ ଫୁଲ ଖାଇବାକୁ ପସନ୍ଦ କରିଥାନ୍ତି । ଏମାନେ କଥାବାର୍ତ୍ତା କରିପାରନ୍ତି ନାହିଁ କିନ୍ତୁ ହୁଇସିଲ୍ ମାରିବାରେ ଅତ୍ୟନ୍ତ ଭଲ ପ୍ରଦର୍ଶନ କରିପାରନ୍ତି । ନୀଳ ମୁକୁଟ ଥିବା ଝୁଲନ୍ତା ଶୁଆ ଥାଇଲାଣ୍ଡ ମାଲାୟା, ସିଙ୍ଗାପୁର, ଇଣ୍ଡୋନେସିଆର ଏକ ପାରା ପ୍ରଜାତି ଅଟନ୍ତି । ଏହି ଶୁଆ ଗୁଡ଼ିକର ଉଚ୍ଚତା ୧୨ ସେଣ୍ଟିମିଟର ଏବଂ ଓଜନ ୨୮ ଗ୍ରାମ । ୧୪ବର୍ଷ ବୟସ୍କ ପର୍ଯ୍ୟନ୍ତ ଏମାନେ ବଞ୍ଚିଥାନ୍ତି । ଏହି ଶୁଆ ଭାରତୀୟ ଉପମହାଦେଶ ଏବଂ ଦକ୍ଷିଣପୂର୍ବ ଏସିଆର ଅନ୍ୟାନ୍ୟ ଅଞ୍ଚଳରେ ବାସିନ୍ଦା ଅଟନ୍ତି । ଏମାନେ ଖୁବ୍ ଶୀଘ୍ର ଏବଂ ବହୁତ୍ ଜୋର୍‌ରେ ଉଡ଼ିପାରନ୍ତି ।

## ଆଲେକ୍ସଜାଣ୍ଡ୍ରାଇନ୍ ପାରାକେଟ୍ କିମ୍ବା ଆଲେକ୍ସ ଜାଣ୍ଡାରିଆନ୍ ପ୍ୟାରୋଟ୍

ସିଟାସିଫର୍ମିସ୍ ଶୃଙ୍ଖଳାର ଏବଂ ସିଟିକୋଏଡ଼ିଆ ପରିବାରର ଏମାନେ ସଦସ୍ୟ ଅଟନ୍ତି । ଏହି ପ୍ରଜାତିର ନାମ ଆଲେକ୍‌ଜାଣ୍ଡାର ଦିଗ୍ରେଟ୍ । ପଞ୍ଜାବରୁ ବିଭିନ୍ନ ୟୁରୋପୀୟ ଏବଂ ଭୂମଧ୍ୟସାଗରୀୟ ଦେଶକୁ ଏମାନଙ୍କୁ ବହୁଳ ମାତ୍ରାରେ ରପ୍ତାନି କରାଯାଉଛି । **ବର୍ଣ୍ଣନା:** ଏହା ସବୁଠାରୁ ବଡ଼ ଶୁଆ ଅଟେ । ଏହି ପ୍ରଜାତିର ଶୁଆମାନଙ୍କ ଶରୀରର ଲମ୍ବ ୫୮ ସେଣ୍ଟିମିଟର ବା ୨୩ ଇଞ୍ଚ୍ । ଡେଣାର ଦୈର୍ଘ୍ୟ ହାରାହାରି ୧୮.୯ ରୁ ୨୧.୫ ସେମି ବା ୭.୫୦ ସେମିରୁ ୮.୫ ଇଞ୍ଚ ଏବଂ ଲାଞ୍ଜର ଲମ୍ବ ୨୧.୫ରୁ ୩୧.୫ସେମି ବା ୮.୫ରୁ ୧୪.୦ ଇଞ୍ଚ । ବୟସ୍କ ପକ୍ଷୀମାନେ ସାଧାରଣତଃ ୨୦୦ରୁ ୩୦୦ ଗ୍ରାମ ଓଜନ ହୋଇଥାନ୍ତି । ଏମାନଙ୍କ ରଙ୍ଗ ମୁଖ୍ୟତଃ ସବୁଜ ତଥା ପୁରୁଷମାନଙ୍କ କ୍ଷେତ୍ରରେ ନୀଳଧୂସର ରଙ୍ଗ ଏବଂ ପେଟପାଖ ହଳଦିଆ ହୋଇଥାଏ । ସମସ୍ତ ପ୍ରକାର ଆଲେକ୍‌ଜାଣ୍ଡ୍ରାଇନ୍ ପାରାକିଟ୍ ବୟସ୍କ ଲିଙ୍ଗ ଏବଂ ଉପପ୍ରଜାତି ନିର୍ବିଶେଷରେ ନିଜ ଡେଣାର ଉପରି ଭାଗରେ ଏକ ମେରୁନ୍ ନାଲି ବାଦାମୀ ପ୍ୟାଚ୍ ପ୍ରଦର୍ଶନ କରନ୍ତି । ବୟସ୍କ ଶୁଆଙ୍କ ଆଖିଡୋଳା (ଇରିସ୍) ହଳଦିଆ – ଧଳା ଏବଂ କ୍ରିଓଫାଇସିଲ୍ ରିଙ୍ଗ୍‌ଗୁଡ଼ିକ ଧୂସର ଏବଂ ଗୋଡ଼ ଧୂସର ରଙ୍ଗର ହୋଇଥାଏ ।

## Rose-Ringed Parakeet (ଗୋଲାପୀ ରଙ୍ଗର ଶୁଆ)

Rose Ringed Parakeet ବା ଗୋଲାପୀ ରଙ୍ଗଯୁକ୍ତ ଶୁଆକୁ ସ୍ଥାନୀୟ ଭାଷାରେ ଶୁଆ, କିରା ବା ମିତୁ ବୋଲି ମଧ୍ୟ କୁହା ଯାଇଥାଏ । ରୋଜ୍ ରିଙ୍ଗ୍ ପାରାକିଟ୍ ଯାହାକି ରିଙ୍ଗ-କଣ୍ଠେଇ ପାରାକିଟ୍ ଭାବେ



ଆମ TV

ଏକ ନୂଆ ଆରମ୍ଭ



# ଆମେ ସମ୍ପର୍କ ଯୋଡୁ

ପ୍ଲଟ ନଂ - ୭୦/୭୬୯, ଜଗନ୍ନାଥ କଲୋନୀ, ଲେନ୍-୧ (ଜଗନ୍ନାଥ ଆଶ୍ରମ ପଛ)
ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୧୮

ଜଣାଶୁଣା । ଏହା ଏକ ଗ୍ରେଗିଆସ୍ ଟ୍ରୋପିକାଲ୍ ଆଫ୍ରୋ-ଏସିଆନ୍ ପାରାକେଟ୍ ଯୋଡ଼ି ଗଠନ କରନ୍ତି । ଏମାନେ ସ୍ଥାୟୀ ଭାବେ ବିବାହ ବନ୍ଧନରେ ଆବଦ୍ଧ ନଥାନ୍ତି । କିନ୍ତୁ ପ୍ରଜନନ ଋତୁରେ ଅନ୍ୟ ସାଥୀଙ୍କ ସହିତ ମିଶି ପ୍ରଜନନ କାର୍ଯ୍ୟକଳାପ ଜାରି ରଖିଥାନ୍ତି । ଶୀତ ଋତୁରେ ଏମାନେ ବସାବାନ୍ଧି ରହିବାକୁ ଭଲ ପାଇଥାନ୍ତି ଏବଂ ଏହାର ରକ୍ଷା କରିଥାନ୍ତି । ଏହି ପ୍ରଜାତିର ଉଭୟ ପୁରୁଷ ଏବଂ ମହିଳା ମାନବୀୟ ବକ୍ତବ୍ୟର ଅନୁକରଣ କରିବାର କ୍ଷମତା ରଖିଥାନ୍ତି । ପ୍ରଥମେ ଏହି ପକ୍ଷୀ ନିଜର ପାଖ ଏବଂ ଚତୁର୍ଦ୍ଦିଗକୁ ଶୁଣିଥାଏ । ତାପରେ ମାନବ ବକ୍ତାଙ୍କ ସ୍ୱରକୁ ନକଲ୍ କରିଥାଏ । ରୋଜ୍-ରିଙ୍ଗ୍ ପାରାକିଟ୍ ବୟସ୍କ ପୁରୁଷଙ୍କ ବେକରେ ଏକ ଲାଲ ଓ କଳା ରଙ୍ଗର ରିଙ୍ଗ୍ ରହିଥାଏ । ଅପରିପକ୍ୱ ଶୁଆଙ୍କ ବେଳରେ ରିଙ୍ଗ୍ ଦେଖାଯାଏ ନାହିଁ କିମ୍ବା ଫିକା ରଙ୍ଗ ଦେଖା ଯାଇଥାଏ । ଭାରତୀୟ ରୋଜ୍ ରିଙ୍ଗ୍ ପାରାକିଟ୍ ବା ଶୁଆ ହାରାହାରି ୪୦ ସେଣ୍ଟିମିଟର ବା ୧୬ଇଞ୍ଚ । ଏମାନଙ୍କ ଗୋଟିଏ ଡେଣାର ଲମ୍ବ ୧୫ରୁ ୧୭ ସେ.ମି. ବା ୫.୯ରୁ ୬.୯ଇଞ୍ଚ ହୋଇଥାଏ । ଏହି ପ୍ରଜାତି ଏକ କୋଳାହଳକାରୀ ପ୍ରଜାତି ଅଟନ୍ତି ।




## ପୁରାଣ ଶାସ୍ତ୍ର ବା ଜ୍ୟୋତିଷ ଶାସ୍ତ୍ରରେ ଶୁଆର ଭୂମିକା

ଶୁଆମାନେ ବିଶେଷ ଭାବରେ ଜ୍ୟୋତିଷ ଶାସ୍ତ୍ର ବିଷୟକ ତଥା ଜ୍ୟୋତିଷମାନେ ନିଜର ବ୍ୟବସାୟ ନିମନ୍ତେ ଶୁଆକୁ ବ୍ୟବହାର କରିଥାନ୍ତି । ଶୁଆମାନଙ୍କ ପାଖରେ ଉତ୍ତମ ଜ୍ଞାନ ଥିବା ବେଳେ ସେମାନଙ୍କର ମନେରଖିବା ଶକ୍ତି ପ୍ରଖର । ପୁରାଣ ଶାସ୍ତ୍ର ତଥା ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଶୁଆ ଘରକୁ ଆସିବା ଦ୍ୱାରା ଶୁଭ ସୂଚକ ମାନି ନିଆ ଯାଇଥାଏ । ଶୁଆର ସମ୍ପର୍କ ଧନର ଦେବତା କୁବେରଙ୍କ ସହିତ ଯୋଡ଼ାଯାଏ । ଏଥିସହିତ ଶୁଆ କାମଦେବଙ୍କର ବାହନ ହୋଇଥିବାରୁ ଶୁଆକୁ ଶୁଭ ସଙ୍କେତ ଭାବେ ଧରି ନିଆଯାଏ । ଜ୍ୟୋତିଷ ଶାସ୍ତ୍ରରେ ଶୁଆର ସମ୍ପର୍କ ବୁଧ ଗ୍ରହ ସହିତ ଜଡ଼ିତ ବୋଲି ମଧ୍ୟ କୁହାଯାଇଛି । ବୁଧଗ୍ରହ ବୈଭବର ପ୍ରତୀକ ଅଟନ୍ତି । ଯାହାଫଳରେ ଶୁଆ ଘରକୁ ଆଣିବା ଦ୍ୱାରା ଧନଲାଭ, ବେପାରରେ ଅହେତୁକ ଲାଭର ତୀବ୍ର ସୂଚନା ମିଳିଥାଏ । କିନ୍ତୁ ଶୁଆକୁ ପଞ୍ଜୁରୀରେ ରଖିବା ଠିକ୍ ନୁହେଁ । କାରଣ, ଶୁଆ ପଞ୍ଜୁରୀ ଭିତରେ ରହିବା ଦ୍ୱାରା ଖୁସି ନଥାଏ । ଶୁଆମାନେ ପ୍ରେମୀ ଓ ସୁନ୍ଦର କଥାକୁହା ପକ୍ଷୀ । ଭଗବାନ କାମଦେବଙ୍କର ବାହନ ହେଉଛି ଶୁଆ । ହିନ୍ଦୁ ପୁରାଣ ପ୍ରସିଦ୍ଧ ଶୁକ ମହାମୁନି ମହର୍ଷି ଶୁକଦେବଙ୍କୁ ଶୁଆର ପ୍ରତିରୂପ ମାନି ନିଆ ଯାଇଛି । ହିନ୍ଦୁ ପରମ୍ପରାର ଦେବୀ ମାତା ମୀନାକ୍ଷୀ ଦେବୀ ତାଙ୍କର ଦକ୍ଷିଣ ହସ୍ତରେ ଗୋଟିଏ ଶୁଆ ଧରିଥିବାର ଦୃଶ୍ୟ ଦେଖା ଯାଇଥାଏ ।

## ହିନ୍ଦୁ ପୁରାଣ ପ୍ରସିଦ୍ଧ ମହାମୁନି ମହର୍ଷି ଶୁକଦେବ ଉପାଖ୍ୟାନ

ମହାଭାରତ ସମୟର ମୁନି ମହର୍ଷି ଶୁକଦେବ ପୁରାଣ ପ୍ରସିଦ୍ଧ ଅଟନ୍ତି । ସେ ବେଦବ୍ୟାସଙ୍କର ପୁତ୍ର ଭାବେ ଜଣାଶୁଣା । ଶୁକଦେବ ହିଁ ରାଜା ପରୀକ୍ଷିତଙ୍କୁ ଶ୍ରୀମଦ୍ ଭାଗବତ ପୁରାଣ କଥା ଶୁଣାଇ ଜ୍ଞାନ ପ୍ରଦାନ କରିଥିଲେ । ଆହୁରି ମଧ୍ୟ ଦେବତାମାନଙ୍କୁ ମହାଭାରତ ଉପାଖ୍ୟାନ ପଢ଼ି ଶୁଣାଇଥିଲେ । ଏହି ମହାମୁନି କମ୍ ବୟସରେ ବ୍ରହ୍ମତ୍ତ୍ୱ ପ୍ରାପ୍ତି କରିଥିଲେ । ସେ ତାଙ୍କ ମାତାଙ୍କ ଗର୍ଭରେ ୧୨ବର୍ଷ କାଳ ରହିଥିଲେ ।



ସେହି ଯୁଗପୁରୁଷଙ୍କ ଉପରେ ଗୋଟିଏ ରୋଚକ କାହାଣୀ ରହିଛି । କାହାଣୀ ଏହିପରି:

ମାତା ପାର୍ବତୀ ହରହର ମହାଦେବଙ୍କୁ ଗୁହାରି ପୂର୍ବକ ମହା ମୃତ୍ୟୁଞ୍ଜୟ ମନ୍ତ୍ର ତଥା ଅମର ଗାଥାର ରହସ୍ୟ ବୃତ୍ତାନ୍ତ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରନ୍ତେ ଭଗବାନ ଶିବ ମାତା ପାର୍ବତୀଙ୍କୁ ଅମର ଗାଥାର ଗୂଢ଼ ତତ୍ତ୍ୱ ଶୁଣାଉଥିଲେ । ସେହି ସମୟରେ ମାତା ପାର୍ବତୀଙ୍କୁ ନିଦ ଆସିଥିଲା ଆଉ ସେ ଶୋଇ ପଡ଼ିଥିଲେ । କଡ଼ା ପ୍ରହରା ମଧ୍ୟରେ ସମ୍ପୂର୍ଣ୍ଣ ଏକାନ୍ତ ସ୍ଥାନରେ ଏହି ଅମର ଗାଥାର ରହସ୍ୟ ବୃତ୍ତାନ୍ତ ପ୍ରଭୁ ମହାଦେବ ମାତା ପାର୍ବତୀଙ୍କୁ ଶୁଣାଉଥିଲେ । କିନ୍ତୁ ଯେଉଁ ପର୍ବତ ଉପରେ ବସି ହରହର ମହାଦେବ ମାତା ପାର୍ବତୀଙ୍କୁ ଅମର ଗାଥାର ରହସ୍ୟ ଶୁଣାଉଥିଲେ, ସେହି ଶିଳା ଖଣ୍ଡ ତଳେ ଗୋଟ ଶୁଆ ଅଣ୍ଡା ଦେଇଥିଲା ଏବଂ ଅଣ୍ଡାଟି ଫୁଟି ଯାଇ ମୃତ୍ୟୁଞ୍ଜୟ ମନ୍ତ୍ରର ଗୂଢ଼ତତ୍ତ୍ୱ ଶୁଣି ମାତା ପାର୍ବତୀ ଶୋଇଯିବା ପରେ ହୁଁ ହୁଁ ମାରିବା ଆରମ୍ଭ କରି ଦେଇଥିଲେ । ଯେତେବେଳେ ମହାଦେବ ଶିବଙ୍କୁ ଏକଥା ଜଣା ପଡ଼ିଲା, ସେତେବେଳେ ସେ ଶୁଆକୁ ମାରିବା ପାଇଁ ନିଜର ତ୍ରିଶୂଳ ଧରି ତା'ର ପଛେପଛେ ଦୌଡ଼ିଲେ । ଏବଂ ନିଜର ତ୍ରିଶୂଳ ଛାଡ଼ିଦେଲେ । ଶୁଆଟି ନିଜର ଜୀବନ ବଞ୍ଚାଇବା ପାଇଁ ତିନିପୁର ଦୌଡ଼ିବାକୁ ଲାଗିଲା । ଦୌଡ଼ି ଦୌଡ଼ି ଶେଷରେ ବ୍ୟାସଦେବଙ୍କ ପତ୍ନୀ ନିଜର ମୁଣ୍ଡ ଶୁଖାଇବା ଅବସ୍ଥାରେ ପାଟି ମେଲା ହୋଇଥିବାରୁ ତାଙ୍କ ପାଟି ମଧ୍ୟରେ ପ୍ରବେଶ କରି ଗର୍ଭରେ ରହିଥିଲେ । ସେହି ଗର୍ଭ ମଧ୍ୟରେ ସେ ୧୨ବର୍ଷ କାଳ ଲୁଚି ରହିଥିଲେ । ଗର୍ଭ ମଧ୍ୟରେ ଥାଇ ବେଦ ଉପନିଷଦ ଏବଂ ପୁରାଣ ଶାସ୍ତ୍ରର ସମ୍ୟକ ଜ୍ଞାନ ପାଇଥିଲେ । ବିଷ୍ଣୁଙ୍କ କଥାରେ ବାହାରକୁ ଆସି ସେ ବ୍ୟାସଦେବଙ୍କ ପୁତ୍ର ଭାବରେ ପରିଚିତ ହୋଇଥିଲେ । ବାହାରକୁ ଆସିବା ପରେ ମାୟାମୁକ୍ତ ହୋଇ ସେ ଜଙ୍ଗଲକୁ ଜ୍ଞାନପ୍ରାପ୍ତି ନିମନ୍ତେ ଦୌଡ଼ିଥିଲେ । ତାଙ୍କର ସଂସାର ପ୍ରତି ବିରକ୍ତ ଭାବନା ଥିଲା । ସେଥିପାଇଁ ସେ ଜନ୍ମହେବା ମାତ୍ରେ ତପସାଧନା କରି ଦେଇଥିଲେ ।

ଯେଉଁ ଜାଗାରେ ଶୁକଦେବ ବ୍ରହ୍ମଲୀନ ହୋଇଥିଲେ, ବର୍ତ୍ତମାନ ସମୟରେ ସେହି ଜାଗା ହରିୟାଣାର କୈଥଲର ଗ୍ରାମ ସୁଜୁମାରେ ରହିଛି । ଭଗବାନ ଶୁକଦେବ ପ୍ରଥମଥର ଭାଗବତ ଶୁକତୀର୍ଥ ଶୁଣାଇଥିଲେ । ବର୍ତ୍ତମାନ ଶୁକତୀଥ ଜନପଦ ମୁଜଫରନଗର ଉତ୍ତରପ୍ରଦେଶରେ ଅବସ୍ଥିତ । ଆହୁରି ମଧ୍ୟ ପୁରାଣରେ ବର୍ଣ୍ଣିତ ରହିଛି ଯେ, ଶୁକଦେବ ପୂର୍ବଜନ୍ମରେ ଶ୍ରୀକୃଷ୍ଣଙ୍କ ପ୍ରେୟସୀ ତଥା ରାଧାଙ୍କର ଶୁଆ ଥିଲେ । ମହର୍ଷି ବ୍ୟାସଦେବଙ୍କ କୃତ ଶ୍ରୀମଦ୍ ଭାଗବତ ଓ ମହାଭାରତ ଗାଥାକୁ ଶ୍ରୀ ଶୁକମୁନି ରାଜା ପରୀକ୍ଷିତଙ୍କୁ ସମ୍ପୂର୍ଣ୍ଣ ଶୁଣାଇ ଜ୍ଞାନ ପ୍ରଦାନ କରିଥିଲେ । ଅତିବଡ଼ି ଜଗନ୍ନାଥ ଦାସ ବ୍ରାହ୍ମଣ କୁଳରେ ଜନ୍ମଲାଭ କରି ଶ୍ରୀମଦ୍ ଭାଗବତକୁ ଓଡ଼ିଆ ଭାଷାରେ ସମଗ୍ର ଜନସାଧାରଣ ବୁଝିବା ନିମନ୍ତେ ସମ୍ପୂର୍ଣ୍ଣ ସରଳ ଭାଷାରେ ଅନୁବାଦ କରିଯାଇଛନ୍ତି ।

## IUCN ମାନଦଣ୍ଡରେ ବର୍ତ୍ତମାନର ଶୁଆମାନଙ୍କର ସ୍ଥିତି

ସମସ୍ତ ଶୁଆ ପ୍ରଜାତିର ଏକ ତୃତୀୟାଂଶ ବିଲୁପ୍ତ ହେବାର ଆଶଙ୍କା ରହିଛି । ଅନ୍ୟ ତୁଳନାତ୍ମକ ପକ୍ଷୀ ଗୋଷ୍ଠୀ ଅପେକ୍ଷା ଏହି ପକ୍ଷୀର ବିଲୁପ୍ତ ହେବାର ଆଶଙ୍କା ଅଧିକ । ଦକ୍ଷିଣ ଗୋଲାର୍ଦ୍ଧରେ ତାପମାତ୍ରା ଅଂଚଳରେ ବାସ କରୁଥିବା ବିଭିନ୍ନ ପ୍ରଜାତି ସହିତ ଶୁଆମାନଙ୍କର ସାଧାରଣତଃ ପାନ୍‌ଟ୍ରୋପିକାଲ ବଣ୍ଟନ ହୋଇଥାଏ । ଶୁଆମାନଙ୍କର ସବୁଠାରୁ ବଡ଼ ବିବିଧତା ଦକ୍ଷିଣ ଆମେରିକା ଏବଂ ଅଷ୍ଟ୍ରେଲିଆରେ ଦେଖିବାକୁ ମିଳେ । IUCN ମାନଦଣ୍ଡରେ ବିପଦସଙ୍କୁଳ ଭାବରେ ବିସ୍ତାରିତ ପ୍ରଜାତିର ୨୮% ଶୁଆ (Psittaciformes) ସବୁଠାରୁ ବିପଦପୂର୍ଣ୍ଣ ପକ୍ଷୀ ଶୃଙ୍ଖଳା ମଧ୍ୟରେ ରହିଛି ।



# ହରଗୌରୀର ହସ

# ବହୁବର୍ଣ୍ଣା ହରଗୌରୀ


**ଶ୍ୱେତା ରାଉତ**

ରାଉତ କମ୍ପ୍ଲେକ୍ସ,
ପ୍ଲଟ୍ ନଂ ୨୩୬, କଟକ ରୋଡ, ଲକ୍ଷ୍ମୀସାଗର,
ଭୁବନେଶ୍ୱର-୭୫୧୦୦୬
ଫୋନ:୯୪୩୯୭୨୬୦୬୦


ଫଟୋ ସୌଜନ୍ୟ : ଗୁଗୁଲ୍



◄ଲେଖିକା ଶ୍ୱେତା ରାଉତ

ପ୍ରକୃତିର ଏକ ଅନୁପମ ଓ ଉତ୍କୃଷ୍ଟ ସର୍ଜନା ହେଉଛି ସୌନ୍ଦର୍ଯ୍ୟମୟୀ ଫୁଲ । ଯାହାର ବିଭିନ୍ନ ରୂପ ରଙ୍ଗ, ଅନାୟାସରେ ଆମର ମନକୁ ମୋହି ନେଇଥାଏ ଓ ଫୁଲର ମହକ ଆମ ମସ୍ତିଷ୍କରେ ଏକ ଅଭୂତପୂର୍ବ ଶାନ୍ତି ପ୍ରଦାନ କରିଥାଏ । ଆମ ଜୀବନରେ ଫୁଲର ଉପଯୋଗ ବିଭିନ୍ନ ଭାବରେ ହୋଇଥାଏ । ଅଭିନନ୍ଦନ ଠୁ ଶ୍ରଦ୍ଧାଞ୍ଜଳି, ଭକ୍ତି ସମର୍ପଣ ଠୁ ସାଜସଜ୍ଜା ସବୁ ସ୍ଥାନରେ ଫୁଲ ଏକ ଅପରିହାର୍ଯ୍ୟ, ଆନନ୍ଦଦାୟକ, ଶାନ୍ତିଦାୟକ, କୋମଳ ଓ ଆବେଗ ପ୍ରକଟ କରୁଥିବା ପ୍ରକୃତିର ଅନନ୍ୟ ସୃଷ୍ଟି । ଫୁଲମାନଙ୍କର ଅନେକ କାହାଣୀ ଅଛି । ଫୁଲର ଉତ୍ପତ୍ତି, ଉପଯୋଗ, ଆବଶ୍ୟକତା ଓ ତା'ର ବିଭିନ୍ନ ରଙ୍ଗର ମହତ୍ତ୍ୱ ସମ୍ପର୍କରେ ମହର୍ଷି ଶୁଶ୍ରୁତ 'ଚରକ ସଂହିତା'ରେ ବର୍ଣ୍ଣନା କରିଛନ୍ତି । ବିଶ୍ୱକବି ରବିନ୍ଦ୍ରନାଥ ଠାକୁର ମଧ୍ୟ ଶାନ୍ତିନିକେତନର ଫୁଲମାନଙ୍କ ଅଭୂତପୂର୍ବ ଆକର୍ଷଣକୁ ଅନେକବାର ତାଙ୍କ କାବ୍ୟମାନଙ୍କରେ ବର୍ଣ୍ଣନା କରିଛନ୍ତି । ଜଗତରେ ଏମିତି କେହି ନଥିବେ, ଯିଏକି ଫୁଲକୁ ଆଦର କରୁନଥିବେ ।  ଅନେକ ପ୍ରକାର ବିଭିନ୍ନତାରେ ଭରା ଫୁଲମାନଙ୍କ ମଧ୍ୟରେ ଏମିତି ଗୋଟେ ମନମୋହକ ଫୁଲ ହେଉଛି 'ହରଗୌରୀ' । ଯାହାର ରୂପ ଅନୁପମ ଓ ଗୁଣର ବିଶେଷତା ପାଇଁ ସେ ମାତା ଗୌରୀ ଓ ଦେବ ହରଙ୍କ ପ୍ରିୟ ଫୁଲ ହୋଇପାରିଛି । 'ହରଗୌରୀ ଫୁଲ' ଆମକୁ ଏକ ଦିବ୍ୟଦର୍ଶନ ସହିତ ପରିଚିତ କରାଏ । ନିଜେ ଦଳି ଚକଟି ହୋଇ ନିଜର ଅସ୍ତିତ୍ୱ ହରାଏ ସିନା ଅନ୍ୟମାନଙ୍କ ହାତକୁ ରଙ୍ଗେଇ ତା'ର ବିଶେଷ ଗୁଣର ପରିଚୟ ଦେଇଥାଏ । ଆମକୁ ସମର୍ପଣ ଭାବ ରଖି ସେବା କରିବାକୁ ପ୍ରବର୍ତ୍ତାଇ ଥାଏ । ହରଗୌରୀକୁ ବାହାର ଦେଶରେ 'ରୋଜମେରୀ' କହିଥାନ୍ତି । କାରଣ ଏହି ଫୁଲ ରୋଜ୍ ବା ଗୋଲାପ ପରି ଦିଶୁଥାଏ । ଯଦିଓ ଗୋଲାପ ଆମ ଭାରତୀୟ ଫୁଲ ନୁହେଁ, କିନ୍ତୁ ଗୋଲାପ ପରି ଦିଶୁଥିବା କୋମଳ, କଣ୍ଟାଶୂନ୍ୟ ଏହି 'ହରଗୌରୀ'କୁ ଆମେ ଭାରତୀୟ ଗୋଲାପ କହିଲେ ଅତ୍ୟୁକ୍ତି ହେବ ନାହିଁ । ଗୋଲାପ ପରି ଏହା ବିଭିନ୍ନ ରଙ୍ଗର ଫୁଟେ । ଏହାର ମୂଳ ଉତ୍ପତ୍ତି ସ୍ଥଳ ବିଶ୍ୱର ଅନେକ ସ୍ଥାନକୁ ନିର୍ଦ୍ଧାରଣ କଲେ ମଧ୍ୟ ଆମ ଭାରତୀୟମାନଙ୍କ ଆସ୍ଥା ବିଶ୍ୱାସର ପ୍ରତୀକ ମହାଦେବ ଓ ଗୌରୀଙ୍କ ସହିତ ଏ ଫୁଲର ଜନ୍ମବୃତ୍ତାନ୍ତ ରହୁଥିବାରୁ ଏହା ଭାରତୀୟ ଫୁଲ ବୋଲି ଆମେ ଦାବି କରିପାରିବା । ଅନେକ ଉଦ୍ଭିଦ  ବିଜ୍ଞାନୀ ନିଜ ଗବେଷଣା ପୁସ୍ତକରେ ହରଗୌରୀର ଉତ୍ପତ୍ତିସ୍ଥଳ ଏସିଆ ମହାଦେଶ, ଭାରତ ଦେଶର ହିମାଳୟ ତଟବର୍ତ୍ତୀ ଅଞ୍ଚଳ ବୋଲି ଉଲ୍ଲେଖ କରିଛନ୍ତି ।ଅନେକ ଫୁଲ ମଉଳିଯିବା ପରେ ଫିଙ୍ଗା ଯାଉଥିବା ବେଳେ ହରଗୌରୀ ଯେତେ ମଉଳିଲେ ଶୁଖିଲେ ସୁଦ୍ଧା ନିଜର ବିଶେଷଗୁଣକୁ ପୂର୍ବବତ ବଜାୟ ରଖିଥାଏ, ତାହା ହେଲା ହାତ ସଂସ୍ପର୍ଶରେ ଆସିଲେ ତା'ର ରଙ୍ଗରେ ହାତକୁ ରଙ୍ଗେଇ ଦେବା । ଆମ ଓଡ଼ିଶାରେ ଭାଦ୍ରବମାସ ଖୁଦୁରୁକୁଣୀ ଓଷା ସମୟରେ ଘରେ ଘରେ ବାଳିକାମାନେ ହରଗୌରୀରେ ନିଜ ହାତ ରଙ୍ଗେଇବା ଏକ ପରମ୍ପରା ।

## ହରଗୌରୀର ପରିଚୟ

ଗୋଲାପ ପରି ଦିଶୁଥିବା ଏକ ସୁନ୍ଦର ବହୁବର୍ଣ୍ଣା ଫୁଲ ହେଉଛି 'ହରଗୌରୀ' ଯାହା ବର୍ଷା ଋତୁରେ ଫୁଟିଥାଏ ଓ ଏହା ଏକ ଚିର ସବୁଜ ଉଦ୍ଭିଦ । ଖୁବ୍ ଶୀଘ୍ର ଉର୍ବର ହୋଇପାରୁଥିବା ଏହି ଫୁଲଗଛ ଭାରତ ଏବଂ ଏହି ଉପମହାଦେଶର ଭୂମଧ୍ୟସାଗରୀୟ କ୍ଷେତ୍ରକୁ ଏହାର ଉତ୍ପତ୍ତି ସ୍ଥଳ କୁହାଯାଏ । ଏହା ଏକ ଭାରତୀୟ ଫୁଲ । ଏହାର ଉଚ୍ଚତା ୨-୩ ଫୁଟ୍ ଯାଏ ହୋଇଥାଏ ଓ ବିଭିନ୍ନ ରଙ୍ଗର ଫୁଲ ଫୁଟିଥାଏ । ଏହାର ପତ୍ରଗୁଡ଼ିକ ଛୁଞ୍ଚି ଭଳି ମୁନିଆଁ ଓ ଲମ୍ବା ହୋଇଥାଏ । ହରଗୌରୀ ଫୁଲ କିମ୍ବା ପତ୍ରକୁ ବାଟି ହାତରେ ଲଗାଇଲେ ଏହା ମେହେନ୍ଦି ଭଳି ରଙ୍ଗ ହୋଇ ଥାଏ । ହିନ୍ଦୀରେ ଏହାକୁ 'ଗୁଲ ମେହେନ୍ଦୀ' କହିଥାନ୍ତି । ୟୁରୋପ ଓ ଆମେରିକାରେ ଏହି ଫୁଲକୁ ଏକ ଅଳଙ୍କରଣ ଉଦ୍ଭିଦ ଭାବେ ବହୁମାତ୍ରାରେ ରୋପଣ କରିଥାନ୍ତି । ହରଗୌରୀ ଫୁଲ (Rosmarinus officinalis) ଏକ ସୁଗନ୍ଧିତ ଚିରସବୁଜ ଉଦ୍ଭିଦ ଓ ନରମ ଡାଳଯୁକ୍ତ ହୋଇଥାଏ । ଏହାର କେନାରେ ଫୁଲ ଫୁଟେ । ହରଗୌରୀର ବନସ୍ପତିକ ନାମ ହେଉଛି 'ଇମାଟିଏନ୍ସ ବାଲସାମିନା' । ଏହା ବାଲ ସାମିନାସିଆ ପରିବାର ଅନ୍ତର୍ଭୁକ୍ତ ପୁଦିନା ବଂଶର ଲୋମିଏସି ପରିବାରର ସଦସ୍ୟ ବୋଲି ଉଦ୍ଭିଦ ବିଜ୍ଞାନୀମାନେ କହିଥାନ୍ତି । ଇଂରାଜୀରେ ଏହି ଫୁଲକୁ 'ରୋଜ୍ ବାଲ୍ସମ୍' ବା 'ଟଚ୍-ମି-ନଟ୍' କହିଥାନ୍ତି । ଏହାର ଏକ ପର୍ଯ୍ୟାବାଚୀ ନାମ ରହିଛି 'ଇମାଟିଏନ୍ସ କୋରନୁଟା' । ଏହି ଫୁଲଗୁଡ଼ିକ ଧଳା, ଗୋଲାପୀ, ନାଲି ବାଇଗଣି, ହଳଦିଆ ଏବଂ ଆହୁରି ଅନେକ ରଙ୍ଗର ଓ ଆକୃତିର ରହିଛି । ଯଦିଓ ପ୍ରାକୃତିକ ରଙ୍ଗଗୁଡ଼ିକରେ ହରଗୌରା ଖୁବ୍ ମନମୁଗ୍ଧକର, ତଥାପି ଅଧୁନା ଶଙ୍କରୀକରଣ ଦ୍ୱାରା ଏହାକୁ ବିଭିନ୍ନ ରଙ୍ଗରେ ଫୁଟାଇ ଏକ ଅଳଙ୍କରଣ ଉଦ୍ଭିଦ ରୂପେ ଅନେକ ଦେଶରେ ବହୁମାତ୍ରାରେ ରୋପଣ କରିଥାନ୍ତି । ସମଗ୍ର ବିଶ୍ୱରେ

ପ୍ରାୟ ୧୦୦୦ ପ୍ରଜାତିର ଏହି ଗଛ ଦେଖିବାକୁ ମିଳୁଥିବା ବେଳେ, ଭାରତରେ ୨୩୦ଟି ପ୍ରଜାତିର ହରଗୌରୀ ଫୁଲ ଦେଖିବାକୁ ମିଳେ । ରୂପ, ରଙ୍ଗ ଆକାରରେ ସାମାନ୍ୟ ଭିନ୍ନତା ଥାଏ, କେତେକ କିସମର ଫୁଲ ଅଳ୍ପ ପାଖୁଡା ବିଶିଷ୍ଟ ଓ ଛୋଟ ହୋଇଥାଏ ତ କେତେକ କିସମର ଫୁଲ ବହୁପାଖୁଡା ବିଶିଷ୍ଟ ହୋଇଥାଏ । ଛୋଟ ଓ କମ୍ ପାଖୁଡା ଥିବା ଫୁଲକୁ 'ଏକପତ୍ରିଆ' ଓ ବହୁ ପାଖୁଡା ଥିବା ଫୁଲକୁ 'ଥୋପା' କୁହାଯାଏ । ହିନ୍ଦୀରେ ଏହାକୁ 'ଲଭ୍‌ଲି ବାଲ୍‌ସମ୍' କହିଥାନ୍ତି । ଗାର୍ଡେନ୍ ବାଲ୍‌ସମ୍ ଅନ୍ୟ ଏକ ପ୍ରଜାତି ରହିଛି ଯାହା ଔଷଧୀୟ ଉପଚାର ପାଇଁ ବ୍ୟବହୃତ ହୋଇଥାଏ । 'ବର୍ଡ ବାଲ୍‌ସମ୍' ପ୍ରଜାତିର ଫୁଲ ଭାରତୀୟମାନେ ଦେବାଦେବୀଙ୍କୁ ଅର୍ପଣ କରିଥାନ୍ତି । ଏହାର ମଞ୍ଜିକୁ ଶୁଖାଇ ରଖାଯାଏ ଏବଂ ବର୍ଷାଋତୁରେ ରୋପଣ କରାଯାଏ । ଅରୁଣାଚଳ ପ୍ରଦେଶରେ ଏହାର ଏକ ଭିନ୍ନ ପ୍ରଜାତି ଏବଂ ନୂଆ ପ୍ରଜାତି ଦେଖିବାକୁ ମିଳେ । ଏହା ପ୍ରାୟତଃ ଅରୁଣାଚଳ ପ୍ରଦେଶର 'ଅାଁଜାଓ' ଜିଲ୍ଲାରେ ଦେଖାଯାଏ । ଏହାର ଆକାର ଓ ଆକୃତି ଭିନ୍ନ । ୧ ମିଟର ଲମ୍ବା, ଅଣ୍ଡାକାର, ଦୀର୍ଘ ବୃତ୍ତୀୟ ପତ୍ର ଓ ହାଲୁକା ଗୋଲାପୀ ରଙ୍ଗର ଫୁଲ ହୋଇଥାଏ । ସ୍ଥାନୀୟ ଲୋକେ ଏହାକୁ 'ବାଲୋଙ୍ଗ' କହିଥାନ୍ତି । ଏହା ବ୍ୟତୀତ ହରଗୌରୀର ଅନ୍ୟ ଦୁଇ ପ୍ରଜାତି, 'ଇମ୍ପୋଞ୍ଜି ରୁଗୋସିପଟଲା' ରାଜ୍ୟର ଦିବାଙ୍ଗ ଘାଟୀ ଓ 'ଇମ୍ପୋଞ୍ଜି ଟାଟୌଏନ୍ସିସ୍' ପଶ୍ଚିମ ସିଆଙ୍ଗ ଜିଲ୍ଲାରେ ଦେଖାଯାଏ । ବନସ୍ପତି ବୈଜ୍ଞାନିକମାନଙ୍କ ଦ୍ୱାରା ଅରୁଣାଚଳ ପ୍ରଦେଶରେ ହରଗୌରୀ ଫୁଲର ୫୫ଟି ନୂଆ ପ୍ରଜାତିର ଆବିଷ୍କାର କରା ଯାଇଛି ଏବଂ ୧୬ଟି ପ୍ରଜାତି ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି । ଅଗଷ୍ଟ ୨୦୧୭ ମସିହାରେ 'ଫାଇଟୋଟେକ୍ସା' ନାମକ ଏକ ସାଇଣ୍ଟିଫିକ୍ ଜର୍ଣ୍ଣାଲ ବା ଉଦ୍ଭିଦ ବିଜ୍ଞାନୀ ଗବେଷଣାପତ୍ର 'ଇମ୍ପୋଞ୍ଜି ଓ୍ୱାଲାଜୋନିସ୍' ପ୍ରକାଶ ପାଇଛି । ଯେଉଁଥିରେ ହରଗୌରୀ ଫୁଲ ଏକ ଶାନ୍ତିଦାୟକ ଔଷଧ ବର୍ଣ୍ଣନା କରାଯାଇ ଏହା ବିଷୟରେ ଅନେକ ଚର୍ଚ୍ଚା ଲିପିବଦ୍ଧ ଅଛି ।

## ହରଗୌରୀ କେଉଁଠି କେମିତି ନାମ

ଫୁଲ ବିନା ମାଧୁର୍ଯ୍ୟମୟ ଜୀବନର କଳ୍ପନା ଅସମ୍ଭବ । ଫୁଲମାନଙ୍କ ରଙ୍ଗ, ରୂପ, ମହକର ଭିନ୍ନତା ପରି ସେମାନଙ୍କ ନାମ ମଧ୍ୟ ବିଭିନ୍ନ ପ୍ରକାର । ଗୋଟେ ଗୋଟେ ଫୁଲକୁ ବିଭିନ୍ନ ସ୍ଥାନରେ ବିଭିନ୍ନ ନାମରେ ଜାଣିଥାନ୍ତି । ଠିକ୍ ସେମିତି ଆମ ଓଡ଼ିଶାରେ ଯାହାକୁ ଆମେ 'ହରଗୌରୀ ଫୁଲ' ବା 'ହରଗୌରିଆ' କହିଥାଉ । ଅନ୍ୟ ଭାଷାରେ ତା'ର ନାମକରଣ ଭିନ୍ନ ହୋଇଥାଏ । ସଂସ୍କୃତରେ ଏହାକୁ 'ତାଇରିନି, ବ୍ରଣରୋପିନ୍, ଖିଲାଫୁଲ, ବିକଚମ୍, ସଫୁଟମ୍, 'ନୀଲକମଲ' ଓ 'ଦୁଷ୍କରିଜତି', ହିନ୍ଦୀରେ ଗୁଲମେହେନ୍ଦୀ, ରୋଜ୍‌ମେରୀ, କନ୍ନଡରେ କର୍ଣ୍ଣକୁଣ୍ଡଳା, ଗୌରୀ ହୁ, ମାଲାୟଲମ୍‌ରେ ତିଲ୍ଲୋନାପୁ, ମଣିପୁରୀରେ ଖୁଜାଙ୍ଗ ଲେଇ, ମରାଠାରେ ଚିରଦୋ, ତେରଡା, ନେପାଳରେ ତିଉରି, ତିରା, ମିରା, ପଡ଼କେ, ତାମିଲ୍‌ରେ ଐଭରଟେଙ୍କିଉମ୍ପାଇ, ଐଉରଟେକିଂ, ତେଲୁଗୁରେ ଚିଲ୍ଲିକା, ମୁକ୍କାପୁଭୁ, କାଶିଥୁମ୍ପି, ଉର୍ଦ୍ଦୁରେ ଗୁଲମେହେନ୍ଦୀ, ଇଂରାଜୀରେ ଗାର୍ଡେନ୍ ବାଲସମ୍, ରୋଜ୍ ବାଲସମ୍, ଷ୍ପଟେଡ୍ ସ୍ନାପଉଇଡ୍, ଟଚ୍-ମି-ନଟ୍, ପଞ୍ଜାବୀରେ ବର୍ଣ୍ଣିଲ, ଟଟୁରା, କାଶ୍ମିରୀରେ ବନ-ତିଲ, ତତୁର, କୋଙ୍କଣୀରେ ଚିଡା, ବଙ୍ଗାଳୀରେ ଦୋପଟି, ଗୁଜୁରାଟୀରେ ଗୁଲମେହେନ୍ଦୀ ଓ ଓଡ଼ିଆରେ 'ହରଗୌରୀ' ବା 'ହରଗୌରିଆ' ଫୁଲ କହିଥାନ୍ତି ।

## ପୌରାଣିକ କଥାରେ ହରଗୌରୀ

ଯେତେବେଳେ ସମୁଦ୍ର ମନ୍ଥନ ହୁଏ, ଦେବତା ଓ ଅସୁର ମଧ୍ୟରେ ଅମରତ୍ୱ ପାଇଁ ବା ଅମୃତ ପ୍ରାପ୍ତି ପାଇଁ ଲଢେଇ ଚାଲିଥାଏ । ସମୁଦ୍ରମନ୍ଥନରୁ ବାହାରିଥିବା ହଳାହଳ ବିଷକୁ ମହାଦେବ ଶିବଶମ୍ଭୁ ପାନ କରି କଣ୍ଠରେ ଧାରଣ କରନ୍ତି । ହଳାହଳ ବିଷର ଜ୍ୱାଳାରେ ନୀଳ ପଡ଼ି ଯାଇଥିବା ମହାଦେବଙ୍କୁ ସେଥିପାଇଁ 'ନୀଳକଣ୍ଠ' କୁହାଯାଏ । ସାରାଜଗତକୁ ରକ୍ଷା କରିବାକୁ ମହାଦେବ ହଳାହଳ ପାନ କରି ଜଗତର ଦୁଃଖ ସିନା ହରଣ କରିଦେଲେ ହେଲେ ବିଷର ଜ୍ୱାଳା ମହାଦେବଙ୍କୁ ଅତ୍ୟନ୍ତ ପୀଡା ଦେଉଥିଲା । ଯେତେବେଳେ ମହାଦେବ ପୀଡାରେ ରହୁଥିଲେ, ପ୍ରକୃତି ରଙ୍ଗହୀନ ହୋଇ ଯାଉଥିଲା । ଶୁଷ୍କ ପ୍ରାୟ ଦିଶୁଥିଲା । ମାତା ଗୌରୀ ସ୍ୱାମୀଙ୍କର ପୀଡା ଦେଖି ଖୁବ୍ କଷ୍ଟ ପାଉଥିଲେ ଏବଂ ତାଙ୍କ ଆଖିରୁ ଲୁହ ଝରି ଯାଉଥିଲା । ଶିବଲିଙ୍ଗ ପାଖରେ ବସି ମାତା ଗୌରୀ ସାଧନା କରୁଥିବା ବେଳେ ତାଙ୍କ ଆଖିରୁ ଝରୁଥିବା ଲୁହ ସୁନ୍ଦର ଫୁଲରେ ପରିଣତ ହୋଇ ମହାଦେବ ହରଙ୍କ ମସ୍ତକରେ ପଡୁଥିଲା । କ୍ରମଶଃ ଶିବଲିଙ୍ଗ ବହୁବର୍ଣ୍ଣୀ ଫୁଲରେ ଭରି ଯାଇଥିଲା ଏବଂ ମହାଦେବ ହରଙ୍କ ପୀଡା ମଧ୍ୟ ଲାଘବ ହୋଇଥିଲା । ମାତାଙ୍କ ଅଶ୍ରୁରୁ ଜାତ ସୁଶୋଭିତ ଫୁଲ ଦେଖି ବିଘ୍ନହର୍ତ୍ତା ଗଣେଶ ଆଶ୍ଚର୍ଯ୍ୟ ହୋଇ ଫୁଲଗୁଡ଼ିକୁ ହାତରେ ଧରି ମହାଦେବଙ୍କୁ ଏ କେଉଁ ଫୁଲ ପଚାରିବାରୁ ମହାଦେବ ସ୍ମିତହାସ୍ୟରେ ଉତ୍ତର ଦେଲେ ଏ ଫୁଲ ମୋର ପୀଡା ହରିବାକୁ ଗୌରୀଙ୍କ ଆଖିରୁ ଝରିଥିବା ଲୁହରୁ ଜାତ । ତେଣୁ ଦୁନିଆ ଏ ଫୁଲକୁ 'ହରଗୌରୀ ଫୁଲ' ନାମରେ ଜାଣିବେ । ଏ ଫୁଲ ମାତା ପାର୍ବତୀ ବା ଗୌରୀଙ୍କ ଷୋହଳ ଶୃଙ୍ଗାରର ପ୍ରତୀକ ସ୍ୱରୂପ ଷୋହଳଟି ସୁନ୍ଦର ରଙ୍ଗରେ ପ୍ରକୃତିକୁ ସୁଶୋଭିତ କରିବ ।" ମାତା ଗୌରୀ ମହାଦେବଙ୍କୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "ମହାଦେବ ମୁଁ ତ କେବଳ ତପସ୍ୟା କରୁଥିଲି, ହେଲେ ଆପଣଙ୍କ ପୀଡା ଲାଘବ ହେଲା କେମିତି ? ଆପଣଙ୍କ କଣ୍ଠରେ ଏ ହଳାହଳ ବିଷର ଜ୍ୱାଳା ଦେଖି ମୁଁ ଭୟଭୀତ ହୋଇଯାଇଛି ।" ମହାଦେବ ଉତ୍ତର ଦେଲେ, "ଗୌରୀ ! ତୁମ ମଥାର ଲାଲ ସିନ୍ଦୁର ଶକ୍ତି ହୋଇ ମୋତେ ସୁରକ୍ଷା ଦିଏ, ତୁମ ହାତର ଚୁଡି ମୋତେ ସଂସାର ପ୍ରତି ସଚେତନ କରାଏ, ତୁମ ଗଳାର ମଙ୍ଗଳସୂତ୍ର ମୋତେ ସମସ୍ତ ଦୃଷ୍ଟଶକ୍ତି ଠୁ ରକ୍ଷା କରେ, ତୁମର ପ୍ରେମ ମୋତେ ଦୀର୍ଘାୟୁ କରେ, ଆଉ କେଉଁ ଜ୍ୱାଳା ମୋତେ ପୀଡା ଦେଇପାରିବ ଗୌରୀ ?" ଏମିତି ଷୋଳ ଶୃଙ୍ଗାରକୁ ନିଜ ପୀଡା ଲାଘବର କାରଣ କହି ପ୍ରଶଂସା କରିବାକୁ ଲାଗିଲେ ହର ହର ମହାଦେବ । ପାର୍ବତୀ ବା ଗୌରୀଙ୍କ ଅଶ୍ରୁରୁ ଜାତ ହରଗୌରୀ ଫୁଲରେ ଏତେ ଶୀତଳତା ଥିଲା ଯେ ମହାଦେବ ପୀଡାରୁ ଆରାମ ଲଭିଥିଲେ । ମହାଦେବଙ୍କ



ପୀଡାରେ ବିବର୍ଣ୍ଣା ହୋଇ ପଡ଼ିଥିବା ପ୍ରକୃତିକୁ ରଙ୍ଗ ଦେବା ପାଇଁ ଦେବ ହର ସେ ଫୁଲରେ ରଙ୍ଗ ଭରିଦେଲେ । ହର ଓ ଗୌରୀଙ୍କ ପ୍ରେମର ପ୍ରତୀକ ସାଜିଲା 'ହରଗୌରୀ ଫୁଲ' ଏବଂ ବିଭିନ୍ନ ରଙ୍ଗରେ ପ୍ରକୃତିକୁ ଋଦ୍ଧିମନ୍ତ କଲା । ଯେହେତୁ ଶ୍ରାବଣ ମାସ ମହାଦେବଙ୍କ ପ୍ରିୟ ମାସ ଏବଂ ଶ୍ରାବଣମାସର ତପସ୍ୟା କରିଥିବା ବେଳେ ଗୌରୀଙ୍କ ଅଶ୍ରୁରୁ ଜାତ ହୋଇଥିଲା । 'ହରଗୌରୀ' ସେଥିପାଇଁ ଏହି ଫୁଲ ଶ୍ରାବଣ ମାସରେ ଫୁଟେ ଓ ଭାଦ୍ରବ ମାସରେ ମାତା ଗୌରୀଙ୍କ ମଙ୍ଗଳାରୂପୀ 'ଖୁଦୁରୁକୁଣୀ' ବେଶରେ ମଧ ପୂଜା ଲାଗିଥାଏ । ମାନ୍ୟତା ରହିଛି ଶ୍ରାବଣ ମାସରେ ଧଳା ହରଗୌରୀ ଫୁଲରେ ମହାଦେବଙ୍କ ପୂଜା କଲେ ଦାମ୍ପତ୍ୟଜୀବନ ସୁଖମୟ ହୋଇଥାଏ ଓ ଶାରୀରିକ ପୀଡାରୁ ମୁକ୍ତି ମିଳିଥାଏ । ହରଗୌରୀକୁ ବାଟି ହାତରେ ଲଗାଇଲେ, ସେ ହାତକୁ ରଙ୍ଗେଇ ଦେଇଥାଏ । ହରଗୌରୀର ସମର୍ପଣ ଭାବ ଜୀବନକୁ ରଙ୍ଗମୟ କରିବାକୁ ପ୍ରେରିତ କରେ ଓ ପ୍ରେମର କୋମଳତାକୁ ଉପଲବ୍ଧି କରାଇଥାଏ ।







## ରୋପଣ ବିଧି

ହରଗୌରୀ ଫୁଲର ମଞ୍ଜିକୁ ଆର୍ଦ୍ରମାଟିରେ ତଳା ପକାଇ ଅଙ୍କୁରିତ କରାଯାଏ ଓ ପରେ ଏହାକୁ ଅନ୍ୟତ୍ର କୁଣ୍ଡରେ କିମ୍ବା ବଗିଚାରେ ରୋପଣ କରାଯାଏ । ବଜାରରେ ହରଗୌରୀ ଫୁଲର ମଞ୍ଜି ସହଜେ ଉପଲବ୍ଧ ହୋଇଥାଏ । ୧୦୦ଟି ମଞ୍ଜି ଥିବା ଏକ ପ୍ୟାକେଟ୍ ମାତ୍ର ୩୦ ଟଙ୍କାରେ ମିଳିଥାଏ । ଏହି ଫୁଲ ବର୍ଷା ଋତୁରେ ଫୁଟେ ଓ ଅଳ୍ପ ଦେଖାଶୁଣା କରିବାକୁ ପଡ଼େ, କାରଣ ଏହା ସହଜେ ଖୁବ୍ ଭଲ ଉର୍ବର ହୋଇଥାଏ । ଏହାର ମଞ୍ଜିକୁ ପ୍ରତ୍ୟକ୍ଷ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ନରମ ଓ ହାଲୁକା ମାଟିରେ ପକାଇ ମାଟିକୁ ସମାନ କରି ଦିଆଯାଏ ଓ ଏହା ଉପରେ ପାଣି ସିଞ୍ଚନ କରାଯାଏ, ଯେମିତି ଅଧିକ ପାଣି ମାଟି ଉପରେ ଯମି ନ ରୁହେ । ମାଟିରେ ଖତ ମିଶାଇଲେ ଗଛ ଆହୁରି ଉର୍ବର ହୋଇଥାଏ । କୁଣ୍ଡରେ ଲଗାଇଲେ ପାଣି ନିଷ୍କାସନ ହୋଇ ପାରୁଥିବା ବା ନିମ୍ନରେ ଛିଦ୍ର ଥିବା କୁଣ୍ଡ ବ୍ୟବହାର କରାଯାଏ । ବଗିଚା ଅପେକ୍ଷା କୁଣ୍ଡରେ ଲଗା ଯାଇଥିବା ହରଗୌରୀ ଗଛକୁ ଅଧିକ ଧ୍ୟାନ ଦେବାକୁ ପଡ଼େ, କାରଣ ମାଟି ଅଧିକ ଶୁଖିଗଲେ ବା ଦୁଇ-ଚାରିଦିନ ପାଣି ଦେବା ବନ୍ଦ କରିଦେଲେ ଗଛ ମରିଯାଏ । ତେଣୁ ନିୟମିତ ପାଣି ଦେବା ଓ ଅଳ୍ପ ପାଣି ଦେଲେ ଏହି ଗଛ ଉର୍ବର ହୋଇଥାଏ । ଏହାର ବିଭିନ୍ନ ପ୍ରଜାତି ଅନୁସାରେ ଭିନ୍ନ ଋତୁରେ ଖୁବ୍ ସୁନ୍ଦର । ସତେଜ ଓ ଖୁବ୍ ଆକର୍ଷଣୀୟ ରୂପ ଦେଇ ଧରାକୁ ସୁଶୋଭିତ କରିଥାଏ । ଓଡ଼ିଶା ବ୍ୟତୀତ ବା ଭାରତ ବାହାରେ ଏହି ଫୁଲର ଅନେକ ପ୍ରଜାତି (ଶଙ୍କରୀ) ରହିଛି, ଯାହାକୁ ସ୍ଥାନୀୟ ଲୋକେ ଏକ ଅଳଙ୍କରଣ ଉଦ୍ଭିଦ ଭାବେ ରୋପଣ କରିଥାନ୍ତି ଏବଂ ଭୂମଧ୍ୟସାଗରୀୟ ଅଞ୍ଚଳକୁ ଏହାର ଉତ୍ପତ୍ତିସ୍ଥଳ ବୋଲି କୁହାଯାଏ ଓ ହରଗୌରୀକୁ 'ରୋଜ୍‌ମେରୀ' କହିଥାନ୍ତି ।

## ହରଗୌରୀ ବିଭିନ୍ନ ଶଙ୍କରୀ ପ୍ରଜାତି

ହରଗୌରୀକୁ ଅନ୍ୟ ଦେଶମାନଙ୍କରେ ପ୍ରାୟତଃ 'ରୋଜ୍‌ମେରୀ' ନାମରେ ଜାଣିଥାନ୍ତି ଏବଂ ଏହି ଫୁଲ ବିଭିନ୍ନ ରଙ୍ଗର ଥାଏ । ପ୍ରାଚୀନ ମିଶ୍ର ଲୋକମାନେ ଏହି ଫୁଲକୁ ଅନ୍ତେଷ୍ଟି ସମୟରେ ଅର୍ଥାତ୍ ଦଫନ୍ ସମୟରେ ବ୍ୟବହାର କରିଥାନ୍ତି । ରୋମାନ୍ ଓ ୟୁନାନୀମାନଙ୍କ ପାଇଁ ମଧ ଏହାର ଅନେକ ମହତ୍ତ୍ୱ ରହିଛି । ଅନେକ ଦେଶରେ ଏହାକୁ ତେଲ ବ୍ୟବହାର କରିବା ପାଇଁ ରୋପଣ ବା ଚାଷ କରିଥାନ୍ତି । ଉଦ୍ଭିଦ ବିଜ୍ଞାନୀମାନଙ୍କ ମତରେ 'ରୋଜ୍‌ମେରୀ'ର ବନସ୍ପତିକ ନାମ ହେଉଛି । 'ରୋସ୍‌ମାରିନସ୍ ଅଫିସିନେଲିସ୍' । ହରଗୌରୀ ବା ରୋଜ୍‌ମେରୀ ଫୁଲକୁ ବିଭିନ୍ନ ବର୍ଗର ଲୋକ ଏକ ମାନବୀୟ ଭାବନା ସହିତ ଯୋଡ଼ିଥାନ୍ତି । ଦକ୍ଷିଣ ଫ୍ରାନ୍ସରେ ଏହି ଫୁଲକୁ ଏକ ନବବଧୂର ଓଢଣା ସହିତ ତୁଳନା କରିଥାନ୍ତି । ଇଂଲଣ୍ଡରେ ଏହାକୁ ବର୍ଜିନ ମେରୀଙ୍କ ପ୍ରତୀକ ରୂପେ ଗ୍ରହଣ କରନ୍ତି । ରୋଜ୍‌ମେରୀ ବା ହରଗୌରୀର ବିଭିନ୍ନ ରଙ୍ଗର ବିଭିନ୍ନ ମହତ୍ତ୍ୱ ରହିଛି ଯଥା:

## ଅର୍ପ ରୋଜ୍‌ମେରୀ



ଅର୍ପ ରୋଜ୍‌ମେରୀ ଏକ ବୁଦା ସଦୃଶ ଉଦ୍ଭିଦ ଯାହା ବହୁତ ଥଣ୍ଡା ଓ ଶକ୍ତ ହୋଇଥାଏ । ଏହା ଲମ୍ବା ହୋଇ ବଢ଼ିଥାଏ ଓ ବସନ୍ତ ଋତୁରେ ହାଲୁକା ନୀଳ ରଙ୍ଗର ଫୁଲ ଫୁଟାଇ ଥାଏ । ଏହି ଫୁଲକୁ ଅଧିକ ସୂର୍ଯ୍ୟକିରଣର ଆବଶ୍ୟକତା ହୋଇଥାଏ ଓ କମ୍ ପାଣି ଆବଶ୍ୟକ କରେ । ଏହା ଖୁବ୍ କମ୍ ଦେଖାଶୁଣାରେ ଭଲ ଫୁଲ ଫୁଟାଉ ଥିବାରୁ ବଗିଚାର ସୌନ୍ଦର୍ଯ୍ୟକରଣ, ପାଇଁ ଏକ ଆକର୍ଷକ ଫୁଲ ଭାବେ ପରିଗଣିତ ହୁଏ । ଏହା ପୂର୍ଣ୍ଣତଃ ୬ ଫୁଟ୍ ପର୍ଯ୍ୟନ୍ତ ବଢେ । ୨-୪ ମିଟର ଚଉଡ଼ା, ପତ୍ର ହାଲୁକା ସବୁଜ ରଙ୍ଗ ଓ ଗଛରୁ ଲେମ୍ବୁ ଭଳି ମହକ ଆସିଥାଏ ।

## ସୁନହରୀ ମେହେନ୍ଦୀ

ଏହି ହରଗୌରୀକୁ 'ଜୋଇସ୍ ଦି ବୈଗିଓ' ନାମରେ ଜାଣିଥାନ୍ତି । ଏହାକୁ କେହି କେହି ବହୁବର୍ଣ୍ଣା ବୃକ୍ଷ ମଧ କହିଥାନ୍ତି, ଯାହାର ପତ୍ରର ରଙ୍ଗ ବର୍ଷସାରା ବଦଳୁଥାଏ । ବସନ୍ତ ଋତୁ ଠାରୁ ଚକମକ୍ ହଳଦୀ ରଙ୍ଗ ଠୁ ଆରମ୍ଭ କରି ଗ୍ରୀଷ୍ମରେ ଗାଢ଼ ସବୁଜ ରଙ୍ଗଯାଏ ଏହା ରଙ୍ଗ ବଦଳୁଥାଏ ।

## ଡାର୍କ ବ୍ଲୁ ରୋଜ୍‌ମେରୀ

ଏହି ହରଗୌରୀ ତା'ର ସୁଗନ୍ଧିତ ମହକ ପାଇଁ ପରିଚିତ । ଏହା କୁଣ୍ଡରେ ଖୁବ୍ କମ୍ ରକ୍ଷଣାବେକ୍ଷଣରେ ଭଲ ବଢ଼ିପାରେ ଏବଂ କୁଣ୍ଡକୁ ସମ୍ପୂର୍ଣ୍ଣ ଆଚ୍ଛାଦିତ କରି ଗହଳିଆ ହୋଇଥାଏ । ଏହା ଅଧିକ ସୂର୍ଯ୍ୟକିରଣ ଆବଶ୍ୟକ କରୁଥିବାରୁ ଏହାକୁ ଖରାରେ ରଖାଯାଏ । କିନ୍ତୁ ଏହାକୁ ଅନେକ ଇଣ୍ଡୋର ପ୍ଲାଣ୍ଟ୍ ଭାବରେ ଘର ଭିତରେ ଖୋଲା ସ୍ଥାନରେ କୁଣ୍ଡରେ ଲଗାଇଥାନ୍ତି । ଡାର୍କ ବ୍ଲୁ ରୋଜ୍‌ମେରୀ ରଙ୍ଗ ସମସ୍ତଙ୍କୁ ଖୁବ୍ ଆକୃଷ୍ଟ କରେ ।

## ସଫେଦ୍ ମେହେନ୍ଦୀ (ଧଳା ହରଗୌରୀ

ଧଳା ହରଗୌରୀ ଫୁଲର ରଙ୍ଗ ସ୍ୱଚ୍ଛ ଧଳା ଓ ପତ୍ର ଛୁଞ୍ଚ ଭଳି ମୁନିଆ ଓ ମୋଟା ହୋଇଥାଏ । ଏହା ଏକ ଚିର ସବୁଜ ଗଛ ଓ ଫୁଲଗୁଡ଼ିକ ପେନ୍ଥା ପେନ୍ଥା ହୋଇ ଫୁଟିଥାଏ । ବନସ୍ପତି ବୈଜ୍ଞାନିକମାନଙ୍କ ମତରେ ଏହି ଗଛ ୧ ମିଟର ଲମ୍ବା ପର୍ଯ୍ୟନ୍ତ ବଢ଼ିଥାଏ ।

## ପିଙ୍କ୍ ରୋଜ୍‌ମେରୀ



ଏହି ପ୍ରଜାତିର ହରଗୌରୀ କେବଳ ଦେଖିବାକୁ ସୁନ୍ଦର ନୁହେଁ, ଏହାର ମହକ, ସୌନ୍ଦର୍ଯ୍ୟ ଓ ସ୍ୱାଦ ସବୁଥିରେ ଭରପୁର । ପ୍ରାଚୀନ ରୋମାନ୍ ଓ ୟୁନାନୀମାନେ ଏହି ଫୁଲକୁ ନିଜର ପ୍ରେମ ଓ ଇଚ୍ଛାକୁ ପ୍ରକଟ କରିବା ଉଦ୍ଦେଶ୍ୟରେ ପ୍ରତିକାତ୍ମକଭାବେ ବ୍ୟବହାର କରିଥାନ୍ତି । ଗୋଲାପି ହରଗୌରୀର ପତ୍ର ଛୋଟ ଛୋଟ ଛୁଞ୍ଚ ଭଳି ହୋଇଥାଏ । ଏହି ଫୁଲ ବସନ୍ତ ଋତୁରେ ଭଲ ଫୁଟିଥାଏ ଓ ଗ୍ରୀଷ୍ମ ପର୍ଯ୍ୟନ୍ତ ସୌନ୍ଦର୍ଯ୍ୟ ପ୍ରଦାନ କରେ । ଅନ୍ୟ ପ୍ରଜାତିର ଫୁଲ ଭଳି ଏହାର ସମାନ ରକ୍ଷଣାବେକ୍ଷଣ କରାଯାଏ ।

## ଟକ୍ସନ୍ ବ୍ଲୁ ରୋଜ୍‌ମେରୀ

ଟକ୍ସନ ବ୍ଲୁ ଏକ ଆକର୍ଷକ ଫୁଲ ଯାହା ଖୁବ୍ ଶୀଘ୍ର ଓ ସିଧା ବଢୁଥାଏ । ଛୁଞ୍ଚ ଆକୃତିର ଏହାର ପତ୍ର ଓ ସୁଗନ୍ଧଯୁକ୍ତ ହୋଇଥାଏ । ଏହାକୁ କମ୍ ରକ୍ଷଣାବେକ୍ଷଣ କରାଯାଏ ଓ ଜଳନିଷ୍କାସନ ହୋଇ ପାରୁଥିବା ଯେକୌଣସି ବଗିଚାରେ ଭଲ ବଢ଼ିପାରେ । ଏହାକୁ କାଟି ବିଭିନ୍ନ ଆକୃତି ଦିଆ ଯାଇପାରେ ।

## ହରଗୌରୀ ଫୁଲର ଉପଯୋଗ

ସାଧାରଣତଃ ଆମେ ଜାଣିଥାଉ ହରଗୌରୀ ଫୁଲ ଦେବଦେବୀଙ୍କ ନିକଟରେ ପୂଜାରେ ଲାଗେ ଓ ବାଳିକାମାନେ ହାତରେ ମେହେନ୍ଦି କରି ଲଗାଇଥାନ୍ତି । କିନ୍ତୁ ଏହା ଯେ ଅନେକ ଔଷଧୀୟ ଉପଚାର ପାଇଁ ଉପଯୋଗ ତାହା ପ୍ରାୟ ସମସ୍ତେ ଜାଣିନଥାନ୍ତି । ହରଗୌରୀ ଫୁଲରେ ଆଣ୍ଟି ଇମ୍ଫ୍ଲେମେଟୋରୀ ଗୁଣ ରହୁଥିବାରୁ ଏହା ଶରୀରର କୌଣସି ସ୍ଥାନ ଫୁଲିବା ବା ଲାଲ୍ ପଡ଼ିଗଲେ ଏହାର ପତ୍ରକୁ ବାଟି ଲେପ ଦେଲେ ଉପଶମ ମିଳିଥାଏ । ଶରୀରରେ କିଛି କ୍ଷତ ହେଲେ ସଂକ୍ରମଣ ନ ହେବାପାଇଁ ଏହି ହରଗୌରୀ ଫୁଲକୁ ଆଣ୍ଟିସେପ୍ଟିକ୍ ଭାବେ ବ୍ୟବହାର କରାଯାଏ । ଏହି ଫୁଲ ମାନସିକ ଚିନ୍ତା, ଅବସାଦକୁ ଦୂର କରିଥାଏ, ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଏକ୍‌ଜିମା, ବ୍ରଣ ଓ ସୋରାୟସିସ୍ ଭଳି ବିଭିନ୍ନ ଚର୍ମ ରୋଗରୁ ମୁକ୍ତି ଦେଇଥାଏ । ହରଗୌରୀ ଆଣ୍ଟି ଅକ୍ସିଡାଣ୍ଟ୍ ହୋଇଥିବାରୁ ଶରୀରକୁ ଫ୍ରି-ରେଡିକଲ୍ସ ଦ୍ୱାରା ଉତ୍ପନ୍ନ ହେଉଥିବା କ୍ଷିତିରୁ ବଞ୍ଚାଇଥାଏ, ରକ୍ତଚାପ ନିୟନ୍ତ୍ରଣ କରିଥାଏ ଏବଂ ଶରୀର ଉପରେ ଭଲ ପ୍ରଭାବ ପକାଇଥାଏ । ଏହାର ବିଭିନ୍ନ ଭାଗ ପାରମ୍ପରିକ ଚିକିତ୍ସାରେ ଉପଯୋଗ ହୋଇଥାଏ । ବିଶେଷ କରି ତ୍ୱଚା ବିକାର (ସ୍କିନ୍ ଆଲର୍ଜି) ପାଇଁ ଏହା ଏକ ମହୋଷଧି ଭଳି କାମ ଦେଇଥାଏ । ହରଗୌରୀ ପତ୍ରର ରସ ଭାତୁଡି, ସାପକାମୁଡ଼ା ଠିକ୍ କରିବାକୁ ସହାୟକ ହୁଏ ଏବଂ ଏହାର ଫୁଲ ଜଳି ଯାଇଥିବା କ୍ଷତି ସ୍ଥାନରେ ଲଗାଇଲେ ଉପଶମ ମିଳେ । ଏସିଆ ମହାଦେଶର 'ଗାର୍ଡେନ ବାଲସମ୍' (ହରଗୌରୀ) ହାଡ଼ ଭାଙ୍ଗିବା, ଆଣ୍ଠୁ ଗଣ୍ଠି ପୀଡା ଆଦି ରୋଗ ପାଇଁ ଉପଯୋଗ ହୋଇଥାଏ । କୋରିଆରେ 'ବଙ୍ଗସେନ୍ୱା ଡେ' ନାମରେ ଜଣାଶୁଣା ଜଡ଼ି ବୁଟି ଉଦ୍ଭିଦ ଓ ଏହାର ପ୍ରଜାତିଗୁଡ଼ିକ କୋଷ୍ଠକାଠିନ୍ୟ ଏବଂ ଗ୍ୟାଷ୍ଟ୍ରାଇଟ୍ସ ପାଇଁ ଲୋକମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ । ଦକ୍ଷିଣ ପୂର୍ବ ଏସିଆରେ ଏହା ରଙ୍ଗ ତିଆରିରେ ବ୍ୟବହୃତ ହୁଏ । ନେପାଳରେ ଶ୍ରାବଣ ସଂକ୍ରାନ୍ତି ଦିନ ହରଗୌରୀ ପତ୍ରକୁ ବାଟି ହାତ ଓ ନଖକୁ ମେହେନ୍ଦି ଭଳି ରଙ୍ଗେଇଥାନ୍ତି । ଅନେକ ଲୋକ ଏହାର ପତ୍ରକୁ ପାଣିରେ ଫୁଟାଇ କୁଳି କରିଥାନ୍ତି, କାରଣ ଏହା ମୁଖର ଦୁର୍ଗନ୍ଧ ଦୂର କରିଥାଏ ଓ ବ୍ୟାକ୍ଟେରିଆକୁ ମାରି ଦେଇଥାଏ । ଏହି ଫୁଲ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହିତ ଅନେକ ସଂକ୍ରମଣକୁ ରକ୍ଷା କରେ । ବିଶେଷକରି ମହିଳାମାନଙ୍କ ହାତକୁ ରଙ୍ଗେଇବାରେ ହରଗୌରୀ ବିଶେଷ ଭୂମିକା ନିର୍ବାହ କରେ । ମାତା ଗୌରୀ ଏହି ଫୁଲରେ ନିଜ ହାତକୁ ରଙ୍ଗେଇ ସଧବାର ଏକ ଶୃଙ୍ଗାର ସ୍ୱରୂପ ମହାଦେବଙ୍କ ପ୍ରତି ପ୍ରେମ ପ୍ରକଟ କରିଥାନ୍ତି । ସେଥିପାଇଁ ତ 'ହରଗୌରୀ' ଫୁଲ ସତରେ ନିଆରା ।

# ରୋଜାଲିନିଙ୍କ ରାନ୍ଧଣା

**ରୋଜାଲିନି ମିଶ୍ର**

ଏଇ-୨୫୦, ଭିଏସ୍ଏସ୍ ନଗର
ଭୁବନେଶ୍ୱର-୭୫୧୦୦୭
ଫୋନ:୮୮୯୫୩୨୬୪୩୪

ଫଟୋ ସୌଜନ୍ୟ : ଲେଖିକା



▶ ଲେଖିକା ରୋଜାଲିନି ମିଶ୍ର



## ମାଣ୍ଡିଆ ଇଡ଼ଲି

**ଅାବଶ୍ୟକ ସାମଗ୍ରୀ:** ବିରି ଅଧା କପ୍, ଚାଉଳ- ଅଧା କପ୍, ମାଣ୍ଡିଆ ଚୁନା- ଦୁଇ କପ୍, ଲୁଣ- ସ୍ୱାଦାନୁସାରେ, ତେଲ- ଅଳ୍ପ କିଛି ।

**ପ୍ରସ୍ତୁତି ପ୍ରଣାଳୀ:** ଯଦି ସକାଳ ଜଳଖିଆରେ ମାଣ୍ଡିଆ ଇଡ଼୍‌ଲି ଖାଇବାକୁ ଚାହୁଁଛନ୍ତି ତେବେ ପ୍ରଥମେ ବିରି ଆଉ ଚାଉଳକୁ ଅଲଗା ଅଲଗା କରି ପାଣିରେ ରାତିସାରା ଭିଜେଇ ଦିଅନ୍ତୁ ଏବଂ ସକାଳୁ ଅଲଗା ଅଲଗା କରି ଗ୍ରାଇଣ୍ଡିଂ କରି ଦିଅନ୍ତୁ । ତାପରେ ବିରି ବଟାକୁ ପାଞ୍ଚ ସାତ ମିନିଟ୍ ହାତରେ ଭଲ ଭାବେ ଫେଣେଇ ଦିଅନ୍ତୁ । ଏବେ ସେଥିରେ ଚାଉଳ ବଟା, ମାଣ୍ଡିଆ ଚୁନା, ଆବଶ୍ୟକ ଅନୁସାରେ ଲୁଣ ମିଶେଇ ଦୁଇ ଘଂଟା ପାଇଁ ସେମିତି ଛାଡ଼ି ଦିଅନ୍ତୁ । ଏମିତି କିଛି ସମୟ ଛାଡ଼ିକି କରିବା ଦ୍ୱାରା ଇଡ଼୍‌ଲି ବହୁତ ନରମ ହୁଏ ।

## ମାଣ୍ଡିଆ ପକୁଡ଼ି

**ଆବଶ୍ୟକ ସାମଗ୍ରୀ :** ମାଣ୍ଡିଆ ଚୁନା- ଦୁଇ କପ୍, ବେସନ- ତିନିରୁ ଚାରି ଚାମଚ, ଆଳୁ - ୧ଟି, ପିଆଜ- ୨ଟି, ଫୁଲକୋବି- ଚାରିପାଖୁଡ଼ା, ଭୃସୁଙ୍ଗ ପତ୍ର- ଅଳ୍ପ କିଛି, ଧନିଆପତ୍ର- ଅଳ୍ପ କିଛି, ଜୁଆଣି- ଏକ ଛୋଟ ଚାମଚ, ଲୁଣ- ଆବଶ୍ୟକ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସବୁ ପରିବାକୁ ଚୁନା ଚୁନା କରି କାଟିକି ଧୋଇ ଦିଅନ୍ତୁ । ଆପଣ ଚାହିଁଲେ ଆପଣଙ୍କ ପସନ୍ଦ ଅନୁସାରେ ଅନ୍ୟ କିଛି ପରିବା ବି ମିଶେଇ ପାରିବେ । ଏବେ ଧୁଆ ହୋଇଥିବା ପରିବାରେ ପକୁଡ଼ି ଛାଣି ହେବା ଅନୁପାତରେ କିଛି ମାଣ୍ଡିଆ ଚୁନା ଏବଂ ବାଇଣ୍ଡିଂ ପାଇଁ କିଛି ବେସନ ମିଶାନ୍ତୁ । ଏସବୁକୁ ଏକାଠି ଗୋଳେଇବା ବେଳେ ଯଦି ଆବଶ୍ୟକ ହେଉଛି ତେବେ ଦେଖି ଚାହିଁ ଅଳ୍ପ କିଛି ପାଣି ଦିଅନ୍ତୁ । କାରଣ ଧୁଆ ହୋଇଥିବା ପରିବାରୁ ପାଣି ବାହାରେ । ଏବେ ସେଥିରେ ସ୍ୱାଦ ଅନୁସାରେ ଲୁଣ ଏବଂ ଏକ ଛୋଟ ଚାମଚ ଜୁଆଣୀ (ଯଦି ଆପଣଙ୍କୁ ଜୁଆଣି ଫ୍ଲେଭର୍ ପସନ୍ଦ) ମିଶେଇ ଦିଅନ୍ତୁ । ଏବେ କଡ଼େଇରେ ତେଲ ଗରମ କରି ଏହାକୁ କ୍ରିସ୍‌ପି କରି ଛାଣି ନିଅନ୍ତୁ ଏବଂ ସାନ୍ଧ୍ୟ ଜଳଖିଆ ଭାବେ ଟମାଟୋ କିମ୍ବା ଚିଲି ସସ୍ ସହ ଗରମ ଗରମ ପରଷି ଦିଅନ୍ତୁ ।



# ଗୀତିକାଙ୍କ ରେସିପି


## ଗୀତିକା ଜ୍ୟୋତିପର୍ଣ୍ଣା

ନିଉ କଲୋନୀ, ନେଳିଆବାଗ,
ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧,
ଫୋନ:୬୩୭୦୪୬୦୩୦୬
@foodiebliss47/mysterious_geet


ଫଟୋ ସୌଜନ୍ୟ : ଲେଖିକା



▶ ଲେଖିକା ଗୀତିକା ଜ୍ୟୋତିପର୍ଣ୍ଣା



## ଆମ୍ବ କେକ୍


**ଆବଶ୍ୟକ ସାମଗ୍ରୀ :** ଅଧାକପ୍ ସୁଜି, ଅଧା କପ୍ ଚିନି, ଅଧା କପ୍ ଦହି, ୧ଟି ଆମ୍ବ, କ୍ଷୀର ପାଉଡ଼ର / ଅମୁଲ, ୩ ଚାମଚ ରିଫାଇନ ତେଲ, ଚିମୁଟାଏ ବେକିଂ ସୋଡ଼ା, ଚିମୁଟାଏ ବେକିଂ ପାଉଡ଼ର, ଅଧା କପ୍ କ୍ଷୀର, ୨ଚାମଚ ଟୁଟି ଫ୍ରୁଟି, ୧ଚାମଚ ମଇଦା, ୨ଚାମଚ କାଜୁ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସୁଜି ଏବଂ ଚିନିକୁ ମିକ୍ସିରେ ଚଲାଇ ଗୁଣ୍ଡ ପ୍ରସ୍ତୁତ କରନ୍ତୁ । ଏହା ଭଲ ଭାବେ ଗୁଣ୍ଡ ହେବା ପରେ ଏହାକୁ ଏକ ପାତ୍ରରେ କାଢ଼ି ରଖନ୍ତୁ । ବର୍ତ୍ତମାନ ଆମ୍ବକୁ ଖଣ୍ଡ ଖଣ୍ଡ କାଟି ତାକୁ ମିକ୍ସିରେ ଚଲାଇ ଏକ ପେଷ୍ଟ୍ ପ୍ରସ୍ତୁତ କରି ରଖନ୍ତୁ । ସୁଜି ଏବଂ ଚିନି ଗୁଣ୍ଡରେ ବର୍ତ୍ତମାନ ଦହି, କ୍ଷୀର ପାଉଡର ଏବଂ ତେଲ ପକାଇ ମିଶ୍ରଣକୁ ଭଲ ଭାବେ ଚାମଚ ସହାୟତାରେ ଗୋଳାନ୍ତୁ ଏବଂ ୧୦ ମିନିଟ୍ ଢାଙ୍କୁଣି ଦେଇ ସୁଜିକୁ ଫୁଲିବା ପାଇଁ ଛାଡ଼ି ଦିଅନ୍ତୁ । ୧୦ ମିନିଟ୍ ପରେ ମିଶ୍ରଣରେ ବେକିଂ ସୋଡ଼ା, ବେକିଂ ପାଉଡ଼ର, ଆମ୍ବ ପ୍ୟୁରି / ପେଷ୍ଟ୍, ଅଧା କପ୍ କ୍ଷୀର ପକାଇ ଭଲ ଭାବେ ମିଶାନ୍ତୁ । ବର୍ତ୍ତମାନ କେକ୍ ସୁନ୍ଦର ଦିଶିବା ପାଇଁ ଏକ ଗିନାରେ କିଛି ଟୁଟିଫ୍ରୁଟିରେ ଏକ ଚାମଚ ମଇଦା ମିଶାଇ ଏହାକୁ କେକ୍ ମିଶ୍ରଣରେ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ବର୍ତ୍ତମାନ ଏକ କଡ଼େଇରେ ଗିନା ରଖି କଡ଼େଇକୁ ୫ ମିନିଟ୍ ଅଳ୍ପ ଗରମ କରନ୍ତୁ । ଏହା ଗରମ ହେବା ପରେ କେକ୍ ମିଶ୍ରଣକୁ କେକ୍‌ଟିନ୍ କିମ୍ବା ଷ୍ଟିଲ ବାସନରେ ଢାଳି ଦିଅନ୍ତୁ ଓ ଏହାକୁ କଡ଼େଇରେ ଥିବା ଗିନା ଉପରେ ରଖି ଢାଙ୍କୁଣି ଦେଇ ଅତି କମ୍‌ରେ ୩୫ମିନିଟ୍ ଛାଡ଼ି ଦିଅନ୍ତୁ । (ଆପଣ ଚାହିଁଲେ କେକ୍ ଉପରେ କାଜୁ ପକାଇ ମଧ୍ୟ ସଜାଇ ପାରିବେ) । ୩୫ମିନିଟ୍ ପରେ ଏକ ଛୁରୀ ସହାୟତାରେ କେକ୍‌ଟି ପ୍ରସ୍ତୁତ ହୋଇଛି କି ନାହିଁ ଦେଖନ୍ତୁ (ଯଦି ଛୁରୀରେ କେକ୍‌ର ଓଦା ଅଂଶ ରହୁଛି ଏବଂ ମିଶ୍ରଣ ଲାଗି ରହୁଛି, ତେବେ କେକ୍‌କୁ ଆଉ ୫ରୁ ୧୦ ମିନିଟ୍ ହେବା ପାଇଁ ଛାଡ଼ିଦିଅନ୍ତୁ) । କେକ୍ ପ୍ରସ୍ତୁତି ହେବା ପରେ ଅଧଘଣ୍ଟା ଥଣ୍ଡା ହେବା ପାଇଁ ଖୋଲା ଛାଡ଼ି ଦିଅନ୍ତୁ ଏବଂ ପିସ୍ ପିସ୍ କରି କାଟି ପରଷନ୍ତୁ ।

## ମଲାଇ ମିକ୍ସଭେଜ୍

**ଆବଶ୍ୟକ ସାମଗ୍ରୀ :** ଅଧାକପ୍ କଟା ଯାଇଥିବା ବିନ୍ସ୍, ଅଧା କପ୍ ଗାଜର, ଅଧାକପ କଟା ହୋଇଥିବା କ୍ୟାପ୍‌ସିକମ୍, କଟା ହୋଇଥିବା ୨ଟି ଆଳୁ, ଅଧାକପ୍ ଫୁଲକୋବି, ୧୫୦ଗ୍ରାମ କଟା ହୋଇଥିବା ପନିର୍, ୧ ଚାମଚ ଜିରା, ଅଧାକପ କଟାପିଆଜ, ଅଧାକପ୍ କାଜୁ, ୨ ଚାମଚ ଅଦାରସୁଣ ପେଷ୍ଟ୍, ୧ଚାମଚ ସେଡ୍ ଚିଲ୍ଲି ପାଉଡ଼ର, ଅଧା ଚାମଚ ହଳଦୀ, ଅଧା ଚାମଚ ଗରମ ମସଲା, ଅଧା ଚାମଚ ଜୀରାଗୁଣ୍ଡ, ୨ରୁ ୩ ଚାମଚ ରିଫାଇନ ତେଲ, କିଛି କଟା ହୋଇଥିବା ଧନିଆପତ୍ର, ଅଧାଚାମଚ କସ୍ତୁରୀ ମେଥି, ସ୍ୱାଦ ଅନୁଯାୟୀ ଲୁଣ ଏବଂ ୨ରୁ ୩ ଚାମଚ ଫ୍ରେଶ୍ କିମ୍ବା ଅଳ୍ପ କିଛି କ୍ଷୀର ମଲାଇ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସମସ୍ତ ପରିବାକୁ କାଟି ରଖନ୍ତୁ, କାଜୁକୁ ପାଣିରେ ଅଧଘଣ୍ଟା ଭିଜାଇ ରଖନ୍ତୁ । ଏହା ଭଲ ଭାବେ ଭିଜି ହୋଇଯିବା ପରେ ଏହାର ଏକ ପେଷ୍ଟ୍ ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ଏକ କଡ଼େଇରେ ତେଲ ପକାଇ ସମସ୍ତ ପରିବା ଏବଂ ପନିର୍ କୁ ୪ରୁ ୫ ମିନିଟ୍ ଭାଜି ଦିଅନ୍ତୁ (ଏପରି କରିବା ଦ୍ୱାରା ପରିବା ହାଲୁକା ସିଝିଯିବା ସହିତ ଅଧିକ ସ୍ୱାଦିଷ୍ଟ ମଧ୍ୟ ଲାଗିଥାଏ) । ପରିବା ଭାଜି ହୋଇଯିବା ପରେ ତାକୁ ଏକ ପାତ୍ରରେ କାଢ଼ି ରଖନ୍ତୁ । ବର୍ତ୍ତମାନ ସେହି କଡ଼େଇରେ ୨ ଚାମଚ ତେଲ ପକାଇ ଗୋଟା ଜିରା ପକାନ୍ତୁ ଏବଂ କଟା ହୋଇଥିବା ପିଆଜ ପକାନ୍ତୁ । ପିଆଜ ହାଲୁକା ଭାଜି ହୋଇଯିବା ପରେ ସେଥିରେ ଅଦାରସୁଣ ପେଷ୍ଟ୍ ପକାନ୍ତୁ । ୨ରୁ ୩ ମିନିଟ୍ ମସଲା କଷିହେବା ପରେ ସେଥିରେ ହଳଦୀ, ରେଡ୍‌ଚିଲ୍ଲି ପାଉଡ଼ର, ଜୀରାଗୁଣ୍ଡ ପକାଇ ୩ ମିନିଟ୍ କଷନ୍ତୁ । ମସଲା କଷିହେବା ପରେ ସେଥିରେ ପ୍ରସ୍ତୁତ କରି ରଖା ଯାଇଥିବା କାଜୁ ପେଷ୍ଟ୍ ପକାନ୍ତୁ । ପେଷ୍ଟ୍ ତଳେ ନ ଲାଗିଯିବା ପାଇଁ ଅଳ୍ପ ପାଣି ପକାଇ ୫ରୁ ୭ ମିନିଟ୍ କଷନ୍ତୁ । ଯେତେବେଳେ ମସଲାରୁ ତେଲ ବାହାରିବା ଆରମ୍ଭ ହେବ ସେତେବେଳେ ପରିବା ସବୁକୁ ପକାନ୍ତୁ ଏବଂ ସେଥିରେ ଅଧାକପ୍ ପାଣି ପକାଇ ଢାଙ୍କୁଣି ମାରି ୧୦ ମିନିଟ୍ କଷନ୍ତୁ । ତରକାରୀ ପ୍ରସ୍ତୁତ ହେବା ପରେ ସେଥିରେ ଫ୍ରେଶ୍‌କ୍ରିମ୍ ଅଥବା କ୍ଷୀରର ମଲେଇ ପକାନ୍ତୁ ଏବଂ ଶେଷରେ କସ୍ତୁରୀ ମେଥି, ଲୁଣ ଏବଂ କଟା ଧନିଆପତ୍ର ପକାଇ ତରକାରୀ କଡ଼େଇକୁ ଓହ୍ଲାଇ ଆଣନ୍ତୁ । ଏହାକୁ ଗରମ ଗରମ ରୁଟି କିମ୍ବା ଭାତ ସହିତ ପରଷନ୍ତୁ ।



# ସମ୍ବେଦନାଙ୍କ ରୋଷେଇ


## ସମ୍ବେଦନା ମିଶ୍ର

ପ୍ଲଟ୍ ନଂ-୯୫୯/୧୦, ସମ୍ପିତ ଭିଲ୍ଲା, ଘାଟିକିଆ, ଭୁବନେଶ୍ୱର-୭୫୧୦୦୩
ଫୋନ: ୯୯୩୭୭୨୩୫୭୯


ଫଟୋ ସୌଜନ୍ୟ : ଲେଖିକା



▶ ଲେଖିକା ସମ୍ବେଦନା ମିଶ୍ର

## ନଡ଼ିଆ କଟ୍‌ଲେଟ୍



**ଆବଶ୍ୟକ ସାମଗ୍ରୀ :** ବଡ଼ ଫାଳେ ନଡ଼ିଆର କୋରା, ବଡ଼ ପିଆଜ-୧ଟି, ସିଝା ଆଳୁ-୨ଟି, ଅଦା ରସୁଣ ଗୁଣ୍ଡ-୧ଚାମଚ, ଲଙ୍କାଗୁଣ୍ଡ-୧/୪ଚାମଚ, ଜିରାଗୁଣ୍ଡା-୧/୪ଚାମଚ, ଧନିଆ ଗୁଣ୍ଡ-୧/୪ ଚାମଚ, ହଳଦୀ ଗୁଣ୍ଡ-୧/୪ଚାମଚ, ଚାଉଳ ଚୂନା-୨ବଡ଼ ଚାମଚ, ଲୁଣ ସ୍ୱାଦ ଅନୁସାରେ ଓ ଛାଣିବା ପାଇଁ ରିଫାଇନ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପିଆଜକୁ ଛୋଟ ଛୋଟ ସରୁ ସରୁ କରି କାଟି ଦିଅନ୍ତୁ । ନଡ଼ିଆ କୋରାରେ ପିଆଜ ଓ ଆଳୁକୁ ପକାଇ ଭଲ ଭାବରେ ଚକଟି ମିଶାଇ ଦିଅନ୍ତୁ । ତା'ପରେ ସେଥିରେ ଲୁଣ, ହଳଦୀ ଗୁଣ୍ଡ, ଜିରାଗୁଣ୍ଡ, ଧନିଆଗୁଣ୍ଡ, ଚାଉଳ ଚୂନା ଆଦି ପକାଇ ମିଶାଇ ଦିଅନ୍ତୁ । ଆବଶ୍ୟକ ହେଲେ ଖୁବ୍ କମ୍ ପାଣି ଦିଅନ୍ତୁ । ଏବେ ପ୍ରସ୍ତୁତ ନଡ଼ିଆ କୋରା ମିଶ୍ରଣକୁ କଟ୍‌ଲେଟ୍ ଆକାର ଦିଅନ୍ତୁ । ଗ୍ୟାସ୍ ଲଗାଇ କଡ଼େଇ ବସାଇ ଛାଣିବା ପାଇଁ ଆବଶ୍ୟକ ପରିମାଣର ରିଫାଇନ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲେ ପ୍ରସ୍ତୁତ ନଡ଼ିଆ କଟ୍‌ଲେଟ୍‌କୁ ଗୋଟି ଗୋଟି କରି ସୁନେଲି ରଙ୍ଗ କରି ଛାଣି ଦିଅନ୍ତୁ । ଗରମାଗରମ ନଡ଼ିଆ କଟ୍‌ଲେଟ୍‌କୁ ପରିବାର ସହିତ ମିଶି ଖାଇବାର ମଜା ନିଅନ୍ତୁ ।

## କଞ୍ଚା କଦଳୀ କବାବ୍

**ଆବଶ୍ୟକ ସାମଗ୍ରୀ :** କଞ୍ଚା କଦଳୀ-୨ଟି, ବଡ଼ ପିଆଜ ୧ଟି, ଲଙ୍କା ଗୁଣ୍ଡ-୧/୨ ଚାମଚ, ଜିରା ଗୁଣ୍ଡ-୧/୨ ଚାମଚ, ବେସନ, ଅଦା ରସୁଣ ବଟା-୧ ଚାମଚ, ଚାଉଳ ଚୂନା-୨ ବଡ଼ ଚାମଚ, ହଳଦୀ ଗୁଣ୍ଡ-୧/୪ ଚାମଚ, ଲୁଣ ସ୍ୱାଦ ଅନୁସାରେ ଛାଣିବା ପାଇଁ ରିଫାଇନ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଞ୍ଚା କଦଳୀକୁ ଚୋପା ଛଡ଼ାଇ ଲୁଣ ଓ ହଳଦୀ ଦେଇ ସିଝାଇ ଦିଅନ୍ତୁ । ପିଆଜକୁ ଛୋଟ ଛୋଟ କରି କାଟି ରଖନ୍ତୁ । ସିଝା କଞ୍ଚା କଦଳୀ ଥଣ୍ଡା ହୋଇଗଲେ ତାକୁ ଭଲ ଭାବରେ ଚକଟି ଦିଅନ୍ତୁ । ତା' ଉପରେ ଅଦା ରସୁଣ ବଟା, ପିଆଜ, ଜିରାଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ, ଚାଉଳ ଚୂନା ଓ ବେସନ ଆଦିକୁ ପକାଇ ଭଲ ଭାବରେ ମିଶାଇ ଦିଅନ୍ତୁ । ଏବେ ପ୍ରସ୍ତୁତ ମିଶ୍ରଣକୁ କବାବ୍ ଆକାର ଦେଇ ଗଢ଼ି ଦିଅନ୍ତୁ । ଗ୍ୟାସ୍ ଲଗାଇ କଡ଼େଇ ବସାଇ ଛାଣିବା ପାଇଁ ଆବଶ୍ୟକ ପରିମାଣର ରିଫାଇନ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲେ ପ୍ରସ୍ତୁତ କଦଳୀ କବାବ୍‌କୁ ଗୋଟି ଗୋଟି କରି ସୁନେଲି ରଙ୍ଗ କରି ଛାଣି ଦିଅନ୍ତୁ । ଗରମା ଗରମ କଞ୍ଚା କଦଳୀ କବାବ୍‌କୁ ନିଜେ ଖାଆନ୍ତୁ ଓ ଅନ୍ୟମାନଙ୍କୁ ପରଷି ଦିଅନ୍ତୁ ।



# ପ୍ରଣତିଙ୍କ ଭିନ୍ନ ବ୍ୟଞ୍ଜନ


## ପ୍ରଣତି ଆଚାର୍ଯ୍ୟ ମିଶ୍ର

ଅରବିନ୍ଦ ନଗର, ପଣ୍ଡା କ୍ଲିନକ୍ ପାଖ,
ଲେଙ୍କୁଡ଼ିପଡ଼ା, ନୟାଗଡ଼-୭୫୨୦୭୦
ଫୋନ: ୯୪୩୭୬୪୨୯୪୭


ଫଟୋ ସୌଜନ୍ୟ : ଲେଖିକା

**କେତେବେଳେ ଯଦି ଗଜପତି ଜିଲ୍ଲାର ଜିରାଙ୍ଗ ବୁଲିବା ପାଇଁ ଆସନ୍ତି, ତେବେ ସେଠାରେ ରହୁଥିବା ତିବ୍ବତୀୟଙ୍କ ଦ୍ୱାରା ପ୍ରସ୍ତୁତ ଏହି ଆଲୁବେଲି ନିଶ୍ଚୟ ଖାଇବେ ।**



▶ ଲେଖିକା ପ୍ରଣତି ଆଚାର୍ଯ୍ୟ ମିଶ୍ର



## ତିବ୍ବତୀୟ ଜଳଖିଆ : ଆଲୁବେଲି

**ଆବଶ୍ୟକ ସାମଗ୍ରୀ :** ମଇଦା ଚୁନା- ୨୫୦ ଗ୍ରାମ, ସାମାନ୍ୟ ଲୁଣ, ୪ଟା ପିଆଜ, ଚାଟ୍ ମସଲା ସ୍ୱାଦ ପାଇଁ, ମସଲା ଗୁଣ୍ଡ, ଧନିଆ ପତ୍ର, କିଛି ଆଳୁ ଓ ଛାଣିବା ପାଇଁ ରିଫାଇନ୍ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମଇଦାରେ ସାମାନ୍ୟ ଲୁଣ ପକାଇ ଓ ଅଳ୍ପ ତେଲ( ୧ ଚାମଚ) ଦେଇ ଚକଟି ନେବା ଧିରେ ଧିରେ ଅଳ୍ପ ଅଳ୍ପ ପାଣି ପକାଇ ଅଟା ଚକଟିଲା ପରି ଚକଟି ଦେବା ଦେଖିବା ଯେପରି ଚକଟା ପତଳା ନ ହୁଏ କି ଟାଣ ବି ନ ହୁଏ । ରୁଟି ପାଇଁ ପ୍ରସ୍ତୁତ ଅଟା ଚକଟିଲା ପରି ଚକଟି କିଛି ସମୟ ଘୋଡାଇ ରଖିଦେବେ । ରଖିଥିବା ଆଳୁକୁ ଶିଝେଇ ଥଣ୍ଡା ହେଲା ପରେ ଭଲ ଭାବେ ଚକଟି ନେବେ, ଯେପରି ଛୋଟ ଛୋଟ ଗୋଟା ଗୋଟା ନ ରହେ । ପିଆଜକୁ ପୁରା ଛୋଟ ଛୋଟ କରି କାଟି ନେବେ, ଏପରି କାଟିବେ ଯାହା ଭଲ ଭାବେ ଆଳୁ ଚକଟା ସହିତ ମିଶିଯିବ । ସେଥିରେ ସ୍ୱାଦ ଅନୁସାରେ ଲୁଣ ଦେବେ, ଚୁନ୍ ଚୁନ୍ କଟା ଧନିଆପତ୍ର, ଚାଟ୍ ସମ୍ଭଲା ଟିକେ, ସାମାନ୍ୟ ମସଲା ଗୁଣ୍ଡ ଦେଇ ଭଲ ଭାବେ ଚକଟି ଦେବେ । ଚାହିଁଲେ ସେଥିରେ ଅଦା ରସୁଣ ପେଷ୍ଟ୍ ମଧ୍ୟ ଦେଇ ପାରିବେ । କିନ୍ତୁ ଦେଖିବେ ଯେପରି ତାହା ଭଲ ଭାବେ ଆଳୁ ସହିତ ମିଶି ଯାଉଥିବ । (ତିବ୍ବତୀୟ ମାନେ ଏଥିରେ ଅନ୍ୟ କିଛି ମିଶାନ୍ତି ନାହିଁ, କିନ୍ତୁ ଆମକୁ ଟିକେ ଚଟ୍‌ପଟା ଖାଇବାକୁ ଭଲଲାଗେ । ତେଣୁ ଟେଷ୍ଟ୍ ପାଇଁ ମିଶାଇ ପାରିବେ) ଏବେ ଆମର ମସଲା ପ୍ରସ୍ତୁତ । ତାପରେ ଚକଟା ମଇଦାକୁ ରୁଟି ଆକାରରେ ବେଲଣା ପଟାରେ ବେଲିବେ । ରୁଟି ମଝିରେ ଆଳୁ ମସଲାକୁ ଦେଇ ଚଉଡି ରୁଟିର କଡ ଗୁଡିକ ବନ୍ଦ କରି ଦେବେ । ଦେଖିବେ ମସଲା ଯେପରି ବାହାରକୁ ନ ବାହାରେ । ଏପରି ଗଢି ସାରି ତେଲ ଗରମ କରି ଛାଣି ଦେବେ । ଚାହିଁଲେ ଟିକେ ଲାଲ୍ ହେବା ପର୍ଯ୍ୟନ୍ତ ଛାଣି ପାରିବେ । ନଚେତ୍ ଦେଖିବେ ଯେବେ ମଇଦାର କଞ୍ଚାପଣ ଗଲା ପରେ ତେଲରୁ କାଢି ଦେବେ । ଗରମ ଥିବା ସମୟରେ ଚିଲିସସ୍ ବା ଟମାଟୋ ସସ୍ ସହିତ ଖାଇବା ଭାରି ଟେଷ୍ଟି, ପିଲାମାନଙ୍କୁ ଏହା ବହୁତ ଭଲ ଲାଗିବ ।

**(କେତେବେଳେ ଯଦି ଗଜପତି ଜିଲ୍ଲାର ଜିରାଙ୍ଗ ବୁଲିବା ପାଇଁ ଆସନ୍ତି, ତେବେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ଆଲୁବେଲି ନିଶ୍ଚୟ ଖାଇବେ)**



# କବିତାର କଳରବ

ଓଡ଼ିଆ ସାହିତ୍ୟରେ କାବ୍ୟ-ପରମ୍ପରାର ଇତିହାସ ବହୁ ପୁରୁଣା । ଏ ଧାରା ଅବାରିତ ଭାବରେ ବହି ଚାଲିଛି । ଏହା କ୍ରମଶଃ ବିସ୍ତାରିତ ହେବା ସହିତ କବିତାର ନାନା ଦିଗ ଉନ୍ମୋଚିତ ହେଉଛି । କବିତା ସର୍ଜନା କ୍ଷେତ୍ରରେ ଅଧୁନା ସଭିଙ୍କ ଭିତରେ ଏକ ପ୍ରକାର ଆଗ୍ରହ ଦେଖା ଦେଇଛି । ସମସ୍ତେ ଯେମିତି କବିତାର ହାତ ଧରି ସାହିତ୍ୟର ଏ ମହାସାଗରକୁ ଅତିକ୍ରମି ଯିବେ ରାତାରାତି- ଏପରି ଏକ ମନୋଭାବ ଦେଖିବାକୁ ମିଳୁଛି । କବିତା ଯେମିତ ରକ୍ଷା କରିଦେବ ବଂଶ ସୁରକ୍ଷା, ସେଇ ନ୍ୟାୟରେ ସମସ୍ତେ ପାରୁପର୍ଯ୍ୟନ୍ତ କବିତା ଲେଖିବା ପାଇଁ ମୈଦାନକୁ ଓହ୍ଲାଇ ଆସୁଛନ୍ତି । ସତରେ କ'ଣ କବିତା ଲେଖିବା ଏତେ ସହଜ ? ଏମିତି ଏକ ପ୍ରଶ୍ନ ମୋତେ ବାରମ୍ବାର ଆକ୍ରାନ୍ତ କରୁଛି ତ ଏହାର ସଠିକ୍ ଉତ୍ତର ପାଉ ନାହିଁ । ନିଜେ କବିତା ଲେଖୁଥିବା କାରଣରୁ ମୋ ନିଜକୁ ମଧ୍ୟ ମୁଁ ସନ୍ଦେହ କରିବାକୁ ଆରମ୍ଭ କଲିଣି । ବର୍ଷକ ଖୁବ୍ କଷ୍ଟରେ ପାଞ୍ଚଛଅଟି କବିତା ଲେଖି ପାରୁଥିବା ମୋ ପରି ଅନେକ କବି ଥିବେ, ଯେଉଁମାନେ କବିତାର ଗର୍ଭ ବେଦନା କ'ଣ ଜାଣିଥିବେ । କିନ୍ତୁ ଆଜିର ସମୟରେ ଯେଉଁଠି ଦେଖିବେ କବିତା ବିଚରଣ କରୁଛି । ଗୋଟିଏ ସାହିତ୍ୟ ଉତ୍ସବ କରିବେ- ସେଠି ଶ୍ରୋତାର ଆବଶ୍ୟକତା ଅଛି ତ ରଖିଦିଅ ଗୋଟେ କବିତା ପାଠ ଆସର । ଲୋକ ଭର୍ତ୍ତି ହୋଇଯିବେ । ପତ୍ରିକାଟିଏ କରୁଛନ୍ତି ତ କବିତା ମେଞ୍ଚାଏ ଆଖିବୁଜି ଛାପିଦିଅ, ଆପଣଙ୍କୁ ପୃଷ୍ଠା ଭରଣା ପାଇଁ କଷ୍ଟ ହେବନି । ଯଦି ନିଜର ଫେସ୍‌ବୁକ୍ ବା ୟୁଟ୍ୟୁବ୍‌ରେ ଆକାଉଣ୍ଟ ଅଛି, ତେବେ ନିଜେ ନିଜ କବିତାକୁ ପଢ଼ି ତା'ର ଏକ ଭିଡ଼ିଓ ପ୍ରସ୍ତୁତ କରି ଅପ୍‌ଲୋଡ୍ କରିଦିଅ । ସହଜରେ  ନିଜ କବିତା ପାଇଯିବ ଶତାଧିକ ଭିଉଜ୍ । ଆଜିକାଲି ତ ସ୍ମାର୍ଟଫୋନ୍ ସବୁରି ହାତରେ । ତେଣୁ କେଉଁ ବନ୍ଧୁ ଘରକୁ ଯାଉଛନ୍ତି ତ ମୋବାଇଲ୍‌ରୁ ନିଜ କବିତା ଶୁଣାଇ ତାଙ୍କ ଠାରୁ ବାହାବା ନେବା ଅତି ସହଜ ହୋଇଗଲାଣି । ଏମିତି ଭାବରେ ସର୍ବତ୍ର ହିଁ କବିତାର କଳରବ, କବିତାର ବିଚରଣ । ଅର୍ଥାତ୍ କବିତାର ପ୍ରାବଲ୍ୟ ଭିତରେ ଆମର ସାହିତ୍ୟ ଜଗତ ଉବୁଟୁବୁ ।

ଥରେ ଜଣେ ସମ୍ପାଦକ କଥା ପ୍ରସଙ୍ଗରେ କହିଲେ କବିତା ପାଇଁ ବଡ଼ ଚାପଗ୍ରସ୍ତ ରହିବାକୁ ପଡ଼େ । ଅର୍ଥାତ୍ ସେ ଯେହେତୁ ଭଲ ସମ୍ପାଦନା କରି ତାଙ୍କ ପତ୍ରିକାଟିକୁ ପ୍ରତିଷ୍ଠା ଦେଇଛନ୍ତି, ସେଇଠି କବିତାଟିଏ ଛପିଗଲେ ଭଲ ହୁଅନ୍ତା ଭାବି ଅଗା-ବଗା-ଖଗା ସମସ୍ତେ ଚେଷ୍ଟା କରନ୍ତି କବିତା ପଠାଇ ଛାପିବାର ଏକ ପ୍ରତିଶ୍ରୁତି ପାଇବାକୁ । ବିଚରା  ସମ୍ପାଦକ କରିବେ କ'ଣ । ନିଜ ମାପଦଣ୍ଡରେ ତଉଲି କବିତାଗୁଡ଼ିକୁ ନିଷ୍ଠୁର ଭାବରେ ଚୟନ କରୁଥିବାରୁ ସିନା ତାଙ୍କ ପତ୍ରିକାଟିର ଏକ ସୁନାମ ରହିଛି । ଆଉ ସେଇ ସୁନାମ କାରଣରୁ ତ ସମସ୍ତେ ଚାହୁଁଛନ୍ତି ତାଙ୍କ କବିତା ମଧ୍ୟ ସେଠି ଛପାହେଉ । କିନ୍ତୁ ଏଥିପାଇଁ ସମ୍ପାଦକଙ୍କୁ ଏକ ପ୍ରକାର ବାଧ୍ୟ କରିବା ଅନୁଚିତ । ଉକ୍ତ ସମ୍ପାଦକ ଜଣକ ସେଥିପାଇଁ ଅନେକ କବିଙ୍କର ଶତ୍ରୁ ପାଲଟି ସାରିଲେଣି ବୋଲି ବଡ଼ କ୍ଷୋଭ ସହ କହିଲେ ।

ସତ କଥା ହେଲା, ମୁଁ ମଧ୍ୟ ପ୍ରତ୍ୟେହ କବିତା ପାଉଛି ନିଜ ପତ୍ରିକା ପାଇଁ । ଯଦିଓ ଆମ ପତ୍ରକାଟି ଏକ ଫିଚର୍‌ଧର୍ମୀ ପତ୍ରିକା । ଏଠି ଫିଚର୍‌ର ଆବଶ୍ୟକତା ରହିଛି । କିନ୍ତୁ ଫିଚର୍ ଆସେନି । ଅଯାଚିତ ଭାବେ ଅନେକ ଅଖ୍ୟାତ/ଅଜ୍ଞାତ ବ୍ୟକ୍ତି ସେମାନଙ୍କ କବିତା ପଠାଇ ଦେଉଛନ୍ତି । ପଠାଇବାକୁ ଆଜିକାଲି କେଉଁ ଖର୍ଚ୍ଚ କରିବାକୁ ପଡୁଛି ଯେ ! ମେଲ୍ ଅଛି କିମ୍ବା ହ୍ୱାଟ୍ସଆପ୍ ଅଛି ତ ଜିନ୍ଦାବାଦ । ଭୁଲ୍‌ଭାଲ୍ ଟାଇପ୍ କରି ତାକୁ ଥରେ ନପଢ଼ି ମଧ୍ୟ ପହଞ୍ଚୁଥିବା ଅନେକ କବିତାର ସ୍ରଷ୍ଟାଙ୍କୁ ଏ ସମ୍ପର୍କରେ ଅନେକଥର କହିଛି । ସବୁଠୁ ମଜାର କଥା, କବିତା ପଠାଇବା ପାଇଁ ଏତେ ତତ୍ପର ଏବଂ କବିତା ଛପା ହେବାର ବୈକଲ୍ୟ ଭାବ ଏତେ ଅଧିକ ଯେ, କିଛି କିଛି କବିତାରେ ତ ନା ଥାଏ ସ୍ରଷ୍ଟାର ନାମ, ନା ଥାଏ ଠିକଣା । କେବେକେବେ କବିତାର ଶୀର୍ଷକ ସୁଦ୍ଧା ନଥାଇ ମଧ୍ୟ ପଠାଇ ଦିଅନ୍ତି କିଛି କବି । ପଚାରିଲେ କହିବେ, ଶୀର୍ଷକ ଆପଣ ଦେଇ ଦିଅନ୍ତୁ । କିରେ ଏ କି କଥା ! କବିତା ଲେଖିବ ତମେ, ପ୍ରଶଂସା ପାଇବ ତମେ । ଛପା ହେଲେ କୃତଜ୍ଞତା କି ଧନ୍ୟବାଦ ଟିକେ ପାଟିରୁ ସ୍ଫୁରିବ ନାହିଁ ତମର । ଅଥଚ ଶୀର୍ଷକ ଲେଖିବ ସମ୍ପାଦକ ! ଏ କେମିତିକା କଥା ।

କବିତା ସମ୍ପର୍କରେ ଥରେ ରମାକାନ୍ତ ରଥ କହିଥିଲେ ମୋତେ, କୃଷ୍ଣ କବିତା ମୁଁ କଣ ଲେଖେ ? କିଏ ଜଣେ ମୋ ଦ୍ୱାରା କବିତା ଲେଖେଇ ନିଏ ନା । ସେସବୁ କବିତା ମୋର କାହିଁକି ହେବ ? କବିତା ସର୍ଜନା ସତରେ ଏକ ଆରାଧନା । ପୂଜା ଓ ଉପାସନା ପରି କବିତା ସର୍ଜନା ବି ଏମିତି ଏକ ସାଧନା ଯେଉଁଠି ସମର୍ପିତ ଓ ଶୁଦ୍ଧପୂତ ଭାବନା ନିହାତି ଜରୁରୀ । କବିତାକୁ ନେଇ ଆମେ ଯେଉଁପରି ଖେଳୁଛୁ, ସେଠି କବିତା ନୁହେଁ, କବିତା ପରି କିଛି ଆବର୍ଜନା ହିଁ ସୃଷ୍ଟି ହୋଇ ଚାଲିଛି । କବିତା ଲେଖିବାର ସମୟ ନିର୍ଦ୍ଧାର୍ଯ୍ୟ ଥାଏ । ଏହା ବିଧିନିର୍ଦ୍ଦିଷ୍ଟ । ଆପଣ ଇଚ୍ଛା କରି କବିତା ଲେଖି ପାରିବେ ନାହିଁ । ତାହା ମେସିନ ପ୍ରସ୍ତୁତ ଦ୍ରବ୍ୟ ପାଲଟି ଯିବ । କବିତା ନିଜେ ଚୟନ କରିବ କାହା ମାଧ୍ୟମରେ ସେ ଓହ୍ଲେଇବ । ସେଥିପାଇଁ କୁହାଯାଏ ଅନେକ କବିତା ସ୍ୱତଃ ଲେଖା ହୋଇ ଯାଇଛି । ଏଇ ସ୍ୱତସ୍ଫୂର୍ତ୍ତତା ହିଁ କବିତାର ଅସଲ ଝର । ବାକି ସବୁ କେବଳ ଆପଣା ବ୍ୟାକୁଳତାକୁ ପ୍ରଶମିତ କରିବାର ଏକ ଏକ ବାହାନା ।

କବିତା ସ୍ୱଳ୍ପ ଲେଖା ହେଉ । କିନ୍ତୁ କବିତା ପ୍ରାଣର କଥା କହୁ । ଆତ୍ମାରୁ ଝରିଆସୁ । କବିତାରୁ ଜଣେ ପାଠକୀୟ ଆନନ୍ଦ ଲାଭ କରୁ । ସେପରି କବିତାର ସ୍ରଷ୍ଟା ହୁଅନ୍ତୁ, ଯେଉଁ କବିତାକୁ ପାଠକ ବାରମ୍ବାର ମନ୍ତ୍ର ପରି ଉଚ୍ଚାରଣ କରିବ । କବିତା ଲେଖିବା ମାତ୍ରେ ପ୍ରକାଶିତ କରିବାର ଆଉ ଏକ ବିକଳପଣ ଏବେ ଏବେ ବେଶି  ଦେଖା ଯାଉଛି । ପତ୍ରପତ୍ରିକାରେ ଯଦିଓ ପ୍ରକାଶନ ହେବାକୁ ସାମାନ୍ୟ ସମୟ ଲାଗେ, ସେତିକି ସମୟ ମଧ୍ୟ ଅପେକ୍ଷା କରିବା ପାଇଁ ଆଜି ଆଉ କବିଟିଏ ପାଖରେ ଧୈର୍ଯ୍ୟ ନାହିଁ । ସେ ତାକୁ ଚଟାପଟ୍ ଫେସ୍‌ବୁକ୍ ବା କୌଣସି ଏକ ଗ୍ରୁପ୍‌ରେ ପୋଷ୍ଟ୍ କରି ପ୍ରଶଂସା ସାଉଁଟୁଛି । ନିୟମତଃ ଗୋଟିଏ କବିତା ଲେଖି ସାରି ତାକୁ ବାରମ୍ବାର ନିଜେ ପଢ଼ିବା ଉଚିତ । ଏପରି କଲେ ଲେଖାଟି ମାର୍ଜିତ ଓ ସଂଶୋଧିତ ହେବା ସହ ମାଜିମୁଜି ଆହୁରି ଚକ୍ ଚକ୍ ଦିଶିବ । ପ୍ରକାଶ ପାଇବା ପାଇଁ ଆଦୌ ବ୍ୟସ୍ତ ହେବା ଅନୁଚିତ । କବିତାର ଏ ପ୍ରାବଲ୍ୟ ଓ ବିସଙ୍ଗତି ଭିତରେ ତଥାପି ଭଲ କବିତା ବଞ୍ଚିଛି ଓ କିଛି ଭଲ କବିଙ୍କର ସାଧନା ଓ ସୃଷ୍ଟି ହିଁ କବିତାର ଧାରା ଓ  ଧରଣୀକୁ ଫୁଲମୟ କରିରଖିଛି ।



କୃଷ୍ଣକୁମାର ମହାନ୍ତି




## Product Profile


Headless (HL)


PUD


PD


Karikadi


Easy Peel


PDTO

/highlandagro

# HIGHLAND AGRO FOOD PVT. LTD.

Plot No. 347-358, Gadabhanga, Khantapada, Balasore, Odisha, India - 756043
Email : info@highlandgroups.com Website : www.highlandgroups.com

The **REBATI AMA MATIRA SWARA** ● April 2023 Vol - 5 Issue - 06 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2023-2024 ● Rs. 50
Total Page : 108




Associate editor : **Krushna Kumar Mohanty** Editor : **Subasini Jena**